# ଓଡ଼ିଆ ସାହିତ୍ୟକୁ ନନ୍ଦିନୀ ଶତପଥୀଙ୍କ ଅବଦାନ

ପିଏଚ୍.ଡି ଉପାଧି ନିମିତ୍ତ ଉପସ୍ଥାପିତ ସନ୍ଦର୍ଭ

ସମ୍ବଲପୁର ବିଶ୍ୱବିଦ୍ୟାଳୟ
ଜ୍ୟୋତିବିହାର
୨୦୧୦

**ସୁବାଷ ନାୟକ**
(ଗବେଷକ)

**Prof. (Dr.) Adikanda Sahoo**
M.A (Oriya), M.A (English), Ph.D, D.Litt
Retd. Professor and Head of P.G. Deptt. of Oriya
Sambalpur University
Jyoti Vihar, Burla, Sambalpur
Ex-Member, Central Sahitya Academi, New Delhi
National Book Trust of India, New Delhi
Odisha Sahitya Academi
Utkal Sahitya Samaj
Odisha Gabesana Parishad

38 HIG, K-6, Kalinga Vihar,
Bhubaneswar - 751019

# ***CERTIFICATE***

This is to certify that the Thesis entitled "Odia Sahityaku Nandini Satpathynka Abadan" being submitted by Mr. Subash Nayak for the award of degree of Doctor of Philosophy (Sambalpur University, vide regn. No. 23/2008/Oriya) constitutes a record of his original research carries out under my guidance and supervison.

The thesis fulfills all the requirement of the degree for which it has been submitted. The thesis or part there of has not been submitted to any University or Institution for award of any degree sofar and that this is an original work of critical study by the candidate on the above mentioned topic.

This is to certify further that Mr. Subash Nayak is a fit and proper person in character and habits for the award of Ph.D. Degree.

Bhubaneswar
Dt. 9.3.10

(Prof. A. Sahoo)
Mob-9438592156
-9861142611.
Mob - 8895179943

# ଘୋଷଣାପତ୍ର

ମୁଁ ଏତଦ୍ୱାରା ଘୋଷଣା କରୁଛି ଯେ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ପିଏଚ୍.ଡି (ଓଡ଼ିଆ) ଉପାଧି ନିମିତ୍ତ ଉପସ୍ଥାପିତ **"ଓଡ଼ିଆ ସାହିତ୍ୟକୁ ନନ୍ଦିନୀ ଶତପଥୀଙ୍କ ଅବଦାନ"** ଶୀର୍ଷକ ଚର୍ଚ୍ଚା ନିବନ୍ଧଟି ମୋ ନିଜର ଗବେଷଣାପ୍ରସୂତ ଓ ମୌଳିକ ।

ଏହି ନିବନ୍ଧଟି କିମ୍ବା ଏହି ନିବନ୍ଧର କୌଣସି ଅଂଶ ଏଥିପୂର୍ବରୁ ଅନ୍ୟ କୌଣସି ଭାବରେ ଅନ୍ୟ କୌଣସି ଅନୁଷ୍ଠାନରେ ଅବା ଅନ୍ୟ କୌଣସି ଉପାଧି ନିମିତ୍ତ ଉପସ୍ଥାପିତ ହୋଇନାହିଁ ।

(ସୁବାଷ ନାୟକ)
*ଗବେଷକ*

ମୋ ଜାଣିବାରେ ଶ୍ରୀ ସୁବାଷ ନାୟକଙ୍କ ଦ୍ୱାରା ପ୍ରଦତ୍ତ ଉପଯୁକ୍ତ ଘୋଷଣାପତ୍ରଟି ସର୍ବାଂଶ ସତ୍ୟ ଅଟେ ।

(ପ୍ରଫେସର ଆଦିକନ୍ଦ ସାହୁ)
ଦିଗ୍‌ଦର୍ଶକ

# *ଓଡ଼ିଆ ସାହିତ୍ୟକୁ ନନ୍ଦିନୀ ଶତପଥୀଙ୍କ ଅବଦାନ*

ଦିଗ୍‌ଦର୍ଶକ
ପ୍ରଫେସର ଡକ୍ଟର ଆଦିକନ୍ଦ ସାହୁ

ଗବେଷକ
ସୁବାଷ ନାୟକ

# କୃତଜ୍ଞତା

# କୃତଜ୍ଞତା

ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପିଏଚ୍.ଡି ଓଡ଼ିଆ ଭାଷା ଓ ସାହିତ୍ୟରେ ଆରମ୍ଭ କରିବା ସମୟରେ ମୁଁ ଯାହାଙ୍କର ସ୍ନେହ ସଦିଚ୍ଛାରେ ବାନ୍ଧି ହୋଇପଡ଼ିଥିଲି ଓ ଏଯାବତ ସେ ବନ୍ଧନ ଅତୁଟ, ସେ ହେଉଛନ୍ତି ମୋର ପୂଜ୍ୟ ଗୁରୁଦେବ ପ୍ରଫେସର ଆଦିକନ୍ଦ ସାହୁ । ସେ ହିଁ ସର୍ବପ୍ରଥମେ ଏ ନିବନ୍ଧଟି ରଚନା କରିବାକୁ ମୋତେ ପ୍ରେରଣା ପ୍ରଦାନ କରିଥିଲେ ଏବଂ ନାମକରଣ ମଧ୍ୟ କରିଦେଇଥିଲେ । ପିଏଚ୍.ଡି ଡିଗ୍ରୀ ପାଇଁ ଏ ନିବନ୍ଧ ରଚନା କାର୍ଯ୍ୟ ଆରମ୍ଭ କରିବା ପରଠାରୁ ଏହାର ଅଧ୍ୟୟନର ପ୍ରତ୍ୟେକ ପର୍ଯ୍ୟାୟରେ ତାଙ୍କର ମାର୍ଗଦର୍ଶନ, ଆବଶ୍ୟକୀୟ ସହଯୋଗ ପ୍ରଦାନ, ସ୍ନେହପୂର୍ଣ୍ଣ ବ୍ୟବହାର ମୋତେ ତାଙ୍କ ନିକଟରେ ଚିର ଋଣୀ କରି ରଖିଛି ଓ ରଖିବ ମଧ୍ୟ । **"ଓଡ଼ିଆ ସାହିତ୍ୟକୁ ନନ୍ଦିନୀ ଶତପଥୀଙ୍କ ଅବଦାନ"** ଅନୁଶୀଳନ କରିବାରେ ସେ ଯେପରି ମୋତେ ପ୍ରେରଣା ଯୋଗାଇ ଆସିଛନ୍ତି, ତାହା ବାସ୍ତବରେ ଅତୁଳନୀୟ । ଏହି ନିବନ୍ଧ ଉପସ୍ଥାପନର ଶୁଭ ମୁହୂର୍ତ୍ତରେ ମୁଁ ତାଙ୍କୁ ମୋର ଭକ୍ତିଭରା ପ୍ରଣତି ଜଣାଉଛି ।

ଏହି ନିବନ୍ଧର ନିବନ୍ଧନ କାର୍ଯ୍ୟ ପାଇଁ ନାନାମତେ ସହଯୋଗ କରିଥିବା ଓ ମୋର ମନନଶୀଳ ବିଚାର ଓ ବୌଦ୍ଧିକ ପ୍ରାପ୍ତିକୁ ଆହୁରି ଅଧିକ ପୁଷ୍ଟ ଓ ପ୍ରସାରିତ କରିଥିବା ମୋର ପୂଜ୍ୟ ତଥା ନନ୍ଦିନୀ ଶତପଥୀଙ୍କ ଜୀବନୀ "ମାଟିର ନନ୍ଦିନୀ"ର ଲେଖକ ଶ୍ରୀ ଆଶିଷ ରଞ୍ଜନ ମହାପାତ୍ରଙ୍କୁ ମୁଁ ଏହି ଅବସରରେ ସମ୍ମାନର ସହ ସ୍ମରଣ କରୁଛି । ତାଙ୍କର କ୍ରମାଗତ ଉତ୍ସାହ, ପ୍ରେରଣା ଓ ତାଗିଦା ବ୍ୟତିରେକେ ଏହାକୁ ରଚନା କରିବା ଆଦୌ ସମ୍ଭବପର ହୋଇନଥାନ୍ତା । ଏହି ନିବନ୍ଧ ରଚନା କରିବା ସମୟରେ ସେ ପ୍ରତି ମୁହୂର୍ତ୍ତରେ ମୋତେ ଆଶାନୁରୂପ ସାହାଯ୍ୟ ଓ ସହଯୋଗ ପ୍ରଦାନ କରିଛନ୍ତି ।

ସୁବାଷ ନାୟକ

**(ସୁବାଷ ନାୟକ)**

*ଗବେଷକ*

# ଭୂମିକା

# ଭୂମିକା

ଗବେଷଣା ଶବ୍ଦଟି ହିଁ ନୂତନ ଅନ୍ୱେଷଣର ପ୍ରତୀକ । ଏଣୁ ଗବେଷକର ଦୃଷ୍ଟିରେ ଗବେଷଣା କିଛି ନୂତନ ପ୍ରାପ୍ତିର ଅର୍ଥ ପ୍ରକଟ କରେ । ଓଡ଼ିଆ ସାହିତ୍ୟର ଅଧ୍ୟୟନ ହିଁ ଏହି ଗବେଷକର ଚିନ୍ତନ ଶକ୍ତି ବଢ଼ାଇଛି ।

ନନ୍ଦିନୀ ଶତପଥୀ ଓଡ଼ିଆ ସାହିତ୍ୟ ଜଗତରେ ଜଣେ ଅଦ୍ୱିତୀୟ ଶିଳ୍ପୀ । ମଣିଷ ଚେତନାର ଉତ୍ତରଣକୁ ନିଜର ସ୍ୱତନ୍ତ୍ର ଶୈଳୀ ମାଧ୍ୟମରେ ପ୍ରକାଶିତ କରି ସେ ଓଡ଼ିଆ ସାହିତ୍ୟ ଜଗତରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି । ଦୁଃଖ, ଶୋକସନ୍ତପ୍ତ ମଣିଷ ଭିତରେ ଜୀବନ ବଞ୍ଚିବାର ପ୍ରେରଣା ଜାଗ୍ରତ କରିବା ତାଙ୍କ ସାହିତ୍ୟର ଧ୍ୟେୟ । ତାଙ୍କର ଦୀର୍ଘ ସାହିତ୍ୟ ସାଧନା ଭିତରେ ସେ ଓଡ଼ିଆ ସାହିତ୍ୟକୁ ନାନା ମତେ ଋଦ୍ଧିମନ୍ତ କରିଛନ୍ତି ।

ଗବେଷଣାର ସୁଗମତା ଦୃଷ୍ଟିରୁ ଏ ନିବନ୍ଧଟିକୁ ପାଞ୍ଚଗୋଟି ଅଧ୍ୟାୟରେ ବିଭକ୍ତ କରାଯାଇଅଛି । ପ୍ରତ୍ୟେକ ଅଧ୍ୟାୟକୁ ପୁଣି ଆବଶ୍ୟକତା ଅନୁଯାୟୀ ପୁନଃ ବିଭାଗୀକରଣ କରାଯାଇ ସ୍ୱତନ୍ତ୍ର ଶୀର୍ଷକ ପ୍ରଦାନ କରାଯାଇଅଛି ।

ପ୍ରଥମ ଅଧ୍ୟାୟର ପ୍ରଥମ ପ୍ରସଙ୍ଗରେ ନନ୍ଦିନୀଙ୍କର ସାଧାରଣ ପରିଚୟ ସମ୍ପର୍କରେ ଆଲୋଚନା କରାଯାଇଅଛି ଏବଂ ଦ୍ୱିତୀୟ ପ୍ରସଙ୍ଗରେ ନନ୍ଦିନୀଙ୍କର ବଂଶଲତା ସ୍ଥାନୀତ ହୋଇଅଛି ।

ଦ୍ୱିତୀୟ ଅଧ୍ୟାୟର ପ୍ରଥମ ପ୍ରସଙ୍ଗରେ ନନ୍ଦିନୀଙ୍କ ରାଜନୀତିକ ଜୀବନ ବିଶଦ୍ ଭାବରେ ବର୍ଣ୍ଣିତ ଓ ଦ୍ୱିତୀୟ ପ୍ରସଙ୍ଗରେ ନନ୍ଦିନୀଙ୍କ ସାଂସ୍କୃତିକ ସାହିତ୍ୟିକ ଜୀବନ ପରିବେଷିତ ।

ତୃତୀୟ ଅଧ୍ୟାୟର ପ୍ରଥମ ପ୍ରସଙ୍ଗରେ ନନ୍ଦିନୀଙ୍କର ସାହିତ୍ୟ କୃତିର ବର୍ଗୀକରଣ ଏବଂ ଦ୍ୱିତୀୟ ପ୍ରସଙ୍ଗରେ ନନ୍ଦିନୀଙ୍କର ବୈଶିଷ୍ଟ୍ୟ ଉପସ୍ଥାପିତ ହୋଇଅଛି ।

ଚତୁର୍ଥ ଅଧ୍ୟାୟର ପ୍ରଥମ ପ୍ରସଙ୍ଗରେ ନନ୍ଦିନୀଙ୍କର ସାରସ୍ୱତ କୃତିକୁ ବିଶଦ୍ ଭାବରେ ବର୍ଣ୍ଣନା କରାଯାଇଅଛି ଓ ଦ୍ୱିତୀୟ ପ୍ରସଙ୍ଗରେ ନନ୍ଦିନୀଙ୍କ ସାହିତ୍ୟିକ ଜୀବନର ଉନ୍ମେଷ ଓ ଉତ୍ତରଣ ବର୍ଣ୍ଣିତ ।

ପଞ୍ଚମ ଅଧ୍ୟାୟରେ ପ୍ରଥମ ପ୍ରସଙ୍ଗରେ "ଓଡ଼ିଆ ସାହିତ୍ୟକୁ ନନ୍ଦିନୀ ଶତପଥୀଙ୍କ ଅବଦାନ" ତଥା ଦ୍ୱିତୀୟ ପ୍ରସଙ୍ଗରେ ଓଡ଼ିଆ ସାହିତ୍ୟର ସୁଦୀର୍ଘ ସାରସ୍ୱତ ପରମ୍ପରାରେ ନନ୍ଦିନୀଙ୍କ ଭୂମିକାକୁ ସୂଚାରୁରୂପେ ବର୍ଣ୍ଣନା କରାଯାଇଛି ।

ନନ୍ଦିନୀ ଶତପଥୀଙ୍କର ଜୀବନ ଦୃଷ୍ଟି ନିର୍ଦ୍ଧାରଣ କଲାବେଳେ, ଯେଉଁ ଅମୂଲ୍ୟ ପୁସ୍ତକ ଓ ପତ୍ରପତ୍ରିକାଗୁଡ଼ିକ ଏହି ଗବେଷକର ଦୃଷ୍ଟିର ଦିଗ୍‌ବଳୟକୁ ଅଧିକ ପ୍ରସାରିତ କରିଛି ସେସବୁକୁ ସହାୟକ ଗ୍ରନ୍ଥସୂଚୀରେ ସ୍ଥାନିତ କରାଯାଇଛି ।

ଏ ନିବନ୍ଧଟିକୁ ନିର୍ଭୁଲ ତଥା ସର୍ବାଙ୍ଗ ସୁନ୍ଦର କରିବା ପାଇଁ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯାଇଛି । ତେବେ ଏଭଳି ସମୟ ସାପେକ୍ଷ କାର୍ଯ୍ୟରେ ହୁଏତ ଅନିଚ୍ଛାକୃତ ଭାବେ ଯାନ୍ତ୍ରିକ ତ୍ରୁଟି ବିଚ୍ୟୁତି ରହିଯାଇଥାଇପାରେ ।

ସୁବାଷ ନାୟକ.

**(ସୁବାଷ ନାୟକ)**

*ଗବେଷକ*

# ସୂଚୀପତ୍ର

**ପ୍ରଥମ ଅଧ୍ୟାୟ**

(କ) ନନ୍ଦିନୀଙ୍କର ସାଧାରଣ ପରିଚୟ

(ଖ) ନନ୍ଦିନୀଙ୍କ ବଂଶଲତା

**ଦ୍ୱିତୀୟ ଅଧ୍ୟାୟ**

(କ) ନନ୍ଦିନୀଙ୍କ ରାଜନୈତିକ ଜୀବନ

(ଖ) ନନ୍ଦିନୀଙ୍କ ସାଂସ୍କୃତିକ ସାହିତ୍ୟିକ ଜୀବନ

**ତୃତୀୟ ଅଧ୍ୟାୟ**

(କ) ନନ୍ଦିନୀଙ୍କ ସାହିତ୍ୟ କୃତିର ବର୍ଗୀକରଣ

(ଖ) ନନ୍ଦିନୀଙ୍କର ବୈଶିଷ୍ଟ୍ୟ

**ଚତୁର୍ଥ ଅଧ୍ୟାୟ**

(କ) ନନ୍ଦିନୀଙ୍କର ସାରସ୍ୱତ କୃତି

(ଖ) ନନ୍ଦିନୀଙ୍କ ସାହିତ୍ୟିକ ଜୀବନର ଉନ୍ମେଷ ଓ ଉତ୍ତରଣ

**ପଞ୍ଚମ ଅଧ୍ୟାୟ**

(କ) ଓଡ଼ିଆ ସାହିତ୍ୟକୁ ନନ୍ଦିନୀଙ୍କ ଅବଦାନ

(ଖ) ଓଡ଼ିଆ ସାହିତ୍ୟର ସୁଦୀର୍ଘ ସାରସ୍ୱତ ପରମ୍ପରାରେ ନନ୍ଦିନୀଙ୍କ ଭୂମିକା

ଉପସଂହାର....

ସହାୟକ ଗ୍ରନ୍ଥସୂଚୀ............

ସ୍ମୃତିର ଆଇନାରେ... ନନ୍ଦିନୀ ଶତପଥୀ

# ନନ୍ଦିନୀଙ୍କ ସାଧାରଣ ପରିଚୟ

# (କ) ନନ୍ଦିନୀଙ୍କର ସାଧାରଣ ପରିଚୟ

ଓଡ଼ିଶାର ଯଶସ୍ୱିନୀ ସାହିତ୍ୟିକା ତଥା ରାଜନୀତିଜ୍ଞ ନନ୍ଦିନୀ ଶତପଥୀଙ୍କ ବଂଶ ପରିଚୟ ନିମ୍ନୋକ୍ତ ପ୍ରକାରେ–

ପୁରୀ ଜିଲ୍ଲା ବାଲିପାଟଣା ବ୍ଲକସ୍ଥ ବିଶ୍ୱନାଥପୁର ଶାସନର ତତ୍‌କାଳୀନ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଯୁକ୍ତ ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଏବଂ ଶ୍ରୀମତୀ ସରସ୍ୱତୀ ପାଣିଗ୍ରାହୀଙ୍କ କୋଳରୁ ତିନିଗୋଟି ପୁଅ ଏବଂ ଚାରିଗୋଟି ଝିଅ ଜନ୍ମ ନେଇଥିଲେ । ପୁଅମାନଙ୍କ ମଧ୍ୟରୁ ବଡ଼ ଶ୍ରୀ ଦିବ୍ୟସିଂହ ପାଣିଗ୍ରାହୀ, ମଝିଆଁ କାଳିନ୍ଦୀଚରଣ ପାଣିଗ୍ରାହୀ ଓ ସାନ ଭଗବତୀ ଚରଣ ପାଣିଗ୍ରାହୀ । ଏମାନଙ୍କ ମଧ୍ୟରୁ ଓଡ଼ିଶାର ସ୍ୱନାମଧନ୍ୟ ଲେଖକ ପଦ୍ମଭୂଷଣ ଡକ୍ଟର କାଳିନ୍ଦୀଚରଣ ପାଣିଗ୍ରାହୀ ପତ୍ନୀ ରତ୍ନମଣିଦେବୀଙ୍କୁ ନେଇ ତାଙ୍କର ସରକାରୀ ଚାକିରି ଜୀବନ ଆରମ୍ଭ କରନ୍ତି କଟକର ଖ୍ରୀଷ୍ଟିଆନ୍ ସାହିସ୍ଥିତ ଯାଚକ ଲେନ୍‌ରେ ଏକ ଘରଭଡ଼ା ନେଇ । ସେହି ସମୟରେ ଅର୍ଥାତ୍ ୧୯୩୧ ମସିହା ଜୁନ୍ ୯ ତାରିଖରେ ସେମାନଙ୍କ ଔରଷରୁ ଯେଉଁ କନ୍ୟାରତ୍ନଟି ତାଙ୍କର କୋଳ ମଣ୍ଡନ କରିଥିଲା, ସେ ହେଉଛନ୍ତି ଓଡ଼ିଶାର ଗର୍ବ ଓ ଗୌରବର ପ୍ରତୀକ ନନ୍ଦିନୀ ପାଣିଗ୍ରାହୀ; ଯେ କି ପରବର୍ତ୍ତୀ ସମୟରେ ଓଡ଼ିଶାର ପୁରପଲ୍ଲୀରେ ତଥା ସାରା ଦେଶରେ ନନ୍ଦିନୀ ଶତପଥୀ ରୂପେ ପ୍ରତିଷ୍ଠା ଲାଭ କରିଥିଲେ ।

ପିଲାଟି ଦିନରୁ ନନ୍ଦିନୀ ଖୁବ୍ ଅଲିଅଳରେ ବଢ଼ିଥିଲେ । ପରିବାରର ପ୍ରତ୍ୟେକ ବ୍ୟକ୍ତି ତାଙ୍କୁ ଖୁବ୍ ଆଦର ଓ ସ୍ନେହ କରୁଥିଲେ । ଯଦିଓ କଟକରେ ରହି ସେ ପ୍ରାଥମିକ ଶିକ୍ଷା ଲାଭ କରିଥିଲେ; ସ୍କୁଲ ଛୁଟି ହେବାକ୍ଷଣି ନିଜ ଗାଁ ପୁରୀ ଜିଲ୍ଲାର ବିଶ୍ୱନାଥପୁର ଶାସନକୁ ଜେଜେମା'ଙ୍କ ସହିତ ବରାବର ଚାଲିଯାଉଥିଲେ । ତାଙ୍କୁ ଗ୍ରାମ୍ୟ ଜୀବନ, ତା'ର ପାଣିପବନ ଏବଂ ଗ୍ରାମ୍ୟ ଲୋକଙ୍କ ସହିତ ମିଳାମିଶା କରିବାକୁ ଖୁବ୍ ଆନନ୍ଦ ଦେଉଥିଲା । ତାଙ୍କର ବହୁ ସମୟ ସହରରେ କଟୁଥିଲେ ମଧ୍ୟ ସେ ବିଶ୍ୱନାଥପୁରକୁ ଭୁଲିପାରୁନଥିଲେ ।

'୧୯୪୬ ମସିହାରେ ନନ୍ଦିନୀ ମାଟ୍ରିକ୍ୟୁଲେସନ୍ ପରୀକ୍ଷା ଦେବାବେଳକୁ ତାଙ୍କର ବାପା କାଳିନ୍ଦୀବାବୁ ଆକାଶବାଣୀ କଟକ କେନ୍ଦ୍ରର ଇଷ୍ଟର୍ଣ୍ଣ ଷ୍ଟେଟ୍ ପବ୍ଲିସିଟି ଅଫିସର ଥାଆନ୍ତି ।'[୧] ନନ୍ଦିନୀଦେବୀ ପରୀକ୍ଷାରେ ପ୍ରଥମଶ୍ରେଣୀରେ ପାଶ୍ ହେବା ଖବର ଘରେ ଦେବାରୁ ପରିବାରରେ ସମସ୍ତେ ତାଙ୍କୁ ଉଚ୍ଚାଭିଳାଷୀ ହେବା ପାଇଁ ପ୍ରବର୍ତ୍ତାଇଥିଲେ । ନନ୍ଦିନୀ ଏକ ସାହିତ୍ୟିକ ପରିବାରରୁ ଆସିଥିବାରୁ ପିଲାଟି ଦିନରୁ ତାଙ୍କର ଲେଖାଲେଖି ଏବଂ ପତ୍ରିକା ପଢ଼ାରେ ପ୍ରବଳ ଇଚ୍ଛା ଥିଲା । ତାଙ୍କୁ ଯେତେବେଳେ ୧୩ ବର୍ଷ ବୟସ ଅର୍ଥାତ୍ ୧୯୪୨ ମସିହାରେ ସେ ପ୍ରାକ୍ଟିସିଙ୍ଗ ମିଡିଲ୍ ସ୍କୁଲ, କଟକରେ ସପ୍ତମ ଶ୍ରେଣୀରେ ପଢୁଥିବା ସମୟରେ ତାଙ୍କର ପ୍ରଥମ ଗଳ୍ପ "ଅନାଥ" ସ୍କୁଲ ମାଗାଜିନ୍‌ରେ ପ୍ରକାଶିତ ହୋଇଥିଲା । ବାପା, ମାଆ ନଥିବା ଏକ ଗରିବ ପିଲାର ଚରିତ୍ରକୁ ନେଇ ନନ୍ଦିନୀ ଏହି ଗଳ୍ପଟିକୁ ଲେଖିଥିଲେ । ସେହିଦିନୁ ତାଙ୍କର ସାହିତ୍ୟିକ ପ୍ରତିଭାର ପରିଚୟ ମିଳିଥିଲା ।

'ବାପା କାଳିନ୍ଦୀଚରଣଙ୍କର ଇଚ୍ଛା ଥିଲା କୁନି (ନନ୍ଦିନୀ) କଲେଜରେ ବାୟୋଲୋଜି ବିଷୟ ରଖି ପାଠପଢ଼ି ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଜନସାଧାରଣଙ୍କର ସେବା କରିବ । କିନ୍ତୁ ଭଗବାନଙ୍କର ଇଚ୍ଛା ଥିଲା ଅନ୍ୟପ୍ରକାରର । ନନ୍ଦିନୀଦେବୀ କଟକର ରେଭେନ୍‌ସା କଲେଜରୁ ଆଇ.ଏସ୍‌ସି ପାଶ୍ କଲାବେଳକୁ ସମ୍ପୂର୍ଣ୍ଣ ରୂପରେ ରାଜନୀତି ତଥା ସମାଜସେବାରେ ନିଜକୁ ନିୟୋଜିତ କରିସାରିଥିଲେ ।'[୨]

୧୯୪୬ ଡିସେମ୍ବର ୧୮ ତାରିଖ ଦିନ କଲେଜରେ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳନ ଅବସରରେ ଇଂରେଜ ସରକାରଙ୍କ ପତାକା 'ୟୁନିଅନ୍ ଜ୍ୟାକ୍'କୁ କାଢ଼ି ସେଠାରେ ଭାରତୀୟ ତ୍ରିରଙ୍ଗା ପତାକା ନନ୍ଦିନୀ ଉଡ଼ାଇଥିଲେ । ସେଥିପାଇଁ ସେ କାରାବରଣ ମଧ୍ୟ କରିଥିଲେ । ପରେ ପରେ ୧୯୫୧ରେ ନନ୍ଦିନୀଦେବୀ କଲେଜ ଛାତ୍ରସଂସଦର ସଂପାଦିକା ଭାବରେ ନିର୍ବାଚିତ ହୋଇ ରାଜ୍ୟରେ ଜଣେ ଛାତ୍ରୀନେତ୍ରୀ ଭାବରେ ସୁନାମ ଅର୍ଜନ କରିଥିଲେ । କଲେଜରୁ ବି.ଏ. ପାଶ୍ ପରେ ନନ୍ଦିନୀ ଏମ୍.ଏ. (ଓଡ଼ିଆ)ରେ ପଢୁଥିବା ସମୟରେ ସଂଗ୍ରାମୀ ନେତା ତଥା ଢେଙ୍କାନାଳର ପ୍ରଜା ଆନ୍ଦୋଳନ ସହିତ ସମ୍ପୃକ୍ତ ଶ୍ରୀଯୁକ୍ତ ଦେବେନ୍ଦ୍ର ଶତପଥୀଙ୍କ ସହିତ ବିବାହ

[୧] ଆଶିଷ ରଂଜନ ମହାପାତ୍ର, ମାଟିର ନନ୍ଦିନୀ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୧୯୯୯, ପୃ-୨୨

[୨] ତତ୍ରୈବ, ପୃ-୨୩

ହୋଇଥିଲା । ବିବାହ ପରେ ନନ୍ଦିନୀ ଢେଙ୍କାନାଳର ଧଳପୁର ଗ୍ରାମସ୍ଥ ଶ୍ୱଶୁର ଘରେ କିଛିଦିନ ରହିବା ପରେ ସଂଗ୍ରାମୀ ମନ ତାଙ୍କର ସେଠାରେ ଲାଗିନଥିଲା । ସେ ପୁଣି ଫେରିଥିଲେ କଟକସ୍ଥ ନିଜ ପିତାଙ୍କ ବାସଭବନକୁ । ପିତା କାଳିନ୍ଦୀଚରଣ କଟକର ପିଠାପୁରଠାରେ ତାଙ୍କୁ ଦେଇଥିବା ଘର ଖଣ୍ଡିକରେ ସେ ଅବସ୍ଥାନ କରିଥିଲେ । ସେଇଠାରେ ହିଁ ତାଙ୍କର ବଡ଼ପୁଅ ନଚିକେତା ଏବଂ ଚାରିବର୍ଷ ପରେ ସାନପୁଅ ତଥାଗତ ଜନ୍ମ ନେଇଥିଲେ ।

ନନ୍ଦିନୀଦେବୀ ଜନସେବା ପାଇଁ ବିଶେଷ ଭାବରେ ଆଗ୍ରହୀ ଥିବାରୁ, ପ୍ରଥମେ ୧୯୬୨ ମସିହାରେ କଂଗ୍ରେସ ସରକାରର ନେତୃତ୍ୱ ନେଉଥିବା ସ୍ୱର୍ଗତ ବିଜୁ ପଟ୍ଟନାୟକ ତାଙ୍କ ଦଳରୁ ନନ୍ଦିନୀଙ୍କୁ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ନିର୍ଦ୍ଦେଶରେ ଓଡ଼ିଶାରୁ ରାଜ୍ୟସଭା ସଭ୍ୟ ଭାବରେ ନିର୍ବାଚିତ କରିଥିଲେ । ଏହିଠାରୁ ହିଁ ନନ୍ଦିନୀଙ୍କର ରାଜନୈତିକ ଜୀବନର ଧାରା ଆରମ୍ଭ ହେଲା । ନନ୍ଦିନୀ ୧୯୬୨ରୁ ୧୯୬୮ ପ୍ରଥମ ରାଜ୍ୟସଭା ସାଂସଦ ଜୀବନକାଳ ମଧ୍ୟରେ ୧୯୬୬ରୁ ୧୯୬୮ ପର୍ଯ୍ୟନ୍ତ କେନ୍ଦ୍ରରେ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ଗଠିତ କଂଗ୍ରେସ ସରକାରରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଭାବରେ ଯୋଗ ଦେଇଥିଲେ । ପୁନଶ୍ଚ ୧୯୬୮ରୁ ୧୯୭୨ ଦ୍ୱିତୀୟଥର ପାଇଁ ପୁନଃ ରାଜ୍ୟସଭା ସଦସ୍ୟା ଭାବରେ ନିର୍ବାଚିତ ହୋଇ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରିମଣ୍ଡଳରେ ମିନିଷ୍ଟର ଆଟାଚ୍ ଟୁ ପ୍ରାଇମିନିଷ୍ଟର ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ଇନ୍ଦିରା ଗାନ୍ଧୀ ତାଙ୍କୁ ଖୁବ୍ ଭଲ ପାଉଥିଲେ । ୧୯୭୨ ମସିହାରେ ନନ୍ଦିନୀ ନିଖିଳ ଭାରତ କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟା ଭାବରେ ଦାୟିତ୍ୱ ତୁଲାଇଥିଲେ । ଇତିମଧ୍ୟରେ ଓଡ଼ିଶାର ରାଜନୈତିକ ସମୀକରଣକୁ ଦୃଷ୍ଟିରେ ରଖି ଇନ୍ଦିରା ଗାନ୍ଧୀ ତାଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଅର୍ପଣ କରିବାକୁ ଚାହିଁବାରୁ ନନ୍ଦିନୀ କଟକ ବିଧାନସଭା ନିର୍ବାଚନରେ ଅଂଶଗ୍ରହଣ କରି ଜିତିଲେ ଏବଂ ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ । ସେ ୧୯୭୨ରୁ ୧୯୭୩ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ପଦରେ ରହିବା ପରେ ପୁନଶ୍ଚ ୧୯୭୪ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାରୁ ଢେଙ୍କାନାଳ ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଢେଙ୍କାନାଳ ସଦର ବିଧାୟିକା ଭାବରେ ବିଜୟୀ ହୋଇ ୧୯୭୪ରୁ ୧୯୭୭ ପର୍ଯ୍ୟନ୍ତ ୨ୟ ବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ । ସେହି ସମୟରେ ୧୯୭୪ ଏବଂ ୧୯୭୭ ଦୁଇଥର ପାଇଁ ତାଙ୍କର ସ୍ୱାମୀ ଦେବେନ୍ଦ୍ର ଶତପଥୀ ଢେଙ୍କାନାଳରୁ ଲୋକସଭା ସାଂସଦ ଭାବରେ ନିର୍ବାଚିତ ହୋଇଥିଲେ ଭାରତୀୟ ସଂସଦକୁ । ନନ୍ଦିନୀ ପୁନଶ୍ଚ ୧୯୭୭ରୁ ୧୯୮୦, ୧୯୮୦-୧୯୮୫, ୧୯୮୫-୧୯୯୦ରୁ

ଲଗାତର ଭାବରେ ଢେଙ୍କାନାଳ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ରାଜ୍ୟ ବିଧାନସଭାକୁ ସଭ୍ୟା ଭାବରେ ନିର୍ବାଚିତ ହୋଇଥିବା ସମୟରେ, ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ତଥା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାନେତ୍ରୀ ଭାବରେ ମଧ୍ୟ ନିଜର ଦାୟିତ୍ୱ ସୂଚାରୁରୂପେ ସଂପାଦନ କରିଥିଲେ । ତତ୍‌ପରେ ୧୯୯୦-୧୯୯୫ ଏବଂ ୧୯୯୫ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଗନ୍ଦିଆ ନିର୍ବାଚନ ମଣ୍ଡଳୀରୁ ବିଧାୟିକା ଭାବରେ ନିର୍ବାଚିତ ହୋଇଥିବା ବେଳେ ୧୯୯୫ରୁ ୨୦୦୦ ମସିହା ପର୍ଯ୍ୟନ୍ତ ରାଜ୍ୟ ଯୋଜନାବୋର୍ଡର ଅଧ୍ୟକ୍ଷା ଭାବରେ କାର୍ଯ୍ୟ ସଂପାଦନ କରିଥିଲେ ।

ନନ୍ଦିନୀଙ୍କ ରାଜନୈତିକ ଜୀବନକାଳ ମଧ୍ୟରେ ସାରସ୍ୱତ ସାଧନାକୁ କଦାପି ଭୁଲି ପାରିନଥିଲେ । ୧୯୬୭ ମସିହାରେ ତାଙ୍କର ଗଳ୍ପ ସଂକଳନ 'କେତୋଟି କଥା' ପ୍ରକାଶିତ ହୋଇଥିଲା । ଏହି ଗଳ୍ପ ସଂକଳନରେ ସ୍ଥାନ ପାଇଥିବା ବାବୁଲ୍ ଓ ଗାୟତ୍ରୀ ଗଳ୍ପ ଦୁଇଟି ଦୂରଦର୍ଶନରେ ଅନେକ ଥର ପ୍ରସାରିତ ହୋଇଅଛି । ୧୯୭୦ ମସିହାରେ କ୍ରିଷ୍ଣା କ୍ରିପାଳିନୀଙ୍କର 'ଅଲ୍‌ମେନ୍ ଆର୍ ବ୍ରଦର୍ସ'ର ଓଡ଼ିଆ ଅନୁବାଦ 'ଗାନ୍ଧୀ କଥାମୃତ'; ଯାହାକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପ୍ରକାଶିତ କରିଥିଲା । ୧୯୮୮ରେ ନନ୍ଦିନୀଙ୍କର ଗଳ୍ପ ସଂକଳନ 'ସପ୍ତଦଶୀ' ପ୍ରକାଶିତ ହୋଇଥିଲା । ଉକ୍ତ ଗଳ୍ପଗୁଡ଼ିକ ଖୁବ୍ ହୃଦୟସ୍ପର୍ଶୀ ଭାବରେ ପାଠକଙ୍କର ନିକଟରେ ଆଦୃତ ଲାଭ କରିଥିଲା । ୧୯୯୦ ମସିହାରେ ତାଙ୍କର ପ୍ରକାଶ ପାଇଥିଲା ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ଓ ଭାରତୀୟ ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନୀତା ଅମୃତାପ୍ରୀତମ୍‌ଙ୍କ ଦ୍ୱାରା ଲିଖିତ ତାଙ୍କର ଆତ୍ମଜୀବନୀ 'ରେଭିନ୍ୟୁ ଟିକେଟ୍'ର ଓଡ଼ିଆ ଅନୁବାଦ 'ରସିଦ୍ ଟିକଟ' । ଏହି ପୁସ୍ତକ ପାଇଁ ନନ୍ଦିନୀ ଶତପଥୀ ୧୯୯୫ ମସିହା ଡିସେମ୍ବର ୧୫ ତାରିଖ ଦିନ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ । ୧୯୯୩ ମସିହାରେ ନନ୍ଦିନୀଙ୍କର ଅନ୍ୟ ଏକ ବହୁଚର୍ଚ୍ଚିତ ପୁସ୍ତକ 'ଲଜ୍ଜା'ର ଓଡ଼ିଆ ଅନୁବାଦ ପ୍ରକାଶିତ ହୋଇଥିଲା । ସାରା ବିଶ୍ୱରେ ଚହଳ ସୃଷ୍ଟି କରିଥିବା ବଙ୍ଗଳାଦେଶର ଲେଖିକା ତସଲିମା ନସରିନ୍‌ଙ୍କର ଏହି ବଙ୍ଗଳା ବହିର ଓଡ଼ିଆ ଅନୁବାଦ ସେ ସମୟରେ ବହୁଳ ଭାବରେ ଆଦୃତ ଲାଭ କରିଥିଲା । ଏହାପରେ ୧୯୯୮ ମସିହାରେ ନନ୍ଦିନୀଙ୍କର ପ୍ରକାଶ ପାଇଲା କବିତା ସଂକଳନ 'ଉତ୍ତର ପୁରୁଷ' । ଏଥିରେ ପ୍ରକାଶିତ 'ଠିକଣା ହଜିଗଲା' କବିତାଟି ଭୁବନେଶ୍ୱର ଦୂରଦର୍ଶନରେ ପ୍ରସାରିତ ହୋଇ ବହୁ ପ୍ରଶଂସିତ ହୋଇଥିଲା ।

ନନ୍ଦିନୀ ଶତପଥୀ ରାଜନୀତି ଓ ସାହିତ୍ୟିକ ଜୀବନ ବ୍ୟତିରେକେ ବିଦେଶ ଭ୍ରମଣ ମଧ୍ୟ କରିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ସହିତ ସେ ଆମେରିକା ଠାରେ ଅନୁଷ୍ଠିତ

ଜାତିସଂଘର ରୌପ୍ୟଜୟନ୍ତୀ ଉତ୍ସବରେ ଯୋଗଦାନ କରିଥିଲେ । ୧୯୬୮, ୭୧ ଓ ୭୭ରେ ସେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଥିବାବେଳେ ଚଳଚ୍ଚିତ୍ର ଓ ସାଂସ୍କୃତିକ ବିଭାଗର ପ୍ରତିନିଧି ଦଳର ନେତୃତ୍ୱ ନେଇ ସୋଭିଏତ୍ ରୁଷ୍ ଯାତ୍ରା କରିଥିଲେ । ୧୯୬୮ ମସିହାରେ ମଧ୍ୟ ନନ୍ଦିନୀ ୟୁନେସ୍କୋକୁ ଭାରତୀୟ ପ୍ରତିନିଧି ଭାବରେ ଫ୍ରାନ୍ସ ଗସ୍ତ କରିଥିଲେ ରାଜ୍ୟସଭାର ସାଂସଦ ଭାବରେ । ପ୍ରେସ୍ ପରିଚାଳନା ସମ୍ବନ୍ଧୀୟ ଅଧ୍ୟୟନ ପାଇଁ ନନ୍ଦିନୀ ଇଂଲଣ୍ଡ ଯାତ୍ରା କରିଥିଲେ । ରାଜ୍ୟସଭା ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଥିବା ସମୟରେ ୧୯୭୭ ମସିହାରେ ସାଂସ୍କୃତିକ ଦଳର ପ୍ରତିନିଧି ହୋଇ ପୂର୍ବଜର୍ମାନୀ ଯାତ୍ରା କରିଥିଲେ । ମେକ୍ସିକୋରେ ୱାର୍ଲଡ ଉଇମେନ୍ ପାର୍ଲାମେଣ୍ଟାରିଆନ୍ ଫର ପିସ୍‌ରେ ଭାରତୀୟ ସଂସଦର ରାଜ୍ୟସଭାର ମହିଳା ସାଂସଦ ଭାବରେ ଯୋଗଦାନ କରିଥିଲେ । ଆହୁରି ସେ ସିଙ୍ଗାପୁର ମଧ୍ୟ ଗସ୍ତ କରିଥିଲେ ।

ନନ୍ଦିନୀ ଶତପଥୀଙ୍କର ରାଜନୀତି, ବିଦେଶ ଭ୍ରମଣ, ସାହିତ୍ୟ ଚର୍ଚ୍ଚା ଆଦି ମଧ୍ୟରେ ସେ ଅନେକଗୁଡ଼ିଏ ସମ୍ମାନ ଓ ପୁରସ୍କାରର ଅଧିକାରିଣୀ ହୋଇଥିଲେ । ମନୋରମ ସାରସ୍ୱତ ସମାରୋହ, ଗଙ୍ଗାଧର ରଥ ଫାଉଣ୍ଡେସନ୍ ପକ୍ଷରୁ ନନ୍ଦିନୀଙ୍କର ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ସାମଗ୍ରିକ କୃତିତ୍ୱ; ବିଶେଷତଃ ଅନୁବାଦ କ୍ଷେତ୍ରରେ ପରାକାଷ୍ଠା ପାଇଁ ତାଙ୍କୁ 'ସାହିତ୍ୟ ଭାରତୀ' ସମ୍ମାନରେ ସମ୍ବର୍ଦ୍ଧିତ କରାଯିବା ସଙ୍ଗେ ସଙ୍ଗେ ଏକଲକ୍ଷ ଟଙ୍କାର ଉପାୟନ ପ୍ରଦାନ କରାଯାଇଥିଲା । ରାଜନୀତି କ୍ଷେତ୍ର ଅପେକ୍ଷା ସାହିତ୍ୟ କ୍ଷେତ୍ରରେ ନନ୍ଦିନୀ ବହୁ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ଓ ସମ୍ମାନର ଅଧିକାରିଣୀ ହୋଇଛନ୍ତି । ସାହିତ୍ୟ କୃତି ପାଇଁ ଡକ୍ଟର ହରେକୃଷ୍ଣ ମହତାବଙ୍କ ଦ୍ୱାରା ପ୍ରତିଷ୍ଠିତ 'ପ୍ରଜାତନ୍ତ୍ର ପ୍ରଚାର ସମିତି', 'ଓଡ଼ିଶା ସାହିତ୍ୟ ଏକାଡେମୀ' ଏବଂ ରସିଦ୍ ଟିକଟ୍ ଅନୁବାଦ ପାଇଁ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଚିନ୍ତା ଓ ଚେତନା ପକ୍ଷରୁ 'ବୈଶାଖୀ ସାହିତ୍ୟ ପୁରସ୍କାର' ଏବଂ 'କାର୍ତ୍ତିକେୟ' ପୁରସ୍କାରରେ ନନ୍ଦିନୀ ଭୂଷିତ ହୋଇଥିଲେ । ଏତଦ୍‌ବ୍ୟତୀତ ଓଡ଼ିଶା ଲେଖିକା ସଂସଦ ପକ୍ଷରୁ ଏବଂ ନାଟ୍ୟାଚାର୍ଯ୍ୟ କବି ବାଳକୃଷ୍ଣ ସ୍ମାରକୀ ସମିତି ପକ୍ଷରୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା ।

ନନ୍ଦିନୀ ଶତପଥୀଙ୍କର ଦୁଇଟି ପୁଅ । ବଡ଼ପୁଅ ନଚିକେତା ଶତପଥୀ ଦିଲ୍ଲୀରେ ଅନ୍ତରାଷ୍ଟ୍ରୀୟ କମ୍ପାନୀରେ ଜଣେ ବରିଷ୍ଠ ଅଧିକାରୀ ଭାବରେ ପ୍ରତିଷ୍ଠିତ ଥିବାବେଳେ ସାନପୁଅ ତଥାଗତ ସତପଥୀ ବର୍ତ୍ତମାନ ଓଡ଼ିଶାରେ ପ୍ରସାରିତ ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ସମ୍ପାଦକ ତଥା ବିଜୁ

ଜନତା ଦଳ (ବିଜେଡି)ର ଢେଙ୍କାନାଳ ଲୋକସଭା ସାଂସଦ ଭାବରେ କାର୍ଯ୍ୟରତ । ଏତଦ୍‌ପୂର୍ବରୁ ୧୯୯୦ରେ ଜନତାଦଳରୁ ତଥାଗତବାବୁ ଢେଙ୍କାନାଳ ସଦରର ବିଧାୟକ ହେବା ସହ, ୧୯୯୮, ୨୦୦୪ ଏବଂ ୨୦୦୯ ମସିହାରେ ଢେଙ୍କାନାଳ ଲୋକସଭା ଆସନରୁ ସାଂସଦ ଭାବେ ନିର୍ବାଚିତ ହୋଇ ଭାରତୀୟ ସଂସଦରେ କାର୍ଯ୍ୟ ସମ୍ପାଦନ କରିଛନ୍ତି ।

ଜୁନ୍ ୨୬ ତାରିଖ ୧୯୯୦ ମସିହାରେ ଦେବେନ୍ଦ୍ର ଶତପଥୀଙ୍କର ଆକସ୍ମିକ ମୃତ୍ୟୁ ନନ୍ଦିନୀଦେବୀଙ୍କର ହୃଦୟକୁ ଖୁବ୍ ବାଧିଥିଲା । କିଛିଦିନ ପାଇଁ ସେ ନିସ୍ତବ୍ଧ ହୋଇଯାଇଥିଲେ । ପରବର୍ତ୍ତୀ ସମୟରେ ଅବଶ୍ୟ ସେ ଦୁଇଥର ରାଜ୍ୟ ବିଧାନସଭାରେ ପ୍ରତିନିଧିତ୍ୱ କରିଛନ୍ତି, ଲେଖାଲେଖିରେ ସମୟ ବିତେଇଛନ୍ତି, ସଭାସମିତି ଯାଇଛନ୍ତି; ହେଲେ ତାଙ୍କ ଭିତରେ ଏକ ଶୂନ୍ୟତା ସେ ଅନୁଭବ କରିଛନ୍ତି ପ୍ରତିଟି ମୁହୂର୍ତ୍ତରେ । ହଠାତ୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଭିତରେ ଦିନେ ସେ ଖୁବ୍ ଅସୁସ୍ଥ ହୋଇପଡ଼ିଲେ ଏବଂ ସେହିଠାରୁ କୋମାରେ ରହିଗଲେ ଦୁଇବର୍ଷ କାଳ । ଶେଷରେ ଅଗଷ୍ଟ ୪ ତାରିଖ ୨୦୦୬ ମସିହାରେ ନନ୍ଦିନୀ ଶତପଥୀ ଚିରନିଦ୍ରାରେ ଶୋଇଯାଇଥିଲେ । ତାଙ୍କର ବିୟୋଗ ଭାରତୀୟ ରାଜନୀତି, ବିଶେଷତଃ ଓଡ଼ିଶାର ରାଜନୈତିକ ଆକାଶରେ ଏକ ଶୂନ୍ୟସ୍ଥାନ ପୂରଣ କରିଥିଲା । ସେହିପରି ଓଡ଼ିଆ ସାହିତ୍ୟ ଜଗତରେ ମଧ୍ୟ ତାଙ୍କର ଅନୁପସ୍ଥିତି ଏକ ଗଭୀର ଶୂନ୍ୟସ୍ଥାନ ସୃଷ୍ଟି କରିଥିଲା ।

ଏହି ମହାନ୍ ନେତ୍ରୀ ସୁସାହିତ୍ୟିକା ନନ୍ଦିନୀ ଶତପଥୀଙ୍କର ବିୟୋଗ ପରେ ତାଙ୍କର ବଡ଼ପୁଅ ନଚିକେତା ଶତପଥୀଙ୍କର ପୁଅ ସୁପର୍ଣ୍ଣୋ ଶତପଥୀ 'ନନ୍ଦିନୀ ଶତପଥୀ ମେମୋରିଆଲ୍ ଟ୍ରଷ୍ଟ' ନାମକ ଏକ ଅନୁଷ୍ଠାନ ଗଠନ କରି ତା'ର ଚେୟାରମ୍ୟାନ୍ ରୂପେ ଅଧୁନା କାର୍ଯ୍ୟରତ । ସେ ଜଣେ ଯୁବଲେଖକ ତଥା ଯୁବକଂଗ୍ରେସ ନେତା ଭାବରେ ଏବେ ପ୍ରତିଷ୍ଠିତ ।

ନନ୍ଦିନୀ ଶତପଥୀଙ୍କ ଭଳି ଜଣେ ଅସାଧାରଣ ଜନନେତ୍ରୀଙ୍କ ସବିଶେଷ ପରିଚୟ ଦେବା ସମ୍ଭବ ନୁହେଁ । ତେବେ ମୋଟାମୋଟି ଭାବରେ ଏହାହିଁ ତାଙ୍କର ସାଧାରଣ ପରିଚୟ ।

* * *

# ନନ୍ଦିନୀଙ୍କ ବଂଶଲତା

## (ଖ) ନନ୍ଦିନୀଙ୍କର ବଂଶଲତା

କଥାରେ ଅଛି ଦୁହିତା ଦୁଇକୁଳକୁ ହିତା । ଅର୍ଥାତ୍ ଜଣେ ନାରୀର ଜୀବନରେ ଦୁଇଗୋଟି କୁଳ ଆସିଥାଏ । କନ୍ୟାଟିଏ ଜନ୍ମ ହୋଇ ବାପା-ମାଆଙ୍କର କୋଳସ୍ପର୍ଶରେ ଶୈଶବରୁ କୈଶୋର ଓ ଯୁବତୀ ରୂପରେ ନିଜକୁ ପ୍ରତିପାଦନ କରିଥାଏ । ସେ ଏହି ସମୟରେ ନିଜ ପରିବାରରେ ଜେଜେବାପା, ଜେଜେମାଆ, ବାପା, ମାଆ, ବଡ଼ବାପା, ବଡ଼ମାଆ, ଦାଦା, ଖୁଡ଼ୀ, ଭାଇ ଓ ଭଉଣୀମାନଙ୍କର ସମ୍ପର୍କରେ ଆସି ପ୍ରଥମ କୁଳର ଅଧିକାରିଣୀ ହୋଇଥାଏ । ଠିକ୍ ସେହିପରି ଯୁବତୀଟି ଉପଯୁକ୍ତ ବୟସରେ ଉପନୀତ ହେବାପରେ ବାପା-ମାଆ ସେମାନଙ୍କ ଲାଗି ଉପଯୁକ୍ତ ବରପାତ୍ର ଦେଖି ବିବାହ କରାଇଥାଆନ୍ତି । ସେହିଠାରୁ କନ୍ୟାଟି ଜନ୍ମିତ ବାପ-ମାଆଙ୍କ ସହ ପରିବାରଠାରୁ ସମ୍ପର୍କ ଦୂରେଇ ଏକ ନୂତନ ରାଇଜରେ ସ୍ୱାମୀଙ୍କର ସାଙ୍ଗରେ ଘରସଂସାର କରି ଅନ୍ୟଏକ କୂଳରେ ପାଦ ଥାପିଥାଏ । ଯୁବତୀଟି ବିବାହ ପରେ ସେଠାରେ ତା'ର ସ୍ୱାମୀ, ଶାଶୁ, ଶ୍ୱଶୁର, ଦିଅର ତଥା ନଣନ୍ଦମାନଙ୍କର ଗହଣରେ ସେହି ପରିବାରର ସଦସ୍ୟା ହୋଇ ସେହି କୁଳର ମର୍ଯ୍ୟାଦା ବଢ଼ାଇଥାଏ ଆଜୀବନ ପର୍ଯ୍ୟନ୍ତ । ଏହା ପ୍ରତ୍ୟେକ କନ୍ୟା ଜୀବନରେ ଆସିଥାଏ ।

ଏହି ସାମାଜିକ ନିୟମରୁ ନନ୍ଦିନୀଦେବୀ ବାଦ ପଡ଼ନ୍ତେ ବା କିପରି ! ପୁରୀ ଜିଲ୍ଲାର ବିଶ୍ୱନାଥପୁର ଶାସନରେ ଏକ କୁଳୀନ ବ୍ରାହ୍ମଣ ପରିବାରରେ ନନ୍ଦିନୀଙ୍କର ଜନ୍ମ । ଏକ ଖ୍ୟାତିସମ୍ପନ୍ନ, ସ୍ୱାଭିମାନୀ ଏବଂ ବହୁ ବହୁକୁଟୁମ୍ବୀ ପରିବାରରେ ଭାବେ ଅଞ୍ଚଳଟିରେ ଜଣାଶୁଣା । ଶ୍ରୀ ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଓ ଶ୍ରୀମତୀ ସରସ୍ୱତୀ ପାଣିଗ୍ରାହୀ ତାଙ୍କର ଜେଜେବାପା ଏବଂ ଜେଜେମା ଥିଲେ । ସ୍ୱପ୍ନେଶ୍ୱର ପାଣିଗ୍ରାହୀଙ୍କ ଔରସରୁ ତାଙ୍କର ତିନିଗୋଟି ପୁତ୍ର ସନ୍ତାନ ଜନ୍ମ ହୋଇଥିଲେ । ସେମାନେ ହେଲେ ବଡ଼ପୁଅ ଦିବ୍ୟସିଂହ ପାଣିଗ୍ରାହୀ, ମଝିଆଁ

ପୁଅ କାଳିନ୍ଦୀଚରଣ ପାଣିଗ୍ରାହୀ ଓ ସାନପୁଅ ଭଗବତୀ ଚରଣ ପାଣିଗ୍ରାହୀ । ଦିବ୍ୟସିଂହ ପାଣିଗ୍ରାହୀ ଥିଲେ ଜଣେ ପ୍ରଚଣ୍ଡ ବିଦ୍ୱାନ ଓ ଓଜସ୍ୱୀନି ବକ୍ତା । ତାଙ୍କର ଗୋଟିଏ ପୁଅ ନିହାର ରଞ୍ଜନ ପାଣିଗ୍ରାହୀ ଓ ୨ଟି ଝିଅ ଥିଲେ । ମଝିଆଁପୁଅ କାଳିନ୍ଦୀଚରଣଙ୍କର ଦୁଇପୁଅଙ୍କ ମଧ୍ୟରୁ ବଡ଼ପୁଅ ଶିଶିର ପାଣିଗ୍ରାହୀ ଏବଂ ସାନପୁଅ ତୁଷାର ପାଣିଗ୍ରାହୀ; ଦୁଇ ଝିଅଙ୍କ ମଧ୍ୟରୁ ବଡ଼ ନନ୍ଦିନୀ ପାଣିଗ୍ରାହୀ ଏବଂ ସାନ ଯଶୋଧାରା ମିଶ୍ର (ଲୁସି) । ସାନପୁଅ ଭଗବତୀଚରଣଙ୍କର କେବଳ ମାତ୍ର ତିନିଗୋଟି ଝିଅ ଥିଲେ । ସେମାନଙ୍କ ମଧ୍ୟରୁ ସୁଷମା ପାଣିଗ୍ରାହୀ, ଚନ୍ଦ୍ରିକା ମହାପାତ୍ର ଓ ତୁତୁଲି ଦେବୀ । ଏତେବଡ଼ ପରିବାରରେ ଜନ୍ମଗ୍ରହଣ କରି ନନ୍ଦିନୀଦେବୀ ନିଜକୁ ଭାଗ୍ୟବାନ ମନେ କରୁଥିଲେ ମଧ୍ୟ ଅନ୍ୟପକ୍ଷରେ ତାଙ୍କୁ ବଡ଼ଭାଇ ଭଉଣୀମାନଙ୍କ ଆକଟର ସମ୍ମୁଖୀନ ହେବାକୁ ପଡୁଥିଲା ।

ନନ୍ଦିନୀଦେବୀଙ୍କ ବାପା କାଳିନ୍ଦୀ ଚରଣ ପାଣିଗ୍ରାହୀ ଜଣେ ପ୍ରସିଦ୍ଧ କବି ଓ ଲେଖକ ଥିଲେ । ଯେଉଁଥିପାଇଁ ଭାରତ ସରକାରଙ୍କ ତରଫରୁ ତାଙ୍କୁ ରାଷ୍ଟ୍ରପତିଙ୍କ ଦ୍ୱାରା 'ପଦ୍ମଭୂଷଣ' ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଏହିପରି ଜଣେ ପ୍ରଚଣ୍ଡ ସ୍ୱାଭିମାନୀ ଏବଂ କାଳଜୟୀ ସ୍ରଷ୍ଟାଙ୍କ କନ୍ୟା ଭାବରେ ନନ୍ଦିନୀ ଭାରି ସ୍ୱାଭିମାନୀ ଥିଲେ ।

ବିଶିଷ୍ଟ କମ୍ୟୁନିଷ୍ଟ ନେତା ତଥା ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ଜନକ ଭାବେ ପରିଚିତ ଶ୍ରୀଯୁକ୍ତ ଭଗବତୀଚରଣ ପାଣିଗ୍ରାହୀ ଥିଲେ ନନ୍ଦିନୀଦେବୀଙ୍କର କକେଇ ।

ନନ୍ଦିନୀଦେବୀଙ୍କର ବାପା ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ ସବୁଜ ଯୁଗର ଆଗଧାଡ଼ିର କବି ଥିଲେ । "ମାଟିର ମଣିଷ" ପରି କାଳଜୟୀ ଉପନ୍ୟାସ ତାଙ୍କର କୃତି । ସତେ ଯେପରି ନନ୍ଦିନୀଙ୍କର ଘର ଥିଲା ସାମ୍ୟବାଦୀ ଚିନ୍ତାଧାରାର ପ୍ରୟୋଗଶାଳା । ବାପା-ଦାଦାଙ୍କର କଲମମୁନ ପିଲାଟିଦିନରୁ ନନ୍ଦିନୀଙ୍କ ଉପରେ ପ୍ରଗାଢ଼ ଭାବରେ ଆଚ୍ଛାଦିତ କରିଥିଲା । ଏହି ଆଧାରରେ ନନ୍ଦିନୀ ପାଲଟି ଯାଇଥିଲେ ଜଣେ ସାରସ୍ୱତ ସାଧିକା । ଏହିଭଳି ଗୋଟିଏ ଅଭିଜାତ ପରିବାରରେ ଜନ୍ମଗ୍ରହଣ କରି ନନ୍ଦିନୀ ଶତପଥୀ ନିଜକୁ ଭାଗ୍ୟବତୀ ମନେ କରୁଥିଲେ ।

## ନନ୍ଦିନୀଙ୍କର ପରିବାର ସାରଣୀ

ଶ୍ରୀ ସ୍ୱପ୍ନେଶ୍ୱର ପାଣିଗ୍ରାହୀ

ଶ୍ରୀମତୀ ସରସ୍ୱତୀ ପାଣିଗ୍ରାହୀ

ଦିବ୍ୟସିଂହ ପାଣିଗ୍ରାହୀ — କାଳିନ୍ଦୀଚରଣ ପାଣିଗ୍ରାହୀ, ରତ୍ନମଣି ଦେବୀ — ଭଗବତୀଚରଣ ପାଣିଗ୍ରାହୀ

ନିହାର ରଞ୍ଜନ (ପୁଅ) ଦୁଇଝିଅ — ନନ୍ଦିନୀ ଯଶୋଧାରା ଶିଶିର ତୁଷାର — ସୁଷମା ଚନ୍ଦ୍ରିକା ତୁତୁଲି

ନନ୍ଦିନୀଦେବୀ ରେଭେନ୍‌ସା ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ପରେ ପରେ ରେଭେନ୍‌ସା କଲେଜରୁ ଏମ୍.ଏ (ଓଡ଼ିଆ) ପାସ୍ କରିବା ପରେ ତାଙ୍କର ପିତା କାଳିନ୍ଦୀଚରଣ ତାଙ୍କର ବିବାହ କରିଥିଲେ ।

ଢେଙ୍କାନାଳର ଧଳପୁର ଗ୍ରାମରେ ଏକ ସ୍ୱାଧୀନତା ସଂଗ୍ରାମୀ ପରିବାରରେ ନନ୍ଦିନୀ ପାଣିଗ୍ରାହୀଙ୍କର ବିବାହ ସମ୍ପର୍ଣ୍ଣ ହୋଇଥିଲା । ନନ୍ଦିନୀଦେବୀଙ୍କର ଶ୍ୱଶୁର ଥିଲେ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ଶତପଥୀ । ବିଶ୍ୱନାଥବାବୁଙ୍କର ୪ ପୁଅ ଏବଂ ୧ଟି ଝିଅ ଥିଲେ । ପୁଅମାନଙ୍କ ମଧ୍ୟରେ ନନ୍ଦିନୀଦେବୀଙ୍କ ସ୍ୱାମୀ ଦେବେନ୍ଦ୍ର ଶତପଥୀ ବଡ଼ ପୁଅ ଥିଲେ । ଅନ୍ୟ ତିନିଭାଇ ହେଲେ ବ୍ରଜେନ୍ଦ୍ର ଶତପଥୀ, ନରେନ୍ଦ୍ର ଶତପଥୀ, ଓ ରାଜେନ୍ଦ୍ର ଶତପଥୀ । ଠିକ୍ ନିଜର ପିତୃ ପରିବାର ଭଳି ଶ୍ୱଶୁରାଳୟ ମଧ୍ୟ ଖୁବ୍ ବଡ଼ ନଥିଲେ ମଧ୍ୟ ସାନ ନଥିଲେ । ଏମାନେ ସମସ୍ତେ ଏକାନ୍ନବର୍ତ୍ତୀ ପରିବାରରେ ରହୁଥିଲେ । ପରିବାରର ପ୍ରତ୍ୟେକ ସଦସ୍ୟ ସ୍ୱ ସ୍ୱ କ୍ଷେତ୍ରରେ ପ୍ରତିଷ୍ଠିତ ଥିଲେ ।

## ନନ୍ଦିନୀଙ୍କର ଶ୍ୱଶୁରାଳୟର ସାରଣୀ

ବିଶ୍ୱନାଥ ଶତପଥୀ

ଦେବେନ୍ଦ୍ର — ବ୍ରଜେନ୍ଦ୍ର — ନରେନ୍ଦ୍ର — ରାଜେନ୍ଦ୍ର

ବିବାହ ପରେ ନନ୍ଦିନୀଦେବୀ ସ୍ୱାମୀ ଦେବେନ୍ଦ୍ରଙ୍କ ସହିତ କଟକରେ ରହୁଥିଲେ । ସଂଗ୍ରାମର ଘଡ଼ିସନ୍ଧି ବେଳେ ନନ୍ଦିନୀଦେବୀଙ୍କର ଦୁଇପୁଅ କଟକରେ ଜନ୍ମ ନେଇଥିଲେ । ବଡ଼ପୁଅ ନଚିକେତା

ଶତପଥୀ (ନାନୁ) ଓ ସାନପୁଅ ତଥାଗତ ସତପଥୀ (ବାବ୍‌ଲୁ) । ନଚିକେତା ଶତପଥୀ ପିଲାଟି ଦିନରୁ ଖୁବ୍ ମେଧାବୀ ଥିଲେ । ନିଜର ଶିକ୍ଷା ସମାପ୍ତ ପରେ ସେ ୟୁନିଅନ୍ କାର୍ବାଇଡ୍ ଇଣ୍ଡିଆ ଲିମିଟେଡର ଏକ ଉଚ୍ଚପଦସ୍ଥ ଅଫିସର ପଦବୀରେ ନିଯୁକ୍ତ ପାଇ ଚାକିରି ଜୀବନ କଟାଇବାକୁ ନିଷ୍ପତ୍ତି ନେଇଥିଲେ । ଅଧୁନା ସେ ସ୍ୱକ୍ଷେତ୍ରରେ ପ୍ରତିଷ୍ଠିତ । ତାଙ୍କର ବିବାହ ପରେ ତିନିଗୋଟି ପୁତ୍ର ସନ୍ତାନ ଯଥା ସୁପର୍ଣ୍ଣୋ (ବୁନୁ) ଓ ଚୁନୁ ଓ ରାକା । ବଡ଼ପୁଅ ସୁପର୍ଣ୍ଣୋ ବିବାହିତ ଏବଂ ଏକ କନ୍ୟା ସନ୍ତାନର ଜନକ, ଅର୍ଥାତ୍ ନନ୍ଦିନୀଦେବୀଙ୍କର ଅଣନାତୁଣୀ ।

ସାନପୁଅ ତଥାଗତ ସତପଥୀ ଶ୍ରୀଅରବିନ୍ଦ ବିଦ୍ୟାନିକେତନରୁ ଉଚ୍ଚଶିକ୍ଷା ସମାପ୍ତ କରି କୌଣସି ଚାକିରି କରିବାର ସିଦ୍ଧାନ୍ତ ନନେଇ ବାପା, ମାଆ ଓ ଅଜା କାଳିନ୍ଦୀଚରଣଙ୍କର ପଦାଙ୍କ ଅନୁସରଣ କରି ଓଡ଼ିଶା ପ୍ରଦେଶରେ ଆଜି ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ । ବାପା ଦେବେନ୍ଦ୍ର ଶତପଥୀ ଦୁଇଥର ଢେଙ୍କାନାଳର ଲୋକସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ତଥାଗତବାବୁ ମଧ୍ୟ ଢେଙ୍କାନାଳ ବିଧାୟକ ତଥା ବର୍ତ୍ତମାନ ମିଶି ତିନିଥର ଢେଙ୍କାନାଳର ଲୋକସଭା ସାଂସଦ । ବର୍ତ୍ତମାନ ଢେଙ୍କାନାଳର ସାଂସଦ । ମା' ନନ୍ଦିନୀଙ୍କର କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସୁସାହିତ୍ୟିକା ପଦାଙ୍କ ଅନୁସରଣରେ ତଥାଗତବାବୁ ସ୍ୱପ୍ରତିଷ୍ଠିତ । ରାଜ୍ୟର ପ୍ରଭାବଶାଳୀ ଦୈନିକ ଓଡ଼ିଆ ଖବରକାଗଜ "ଧରିତ୍ରୀ"ର ସମ୍ପାଦକ । ତଥାଗତବାବୁଙ୍କର ସହଧର୍ମିଣୀ ଆଦ୍ୟାଶା ସତପଥୀ "ଧରିତ୍ରୀ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବରେ ବର୍ତ୍ତମାନ କାର୍ଯ୍ୟରତା । ତଥାଗତବାବୁଙ୍କର ଗୋଟିଏ ପୁତ୍ର ସନ୍ତାନ- ଆରିଲ୍ ।

## ନନ୍ଦିନୀଙ୍କର ପରିବାର

ଦେବେନ୍ଦ୍ର ଶତପଥୀ
ନନ୍ଦିନୀ ଶତପଥୀ

ନଚିକେତା ଶତପଥୀ

ସୁପର୍ଣ୍ଣୋ (ବୁନୁ) ଚୁନୁ ରାକା

କନ୍ୟା

ତଥାଗତ ସତପଥୀ
ଆଦ୍ୟାଶା ସତପଥୀ

ଆରିଲ୍

***

# ନନ୍ଦିନୀଙ୍କ ରାଜନୈତିକ ଜୀବନ

# (କ) ନନ୍ଦିନୀଙ୍କର ରାଜନୈତିକ ଜୀବନ

କଥାରେ ଅଛି ତୁଳସୀ ଦୁଇପତ୍ରରୁ ବାସେ । ଅର୍ଥାତ୍ ବଡ଼ହେଲେ କେଉଁ ବ୍ୟକ୍ତିର ବ୍ୟକ୍ତିତ୍ୱ କିପରି ଭାବରେ ପ୍ରକାଶିତ ହେବ ତାହା ପିଲାଟି ବେଳରୁ ବାରି ହୋଇ ଜଣାପଡ଼ିଥାଏ । ସେଥିରୁ ନନ୍ଦିନୀ ଶତପଥୀ ବା ବାଦ୍ ପଡ଼ନ୍ତେ କିପରି ! ପ୍ରତ୍ୟେକ ବ୍ୟକ୍ତିର ଜୀବନ ପରିଧି ବିଧିନିର୍ଦ୍ଦିଷ୍ଟ । କିଏ କ'ଣ ହେବ ତାହାର କପାଳରେ ଭଗବାନ ଜନ୍ମ ହେବାକ୍ଷଣି ଲେଖିଥାଆନ୍ତି ।

ସେଥିପାଇଁ କଥାରେ ଅଛି—ପିତାମାତାଙ୍କର ସଂଯୋଗକାଳେ ବିଧି ତା' ଯାହା କପାଳେ ଛାଡ଼େ ତାହାକୁ ଭାଗ୍ୟ କୁହାଯାଏ । ଏଠାରେ ସାଧାରଣତଃ ବ୍ୟକ୍ତିର ଜନ୍ମ, ଶିକ୍ଷା, କର୍ମ, ବିବାହ ଓ ମୃତ୍ୟୁ ଆଦି ପାଞ୍ଚଟି ବିଷୟରେ ବିଷଦ ଭାବରେ ବର୍ଣ୍ଣିତ ହୋଇଥାଏ । ବ୍ୟକ୍ତିର ଜନ୍ମ କେଉଁ କୁଳ ବା ବଂଶରେ ହେବ, ତା'ର କେଉଁ ଧରଣର ଶିକ୍ଷା ପ୍ରାପ୍ତି ହେବ, ଜୀବନରେ ତା'ର କର୍ମ କ'ଣ ହେବ; ବିବାହ କେଉଁଠାରେ କେଉଁ ପରିବାରରେ ହେବ ଏବଂ ପରିଶେଷରେ ମୃତ୍ୟୁ ତାକୁ କିପରି ଆସିବ ଆଦି ଲେଖାଥାଏ ।

ଉଲ୍ଲିଖିତ ସମସ୍ତ ଗୁଣ ମଧ୍ୟ ନନ୍ଦିନୀଦେବୀଙ୍କର ଜୀବନରେ ଥିଲା । ଯଥେଷ୍ଟ ବୁନିଆଦି ଥିବା କବି ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ପରିବାରରେ ତାଙ୍କର ଜନ୍ମ ହୋଇଥିଲା ଏବଂ ଶିକ୍ଷା ଥିଲା ଓଡ଼ିଶା ତଥା ଭାରତବର୍ଷର ଯୋଗ୍ୟ ଶିକ୍ଷାନୁଷ୍ଠାନ ରେଭେନ୍ସା କଲେଜରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ସ୍ନାତକୋତ୍ତର (ଏମ୍.ଏ.) । ଜନ୍ମ, ଶିକ୍ଷା, ଆଦି ପରିସମାପ୍ତି ପରେ କର୍ମମୟ ଜୀବନରେ ନନ୍ଦିନୀ ଶତପଥୀ ସମଗ୍ର ଭାରତବର୍ଷରେ ଜଣେ ସୁସାହିତ୍ୟିକା ଭାବରେ ପ୍ରତିଷ୍ଠିତ ହୋଇଥିଲେ । ତାଙ୍କର ଅନେକ ଗୁଡ଼ିଏ ଗଳ୍ପ, ଅନୁବାଦ, କବିତା ସଂକଳନ ପ୍ରକାଶିତ ହୋଇଅଛି । ବିଶେଷତଃ କ୍ରିଷ୍ଣ କୃପାଳିନୀଙ୍କର ଅଲମେନ୍ ଆର୍ ବ୍ରଦର୍ସରୁ ଅନୁବାଦ କରି ସେ ଓଡ଼ିଆରେ "ଗାନ୍ଧି କଥାମୃତ"; ଯାହାକି କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଏବଂ

ଜ୍ଞାନପୀଠ ବିଜୟିନୀ ଅମୃତାପ୍ରୀତମ୍‌ଙ୍କର 'ରେଭିନ୍ୟୁ ଟିକେଟ୍'କୁ ଓଡ଼ିଆରେ ଅନୁବାଦ କରି 'ରସିଦ୍ ଟିକେଟ୍' ଯାହାକି କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କାର ପ୍ରାପ୍ତ ହୋଇଅଛି । ଏତଦ୍‌ବ୍ୟତୀତ ତସଲିମା ନାସରିନ୍‌ଙ୍କର 'ଲଜ୍ଜା' ଉପନ୍ୟାସକୁ ସେ ଓଡ଼ିଆରେ ଅନୁବାଦ କରି ସାହିତ୍ୟ ଜଗତରେ ନିଜର ସ୍ୱାକ୍ଷର ଛାଡ଼ି ଯାଇଛନ୍ତି । ଏହା ବାଦ୍ ନନ୍ଦିନୀଦେବୀ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବରେ କାର୍ଯ୍ୟ ସମ୍ପାଦନ କରିଛନ୍ତି ।

ଅପରପକ୍ଷରେ ନନ୍ଦିନୀ ଶତପଥୀଙ୍କର କର୍ମମୟ ଜୀବନ ସାଧାରଣତଃ ଦୁଇଭାଗରେ ବିଭକ୍ତ । ୧-ସାହିତ୍ୟିକ ଜୀବନ, ୨- ରାଜନୈତିକ ଜୀବନ । ଉପର ଆଲୋଚନାରେ ତାଙ୍କର ସାହିତ୍ୟିକ ଜୀବନର କର୍ମ ଉପରେ ଆମ୍ଭେ କିଞ୍ଚିତ୍‌ମାତ୍ର ସମ୍ୟକ ସୂଚନା ପ୍ରଦାନ କରିଲେ । ନନ୍ଦିନୀ ଶତପଥୀଙ୍କର କର୍ମମୟ ଜୀବନରେ ରାଜନୈତିକ ଜୀବନ ପ୍ରଣିଧାନଯୋଗ୍ୟ । ନନ୍ଦିନୀଦେବୀ ଜଣେ ସାମ୍ୟବାଦୀ ତଥା ରାଜନୈତିକ ପରିବାରରେ ଜନ୍ମ ଗ୍ରହଣ କରିଥିବାରୁ ପିଲାଟିଦିନରୁ ତାଙ୍କରି ଠାରେ ଏହାର ପ୍ରଭାବ ପକାଇଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ନନ୍ଦିନୀଦେବୀଙ୍କର ଦାଦା ତଥା ଓଡ଼ିଶାର କମ୍ୟୁନିଷ୍ଟ ଆନ୍ଦୋଳନର ଜନକ ଭଗବତୀ ପାଣିଗ୍ରାହୀ ତାଙ୍କର ରାଜନୈତିକ ପ୍ରେରଣାଦାତା । ଦାଦାଙ୍କ ଠାରୁ ରାଜନୈତିକ ସ୍ୱାଭିମାନ ସେ ଛୋଟ ପିଲାଟି ଦିନରୁ ଶିକ୍ଷା କରିଥିଲେ । ପିଲାଟିବେଳେ ସେ ତାଙ୍କର ଘର କଟକ ନିକଟରେ ଏକ ବିଦ୍ୟାଳୟରେ ଓଡ଼ିଆରେ ପ୍ରାର୍ଥନା 'ବନ୍ଦେ ଉତ୍କଳ ଜନନୀ' ପରିବର୍ତ୍ତେ ଇଂରେଜମାନଙ୍କର ଶାସନର ସଙ୍ଗୀତ ପରିବେଷଣ କରାଯିବାରୁ ସ୍ୱାଭିମାନୀ ନନ୍ଦିନୀ ଆଉ ସେ ବିଦ୍ୟାଳୟକୁ ପାଠପଢ଼ି ନଯାଇ ଅନତିଦୂରରେ ଏକ ବିଦ୍ୟାଳୟରେ ପାଠ ପଢ଼ିଥିଲେ । ଏହିଠାରୁ ତାଙ୍କର ଦେଶଭକ୍ତିର ମାର୍ଗଦର୍ଶନ ପ୍ରତିଫଳିତ ହୋଇଥିଲା । ଭାରତବର୍ଷରୁ ଇଂରେଜମାନଙ୍କୁ ବିତାଡ଼ିତ କରିବାର ମହାତ୍ମାଗାନ୍ଧୀଙ୍କର ଆନ୍ଦୋଳନ ପିଲାଟିଦିନରୁ ସେ ଦେଖିଥିଲେ । ନନ୍ଦିନୀଦେବୀ ଯେତେବେଳେ ରେଭେନ୍‌ସା କଲେଜରେ ପଢୁଥିଲେ ଏକ କ୍ରୀଡ଼ା ଉତ୍ସବରେ ଇଂରେଜମାନଙ୍କର ଜାତୀୟ ପତାକା ୟୁନିୟନ ଜ୍ୟାକ୍‌କୁ ସେଠାରୁ କାଢ଼ିନେଇ ଭାରତୀୟ ତ୍ରିରଙ୍ଗା ପତାକା ଲଗାଇଥିଲେ; ଯାହାଫଳରେ କି ସେ ଇଂରେଜମାନଙ୍କର କ୍ରୋଧର ଶିକାର ହୋଇ ତାଙ୍କୁ କିଛିଦିନ କାରାବରଣ କରିବାକୁ ପଡ଼ିଥିଲା । କଲେଜର ଛାତ୍ରସଂସଦର ସଂପାଦିକା ଭାବରେ ନନ୍ଦିନୀ ଦେବୀ ନିର୍ବାଚିତ ହେବା ପରେ ସମଗ୍ର ଓଡ଼ିଶାର ଛାତ୍ର ଆନ୍ଦୋଳନର

ନେତୃତ୍ୱ ନେଇ ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବଙ୍କର ଦୃଷ୍ଟିଗୋଚର ହୋଇଥିଲେ । ଆନ୍ଦୋଳନ ସମୟରେ ତାଙ୍କର ସହକର୍ମୀ ଦେବେନ୍ଦ୍ର ଶତପଥୀଙ୍କୁ ସେ ବିବାହ କରିଥିଲେ । ଏହାଦ୍ୱାରା ନନ୍ଦିନୀଙ୍କର ରାଜନୈତିକ ଜୀବନରେ ଆଲୋଡ଼ନ ସୃଷ୍ଟି ହୋଇଥିଲା ।

ଗରିବ ମଣିଷର ଅକୁହା କଥା ବେଶ୍ ଆନ୍ଦୋଳିତ କରିଥିଲା ନନ୍ଦିନୀଙ୍କର ପ୍ରାଣକୁ । ସେ ସବୁବେଳେ ଲଢୁଥିଲେ ହକ୍ ପାଇଁ । ପାରିବାରିକ ସାମ୍ୟବାଦ ରାଜନୀତିରୁ ରାଜନୈତିକ ପ୍ରବେଶ ୧୯୬୦ରେ ନନ୍ଦିନୀ ଯୋଗ ଦେଇଥିଲେ ଭାରତୀୟ ଜାତୀୟ କଂଗ୍ରେସରେ । ଏହିଠାରୁ ରାଜନୈତିକ ଉତ୍ଥାନରେ ନନ୍ଦିନୀଦେବୀ ଅଗ୍ରସର ହୋଇଥିଲେ । ଜୀବଦ୍ଦଶାରେ ସେ କେବେ ନିର୍ବାଚନରେ ହାରିନଥିଲେ ।

ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ଭାବରେ ନନ୍ଦିନୀ ଶତପଥୀ କାର୍ଯ୍ୟଭାର ଗ୍ରହଣ କରିଥିଲେ ୧୯୬୦ ମସିହାରେ । ୧୯୬୨ ମସିହାରେ ଏକ ସମୟରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ନନ୍ଦିନୀଦେବୀଙ୍କୁ ଡକାଇ ହଠାତ୍ ତୁ ଓଡ଼ିଶାରୁ ରାଜ୍ୟସଭାକୁ ସାଂସଦ ଭାବରେ ନିର୍ବାଚିତ ହେବାକୁ କେନ୍ଦ୍ର କଂଗ୍ରେସ ସଭାପତି ସଂଜିବ୍ ରେଡ୍ଡୀ ମୋତେ କହିଛନ୍ତି – ତୋ ନାମଟିକୁ ରାଜ୍ୟସଭା ସାଂସଦ ପଦବୀ ପାଇଁ ରେକମଣ୍ଡେସନ୍ କରି ପଠାଇବାକୁ । ତେଣୁ ତୋତେ ରାଜ୍ୟସଭାକୁ ଯିବାକୁ ହେବ । ସେତେବେଳେ ତାଙ୍କ ଦଳର ସଂଖ୍ୟାଗରିଷ୍ଠ ତଥା ସରକାର ଥିବାରୁ ନନ୍ଦିନୀଦେବୀ ରାଜ୍ୟସଭା ସାଂସଦ ଭାବରେ ନିର୍ବାଚିତ ହୋଇ ନୂଆଦିଲ୍ଲୀ ଗଲେ ।

'ନନ୍ଦିନୀଦେବୀଙ୍କର ରାଜ୍ୟସଭା ସାଂସଦ ଜୀବନର ପ୍ରଥମ ଅଭିଜ୍ଞତା ଥିଲା ତାଙ୍କର ପ୍ରଥମ ଭାଷଣରେ ସେ ପ୍ଲାନିଂ ବିଷୟରେ କହିଥିଲେ, ସେହି ସମୟରେ ଭାରତର ପ୍ରଧାନମନ୍ତ୍ରୀ ଥାଆନ୍ତି ପଣ୍ଡିତ ଜବାହରଲାଲ ନେହେରୁ । ମୋ ଭାଷଣ ସମୟରେ ସେ ମୋତେ ବାରମ୍ବାର ବୁଲି ଚାହୁଁଥିଲେ । କିଛି ସମୟ ପରେ ତାଙ୍କର ନିକଟରେ ବସିଥିବା ଜଣେ ସାଂସଦଙ୍କୁ ପ୍ରଧାନମନ୍ତ୍ରୀ ନେହେରୁ ପଚାରିଥିଲେ 'Who is this Girl.' ସାଂସଦ ଜଣକ ପ୍ରଧାନମନ୍ତ୍ରୀଙ୍କୁ ଉତ୍ତର ଦେଇଥିଲେ- 'She has come from Orissa. Nandini Satpathy.''[୩]

[୩] ତତ୍ରୈବ, ପୃ-୪୭

## ଇନ୍ଦିରାଗାନ୍ଧୀଙ୍କ ସାଙ୍ଗରେ ପ୍ରଥମ ସାକ୍ଷାତ...

ସଂସଦରେ ନନ୍ଦିନୀଙ୍କର ଅଭିଭାଷଣ ଶୁଣି ପ୍ରଧାନମନ୍ତ୍ରୀ ନେହେରୁ ଦିନେ ତାଙ୍କର ଝିଅ ଇନ୍ଦିରାଗାନ୍ଧୀଙ୍କୁ କହିଲେ ନନ୍ଦିନୀଙ୍କୁ ଘରକୁ ଡାକ । ସେହି ସମୟରେ ଇନ୍ଦିରାଗାନ୍ଧୀ କୌଣସି ପଦବୀରେ ନଥିଲେ । ଇନ୍ଦିରାଗାନ୍ଧୀ, ନନ୍ଦିନୀଦେବୀଙ୍କୁ ଘରକୁ ଟେଲିଫୋନ୍ ଯୋଗେ ଡକାଇଥିଲେ । ସେଠାରେ ପ୍ରଧାନମନ୍ତ୍ରୀ ନେହେରୁ ଏବଂ ବିଶେଷତଃ ସେହିଦିନ ଠାରୁ ଇନ୍ଦିରାଗାନ୍ଧୀଙ୍କର ନନ୍ଦିନୀଙ୍କର ଆତ୍ମୀୟତା ବଢ଼ିଯାଇଥିଲା ।

ଇନ୍ଦିରାଗାନ୍ଧୀଙ୍କ ସମୟରେ ନନ୍ଦିନୀଦେବୀ କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗର ଉପମନ୍ତ୍ରୀ ଭାବରେ ୧୯୬୬ରୁ ୧୯୬୮ ମସିହା ପର୍ଯ୍ୟନ୍ତ ବିଶେଷ ଭାବରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । ତାଙ୍କ ସମୟରେ ଭାରତବର୍ଷର ଜନସାଧାରଣ ଦୂରଦର୍ଶନ (ଟି.ଭି.) ଦେଖିବାକୁ ସକ୍ଷମ ହୋଇଥିଲେ ।

୧୯୬୪ ମସିହାରେ ପ୍ରଧାନମନ୍ତ୍ରୀ ନେହେରୁଙ୍କର ହାର୍ଟ ଆଟାକ୍ ହେଲା ଓ ସେ ପ୍ରାଣ ହରାଇଲେ । ତାଙ୍କର ମୃତ୍ୟୁପରେ ଲାଲ୍‌ବାହାଦୂର ଶାସ୍ତ୍ରୀ ପ୍ରଧାନମନ୍ତ୍ରୀ ହେଲେ । ତାଙ୍କର ପ୍ରଧାନମନ୍ତ୍ରୀତ୍ୱରେ ଇନ୍ଦିରାଗାନ୍ଧୀ ସୂଚନା ଓ ପ୍ରସାରଣ ବିଭାଗରେ କ୍ୟାବିନେଟ୍ ମନ୍ତ୍ରୀ ହେଲେ । ଭାରତ ଓ ପାକିସ୍ଥାନ ଯୁଦ୍ଧ ପରେ ପରେ ଶାସ୍ତ୍ରୀଙ୍କର ମୃତ୍ୟୁ ହେଲା ଏବଂ ପରବର୍ତ୍ତୀ ନିର୍ବାଚନରେ ଇନ୍ଦିରାଗାନ୍ଧୀ ପ୍ରଧାନମନ୍ତ୍ରୀ ଭାବରେ ଭାରତବର୍ଷର କ୍ଷମତାକୁ ପରିଚାଳନା କଲେ ।

ଇନ୍ଦିରାଗାନ୍ଧୀଙ୍କର ପ୍ରଧାନମନ୍ତ୍ରୀତ୍ୱ ସମୟରେ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ ତାଙ୍କୁ କେନ୍ଦ୍ରମନ୍ତ୍ରୀ ଭାବରେ ଶପଥପାଠ କରାଇଥିଲେ । ନନ୍ଦିନୀଙ୍କୁ ସୂଚନା ଓ ପ୍ରସାରଣ ବିଭାଗର ଦାୟିତ୍ୱ ଦିଆଗଲା । ନନ୍ଦିନୀ ଏହି ଖୁସି ଖବର ବାପା କାଳିନ୍ଦୀଚରଣ ପାଣିଗ୍ରାହୀଙ୍କୁ ଦେଖାକରି କହିବାରୁ ବାପା କହିଥିଲେ, 'ତୁ ପୁଣି ସୂଚନା ପ୍ରସାରଣ ବିଭାଗର ମନ୍ତ୍ରୀ ହେଲୁ ! ସେତିକିବେଳେ ନନ୍ଦିନୀଦେବୀଙ୍କ ବାପା ଥିଲେ କଟକର ଅଲ୍ ଇଣ୍ଡିଆ ରେଡ଼ିଓ (ଏ.ଆଇ.ଆର୍)ର ପ୍ରୋଗ୍ରାମ ଡାଇରେକ୍ଟର । ୧୯୬୬ରୁ ୧୯୬୮ ଦୁଇବର୍ଷ ନନ୍ଦିନୀଦେବୀ ସୂଚନା ଓ ପ୍ରସାରଣ ବିଭାଗର ମନ୍ତ୍ରୀ ଭାବରେ କାର୍ଯ୍ୟ ସଂପାଦନ ପରେ ୧୯୬୮ରେ ଇନ୍ଦିରାଗାନ୍ଧୀ ପ୍ରଥମଥର ପାଇଁ ଏକ ନୂତନ ବିଭାଗ ଖୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ରାଷ୍ଟ୍ରମନ୍ତ୍ରୀ ଭାବରେ ତାଙ୍କୁ ନିଯୁକ୍ତ କଲେ । ନନ୍ଦିନୀଦେବୀ Minister Attach

to Primeminister ଭାବରେ ଯୋଗଦେଇ ଇନ୍ଦିରାଗାନ୍ଧୀଙ୍କର ବିଶ୍ୱାସଭାଜନ ହୋଇଥିଲେ । ପ୍ରଧାନମନ୍ତ୍ରୀଙ୍କର ସବୁ ପ୍ରଶ୍ନର ଉତ୍ତର ଦେବାପାଇଁ ନନ୍ଦିନୀଦେବୀ ସର୍ବଦା ପ୍ରସ୍ତୁତ ଥିଲେ ।

କେନ୍ଦ୍ରରେ ନନ୍ଦିନୀଦେବୀ ମନ୍ତ୍ରୀ ଥିବାବେଳେ ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥିଲେ । ଏହାର ଏକମାତ୍ର କାରଣ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କର ତାଙ୍କ ପ୍ରତି ଆଶୀର୍ବାଦ । ନନ୍ଦିନୀଦେବୀ ନିଜର କାର୍ଯ୍ୟଧାରା, ବିଚକ୍ଷଣ ବୁଦ୍ଧି, ଅନେକ ଭାଷାରେ ପାରଦର୍ଶିତା, ସର୍ବୋପରି ସାଧାରଣ ଲୋକାଭିମୁଖୀ ଯୋଜନାରୁ ତାଙ୍କୁ ଅତିମାତ୍ରାରେ ପ୍ରଭାବିତ କରୁଥିଲା । ସେଥିପାଇଁ ଇନ୍ଦିରା ତାଙ୍କୁ ଖୁବ୍ ଗୁରୁତ୍ୱପ୍ରଦାନ କରୁଥିଲେ ।

'ଅନ୍ୟ ଏକ ଘଟଣାକ୍ରମ ଉଭୟ ନନ୍ଦିନୀ ଓ ଇନ୍ଦିରାଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାକୁ ଖୋରାକ ଯୋଗାଇଥିଲା । ତାହା ଥିଲା ଶ୍ରୀମା'ଙ୍କ ସହିତ ସମ୍ପର୍କ । ନନ୍ଦିନୀଦେବୀ ପଣ୍ଡିଚେରୀସ୍ଥିତ ଶ୍ରୀମା'ଙ୍କର ଭକ୍ତ ଥିଲେ । ସେ ମଧ୍ୟ ଇନ୍ଦିରାଗାନ୍ଧୀଙ୍କୁ ନେଇ ଶ୍ରୀମାଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ ଓ ଇନ୍ଦିରାଗାନ୍ଧୀଙ୍କ ନିଜର ସମସ୍ୟାକୁ ନନ୍ଦିନୀଙ୍କ ଜରିଆରେ ଶ୍ରୀମାଙ୍କ ମାଧ୍ୟମରେ ସମାଧାନ କରାଉଥିଲେ ।'[୪]

ନନ୍ଦିନୀଦେବୀ ୧୯୬୮ରୁ ୧୯୭୨ ମସିହା ପର୍ଯ୍ୟନ୍ତ ମଧ୍ୟ ଓଡ଼ିଶାରୁ ରାଜ୍ୟସଭା ସାଂସଦ ଭାବରେ ନିର୍ବାଚିତ ହୋଇ କେନ୍ଦ୍ରରେ ମନ୍ତ୍ରୀ ଭାବରେ ସୁଚାରୁରୂପେ କାର୍ଯ୍ୟ ସଂପାଦନ କରିଥିଲେ । ୧୯୭୨ ମସିହାରେ ନନ୍ଦିନୀ ଶତପଥୀ ନିଖିଳ ଭାରତ କଂଗ୍ରେସର କାର୍ଯ୍ୟକାରିଣୀ ସଭ୍ୟ ଭାବରେ ମନୋନୀତ ହୋଇ ମଧ୍ୟ କାର୍ଯ୍ୟ କରିଥିଲେ । ନନ୍ଦିନୀ କିଛିଦିନ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପି.ସି.ସି)ର ସଭାପତି ଭାବରେ କାର୍ଯ୍ୟକରି ଓଡ଼ିଶାରେ ପ୍ରତ୍ୟେକ ଜିଲ୍ଲାରେ କଂଗ୍ରେସର ସଂଗଠନକୁ ମଜବୁତ କରାଇ ପାରିଥିଲେ । ତା ୫.୨.୧୯୭୬ରେ ନନ୍ଦିନୀଦେବୀ ପ୍ରଦେଶ କଂଗ୍ରେସ ସଭାପତି ସମୟରେ ଭୁବନେଶ୍ୱରସ୍ଥ ମାଷ୍ଟରକ୍ୟାଣ୍ଟିନ୍ ଛକରେ 'କଂଗ୍ରେସ ଭବନ' ପ୍ରତିଷ୍ଠା କରିଥିଲେ ।

## ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ନନ୍ଦିନୀ

'କେନ୍ଦ୍ରରେ ଜାତୀୟ ଜରୁରୀକାଳୀନ ପରିସ୍ଥିତିର ପରିପ୍ରେକ୍ଷୀରେ କଂଗ୍ରେସ ଦଳରେ ବିଭାଜନ ହେବାପରେ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କର ନାମାନୁସାରେ ଇଂନ୍ଦିରା କଂଗ୍ରେସ ସମଗ୍ର ଭାରତବର୍ଷରେ

[୪] ତତ୍ରୈବ, ପୃ-୫୪

ପ୍ରତିଷ୍ଠିତ ହୋଇ କାର୍ଯ୍ୟ କରିବାରେ ଲାଗିଲା । ଠିକ୍ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ପ୍ରଧାନମନ୍ତ୍ରୀ ଇନ୍ଦିରା ତାଙ୍କର ଅତ୍ୟନ୍ତ ବିଶ୍ୱସ୍ତା ନନ୍ଦିନୀଦେବୀଙ୍କୁ ଓଡ଼ିଶାରେ ନେତୃତ୍ୱ ନେବାପାଇଁ ସୁଯୋଗ ପ୍ରଦାନ କଲେ । ଇନ୍ଦିରାଜୀଙ୍କର ନିର୍ଦ୍ଦେଶାନୁଯାୟୀ ନନ୍ଦିନୀଦେବୀ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀରୁ ଇସ୍ତଫା ପ୍ରଦାନ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟଭାର ଗ୍ରହଣ କଲେ । ଠିକ୍ ଏହି ସମୟରେ ୧୯୭୨ ମସିହାରେ ନନ୍ଦିନୀଦେବୀ କଟକ ସହରରେ ଲଢ଼ିଥିଲେ ବିଧାନସଭା ପାଇଁ ଉପନିର୍ବାଚନ । ଭୈରବ ମହାନ୍ତିଙ୍କ ଇସ୍ତଫା ପରେ ତାହା ଥିଲା ଏକ ଐତିହାସିକ ନିର୍ବାଚନ । ଓଡ଼ିଶା ଇତିହାସରେ ବି ସେପରି ନିର୍ବାଚନ କ୍ୱଚିତ୍ ଦେଖିବାକୁ ମିଳେ ।'[୫]

'ଶୀର୍ଣ୍ଣକାୟା ସେହି ନନ୍ଦିନୀଦେବୀଙ୍କ ମଣିଷପଣିଆ ଭିତରେ କିନ୍ତୁ ଭରି ରହିଥିଲା ଅଦମ୍ୟ ସାହସ । ସେ ଏକା ସାମ୍ନା କରିଥିଲେ ଭାରତୀୟ ତଥା ଓଡ଼ିଶାର ରାଜନୀତିର କର୍ଣ୍ଣଧାର ତିନିଜଣ ପ୍ରବାଦ ପୁରୁଷ ତଥା ଓଡ଼ିଶାର ତିନିଜଣ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ଡକ୍ଟର ହରେକୃଷ୍ଣ ମହତାବ ଓ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କୁ । ଗୋଟିଏ ପଟରେ ଏକୁଟିଆ ସଙ୍କଳ୍ପବଦ୍ଧ ନନ୍ଦିନୀ, ଅନ୍ୟପଟରେ ଏହି ତିନି ମହାରଥୀ । ତିନିହେଁ ହାତ ମିଳାଇଥାନ୍ତି ନନ୍ଦିନୀଦେବୀଙ୍କୁ ହରାଇବାକୁ, ସାହସରେ ଭରା ସୁଅକୁ ରୋକିବାକୁ । ପୁଣି ନନ୍ଦିନୀଙ୍କର ବିପକ୍ଷରେ ପ୍ରାର୍ଥୀ ହୋଇଥାନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର । ସମସ୍ତେ ଚାହିଁରହିଥାନ୍ତି କ'ଣ ହେବ ନିର୍ବାଚନର ଫଳ । ସବୁ ଆଶା, ଆକାଂକ୍ଷାକୁ ଦୂରେଇ ଦେଇ ସଫଳ ହୋଇ ଉତୁରୀ ଆସିଲେ ନନ୍ଦିନୀଦେବୀ । ବାସ୍ ତା' ପରଠାରୁ ନନ୍ଦିନୀ ଆଉ ପଛକୁ ଫେରି ଚାହିଁନାହାନ୍ତି । ୧୯୭୨ ମସିହାରେ ନନ୍ଦିନୀ ହୋଇଥିଲେ ଓଡ଼ିଶା ଶାସନର ମୁଖିଆ । ରାଜ୍ୟର ପ୍ରଥମ ତଥା ଭାରତବର୍ଷର ୨ୟତମ ମହିଳା ମୁଖ୍ୟମନ୍ତ୍ରୀ ।'[୬]

୧୪.୬.୧୯୭୨ ମସିହାରେ ଓଡ଼ିଶାର ମହାମହିମ ରାଜ୍ୟପାଳ ସର୍ଦ୍ଦାର ଯୋଗେନ୍ଦ୍ର ସିଂହ ନନ୍ଦିନୀଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ଶପଥପାଠ କରାଇଥିଲେ । ନନ୍ଦିନୀଦେବୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ନେବା ପରେ ଓଡ଼ିଶାର ଜନସାଧାରଣ ବିଶେଷତଃ ନାରୀ ସମାଜର ମନରେ ଆନନ୍ଦ ଭାବ ଜାଗ୍ରତ ହେଲା । ନନ୍ଦିନୀଦେବୀଙ୍କର ମୁଖ୍ୟମନ୍ତ୍ରୀତ୍ୱ ସମୟରେ ରାଜ୍ୟରେ

[୫] ତତ୍ରୈବ, ପୃ-୬୧

[୬] ତତ୍ରୈବ, ପୃ-୬୧

ସାଧାରଣତଃ ଗ୍ରାମ ଉନ୍ନୟନ, ଶିକ୍ଷା, ସଂସ୍କୃତି, କଳା ଇତ୍ୟାଦି କ୍ଷେତ୍ରରେ ବିଶେଷ ଭାବରେ ଅଗ୍ରଗତି ହୋଇପାରିଥିଲା ।

ନନ୍ଦିନୀଦେବୀ ରାଜ୍ୟରେ ମୁଖ୍ୟମନ୍ତ୍ରୀ ପଦବୀରେ ଅଧିଷ୍ଠିତ ହେବା ପଛରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ପ୍ରମୁଖ ସହଯୋଗ ରହିଥିଲା । ୧୯୬୯ ମସିହାରେ ଯେତେବେଳେ କଂଗ୍ରେସର ବିଭାଜନ ହୋଇଥିଲା, ସେତେବେଳେ ଡକ୍ଟର ହରେକୃଷ୍ଣ ମହତାବ ଓ ବିଜୁ ପଟ୍ଟନାୟକ ପ୍ରମୁଖ କଂଗ୍ରେସରେ ଯୋଗଦେଲେ ଓ ଅପରପକ୍ଷରେ ନନ୍ଦିନୀ ଶତପଥୀ, ପ୍ରଦ୍ୟୁମ୍ନବଳ, ଭୈରବ ମହାନ୍ତି ପ୍ରମୁଖ ଇନ୍ଦିରା କଂଗ୍ରେସ (କଂଗ୍ରେସ ଆଇ)ର ନେତୃତ୍ୱ ନେଲେ । ସେତେବେଳେ ନନ୍ଦିନୀଦେବୀ କେନ୍ଦ୍ରରେ ଆଟାଚ୍ ଟୁ ପ୍ରାଇମିନିଷ୍ଟର ଭାବରେ କାର୍ଯ୍ୟ ତୁଲାଉଥିଲେ । ଓଡ଼ିଶାରେ ଜନକଂଗ୍ରେସ ଓ ସ୍ୱତନ୍ତ୍ର ଦଳ ଭାଙ୍ଗିଯିବାରୁ ନିଳମଣି ରାଉତରାୟଙ୍କ ସମେତ ଅନେକ ନେତା କଂଗ୍ରେସରେ ଯୋଗଦେଲେ । ସେହି ସମୟରେ ନନ୍ଦିନୀଦେବୀଙ୍କୁ ଓଡ଼ିଶାର ବିଧାୟକ ମାନେ ନେତା ବାଛି ଇନ୍ଦିରାଗାନ୍ଧୀଙ୍କୁ ଜଣାଇଦେଲେ ଓ ଇନ୍ଦିରାଗାନ୍ଧୀ ନନ୍ଦିନୀଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରି ପଠାଇଲେ ।

ଜୁନ୍ ୧୪, ୧୯୭୨ ମସିହାରେ ନନ୍ଦିନୀ ମୁଖ୍ୟମନ୍ତ୍ରୀ ଭାବରେ ଶପଥପାଠ ନେବାବେଳକୁ ସେ ଓଡ଼ିଶା ବିଧାନସଭାରେ ବିଧାୟକ ନଥିଲେ । ତେଣୁ କଟକ ସଦରରୁ ଭୈରବ ମହାନ୍ତି ଇସ୍ତଫା ଦେବା ପରେ ନନ୍ଦିନୀ ସେଠାରେ ଉପନିର୍ବାଚନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କୁ ସମସ୍ତ ପୂର୍ବତନ ମୁଖ୍ୟମନ୍ତ୍ରୀଗଣ ଯଥା-ବିଜୁବାବୁ, ରାଜେନ୍ଦ୍ରନାରାୟଣ ସିଂହଦେଓ ଏବଂ ହରେକୃଷ୍ଣ ମହତାବ ସମର୍ଥନ କରି ମଧ ବୀରେନ୍ ମିତ୍ର ପରାସ୍ତ ହେଲେ । ନନ୍ଦିନୀଦେବୀ ମୁଖ୍ୟମନ୍ତ୍ରୀ ଆସନରେ ବସିବା ଦିନରୁ ଓଡ଼ିଶାର ପ୍ରଗତିପଥରେ ବୀଜରୋପଣ କରିଥିଲେ । ତାଙ୍କର ପ୍ରଥମ ମୁଖ୍ୟମନ୍ତ୍ରୀତ୍ୱ ସ୍ୱଳ୍ପ ସମୟ ମଧ୍ୟରେ ସେ ଗୁଡ଼ିଏ ନୂତନ ଆଇନ୍ ତିଆରି କରିବାର ଯୋଜନା ପ୍ରସ୍ତୁତି କରିଥିଲେ ।

ନନ୍ଦିନୀଦେବୀ ପୁନର୍ବାର ୬.୩.୧୯୭୪ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ଦ୍ୱିତୀୟବାର କ୍ଷମତା ଦଖଲ କଲେ । ପ୍ରଥମ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ତାଙ୍କର ସୁଦୂର ପ୍ରସାରୀ ଯୋଜନାସବୁକୁ କାର୍ଯ୍ୟକାରୀ କରାଇବା ପାଇଁ ପ୍ରାଣପଣେ ଲାଗିପଡ଼ିଥିଲେ । ନନ୍ଦିନୀଦେବୀ ପ୍ରଥମେ ସାମାଜିକ ନ୍ୟାୟ ପାଇଁ ଏକ ସାହସିକ ପଦକ୍ଷେପ ନେଇ ରାଜ୍ୟରେ ଥିବା ଭୂମିହୀନ ବ୍ୟକ୍ତିମାନଙ୍କ ମଧ୍ୟରେ

ଜମି ବଣ୍ଟନ କାର୍ଯ୍ୟକ୍ରମ ହାତକୁ ନେଇ ଜନତାଙ୍କର ପ୍ରିୟଭାଜନ ହୋଇପାରିଥିଲେ । ୧୯୭୪ ମସିହା ଅପ୍ରେଲ ମାସ ୧ ତାରିଖ ଉତ୍କଳ ଦିବସରେ ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ଓ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଏହି ଭୂଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ୨ ଲକ୍ଷ ଏକର ଜମି ବଣ୍ଟନ କରାଯିବା ନିମନ୍ତେ ସେତେବେଳେ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା । ଯାହାକି ୧୯୭୫ ମସିହା ଜାନୁଆରୀ ମାସ ଶେଷ ସୁଧା ୧ ଲକ୍ଷ ୩୯ ହଜାର ୨ ଶହ ୯୪ ଜଣ ଭୂମିହୀନଙ୍କୁ ୨.୨୩ ଲକ୍ଷ ଏକର ଜମି ବଣ୍ଟନ କରାଯାଇଥିଲା । ଏହା ମୁଖ୍ୟତଃ ଆଦିବାସୀ, ହରିଜନ ଓ ଅନ୍ୟାନ୍ୟ ପଛୁଆବର୍ଗ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା ।

ନନ୍ଦିନୀଦେବୀଙ୍କର ମୁଖ୍ୟମନ୍ତ୍ରୀତ୍ୱ କାଳରେ ଅନ୍ୟଏକ ପଦକ୍ଷେପ ନେଇଥିଲେ ମହାଜନୀ କାରବାର ବନ୍ଦ କରିବା ପାଇଁ ଗ୍ରାମାଞ୍ଚଳରେ ସୁଧଖୋର ମହାଜନୀ କାରବାର ବନ୍ଦ କରି ସେମାନଙ୍କର ଶୋଷଣରୁ ଗରିବ ଲୋକମାନଙ୍କୁ ମୁକ୍ତି ଦେବା । ସେ ସମୟରେ ତାଙ୍କର ଥିଲା ସବୁଠାରୁ ଲୋକପ୍ରିୟ କାର୍ଯ୍ୟକ୍ରମ । ଏହି ଆଇନ୍ ପ୍ରଣୟନ କରି ସେ ବହୁ ଧନୀ ବ୍ୟକ୍ତିମାନଙ୍କର ବିଷଦୃଷ୍ଟିରେ ପଡ଼ିଥିଲେ, ମାତ୍ର ଗ୍ରାମାଞ୍ଚଳର ଗରିବ ଦିନ ମଜୁରିଆମାନଙ୍କ ପାଇଁ ଏହି ଆଇନ୍ କରି ସେମାନଙ୍କର ଅଶେଷ କଲ୍ୟାଣ ସାଧନ କରିଥିଲେ ।

ନନ୍ଦିନୀଦେବୀ ସରକାରୀ କର୍ମଚାରୀମାନଙ୍କ ପାଇଁ ଦରଦୀ ବନ୍ଧୁ ଭାବରେ ପରିଗଣିତା ହୋଇଥିଲେ । ସେମାନଙ୍କ ଠାରୁ ଉପଯୁକ୍ତ କାମ ଆଦାୟ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଅଭାବ ଅସୁବିଧା ବୁଝି ଅନେକ ସୁବିଧା ସୁଯୋଗ ପ୍ରଦାନ କରିଥିଲେ । କର୍ମଚାରୀମାନଙ୍କର ଅବସରକାଳୀନ ପେନ୍‌ସନ ପ୍ରଦାନ, ସରେଣ୍ଡର ଲିଭ୍ ଆଦି ପ୍ରଦାନ ନନ୍ଦିନୀଙ୍କର ମୁଖ୍ୟମନ୍ତ୍ରୀତ୍ୱ ସମୟରେ ହୋଇ ଅଦ୍ୟାବଧି ସୂଚାରୁରୂପେ ସଂପାଦନ ହୋଇଚାଲିଛି । ଏତଦ୍‌ବ୍ୟତୀତ ରିହାବିଲଟେସନ ସ୍କିମ୍‌ରେ କୌଣସି ସରକାରୀ କର୍ମଚାରୀ ଅକର୍ମଣ୍ୟ ହୋଇଯାଉଥିଲେ କିମ୍ବା ମୃତ୍ୟୁ ମୁଖରେ ପଡୁଥିଲେ ସେମାନଙ୍କର ସ୍ତ୍ରୀ କିମ୍ବା ପିଲାମାନଙ୍କୁ ସେମାନଙ୍କର ଯୋଗ୍ୟତା ଅନୁଯାୟୀ ସରକାରୀ ଚାକିରୀ ପ୍ରଦାନ ପାଇଁ ଆଇନ୍ ପ୍ରଣୟନ କରି ଏକ ଐତିହାସିକ ପଦକ୍ଷେପ ନେଇଥିଲେ । ଆଜି ପର୍ଯ୍ୟନ୍ତ ଏହି ସୁବିଧା ପାଇଁ ସାଧାରଣ ତଥା ଗରିବ ଶ୍ରେଣୀର ବ୍ୟକ୍ତିମାନେ ଉପକୃତ ହୋଇଆସୁଛନ୍ତି ।

ନନ୍ଦିନୀଦେବୀଙ୍କର ମୁଖ୍ୟମନ୍ତ୍ରିତ୍ୱ ସମୟରେ ଶିକ୍ଷକ ସମାଜ ଓ ସୁରକ୍ଷାବାହାନିର ପୋଲିସମାନଙ୍କର ସେ ଅଶେଷ ଉପକାର କରିଅଛନ୍ତି । ତାଙ୍କ ସମୟରେ ଶିକ୍ଷକମାନଙ୍କର

ଡାଇରେକ୍ଟ ପେମେଣ୍ଟ ହୋଇଥିଲା । ପୋଲିସ୍‌ମାନଙ୍କ ପାଇଁ ମଧ୍ୟ ସେ ଭତ୍ତା ବୃଦ୍ଧି କରି ତାଙ୍କୁ ଅଧିକ କ୍ଷମତା ପ୍ରଦାନ କରିଥିଲେ ।

ନନ୍ଦିନୀଦେବୀଙ୍କର ମୁଖ୍ୟମନ୍ତ୍ରୀତ୍ୱରେ ଅନ୍ୟଏକ ପ୍ରମୁଖ ଅବଦାନ ହେଲା- ବାର୍ଦ୍ଧକ୍ୟ ଭତ୍ତା ଓ ବିଧବା ଭତ୍ତା ପ୍ରଦାନ । ଅସହାୟ ତଥା ସାହାରା ନଥିବା ବୟସ୍କ ଲୋକମାନଙ୍କର ଦୁଃଖକୁ ହୃଦୟଙ୍ଗମ କରି ସେମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ଯେଉଁ ବିଧବା ସ୍ତ୍ରୀ ଲୋକମାନଙ୍କ ଚଳିବା ପାଇଁ ବିଧବା ଭତ୍ତା ପ୍ରଦାନ କରିବାକୁ ଆଇନ୍ ପ୍ରଣୟନ କରି ଏକ ଉଦାର ହୃଦୟର ପରିଚୟ ଦେଇଛନ୍ତି ।

ନନ୍ଦିନୀଦେବୀଙ୍କର ମୁଖ୍ୟମନ୍ତ୍ରୀତ୍ୱ କାଳରେ ଛାତ୍ରସମାଜର ଉନ୍ନତି ପାଇଁ ଛାତ୍ରବୃତ୍ତି ପ୍ରଦାନ ଏକ ଯୁଗୋପଯୋଗୀ କାର୍ଯ୍ୟକ୍ରମ ଥିଲା । ସ୍କୁଲ ଓ କଲେଜର ମେଧାବୀ ପିଲାମାନଙ୍କ ପାଇଁ ଛାତ୍ରବୃତ୍ତି ପ୍ରଚଳନ କରି ସେ ଆଜି ସମଗ୍ର ଛାତ୍ର ସମାଜର ବହୁ ଉପକାର ସାଧନ କରିବା ସଙ୍ଗେ ସଙ୍ଗେ ସେ ଜଣେ ଛାତ୍ରବତ୍ସଳା ମୁଖ୍ୟମନ୍ତ୍ରୀ ଭାବରେ ନିତ୍ୟ ସ୍ମରଣୀୟ ହୋଇ ରହିଛନ୍ତି, ଏଥିରେ ସନ୍ଦେହ ନାହିଁ ।

'ନନ୍ଦିନୀ ଶତପଥୀ ୨ୟବାର ମୁଖ୍ୟମନ୍ତ୍ରୀ ହେବାର ୬ ମାସ ମଧ୍ୟରେ ୧୯୭୪ ମସିହା ଅଗଷ୍ଟ ମାସ ୧୫ ତାରିଖ ପବିତ୍ର ସ୍ୱାଧୀନତା ଦିବସରେ ଯୌତୁକ ବିରୋଧି ଅଭିଯାନ ଆରମ୍ଭ କରିଥିଲେ । ଏହାପରେ ଏକ ଯୌତୁକ ନିରୋଧ ଆଇନ୍ ଆଗତ କରି, ଯୌତୁକ ପ୍ରଥା ବନ୍ଦ କରିବା ପାଇଁ କଡ଼ାକଡ଼ି ନିୟମ ଲାଗୁ କରିଥିଲେ । ଏହାଦ୍ୱାରା ସେ ଅଶେଷ କଲ୍ୟାଣ ସାଧନ କରିଥିଲେ ଗରିବ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ । ମାତ୍ର ବଡ଼ ଦୁଃଖର ବିଷୟ ପରବର୍ତ୍ତୀ ସରକାରରେ ମୁଖ୍ୟମନ୍ତ୍ରୀମାନେ ଏହି ଯୌତୁକ ନିରୋଦ ଆଇନ୍‌କୁ ସଂଶୋଧନ କରି ଉଚ୍ଛେଦ କରିଦେଲେ ଯାହାଦ୍ୱାରା କି ବର୍ତ୍ତମାନ ହଜାର ହଜାର ଯୁବତୀ ଏହି ଯୌତୁକ ରାକ୍ଷସ କବଳରେ ପଡ଼ି ଜର୍ଜରିତ ହେଉଛନ୍ତି । ଯୌତୁକ ନିର୍ଯ୍ୟାତନା ବଢ଼ି ବଢ଼ି ଆଜି ଏକ ମହାମାରୀ ରୂପ ଧାରଣ କଲାଣି । ସମାଜର ଶିକ୍ଷିତ ତଥା ଉଚ୍ଚପଦସ୍ତ ଅଧିକାରୀମାନଙ୍କ ଭିତରୁ ଅନେକ ଆଜି ଏଥିରେ କବଳିତ । ଏଥିରୁ ସ୍ପଷ୍ଟ ଅନୁମାନ ଯେ ନନ୍ଦିନୀ ଶତପଥୀଙ୍କର କାର୍ଯ୍ୟକ୍ରମ କେତେ ସୁଦୂରପ୍ରସାରୀ ଥିଲା ।'[୭]

[୭] ତତ୍ରୈବ, ପୃ-୬୪

ଏତଦ୍‌ବ୍ୟତୀତ ନନ୍ଦିନୀଦେବୀ ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଦୃଷ୍ଟି ଦେଇଥିଲେ ତାହା ନୁହେଁ, ସେ ଏପରି ଯୋଜନା ହାତକୁ ନେଉଥିଲେ ଯେ ଯେଉଁଥିପାଇଁ ସାଧାରଣ ଜନତାଙ୍କର ଉପକାର ହେବା ସଙ୍ଗେ ସଙ୍ଗେ ଓଡ଼ିଶାର ମଧ୍ୟ ପରିବର୍ତ୍ତନ ଘଟିପାରିଥିଲା । ଓଡ଼ିଶାର ସମୃଦ୍ଧି ନିମନ୍ତେ ଶିଳ୍ପର ପ୍ରସାରଣ କରିବା ତାଙ୍କର ମୁଖ୍ୟ କାର୍ଯ୍ୟକ୍ରମ ଥିଲା । ଓଡ଼ିଶାରେ ବେକାରୀ ଦୂରୀକରଣ ପାଇଁ ଭାରତ ସରକାରଙ୍କ ଦ୍ୱାରା ପ୍ରଣୟନ ପଞ୍ଚବାର୍ଷିକ ଯୋଜନାରେ ଦ୍ରୁତ ଶିଳ୍ପାୟନ ପାଇଁ କେନ୍ଦ୍ରରେ ଯେଉଁ ଶିଳ୍ପାୟନ ଅଭିଯାନ ଆରମ୍ଭ କରିଥିଲେ, ସେଥିରେ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କର ବିଶ୍ୱସ୍ତା ନନ୍ଦିନୀଦେବୀ ଓଡ଼ିଶାକୁ ସାମିଲ କରାଇଥିଲେ । ସେ ସମୟରେ ୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ଫର୍ମର କୋକ୍ ପ୍ଲାଣ୍ଟ, ୪୭ କୋଟି ୪୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ତାଳଚେର ଠାରେ ଏକ ସାର କାରଖାନା ଏବଂ ୯ ଜୁନ୍ ୧୯୭୬ ରିଖରେ ମୁଖ୍ୟମନ୍ତ୍ରୀ ନନ୍ଦିନୀଦେବୀ ତାଳଚେର ତାପଜ ବିଦ୍ୟୁତ କେନ୍ଦ୍ର (ଏନ୍‌ଟିପିସି)ର ସମ୍ପ୍ରସାରଣ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ନନ୍ଦିନୀଦେବୀ ୨୧ ମାର୍ଚ୍ଚ ୧୯୭୬ ରିଖରେ ୧୦୪ କୋଟି ଟଙ୍କା ବ୍ୟୟ ଅଟକଳରେ ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ କରି ଏକ ସ୍ମାରକୀ ସ୍ତମ୍ଭ ସେଠାରେ ଉନ୍ମୋଚନ କରିଥିଲେ ।

ନନ୍ଦିନୀଦେବୀ ୧ ଏପ୍ରିଲ ୧୯୭୪ ମସିହାରେ ପବିତ୍ର ଉତ୍କଳ ଦିବସରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ପାରାଦୀପ ସାର କାରଖାନା (ପିପିଏଲ୍)ର ଭିତ୍ତିପ୍ରସ୍ତର ପକାଇଥିଲେ । ଯାହାକି ଏସିଆ ମହାଦେଶରେ ଏକ ପ୍ରମୁଖ ସାରକାରଖାନା ଭାବରେ ବିଶ୍ୱ ଶିଳ୍ପ ମାନଚିତ୍ରରେ ଓଡ଼ିଶାର ସ୍ୱତନ୍ତ୍ରସ୍ଥାନ ନନ୍ଦିନୀଦେବୀ ବଜାୟ ରଖିବାରେ ସକ୍ଷମ ହୋଇଥିଲେ ।

ନନ୍ଦିନୀଦେବୀ ଡିସେମ୍ବର ମାସ ୧୧ ତାରିଖ ୧୯୭୨ ମସିହାରେ ଏସିଆ ବାଣିଜ୍ୟ ମେଳାରେ ଓଡ଼ିଶା ମଣ୍ଡପରେ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କୁ ଦେଖାଇବା ସମୟରେ ଓଡ଼ିଶାର ପ୍ରସିଦ୍ଧି ଲାଭ କରିଥିବା ସମ୍ବଲପୁରୀର ଏକ ଶାଢ଼ି ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କୁ ଉପହାର ଦେଇଥିଲେ । ଉକ୍ତ ଶାଢ଼ିରେ ଓଡ଼ିଶାର ବୁଣାକାରମାନଙ୍କର ହସ୍ତକଳାକୃତିର ନମୂନା ପ୍ରକାଶିତ ହୋଇଥିଲା ।

ନନ୍ଦିନୀଦେବୀ ୩୮ କୋଟି ଟଙ୍କା ବ୍ୟୟରେ ସୁକିନ୍ଦାରେ ଏକ ନିକେଲ କାରଖାନା, ୧୧ କୋଟି ଟଙ୍କା ବ୍ୟୟରେ ଫୋରୋଭାନାଡିୟମ କାରଖାନା, ୨୧ କୋଟି ଟଙ୍କା ବ୍ୟୟରେ ତାଳଚେର

ଠାରେ ଏକ ଗୁରୁଜଳ କାରଖାନା, ୩୫ କୋଟି ଟଙ୍କା ଅଟକଳରେ ତାଳଚେର ଠାରେ ଏକ ଆଇରନ୍ ରିକଭରି କାରଖାନା, ୧୫ କୋଟି ୧୫ ଲକ୍ଷ ଟଙ୍କା ଅଟକଳରେ ଗୋପାଳପୁର ଠାରେ ଇଣ୍ଡିଆନ୍ ରେୟାର ଆର୍ଥ କମ୍ପ୍ଲେକ୍ସ ଏହିଭଳି ଅନେକ ଶିଳ୍ପ ପ୍ରତିଷ୍ଠା କରିଥିଲେ । ତାଙ୍କର ପାରାଦୀପ ଠାରେ ୨୪୧ କୋଟି ଟଙ୍କାରେ ସାର କାରଖାନା କାର୍ଯ୍ୟ ସେ ଆରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ଦ୍ୱାରା ।

'ନନ୍ଦିନୀଦେବୀ ଆହୁରି ମଧ୍ୟ ସରକାରୀ ଓ ବେସରକାରୀ ଭାବରେ ୪ ଗୋଟି ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିଥିଲେ, ଯାହାକି ତାଙ୍କର ମୁଖ୍ୟମନ୍ତ୍ରୀତ୍ୱ ସମୟ ୧୯୭୪-୭୫ ମସିହାରେ ଉତ୍ପାଦନ ଆରମ୍ଭ ହୋଇଥିଲା । ସେଗୁଡ଼ିକ ହେଲା-

୧-ଢେଙ୍କାନାଳରେ କଳିଙ୍ଗ ଝୋଟ କାରଖାନା

୨-ତାଳଚେର ଠାରେ ୟୁନିକ୍ ବିଲଡର୍ସ

୩-ରାଉରକେଲା ଠାରେ ଏସିଆଟିକ୍ ଅକ୍ସିଜେନ

୪-ରୂପ୍‌ସା ଠାରେ ଝୋଟ ସୁତୁଲି କାରଖାନା'[୮]

ଆଦ୍ୟ ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ନନ୍ଦିନୀଦେବୀଙ୍କର ଅନବିଦ୍ୟ କୃତି । ନନ୍ଦିନୀଦେବୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏହିସବୁ କାରଖାନାମାନଙ୍କରେ ଅନେକ ବେକାରୀଙ୍କୁ ନିଯୁକ୍ତି ମିଳିଥିଲା । ନନ୍ଦିନୀଦେବୀଙ୍କ ପ୍ରଚେଷ୍ଟାରେ କୃଷ୍ଣନଗର ଠାରେ ଏକ ଚିନିକଳ ବସିବା ସହିତ ସାରା ଓଡ଼ିଶାରେ ଆହୁରି ବହୁତ କଳକାରଖାନା ଗଢ଼ି ଉଠିଥିଲା ।

ନନ୍ଦିନୀ ଶତପଥୀଙ୍କର ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଜଳସେଚନ ବ୍ୟବସ୍ଥାକୁ ମଧ୍ୟ ଖୁବ୍ ଗୁରୁତ୍ୱ ପ୍ରଦାନ କରୁଥିଲେ । ସେ ଅନେକ ଗୁଡ଼ିଏ ଉଠା ଜଳସେଚନ ବସାଇବା ସଙ୍ଗେ ସଙ୍ଗେ ଅପରକୋଲାବ୍ ଜଳ ପ୍ରକଳ୍ପ, ରେଙ୍ଗାଲୀ ପ୍ରୋଜେକ୍ଟ ପରି ଅନେକ କ୍ଷୁଦ୍ର ଓ ମଧ୍ୟମ ଧରଣର ଜଳ ପ୍ରକଳ୍ପର ଶୁଭାରମ୍ଭ କରାଇଥିଲେ । ଯାହାକି କୃଷକମାନଙ୍କର ଜମିରେ ପାଣି ହୋଇ ସେମାନଙ୍କର ମନରେ ଆନନ୍ଦର ଲହରୀ ଖେଳିଯାଇଥିଲା । ସତେ ଯେପରିକି ନନ୍ଦିନୀଦେବୀ କୃଷକମାନଙ୍କର ମା' ଲକ୍ଷ୍ମୀ ଭାବରେ ଆବିର୍ଭାବ ହୋଇଥିଲେ ।

[୮] ତତ୍ରୈବ, ପୃ-୬୫

'ହରିଜନ ଓ ଆଦିବାସୀମାନଙ୍କର ଉନ୍ନତି ନିମନ୍ତେ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ନନ୍ଦିନୀଦେବୀ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ । ସେମାନଙ୍କର ମଧ୍ୟରେ ଘର ନଥିବା ପରିବାରମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଘର ଯୋଗାଇ ଦେବାପାଇଁ ଭାରତ ସରକାରଙ୍କର ନିକଟରେ ଦୃଢ଼ ଦାବି କରିଥିଲେ ।'[୯]

ଦିନକର ଘଟଣା-ନନ୍ଦିନୀଦେବୀ ନୂଆଦିଲ୍ଲୀ ଠାରେ କେନ୍ଦ୍ର ପ୍ଲାନିଙ୍ଗ୍ କମିଶନର ଚେୟାରମ୍ୟାନ୍ ତଥା ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ଏବଂ କେନ୍ଦ୍ର ପ୍ଲାନିଙ୍ଗ୍ କମିଶନର ଡେପୁଟୀ ଚେୟାରମ୍ୟାନ୍ ପି.ଏନ୍. ହକ୍ସରଙ୍କର ନିକଟରେ ଯାଇ ଅଭିଯୋଗ କରିଥିଲେ ପ୍ଲାନିଙ୍ଗ୍ କମିଶନଙ୍କର ବୈଠକରେ ଓଡ଼ିଶାରେ ଲୋକଙ୍କର ରହିବା ପାଇଁ ଘର ନାହିଁ । ଏହି କଥା ଶୁଣି ପି.ଏନ୍ ହକ୍ସର କହିଥିଲେ ଯେ, ନନ୍ଦିନୀଦେବୀଜୀ ମୁଝେ ଲଗତା ଆପ୍ ଓଡ଼ିଶାକୋ ଏକ ଅଟୋନମସ୍ ଷ୍ଟେଟ୍ ବନାଏଙ୍ଗେ । ମୁଁ (ନନ୍ଦିନୀଦେବୀ) କିନ୍ତୁ ନଶୁଣିବାରୁ ପ୍ରଧାନମନ୍ତ୍ରୀ ଇନ୍ଦିରା ୧୯୭୪ରେ 'କଳିଙ୍ଗକୁଟୀର' ନାମକ ଏକ ସ୍କିମ୍‌ରେ ଗୃହ ନିର୍ମାଣ କରି ଜୟନ୍ତୀ ଭିଲେଜ ତିଆରି କଲେ । ସେଗୁଡ଼ିକୁ ସବୁ ଆଦିବାସୀ ଓ ହରିଜନମାନଙ୍କୁ ଘର ନଥିବା ବ୍ୟକ୍ତିଙ୍କୁ ବଣ୍ଟାଗଲା । ପରବର୍ତ୍ତୀ ଏହି ଘରଗୁଡ଼ିକର ନାମକରଣ କରାଗଲା "ଇନ୍ଦିରା ଆବାସ ଯୋଜନା" । ସେହିପରି ଆଦିବାସୀମାନଙ୍କର ପାଇଁ ନନ୍ଦିନୀଦେବୀ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ୍ ପ୍ରଣୟନ କରିଥିଲେ । ସେହି ଆଇନ୍‌ରେ ବ୍ୟବସ୍ଥା ଥିଲା ଯେ- ଆଦିବାସୀମାନଙ୍କ ଠାରୁ ତାଙ୍କର ଜମିକୁ ଅଣ-ଆଦିବାସୀମାନେ ନେଇପାରିବେ ନାହିଁ ।

ନନ୍ଦିନୀଦେବୀଙ୍କର ମୁଖ୍ୟମନ୍ତ୍ରୀତ୍ୱରେ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ଅଗ୍ରଗତି କରିପାରିଥିଲା । ବିଶେଷକରି ସେ ମନ୍ଦିରଗୁଡ଼ିକର ଉନ୍ନତି କ୍ଷେତ୍ରରେ ନିଜକୁ ଉତ୍ସର୍ଗ କରିଥିଲେ । ସବୁ ପୁରାତନ ମନ୍ଦିର ଗୁଡ଼ିକର ସୁରକ୍ଷା ପାଇଁ ସେ ଜୀର୍ଣ୍ଣୋଦ୍ଧାର କାର୍ଯ୍ୟ କରାଇଥିଲେ । ପ୍ରାଚୀନ କୀର୍ତ୍ତିଗୁଡ଼ିକର ସୁରକ୍ଷା ପାଇଁ ସେ ବହୁ ପଦକ୍ଷେପ ନେଇଥିଲେ । ତା'ଛଡ଼ା ଖୋର୍ଦ୍ଧାର ଜଙ୍କିଆ ଠାରେ ଏକ କୁଷ୍ଠ ସେବାଶ୍ରମ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ଜମି ଯୋଗାଇ ଦେଇଥିଲେ । ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ନୋବେଲ ପୁରସ୍କାର ବିଜୟିନୀ, ବିଶ୍ୱରେ ଶାନ୍ତିଦୂତରାଣୀ ମଦର ଟେରେସା ଓଡ଼ିଶା ଗସ୍ତରେ ଆସି ସେହି କୁଷ୍ଠାଶ୍ରମ ନିର୍ମାଣ ପାଇଁ ତାଙ୍କରି ହାତରୁ ଜମି ପଟ୍ଟା ନେଇଥିଲେ ।

[୯] ତତ୍ରୈବ, ପୃ-୬୫

'ନନ୍ଦିନୀ ଶତପଥୀଙ୍କର ମୁଖ୍ୟମନ୍ତ୍ରୀତ୍ୱ ସମୟରେ କୃଷି ପାଇଁ ବହୁ ନୂଆ ନୂଆ ଯୋଜନା ସବୁ ପ୍ରସ୍ତୁତ କରିଥିଲେ । ସେଥିମଧ୍ୟରେ ଫଳଚାଷ ଉପରେ ଗୁରୁତ୍ୱ ପ୍ରଦାନ କରି ଏକ ପ୍ଲାନ୍ ପ୍ରସ୍ତୁତ କରିଥିଲେ-ଓଡ଼ିଶାରେ ଯେଉଁ ଯେଉଁ ଜାଗାରେ କେନାଲବନ୍ଧ ଅଛି ସେହି ବନ୍ଧର ଦୁଇପାର୍ଶ୍ୱରେ ନଡ଼ିଆଗଛ ଲଗାଇବାକୁ । ଏହାଦ୍ୱାରା ବିନା ପରିଶ୍ରମରେ ଦୁଇଟି ସ୍ୱାର୍ଥ ହାସଲ ହେବ । ଚାରାଗୁଡ଼ିକ ଟିକିଏ ବଡ଼ ହେବାପରେ କେନାଲରୁ ଆପେ ଆପେ ପାଣି ଗ୍ରହଣ କରି ବଢ଼ିବ । ଫଳ ଧରିବା ବେଳକୁ ନିକଟସ୍ଥ ଚାଷୀମାନଙ୍କୁ କିଛି କିଛି ଗଛକୁ ଲିଜ୍ ସୂତ୍ରରେ ଦେଇ ସରକାର କିଛି ରାଜସ୍ୱ ସଂଗ୍ରହ କରିବା ସଙ୍ଗେ ସଙ୍ଗେ ନିକଟସ୍ଥ ଗ୍ରାମବାସୀମାନେ ବି ଦି' ପଇସା ପାଇପାରିବେ । କିନ୍ତୁ ନନ୍ଦିନୀଦେବୀ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଟିକିଏ ଅସୁବିଧାରେ ପଡ଼ିଯାଇଥିଲେ । କାରଣ ଏ କାମଟା କୃଷିବିଭାଗର । କୃଷି ବିଭାଗର ଡାଇରେକ୍ଟର ଥାଆନ୍ତି ନନ୍ଦିନୀଦେବୀଙ୍କର ବଡ଼ଭାଇ ନିହାର ରଂଜନ ପାଣିଗ୍ରାହୀ, ଯାହାଙ୍କୁ ତାଙ୍କର ଖୁବ୍ ଡର ଥିଲା । ଦିନେ ଏକ ଅଫିସିଆଲ ମିଟିଙ୍ଗରେ ସେ ଭାଇଙ୍କର ମୁହଁକୁ ନ ଚାହିଁ ତଳକୁ ମୁହଁକରି କହିଥିଲେ, ମୁଁ ଚାହୁଁଛି ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ । ନିହାରବାବୁ ଥିଲେ ଜଣେ ସଚ୍ଚୋଟ ଓ ଦକ୍ଷ ଅଫିସର । ତାଙ୍କ ସମୟରେ ସେ କୃଷି ବିଭାଗରେ ଅନେକ ସଂସ୍କାର ଆଣିପାରିଥିଲେ । କୃଷି ବିଭାଗର ସମସ୍ତ କର୍ମଚାରୀ ନିହାରବାବୁଙ୍କୁ ଭୟ ଓ ଭକ୍ତି କରୁଥିଲେ । ତାଙ୍କ ମନକୁ ଏ କଥାଟା ପାଇଗଲା ଓ ସେ ସଙ୍ଗେ ସଙ୍ଗେ ଅର୍ଡର ଦେଇ ଏହାକୁ କାର୍ଯ୍ୟକାରୀ କରାଇଥିଲେ । ସେତେବେଳେ ସେମାନେ ଭାଇଭଉଣୀ ଥାଇ ମଧ୍ୟ ନିଜନିଜର ସ୍ୱାର୍ଥ ପାଇଁ କେହି କାହା ଉପରେ କୌଣସି ଚାପ ପକାଉନଥିଲେ ।'[୧୦]

ନନ୍ଦିନୀଦେବୀ ତାଙ୍କର ମୁଖ୍ୟମନ୍ତ୍ରୀତ୍ୱ ସମୟରେ ବିଶେଷକରି ଓଡ଼ିଶାରେ ଗଣମାଧ୍ୟମରେ ବିକାଶ ଦିଗରେ ସହାୟକ ହୋଇପାରିଥିଲେ । ଅଗଷ୍ଟ ୧, ୧୯୭୫ ମସିହାରେ ନନ୍ଦିନୀ ଉପଗ୍ରହ ଜରିଆରେ ଓଡ଼ିଶାରେ ପ୍ରଥମେ ଦୂରଦର୍ଶନ (ଟି.ଭି.) କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଓ ଟି.ଭି.ର ପ୍ରଥମ ପରଦାରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ପ୍ରତିଛବିକୁ ଦେଖିଥିଲେ । ଯାହାର ଫଳସ୍ୱରୂପ ଆଜି ଓଡ଼ିଶାରେ ଘରେ ଘରେ ଟି.ଭି.ର ବହୁଳ ପ୍ରସାର ହୋଇପାରିଅଛି । ନନ୍ଦିନୀଦେବୀ ଓଡ଼ିଶା ସୂଚନାଭବନ ନିର୍ମାଣ କରିଥିଲେ । ନନ୍ଦିନୀ ମଧ୍ୟ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରେ 'ସୂଚନା ଭବନ' ନିର୍ମାଣ କରାଇଥିଲେ, ପରବର୍ତ୍ତୀ ସମୟରେ

[୧୦] ତତ୍ରୈବ, ପୃ-୬୭

ଯାହାର ନାମ ବଦଳାଯାଇ ଜୟଦେବଙ୍କ ନାମରେ ନାମିତ କରି 'ଜୟଦେବ ଭବନ' ରଖାଯାଇଛି । ଅଦ୍ୟାବଧି ଯେଉଁଠାରେ ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକସମ୍ପର୍କ ବିଭାଗର ବିଭିନ୍ନ ସଭାସମିତି, ସରକାରୀ ସଭା ବ୍ୟତୀତ ରାଜ୍ୟର ବିଭିନ୍ନ ସାମାଜିକ ଅନୁଷ୍ଠାନମାନେ ମଧ୍ୟ ସେମାନଙ୍କର କାର୍ଯ୍ୟକ୍ରମ ଆୟୋଜନ କରିପାରୁଛନ୍ତି । ଏତଦ୍‌ବାଦ ସେ ନିଜେ ନିଜର ମାଲିକାନାରେ ତା ୨୪.୧୧.୧୯୭୩ରିଖରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରସ୍ଥ ରସୁଲଗଡ଼ ଶିଳ୍ପାଞ୍ଚଳରେ 'ଧରିତ୍ରୀ' ପ୍ରତିଷ୍ଠା କରିଥିଲେ । ଓଡ଼ିଶାର ସର୍ବାଧିକ ପ୍ରସାରିତ ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ' ଆଜି ପ୍ରତିଷ୍ଠିତ । ବର୍ତ୍ତମାନ 'ଧରିତ୍ରୀ' ୩୫ ବର୍ଷ ଯୌବନରେ ପଦାର୍ପଣ କରିଅଛି । ନନ୍ଦିନୀଦେବୀଙ୍କର ସାନପୁଅ ତଥାଗତ ସତପଥୀ ବର୍ତ୍ତମାନ ଧରିତ୍ରୀର ସମ୍ପାଦକ ଅଛନ୍ତି ଏବଂ ତଥାଗତବାବୁଙ୍କର ଧର୍ମପତ୍ନୀ ଶ୍ରୀମତୀ ଆଦ୍ୟାଶା ସତପଥୀ ବର୍ତ୍ତମାନ 'ଧରିତ୍ରୀ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବରେ କାର୍ଯ୍ୟ ସମ୍ପାଦନ କରୁଅଛନ୍ତି । 'ଧରିତ୍ରୀ'ର ସମ୍ପାଦକ ତଥାଗତବାବୁ "ମିଡ଼ିଆ ଷ୍ଟଡିଜ୍ ଇନ୍‌ଷ୍ଟିଚ୍ୟୁଟ୍" ଗଠନ କରି ଏହାର ଚେୟାରମ୍ୟାନ୍ ଭାବରେ ଦାୟିତ୍ୱ ବହନ କରି 'ସାମ୍ବାଦିକ' ସୃଷ୍ଟି କରିବାରେ ଓଡ଼ିଶାରେ ପ୍ରତିଷ୍ଠିତ ହୋଇପାରିଛନ୍ତି । ଏହା ଥିଲା ନନ୍ଦିନୀଦେବୀଙ୍କର ଓଡ଼ିଶାରେ ଗଣମାଧ୍ୟମକୁ ଅବଦାନ ।

ନନ୍ଦିନୀଦେବୀ ଯେକୌଣସି କଥାକୁ ନେଇ ଗମ୍ଭୀର ଭାବରେ ଆଲୋଚନା କରୁନଥିଲେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାର ମାତ୍ର ୪ ମାସ ପରେ ଅର୍ଥାତ୍ ୨୯.୯.୧୯୭୨ ମସିହା ଶୁକ୍ରବାରଦିନ "ନନ୍ଦିନୀଙ୍କୁ ହତ୍ୟାଧମକ ଶିରୋନାମା"ରେ ଏକ ସମ୍ବାଦ ପ୍ରକାଶ ପାଇଲା । ନନ୍ଦିନୀ ଏହି ସମ୍ବାଦଟିକୁ ପଢ଼ି ତାଙ୍କର ସାମାନ୍ୟତମ ପ୍ରତିକ୍ରିୟା ପ୍ରକାଶ କରିନଥିଲେ । ଦିନେ ଇନ୍ଦିରାଗାନ୍ଧୀଙ୍କର ବାପା ପଣ୍ଡିତ ଜବାହରଲାଲ ନେହେରୁ କହିଥିଲେ, ମୋ ଝିଅ ଇନ୍ଦିରା ପାଇଁ ମୁଁ ଗର୍ବିତ । ଠିକ୍ ସେହିପରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇ ଅନ୍ୟାୟ ପାଇଁ ଅହରହ ସଂଗ୍ରାମ କରୁଥିବାରୁ ଆଦରର ଗେହ୍ଲାଝିଅ ନନ୍ଦିନୀଙ୍କ ପାଇଁ ବାପା ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ ଦିନେ ବେଶ୍ ଗର୍ବିତ ହୋଇଥିଲେ ।

ନନ୍ଦିନୀଦେବୀ ରାଜନୈତିକ ଷଡ଼ଯନ୍ତ୍ରର ଶିକାର ହୋଇଥିଲେ । ୧୯୭୬ ମସିହା ଡିସେମ୍ବର ମାସରେ ତାଙ୍କ ପାଇଁ ଏକ ଅଗ୍ନି ପରୀକ୍ଷାର ମାସ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ତାଙ୍କର ଚାରିପାଖରେ ଶତ୍ରୁମାନଙ୍କର ପଦଧ୍ୱନୀ । ରାଜ୍ୟଠାରୁ କେନ୍ଦ୍ର ପର୍ଯ୍ୟନ୍ତ ତାଙ୍କ ବିରୁଦ୍ଧରେ ଏକ ଷଡ଼ଯନ୍ତ୍ର ଚାଲିଥିଲା । ଏହି ଷଡ଼ଯନ୍ତ୍ର ବିଷୟରେ ସେ କିଞ୍ଚିତ ସୂଚନା ପାଇଥିଲେ ମଧ୍ୟ ତାଙ୍କର ତିଳେମାତ୍ର ଭ୍ରୁକ୍ଷେପ ନଥିଲା । ଇନ୍ଦିରାଗାନ୍ଧୀଙ୍କର ପୁଅ ସଂଜୟ ଗାନ୍ଧୀ ଏହି ଷଡ଼ଯନ୍ତ୍ରର ମୁଖ୍ୟ

ସୂତ୍ରଧର ଥିଲେ ମଧ୍ୟ ଓଡ଼ିଶାର କିଛି ରାଜନୈତିକ ନେତା ଏଥିରେ ସାମିଲ ହୋଇଥିଲେ । ଏହାର ମୁଖ୍ୟ କାରଣ ଥିଲା ନନ୍ଦିନୀଦେବୀଙ୍କୁ ମୁଖ୍ୟମନ୍ତ୍ରୀ ଆସନରୁ ହଟାଇଦେବା । ନିଷ୍ଠେ ସ୍ୱାଭିମାନୀ ନନ୍ଦିନୀଦେବୀ ବଞ୍ଚିଥିବା ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନରେ ବସିବେ ବୋଲି ଉକ୍ତ ଷଡ଼ଯନ୍ତ୍ରକାରୀ ନେତାମାନଙ୍କର ଧାରଣା ଥିଲା ।

ସେହିବର୍ଷ ଭାରତବର୍ଷରେ ଜରୁରୀକାଳୀନ ପରିସ୍ଥିତି ଜାରି ହୋଇଥିବା ଯୋଗୁଁ ପ୍ରଧାନମନ୍ତ୍ରୀ ଇନ୍ଦିରାଙ୍କର ଦପ୍ତରରୁ ଫୋନ୍ ଡାକରା ପାଇ ନନ୍ଦିନୀଦେବୀ ଯାଇ ଦିଲ୍ଲୀରେ ପହଞ୍ଚିଲେ ଏବଂ ଏୟାରପୋର୍ଟରୁ ନନ୍ଦିନୀଦେବୀ ସିଧା ଚାଲିଲେ ଇନ୍ଦିରାଜୀଙ୍କର ବାସଭବନକୁ । ସେଠାରେ ଇନ୍ଦିରା ଓ ସିଦ୍ଧାର୍ଥଶଙ୍କର ରାୟ ବସି ଲେଖାଲେଖି କରୁଥିଲେ । ଇନ୍ଦିରା ନନ୍ଦିନୀଙ୍କୁ କହିଲେ ତୁମେ ବସିଥା ଆମେ ଅଳ୍ପ ସମୟପରେ ଆସିଲେ କଥା ହେବା । ସେମାନେ ଚାଲିଗଲାପରେ ଇନ୍ଦିରାଜୀଙ୍କର ପୁଅ ସଂଜୟ ଗାନ୍ଧୀ ଆସି ନନ୍ଦିନୀଙ୍କୁ କହିଲେ-ଆଣ୍ଟିଜୀ, କାଲ୍ ଆପକୋ ଯିତ୍‌ନା ଆଖବର ହେ ସବ୍ ବନ୍ଦ କରଦୋ । ନନ୍ଦିନୀଦେବୀ ଉତ୍ତର ଦେଲେ, ମୁଁ କିପରି ବନ୍ଦ କରିବି ? କାରଣ ଖବରକାଗଜ ସବୁ ସରକାରଙ୍କର ନୁହେଁ । ପୁଣି ସଂଜୟ ଗାନ୍ଧୀ ନନ୍ଦିନୀଙ୍କୁ କହିଲେ- ଠିକ୍‌ହେ ଆପ୍ ଲାଇଟ୍ ଔର ପାନି ବନ୍ଦ କରଦିଜିଏ । ନନ୍ଦିନୀ ଏହାର ବିରୋଧ କଲେ । ନନ୍ଦିନୀଜୀ କହିଲେ, ମୁଁ ଏହା ବନ୍ଦ କରିପାରିବି ନାହିଁ । ମୋ ପକ୍ଷରେ ଏଇଟା ଉଚିତ ନୁହେଁ । ସଂଜୟ କ୍ରୋଧମିଶା ସ୍ୱରରେ କହିଲେ- "କ୍ୟୁଁ ଆପ୍ ତୋ ଚିଫ୍‌ମିନିଷ୍ଟର ହେଁ ।" ନନ୍ଦିନୀ କଥାଟିକୁ ନ ବଢ଼ାଇ କହିଲେ-ଯବ୍ ତୁହ୍ମାରା ମମି ଆଏଙ୍ଗେ ଉନ୍‌କାସାଥ୍ ମେ ବାତ୍ କରୁଙ୍ଗା । ବାସ୍, ଏତିକିରେ ସଂଜୟଙ୍କର ରାଗ ଉଠିଗଲା କି କ'ଣ ସେ ସେ ସ୍ଥାନ ଛାଡ଼ି ଚାଲିଗଲେ । ନନ୍ଦିନୀଦେବୀ କିଛି ସମୟ ଅପେକ୍ଷା କରି ଇନ୍ଦିରା ଗାନ୍ଧୀ ଯେତେବେଳେ ଡାକିବେ ଭାବି ସେ ତାଙ୍କର ସ୍ୱାମୀ ସାଂସଦ ଦେବେନ୍ଦ୍ର ଶତପଥୀ ରହୁଥିବା ୬୦, ଲୋଧି ଇଷ୍ଟେଟ୍‌କୁ ଫେରିଆସିଲେ । ତା'ପରେ ସଂଜୟ ମା' ଇନ୍ଦିରାଙ୍କୁ କ'ଣ କହିଲେ କେଜାଣି ଇନ୍ଦିରା ନନ୍ଦିନୀଙ୍କୁ ଡାକିଲେନି କିମ୍ବା ନନ୍ଦିନୀଦେବୀ ଇନ୍ଦିରାଜୀଙ୍କର ନିକଟକୁ ଗଲେନାହିଁ ।

ନନ୍ଦିନୀଦେବୀଙ୍କର ମୁଖ୍ୟମନ୍ତ୍ରୀ ପଦବୀର ବିଦାୟ ମୁଖ୍ୟତଃ ସଂଜୟଗାନ୍ଧୀଙ୍କର ଷଡ଼ଯନ୍ତ୍ରରେ ହୋଇଥିଲା । ସଂଜୟ ଓଡ଼ିଶାର ୧୧ ଜଣ ସାଂସଦଙ୍କର ଦସ୍ତଖତ ନେଇ ପ୍ରଧାନମନ୍ତ୍ରୀ ଇନ୍ଦିରାଙ୍କୁ ଦେବାପାଇଁ ଷଡ଼ଯନ୍ତ୍ରକାରୀ ନେତାଙ୍କର ପ୍ରରୋଚନାରେ ନିଜର ବିବେକ ବାଧା ଦେଲା । କହିଲେ ଏତିକି ଦସ୍ତଖତରେ ମମି ଇନ୍ଦିରା ନନ୍ଦିନୀଙ୍କୁ ତଡ଼ିବେ ନାହିଁ ମୁଖ୍ୟମନ୍ତ୍ରୀରୁ, କାରଣ ତାଙ୍କ ସହ ତାଙ୍କର ଭଲ ସମ୍ପର୍କ ଅଛି ।

ଇନ୍ଦିରାଗାନ୍ଧୀଙ୍କର ପୁଅ ସଂଜୟ ଗାନ୍ଧୀ ଯେଉଁ ରାଜ୍ୟକୁ ଯାଉଥିଲେ ସେ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ତାଙ୍କୁ ଏୟାରପୋର୍ଟରୁ ସ୍ୱାଗତ କରିବାକୁ ଯାଉଥିଲେ । କିନ୍ତୁ ସ୍ୱାଭିମାନୀ ନନ୍ଦିନୀଙ୍କୁ ଏସବୁ ଖରାପ ଲାଗୁଥିଲା । ସେହିଦିନଠାରୁ କଂଗ୍ରେସ ସଭାପତି ଏକ ନୋଟିସ୍ ପ୍ରତି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଦେଲେ । ସେଥିରେ ଲେଖାଥିଲା ସଂଜୟଙ୍କୁ ବିମାନବନ୍ଦରରେ ସ୍ୱାଗତ ନକରିବା ପାଇଁ ।

ଦିନକର ଘଟଣା । ବାଲେଶ୍ୱରର ମନ୍ମଥ ଦାଶ ନାମକ ଜଣେ ଯୁବକଂଗ୍ରେସ ନେତା ଥିଲେ । (ଏହା ଭିତରେ ସେ ସ୍କୁଟର ଆକ୍‌ସିଡେଣ୍ଟରେ ମରିଗଲେଣି ।) ସେ ଗୋଟିଏ ରେପ୍ କରିଥିଲା ଏବଂ ଓଡ଼ିଶା ପୋଲିସ ତାଙ୍କୁ ଆରେଷ୍ଟ କରିଥିଲେ । ସେହି କେଶ୍‌ରେ ଇନ୍ଦିରାଗାନ୍ଧୀ ଓ ସଂଜୟ ଗାନ୍ଧୀ ମତେ କହିଲେ ଯୁବକଂଗ୍ରେସ ନେତା ମନ୍ମଥଙ୍କୁ ଛାଡ଼ିଦେବା ପାଇଁ । ମୁଁ ଏଥିରେ ଖୁବ୍ ଆଶ୍ଚର୍ଯ୍ୟ ହେଲି ଏବଂ ତାଙ୍କ ସହିତ ଏଥିରେ ଏକମତ ହୋଇପାରିଲି ନାହିଁ । ମୋ ବିଚାରରେ ଏଇଟା ଠିକ୍ ନଥିଲା । ସେ ଜଣେ ସ୍ତ୍ରୀଲୋକକୁ ରେପ୍ କରିଛି । ଯୁବକଂଗ୍ରେସ ସଭାପତି ବୋଲି ସେ କ'ଣ ଆରେଷ୍ଟ ହେବନି ? ଏଇ କି କଥା ? ସେଇଠୁ ଇନ୍ଦିରାଗାନ୍ଧୀ ମୋତେ କହିଲେ ତାହାର ଫାଇଲ୍ ଧରି ଆସ । ମୁଁ ଗଲି ଓ ମୋ ସାଙ୍ଗରେ ଆମର ଆଇ.ଜି ପୋଲିସ ଶ୍ରୀ ନରସିଂହ ସ୍ୱାଇଁ ମଧ୍ୟ ଗଲେ । ଆଇ.ଜି ବାହାରେ ବସିଲେ ମୁଁ ଭିତରକୁ ଗଲି । ପ୍ରଧାନମନ୍ତ୍ରୀ ଇନ୍ଦିରା ମୋତେ କହିଲେ, ତୁମପ୍ରତି କିଛି ଲୋକ ଏବଂ ବିଧାୟକଙ୍କର ସମର୍ଥନ ନାହିଁ । ମୁଁ ଇନ୍ଦିରାଜୀଙ୍କୁ କହିଲି ଏବେ ପରା ବିଧାନସଭା ସରିଲା । କାହିଁ ସେପରି ମୋର ନେତୃତ୍ୱ ବିରୋଧ କିଛି ଆଲୋଚନା ହୋଇନଥିଲା ।

'୧୯୭୬ ମସିହା ଡିସେମ୍ବର ମାସ ୧୫ ତାରିଖ ଦିନ ଚନ୍ଦ୍ରଜିତ୍ ଯାଦବ ନନ୍ଦିନୀଙ୍କୁ ଟେଲିଫୋନ୍ କରି କହିଲେ ନନ୍ଦିନୀଜୀ ମେ ଆପ୍‌କା ଫ୍ରେଣ୍ଡ୍ ହୁଁ । ଆପ ଜରା ରିଜାଇନ୍ କରଦିଜିଏ । ମୁଁ ତାଙ୍କୁ ଉତ୍ତର ଦେଲି ମୁଁ ପ୍ରଧାନମନ୍ତ୍ରୀ ଇନ୍ଦିରାଙ୍କ ସହ କଥା ହୋଇଥିଲି । କାହିଁ ମୋତେ ସେ ଏ ବିଷୟରେ କିଛି କହିନଥିଲେ । ତା'ର କିଛି ସମୟ ପରେ ଦେବକାନ୍ତ ବଡୁଆ ନନ୍ଦିନୀଙ୍କୁ ଟେଲିଫୋନ୍ କରି କହିଲେ ପ୍ରଧାନମନ୍ତ୍ରୀ ଇନ୍ଦିରାଜୀ ଏଠାରେ ବ୍ୟସ୍ତ କଲେଣି । ତୁ ରିଜାଇନ୍ କରିଦେ । ମୁଁ ଦେବକାନ୍ତ ବଡୁଆଙ୍କୁ କହିଲି, ଦାଦା, ପ୍ରଧାନମନ୍ତ୍ରୀ ଇନ୍ଦିରାଜୀ ମୋତେ ଇସ୍ତଫା ଦେବାକଥା କହିନାହାନ୍ତି ।'[୧୧]

'ତା' ପରଦିନ ୧୬ ତାରିଖରେ ମୋର ଢେଙ୍କାନାଳରେ ଏକ ମିଟିଂ ଥାଏ । ମୁଁ ଢେଙ୍କାନାଳ ଯିବା ଆଗରୁ କମଳାକାନ୍ତ ତ୍ରିପାଠୀ କହିଲେ, ନନ୍ଦିନୀ ତୁ ଇସ୍ତଫା ଦେଇଦେ । ନଚେତ ଆଜି

[୧୧] ତତ୍ରୈବ, ପୃ-୭୭

କ୍ୟାବିନେଟ୍ ମିଟିଂରେ ତୋ ସରକାରଙ୍କୁ ବରଖାସ୍ତ କରାଯିବ । ମୁଁ କହିଲି- କେନ୍ଦ୍ରରେ କଂଗ୍ରେସ ଓ ରାଜ୍ୟରେ କଂଗ୍ରେସ ସରକାର । ଏକାଦଳୀୟ ସରକାର, ବହିଷ୍କାର କରନ୍ତୁ ସରକାରଙ୍କୁ । ସଂଜୟ ଗାନ୍ଧୀଙ୍କର ସାଙ୍ଗ ଓମ୍ ମେହେଟା Home minister, State ଥାଆନ୍ତି । ସେ ବ୍ୟସ୍ତ ହୋଇ ନନ୍ଦିନୀଙ୍କର ଇସ୍ତଫାପତ୍ର କାହିଁ ବୋଲି କହୁଥାନ୍ତି । ମୁଁ ସନ୍ଧ୍ୟାରେ ମୋର କ୍ୟାବିନେଟ୍ ମନ୍ତ୍ରୀଙ୍କର ବୈଠକ କରିଲି ମୋର ଇସ୍ତଫା ପ୍ରସଙ୍ଗରେ । ତା' ପରଦିନ କେନ୍ଦ୍ରୀୟ ଫୋର୍ସ ଓଡ଼ିଶାରେ ପହଞ୍ଚିଥିଲେ । ମୁଁ କହିଲି ମୁଁ ଇସ୍ତଫା ଦେବିନାହିଁ । ମୋତେ ଆରେଷ୍ଟ କରନ୍ତୁ ।'[୧୨] ଭାରତବର୍ଷରେ ଏକ ଇତିହାସ ସୃଷ୍ଟି ହେବ ମୁଖ୍ୟମନ୍ତ୍ରୀଙ୍କୁ ଆରେଷ୍ଟ କରି । ମୁଁ ଦେଖିଲି ମୋର କ୍ୟାବିନେଟ୍ ମନ୍ତ୍ରୀମାନେ ଛାନିଆ ହେଲେଣି । ମୁଁ ସେଠୁ ମୋ ଇସ୍ତଫାପତ୍ର ଲେଖି ଗାଡ଼ିରେ ଗଭର୍ଣ୍ଣରଙ୍କୁ ଦେବାପାଇଁ ଯାଉଥିଲି । ସେହି ଗାଡ଼ିରେ ରେଡିଓରୁ ଶୁଣିବା ପାଇଁ ପାଇଲି ନିଶ୍ଚିତକୋଇଲିର ଜନୈକ ଯୁବକଂଗ୍ରେସ ନେତା କହୁଥିଲେ ନନ୍ଦିନୀଦେବୀ ଅଣଗଣତାନ୍ତ୍ରିକ ଭାବରେ କ୍ଷମତାକୁ ଜାବୋଡ଼ି ଧରିଛନ୍ତି । ସେ ଇସ୍ତଫା ଦେବା ଦରକାର । ଏହାଶୁଣି ମୁଁ କହିଲି ଜଣେ ଯୁବକଂଗ୍ରେସ ନେତା ଯେତେବେଳେ କହିଲେଣି ମୁଁ ଇସ୍ତଫା ଦେଇଦେବି । ଗଭର୍ଣ୍ଣର ଚାର୍ଯ୍ୟରେ ଥାଆନ୍ତି ଓଡ଼ିଶା ହାଇକୋର୍ଟର ଚିଫ୍ ଜଷ୍ଟିସ୍ । ସେ ଏଥିରେ ବ୍ୟସ୍ତ ହୋଇପଡ଼ି ମୋ ଇସ୍ତଫାପତ୍ର ନେଲେ । ସେହି କଷ୍ଟରେ ତାଙ୍କର ହାର୍ଟ ଆଟାକ୍ ହୋଇଗଲା ।*

ନନ୍ଦିନୀଦେବୀଙ୍କର ଇସ୍ତଫା ନାଟକ ପରେ ତାଙ୍କର କୁଚକ୍ରୀଗୋଷ୍ଠୀ ଆନନ୍ଦ ପାଇଥିବେ ନିଶ୍ଚିତ । ନନ୍ଦିନୀଦେବୀଙ୍କର ଶାସନ ତଥା ସେ ଏଠି ଆରମ୍ଭ କରିଥିବା ଉନ୍ନୟନମୂଳକ କାର୍ଯ୍ୟ ଏବେ ମଧ୍ୟ ସ୍ମୃତିଚାରଣା କରନ୍ତି ଓଡ଼ିଶାବାସୀ । ଏହାର କିଛିଦିନ ପର୍ଯ୍ୟନ୍ତ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଚାଲିଲା ।

ନନ୍ଦିନୀଦେବୀଙ୍କର ମୁଖ୍ୟମନ୍ତ୍ରୀତ୍ୱ ପରେ ସେ ସକ୍ରିୟ ରାଜନୀତିରୁ ଅବସର ନେଇନଥିଲେ । ସେ ୧୯୭୭ରୁ ୧୯୮୦ ପର୍ଯ୍ୟନ୍ତ ଢେଙ୍କାନାଳ ବିଧାନସଭା ଆସନରୁ ବିଧାୟିକା ଭାବରେ ନିର୍ବାଚିତ ହୋଇ ଢେଙ୍କାନାଳରେ ବହୁତ ଉନ୍ନତି ସାଧନ କରିଛନ୍ତି । ସେହି ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ ନୀଳମଣି ରାଉତରାୟ ଜନତାପାର୍ଟିର ସରକାର । ନନ୍ଦିନୀଦେବୀ ଥିଲେ ବିରୋଧୀ ଦଳର ବିଧାୟିକା ।

ନନ୍ଦିନୀଦେବୀ ପୁନଶ୍ଚ ୧୯୮୦-୧୯୮୫ ମସିହା ପର୍ଯ୍ୟନ୍ତ ଢେଙ୍କାନାଳରୁ ବିଧାୟିକା ଭାବରେ ନିର୍ବାଚିତ ହୋଇଥିଲେ । ସେହି ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜନକୀବଲ୍ଲଭ ପଟ୍ଟନାୟକ

[୧୨] ତତ୍ରୈବ, ପୃ-୭୮

ଥାଆନ୍ତି । କଂଗ୍ରେସ ସରକାର ଚାଲିଥାଏ । ଏହି ସମୟରେ ଢେଙ୍କାନାଳରେ ନନ୍ଦିନୀ ଅନେକ ଉନ୍ନୟ ମୂଳକ କାମ କରିଥିଲେ ।

ପୁନଶ୍ଚ ନନ୍ଦିନୀ ଶତପଥୀ ୧୯୮୫-୧୯୯୦ ପର୍ଯ୍ୟନ୍ତ ଢେଙ୍କାନାଳରୁ ବିଧାୟିକା ଭାବରେ ନିର୍ବାଚିତ ହୋଇଆସିଲେ । ସେହି ସମୟରେ ମୁଖ୍ୟମନ୍ତ୍ରୀ ଥିଲେ ଜାନକୀବଲ୍ଲଭ ପଟ୍ଟନାୟକ । ଉକ୍ତ ସମୟରେ ନନ୍ଦିନୀଦେବୀ ଢେଙ୍କାନାଳର ବହୁତ ଉନ୍ନତି କରିଥିଲେ । ତା ୧୫.୮.୧୯୯୭ ରିଖରେ ଭାରତୀୟ ସ୍ୱାଧୀନତା ଦିବସର ସୁବର୍ଣ୍ଣଜୟନ୍ତୀ ଉତ୍ସବରେ ନନ୍ଦିନୀଜୀ ମୁଖ୍ୟମନ୍ତ୍ରୀ ଜାନକୀବାବୁଙ୍କ ସହ ମିଶି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ମୁଖ୍ୟମନ୍ତ୍ରୀ ଜାନକୀବାବୁ ୧୯୮୯-୯୦ ବର୍ଷରେ ନନ୍ଦିନୀଦେବୀଙ୍କୁ ଓଡ଼ିଶା ରାଜ୍ୟ ଯୋଜନାବୋର୍ଡର ଅଧ୍ୟକ୍ଷା ଭାବରେ ନିଜର ଦାୟିତ୍ୱ ଅର୍ପଣ କରିଲେ । ନନ୍ଦିନୀଦେବୀ ସୂଚାରୁରୂପେ ଓଡ଼ିଶାର ସୁଚିନ୍ତିତ ଯୋଜନାକୁ ସାକାର ରୂପ ଦେଲେ ।

ପୁନଶ୍ଚ ନନ୍ଦିନୀଦେବୀ ୧୯୯୦-୯୫ ନିମନ୍ତେ ଢେଙ୍କାନାଳ ଜିଲ୍ଲାର ଗନ୍ଦିଆ ନିର୍ବାଚନମଣ୍ଡଳୀର ବିଧାୟିକା ରୂପରେ ନିର୍ବାଚିତ ହୋଇଥିଲେ । ସେତେବେଳେ ଓଡ଼ିଶାରେ ଜନତା ସରକାର, ମୁଖ୍ୟମନ୍ତ୍ରୀ ଥାଆନ୍ତି ବିଜୁ ପଟ୍ଟନାୟକ । ନନ୍ଦିନୀଦେବୀ ବିରୋଧୀଦଳ କଂଗ୍ରେସର ବିଧାୟିକା । ଉକ୍ତ ସମୟରେ କାମାକ୍ଷାନଗର ସବ୍‌ଡିଭିଜନ୍‌କୁ ଢେଙ୍କାନାଳ ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟକୁ ସଂଯୋଗ ପାଇଁ କାମାକ୍ଷାନଗରର ବ୍ରାହ୍ମଣୀ ନଦୀ ଉପରେ 'ସାରଙ୍ଗଧର ସେତୁ' ତା ୨୪.୧୧.୧୯୯୩ ରିଖରେ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସହ ନନ୍ଦିନୀଦେବୀ ଉଦ୍‌ଘାଟନ କରିଥିଲେ । ଏହାବାଦ୍ ଗନ୍ଦିଆର ସାମଗ୍ରିକ ବିକାଶରେ ନନ୍ଦିନୀଙ୍କର ଭୂମିକା ଥିଲା ।

ନନ୍ଦିନୀ ଶତପଥୀ ପୁନଶ୍ଚ ୧୯୯୫-୨୦୦୦ ପର୍ଯ୍ୟନ୍ତ ଗନ୍ଦିଆରୁ ବିଧାୟିକା ଭାବରେ ନିର୍ବାଚିତ ହେଲେ । ଉକ୍ତ ସମୟରେ ଓଡ଼ିଶାରେ କଂଗ୍ରେସ ଦଳ ସରକାର ଗଠନ କରିଥାନ୍ତି । ନନ୍ଦିନୀଦେବୀ କଂଗ୍ରେସ ବିଧାୟିକା ହେବା ସହ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ତାଙ୍କର ନିଜ ଦାୟିତ୍ୱ ଅର୍ଥାତ୍, ଓଡ଼ିଶା ରାଜ୍ୟ ଯୋଜନାବୋର୍ଡ ଅଧ୍ୟକ୍ଷା ଭାବରେ ତାଙ୍କୁ କାର୍ଯ୍ୟଭାର ନ୍ୟସ୍ତ କରିଥିଲେ । ଏହି ସମୟରେ ନନ୍ଦିନୀଦେବୀ ଏକ ଐତିହାସିକ ପଦକ୍ଷେପ ନେଲେ । ଯୋଜନାବୋର୍ଡର ଅଧ୍ୟକ୍ଷା ଭାବରେ ଇଂରେଜମାନଙ୍କର ଶାସନରେ ପ୍ରଜା ଆନ୍ଦୋଳନରେ ପ୍ରାଣବଳି ଦେଇଥିବା ଭୁବନର ନୀଳକଣ୍ଠପୁରର କିଶୋର ସନ୍ତାନ ବୀର ବାଜିରାଉତଙ୍କର ନାମାନୁସାରେ ବ୍ରାହ୍ମଣୀନଦୀ ଉପରେ 'ବାଜିରାଉତ ସେତୁ' ନିର୍ମାଣ କରିବାର ପ୍ରସ୍ତାବ ସରକାରଙ୍କ ନିକଟରେ

ଉପସ୍ଥାପିତ କରିଥିଲେ । ଯାହାର ଫଳସ୍ୱରୂପ ନନ୍ଦିନୀଦେବୀଙ୍କର ସୁପୁତ୍ର ତଥାଗତବାବୁ ଢେଙ୍କାନାଳର ଲୋକସଭା ସାଂସଦ ଭାବରେ ନାବାର୍ଡ ବ୍ୟାଙ୍କ ସହ ଯୋଗାଯୋଗ କରି ବ୍ରାହ୍ମଣୀ ନଦୀ ଉପରେ ବାଜିରାଉତ ସେତୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି କାମାକ୍ଷାନଗର ବିଧାୟକ ପ୍ରଫୁଲ୍ଲ କୁମାର ମଲ୍ଲିକ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହାୟତାରେ । ତା ୬.୧୦.୯୮ରେ ଢେଙ୍କାନାଳ ଡି.ଆର୍.ଡି.ଏ ସୌଧକୁ ନନ୍ଦିନୀ ଦେବୀ ଉଦ୍‌ଘାଟନ କରିଥିଲେ ।

ନନ୍ଦିନୀଦେବୀଙ୍କର ଜୀବନରେ ଏକ ଦୁଃଖଦ ଘଟଣା ଥିଲା ଯେତେବେଳେ ତାଙ୍କର ସଂଗ୍ରାମୀ ଜୀବନସାଥୀ ସ୍ୱାମୀ ଦେବେନ୍ଦ୍ରନାଥ ଶତପଥୀଙ୍କର ୧୯୯୦ ମସିହା ଜୁନ୍ ମାସ ୨୬ ତାରିଖରେ ଆକସ୍ମିକ ମୃତ୍ୟୁ ଘଟିଲା । ଏହା ନନ୍ଦିନୀଦେବୀଙ୍କର ହୃଦୟକୁ ଖୁବ୍ ବାଧିଥିଲା । ମ୍ୟୁତ୍ୟୁର କିଛିଦିନ ଆଗରୁ ଦେବେନ୍ଦ୍ରବାବୁ ନିଜର ଢେଙ୍କାନାଳସ୍ଥିତ କୁଞ୍ଜକାନ୍ତ ଘରେ ରହୁଥିଲେ ।

ନନ୍ଦିନୀଦେବୀ ନିଜର ରାଜନୈତିକ ଜୀବନରେ କେବେହେଲେ ପରାସ୍ତ ହୋଇନଥିଲେ । ଓଡ଼ିଶାର ରାଜ୍ୟସଭା ସାଂସଦ, କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିଧାୟିକା, ଓଡ଼ିଶା ଯୋଜନାବୋର୍ଡର ଅଧ୍ୟକ୍ଷା ଇତ୍ୟାଦି ପଦବୀରେ ରହି ୨୦୦୦ ମସିହା ନିର୍ବାଚନ ଠାରୁ ନିର୍ବାଚନ ରାଜନୀତିରୁ ଦୂରେଇଥିଲେ । ନିଜର ଶରୀର କ୍ଷୀଣ ହୋଇଯିବାରୁ ନନ୍ଦିନୀଦେବୀ ମୃତ୍ୟୁର କିଛି ସମୟ ପୂର୍ବରୁ ଡାକ୍ତରଖାନାରେ ଚିକିତ୍ସିତ ହୋଇ ୨୦୦୬ ମସିହାର ଅଗଷ୍ଟ ମାସ ୪ ତାରିଖରେ ପ୍ରିୟ ଓଡ଼ିଶାର ଜନସାଧାରଣଙ୍କ ଛାଡ଼ି ଶେଷ ନିଦ୍ରାରେ ଶୋଇଯାଇଥିଲେ ।

ନନ୍ଦିନୀଦେବୀଙ୍କ ମୃତ୍ୟୁରେ ଓଡ଼ିଶା କାହିଁକି ସମଗ୍ର ଭାରତବର୍ଷ ଜଣେ ମହିୟସୀ ନାରୀନେତ୍ରୀଙ୍କୁ ହରାଇଲା କହିଲେ ଅତ୍ୟୁକ୍ତି ହେବନାହିଁ । ନନ୍ଦିନୀଦେବୀଙ୍କର କର୍ମଭୂମି ଢେଙ୍କାନାଳକୁ ଅଣାଯାଇଥିଲା । ଢେଙ୍କାନାଳବାସୀ ପ୍ରିୟ ନେତ୍ରୀଙ୍କୁ ଅଶ୍ରୁଳ ନୟନରେ ବିଦାୟ ଦେଇଥିଲେ ।

ନନ୍ଦିନୀଦେବୀଙ୍କର ମରଶରୀରରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଥିଲେ । ତାଙ୍କର ଶେଷ ଦର୍ଶନରେ ରାଜ୍ୟପାଳ ରାମେଶ୍ୱର ଠାକୁର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିରୋଧିଦଳ ନେତା ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ, ମନ୍ତ୍ରୀ, ସାଂସଦ, ବିଧାୟକଗଣ ତାଙ୍କର ଶେଷ ଦର୍ଶନ କରିଥିଲେ ।

ନନ୍ଦିନୀଦେବୀଙ୍କର ମୃତ୍ୟୁରେ ଶନିବାର ଓଡ଼ିଶା ବିଧାନସଭା ପକ୍ଷରୁ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଥିଲା । ତାଙ୍କ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରେ କହିଥିଲେ ଯେ, ନନ୍ଦିନୀଦେବୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଭାରତର କେନ୍ଦ୍ରମନ୍ତ୍ରୀ ଏବଂ ତାଙ୍କର ଜୀବନ ସମ୍ବନ୍ଧରେ ଏକ ବିଶାଳ ଚିତ୍ର ଗୃହରେ ଉପସ୍ଥାପନା କରିଥିଲେ । ଓଡ଼ିଶା ମାଟି ପାଇଁ ତାଙ୍କର ଦାନ ଅପୂରଣୀୟ ଥିଲା । ସେ କେବଳ ଜଣେ ରାଜନେତ୍ରୀ ନଥିଲେ, ଜଣେ ସାହିତ୍ୟିକା ଥିଲେ । ତାଙ୍କ ପରି ଜଣେ ଝିଅ ପାଇ ଏ ମାଟି ଗର୍ବିତ ବୋଲି ସେ କହିଥିଲେ ।

ଏହିପରି ଭାବରେ ନନ୍ଦିନୀ ଶତପଥୀଙ୍କର ରାଜନୈତିକ ଜୀବନ ଥିଲା । ତାହାକୁ ବର୍ଣ୍ଣନା କରିବା ମୋ ପାଇଁ ଧୃଷ୍ଟତା ହେବ ।

* * *

# ନନ୍ଦିନୀଙ୍କର ସାଂସ୍କୃତିକ ସାହିତ୍ୟିକ ଜୀବନ

## (ଖ) ନନ୍ଦିନୀଙ୍କର ସାଂସ୍କୃତିକ ସାହିତ୍ୟିକ ଜୀବନ

"ନନ୍ଦିନୀ ଜଣେ ସଂସ୍କୃତି ସମ୍ପନ୍ନ ପରିବାରରେ ଜନ୍ମ ଗ୍ରହଣ କରିଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ । ମଣିଷ ଚେଷ୍ଟା କଲେ ସବୁକିଛି ହୋଇପାରିବ, କିନ୍ତୁ ଏକ ନିଛକ ସାହିତ୍ୟିକଟିଏ ହେବା ଅସମ୍ଭବ । ସାହିତ୍ୟିକଟିଏ ହେବାକୁ ହେଲେ ଏଥିପାଇଁ ଯଥେଷ୍ଟ ପାରିପାର୍ଶ୍ୱିକ ପ୍ରେରଣା, ଅନୁଭୂତି, ସ୍ଥିର ଚିତ୍ତ ଓ ଅଭିଜ୍ଞତା ଲୋଡ଼ା । ଏଥିପାଇଁ ସାହିତ୍ୟ ଜଗତରେ ଯେଉଁ ବ୍ୟକ୍ତିମାନେ ଅମର ହୋଇ ଯାଇଛନ୍ତି, କାଳଜୟୀ ସାହିତ୍ୟ ସୃଷ୍ଟି କରିପାରିଛନ୍ତି, ନବଯୁଗ ପ୍ରତିଷ୍ଠା କରିପାରିଛନ୍ତି, ଯନ୍ତ୍ରଣାକୁ ଲାଘବ କରାଇପାରିଛନ୍ତି, ଲେଖନୀ ଚାଳନାକରି ଜୀବନକୁ ବଦଳାଇ ଦେଇପାରିଛନ୍ତି, ସେମାନଙ୍କ ମଧ୍ୟରେ ପଦ୍ମଭୂଷଣ ଡକ୍ଟର କାଳିନ୍ଦୀଚରଣ ପାଣିଗ୍ରାହୀ ଅନ୍ୟତମ ଥିଲେ । କାଳନ୍ଦୀ ଚରଣ ଥିଲେ ଏକ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ । ସେ ଥିଲେ ସବୁଜ ଯୁଗର ସ୍ରଷ୍ଟା, କୋଟି ଜନତାର ହୃଦୟରେ ଉଦ୍‌ବେଳନ ସୃଷ୍ଟି କରିପାରିଥିବା 'ମାଟିର ମଣିଷ' ଉପନ୍ୟାସର ଜନକ । ଭାରତୀୟ ସ୍ୱାଧୀନତା ଆନ୍ଦୋଳନକୁ ନିଜର ବଳିଷ୍ଠ ଲେଖନୀ ମୁନରେ ଇନ୍ଧନ ଯୋଗାଇଥିବା ଜଣେ ନିଛକ ଦେଶଭକ୍ତ । ଆଉ ଏହି କାଳଜୟୀ ସାହିତ୍ୟ ସାଧକ କାଳିନ୍ଦୀଚରଣଙ୍କର ଜ୍ୟେଷ୍ଠାକନ୍ୟା ଥିଲେ ନନ୍ଦିନୀ ପାଣିଗ୍ରାହୀ । ସବୁରି ପ୍ରିୟ 'କୁନି' ।"

ବ୍ରିଟିଶ୍‌ମାନେ ଭାରତବର୍ଷକୁ ଶାସନ କରୁଥିବାର ଦେଖି କାଳିନ୍ଦୀଚରଣ ଏକ କବିତା ଲେଖିଥିଲେ-

"ଜନ୍ମ ଆମର ମଣିଷ କୁଳରେ ନାହିଁ ଇଜ୍ଜତ ମାନ, ଆମ ଝିଅ ବୋହୂ ସବୁରି ଶାଳୀହେ ଆମେ ଶଳା ସଇତାନ ।"

'ବ୍ରିଟିଶ୍ ଶାସକଙ୍କର ବିନା ଅନୁମତିରେ ଭାରତବର୍ଷରେ ସୂର୍ଯ୍ୟଚନ୍ଦ୍ର ଆତଯାତ କରିବାକୁ ଭୟ କରୁଥିଲେ ଓ ସେହି ଗୋରା ଫଉଜୀ ଶାସକଙ୍କର ଛତ୍ରଛାୟା ତଳେ ରହି ରାଜା ଓ ଜମିଦାରଙ୍କର

ଅତ୍ୟାଚାରରେ ସାଧାରଣ ଜନତା ଯେତେବେଳେ ଜର୍ଜରିତ, ଠିକ୍ ସେହି ସମୟରେ ସବୁଜ ସାରଥୀ କାଳିନ୍ଦୀଚରଣ ଏହିଭଳି କବିତା ସବୁ ରଚନା କରି ସବୁରି ଅନ୍ତରରେ ବିଜୁଳି ଚମକ ସୃଷ୍ଟି କରିଥିଲେ । ଆଉ ନନ୍ଦିନୀଦେବୀ ଏହିଭଳି ଜଣେ ମହାନ୍ ବ୍ୟକ୍ତିଙ୍କୁ ବାପା ରୂପରେ ପାଇ ନିଜକୁ ଖୁବ୍ ଗର୍ବ ଅନୁଭବ କରୁଥିଲେ ।'[୧୩]

ନନ୍ଦିନୀଙ୍କର ଘର ଥିଲା ସାମ୍ୟବାଦୀ ଚିନ୍ତାଧାରାର ଏକ ପ୍ରୟୋଗଶାଳା । ଦାଦା ଥିଲେ ବିଶିଷ୍ଟ କମ୍ୟୁନିଷ୍ଟ ନେତା ତଥା ଓଡ଼ିଶା ପ୍ରଦେଶ କମ୍ୟୁନିଷ୍ଟ ଦଳର ପ୍ରତିଷ୍ଠାତା ଭଗବତୀ ଚରଣ ପାଣିଗ୍ରାହୀ । ଭଗବତୀବାବୁ "ଶିକାର" ଗଳ୍ପ ଲେଖି ସାରା ଭାରତବର୍ଷରେ ହଇଚୟୀ ସୃଷ୍ଟି କରିଥିଲେ । ଗଳ୍ପଟିର ମୁଖ୍ୟ ଚରିତ୍ର 'ଘିନୁଆ' ଥିଲା ବଣଜଙ୍ଗଲର ପଶୁପକ୍ଷୀ ଶିକାରରେ ଓସ୍ତାଦ୍ । କିନ୍ତୁ ଅଚାନକ ଦିନେ ନିଜ ଅଞ୍ଚଳର ସବୁଠାରୁ ଅତ୍ୟାଚାରୀ ଜମିଦାରର ମୁଣ୍ଡଟିକୁ କାଟି ବଡ଼ବୋଲି ଶିକାର କହି ନେଇଆସିଛି ।

ନନ୍ଦିନୀଙ୍କର ପରିବାରରେ ଅନ୍ୟଜଣେ ସଫଳ ବ୍ୟକ୍ତିତ୍ୱ ଦାଦା ଭଗବତୀଚରଣ ପାଣିଗ୍ରାହୀ, ଯାହାଙ୍କର କାର୍ଯ୍ୟଧାରା ସମସ୍ତଙ୍କୁ ବିଶେଷତଃ ନନ୍ଦିନୀଦେବୀଙ୍କୁ ଅନେକ ମାତ୍ରାରେ ପ୍ରଭାବିତ କରିଥିଲା । ଭଗବତୀବାବୁ ଯେ କେବଳ ଓଡ଼ିଶାର ମାର୍କସବାଦୀ କମ୍ୟୁନିଷ୍ଟର ଜନକ ଥିଲେ, ତାହାନୁହେଁ, ସେ ଥିଲେ ଜଣେ ସ୍ୱାଭିମାନୀ ଲେଖକ, ପ୍ରଚଣ୍ଡ ଦେଶଭକ୍ତ; ନିଷ୍ପେଷିତ, ଶୋଷିତ, ଅତ୍ୟାଚାରୀମାନଙ୍କର ଜଣେ ପରମ ବନ୍ଧୁ । ସର୍ବୋପରି ଭାରତୀୟ ସ୍ୱାଧୀନତା ସଂଗ୍ରାମର ଜଣେ ଅନ୍ୟତମ ଅଗ୍ରଦୂତ । ଭଗବତୀବାବୁଙ୍କର ସାହିତ୍ୟରେ କଳ୍ପନାବିଳାସର ଲେଶମାତ୍ର ସ୍ପର୍ଶ ନଥିଲା । ଥିଲା ନିଷ୍ପେଷିତ ଜନତାର ଆର୍ତ୍ତନାଦ । ଖୁବ୍ କମ୍ ବୟସରେ ସେ ଇହଲୀଳା ସମ୍ବରଣ କରିଥିଲେ । ଯିଏ ଯେତେବେଳେ ଓଡ଼ିଶାର ଇତିହାସ ରଚନା କରିବ ସେ କେବେ ଭଗବତୀଚରଣ ପାଣିଗ୍ରାହୀଙ୍କର ନାମଟିକୁ କଦାପି ବାଦ୍ ଦେଇ ଲେଖିବାଟା ସମ୍ଭବ ହେବନାହିଁ । ସାହିତ୍ୟ କହ, ସମାଜସେବା କହ, ସଂଗ୍ରାମ କହ କିମ୍ବା ରାଜନୀତି କହ ଯେଉଁ ବିଷୟରେ ଆଲୋଚନା କରାଯିବ, ସେଥିରେ ଭଗବତୀଚରଣଙ୍କର ନାମ ଆସିବ ହିଁ ଆସିବ । ଆଜିକାଲିକା ପଙ୍କିଳ ରାଜନୀତିର ଧାର ସେ ଧାରିନଥିଲେ । ପିଲାଟିଦିନରୁ ସେ ସାମ୍ୟବାଦୀ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇଥିଲେ । ସେଥିପାଇଁ ଓଡ଼ିଶାରେ

[୧୩] ତତ୍ରୈବ, ପୃ-୪

କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠା କରି ଅତ୍ୟାଚାରୀ ଇଂରେଜ ଶାସକଙ୍କର ବିରୁଦ୍ଧରେ ସେ ଲଢ଼େଇ କରିଯାଇଥିଲେ । ସାହିତ୍ୟ କ୍ଷେତ୍ରରେ ଭଗବତୀବାବୁ ସେପରି ଆଖିଦୃଷ୍ଟିଆ କାର୍ଯ୍ୟ କରିବା ପାଇଁ ସମୟ ପାଇନଥିଲେ । ଯେତିକି ବି କବିତା, କ୍ଷୁଦ୍ରଗଳ୍ପ, ପ୍ରବନ୍ଧ ସେ ଲେଖିଯାଇଛନ୍ତି, ତାହା ଅତ୍ୟନ୍ତ ହୃଦୟସ୍ପର୍ଶୀ । ସେ ସମୟରେ ପ୍ରକାଶିତ 'ଯୁଗବାଣୀ' ସାହିତ୍ୟ ପତ୍ରିକାରେ ତାଙ୍କର ଅନେକ ଲେଖା ପ୍ରକାଶିତ ହୋଇଅଛି । ତାଙ୍କର ଏକ କ୍ଷୁଦ୍ରଗଳ୍ପ 'ଶିକାର' ଯାହାକି ଏକ ସରଳ ଆଦିବାସୀ ଲୋକର ଚରିତ୍ର ଉପରେ ପର୍ଯ୍ୟବସିତ । 'ଶିକାର' ଗଳ୍ପଟି ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା । ପରବର୍ତ୍ତୀ ସମୟରେ 'ଶିକାର' ଗଳ୍ପର ବିଷୟବସ୍ତୁକୁ ନେଇ ବିଶିଷ୍ଟ ଫିଲ୍ମ ନିର୍ଦ୍ଦେଶକ ମୃଣାଳସେନ୍ "ମୃଗୟା" ନାମରେ ଏକ ବଙ୍ଗଳା ଫିଲ୍ମ ନିର୍ମାଣ କରିଥିଲେ । ଏହି ଫିଲ୍ମରେ ଭାରତୀୟ ହିନ୍ଦୀ ସିନେମା ଜଗତର ସୁପରଷ୍ଟାର ଆଧୁନିକ ଅଭିନେତା ମିଥୁନ ଚକ୍ରବର୍ତ୍ତୀ ପ୍ରଥମ କରି ତାଙ୍କର ଅଭିନୟ ଜୀବନ ଆରମ୍ଭ କରିଥିଲେ ।

ଏହି ଦୁଇ ସଫଳ ବ୍ୟକ୍ତିତ୍ୱ ତଥା ସାଂସ୍କୃତିକ ସାହିତ୍ୟିକ ବୁନିୟାଦିରେ ପ୍ରତିଷ୍ଠିତ ବାପା ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଦାଦା ଭଗବତୀଚରଣ ପାଣିଗ୍ରାହୀଙ୍କର ଉପଯୁକ୍ତ ଦାୟାଦ ଥିଲେ ନନ୍ଦିନୀ ପାଣିଗ୍ରାହୀ । ଯାହାଙ୍କର ଉଜ୍ଜ୍ୱଳ ଆଲୋକରଶ୍ମୀ ହିଁ ନନ୍ଦିନୀ ଦେବୀଙ୍କର ଜୀବନକୁ ଆଲୋକିତ କରି ଉଦ୍‌ଭାସିତ କରିଅଛି । ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ ନନ୍ଦିନୀଦେବୀ ଏହି ଦୁଇ ସାଂସ୍କୃତିକ ସାହିତ୍ୟିକ କାଳଜୟୀ ସମ୍ରାଟଙ୍କର ପ୍ରକୃତ ଉତ୍ତରାଧିକାରିଣୀ । ଏହି କଥାଟିକୁ ଗୋଟିଏ ବାକ୍ୟରେ କହିବାକୁ ଯାଇ 'କ୍ରାନ୍ତିଧାରା'ର 'ଆମ ସାମ୍ନାରେ' ରୂପକ ଏକ ଶୀର୍ଷକରେ ସଂଜୟ ଦାସବର୍ମା ଲେଖିଛନ୍ତି-

'ଯାହାଙ୍କର ବାପା କାଳିନ୍ଦୀଚରଣ, କକେଇ ଭଗବତୀ ପାଣିଗ୍ରାହୀ ସେ ନନ୍ଦିନୀ ଶତପଥୀ ହେବାକୁ ବାଧ ।" ଆହୁରି ମଧ୍ୟ ସେ ଲେଖିଛନ୍ତି, "ଯେଉଁଠି ପଡ଼ିଛି ନନ୍ଦିନୀଙ୍କର ପାଦ, ତାହା ପାଲଟିଛି ତାଙ୍କର ସାମ୍ରାଜ୍ୟ, ସୃଜନର ଅମୃତ ଫସଲ ଠାରୁ ରାଜନୀତିର ନିଆଁଖେଳ, ସ୍ୱାଧୀନତା ସଂଗ୍ରାମର ଚର୍ଚ୍ଚିତ କ୍ଷେତ୍ରଠୁଁ ସେବାର ବୃହତ୍ତର ବୃତ୍ତ । ଜନଜାଗରଣର ମନ୍ତ୍ର ଉଚ୍ଚାରଣଠାରୁ ସାଫଲ୍ୟର ଶୀର୍ଷାରୋହଣ; ସବୁଠି ନନ୍ଦିନୀଙ୍କର ଉଜ୍ଜ୍ୱଳ ଚିହ୍ନ ।'[୧୪]

[୧୪] ତତ୍ରୈବ, ପୃ-୫

ଏଥିପାଇଁ କୁହାଯାଏ 'ମାଟିର ମଣିଷ' କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ଶ୍ରେଷ୍ଠତମ କୃତି - ନନ୍ଦିନୀ ଶତପଥୀ ।

ନନ୍ଦିନୀଦେବୀଙ୍କ ଜେଜେବାପା ସ୍ୱପ୍ନେଶ୍ୱର ପାଣିଗ୍ରାହୀ ମଧ୍ୟ ଲେଖାଲେଖି କରୁଥିଲେ ନନ୍ଦିନୀଦେବୀଙ୍କର ଭାଷାରୁ ଜଣାଥିଲା-ତାଙ୍କ ବୋଉ ରତ୍ନମଣି ଦେବୀ ମଧ୍ୟ ନନ୍ଦିନୀଙ୍କର ବିଭାଘରର ପତ୍ରିକା ଲେଖିଥିଲେ ।

ଏସବୁ ଦୃଷ୍ଟିରୁ ବିଚାର କଲେ ନନ୍ଦିନୀଦେବୀଙ୍କର ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କର ଚିନ୍ତାଧାରା ଥିଲା ଖୁବ୍ ଉନ୍ନତ ଓ ରୁଚିଶୀଳ । ସେଠାରେ ସୃଜନ ଓ ସଂଗ୍ରାମର ଏକ ସୁନ୍ଦର ସ୍ରୋତସ୍ୱିନୀ ପ୍ରବାହିତ ହେଉଥିଲା । ସତେଯେପରି ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି ଗୋଟିଏ ପାର୍ଶ୍ୱରେ ସୃଜନ ଓ ଅନ୍ୟ ପାର୍ଶ୍ୱରେ ସଂଗ୍ରାମ ଥିଲା । ଯେଉଁ ସ୍ରୋତରେ କି ନନ୍ଦିନୀଦେବୀ ପିଲାଟିଦିନରୁ ନିଜକୁ ସାମିଲ କରିଦେଇଥିଲେ । ପ୍ରତ୍ୟେକଦିନ ସକାଳ ଓ ସନ୍ଧ୍ୟାରେ ଜମୁଥିଲା ଘରେ ସାହିତ୍ୟର ଆସର । ରାଜ୍ୟର ତଥା ରାଜ୍ୟ ବାହାରର ବହୁ ବିଶିଷ୍ଟ ସାହିତ୍ୟ ସାଧକଙ୍କର ସେଠାରେ ଥିଲା ଅବାଧ ପ୍ରବେଶ । ସେମାନଙ୍କ ମଧ୍ୟରେ ଆଗଧାଡ଼ିରେ ଥିବା ରାଜ୍ୟ ବାହାରର ବିଶିଷ୍ଟ ସାହିତ୍ୟିକମାନଙ୍କ ମଧ୍ୟରେ - ଅନ୍ନଦାଶଙ୍କର ରାୟ, ମୃଣାଳ ସେନ୍, ମୁଲକରାଜ ଆନନ୍ଦ, ତାରାଶଙ୍କର ବନ୍ଦୋପାଧ୍ୟାୟ, ସପ୍ତମିତ୍ର ଏବଂ ତୃପ୍ତି ମିତ୍ର । ଏମାନେ ଆସିଲେ ନନ୍ଦିନୀଙ୍କର ଘରେ ଦିନେ ଦୁଇଦିନ ରହିଯାଉଥିଲେ । ଏମାନଙ୍କର ବ୍ୟତୀତ ଆମ ରାଜ୍ୟ ଓଡ଼ିଶାରୁ ପ୍ରତିଷ୍ଠିତ ସାହିତ୍ୟିକ ଯଥା-ମାୟାଧର ମାନସିଂହ, ସଚ୍ଚି ରାଉତରାୟ, ଗୋପିନାଥ ମହାନ୍ତି, କାହ୍ନୁଚରଣ ମହାନ୍ତି ପ୍ରମୁଖ ଅନ୍ୟତମ । ଏମାନଙ୍କର ବିଷୟରେ ଅନେକ ଅଲୋଚନା, ସମାଲୋଚନା ଚାଲିଥାଏ । ନନ୍ଦିନୀଦେବୀ ଏସବୁ ଆଲୋଚନାକୁ ଖୁବ୍ ଧ୍ୟାନର ସହ ଶୁଣୁଥିଲେ । ଏହି ଆଲୋଚନା ଶୁଣି ଶୁଣି ତାଙ୍କର ଉତ୍ସାହ ଶତଗୁଣ ବଢ଼ିଯାଇଥିଲା । କାଳିନ୍ଦୀବାବୁ ନିଜ ପିତାଙ୍କ ନାମ ସ୍ୱପ୍ନେଶ୍ୱର ଅନୁଯାୟୀ ଘରଟିର ନାମ ଦେଇଥିଲେ 'ସ୍ୱପ୍ନପୁରୀ' । ସତେଯେପରି ଦେଶଟାଯାକର ସ୍ୱପ୍ନ ସେହି ଘରେ ଜମାଟ ବାନ୍ଧି ରହିଥିଲା । ଘରସାରା ପ୍ରବାହିତ ହେଉଥିଲା ଏକ ସଂଗ୍ରାମର ଅବହାୱା ।

'କ୍ରମେ ନନ୍ଦିନୀଦେବୀଙ୍କର ଏହି ଦୁଇଟି ଦିଗପ୍ରତି ଆଗ୍ରହ ବଢ଼ିବାରେ ଲାଗିଲା । ସେ ବାପାଙ୍କୁ ଲେଖାଲେଖିରେ ସାହାଯ୍ୟ କରନ୍ତି, ଆଉ ବେଳେବେଳେ କାଳିନ୍ଦୀବାବୁ ତାଙ୍କୁ ଡିଟେକ୍ସନ ଦିଅନ୍ତି ଓ ନନ୍ଦିନୀ ଲେଖନ୍ତି । ଦାଦା ଭଗବତୀବାବୁ କମ୍ୟୁନିଷ୍ଟମାନଙ୍କ ପାଇଁ ସୋଭିଏତ୍ ରୁଷରୁ

ବହି ମଗାଇ ତାକୁ ଅନୁବାଦ କରାନ୍ତି ନନ୍ଦିନୀଦେବୀଙ୍କ ଦ୍ୱାରା । ଏହିଭଳି ଏକ ପରିବେଶରେ ନନ୍ଦିନୀଦେବୀ ବଡ଼ମାନଙ୍କର କାର୍ଯ୍ୟଶୈଳୀରେ ନିଜକୁ ଗଢ଼ିବାକୁ ସୁଯୋଗ ଲାଭ କରିଥିଲେ ।'[୧୫]

ନନ୍ଦିନୀଦେବୀଙ୍କର ଭାଷା ଓ ଭାବ ଥିଲା ସବୁଠାରୁ ତୀକ୍ଷ୍ଣ । ବାପା ଓ ଦାଦାଙ୍କର ସ୍ୟାହି ଓ କଲମ ମିଶିମିଶା ନୂଆ ଏକ ରୂପ ନେଇଥିଲା ନନ୍ଦିନୀଙ୍କ ହାତରେ । ଓଡ଼ିଆ ସାହିତ୍ୟ ବିଶେଷତଃ ଅନୁବାଦ ସାହିତ୍ୟରେ ନନ୍ଦିନୀ ଥିଲେ ଅତୁଳନୀୟା । ଓଡ଼ିଶାର ସାମ୍ବାଦିକ ଇତିହାସରେ ବି ତାଙ୍କର ହସ୍ତାକ୍ଷର ଭାରି ସ୍ୱଷ୍ଟ । ଆଉ ସେଇମିତି ସ୍ୱଷ୍ଟ ତାଙ୍କର କଥା କହିବାର ଢଙ୍ଗ ଏବଂ ନିଷ୍ପତ୍ତି ନେବାର କ୍ଷମତା ।

'କଥାରେ ଅଛି, ଯେଉଁ ଘରର ସଂସ୍କୃତି ଯେପରି ଉନ୍ନତ ସେ ଘରର ପିଲାମାନେ ସେତିକି ଯୋଗ୍ୟ । ଖୁବ୍ ପିଲାବେଳୁ ନନ୍ଦିନୀଙ୍କର ମୁଣ୍ଡରେ ଯାହା ପଶିଯାଇଥାଏ, ବୟସ ବଢ଼ିବା ସଙ୍ଗେ ସଙ୍ଗେ ତାହାକୁ ତାଙ୍କର ଜୀବନରେ ପ୍ରଭାବିତ କରିଥାଏ । ବାପା କାଳିନ୍ଦୀଚରଣଙ୍କର ନନ୍ଦିନୀଙ୍କ ଉପରେ ଅଗାଧ ବିଶ୍ୱାସ ଥିଲା । ସେ କହୁଥିଲେ ନନ୍ଦିନୀ ଯାହା କରିବ, ତାହା ଠିକ୍ କାମ କରିବ । କିଛି ଭୁଲ୍ କାମ କରିବନି । ତାଙ୍କ ବାପା ନନ୍ଦିନୀଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ । ସ୍ୱାଧୀନତାର ମାନେ ନୁହେଁ ଯଥେଚ୍ଛାଚାର, ତେବେ ବି ଭୁଲ୍ କାମରେ ବାପା ଆକଟ କରୁଥିଲେ ସଦାସର୍ବଦା । ମୋଟାମୋଟି ନନ୍ଦିନୀଙ୍କର କାମରେ ବାପା ଆକଟ କରୁନଥିଲେ ।'[୧୬]

ନନ୍ଦିନୀ ଶତପଥୀ ସୃଜନର ସ୍ୱାକ୍ଷରରେ ନିଜକୁ ନିୟୋଜିତ କରିଥିଲେ ଜଣେ ସାଂସ୍କୃତିକ ସାହିତ୍ୟିକ ପରିବାରର ଉପଯୁକ୍ତ ଦାୟାଦ ଭାବରେ । ସର୍ବୋପରି ସ୍ୱାଭିମାନୀ ପିତାଙ୍କର ସ୍ୱାଭିମାନୀ କନ୍ୟା ଭାବରେ । ପିତା କାଳିନ୍ଦୀଚରଣଙ୍କର ପରି ବହୁଗୁଣର ଅଧିକାରିଣୀ ଥିଲେ ତାଙ୍କର ଅଲିଅଳି କନ୍ୟା ନନ୍ଦିନୀ ପାଣିଗ୍ରାହୀ । ସତେଯେପରି ବାପାଙ୍କର ସମସ୍ତ କଳାକୁ ସେ ଅପହରଣ କରିଆଣି ନିଜ ଭିତରେ ସାଇତି ପାରିଥିଲେ । କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ଥିଲା ପ୍ରଚଣ୍ଡ ଆତ୍ମାଭିମାନ । କାଳିନ୍ଦୀଚରଣଙ୍କର ପ୍ରତ୍ୟକ ଲେଖାରେ ତାଙ୍କର ସ୍ୱାଭିମାନର ଚିତ୍ର ଫୁଟି ଉଠିଥିଲା । ଦିନକର ଘଟଣାବଳୀ- ତାଙ୍କର ସାନଭାଇ ଭଗବତୀଚରଣ ପାଣିଗ୍ରାହୀ ଢେଙ୍କାନାଳର ଗଡ଼ଜାତ ଆନ୍ଦୋଳନରେ ଭାଗ ନେଇ ସେଠାକୁ ବାରମ୍ବାର ସେଠାକୁ ଯାଉଥିଲେ । ତେଣୁ ତାଙ୍କର ନାମଟା ସେଠାରେ ଖୁବ୍ ଜଣାଶୁଣା ଥିଲା । ସେହି ସମୟରେ କାଳିନ୍ଦୀବାବୁ ଥାଆନ୍ତି Estern States

[୧୫] ତତ୍ରୈବ, ପୃ-୭

[୧୬] ତତ୍ରୈବ, ପୃ-୭

ର Publicity Officer, ସେହି କାମରେ ସେ ରାଜ୍ୟର ସମସ୍ତ ୨୬ ଗୋଟି ଗଡ଼ଜାତ ଆନ୍ଦୋଳନକୁ ଅଞ୍ଚଳ ଅଞ୍ଚଳ କରି ବୁଲୁଥିଲେ । କାଳିନ୍ଦୀବାବୁ ଯେତେବେଳେ ଢେଙ୍କାନାଳ ଯାଇଥିଲେ ସେଠାକାର ରାଜା ଶଙ୍କର ପ୍ରତାପ ମହେନ୍ଦ୍ର ବାହାଦୂର ସିଂହଦେଓ ତାଙ୍କୁ ପଚାରିଥିଲେ ଆପଣ କ'ଣ ଭଗବତୀଚରଣଙ୍କର ଭାଇ ? କାଳିନ୍ଦୀବାବୁ ସଙ୍ଗେ ସଙ୍ଗେ ହସି ହସି ତାଙ୍କୁ କହିଲେ, ଆଜ୍ଞା ଭଗବତୀ ମୋର ସାନଭାଇ । ଏଥିରୁ ଜଣାପଡ଼େ କାଳିନ୍ଦୀଚରଣ କେତେ ସ୍ୱାଭିମାନୀ ଥିଲେ । ସେ ସେଠାରେ ଜଣାଇଦେବାକୁ ଚାହୁଁଥିଲେ ଯେ, ମୋର କିଛି ନିଜସ୍ୱ ପରିଚୟ ଅଛି । ତା'ଛଡ଼ା ସାନଭାଇର ପରିଚୟରେ ବଡ଼ଭାଇ ପରିଚିତ ହେବା ଉଚିତ ନୁହେଁ । ଏହିପରି ଭାବରେ ଗୋଟିଏ ଗୋଟିଏ ଉଦାହରଣ ନନ୍ଦିନୀଙ୍କର ପରିବାରରେ ସାଂସ୍କୃତିକ ସାହିତ୍ୟିକ ପରିଚୟର ଲକ୍ଷଣ ।

'ଏହାର କିଛିବର୍ଷ ଅତିକ୍ରାନ୍ତ କଲାପରେ ଅନୁରୂପ ଏକ ଘଟଣା ଘଟିଥିଲା । ୧୯୬୨ ମସିହାର ଘଟଣା । ନନ୍ଦିନୀଦେବୀ ସେତେବେଳେ ଓଡ଼ିଶାରୁ ରାଜ୍ୟସଭା ସାଂସଦ ଥାଆନ୍ତି । କେନ୍ଦ୍ର ସାହିତ୍ୟ ଏକାଡ଼େମୀରେ ନନ୍ଦିନୀଙ୍କର ବାପା କାଳିନ୍ଦୀଚରଣ ଓଡ଼ିଶାରୁ ପ୍ରଥମ ଓଡ଼ିଆ ଫେଲୋ । ସେତେବେଳେ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସଭାପତି ଥାଆନ୍ତି ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ । ଏକାଡ଼େମୀର ଏକ ମିଟିଂ ଡକାଯାଇଥାଏ ଦିଲ୍ଲୀରେ । ନନ୍ଦିନୀଙ୍କ ବାପା ସେହି ମିଟିଂକୁ ଯାଇଥାନ୍ତି । ମିଟିଂ ସାରି ଘରକୁ ଫେରିବା ଉଦ୍ଦେଶ୍ୟରେ ବାପା ଆସି ବାହାରେ ଠିଆହୋଇ ଥାଆନ୍ତି । ଇନ୍ଦିରାଗାନ୍ଧୀ ମଧ୍ୟ ସେହି ମିଟିଂକୁ ଯାଇଥିଲେ । ଏତିକିବେଳେ ଇନ୍ଦିରାଜୀ ମିଟିଂ ସାରି ସେହି ବାଟ ଦେଇ ଫେରିବା ସମୟରେ ବାପାଙ୍କୁ ବାହାରେ ଠିଆ ହୋଇଥିବାର ଦେଖି ପଚାରିଥିଲେ- 'Shall I drop you some where ?' ବାପା ସମ୍ମତି ଜଣାଇ ମୋ ଠିକଣା ବତାଇଦେଇ କହିଲେ ମୋ ଝିଅ ନନ୍ଦିନୀ ଶତପଥୀ ଏମ୍.ପି. ଅଛି । ମୁଁ ତାହାରି କ୍ୱାର୍ଟରରେ ରହୁଅଛି । ଏହା ଶୁଣି ଇନ୍ଦିରାଗାନ୍ଧୀ ପଚାରିଲେ, ଆପଣ ନନ୍ଦିନୀର ବାପା ନା ? ଆପଣଙ୍କର ମୁହଁ ସାଙ୍ଗରେ ତା'ର ଭାରି ସାମଞ୍ଜସ୍ୟ ଅଛି । ବାପା ହସି ହସି କହିଥିଲେ- ନାଇଁ, ନନ୍ଦିନୀ ମୋ ଝିଅ । ଏହା ଶୁଣି ଇନ୍ଦିରାଜୀ ଖୁବ୍ ହସିଲେ ଓ ତାଙ୍କୁ ଆଣି ମୁଁ ରହୁଥିବା ୧୦୬, ନର୍ଥ ଆଭିନ୍ୟୁର କ୍ୱାର୍ଟରେ ଛାଡ଼ି ଦେଇଥିଲେ ।'[୧୭]

ଏହା ଥିଲା କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ସ୍ୱାଭିମାନ । ଜଣେ ଦରଦୀ ଲେଖକର ସ୍ୱାଭିମାନ ।

[୧୭] ତତ୍ରୈବ, ପୃ-୯

ସ୍ୱାଭିମାନ ନଥିଲେ କୌଣସି ବ୍ୟକ୍ତି ଉପରକୁ ଉଠିବା ଅସମ୍ଭବ । ଯେଉଁ ସ୍ୱାଭିମାନ ଯୋଗୁଁ ନନ୍ଦିନୀଦେବୀ ତାଙ୍କର ଜୀବନରେ ଅନେକ ଉଚ୍ଚପଦ ପଦବୀ ହାତଛଡ଼ା କରିବା ସଙ୍ଗେ ସଙ୍ଗେ ଅନେକ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ଅପ୍ରୀତିକର ପରିସ୍ଥିତିରେ ପକାଇ ଦେଇଥିଲେ ।*

ସାଂସ୍କୃତିକ ସାହିତ୍ୟିକ ବୁନିଆଦି ପରମ୍ପରାରେ ନନ୍ଦିନୀଦେବୀ ପିଲାଟି ବେଳରୁ ଚଳି ଆସୁଥିଲେ । ବାପା କାଳିନ୍ଦୀବାବୁ ସମବାୟ ବିଭାଗର ଚାକିରି ଛାଡ଼ି ମୟୂରଭଞ୍ଜରୁ ପ୍ରକାଶିତ "ଭଞ୍ଜ ପ୍ରଦୀପ" ପତ୍ରିକାର ସମ୍ପାଦକ ରୂପରେ ଯୋଗ ଦେଇଥାନ୍ତି । ପରେ ପରେ ସେ ନିଜର ପରିବାରକୁ ସେଠାକୁ ନେଇ ରଖିଥାନ୍ତି । ନନ୍ଦିନୀ ସେତେବେଳକୁ ତିନି ବର୍ଷର ଶିଶୁ । ଦୁଇବର୍ଷ ପରେ ନନ୍ଦିନୀଙ୍କୁ ଯେତେବେଳେ ପାଞ୍ଚବର୍ଷ-ମୟୂରଭଞ୍ଜର ସ୍କୁଲରେ ବାପା କାଳିନ୍ଦୀବାବୁ ତା'ର ନାମ ଲେଖାଇ ଦେଇଥିଲେ । ପାଞ୍ଚ କିମ୍ବା ସାତ ଦିନ ସ୍କୁଲକୁ ଯିବାପରେ ନନ୍ଦିନୀ ବାପାଙ୍କୁ କହିଲେ ମୋତେ ଏ ସ୍କୁଲ ଭଲ ଲାଗୁନାହିଁ, ମୁଁ କଟକରେ ରହି ପାଠ ପଢ଼ିବି । କାଳିନ୍ଦୀବାବୁ ବ୍ୟସ୍ତ ହୋଇଗଲେ ଏତେ ଛୋଟପିଲା ପୁଣି କଟକରେ ହଷ୍ଟେଲରେ ରହି ପାଠ ପଢ଼ିବ । ସେ ନନ୍ଦିନୀଙ୍କୁ ଡାକି କହିଲେ ଏଠାକାର ସ୍କୁଲରେ ତୋର କ'ଣ ଅସୁବିଧା ହେଉଛିକି ? ନନ୍ଦିନୀଦେବୀଙ୍କ ଠାରୁ ବାପା ଯେଉଁ ଉତ୍ତର ଶୁଣିଲେ ତାହା ତାଙ୍କୁ ସ୍ତମ୍ଭୀଭୂତ କରିଦେଇଥିଲା । ସେହି ସମୟରେ ସେଠାକାର ରାଜାଙ୍କର ସ୍ତୁତିଗାନ ସ୍କୁଲରେ ପ୍ରାର୍ଥନା ସମୟରେ କରାଯାଉଥିଲା ।

'ଏ ମୋର ଜନ୍ମଭୂମି ଏହି ମହାରାଜା
ଜନ୍ମେ ଜନ୍ମେ କରୁଥିବି ମୁଁ ଏ ଦୁହିଁଙ୍କୁ ପୂଜା ।'[୧୮]

ନନ୍ଦିନୀଙ୍କୁ ଏହି ପ୍ରାର୍ଥନାଟି ଖରାପ ଲାଗୁଥିଲା । ସେ ସାନଟି ବେଳରୁ ଭଗବାନଙ୍କର ପ୍ରାର୍ଥନା ଶୁଣିଥିଲେ । ବାପା ବୋଉ ମଧ୍ୟ ତାଙ୍କୁ ଅନେକ ପ୍ରାର୍ଥନା ଶିଖାଉଥିଲେ । ତେଣୁ ଏ ରାଜାଙ୍କୁ ପୂଜା କରିବା ପ୍ରାର୍ଥନାଟି ତାଙ୍କୁ ଖୁବ୍ ବିରକ୍ତି ଲାଗୁଥିଲା । କାଳିନ୍ଦୀବାବୁ ମଧ୍ୟ ଝିଅଟିର ସ୍ୱାଭିମାନକୁ ଦେଖି ଖୁବ୍ ଖୁସି ହେଉଥିଲେ । ଏହଭଳି ସାଂସ୍କୃତିକ ସାହିତ୍ୟିକ ପରିବାରର ଦାୟାଦ ତଥା ସ୍ୱାଭିମାନୀ ଲେଖକଙ୍କର ଝିଅ ହୋଇ ନନ୍ଦିନୀଦେବୀ ରାଜାଙ୍କର ସ୍ତୁତିଗାନ କରିବା ତାଙ୍କ ପକ୍ଷରେ କିପରି ବା ସମ୍ଭବ ହୋଇଥାଆନ୍ତା । ସେତେବେଳେ ନନ୍ଦିନୀଙ୍କର ଦାଦାଙ୍କ ଝିଅ ଭୋଜୀନାନୀ କଟକର ହଷ୍ଟେଲରେ ରହି ପାଠ ପଢୁଥିଲେ । ତାଙ୍କ ବଡ଼ବାପା ଦିବ୍ୟସିଂହ ପାଣିଗ୍ରାହୀ କିନ୍ତୁ

[୧୮] ତତ୍ରୈବ, ପୃ-୧୦

ବାରିପଦାରେ ରହୁଥିଲେ । ଦିବ୍ୟସିଂହବାବୁ ସେଠାରେ ଷ୍ଟେଟ୍ ପ୍ଲିଡର (ଏହିକ୍ଷଣି ଯାହାକୁ କହୁଛନ୍ତି ଆଡ୍‌ଭୋକେଟ୍ ଜେନେରାଲ) ଭାବେ କାର୍ଯ୍ୟ କରୁଥିଲେ । ଏହି ଘଟଣା ପରେ ଦିବ୍ୟସିଂହବାବୁ ନନ୍ଦିନୀଦେବୀଙ୍କୁ ଆଣି କଟକରେ ସେହି ଗାର୍ଲସ୍କୁଲରେ ନାମ ଲେଖାଇ ଦେଇଥିଲେ । ଏଥିରୁ ଅନୁମାନ କରାଯାଏ ଯେ, ନନ୍ଦିନୀଦେବୀ ପିଲାଟିଦିନରୁ କେତେ ସ୍ୱାଭିମାନୀ ଥିଲେ ।

ରାଜନୀତି ଭିତରେ ସବୁକିଛି ଭୁଲି ହୋଇଯାଏ, ମାତ୍ର ନନ୍ଦିନୀ କିନ୍ତୁ ଭୁଲିନଥିଲେ ସାରସ୍ୱତ ସାଧନାକୁ । ରେଭେନ୍ସା କଲେଜରୁ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ସ୍ନାତକୋତ୍ତର (ଏମ୍.ଏ.) ପାଶ୍ କରିଥିଲେ । ବାପା କାଳିନ୍ଦୀଚରଣ ଓ ଦାଦା ଭଗବତୀଙ୍କର ଭାବ ତାଙ୍କର କଲମ ମୁନରେ ପ୍ରଭାବ ପକାଇଥିଲା । ନନ୍ଦିନୀ ସପ୍ତମ ଶ୍ରେଣୀରେ ପଢୁଥିବା ସମୟରେ ସ୍କୁଲ ମାଗାଜିନ୍‌ରେ ତାଙ୍କର ପ୍ରଥମ ଗପ 'ଅନାଥ' ପ୍ରକାଶିତ ହୋଇଥିଲା । ୧୯୬୭ ମସିହାରେ ତାଙ୍କର ପ୍ରଥମ ଗଳ୍ପ ସଂକଳନ 'କେତୋଟି କଥା' ପ୍ରକାଶ ପାଇଥିଲା । ୧୯୭୦ରେ କୃଷ୍ଣା କ୍ରିପାଲିନୀଙ୍କର 'ଅଲ୍ ମେନ୍ ଆର୍ ବ୍ରଦର୍ସ'ର ଓଡ଼ିଆ ଅନୁବାଦ କରିଥିଲେ । ଯାହାକି କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା 'ଗାନ୍ଧି କଥାମୃତ' ନାମରେ ୧୯୭୦ରେ ପ୍ରକାଶିତ ହୋଇଥିଲା । ୧୯୮୮ରେ ପ୍ରକାଶ ପାଇଥିଲା ନନ୍ଦିନୀଙ୍କର ଦ୍ୱିତୀୟ ଗଳ୍ପ ସଂକଳନ 'ସପ୍ତଦଶୀ' । ପରେ ଅନୁବାଦ କରିଥିଲେ ଜ୍ଞାନପୀଠ ବିଜୟିନୀ ଅମୃତାପ୍ରୀତମ୍‌ଙ୍କର 'ରେଭିନ୍ୟୁ ଟିକେଟ୍' । ଏହା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲା ୧୯୯୫ ମସିହାରେ । ୧୯୮୮ରେ ତାଙ୍କର ପ୍ରକାଶିତ ହୋଇଥିଲା କବିତା ସଂକଳନ 'ଉତ୍ତର ପୁରୁଷ' । ତସଲିମା ନାସ୍‌ରିନ୍‌ଙ୍କ ଉପନ୍ୟାସର ଓଡ଼ିଆ ଅନୁବାଦ 'ଲଜ୍ଜା' ନନ୍ଦିନୀ ପ୍ରକାଶିତ କଲେ । ବଙ୍ଗଳା ଲେଖିକା ମହେଶ୍ୱତା ଦେବୀଙ୍କର କେତେଗୁଡ଼ିଏ ଅନୁବାଦ ଗଳ୍ପ ପାଠକୀୟ ସ୍ୱୀକୃତି ଲାଭ କରିଥିଲା । ଉପରୋକ୍ତ ସମସ୍ତ ତାଙ୍କ ଦ୍ୱାରା ରଚିତ ପୁସ୍ତକ ପାଠକ ଓ ପାଠିକାମାନଙ୍କର ମନରେ ଗଭୀର ରେଖାପାତ କରିଅଛି ।

ସାଂସ୍କୃତିକ ସାହିତ୍ୟିକ ସମ୍ପନ୍ନ ପରିବାରର ଉପଯୁକ୍ତ ଦାୟାଦ ଭାବରେ ନନ୍ଦିନୀଦେବୀ ବାପା ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଦାଦା କମ୍ରେଡ୍ ଭଗବତୀ ଚରଣ ପାଣିଗ୍ରାହୀଙ୍କର ପ୍ରଭାବ ତାଙ୍କୁ ଜଣେ ନିଛକ ସୁପ୍ରତିଷ୍ଠିତ ସାହିତ୍ୟିକା ଭାବରେ ସମଗ୍ର ଭାରତବର୍ଷରେ ପ୍ରତିଷ୍ଠିତ କରାଇପାରିଅଛି । ବାସ୍ତବରେ ନନ୍ଦିନୀଦେବୀ ଥିଲେ ଜଣେ ସୃଜନର ସ୍ୱାକ୍ଷର ।

***

# ନନ୍ଦିନୀଙ୍କର ସାହିତ୍ୟକୃତିର ବର୍ଗୀକରଣ

# (କ) ନନ୍ଦିନୀଙ୍କର ସାହିତ୍ୟକୃତିର ବର୍ଗୀକରଣ

'ଯେକୌଣସି ବ୍ୟକ୍ତି ହୁଅନ୍ତା ନା କାହିଁକି, ଯଦି ଜଣେ ଗୋଟିଏ କାର୍ଯ୍ୟ କରିବାକୁ ଦୃଢ଼ ସଂକଳ୍ପ ନେବ ଓ ମନପ୍ରାଣ ଢାଳି ସେହି କାମଟିରେ ଲାଗିପଡ଼ିବ ତେବେ ତାହା ଆନନ୍ଦରେ ହୋଇପାରିବ । ଏହି କଥା ପଦକ କହିଆସୁଥିଲେ ନିଜ ଜୀବନରେ ପ୍ରତ୍ୟେକ କ୍ଷେତ୍ରରେ ଅଙ୍ଗେ ନିଭାଇଥିବା ନମସ୍ୟା ନନ୍ଦିନୀ ଶତପଥୀ । ସେ ଏପରି ଏକ ବ୍ୟକ୍ତି ଯେ କି କୌଣସି କାର୍ଯ୍ୟରେ ହାର ମାନିଯିବା କେହି ଦେଖିନାହାନ୍ତି । ଶିକ୍ଷା ହେଉ, ରାଜନୀତି ହେଉ, ସମାଜସେବା ହେଉ କିମ୍ବା ସାହିତ୍ୟ ସାଧନା ହେଉ ସବୁଥିରେ ହିଁ ନନ୍ଦିନୀଦେବୀଙ୍କୁ ସଫଳତା ମିଳିଅଛି । ଯାହାକି ସମ୍ଭବ ହୋଇପାରିଅଛି ତାଙ୍କର ନିରବଚ୍ଛିନ୍ନ ସାଧନାର ଫଳ ।'[୧୯]

ନନ୍ଦିନୀଦେବୀଙ୍କର ଭାଷାରେ-ସାଧନାର ଫଳ ଆପେ ଆପେ ଆସିଥାଏ । ପିଲାଟି ବେଳରୁ ନନ୍ଦିନୀଙ୍କୁ ତାଙ୍କର କକେଇ ଭଗବତୀ ଚରଣ ପାଣିଗ୍ରାହୀ କମ୍ୟୁନିଷ୍ଟମାନଙ୍କର ବହି ଆଣି ଦେଉଥିଲେ ଏବଂ ସେ ତାହାକୁ ବୁଝି ଅନ୍ୟମାନଙ୍କୁ ବୁଝାଉଥିଲେ । କେତେଗୁଡ଼ିଏ ବହିକୁ ମଧ୍ୟ ସେ ଅନୁବାଦ କରୁଥିଲେ । ନନ୍ଦିନୀଦେବୀଙ୍କର ବାପା ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ପ୍ରଭାବ ନନ୍ଦିନୀଦେବୀଙ୍କର ଉପରେ ପଡ଼ିଥିଲା । ବାପା ଲେଖୁଥିବା ସମୟରେ ନନ୍ଦିନୀ ସବୁ ଦେଖୁଥିଲେ ଓ ବାପା ତାଙ୍କୁ କେବେ କେବେ ଡିକ୍‌ଟେସନ ଦେଉଥିଲେ ।

'ସାଂସ୍କୃତିକ ସାହିତ୍ୟିକ ପରିବାରର ଦାୟାଦ ହୋଇଥିବାରୁ ବାପା ଓ ଦାଦାଙ୍କର ପ୍ରଭାବ ନନ୍ଦିନୀଙ୍କ ଉପରେ ପିଲାଟି ଦିନରୁ ପଡ଼ିଥିଲା । ନନ୍ଦିନୀଦେବୀ ପିଲାଟି ବେଳରୁ କଟକସ୍ଥ ପ୍ରାକ୍ଟିସିଂ ମିଡିଲ୍ ସ୍କୁଲ୍‌ରେ ପଢୁଥିଲେ । ତାଙ୍କ ସ୍କୁଲ ପାଖରେ ଟ୍ରେନିଂ ସ୍କୁଲ ଥାଏ । ସେହି ଟ୍ରେନିଂ ସ୍କୁଲରୁ

[୧୯] ତତ୍ରୈବ, ପୃ-୧୦୬

ଗୋଟିଏ ମାଗାଜିନ୍ ବାହାରିଥାଏ । ସେଥିରେ ତାଙ୍କର ମିଡିଲ୍ ସ୍କୁଲର ପିଲାମାନଙ୍କୁ ମଧ୍ୟ ଲେଖା ଦେବାପାଇଁ କୁହାଯାଇଥିଲା । ଠିକ୍ ସେହି ସମୟରେ ନନ୍ଦିନୀଦେବୀଙ୍କର ପ୍ରଥମ ସୃଜନର ସ୍ୱାକ୍ଷର ପ୍ରଥମ ଗଳ୍ପ 'ଅନାଥ' ଉକ୍ତ ସ୍କୁଲ ମାଗାଜିନ୍‌ରେ ପ୍ରକାଶିତ ହୋଇଥିଲା । ବାପା ଓ ମା' ନଥିବା ଏକ ଛୋଟ ପିଲାଟିର କଥା ଉକ୍ତ ଗଳ୍ପରେ ନନ୍ଦିନୀଦେବୀ ବର୍ଣ୍ଣନା କରିଥିଲେ । ପିଲାଟି ବେଳରୁ ତାଙ୍କର ସାହିତ୍ୟିକ ପ୍ରତିଭାର ପରିଚୟ ମିଳୁଥିଲା ।'[୨୦]

ଭାଗ୍ୟର କାଳଚକ୍ରରେ ନନ୍ଦିନୀଦେବୀ ରାଜ୍ୟସଭା ସାଂସଦ, କେନ୍ଦ୍ରମନ୍ତ୍ରୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ, ରାଜ୍ୟ ଯୋଜନାବୋର୍ଡ ଅଧକ୍ଷା, କଂଗ୍ରେସ କାର୍ଯ୍ୟକାରିଣୀ କମିଟି ସଭ୍ୟ, ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ପଦବୀରେ ଥାଇ ମଧ୍ୟ ସେ ସାହିତ୍ୟ ସାଧନାକୁ କଦାପି ଭୁଲିପାରିନଥିଲେ । ସମସ୍ତ ପଦବୀର ସଠିକ୍ କାର୍ଯ୍ୟ କରି ମଧ୍ୟ ନନ୍ଦିନୀଦେବୀ ସାହିତ୍ୟ ସାଧନା ପାଇଁ ସମୟ ଦେଉଥିଲେ । ଲୋକମାନଙ୍କର ସମସ୍ୟା ବୁଝିବା, ଦରଖାସ୍ତ କରିବା ଭଳି କାର୍ଯ୍ୟରେ ସାରାଦିନ ବ୍ୟସ୍ତ ଭିତରେ ନନ୍ଦିନୀଙ୍କର ସାହିତ୍ୟ ପାଇଁ ରାତ୍ର ସମୟରେ ଡିଟେକ୍‌ସନ ଦେଇଥାନ୍ତି ।

ନନ୍ଦିନୀଦେବୀ ସଦାସର୍ବଦା କହିଥାନ୍ତି କୌଣସି ମହତ୍ତର କାର୍ଯ୍ୟ ପାଇଁ ବିବେକର ଅନୁମୋଦନ ସତ୍ତ୍ୱେ ହୃଦୟ ଭିତରୁ ଯେଉଁ ଆହ୍ୱାନ ଆସିଥାଏ, ଆଉ ସେହି ଆହ୍ୱାନକୁ ବାସ୍ତବରେ ରୂପାନ୍ତରୀତ କରିବା ପାଇଁ ମନରେ ଯଦି ନିଷ୍ଠା ଥାଏ, ଏକାଗ୍ରତା ଥାଏ, ତେବେ ଏଥିପାଇଁ ସମୟ ଆପେ ଆପେ ଆସି ଧରାଦେବ । ଏଥିପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସମୟକୁ ଖୋଜିବା ଦରକାର ପଡ଼େନାହିଁ ।

ନନ୍ଦିନୀଙ୍କର ଭାଷାରେ ଯେଉଁମାନେ କ'ଣଟେ ହେବାପାଇଁ କି ପୁରସ୍କାରଟେ ପାଇବା ପାଇଁ ମନରେ ଧାରଣ ପୋଷଣ କରି କଲମ ଧରିଥାନ୍ତି ସେମାନଙ୍କର କ୍ଷେତ୍ରରେ ଅବଶ୍ୟ ଭିନ୍ନକଥା । ବାସ୍ତବରେ ଏହା କେତେବଡ଼ ନିଷ୍ଠୁ କଥାଟିଏ ! ବର୍ତ୍ତମାନ କେତେକ ନୂଆ ନୂଆ ସାହିତ୍ୟିକ ବାହାରିଗଲେଣି । କେବଳ ନାମ ଦେଖି ସେମାନଙ୍କର ଲେଖାକୁ ସ୍ୱୀକୃତି ମିଳୁଅଛି । ଅବଶ୍ୟ ଏହି ଶ୍ରେଣୀଭୁକ୍ତ ସାହିତ୍ୟିକମାନଙ୍କ କ୍ଷେତ୍ରରେ ସମୟକୁ ଖୋଜିବାକୁ ପଡ଼ିଥାଏ । ଜଣେ ସଚ୍ଚା ସାହିତ୍ୟିକ ଏସବୁର ଉର୍ଦ୍ଧ୍ୱରେ ରହି ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ବିନା ଅନ୍ୟ କିଛି ଭାବିପାରନ୍ତି ନାହିଁ ।

ସବୁଜ ଯୁଗର ମହାନାୟକ ତଥା 'ମାଟିର ମଣିଷ' କାଳଜୟୀର ରଚୟିତା ପଦ୍ମଭୂଷଣ

[୨୦] ତତ୍ରୈବ, ପୃ-୧୦୭

କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ସୁଯୋଗ୍ୟା କନ୍ୟାରତ୍ନା ନନ୍ଦିନୀ ଶତପଥୀଯେଉଁ ସାରସ୍ୱତ ସାହିତ୍ୟ ସୃଷ୍ଟି କରିଛନ୍ତି ସେଥିରେ ଅଛି ଅନାଥର ଆତୁର କାହାଣୀ, ଏକ ସାମାଜିକ ଦାୟିତ୍ୱବୋଧତା । ତାଙ୍କରି ସାହିତ୍ୟରେ ଅନେକ ଭାବରେ କର୍ତ୍ତବ୍ୟର ଛାପ ହିଁ ପ୍ରସ୍ଫୁଟିତ ହୋଇପାରିଅଛି । ନିଜର ଜୀବଦଶାରେ ସାହିତ୍ୟ ପାଇଁ କେବେ ପୁରସ୍କାର ପାଇବାକୁ ନନ୍ଦିନୀଦେବୀ ଚିନ୍ତା କରିନଥିଲେ । ଅମୃତାପ୍ରୀତମ୍‌ଙ୍କର 'ରେଭିନ୍ୟୁ ଟିକେଟ୍'ଟିକୁ ଅନୁବାଦ କରି ନନ୍ଦିନୀଦେବୀ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଅଛନ୍ତି । ତଥାପି ବି ସେ ଏହି ପୁରସ୍କାର ପାଇଁ ଗର୍ବ ଅନୁଭବ କରିନଥାନ୍ତି । ୧୯୯୪ ମସିହାରେ ତାଙ୍କ ଦ୍ୱାରା ଅନୁବାଦିତ ତସଲିମା ନାସରିନ୍‌ଙ୍କର 'ଲଜ୍ଜା' ବହିର ବିକ୍ରୟ ତଥା ଲୋକପ୍ରିୟତା ଏତେ ବଢ଼ିଗଲା ଯେ, ଏହା ପୂର୍ବରୁ କୌଣସି ଟ୍ରାନ୍‌ସଲେସନ ପୁସ୍ତକ ଏହିପରି ଲୋକପ୍ରିୟତା ଅର୍ଜନ କରିନଥିଲା ।

'ନନ୍ଦିନୀ ଶତପଥୀ ଆଜି ଯେଉଁ ପର୍ଯ୍ୟନ୍ତ ଆସିପାରିଛନ୍ତି ତାହା କେବଳ ସମ୍ଭବ ହୋଇପାରିଛି ତାଙ୍କର ଦୃଢ଼ ଇଚ୍ଛାଶକ୍ତି ଓ ସାଧନା ଯୋଗୁଁ । ସମାଜସେବା, ବିପ୍ଳବ, ରାଜନୀତି ମଧ୍ୟରେ ମଧ୍ୟ ନନ୍ଦିନୀଦେବୀ ଘାଣ୍ଟି ହୋଇ ସାହିତ୍ୟକୁ ସେ ଛାଡ଼ିପାରିନାହାନ୍ତି । ୧୯୬୭ ମସିହା ଦଶହରାରେ ତାଙ୍କର ପ୍ରଥମ ଗଳ୍ପ ସଂକଳନ 'କେତୋଟି କଥା' ପ୍ରକାଶିତ ହୋଇଥିଲା । ଏହି ସଂକଳନରେ ଥିବା ଗପ ଗୁଡ଼ିକ ଏତେ ଆଦୃତ ହେଲା ଯେ-ଭାରତର ବିଭିନ୍ନ ଆଞ୍ଚଳିକ ଭାଷା ତଥା ବଙ୍ଗଳା, ତେଲୁଗୁ, ତାମିଲ, ମାଲୟଲମ୍, କନ୍ନଡ଼, ସର୍ବୋପରି ଇଂରାଜୀ ଭାଷାରେ ଏହାର ଅନୁବାଦ ପ୍ରକାଶିତ ହେଲା ଏବଂ ସେହି ଭାଷାଭାଷୀ ଲୋକମାନଙ୍କର ତଥା ପାଠକପାଠିକାମାନଙ୍କର ଆଦୃତ ମଧ୍ୟ ହୋଇଥିଲା । ଏହାପରେ ନନ୍ଦିନୀଦେବୀଙ୍କର ଜାତିର ଜନକ ମହାତ୍ମାଗାନ୍ଧୀଙ୍କର ଆତ୍ମଜୀବନୀ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କୃଷ୍ଣାକ୍ରିପାଳିନୀଙ୍କର 'ଅଲ୍‌ମେନ୍ ଆର୍ ବ୍ରଦର୍ସ' ଓଡ଼ିଆ ଅନୁବାଦ 'ଗାନ୍ଧୀ କଥାମୃତ' ୧୯୭୦ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପ୍ରକାଶିତ କରିଲା । ପରେ ନନ୍ଦିନୀଦେବୀ ତାଙ୍କର ଦ୍ୱିତୀୟ ଗଳ୍ପ ସଂକଳନ 'ସପ୍ତଦଶୀ' ପ୍ରକାଶିତ କରିଲେ । ଯଶସ୍ୱୀ ସାହିତ୍ୟିକା ଅମୃତାପ୍ରୀତମ୍‌ଙ୍କର 'ରେଭିନ୍ୟୁ ଟିକେଟ୍'କୁ ନନ୍ଦିନୀଦେବୀ ଓଡ଼ିଆରେ ଅନୁବାଦ କରିଲେ । ଯାହାକି କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲା । ଏତଦ୍‌ବାଦ ପ୍ରଖ୍ୟାତ ବଙ୍ଗଳା ଲେଖିକା ମହେଶ୍ୱତାଦେବୀଙ୍କର ପ୍ରକାଶିତ ପଚାଶଟି ଗଳ୍ପ ମଧ୍ୟରୁ କୋଡ଼ିଏଟି ଗଳ୍ପର ଗଳ୍ପ ଅନୁବାଦ କରିଥିଲେ

ନନ୍ଦିନୀଦେବୀ । ଏବଂ ତସଲିମା ନାସରିନ୍‌ଙ୍କର 'ଲଜ୍ଜା'କୁ ନନ୍ଦିନୀଦେବୀ ଅନୁବାଦ କରିଥିଲେ । ଯାହାକି ସମଗ୍ର ଭାରତବର୍ଷରେ ସାହିତ୍ୟ ଜଗତରେ ବିଶେଷ ଆଲୋଡ଼ନ ସୃଷ୍ଟି କରିପାରିଥିଲା । ଏତଦ୍‌ବ୍ୟତୀତ୍ ନନ୍ଦିନୀଦେବୀ ନିଜର କବିତା ସଂକଳନ 'ଉତ୍ତରପୁରୁଷ' ମଧ୍ୟ ରଚନା କରି କବିମାନଙ୍କର ହୃଦୟରେ ଗଭୀର ରେଖାପାତ କରିପାରିଛନ୍ତି ।'[୨୧]

ସର୍ବୋପରି ଓଡ଼ିଆ ସାହିତ୍ୟକୁ ନନ୍ଦିନୀଦେବୀଙ୍କ ଅବଦାନ ଅତୁଳନୀୟ । ତାଙ୍କ ଦ୍ୱାରା ରଚିତ ସାହିତ୍ୟ କୃତୀର ବର୍ଗୀକରଣର ଏକ ସାରଣୀ ନିମ୍ନରେ ପ୍ରଦାନ କରାଗଲା-

ସାହିତ୍ୟିକା ନନ୍ଦିନୀଦେବୀଙ୍କର ସାହିତ୍ୟ କୃତିର ବର୍ଗୀକରଣ

ଓଡ଼ିଆ ସାହିତ୍ୟ

ଗଳ୍ପ    କବିତା    ଅନୁବାଦ

କେତୋଟି କଥା

ସପ୍ତଦଶୀ

ଉତ୍ତରପୁରୁଷ

ତସଲିମା ନାସରିନ୍‌ଙ୍କ ଉପନ୍ୟାସ "ଲଜ୍ଜା"

ମହାଶ୍ୱେତାଦେବୀଙ୍କ "ଗଳ୍ପଗୁଚ୍ଛ ସଂକଳନ"

ଅମୃତାପ୍ରୀତମ୍‌ଙ୍କର "ରେଭିନ୍ୟୁ ଟିକେଟ୍"

କୃଷ୍ଣା କ୍ରିପାଳିନୀଙ୍କର "ଗାନ୍ଧି କଥାମୃତ"

ନନ୍ଦିନୀ ଶତପଥୀଙ୍କର ସାହିତ୍ୟ କୃତିର ବର୍ଗୀକରଣ ବିଷୟରେ ବିଶେଷଭାବରେ ଆଲୋକପାତ କରାଯିବା ଜରୁରୀ ।

[୨୧] ତତ୍ରୈବ, ପୃ-୧୦୮

## ନନ୍ଦିନୀଦେବୀଙ୍କର ସାହିତ୍ୟ କୃତିର ବର୍ଗୀକରଣ

### "ଗଳ୍ପ ସଂକଳନ"

ନିଛକ ଗୋଟିଏ ସାରସ୍ୱତ ପରିବାରରେ ନନ୍ଦିନୀଦେବୀଙ୍କର ଜନ୍ମ ହୋଇଥିବାରୁ ବିଶେଷତଃ ବାପା ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଦାଦା କମ୍ରେଡ୍ 'ଶିକାରୀ' ଗଳ୍ପର ଗାଳ୍ପିକ ଭଗବତୀ ଚରଣ ପାଣିଗ୍ରାହୀଙ୍କର ଆଦର୍ଶରେ ଅନୁପ୍ରାଣୀତ ହୋଇ ନନ୍ଦିନୀଦେବୀ ପିଲାଟି ଦିନରୁ ସାହିତ୍ୟରେ ମନୋନିବେଶ କରିଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ ।

ନନ୍ଦିନୀଦେବୀ ଯେତେବେଳେ କଟକରେ ରହି ବିଦ୍ୟାଳୟରେ ପାଠ ପଢୁଥିଲେ, ନିକଟସ୍ଥ ଏକ ସ୍କୁଲର ମାଗାଜିନ୍‌ରେ ନନ୍ଦିନୀଦେବୀଙ୍କର ପ୍ରଥମ ଗଳ୍ପ 'ଅନାଥ' ପ୍ରକାଶ ପାଇଥିଲା । ଛୋଟ ପିଲାଟିଏ ତା'ର ବାପା ଓ ମା'ଙ୍କୁ ହରାଇ ସମାଜରେ କିପରି ବଞ୍ଚିବ ଏ ବିଷୟରେ ସେ ଗଳ୍ପରେ ନନ୍ଦିନୀ ଲେଖିଥିଲେ । ସେହିଦିନଠାରୁ ସେ ଆଉ ପଛକୁ ନ ଫେରି ସାହିତ୍ୟ ରଚନା ଦିଗରେ ମନୋନିବେଶ କରିଛନ୍ତି ।

### ନନ୍ଦିନୀଦେବୀଙ୍କର ଗଳ୍ପ ସଂକଳନ : (କେତୋଟି କଥା)

ପ୍ରଥମ ଗଳ୍ପ "କେତୋଟି କଥା" ପ୍ରକାଶ ପାଇଥିଲା ୧୯୬୭ । ଏହି କେତୋଟି କଥା ଗଳ୍ପରେ ନନ୍ଦିନୀଦେବୀ ନିଜେ ବାଇଶଗୋଟି ଗଳ୍ପ ରଚନା ପ୍ରକାଶକରିଛନ୍ତି । ପାଠକ ଓ ପାଠିକାଙ୍କର ମନରେ ଏତେ ଏହାର ସୁଦୂରପ୍ରସାରୀ ହୋଇଥିଲା ଯେ, ଏହି କେତୋଟି କଥାର ଗଳ୍ପ ଗୁଡ଼ିକ ଭାରତୀୟ ଅନ୍ୟ ଆଞ୍ଚଳିକ ଭାଷାରେ ରଚନା କରାଯାଇ ପ୍ରକାଶ କରାଯାଇଥିଲା । ଯାହାକି ନନ୍ଦିନୀଦେବୀ ନିଜେ ବହୁତ ଖୁସି ହୋଇଥିଲେ ।

ନନ୍ଦିନୀଦେବୀଙ୍କ "କେତୋଟି କଥା" ଗଳ୍ପ ସଂକଳନରେ ୨୨ ଗୋଟି ଗଳ୍ପକୁ ସ୍ଥାନୀତ କରିଦେଲେ-

୧. ତ୍ରିଭୁଜ, ୨. ତସ୍ମାତ୍ ୱଂ ଉତ୍ତିଷ୍ଠ, ୩. ଅଭିମାନ, ୪. ତାସ୍‌ଘର, ୫. ଡଷ୍ଟବିନ୍, ୬. ଜିତାପଟ, ୭. ଆରପାଖେ, ୮. ସୀତାନାନୀର ପୁଅ, ୯. ସେ, ୧୦. ଗାୟତ୍ରୀ, ୧୧. ସମୁଦ୍ର, ୧୨. ନବଦିଗନ୍ତ, ୧୩. ମନଗହ୍ୱର, ୧୪. ଡାକଘର ହେବା ନୋହିଲା, ୧୫. ଟେଲିଗ୍ରାମ୍,

୧୬. ଆଶ୍ରୟପ୍ରାର୍ଥୀ, ୧୭. ଉଦ୍‌ଘାଟନ, ୧୮. ବାବୁଲି, ୧୯. ସ୍ମୃତିସଭା, ୨୦. ମହାକାଶ, ୨୧. ଅପରାହ୍ନର ସଂଗୀତ, ୨୨. ଜନପଥ ।

ଉଲ୍ଲିଖିତ ବାଇଶଗୋଟି ଗଳ୍ପକୁ ନେଇ ନନ୍ଦିନୀଦେବୀ ରଚନା କରିଛନ୍ତି ତାଙ୍କର ପ୍ରଥମ ଗଳ୍ପ ସଂକଳନର "କେତୋଟି କଥା" । ଏହି ଗଳ୍ପ ସଂକଳନ କେତୋଟି କଥା ଓଡ଼ିଶାର ପାଠକ ଓ ପାଠିକାମାନଙ୍କର ହୃଦୟରେ ବେଶ୍ ସ୍ଥାନ ପାଇପାରିଛି । ବିଶେଷତଃ ଓଡ଼ିଶାର ମୁଖ୍ୟ ଗାଳ୍ପିକମାନେ ଏହି ଗଳ୍ପ ସଂକଳନ 'କେତୋଟି କଥା'ପାଇଁ ନନ୍ଦିନୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । କେତୋଟି କଥା ଓଡ଼ିଆ ସାହିତ୍ୟକୁ ନନ୍ଦିନୀଙ୍କର ଏକ ଅବଦାନ ।

## ନନ୍ଦିନୀଦେବୀଙ୍କର ଗଳ୍ପ ସଂକଳନ : (ସପ୍ତଦଶୀ)

ନନ୍ଦିନୀ ଶତପଥୀଙ୍କର ଗଳ୍ପ ସଂକଳନର ଦ୍ୱିତୀୟ ଭାଗରେ ସେ ରଚନା କରିଛନ୍ତି - "ସପ୍ତଦଶୀ" । ୧୯୮୮ ମସିହାରେ ତାଙ୍କର ପ୍ରକାଶିତ ହୋଇଥିଲା ଦ୍ୱିତୀୟ ଗଳ୍ପ ସଂକଳନ 'ସପ୍ତଦଶୀ' । ଏଥିରେ ନନ୍ଦିନୀଦେବୀ ୧୭ ଗୋଟି ଗଳ୍ପକୁ ସଂକଳନ କରି 'ସପ୍ତଦଶୀ'ରେ ସ୍ଥାନ ଦେଇଥିଲେ । ସେହି ସତରଗୋଟି ଗଳ୍ପଗୁଡ଼ିକ ହେଲା-

୧. ବିଷର ବଳୟ, ୨. ଶତ୍ରୁ, ୩. ସୁଡ଼ଙ୍ଗର ଶେଷରେ, ୪. ବିବର୍ତ୍ତନ, ୫. ଅଶରୀରୀ ଆତ୍ମାର କାହାଣୀ, ୬. ଭସାମେଘ, ୭. ଏ ମନ ଭାବୁଥାଏ ଯାହା, ୮. ଭଲ ପାଉନଥିବା ଲୋକମାନେ, ୯. ସୁଚରିତାସୁ, ୧୦. ଏକକ, ୧୧. କାଳର କପୋଳ ତଳେ, ୧୨. ବୀରସା ଭୋଇ, ୧୩. ଆଜିର ଜୀବନ ଦେବତା, ୧୪. ଦୁହିତା, ୧୫. ଅନ୍ୟ ପୃଥିବୀ, ୧୬. ଜଣେ ଡେଙ୍ଗାଲୋକର ଇତିବୃତ୍ତ, ୧୭. ଗରଳର ଗାରିମା ।

ଏହି ସତରଗୋଟି ଗଳ୍ପକୁ ନେଇ ନନ୍ଦିନୀଦେବୀଙ୍କର ଦ୍ୱିତୀୟ ଗଳ୍ପ ସଂକଳନ 'ସପ୍ତଦଶୀ' ପ୍ରକାଶିତ ହେବା ପରେ ଓଡ଼ିଶାର ଜନସାଧଶରଣ, ପାଠକପାଠିକା, ଓଡ଼ିଆ ଭାଷାଭାଷୀ ସର୍ବୋପରି ଓଡ଼ିଶାର ପ୍ରତିଷ୍ଠିତ ଗାଳ୍ପିକମାନେ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ ନନ୍ଦିନୀ ଶତପଥୀଙ୍କୁ । ଏହି ଗଳ୍ପଗୁଡ଼ିକ ମଧ୍ୟରେ ନନ୍ଦିନୀଦେବୀ ଓଡ଼ିଆ ଭାଷା ଓଡ଼ିଶାର ସାମାଜିକ ଚଳଣୀକୁ ନିଛକ ଭାବରେ ପ୍ରତିପାଦନ କରିଆସିଛନ୍ତି । ଯାହାକି ବେଶ୍ ହୃଦୟସ୍ପର୍ଶୀ ଓ ସାରଗର୍ଭକ ।

## "କବିତା ସଂକଳନ" (ଉତ୍ତର ପୁରୁଷ)

ଜଣେ ସାରସ୍ୱତ ସାଂସ୍କୃତିକ ପରିବାରର ଦାୟଦା ଭାବରେ ନନ୍ଦିନୀ ଶତପଥୀ ପିଲାଟି ବେଳରୁ ବାପା ତଥା ପ୍ରସିଦ୍ଧ 'ମାଟିର ମଣିଷ' କାଳଜୟୀର ରଚୟିତା ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ ତଥା 'ଶିକାରୀ' ଗଳ୍ପର ଗାଳ୍ପିକ କମ୍ରେଡ୍ ଭଗବତୀଚରଣ ପାଣିଗ୍ରାହୀଙ୍କର ସାନ୍ନିଧ ଲାଭରୁ ପିଲାଟିଦିନରୁ 'ତୁଳସୀ ଦୁଇପତ୍ରରୁ ବାସେ' ଭଳି ତାଙ୍କର ସାହିତ୍ୟିକ ପ୍ରତିଭା ସ୍ପର୍ଶ କରିଥିଲା ତାଙ୍କୁ । ନନ୍ଦିନୀଦେବୀ ଗଳ୍ପ ରଚନା କରୁଥିଲେ ମଧ ତାଙ୍କର ରାଜନୈତିକ ତୁଙ୍ଗ ବ୍ୟକ୍ତିତ୍ୱ - ରାଜ୍ୟସଭା ସାଂସଦ କେନ୍ଦ୍ରମନ୍ତ୍ରୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତା ହୋଇ ମଧ ସମୟର କାଳଚକ୍ରରେ ପେଶି ହୋଇ ମଧ ସେ ସୃଜନର ସ୍ୱାକ୍ଷରକୁ କଦାପି ଅବହେଳା କରିନାହାନ୍ତି । ସମୟର ଘୋର ଅଭାବ ସତ୍ତ୍ୱେ ମଧ୍ୟରାତ୍ରୀ ପର୍ଯ୍ୟନ୍ତ ସେ କବିତା ଲେଖାରେ ନିଜକୁ ସାମିଲ କରିଥାଆନ୍ତି ।

୧୯୮୮ରେ ନନ୍ଦିନୀଦେବୀ ପ୍ରକାଶ କରିଥିଲେ ତାଙ୍କର କବିତା ସଂକଳନ- 'ଉତ୍ତର ପୁରୁଷ' । ସେହି ସମୟରେ ନନ୍ଦିନୀଦେବୀ ଢେଙ୍କାନାଳ ବିଧାନସଭା ନିର୍ବାଚନୀ ମଣ୍ଡଳୀର କଂଗ୍ରେସର ବିଧାୟିକା ଭାବରେ ଓଡ଼ିଶା ବିଧାନସଭାରେ ପ୍ରତିନିଧିତ୍ୱ କରୁଥିଲେ ।

'ନନ୍ଦିନୀଦେବୀ ତାଙ୍କର ଏହି କବିତା ସଂକଳନ "ଉତ୍ତର ପୁରୁଷ" ପୁସ୍ତକଟିକୁ ପ୍ରକାଶନ ପରେ ତାଙ୍କର ନାତି ସୁପର୍ଣ୍ଣୋ ଶତପଥୀ (ବଡ଼ପୁଅ ନଚିକେତା ଶତପଥୀଙ୍କର ପୁଅ) ହାତରେ ଅର୍ପଣ କରିଥିଲେ । ନନ୍ଦିନୀଦେବୀ କବିତା ସଂକଳନ "ଉତ୍ତର ପୁରୁଷ" ରଚନା କରିବାର ପୂର୍ବରୁ ଏକ ଟିପ୍ପଣୀ ପ୍ରଦାନ କରିଥିଲେ ଯେ, ମୁଁ କବି ନୁହେଁ କି କବି ଭାବରେ ପ୍ରତିଷ୍ଠା ପାଇବା ପାଇଁ କୌଣସି ଦିନ ଚେଷ୍ଟା କରିନାହିଁ । ଜୀବନକୁ ଦେଖି ଦେଖି ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କରି ଛାଁ କୁ ଛାଁ ମନ ଭିତରୁ କିଛି ଗୋଟାଏ ଠେଲା ମାରେ । କିଏ ଯେପରି କହିଦିଏ ଲେଖିପକା, ଲେଖିପକା; ମୋ ଉପରେ ଯାହାକି ଏକ କବିତା ଭୂତ ସେ ମୋତେ ଜାଗ୍ରତ କରାଇ ଦେଇଥାଏ । ମଣିଷ ଏକ ସାମାଜିକ ପ୍ରାଣୀ ଭାବରେ ବନ୍ଧନରେ ରହିଅଛି । ତାହାକୁ ଏକ ସାମାଜିକ ପ୍ରାଣୀ ଭାବରେ ବନ୍ଧନରେ ରହିଅଛି । ତାହାକୁ ଅତିକ୍ରମ କରି ନିଜ ପ୍ରେରଣାରେ ସେ କିଛି କରିପାରୁନାହିଁ । ବନ୍ଧନରୁ ମୁକୁଳି ଯେଉଁମାନେ କିଛି କରିପାରୁଛନ୍ତି, ସେମାନଙ୍କର ନାମ ପୃଥିବୀ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ମୋ ଭଳି ଅପାରଗ ଲୋକ ସାହିତ୍ୟ ଜଗତରେ ଲୀନ ହୋଇଯିବେ ।'[୨୨]

[୨୨] ନନ୍ଦିନୀ ଶତପଥୀ, ଉତ୍ତର ପୁରୁଷ, ଫ୍ରେଣ୍ଡସ୍ ପବ୍ଲିକେଶନ-୧୯୯୮, ପୃ-୧

ଲୀନ ହୋଇଯିବା ପରେ ଏକ ଭିନ୍ନ ଆନନ୍ଦ ଅଛି । ସେହି ଆନନ୍ଦ ମୋ ଭିତରେ କୌଣସି ଦିନ ମୋତେ ପୁରସ୍କାର ମିଳିବା ବା ପ୍ରତିଷ୍ଠିତ ହେବାର ଇଚ୍ଛା ଜାଗ୍ରତ କରିପାରୁନାହିଁ । ଓଡ଼ିଶାର ବହୁ ସାହିତ୍ୟିକ ଓ କବିବନ୍ଧୁ କବିତା ଲେଖିବା ପାଇଁ ମୋତେ ଉତ୍ସାହିତ କରିଅଛନ୍ତି । ବିଭିନ୍ନ ସମୟରେ କବିତାଗୁଡ଼ିକୁ ଲେଖିଅଛି । ଯଦି କେବେ ଜଣେ ବି ପାଠକ ଏହାକୁ ପଢ଼ି ଆନନ୍ଦିତ ହେବେ, ତେବେ ମୁଁ କୃତାର୍ଥ ହେବି ବୋଲି ନନ୍ଦିନୀଦେବୀ ତାଙ୍କର କବିତା ସଂକଳନ "ଉତ୍ତର ପୁରୁଷ"ର ମୁଖବନ୍ଧରେ ପ୍ରକାଶିତ କରିଥିଲେ । ଏଥିରୁ ନନ୍ଦିନୀଙ୍କର କବିତ୍ୱ ଶକ୍ତିର ପ୍ରମାଣିତ ମିଳିଥାଏ ।

ନନ୍ଦିନୀ ଶତପଥୀ ତାଙ୍କର କବିତା ସଂକଳନରେ ବୟାଳିଶୀ (୪୨) ଗୋଟି କବିତା ପ୍ରକାଶିତ କରିଛନ୍ତି । ଏହା ଓଡ଼ିଶାର କବି ତଥା କବିତାପ୍ରେମୀମାନଙ୍କର ହୃଦୟରେ ସର୍ବୋପରି ସାଧାରଣ ପାଠକ ଓ ପାଠିକାଙ୍କ ମନମଧ୍ୟରେ ଗଭୀର ରେଖାପାତ କରିଅଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ନନ୍ଦିନୀଦେବୀଙ୍କର କବିତା ସଂକଳନ "ଉତ୍ତର ପୁରୁଷ" ସୁଦୀର୍ଘ ଓଡ଼ିଆ କବିତା ଧାରାରେ ଏକାନ୍ତ ଉଲ୍ଲେଖଯୋଗ୍ୟ ନିଶ୍ଚୟ ।

୧. ଉତ୍ତର ପୁରୁଷ, ୨. ବେଲ୍‌ସେନ, ୩. ଯୋଗୀର କି ଦୁଃଖ, ୪. ଅନୁଚ୍ଚାରିତ, ୫. ଅସହାୟ ମଧ୍ୟବିନ୍ଦୁ, ୬. ଜନପଦରେ କୁହୁଡ଼ି, ୭. ଏପାଖ ସେପାଖ, ୮. କାଲି ଆଜି, ୯. ବିଶ୍ୱାସ ତୁଟିଲା ପରେ, ୧୦. ମଳିନ ପୃଥିବୀ, ୧୧. ଅନ୍ଧଗଳି, ୧୨. ଆଗ୍ନେୟଗିରି, ୧୩. ନିର୍ଝର, ୧୪. ମୋ ଭିତରେ ମୁଁ, ୧୫. ଅଶୋଚ୍ୟ, ୧୬. ନିଜକୁ ଭଲପାଅ, ୧୭. ମୁଁ ନୂଆ ଗଣକ, ୧୮. ବେଗ ହିଁ ଉନ୍ନତିର ଲକ୍ଷଣ, ୧୯. କାଞ୍ଜିଆହୁଦା, ୨୦. ବାଇଶ ପାହାଚ, ୨୧. ଅନ୍ଧାରରୁ ଅନ୍ଧାରକୁ, ୨୨. କେତେ ଆଉ ଶୋଉଥିବ, ୨୩. ଚନ୍ଦ୍ର ତୁମେ ଆଉ ଆସନାହିଁ, ୨୪. ବିଶ୍ୱାସ, ବିଶ୍ୱାସ, ବିଶ୍ୱାସ, ୨୫. ତୁମ ପୂର୍ଣ୍ଣଫଳ କିଛି ଦିଅ, ୨୬. ଲକ୍ଷ୍ମୀ ଠାକୁରାଣୀ, ୨୭. ସ୍ୱପ୍ନର ବି ସ୍ୱପ୍ନ ଥାଏ, ୨୮. ନାରୀ ତୁମେ – ନୁହେଁ ଖାଲି ନାରୀ, ୨୯. ଚାଲୁଥିବି ପଥ ଶେଷଯାଏ, ୩୦. ବନ୍ଧ ଭାଙ୍ଗିଗଲା, ୩୧. ମୋ ମାଆ, ୩୨. ରକ୍ତାକ୍ତ ଜୀବନ, ୩୩. ସୂର୍ଯ୍ୟ ଦେବତା, ୩୪. ବହୁରୂପୀ, ୩୫. ମୁଁ ଚଢ଼େଇ କହୁଛି, ୩୬. ଭ୍ରାନ୍ତି, ୩୭. କଳ୍ପନା ଓ ବାସ୍ତବ, ୩୮. ଭୁଲିବି, ୩୯. ମୃତ୍ୟୁ ତୁମରେ ଚାହେଁ, ୪୦. ଅଭିଶପ୍ତା ନାରୀ, ୪୧. ଠିକଣା ହଜିଗଲା, ୪୨. ସ୍ୱପ୍ନର ସେତୁ ।

# ନନ୍ଦିନୀ ଶତପଥୀଙ୍କର ସାହିତ୍ୟ କୃତିରେ "ଅନୁବାଦ"

ନନ୍ଦିନୀ ଶତପଥୀଙ୍କର ସାରସ୍ୱତ ରଚନା କିମ୍ବା ସାହିତ୍ୟିକା ବ୍ୟକ୍ତିତ୍ୱ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇଛି ।

ପ୍ରଥମଟି - ସୃଷ୍ଟିଧର୍ମୀ ସାହିତ୍ୟ ରଚନା

ଦ୍ୱିତୀୟଟି - ଅନୁବାଦ ସାହିତ୍ୟ

ସୃଷ୍ଟିଧର୍ମୀ ସାହିତ୍ୟ ଚରନାରେ ନନ୍ଦିନୀଦେବୀ ନିଜେ ନିଜର ଭାବ ଓ ଭାଷା ମାଧ୍ୟମରେ ସାହିତ୍ୟକୁ ଜୀବନ୍ୟାସ କରିଛନ୍ତି କହିଲେ ଭୁଲ୍ ହେବନାହିଁ । ସାଧାରଣତଃ ନିଜର ରଚନାଶୈଳୀକୁ ସୃଷ୍ଟିଧର୍ମୀ ସାହିତ୍ୟ ରଚନାର ଆଖ୍ୟା ପ୍ରଦାନ କରାଯାଇଥାଏ । ନିଜର ରଚନାଶୈଳୀ ଦେଖିବାକୁ ଗଲେ-ନନ୍ଦିନୀଦେବୀ ଦୁଇଗୋଟି ଗଳ୍ପ ସଂକଳନ - 'କେତୋଟି କଥା' ଓ 'ସପ୍ତଦଶୀ' ରଚନା କରିଅଛନ୍ତି । ଏହା ବାଦ୍ ନନ୍ଦିନୀଦେବୀଙ୍କର ଏକ କବିତା ସଂକଳନ ମଧ୍ୟ ପ୍ରକାଶିତ ହୋଇଅଛି - ତାହାହେଲା 'ଉତ୍ତର ପୁରୁଷ' ।

ଅନୁବାଦ ସାହିତ୍ୟ ରଚନାରେ ନନ୍ଦିନୀ ଶତପଥୀ ଜଣେ ସିଦ୍ଧହସ୍ତା ଅନୁବାଦିକା । ସେ ଅନୁବାଦ ଯୋଗୁଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇ ସମଗ୍ର ଭାରତବର୍ଷରେ ନିଜକୁ ଜଣେ ସାହିତ୍ୟିକା ଭାବରେ ସୁପ୍ରତିଷ୍ଠିତ କରିପାରିଛନ୍ତି । ନନ୍ଦିନୀଙ୍କ ଦ୍ୱାରା ୪ଗୋଟି ଅନୁବାଦ ରଚନା ହୋଇଅଛି । ଯଥା :-

୧. କୃଷ୍ଣ କ୍ରିପାଳିନୀଙ୍କ - 'ଗାନ୍ଧୀ କଥାମୃତ'

୨. ଅମୃତାପ୍ରୀତମ୍‌ଙ୍କ - 'ରେଭିନ୍ୟୁ ଟିକେଟ୍'

୩. ତସଲିମା ନାସରିନ୍‌ଙ୍କ - 'ଲଜ୍ଜା'

୪. ମହାଶ୍ୱେତାଦେବୀଙ୍କ - 'ନିର୍ବାଚିତ ଗଳ୍ପ'

## କୃଷ୍ଣ କୃପାଳିନୀଙ୍କର "ଅଲ୍‌ମେନ୍ ଆର୍ ବ୍ରଦର୍ସ"ର ନନ୍ଦିନୀ ଶତପଥୀଙ୍କ ଦ୍ୱାରା ଓଡ଼ିଆ ଅନୁବାଦ "ଗାନ୍ଧି କଥାମୃତ"

କେନ୍ଦ୍ର ସାହିତ୍ୟ ଏକାଡେମୀର ତତ୍‌କାଳୀନ ସଚିବ ଶ୍ରୀ କୃଷ୍ଣ କୃପାଳିନୀଙ୍କର ସଂଗ୍ରହ ଓ ସଂପାଦନାରେ "ଅଲ୍‌ମେନ୍ ଆର୍ ବ୍ରଦର୍ସ" ପୁସ୍ତକକୁ ନନ୍ଦିନୀ ଶତପଥୀ ଓଡ଼ିଆରେ "ଗାନ୍ଧି କଥାମୃତ"

ନାମରେ ଅନୁବାଦ କରିଛନ୍ତି । ଏହାର ପ୍ରମୁଖ ଭୂମିକା ନିର୍ବାହ କରିଥିଲେ ଭାରତର ପ୍ରଥମ ଉପରାଷ୍ଟ୍ରପତି ତଥା ଶିକ୍ଷକ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ।

ଭାରତର ଜନକ ମୋହନ ଦାସ କରମଚାନ୍ଦ ଗାନ୍ଧୀ (ମହାତ୍ମାଗାନ୍ଧୀ)ଙ୍କର ବ୍ୟକ୍ତିତ୍ୱ ଓ ରଚନାକୁ ପ୍ରଚାର ଓ ପ୍ରସାର କରିବା ସଙ୍ଗେ ସଙ୍ଗେ ବୃହତ୍ତର ଜନସାଧାରଣଙ୍କ ଚିନ୍ତାଧାରାକୁ ତାହା ଯେପରି ସ୍ପର୍ଶ କରେ, ସେଥିପ୍ରତି ଦୃଷ୍ଟିରଖି ଏହି ପୁସ୍ତକଟି ସଂକଳିତ ହୋଇଅଛି । ମହାତ୍ମାଗାନ୍ଧୀଙ୍କର ନିଜ ଭାଷାରେ ରଚିତ ତାଙ୍କର ଜୀବନ ଓ ଦର୍ଶନର ମୂଳତତ୍ତ୍ୱ ଏବଂ ବିଭିନ୍ନ ଦେଶ ଓ ଜାତିର ଲୋକମାନଙ୍କ ମଧ୍ୟରେ ପ୍ରେମ ଏବଂ ମୈତ୍ରୀ ଭାବ ବୃଦ୍ଧିରେ ରହିଥିବା ପ୍ରଭାବ କଥା ହିଁ ଏଥିରେ ଉଲ୍ଲେଖ କରାଯାଇଛି ।

ଭାରତର ଉପରାଷ୍ଟ୍ରପତି ସାର ମାନ୍ୟବର ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଅନୁଗ୍ରହ କରି ନନ୍ଦିନୀଙ୍କ ଦ୍ୱାରା ଅନୁଦିତ "ଗାନ୍ଧୀ କଥାମୃତ" ପୁସ୍ତକର ଏକ ସଂକ୍ଷିପ୍ତ ପ୍ରକ୍ରିୟା/ଭୂମିକା ଲେଖିଥିଲେ । ନନ୍ଦିନୀଙ୍କ ଦ୍ୱାରା ଏହି ଅନୁବାଦ ପୁସ୍ତକ "ଗାନ୍ଧି କଥାମୃତ" ୧୯୭୦ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହୋଇଥିଲା ।

"ଗାନ୍ଧି କଥାମୃତ"ରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କର ଭୂମିକାର ପ୍ରମୁଖ ଅବଲୋକନ –

'କଦାଚିତ ଜଣେ ଜଣେ ମହାନ୍ ଗୁରୁଙ୍କର ଆବିର୍ଭାବ ଘଟିଥାଏ । ବହୁ ଶତାବ୍ଦୀ ଅତୀତ ହୋଇଯାଏ, ଅଥଚ ଏପରି ଜଣେ ବ୍ୟକ୍ତିଙ୍କର ଆବିର୍ଭାବ ହୋଇପାରେ ନାହିଁ । ତାଙ୍କର ଜୀବନ ଦ୍ୱାରା ହିଁ ସେ ପରିଚିତ ହୁଅନ୍ତି । ସେ ପ୍ରଥମେ ଜୀବନ ଧାରଣା କରନ୍ତି ଓ ତା'ପରେ ଅନ୍ୟମାନେ କିପରି ସେହିପରି ଭାବରେ ଜୀବନ ଧାରଣା କରିପାରିବେ, ତାହା ସେମାନଙ୍କୁ କୁହନ୍ତି । ମହାତ୍ମାଗାନ୍ଧୀ ଜଣେ ଏହିପରି ଗୁରୁ ଥିଲେ । ତାଙ୍କର ଭାଷଣ ଓ ରଚନାବଳୀ ମଧ୍ୟରୁ ଅତି ଯତ୍ନ ଓ ବିବେଚନା ସହକାରେ ଶ୍ରୀ କୃଷ୍ଣ କ୍ରିପାଳିନୀ ଏହି ଯେଉଁ ସଂକଳନ କରିଛନ୍ତି ସେଥିରୁ ପାଠକଙ୍କୁ ମହାତ୍ମାଗାନ୍ଧୀଙ୍କର ମନ କିପରି କାର୍ଯ୍ୟ କରୁଥିଲା, ପୁଣି ତାଙ୍କର ଚିନ୍ତାର ବିକାଶ ଇତ୍ୟାଦି ଧାରଣା ମିଳିପାରିବ ।'[୨୩]

ଯେଉଁ ଜୀବନର କୌଣସି ମୂଲ୍ୟ ନାହିଁ, ଯେଉଁ ଜୀବନର ପୃଷ୍ଠଭୂମିର ଗଭୀରତା ନାହିଁ, ସେହି ଜୀବନ ଗୋଟିଏ ଉପରଠାଉରିଆ ଜୀବନ । ଗାନ୍ଧିଜୀଙ୍କର ଧର୍ମ ଥିଲା ନୈତିକ ଓ ଯୁକ୍ତି

[୨୩] ନନ୍ଦିନୀ ଶତପଥୀ, ଗାନ୍ଧୀ କଥାମୃତ, କେନ୍ଦ୍ର ସାହିତ୍ୟ ଏକାଡେମୀ, ୧୯୭୦, ପୃ-୭

ସଙ୍ଗତ । ତାଙ୍କର ଯୁକ୍ତିକୁ ଯାହା ସ୍ପର୍ଶ କରିପାରୁନଥିଲା ସେ ସେହି ବିଶ୍ୱାସକୁ କଦାପି ଗ୍ରହଣ କରିପାରୁନଥିଲେ । କିମ୍ବା ତାଙ୍କର ବିବେକ ଯାହାକୁ ସମର୍ଥନ କରିପାରୁନଥିଲା, ସେ ସେହି ପ୍ରକାରର ବିଧି ନିୟମକୁ ମାନୁନଥିଲେ ।

ମଣିଷ ଇତିହାସରେ ଗାନ୍ଧିଜୀ ହିଁ ପ୍ରଥମେ ଅହିଂସା ନୀତିକୁ ବ୍ୟକ୍ତିଗତ ସ୍ତରରୁ ସାମାଜିକ ଓ ରାଜନୈତିକ ସ୍ତରକୁ ପ୍ରସାରିତ କଲେ । ଅହିଂସାକୁ ପରୀକ୍ଷା କରିବା ଉଦ୍ଦେଶ୍ୟରେ ସେ ରାଜନୀତିରେ ପ୍ରବେଶ କରିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ ମହାତ୍ମାଗାନ୍ଧୀ ଜୋର ଦେଲେ ଯେ, ଆମେ ଅହିଂସା ଓ ଆତ୍ମପୀଡ଼ନର ସଭ୍ୟପନ୍ଥାକୁ ଗ୍ରହଣ କରିବା ଉଚିତ । ବର୍ତ୍ତମାନର ସଙ୍କଟ ଅବସ୍ଥାରେ ବିଜ୍ଞାନର ଅଗ୍ରଗତିକୁ ନୂତନ ପରିସ୍ଥିତିକୁ ଖାପ ଖୋଇବାରେ ଅସମର୍ଥ ହେଉଅଛୁ । ସେତେବେଳ ଅହିଂସା ଓ ସତ୍ୟ ଓ ସୌହାର୍ଦ୍ଦ୍ୟ ନୀତିଗୁଡ଼ିକ ପାଳନ କରିବା ସହଜ ନୁହେଁ ।

ନନ୍ଦିନୀ ଶତପଥୀ କୃଷ୍ଣା କ୍ରିପାଳିନୀଙ୍କ ରଚିତ 'ଅଲ୍‌ମେନ୍ ଆର୍ ବ୍ରଦର୍ସ'ର ଓଡ଼ିଆ ଅନୁବାଦ "ଗାନ୍ଧି କଥାମୃତ"ରେ ମୁଖ୍ୟତଃ କେତୋଗୋଟି ବିଷୟରେ ପ୍ରାଧାନ୍ୟ ଦେଇଥିଲେ । ଯଥା - (୧) ମହାତ୍ମାଗାନ୍ଧୀଙ୍କର ଆତ୍ମଜୀବନୀ ସମ୍ବନ୍ଧୀୟ, (୨) ଧର୍ମ ଓ ସତ୍ୟ, (୩) ସାଧନା ଓ ସାଧ୍ୟ, (୪) ଅହିଂସା, (୫) ଆତ୍ମ-ଶୋଧନ, (୬) ଆନ୍ତର୍ଜାତିକ ଶାନ୍ତି, (୭) ମଣିଷ ଓ ଯନ୍ତ୍ର, (୮) ପ୍ରାଚୁର୍ଯ୍ୟ ମଧ୍ୟରେ ଦାରିଦ୍ର୍ୟ, (୯) ଗଣତନ୍ତ୍ର ଓ ଜନତା, (୧୦) ଶିକ୍ଷା, (୧୧) ନାରୀ, (୧୨) ବିବିଧ ।

## ଅମୃତା ପ୍ରୀତମ୍‌ଙ୍କ "ରେଭିନ୍ୟୁ ଟିକେଟ୍"

ବିଶ୍ୱ ସାହିତ୍ୟ ଜଗତରେ ଜଣେ ଜଣାଶୁଣା ପ୍ରତିଭା ତଥା ବିଶିଷ୍ଟ ସାହିତ୍ୟିକା ଡକ୍ଟର ଅମୃତା ପ୍ରୀତମ୍ । ତାଙ୍କର ରଚିତ ବହୁ ଗଳ୍ପ, କବିତା, ଉପନ୍ୟାସ ବିଭିନ୍ନ ଭାଷାରେ ଅନୁବାଦିତ ହୋଇ ପାଠକ ଓ ପାଠିକାମାନଙ୍କର ହୃଦୟରେଗଭୀର ରେଖାପାତ କରିଅଛି । ସାହିତ୍ୟ ଜଗତର ସର୍ବଶ୍ରେଷ୍ଠ ପୁରସ୍କାର ଜ୍ଞାନପୀଠ ପୁରସ୍କାର, ମାଗାସେସ୍ ପୁରସ୍କାର ତଥା ସର୍ବୋପରି ଭାରତୀୟ ସାହିତ୍ୟ ଏକାଡେମୀ ପୁରସ୍କାର ପର୍ଯ୍ୟନ୍ତ ବହୁ ସଂସ୍ଥା ତାଙ୍କର ସାହିତ୍ୟ କୃତିକୁ ସ୍ୱୀକାର କରି ତାଙ୍କୁ ସମ୍ମାନିତ କରିଛନ୍ତି । ସର୍ବୋପରି ଅମୃତା ପ୍ରୀତମ୍ ଥିଲେ ଏକାଧାରାରେ ଜଣେ ଔପନ୍ୟାସିକା, ଗାଳ୍ପିକା ଓ କବି ରୂପେ ସୁପରିଚିତା ।

୧୯୧୯ ମସିହା ଅଗଷ୍ଟ ମାସ ୩୧ ତାରିଖରେ ପଞ୍ଜାବର ଗୁଜରାନୱାଲା ଠାରେ ତାଙ୍କର ଜନ୍ମ । ବାଲ୍ୟକାଳ ପାକିସ୍ଥାନର ଲାହୋରଠାରେ ତାଙ୍କର କଟିଥିଲା । ସେଇଠାରେ ହିଁ ସେ ଶିକ୍ଷାଲାଭ କରିଥିଲେ । କିଶୋର ଅବସ୍ଥାରୁ ଲେଖା ଆରମ୍ଭ କରି ସେ ଅଧୁନା ପଚାଶରୁ ଉର୍ଦ୍ଧ୍ୱ ପୁସ୍ତକର ରଚୟିତା । ତାଙ୍କର ସୃଷ୍ଟିଗୁଡ଼ିକ ମଧ୍ୟରୁ କାଗଜ ତେ କାନ୍‌ଭାସ (କବିତା) 'ତମି ଜମାତ୍ୱ' - କବିତା, ପିଞ୍ଜର, ଜଲାବତରଣ, ଯାତ୍ରୀ, କେରାକାଗଜ (ଉପନ୍ୟାସ) ସାତ ସୌ ବୀସ କଦମ୍ (କାହାଣୀ), କାଲଗୁଲାବ, ସଫରନାମା, ଅଜ ଦେ କାଫିର (ଗଦ୍ୟ ରଚନା) ରସିଦ୍ ଟିକେଟ୍ (ଆତ୍ମକଥା) ଅନ୍ୟତମ ସୃଷ୍ଟି । ପୃଥିବୀର ଛତିଶଟି ଭାଷାରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଲେଖାଗୁଡ଼ିକ ଅନୂଦିତ । ତାଙ୍କର ଅସାଧାରଣ କୃତିତ୍ୱ ପାଇଁ ୧୯୫୬ରେ ସେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ବୁଲଗେରିଆନ୍, ବୈପ୍‌ସ୍‌ରୋବ ପୁରସ୍କାର ୧୯୮୦ରେ ଏବଂ ଭାରତୀୟ ସାହିତ୍ୟର ସର୍ବୋଚ୍ଚ ଜ୍ଞାନପୀଠ ପୁରସ୍କାର ୧୯୮୧ରେ ପାଇଥିଲେ । ଏଥିସହିତ ଦେଶର ୬ ଗୋଟି ବିଶ୍ୱବିଦ୍ୟାଳୟ ଡି.ଲିଟ୍ ଉପାଧି ଦ୍ୱାରା ତାଙ୍କୁ ସମ୍ମାନିତ କରିଛନ୍ତି । ୧୯୮୬-୯୨ ପର୍ଯ୍ୟନ୍ତ ସେ ରାଜ୍ୟସଭାର ସାଂସଦ ଥିଲେ । ୨୦୦୪ ମସିହାରେ ଭାରତ ସରକାର ତାଙ୍କୁ 'ପଦ୍ମ ବିଭୂଷଣ' ଉପାଧିରେ ବିଭୂଷିତ କରିଥିଲେ ।

'ଏମିତି ଦେଖିବାକୁ ଗଲେ ଲାଗିବ ତାଙ୍କର ପ୍ରମୁଖ ସୃଜନଶୀଳତା ବୋଧହୁଏ କବିତାରେ ହିଁ ପରିସ୍ଫୁଟ । କାରଣ ଦେଶର ଦୁଇଟି ପ୍ରମୁଖ ସାହିତ୍ୟ ପୁରସ୍କାର ତାଙ୍କୁ କବିତା ପାଇଁ ହିଁ ମିଳିଅଛି । ଶ୍ରୀମତୀ ଇନ୍ଦୁଲତା ମହାନ୍ତି, ତାଙ୍କର ଆଠଗୋଟି ଉପନ୍ୟାସ ଏକତ୍ର ଓଡ଼ିଆ ପାଠକଙ୍କୁ ଉପହାର ଦେଇଛନ୍ତି । ଆନନ୍ଦର କଥା ଅନୁବାଦିକା ଅନୁବାଦ କାର୍ଯ୍ୟରେ ବେଶ ସିଦ୍ଧହସ୍ତା । ତାଙ୍କର ଅନେକ ଅନୁବାଦ ପ୍ରକାଶିତ ହୋଇ ପୁସ୍ତକାକାରରେ ଓ ସାହିତ୍ୟ ପତ୍ରିକାରେ ବେଶ୍ ଲୋକପ୍ରିୟତା ଅର୍ଜନ କରିଅଛି । ସବୁଗୁଡ଼ିକ ମଧ୍ୟ ପାଠକଙ୍କର ବେଶ୍ ଶ୍ରଦ୍ଧାଭାଜନ ହୋଇପାରିଛି ।'[୨୪]

ଅମୃତା ପ୍ରୀତମ୍‌ଙ୍କର କାବ୍ୟ ସଂକଳନ 'ସୁନହ' ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ଅନ୍ୟପକ୍ଷରେ ବୃହତ୍ତର ସାମାଜିକ କାନ୍‌ଭାସରେ ଆଧାରିତ ଉପନ୍ୟାସ 'ପିଞ୍ଜରା' ଓ 'କେହି ବି ଜାଣେନାହିଁ' ଏବଂ 'ନାଗମଣି'ରେ ଚିତ୍ରଶିଳ୍ପୀ ଓ ଶିଳ୍ପ ଶିଖିବାକୁ ଆସିଥିବା ଝିଅର କଳା ମାଧ୍ୟମରେ ସମ୍ପର୍କ ଓ ଦୈହିକ ସମ୍ପର୍କ ନିଖୁଣ ଭାବରେ ଚିତ୍ରିତ । କୁମାର ଓ ଅଳକା ଦୁହିଁଙ୍କ

[୨୪] ଇନ୍ଦୁଲତା ମହାନ୍ତି, ଅମୃତାପ୍ରୀତମ୍‌ଙ୍କ ଉପନ୍ୟାସମାଳା, ପୃ-୧

ମନରେ କଳାର ପ୍ରତୀକ ଭାବେ ପରସ୍ପର ସହ ଦେହ ଓ ମନର ସମ୍ପର୍କ ଘନୀଭୂତ ହୋଇଅଛି । ଏପରିକି କୁମାରର ମୃତ୍ୟୁ ଆସନ୍ନକୁ ଜାଣି ମଧ୍ୟ ଅଳକା ସେଇଠିକୁ ଆସିଛି । ସେ ନ ରହିଲେ ବି ମୁଁ ମୋ ପରେ ବିଧବା ହୋଇ ରହିବି ।

'ଅମୃତା ପ୍ରୀତମ୍‌ଙ୍କର ଜୀବନ ଥିଲା ସାମାଜିକ ମୂଲ୍ୟବୋଧ ବିରୁଦ୍ଧରେ ସ୍ୱର ଉତ୍ତୋଳନ । ଯେମିତି ରକ୍ଷଣଶୀଳ ସେବର ପଞ୍ଜାବୀ ସମାଜରେ ସିଗ୍ରେଟ୍ ପିଇବା ତାଙ୍କଠୁ ବୟସରେ କମ୍ ଚିତ୍ରକର ଇମ୍‌ରୋଜଙ୍କ ସହ ନିଜ ଘରେ ବାସ କରିବା, ଓ ଆହୁରି ଅନେକ ସାମାଜିକ ପରିବେଶ ଓ ଅନ୍ୟାୟ ବିରୋଧୀ । ଜ୍ଞାନପୀଠ ପ୍ରକାଶିତ ୧୯୮୨ରେ ତାଙ୍କର ନିର୍ବାଚିତ କବିତା – ସେ ଉତ୍ସର୍ଗ କରିଛନ୍ତି ଇମ୍‌ରୋଜଙ୍କୁ (ଇମ୍‌ରୋଜ୍‌ଙ୍କ ନାମ୍) । ନାରୀ ସ୍ଥିତିର ଶାରୀରିକ, ମାନସିକ ଓ ଭାବନାତ୍ମକ ବା ଆତ୍ମିକ ସକଳ ବିଭବକୁ ନେଇ ସେ ପ୍ରତ୍ୟକ୍ଷଦର୍ଶୀ ଭାବରେ କବିତା ଓ ଉପନ୍ୟାସରେ ଚିତ୍ର ଆଙ୍କିଛନ୍ତି । ଜୀବନର ସଂଘର୍ଷ, ପ୍ରେମ ଆବେଗର ଅଭିବ୍ୟକ୍ତି ସକଳ ତାଙ୍କର ଦକ୍ଷ ହାତର ସୁଚିତ୍ରିତ ।'[୨୫]

ତାଙ୍କ ଲେଖାରେ ଯୁଗଳ ସ୍ପନ୍ଦନ । ମଣିଷର ନିଜ ଭାଗ୍ୟର ଅନ୍ତିମ ରହସ୍ୟର ଅନୁସନ୍ଧାନ । ସମାଜରେ ଆପଣାର ବ୍ୟକ୍ତିଗତ ସ୍ଥିତି, ଦୁଃଖ ସହିତ କରୁଣାର ନିର୍ଝର, ପୋଡ଼ିଯାଇଥିବା ଅସ୍ତିତ୍ୱର ଆହତ ପ୍ରତିଧ୍ୱନି ସବୁ ଏକତ୍ର ।

ଅମୃତା ପ୍ରୀତମ୍‌ଙ୍କର ଶୈଶବ ଅବସ୍ଥା, ୧୯୩୦ ଜୁଲାଇ ୩୧, ମୋର ଷୋଡ଼ଶ ବର୍ଷ, ଏକ ଛାୟା, ନୀରବତାର ଏକ ପରିଧି, ଘୃଣାର ଏକ ଚିତ୍ର, ୧୯୪୭, କେବଳ ନାରୀ, ଏକ ଋଣ, ୧୯୫୯ର ଏକ କବର – ଗୋଟିଏ ଭୟାନକ ମୁହୂର୍ତ୍ତ, ୧୯୬୦, ୧୯୬୧, ଯାତ୍ରାର ଡାଏରୀ, ପାଞ୍ଚଶହ ବର୍ଷର ଯାତ୍ରା, ଏକ ବନ୍ଧୁତାର ମୃତ୍ୟୁ, ସତ୍ୟର ବୀଜ, ଏକ ନୀରବତା, କଳାବାଦଲରେ ଆଲୋକର ବଳୟ, ସୂର୍ଯ୍ୟରଶ୍ମୀରୁ ଚେନାଏ, ଅଗ୍ନିସ୍ନାନ, ଇମ୍‌ରୋଜ, ଏକ ପ୍ରସଙ୍ଗ, ସମ୍ବାଦପତ୍ରର ବିଚିତ୍ର ଟୀପ୍ପଣୀ, ଧର୍ମଯୁଦ୍ଧ, ଦେଖିଥିବା ଶୁଣିଥିବା ଓ ଘଟିଥିବା ଘଟଣାମାନ, କଳ୍ପନାର ଯାଦୁ, ଜଣେ ଲେଖକର ସତତା, ଗଭୀର କଳାମେଘ, ଆଉ ଏକ ତିକ୍ତ ଅନୁଭୂତି, ଏକ ପ୍ରଣତି, ଈଶ୍ୱରଙ୍କ ଭରଷା, ଛୋଟ ସତ୍ୟ ବଡ଼ ସତ୍ୟ, ଏକ କବିତାର ବ୍ୟାଖ୍ୟା, ଫୋନିକ୍‌ସ ସାମ୍ରାଜ୍ୟ, ଡାଏରୀରୁ କିୟଦଂଶ, ଗୋଟିଏ ରାତ୍ରି, ଗୋଟିଏ ଦିନ, ଏକ କବିତା, ଏକ ଗମ୍ବୁଜ, ଅନ୍ୟଏକ ରାତ୍ରି, ଶେଷ ପଂକ୍ତି, ଯଥାର୍ଥରୁ ଯଥାର୍ଥ ଯାଏ, ସଂଗ୍ରାମ ଚାଲିଛି, ଅଲେଖା କାଗଜ ଇତ୍ୟାଦି ବିଷୟବସ୍ତୁ ସୂଚୀତ କରାଯାଇଛି ।

[୨୫] ଇନ୍ଦୁଲତା ମହାନ୍ତି, ଅମୃତାପ୍ରୀତମ୍‌ଙ୍କ ଉପନ୍ୟାସମାଳା, ୨୦୦୪

## ଅନୁବାଦ : ତସଲିମା ନାସରିନ୍‌ଙ୍କର "ଲଜ୍ଜା"

'ତସଲିମା ନାସରିନ୍ ବଙ୍ଗଳାଦେଶର ଜଣେ ବିଖ୍ୟାତ ଲେଖିକା । ତାଙ୍କର ଅନେକ ଉପନ୍ୟାସ ପ୍ରକାଶିତ ହୋଇଅଛି । ସେଥିମଧ୍ୟରୁ ପ୍ରକାଶିତ ହୋଇଥିବା "ଲଜ୍ଜା" ନାମକ ଉପନ୍ୟାସଟି ଆଜି ବଙ୍ଗଳାଦେଶ ତଥା ଆମ ରାଷ୍ଟ୍ର ଭାରତରେ ବିଶେଷ ଆଲୋଡ଼ନ ସୃଷ୍ଟି କରିଛି । ଏହି ବହିଟିକୁ ବଙ୍ଗଳାଦେଶ ସରକାର ବ୍ୟାଜାପ୍ତ କରିଅଛନ୍ତି । ବଙ୍ଗଳାଦେଶର ଗୋଟିଏ ମୌଳବାଦୀ ସଂଗଠନ ସାହାବା ସୌନିକ ପରିଷଦ (ଏସ୍‌ଏସ୍‌ଏଫ୍) ନାସରିନ୍‌ଙ୍କ ବିରୁଦ୍ଧରେ ଗୋଟିଏ ଫତୁଆ (Decres) ଜାରି କରିଛନ୍ତି । ବଙ୍ଗଳାଦେଶ ସରକାର ମଧ୍ୟ ତସଲିମାଙ୍କ ବିଷୟରେ ହେଉଥିବା ଆଲୋଚନାକୁ ଗୁରୁତ୍ୱ ଦେଉନାହାନ୍ତି । ଫଳରେ ତସଲିମା ନାସରିନ୍ ଆଜି ପର୍ଯ୍ୟନ୍ତ ନିରାପଦରେ ରହିଅଛନ୍ତି । ତସଲିମାଙ୍କର ଲଜ୍ଜା ବହିର ପ୍ରଥମ ସଂସ୍କରଣ ୧୯୯୪ ମସିହାରେ ହୋଇଥିଲା ଏହି ପୁସ୍ତକର ବହୁଳ ପ୍ରସାର ଫଳରେ ଅଷ୍ଟମ ସଂସ୍କରଣ ୨୦୦୬ରେ ହୋଇଅଛି ।'[୨୬]

ତସଲିମାଙ୍କର ଲେଖା ସାଂପ୍ରଦାୟିକ ଅତ୍ୟାଚାର ବିରୁଦ୍ଧରେ । ଦେଶ, କାଳ, ପାତ୍ର ନିର୍ବିଶେଷରେ ଯେଉଁଟା ଭୁଲ, ତାହାକୁ ସେ ଭୁଲ ବୋଲି କହିବା ପାଇଁ ସାହସ କରିପାରିଛନ୍ତି । ତାଙ୍କ ଚରିତ୍ରର ଏହି ବିଶେଷତ୍ୱ ଯୋଗୁଁ "ଲଜ୍ଜା" ବର୍ତ୍ତମାନ ଭାରତ ଓ ବଙ୍ଗଳାଦେଶରେ ଚହଳ ପକାଇବାରେ ଲାଗିଛି । ବର୍ତ୍ତମାନ ସାରା ପୃଥିବୀରେ ତଥା ଭାରତରେ ସାଂପ୍ରଦାୟିକତା ଯେପରି ଭୀଷଣ ଆକାର ଧାରଣା କରିଛି, ସବୁଧର୍ମର ମୌଳିକତାବାଦୀମାନେ ଯେପରି ସେମାନଙ୍କର Tentacle ବିସ୍ତାର କରିଛନ୍ତି, ତସଲିମାନଙ୍କର "ଲଜ୍ଜା" ତାହାର ଏକ ସାହସିକ ବିରୋଧ । ନନ୍ଦିନୀଦେବୀ ସେଥିପାଇଁ ବହିଟି ଅନୁବାଦ କରି ଓଡ଼ିଆ ପାଠକମାନଙ୍କ ସମ୍ମୁଖରେ ରଖିବା ପାଇଁ ଆଗ୍ରହୀ ହୋଇଥିଲେ । କାରଣ ନନ୍ଦିନୀ ଥିଲେ ସବୁ ସାଂପ୍ରଦାୟିକତାର ବିରୋଧୀ ।

## "ଲଜ୍ଜା"ର ସାରସଂକ୍ଷେପ

ବଙ୍ଗଳାଦେଶର ଜଣେ ତରୁଣ ଯୁବକ ସୁରଂଜନ । ବଙ୍ଗଳାଦେଶରେ ତାର ହିଁ ଜନ୍ମ । ସେ ହିଁ ସ୍ୱଦେଶ । ଧର୍ମ ବିଷୟରେ ତା'ର କୌଣସି ଯାଏଆସେ ନାହିଁ । ତେବେ ବି ଧର୍ମୀୟ ମୌଳବାଦୀମାନଙ୍କର ଉନ୍ମତ୍ତତାରେ ତାକୁ ବାସହୀନ ଓ ବନ୍ଧୁହୀନ ହେବାକୁ ହେଲା । ଶେଷ ପର୍ଯ୍ୟନ୍ତ ଗୋଟିଏ ତିକ୍ତ ନୈରାଶମୟ ଜୀବନକୁ ଠେଲିହୋଇ ଯାଉ ଯାଉ ଏକ ଉନ୍ମାଦ ଭଳି ସେ ଗୋଟିଏ କାଣ୍ଡ କରିବସିଲା । ଏହାହିଁ ଥିଲା ଲଜ୍ଜା ଉପନ୍ୟାସର ବିଷୟ ସାରାଂଶ ।

[୨୬] (ଅନୁ) ନନ୍ଦିନୀ ଶତପଥୀ, ଲଜ୍ଜା, ଫ୍ରେଣ୍ଡସ୍ ପବ୍ଲିଶର୍ସ-୧୯୯୪, ପୃ-୧

## ମହାଶ୍ୱେତାଦେବୀଙ୍କ ନିର୍ବାଚିତ ଗଳ୍ପ

ମହାଶ୍ୱେତାଦେବୀ କେବଳ ସାହିତ୍ୟରେ ମନୋନିବେଶ କରିନଥାନ୍ତି, ବରଂ ଜନସାଧାରଣ ବିଶେଷକରି ନିପୀଡ଼ିତା ମଣିଷଙ୍କର ସେବା କରିବା ପାଇଁ ସେ ସବୁବେଳେ ଆଗଭର । 'ବିଶେଷକରି ପାହାଡ଼, ଜଙ୍ଗଲ ଭିତରେ ଯେଉଁ ଆଦିବାସୀ ଲୋକମାନେ ରହିଛନ୍ତି ଏବଂ ଆଇନ୍‌କାନୁନ୍ ବିଷୟରେ ଯେଉଁମାନେ ଅଜ୍ଞ, ସେମାନଙ୍କର ସେବା କରିବା ପାଇଁ ସିଏ ନିଜ ଜୀବନର ଏକ ବ୍ରତ ରୂପେ ଗ୍ରହଣ କରିଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏବେ ସେ ଏକ ସାକ୍ଷାତକାରରେ କହିଛନ୍ତି ଯେ, ସାହିତ୍ୟ ଅପେକ୍ଷା ଆଦିବାସୀମାନଙ୍କ ପାଇଁ କାମ କରିବା ତାଙ୍କ ଜୀବନର ପ୍ରଥମ କାମ/ମୂଳ ଲକ୍ଷ୍ୟ । ଅର୍ଥାତ୍ ବ୍ୟକ୍ତିଗତ ଭାବରେ ସେ ବିଭିନ୍ନ ଜାଗା ବୁଲନ୍ତି ଏବଂ ଯେଉଁଠି ଅନ୍ୟାୟ ହେଉଛି, ସେଠି ତାହାର ପ୍ରତିବାଦ ପାଇଁ ଆଗେଇ ଆସନ୍ତି । କ୍ୱଚିତ ଲେଖକ ମଣିଷ ଜୀବନକୁ ଏଭଳି ଭାବରେ ଜାଣି ଗଳ୍ପ ଉପନ୍ୟାସ ରଚନା କରିଛନ୍ତି, ସେଗୁଡ଼ିକୁ ଅନ୍ୟଭାଷାରେ ଅନୁବାଦ କରିବା ସହଜ ନୁହେଁ । ଜମିଦାର ମହାଜନ ଇତ୍ୟାଦି ଧନୀ ଲୋକମାନଙ୍କର ସାଧାରଣ ଲୋକଙ୍କ ପ୍ରତି ଯେଉଁ ବ୍ୟବହାର ସେଗୁଡ଼ିକୁ ଅତ୍ୟନ୍ତ ସାବଲୀଳ ଓ ପ୍ରାଣସ୍ପର୍ଶୀ ଭାଷାରେ ମହାଶ୍ୱେତାଦେବୀ ପ୍ରକାଶ କରିଛନ୍ତି ।'[୨୭]

ମହାଶ୍ୱେତାଦେବୀଙ୍କର ପଚାଶଟି ଗଳ୍ପ ରଚନା ମଧ୍ୟରୁ ନନ୍ଦିନୀଦେବୀ କୋଡ଼ିଏ (୨୦) ଗୋଟିଏ ଗଳ୍ପକୁ ଓଡ଼ିଆରେ ଅନୁବାଦ କରି ଓଡ଼ିଶାର ଅଗଣିତ ପାଠକପାଠିକାମାନଙ୍କ ନିକଟରେ ଉପସ୍ଥାପନା କରିଛନ୍ତି । ଏଠାରେ ସେହି ଗଳ୍ପଗୁଡ଼ିକର ସାରସୂଚୀ ମୁଁ ଏଠାରେ ଉପସ୍ଥାପନା କରୁଅଛି ।

୧. ଜଗନ୍ନାଥଙ୍କ ରଥ, ୨. ଶିଶୁ, ୩. ଛୁରୀ, ୪. କବିପତ୍ନୀ, ୫. ଅର୍ଜ୍ଜୁନ, ୬. ଗନ୍ଧ, ୭. ଚୋଲିକେ ପିଛେ, ୮. ଭାତ, ୯. ଜଳଛତ୍ର, ୧୦, ଭୀଷ୍ମଙ୍କ ପିପାସା, ୧୧, ଉର୍ବଶୀ ଓ ଜନି, ୧୨. ଜନ୍ମଦିନ, ୧୩. ସଞ୍ଜସକାଳର ମାଆ, ୧୪. ସିନ୍ଧୁବାଳା, ୧୫. ଭିତ୍ତି, ୧୬. ଭାରତବର୍ଷ, ୧୭. ଶୂନ୍ୟସ୍ଥାନ ପୂରଣକର, ୧୮. ଜାହ୍ନବୀ ମା', ୧୯. ବନ୍ୟା, ୨୦. ନିଶାତ୍ ମାଝିର ଭୂଟାନ୍ ଯାତ୍ରା ।

* * *

[୨୭] (ଅନୁ) ନନ୍ଦିନୀ ଶତପଥୀ, ମହାଶ୍ୱେତାଦେବୀଙ୍କ ନିର୍ବାଚିତ ଗଳ୍ପ, ଲକି ପବ୍ଲିକେଶନ, ପୃ-୧

# ନନ୍ଦିନୀଙ୍କର ବୈଶିଷ୍ଟ

# (ଖ) ନନ୍ଦିନୀଙ୍କର ବୈଶିଷ୍ଟ

ଅନୁବାଦ ସାହିତ୍ୟ ରଚନାରେ ନନ୍ଦିନୀ ଶତପଥୀ ଜଣେ ସିଦ୍ଧହସ୍ତା ଅନୁବାଦିକା । ସେ ଅନୁବାଦ ଯୋଗୁଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇ ସମଗ୍ର ଭାରତବର୍ଷରେ ନିଜକୁ ଜଣେ ସାହିତ୍ୟିକା ଭାବରେ ସୁପ୍ରତିଷ୍ଠିତ କରିପାରିଛନ୍ତି । ନନ୍ଦିନୀଙ୍କ ଦ୍ୱାରା ୪ଗୋଟି ଅନୁବାଦ ରଚନା ହୋଇଅଛି । ଯଥା :-

୧. କୃଷ୍ଣ କ୍ରିପାଳିନୀଙ୍କ - 'ଗାନ୍ଧୀ କଥାମୃତ'
୨. ଅମୃତାପ୍ରୀତମ୍‌ଙ୍କ - 'ରେଭିନ୍ୟୁ ଟିକେଟ୍'
୩. ତସଲିମା ନାସରିନ୍‌ଙ୍କ - 'ଲଜ୍ଜା'
୪. ମହାଶ୍ୱେତାଦେବୀଙ୍କ - 'ନିର୍ବାଚିତ ଗଳ୍ପ'

## କୃଷ୍ଣ କ୍ରିପାଳିନୀଙ୍କ - "ଗାନ୍ଧୀ କଥାମୃତ" :-

କେନ୍ଦ୍ର ସାହିତ୍ୟ ଏକାଡେମୀର ସଚିବ ଶ୍ରୀ କୃଷ୍ଣ କ୍ରିପାଳିନୀଙ୍କର ସଂଗ୍ରହ ଓ ସଂପାଦନାରେ 'ଗାନ୍ଧୀ କଥାମୃତ'କୁ ନନ୍ଦିନୀ ଶତପଥୀ ଅନୁବାଦ କରିଥିଲେ-କୃଷ୍ଣ କ୍ରିପାଳିନୀଙ୍କ "ଅଲ୍ ମେନ୍ ଆର୍ ବ୍ରଦର୍ସ" ବହିରୁ । ଏହାର ପ୍ରମୁଖ ଭୂମିକା ନିର୍ବାହ କରିଥିଲେ ଭାରତର ପ୍ରଥମ ଉପରାଷ୍ଟ୍ରପତି ଶିକ୍ଷକ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ।

ମହାତ୍ମାଗାନ୍ଧୀଙ୍କର ବ୍ୟକ୍ତିତ୍ୱ ଓ ରଚନାକୁ ସବିଶେଷ ପ୍ରସାର କରିବା ସଙ୍ଗେ ସଙ୍ଗେ ବୃହତ୍ତର ଜନସାଧାରଣଙ୍କର ଚିନ୍ତାଧାରାକୁ ତାହା ଯେପରି ସ୍ପର୍ଶ କରେ, ସେଥିପ୍ରତି ଦୃଷ୍ଟି ରଖି ଏହି ପୁସ୍ତକଟି ସଂକଳିତ ହୋଇଅଛି । ମହାତ୍ମାଗାନ୍ଧୀଙ୍କର ନିଜ ଭାଷାରେ ତାଙ୍କର ଜୀବନ ଓ ଚିନ୍ତା, ଜୀବନ ଦର୍ଶନର ମୂଳତତ୍ତ୍ୱ ଏବଂ ବିଭିନ୍ନ ଦେଶ ଓ ଜାତିର ଲୋକମାନଙ୍କର ମଧ୍ୟରେ ପ୍ରେମ ଓ ମୈତ୍ରୀଭାବ ବୃଦ୍ଧିରେ ତାଙ୍କର ପ୍ରଭାବର କଥା ଉଲ୍ଲେଖ କରିଅଛନ୍ତି ।

ଭାରତର ଉପରାଷ୍ଟ୍ରପତି ମାନ୍ୟବର ସାର୍ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଅନୁଗ୍ରହ କରି ଏହି ପୁସ୍ତକର ଏକ ସଂକ୍ଷିପ୍ତ ଭୂମିକା ଲେଖିବାକୁ ସମ୍ମତି ପ୍ରଦାନ କରିଅଛନ୍ତି ।

ଏହାକୁ ଓଡ଼ିଆ ଭାଷାରେ ଅନୁବାଦ କରିଛନ୍ତି ନନ୍ଦିନୀ ଶତପଥୀ – ଯାହାକି 'ଗାନ୍ଧୀ କଥାମୃତ' ନାମରେ ୧୯୭୦ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହୋଇଅଛି ।

'ଗାନ୍ଧୀ କଥାମୃତ'ରେ ସର୍ବପଲ୍ଲୀ ରାଧାକୃଷ୍ଣଙ୍କର ଭୂମିକାର ଅବଲୋକନ –

କଦାଚିତ ଜଣେ ଜଣେ ମହାନ୍ ଗୁରୁଙ୍କର ଆବିର୍ଭାବ ଘଟିଥାଏ । ବହୁ ଶତାବ୍ଦୀ ଅତୀତ ହୋଇଯାଏ, ଅଥଚ ଏପରି ଜଣେ ବ୍ୟକ୍ତିର ଆବିର୍ଭାବ ହୋଇପାରେ ନାହିଁ । ତାଙ୍କର ଜୀବନ ଦ୍ୱାରା ହିଁ ସେ ପରିଚୟ ହୁଅନ୍ତି । ସେ ପ୍ରଥମେ ଜୀବନ ଧାରଣା କରନ୍ତି ଏବଂ ତା'ପରେ ଅନ୍ୟମାନେ କିପରି ସେହିପରି ଭାବରେ ଜୀବନ ଧାରଣା କରିପାରିବେ, ତାହା ସେମାନଙ୍କୁ କୁହନ୍ତି । ମହାତ୍ମାଗାନ୍ଧୀ ଜଣେ ଏହିପରି ଗୁରୁ ଥିଲେ । ତାଙ୍କର ଭାଷଣ ଓ ରଚନାବଳୀ ମଧ୍ୟରୁ ଅତି ଯତ୍ନ ଓ ବିବେଚନା ସହକାରେ ଶ୍ରୀ କୃଷ୍ଣ କ୍ରିପାଳିନୀ ଏହି ଯେଉଁ ସଂକଳନ କହିଅଛନ୍ତି, ସେଥିରୁ ପାଠକଙ୍କୁ ମହାତ୍ମାଗାନ୍ଧୀଙ୍କର ମନ କିପରି କାର୍ଯ୍ୟ କରୁଥିଲା, ପୁଣି ତାଙ୍କର ଚିନ୍ତାର ବିକାଶ ଇତ୍ୟାଦି ଧାରଣା ମିଳିପାରିବ ।

'ଯେଉଁ ଜୀବନର କୌଣସି ମୂଲ୍ୟ ନାହିଁ, ଯେଉଁ ଜୀବନର ପୃଷ୍ଠଭୂମିର ଗଭୀରତା ନାହିଁ, ସେହି ଜୀବନ ଗୋଟିଏ ଉପର ଠାଉରିଆ ଜୀବନ । ଗାନ୍ଧିଜୀଙ୍କର ଧର୍ମ ଥିଲା ଯୁକ୍ତି ସମ୍ମତ ଓ ନୈତିକ । ତାଙ୍କର ଯୁକ୍ତିକୁ ଯାହା ସ୍ପର୍ଶ କରିପାରୁନଥିଲା ସେ ସେହି ବିଶ୍ୱାସକୁ ଗ୍ରହଣ କରିପାରୁନଥିଲେ । କିମ୍ବା ତାଙ୍କର ବିବେକ ଯାହାକୁ ସମର୍ଥନ କରୁନଥିଲା, ସେ ସେହି ପ୍ରକାରର ବିଧି ନିୟମକୁ ମାନୁନଥିଲେ ।'[୨୮]

ମଣିଷ ଇତିହାସରେ ଗାନ୍ଧିଜୀ ହିଁ ପ୍ରଥମେ ଅହିଂସା ନୀତିକୁ ବ୍ୟକ୍ତିଗତ ସ୍ତରରୁ ସାମାଜିକ ଓ ରାଜନୈତିକ ସ୍ତରକୁ ପ୍ରସାରିତ କଲେ । ଅହିଂସାକୁ ପରୀକ୍ଷା କରିବା ଉଦ୍ଦେଶ୍ୟରେ ଏବଂ ତା'ର ଦୃଢ଼ତାକୁ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ସେ ରାଜନୀତିରେ ପ୍ରବେଶ କରିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ ସେ ଜୋର୍ ଦେଲେ ଯେ ଆମେ ଅହିଂସା ଓ ଆତ୍ମପୀଡ଼ନର ସତ୍ୟପନ୍ଥାକୁ ଗ୍ରହଣ କରିବା ଉଚିତ । ବର୍ତ୍ତମାନର ସଂକଟ ଅବସ୍ଥାରେ ବିଜ୍ଞାନର ଅଗ୍ରଗତିରୁ ନୂତନ ପରିସ୍ଥିତି

[୨୮] (ଅନ) ନନ୍ଦିନୀ ଶତପଥୀ, ଗାନ୍ଧି କଥାମୃତ, କେନ୍ଦ୍ର ସାହିତ୍ୟ ଏକାଡେମୀ-୧୯୭୦, ପୃ-୭

ସହିତ ଯେତେବେଳେ ଆମେ ନିଜକୁ ଖାପ ଖାଇବାରେ ଅସମର୍ଥ ହେଉଛୁ ସେତେବେଳେ ଅହିଂସା ଓ ସତ୍ୟ ଓ ସୌହାର୍ଦ୍ଦ୍ୟ ନୀତିଗୁଡ଼ିକ ପାଳନ କରିବା ସହଜ ନୁହେଁ ।

ନନ୍ଦିନୀ ଶତପଥୀ କୃଷ୍ଣ କ୍ରିପାଳିନୀଙ୍କର 'ଅଲ ମେନ୍ ଆର୍ ବ୍ରଦର୍ସ'ର ଓଡ଼ିଆ ଅନୁବାଦ 'ଗାନ୍ଧୀ କଥାମୃତ'ରେ ମୁଖ୍ୟତଃ କେତେଗୋଟି ବିଷୟକୁ ପ୍ରଧାନ୍ୟତା ଦେଇଥିଲେ, ତାହା ନିମ୍ନରେ ସୂଚାଇ ଦିଆଯାଉଛି-

୧. ମହାତ୍ମାଗାନ୍ଧୀଙ୍କର ଆତ୍ମଜୀବନୀ ସମ୍ପର୍କୀୟ, ୨. ଧର୍ମ ଓ ସତ୍ୟ, ୩. ସାଧନା ଓ ସାଧ୍ୟ, ୪. ଅହିଂସା, ୫. ଆତ୍ମ-ଶୋଧନ, ୬. ଆନ୍ତର୍ଜାତୀୟ ଶାନ୍ତି, ୭. ମଣିଷ ଓ ଯନ୍ତ୍ର, ୮. ପ୍ରାଚୁର୍ଯ୍ୟ ମଧ୍ୟରେ ଦାରିଦ୍ର୍ୟ, ୯. ଗଣତନ୍ତ୍ର ଓ ଜନତା, ୧୦. ଶିକ୍ଷା, ୧୧. ନାରୀ, ୧୨. ବିବିଧ ।

ନନ୍ଦିନୀଦେବୀ ଉପରୋକ୍ତ ଦ୍ୱାଦଶଟି ପରିଚ୍ଛେଦରେ 'ଗାନ୍ଧୀ କଥାମୃତ' ବହିକୁ ଓଡ଼ିଆରେ ଅନୁବାଦ କରିଛନ୍ତି; ଯାହାକି ଓଡ଼ିଆ ପାଠକ ପାଠିକା ସର୍ବୋପରି ଗାନ୍ଧୀପ୍ରେମୀ ଅଗଣିତ ଜନତାଙ୍କର ହୃଦୟରେ ଗଭୀର ରେଖାପାତ କରିଅଛି ।

## ଅମୃତାପ୍ରୀତମ୍ଙ୍କର - "ରେଭିନ୍ୟୁ ଟିକେଟ୍"

'ଡକ୍ଟର ଅମୃତା ପ୍ରୀତମ୍ ଭାରତରେ କାହିଁକି, ପୃଥିବୀର ଅନ୍ୟ ଅନେକ ଦେଶରେ ସାହିତ୍ୟ ଜଗତର ଏକ ଜଣାଶୁଣା ନାମ । ତାଙ୍କର ବହୁ ଗଳ୍ପ, କବିତା ଓ ଉପନ୍ୟାସ ବିଭିନ୍ନ ଭାଷାରେ ଅନୁଦିତ ହୋଇ ପାଠକ ଓ ପାଠିକାମାନଙ୍କ ମଧ୍ୟରେ ବିଶେଷ ଆଦର ଓ ସମ୍ମାନ ଲାଭ କରିଅଛି । ପୃଥିବୀର ସାହିତ୍ୟ ଜଗତର ସର୍ବଶ୍ରେଷ୍ଠ ପୁରସ୍କାର 'ଜ୍ଞାନପୀଠ ପୁରସ୍କାର' ତଥା 'ଭାରତୀୟ ସାହିତ୍ୟ ଏକାଡେମୀ' ପର୍ଯ୍ୟନ୍ତ ବହୁ ସଂସ୍ଥା ତାଙ୍କର ସାହିତ୍ୟ କୃତିକୁ ସ୍ୱୀକାର କରି ତାଙ୍କୁ ସମ୍ମାନିତ କରିଅଛନ୍ତି ।'[୨୯]

'ରେଭିନ୍ୟୁ ଟିକେଟ୍' - ଅମୃତା ପ୍ରୀତମ୍ଙ୍କର ଆତ୍ମଜୀବନୀ । ନିଜର ଭିତର ଓ ବାହାରକୁ ଟିକିନିଖି ଭାବରେ ବିଶ୍ଳେଷଣ କରି ପାଠକଙ୍କର ଆଗରେ ଏତେ ସାହସର ସହିତ ରଖିଦେବା କୌଣସି ପ୍ରତିଷ୍ଠିତା ନାରୀ ପକ୍ଷରେ ସଚରାଚର ସମ୍ଭବ ହୁଏନାହିଁ ।

[୨୯] (ଅନୁ) ନନ୍ଦିନୀ ଶତପଥୀ, ରେଭିନ୍ୟୁ ଟିକେଟ, ଗ୍ରନ୍ଥମନ୍ଦିର, କଟକ-୧୯୯୮, ପୃ-୧

କିନ୍ତୁ ଅମୃତାପ୍ରୀତମ୍ ଅନନ୍ୟା ।

'ରସିଦ ଟିକେଟ୍'ର କେତେକ ଅଂଶ ନନ୍ଦିନୀଦେବୀ ପଢ଼ିଥିଲେ । ଅଭୟ ସିଂହ 'ରସିଦ୍ ଟିକେଟ୍' ବହିଟିକୁ ଆଣି ନନ୍ଦିନୀଦେବୀଙ୍କୁ ପ୍ରଦାନ କରିଥିଲେ । ପଢ଼ିସାରିବା ପରେ ଓଡ଼ିଶାର ପାଠକ ପାଠିକାଙ୍କ ପାଇଁ ଏହାକୁ ଓଡ଼ିଆରେ ଅନୁବାଦ କରିବା ପାଇଁ ନନ୍ଦିନୀଦେବୀ ଇଚ୍ଛା ପ୍ରକାଶ କରିଥିଲେ । ଦିନକର ଘଟଣା-ନନ୍ଦିନୀଦେବୀ ଅମୃତାପ୍ରୀତମ୍‌ଙ୍କୁ ଟେଲିଫୋନ୍‌ରେ ଏକଥା ଜଣାଇଲେ । ସେ ଆଶ୍ଚର୍ଯ୍ୟ ହୋଇଯାଇ କହିଥିଲେ, 'ଆପଣ ଅନୁବାଦ କରିବେ ? ଏ ତ ମୋର ପରମ ସୌଭାଗ୍ୟ ।' ଅନୁମତି ମିଳିଗଲା ।

ଅନୁବାଦ ଚାଲିଥିବା ସମୟରେ 'ସୁଚରିତା'ର ସଂପାଦିକା ଶକୁନ୍ତଳା ପଣ୍ଡା, ବନ୍ଧୁ ରମାକାନ୍ତବାବୁ, ଶ୍ରୀମାନ ଯାମିନୀ ଓ ମହାପାତ୍ର ନୀଳମଣି ସାହୁଙ୍କର ନିରବଚ୍ଛିନ୍ନ ସାହାଯ୍ୟ, ସହଯୋଗ ଓ ଉତ୍ସାହ ଏହାକୁ ଅନୁବାଦ କରିବା ପାଇଁ ନନ୍ଦିନୀଦେବୀଙ୍କୁ ଯଥେଷ୍ଟ ପ୍ରେରଣା ଦେଇଥିଲେ ।

ନନ୍ଦିନୀଦେବୀ ରାଜନୈତିକ ଓ ସାମାଜିକ ବିଭିନ୍ନ କାମରେ ବ୍ୟସ୍ତ ରହି ଅନୁବାଦଟିକୁ ଶେଷ କରିବାରେ ବିଳମ୍ବ ହୋଇଥିଲା । ୧୯୯୪ ମସିହା ଡିସେମ୍ବର ମାସ ୨୪ ତାରିଖରେ ନନ୍ଦିନୀଦେବୀଙ୍କର ଏହି ଅନୁବାଦ 'ରେଭିନ୍ୟୁ ଟିକେଟ୍' ପାଇଁ ତାଙ୍କୁ "କେନ୍ଦ୍ର ସାହିତ୍ୟ ଏକାଡେମୀ" ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ପୁରସ୍କାର ନନ୍ଦିନୀ ଶତପଥୀଙ୍କୁ ଭାରତୀୟ ସାହିତ୍ୟ ଜଗତରେ ଜଣେ ସୁସାହିତ୍ୟିକା ଭାବରେ ପ୍ରତିଷ୍ଠିତ କରାଇପାରିଅଛି ।

'ରେଭିନ୍ୟୁ ଟିକେଟ୍'ରେ ନନ୍ଦିନୀଦେବୀ 'ଅମୃତାପ୍ରୀତମ୍'ଙ୍କର ଆତ୍ମଜୀବନୀକୁ ସାଧାରଣତଃ ବର୍ଣ୍ଣନା କରିଛନ୍ତି । ଏହାକୁ 'ଚେୟାଳିଶ'ଟି ଭାବରେ ବିଭକ୍ତ କରି ପାଠକ ପାଠିକାଙ୍କ ନିକଟରେ ଉପସ୍ଥାପନା କରିଅଛନ୍ତି । ତାହା ନିମ୍ନରେ ପ୍ରଦତ୍ତ କରାଗଲା-

୧. ଅମୃତାପ୍ରୀତମ୍‌ଙ୍କର ଶୈଶବ ଅବସ୍ଥା, ୨. ୩୧, ଜୁଲାଇ ୧୯୩୦, ୩. ୬ ମ । ର ଷୋଡ଼ଶ ବର୍ଷ, ୪. ଏକ ଛାୟା, ୫. ନୀରବତାର ଏକ ପରିଧି, ୬. ଘୃଣାର ଏକ ଚକ୍ର, ୭. ୧୯୪୭, ୮. କେବଳ ନାରୀ, ୯. ଏକ ଋଣ – '୧୯୫୭' ବିଦ୍ରୋହର, ୧୦. ୧୯୫୯ ଏକ କବର – ଏକ ଭୟାନକ ମୁହୂର୍ତ୍ତ, ୧୧. ୧୯୬୦, ୧୨. ୧୯୬୧, ୧୩. ଯାତ୍ରାର ଡାଏରୀ, ୧୪. ପାଞ୍ଚଶହ ବର୍ଷର ଯାତ୍ରା, ୧୫. ସତ୍ୟର ବୀଜ, ୧୬. ଏକ ନୀରବତା, ୧୭. କଳା

ବାଦଲରେ ଆଲୋକର ବଳୟ, ୧୮. ସୂର୍ଯ୍ୟରଶ୍ମୀରୁ ଚେନାଏଁ, ୧୯. ଅଗ୍ନିସ୍ନାନ, ୨୦. ଇମରୋଜ୍, ୨୧. ଏକ ପ୍ରସଙ୍ଗ - ୧୯୭୨, ୨୨. ସମ୍ବାଦପତ୍ରର ବିଚିତ୍ର ଟିପ୍‌ପଣୀ, ୨୩. ଧର୍ମଯୁଦ୍ଧ, ୨୪. ଦେଖିଥିବା ଶୁଣିଥିବା ଓ ଘଟିଥିବା ଘଟଣାମାନ, ୨୫. କଳ୍ପନାର ଯାଦୁ, ୨୬. ଜଣେ ଲେଖକର ସତ୍ୟତା, ୨୭. ଗଭୀର କଳାମେଘ, ୨୮. ଆଉ ଏକ ତିକ୍ତ ଅନୁଭୂତି, ୨୯. ଏକ ପ୍ରଣତି, ୩୦. ଈଶ୍ୱରଙ୍କର ଭଳି ଭରସା, ୩୧. ଛୋଟ ସତ୍ୟ - ବଡ଼ ସତ୍ୟ, ୩୨. ଏକ କବିତାର ବ୍ୟାଖ୍ୟା, ୩୩. ଫୋନିକ୍ସ ସାମ୍ରାଜ୍ୟ, ୩୪. ଡାଏରୀରୁ କିୟଦଂଶ, ୩୫. ଗୋଟିଏ ରାତି, ୩୬. ଗୋଟିଏ ଦିନ, ୩୭. ଏକ କବିତା, ୩୮. ଏକ ଗମ୍ବୁଜ, ୩୯. ଅନ୍ୟ ଏକ ରାତି, ୪୦. ଶେଷ ପଂକ୍ତି, ୪୧. ଯଥାର୍ଥରୁ ଯଥାର୍ଥ ଯାଏଁ, ୪୨. ସଂଗ୍ରାମ ଚାଲିଛି, ୪୩. ଅଲେଖା କାଗଜ ।

ଏ ସମସ୍ତ ତଥ୍ୟାବଳୀ (୪୩)ଟି ଅମୃତାପ୍ରୀତମ୍‌ଙ୍କର ନିଜସ୍ୱ ଆତ୍ମଜୀବନୀକୁ ନନ୍ଦିନୀଦେବୀ ଓଡ଼ିଆ ଅନୁବାଦ କରି 'ରେଭିନ୍ୟୁ ଟିକେଟ୍' ପୁସ୍ତକରେ ପ୍ରକାଶିତ କରି ଓଡ଼ିଆ ପାଠକ ଓ ପାଠିକାମାନଙ୍କ ହୃଦୟରେ ସ୍ପନ୍ଦନ ଜାଗ୍ରତ କରାଇବାରେ ସହାୟକ ହୋଇପାରିଅଛି ।

## ତସଲିମା ନାସରିନ୍‌ଙ୍କର - "ଲଜ୍ଜା"

ତସଲିମା ନାସରିନ୍ ବଙ୍ଗଳା ଦେଶର ଜଣେ ବିଖ୍ୟାତ ଲେଖିକା ତଥା ଔପନ୍ୟାସିକା । ତାଙ୍କର ଅନେକ ଉପନ୍ୟାସ ପ୍ରକାଶିତ ହୋଇଅଛି । ପ୍ରକାଶିତ ହୋଇଥିବା - 'ଲଜ୍ଜା' ନାମକ ଉପନ୍ୟାସଟି ଆଜି ବଙ୍ଗଳାଦେଶ ଓ ଆମ ରାଷ୍ଟ୍ର ଭାରତବର୍ଷରେ ବିଶେଷ ଆଲୋଡ଼ନ ସୃଷ୍ଟି କରିଅଛି । ଏହି 'ଲଜ୍ଜା' ବହିଟିକୁ ବଙ୍ଗଳାଦେଶ ସରକାର ବ୍ୟାଜ୍ୟାପ୍ତ କରିଛନ୍ତି । ବଙ୍ଗଳାଦେଶର ଏକ ମୌଳବାଦୀ ସଂଗଠନ, ଯାହାର ନାମ - ସାହାବା ମୌନିକ ପରିଷଦ (ଏସ୍.ଏସ୍.ପି) ନାସରିନ୍‌ଙ୍କର ବିରୁଦ୍ଧରେ ଗୋଟିଏ ଫତୁଆ (Decree) ଜାରି କରିଛନ୍ତି । ନିଜର ସୁରକ୍ଷା ପାଇଁ ସେ ସରକାରଙ୍କୁ ଅନୁରୋଧ କରିଥିଲେ ମଧ୍ୟ ସେ କୁହନ୍ତି ତାଙ୍କୁ ଆଜି ପର୍ଯ୍ୟନ୍ତ କେହି ଆକ୍ରମଣ କରିବାକୁ ଚେଷ୍ଟା କରିନାହାନ୍ତି ।

'ତସଲିମାଙ୍କର ଲେଖା ସାଂପ୍ରଦାୟିକ ଅତ୍ୟାଚାର ବିରୁଦ୍ଧରେ; ଦେଶ, କାଳ, ପାତ୍ର ନିର୍ବିଶେଷରେ ଯେଉଁଟା ଭୁଲ୍ ତାହାକୁ ସେ ଭୁଲ୍ ଭାବରେ କହିବା ପାଇଁ ସାହସ କରିପାରିଛନ୍ତି । ତାଙ୍କ ଚରିତ୍ରର ଏହି ବିଶେଷତ୍ୱ ଯୋଗୁଁ 'ଲଜ୍ଜା' ବର୍ତ୍ତମାନ ଭାରତ ଓ ବଙ୍ଗଳାଦେଶରେ ଚହଳ ପକାଇଦେଇଛି ।'[୩୦]

[୩୦] (ଅନୁ) ନନ୍ଦିନୀ ଶତପଥୀ, ଲଜ୍ଜା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୧୯୯୮, ପୃ-୨

ବର୍ତ୍ତମାନ ସମଗ୍ର ପୃଥିବୀରେ ତଥା ଭାରତରେ ସାଂପ୍ରଦାୟିକତା ଯେପରି ଭୀଷଣ ଆକାର ଧାରଣ କରିଛି ଏବଂ ସବୁ ଧର୍ମର ମୌଳବାଦୀମାନେ ଯେପରି ସେମାନଙ୍କର ଆଧିପତ୍ୟ ବିସ୍ତାର କରୁଛନ୍ତି, ତସଲିମାଙ୍କର 'ଲଜ୍ଜା' ତାହାର ଏକ ସାମାଜିକ ବିରୋଧ ।

ନନ୍ଦିନୀଦେବୀ ସେଥିପାଇଁ ବହିଟିକୁ ଓଡ଼ିଆରେ ଅନୁବାଦ କରି ଓଡ଼ିଶାର ଅଗଣିତ ପାଠକ ଓ ପାଠିକାମାନଙ୍କର ସମ୍ମୁଖରେ ରଖିବା ପାଇଁ ଆଗ୍ରହୀ ହେଲେ, କାରଣ ନନ୍ଦିନୀଦେବୀ ନିଜେ ସବୁ ସାମ୍ପ୍ରଦାୟିକତାର ବିରୋଧୀ ଥିଲେ ।

'ଲଜ୍ଜା' ଉପନ୍ୟାସର ସାର ସଂକ୍ଷେପ ହେଲା-

ଏ ପର୍ଯ୍ୟନ୍ତ ଦେଶ ବିଭାଜନର କ୍ଷତ ମିଳେଇ ଯାଇନାହିଁ । ତା' ଫଳରେ ଏ ଦେଶ ସେ ଦେଶ ମଝିରେ ମଝିରେ ସାମ୍ପ୍ରଦାୟିକ ସଂଘର୍ଷ ଆରମ୍ଭ ହୋଇଯାଏ ଏବଂ ତାହାର ଶିକାର ହୁଅନ୍ତି ନିରୀହ ଲୋକମାନେ । ଭାରତରେ ଯେ କୌଣସି ଧର୍ମୀୟ ଉନ୍ମତ୍ତତାର ପ୍ରତିକ୍ରିୟା ମଧ୍ୟ ଦେଖାଦିଏ ବଙ୍ଗଳାଦେଶରେ । ସେହି ପରିପ୍ରେକ୍ଷୀରେ ଏହି 'ଲଜ୍ଜା' ଉପନ୍ୟାସରେ ତସଲିମା ନାସରିନ୍ ଏକ ମର୍ମନ୍ତୁଦ କାହାଣୀ ରଚନା କରିଅଛନ୍ତି ।

ବଙ୍ଗଳାଦେଶର ଏକ ତରୁଣ ଯୁବକ ସୁରଂଜନ । ବଙ୍ଗଳାଦେଶରେ ହିଁ ତାହାର ଜନ୍ମ । ସେ ହିଁ ତାହାର ସ୍ୱଦେଶ । ଧର୍ମ ବିଷୟରେ ତାହାର କୌଣସି ମୁଣ୍ଡ ବ୍ୟଥା ନଥିଲା । ତେବେ ବି ଧର୍ମୀୟ ମୌଳବାଦୀମାନଙ୍କର ଉନ୍ମତ୍ତତାରେ ତାକୁ ବାସହରା ଓ ବନ୍ଧୁହୀନ ହେବାକୁ ହେଲା । ଶେଷ ପର୍ଯ୍ୟନ୍ତ ଗୋଟିଏ ତିକ୍ତ ନୈରାଶ୍ୟମୟ ଜୀବନକୁ ଠେଲିହୋଇ ଯାଉ ଯାଉ ଉନ୍ମାଦ ଭଳି ସେ ଗୋଟିଏ କାଣ୍ଡ କରିବସିଲା ।

ସାଂପ୍ରତିକ ସମୟରେ ଏକ ଅସହାୟ ଟ୍ରାଜେଡିର କଥା ଦୁଃଶାହସିନୀ ତସଲିମା ନାସରିନ୍‌ଙ୍କ କଲମରେ ଜୀବନ୍ତ ହୋଇ ଫୁଟିଉଠିଛି । ଏହି କାହାଣୀରେ ସବୁ ସମ୍ପ୍ରଦାୟର ମୌଳବାଦୀମାନଙ୍କୁ ସେ ତୀବ୍ର ଭାବରେ ଆକ୍ରମଣ କରିଛନ୍ତି ।

'ଲଜ୍ଜା' ବହିଟି ଛୋଟ ଆକାରରେ ପ୍ରକାଶିତ ହୋଇଥିଲା । ପ୍ରକାଶ ହେବା ସଙ୍ଗେ ସଙ୍ଗେ ଉପନ୍ୟାସଟି ବଙ୍ଗଳାଦେଶରେ ନିଷିଦ୍ଧ ଘୋଷିତ ହେଲା । ଉପନ୍ୟାସଟିର ଆମୁଳ ପରିବର୍ତ୍ତନ

ପରିବର୍ଦ୍ଧନ କରି ପ୍ରାୟ ନୂଆ କରି ଲେଖିବା ଭାରତରେ ପ୍ରକାଶ କରିବା ପାଇଁ ଏକମାତ୍ର ଆନନ୍ଦ ପବ୍ଲିଶର୍ସଙ୍କର ସାଙ୍ଗରେ ତସଲିମା ଚୁକ୍ତିବଦ୍ଧ ହୋଇଛନ୍ତି । ଚେତନାର ତୁମୁଳ ଆଲୋଡ଼ନ ସୃଷ୍ଟି କରିଥିବା ଏ ବହିଟିକୁ ଆମେ ପାଠକଙ୍କର ନିକଟରେ ପହଞ୍ଚାଇବା ଲକ୍ଷ୍ୟ କରିଅଛୁ ।

## ମହାଶ୍ୱେତାଦେବୀଙ୍କ 'ନିର୍ବାଚିତ ଗଳ୍ପ' :-

ବିଖ୍ୟାତ ବଙ୍ଗଳା ଲେଖିକା ମହାଶ୍ୱେତା ଦେବୀଙ୍କର ପରିଚୟ ଦେବା ମୋ ପକ୍ଷରେ ଧୃଷ୍ଟତା ହେବ ବୋଲି ନନ୍ଦିନୀ ଶତପଥୀ କହିଥାନ୍ତି । ବିଶ୍ୱ ସାହିତ୍ୟ ଇତିହାସରେ ନିଜର ସ୍ୱାକ୍ଷର ଛାଡ଼ିଦେଇ ବିଶ୍ୱ ସାହିତ୍ୟ ଜଗତର ସର୍ବଶ୍ରେଷ୍ଠ ପୁରସ୍କାର 'ଜ୍ଞାନପୀଠ ପୁରସ୍କାର' 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' ଓ 'ମାଗାସେସ୍ ପୁରସ୍କାର ଇତ୍ୟାଦି ସେ ପାଇସାରିଛନ୍ତି; ଯାହାକି ତାଙ୍କର ସାହିତ୍ୟ କୃତିକୁ ସମ୍ମାନିତ କରିପାରିଅଛି ବିଶ୍ୱ ସାହିତ୍ୟ ଜଗତରେ । ଭାରତବର୍ଷରେ ଲେଖିକା ଭାବରେ ସେ ଅନନ୍ୟା । ମହାଶ୍ୱେତାଦେବୀ କେବଳ ସାହିତ୍ୟରେ ସମୟ ଦିଅନ୍ତି ନାହିଁ; ଜନସାଧାରଣ ତଥା ଦରିଦ୍ର ନିପୀଡ଼ିତ ମଣିଷଙ୍କର ସେବା କରିବା ପାଇଁ ସେ ସବୁବେଳେ ଆଗଭର । ବିଶେଷକରି 'ପାହାଡ଼, ଜଙ୍ଗଲ ଭିତରେ ଯେଉଁ ଆଦିବାସୀ ଲୋକମାନେ ରହିଛନ୍ତି, ଏବଂ ଆଇନ୍ କାନୁନ୍ ବିଷୟରେ ଯେଉଁମାନେ ଅଜ୍ଞ, ସେହିମାନଙ୍କର ସେବା କରିବା ପାଇଁ ନିଜ ଜୀବନର ବ୍ରତ ରୂପେ ସେ ଗ୍ରହଣ କରିନେଇଛନ୍ତି । ଏବେ ସେ ଏକ ସାକ୍ଷାତକାରରେ କହିଛନ୍ତି ଯେ, ସାହିତ୍ୟ ଅପେକ୍ଷା ଆଦିବାସୀମାନଙ୍କ ପାଇଁ କାମ କରିବା ତାଙ୍କର ଜୀବନର ମୂଳଲକ୍ଷ୍ୟ । ଅର୍ଥାତ୍ ବ୍ୟକ୍ତିଗତ ଭାବରେ ସେ ବିଭିନ୍ନ ସ୍ଥାନ ବୁଲନ୍ତି ଏବଂ ଯେଉଁଠାରେ ଅନ୍ୟାୟ, ଶୋଷଣ ହେଉଛି ତାହା ପ୍ରତିବାଦ କରିବା ପାଇଁ ଆଗେଇ ଆସନ୍ତି । କ୍ୱଚିତ ଲେଖକ ମଣିଷ ଜୀବନକୁ ଏଭଳି ଭାବରେ ଜାଣି ଗଳ୍ପ, ଉପନ୍ୟାସ ରଚନା କରିଛନ୍ତି । ସେଗୁଡ଼ିକୁ ଅନ୍ୟ ଭାଷାରେ ଅନୁବାଦ କରିବା ସେତେ ସହଜ ନୁହେଁ । ମହାଜନ, ଜମିଦାର ଇତ୍ୟାଦି ଧନୀ ଲୋକମାନଙ୍କର ସାଧାରଣ ଲୋକଙ୍କ ପ୍ରତି ଯେଉଁ ବ୍ୟବହାର, ସେସବୁକୁ ଅତ୍ୟନ୍ତ ସ୍ୱାବଲମ୍ୱୀ ଏବଂ ପ୍ରାଣସ୍ପର୍ଶୀ ଭାଷାରେ ମହାଶ୍ୱେତାଦେବୀ ପ୍ରକାଶ କରିଅଛନ୍ତି ।'[୩୧]

ମହାଶ୍ୱେତାଦେବୀଙ୍କ ଦ୍ୱାରା ରଚିତ ପଚାଶଟି ଗଳ୍ପ ଅନୁବାଦ କରିବାକୁ ନନ୍ଦିନୀଦେବୀ ସାହସ କରିପାରିନଥିଲେ । ମହାଶ୍ୱେତାଦେବୀ କିନ୍ତୁ ଏକପ୍ରକାର ନନ୍ଦିନୀଦେବୀଙ୍କୁ ବାଧ୍ୟ କରିବାରୁ ଏବଂ

[୩୧] (ଅନୁ) ନନ୍ଦିନୀ ଶତପଥୀ, ମହାଶ୍ୱେତାଦେବୀଙ୍କ ନିର୍ବାଚିତ ଗଳ୍ପ, ଲକି ପବ୍ଲିକେଶନ୍, ବ୍ରହ୍ମପୁର-୧୯୯. ପୃ-୧

କହିଥିଲେ ଯେ, 'ତୋତେ ହିଁ କରିବାକୁ ପଡ଼ିବ' । ପରବର୍ତ୍ତୀ ସମୟରେ ମହାଶ୍ୱେତାଦେବୀଙ୍କ ଏହି ମନ୍ତବ୍ୟଟି ହିଁ ନନ୍ଦିନୀଙ୍କୁ ପ୍ରଚୋଦିତ କରିଥିଲା ଏହି ପୁସ୍ତକର ଅନୁବାଦ କରିବାକୁ । ଓଡ଼ିଶାର ବିଭିନ୍ନ ସ୍ଥାନରେ ବହୁ ପ୍ରକାରର ଆଦିବାସୀ ଲୋକମାନେ ବାସ କରିଥାନ୍ତି । ନନ୍ଦିନୀଦେବୀ ସେସବୁ ଅଞ୍ଚଳ ଗସ୍ତ କରି ସେମାନଙ୍କ ସଙ୍ଗରେ ମିଶିଥିବାରୁ ଏହି ପୁସ୍ତକଟି ତାଙ୍କୁ ପରବର୍ତ୍ତୀ ସମୟରେ ଅନୁବାଦ କରିବାରେ ବିଶେଷ ଭାବରେ ସହାୟକ ହୋଇଥିଲା । ଶେଷରେ ଅନେକ ପରିଶ୍ରମ କରି ମହାଶ୍ୱେତାଦେବୀଙ୍କର ଭାବନାକୁ ଏହି ଅନୁବାଦ ଭିତରେ ପ୍ରକାଶ କରିବାକୁ ଚେଷ୍ଟା କରିଛନ୍ତି ନନ୍ଦିନୀ । କିନ୍ତୁ ନନ୍ଦନୀ ସ୍ୱୀକାର କରିଛନ୍ତି, ଭାଷାରେ ବଙ୍ଗଳାଦେଶର ତେଭାଗା ଆନ୍ଦୋଳନ ଯାହାକୁ ନକ୍ସଲାଇଟ୍ ଆନ୍ଦୋଳନ କୁହାଯାଏ, ଏହି ଆନ୍ଦୋଳନ ସମ୍ପର୍କରେ ଯେଉଁମାନଙ୍କର ମୌଳିକ ଧାରଣା ନଥିବ, ସେମାନଙ୍କ ପାଇଁ କିଛି କିଛି ଗଳ୍ପ ଅବୁଝା ରହିଯିବ ।

ମହାଶ୍ୱେତାଦେବୀଙ୍କର ପଚାଶଟି ଗଳ୍ପ ମଧ୍ୟରୁ ନନ୍ଦିନୀଦେବୀ କୋଡ଼ିଏଟି ଗଳ୍ପ ଅନୁବାଦ କରିଛନ୍ତି । ଯାହାକି ପାଠକ ଓ ପାଠିକାମାନେ ଗଳ୍ପଗୁଡ଼ିକର ମର୍ମ ବୁଝିବା ପାଇଁ ଚେଷ୍ଟା କରିବେ, ତାହେଲେ ମୋର ଶ୍ରମ ସାର୍ଥକ ହେଲା ବୋଲି ମୁଁ ଅନୁଭବ କରିବି ବୋଲି ନନ୍ଦିନୀଦେବୀ ସ୍ୱୀକାର କରିଛନ୍ତି । ବାସ୍ତବରେ ନନ୍ଦିନୀଦେବୀଙ୍କ ଆଶା ଓ ଆକାଙ୍କ୍ଷାକୁ ଓଡ଼ିଶାର ପାଠକ ପାଠିକାଗଣ ପରିପୂରଣ କରିଛନ୍ତି ମହାଶ୍ୱେତାଦେବୀଙ୍କର ନିର୍ବାଚିତ ଗଳ୍ପର ଅନୁବାଦକୁ ପାଠକରି ।

ନନ୍ଦିନୀଦେବୀ ଅନୁବାଦ କରିଥିବା ମହାଶ୍ୱେତାଦେବୀଙ୍କର କୋଡ଼ିଏଟି ଗଳ୍ପର ସାରଣୀ ନିମ୍ନରେ ପ୍ରଦତ୍ତ କରାଗଲା :-

୧. ଜଗନ୍ନାଥଙ୍କ ରଥ, ୨. ଶିଶୁ, ୩. ଛୁରୀ, ୪. କବିପତ୍ନୀ, ୫. ଅର୍ଜ୍ଜୁନ, ୬. ଗନ୍ଧ, ୭. ଚୋଲିକେ ପିଛେ, ୮. ଭାତ, ୯. ଜଳଛତ୍ର, ୧୦. ଭୀଷ୍ମଙ୍କ ପିପାସା, ୧୧. ଉର୍ବଶୀ ଓ ଜନି, ୧୨. ଜନ୍ମଦିନ, ୧୩. ସଂଜ ସକାଳର ମା', ୧୪. ସିନ୍ଧୁବାଳା, ୧୫. ଭିତ୍ତି, ୧୬. ଭାରତବର୍ଷ, ୧୭. ଶୂନ୍ୟସ୍ଥାନ ପୂରଣ କର, ୧୮. ଜାହ୍ନବୀ ମା, ୧୯. ବନ୍ୟା, ୨୦. ନିଶାତ୍ ମାଝିର ଭୁଟାନ ଯାତ୍ରା ।

***

# ନନ୍ଦିନୀଙ୍କ ସାରସ୍ୱତ କୃତି

# (କ) ନନ୍ଦିନୀଙ୍କର ସାରସ୍ୱତ କୃତି

ସଂସାରରେ କୌଣସି ବ୍ୟକ୍ତି ହୁଅନ୍ତୁ ନା କାହିଁକି, ଯଦି ଜଣେ ଗୋଟିଏ କାର୍ଯ୍ୟ କରିବାକୁ ଦୃଢ଼ ସଂକଳ୍ପ ନେବେ ଓ ମନପ୍ରାଣ ଢାଳି ସେହି କାମଟିରେ ଲାଗିପଡ଼ିବେ, ତେବେ ତାହା ସହଜରେ ହୋଇପାରିବ । ଏହି କଥା ପାଠକଙ୍କୁ କହିଆସୁଥିଲେ ନିଜ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅଙ୍ଗେ ନିଭାଇଥିବା ସାହିତ୍ୟ ସାଧିକା ନନ୍ଦିନୀ ଶତପଥୀ । ସେ ଏପରି ଏକ ବ୍ୟକ୍ତିତ୍ୱ ଥିଲେ-ଯେ କି କୌଣସି କାର୍ଯ୍ୟରେ ହାର ମାନିବା କେହି ଦେଖିନାହାନ୍ତି । ଶିକ୍ଷା ହେଉ, ସମାଜସେବା ହେଉ, ରାଜନୀତି ହେଉ ବା ସାହିତ୍ୟ ସାଧନା ହେଉ; ସବୁଥିରେ ହିଁ ନନ୍ଦିନୀଦେବୀ ସଫଳତାର ଶୀର୍ଷରେ ପହଞ୍ଚି ପାରିଛନ୍ତି । ଯାହାକି ସମ୍ଭବ ହୋଇପାରିଛନ୍ତି ତାଙ୍କର ନିରବଚ୍ଛିନ୍ନ ସାଧନାର ଫଳ ।

ନନ୍ଦିନୀଦେବୀଙ୍କର ଭାଷାରେ ସାଧନାର ଫଳ ଆପେ ଆପେ ଆସିଥାଏ । ପିଲାଟି ବେଳରୁ ନନ୍ଦିନୀଦେବୀଙ୍କୁ ତାଙ୍କର କକେଇ ଭଗବତୀ ଚରଣ ପାଣିଗ୍ରାହୀ କମ୍ୟୁନିଷ୍ଟମାନଙ୍କର ବହି ଆଣି ଦେଉଥିଲେ ଓ ସେ ତାହାକୁ ବୁଝି ଅନ୍ୟମାନଙ୍କୁ ବୁଝାଉଥିଲେ । କେତେଗୁଡ଼ିଏ ବହିକୁ ମଧ୍ୟ ସେ ନିଜେ ଅନୁବାଦ କରୁଥିଲେ । ନନ୍ଦିନୀଦେବୀଙ୍କର ବାପା ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ପ୍ରଭାବ ନନ୍ଦିନୀଦେବୀଙ୍କ ଉପରେ ପିଲାଟିଦିନରୁ ପଡ଼ିଥିଲା । ବାପା ଲେଖୁଥିବା ସମୟରେ ନନ୍ଦିନୀ ସବୁ ଦେଖୁଥିଲେ ଓ ବାପା ତାଙ୍କୁ କେବେ ଡିକ୍ଟେସନ ଦେଉଥିଲେ ।

ସାଂସ୍କୃତିକ ସାହିତ୍ୟିକ ପରିବାରର ଦାୟାଦ ହୋଇଥିବାରୁ ବାପା ଓ ଦାଦାଙ୍କର ପ୍ରଭାବ ନନ୍ଦିନୀଙ୍କ ଉପରେ ପିଲାଟି ବେଳରୁ ପଡ଼ିଥିଲା । ନନ୍ଦିନୀ ପିଲାଟି ବେଳରୁ କଟକସ୍ଥ ପ୍ରାକ୍ଟିସିଂ ଇଂରାଜୀ ମିଡିଲ୍ ସ୍କୁଲରେ ପଢୁଥିଲେ । ତାଙ୍କର ସ୍କୁଲ ନିକଟରେ ଟ୍ରେନିଂ ସ୍କୁଲ ଥାଏ । ସେହି ଟ୍ରେନିଂ ସ୍କୁଲରୁ ଏକ ମାଗାଜିନ୍ ପ୍ରକାଶିତ ହେଉଥାଏ । ସେତିକିବେଳେ ନନ୍ଦିନୀଦେବୀଙ୍କ ପ୍ରଥମ ସୃଜନର ସ୍ୱାକ୍ଷର ପ୍ରଥମ ଗଳ୍ପ 'ଅନାଥ' ଉକ୍ତ ସ୍କୁଲରେ ପ୍ରକାଶିତ 'ମାଗାଜିନ'ରେ ପ୍ରକାଶିତ ହୋଇଥିଲା । ବାପା-

ମା ଛେଉଣ୍ଡ ଏକ ଛୋଟ ପିଲାଟିର କଥା ଏହି 'ଅନାଥ' ଗଳ୍ପରେ ନନ୍ଦିନୀ ଉପସ୍ଥାପନା କରିଥିଲେ । ଏଠାରୁ ପିଲାଟି ଦିନରୁ ନନ୍ଦିନୀଦେବୀଙ୍କର ସାହିତ୍ୟିକ ପ୍ରତିଭାର ପରିଚୟ ମିଳିପାରିଥିଲା ।

ଭାଗ୍ୟଦେବୀଙ୍କର ପ୍ରସନ୍ନରେ ନନ୍ଦିନୀ ଶତପଥୀ ନିଜ ଜୀବନରେ ରାଜ୍ୟସଭା ସଦସ୍ୟ, କେନ୍ଦ୍ରମନ୍ତ୍ରୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଓଡ଼ିଶା ରାଜ୍ୟ ଯୋଜନାବୋର୍ଡ ଅଧକ୍ଷା, ଅଖିଳ ଭାରତୀୟ କଂଗ୍ରେସ କାର୍ଯ୍ୟକାରିଣୀ ସଭ୍ୟା, ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାନେତ୍ରୀ ପଦବୀରେ ଥାଇ ମଧ୍ୟ ସେ ସାହିତ୍ୟ ସାଧନାକୁ କଦାପି ଭୁଲି ପାରିନଥିଲେ । ସମସ୍ତ ପଦବୀର ସଠିକ୍ କାର୍ଯ୍ୟ କରି ନନ୍ଦିନୀଦେବୀ ସାହିତ୍ୟ ସାଧନା ପାଇଁ ସମୟ ଦେଉଥିଲେ । ଲୋକମାନଙ୍କର ସମସ୍ୟା ବୁଝିବା, ଦରଖାସ୍ତ କରିବା, ଏହି କାମରେ ସାରା ଦିନରେ ବ୍ୟସ୍ତ ରହି ମଧ୍ୟ ନନ୍ଦିନୀଙ୍କର ସାହିତ୍ୟ ପାଇଁ ରାତ୍ର ସମୟରେ ଡିକ୍ଟେସନ ଦେଇଥାଆନ୍ତି ।

ନନ୍ଦିନୀଙ୍କର ଭାଷାରେ ଯେଉଁମାନେ କ'ଣଟେ ହେବାପାଇଁ, କି ପୁରସ୍କାରଟିଏ ପାଇବା ପାଇଁ ମନରେ ଧାରଣା ପୋଷଣା କରି କଲମ ଧରିଥାନ୍ତି, ସେମାନଙ୍କ କ୍ଷେତ୍ରରେ ଭିନ୍ନ କଥା । ବାସ୍ତବରେ ଏହା କେତେବଡ଼ ନିଷ୍ଠୁର କଥାଟିଏ ! ବର୍ତ୍ତମାନ କେତେକ ନୂଆ ନୂଆ ସାହିତ୍ୟିକ ବାହାରିଲେଣି । କେବଳ ନାମ ଦେଖି ସେମାନଙ୍କର ଲେଖାକୁ ସ୍ୱୀକୃତି ମିଳୁଅଛି । ଅବଶ୍ୟ ଏହି ଶ୍ରେଣୀଭୁକ୍ତ ସାହିତ୍ୟିକମାନଙ୍କ ମଧ୍ୟରେ ଖୋଜିବାକୁ ପଡ଼ିଥାଏ । ଜଣେ ସଚ୍ଚା ସାହିତ୍ୟିକ ଏସବୁ ଊର୍ଦ୍ଧ୍ୱରେ ରହି ନିଜର କର୍ତ୍ତବ୍ୟ ସମ୍ପାଦନା କରିବା ବିନା ଅନ୍ୟ କିଛି ଭାବନ୍ତି ନାହିଁ ।

ନନ୍ଦିନୀଦେବୀ ସଦାସର୍ବଦା କହିଥାନ୍ତି - କୌଣସି ମହତ୍ତର କାର୍ଯ୍ୟ ପାଇଁ ବିବେକର ଅନୁମୋଦନ ସତ୍ତ୍ୱେ ହୃଦୟ ଭିତରୁ ଯେଉଁ ଆହ୍ୱାନ ଆସିଥାଏ, ଆଉ ସେହି ଆହ୍ୱାନକୁ ବାସ୍ତବରେ ଉପଭୋଗ କରିବା ପାଇଁ ମନରେ ଯଦି ନିଷ୍ଠା ଥାଏ, ତେବେ ଏଥିପାଇଁ ସମୟ ଆପେ ଆପେ ଧରାଦେବ । ସେଥିପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସମୟକୁ ଖୋଜିବା ଦରକାର ପଡ଼େନାହିଁ ।


ସବୁଜ ଯୁଗର ମହାନାୟକ ତଥା 'ମାଟିର ମଣିଷ' ଉପନ୍ୟାସର କାଳଜୟୀ ସ୍ରଷ୍ଟା, ରଚୟିତା ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ସୁଯୋଗ୍ୟା କନ୍ୟାରତ୍ନା - ନନ୍ଦିନୀ ଶତପଥୀ ଯେଉଁ ସାରସ୍ୱତ ସାହିତ୍ୟ ସୃଷ୍ଟି କରିଛନ୍ତି-ସେଥିରେ ଅଛି ଅନାଥ ଆତୁରଙ୍କ କାହାଣୀ, ଏକ ସାମାଜିକ ଦାୟିତ୍ୱବୋଧତା । ତାଙ୍କର ସାହିତ୍ୟରେ ଅନେକ ଭାବରେ କର୍ତ୍ତବ୍ୟର ଛାପ ହିଁ ପ୍ରସ୍ଫୁଟିତ

ହୋଇପାରିଅଛି । ନିଜର ଜୀବଦଶାରେ ସାହିତ୍ୟ ପାଇଁ କେବେ ପୁରସ୍କାର ପାଇବା ପାଇଁ ନନ୍ଦିନୀଦେବୀ ଚିନ୍ତା କରିନଥିଲେ । ଅମୃତାପ୍ରୀତମ୍ଙ୍କର 'ରେଭିନ୍ୟୁ ଟିକେଟ୍'କୁ ଓଡ଼ିଆରେ ସେ ଅନୁବାଦ କରି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି । ତଥାପିବି ସେ ଏହି ପୁରସ୍କାର ପାଇଁ ଗର୍ବ ଅନୁଭବ କରିନଥାନ୍ତି । ୧୯୯୪ ମସିହାରେ ତାଙ୍କ ଦ୍ୱାରା ଅନୁବାଦିତ ତସଲିମା ନାସରିନ୍ଙ୍କର 'ଲଜ୍ଜା' ବହିର ବିକ୍ରୟ ତଥା ଲୋକପ୍ରିୟତା ନନ୍ଦିନୀଦେବୀଙ୍କୁ ଏତେ ଆଗକୁ ନେଇଯାଇଥିଲା ଯେ, ଏହା ପୂର୍ବରୁ କୌଣସି ଟ୍ରାନ୍ସଲେସନ୍ ପୁସ୍ତକ ଏପରି ଲୋକପ୍ରିୟତା ଅର୍ଜନ କରିପାରିନଥିଲା । ବର୍ତ୍ତମାନ ଏହାର ୧୮ତମ ସଂସ୍କରଣ ବିକ୍ରି କରାଯାଉଅଛି । ଏତଦ୍‌ବ୍ୟତୀତ କୃଷ୍ଣାକୃପାଳିନୀଙ୍କର 'ଗାନ୍ଧି କଥାମୃତ'କୁ ନନ୍ଦିନୀଦେବୀ ଓଡ଼ିଆରେ ଅନୁବାଦ କରିଥିଲେ । ଉକ୍ତ ବହିଟି କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହୋଇଥିଲା । ସାହିତ୍ୟ ଜଗତରେ ଏଥିପାଇଁ ନନ୍ଦିନୀ ନିଜକୁ ଜଣେ ସୁସାହିତ୍ୟିକା ଭାବରେ ପ୍ରତିଷ୍ଠିତ କରିପାରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

ନନ୍ଦିନୀ ଶତପଥୀ ଆଜି ଯେଉଁ ପର୍ଯ୍ୟନ୍ତ ଆସିପାରିଛନ୍ତି, ତାହା କେବଳ ସମ୍ଭବ ହୋଇପାରିଅଛି ତାଙ୍କର ଦୃଢ଼ ଇଚ୍ଛାଶକ୍ତି ବା ସାଧନା ଯୋଗୁଁ । ସମାଜସେବା, ବିପ୍ଳବ, ରାଜନୀତି ମଧ୍ୟରେ ମଧ୍ୟ ନନ୍ଦିନୀଦେବୀ ଘାଣ୍ଟିହୋଇ ସାହିତ୍ୟକୁ ଛାଡ଼ିପାରିନାହାନ୍ତି । ୧୯୬୭ ମସିହାରେ ତାଙ୍କର ପ୍ରଥମ ଗଳ୍ପ ସଂକଳନ 'କେତୋଟି କଥା' ପ୍ରକାଶିତ ହୋଇଥିଲା । ଏହି ସଂକଳନରେ ଥିବା ଗଳ୍ପଗୁଡ଼ିକ ଏତେ ଆଦୃତ ହେଲା ଯେ, ଭାରତର ବିଭିନ୍ନ ଆଞ୍ଚଳିକ ଭାଷାରେ ଯଥା-ବଙ୍ଗଳା, ତେଲୁଗୁ, ତାମିଲ, ମାଲାୟଲମ, କନ୍ନଡ଼, ସର୍ବୋପରି ଇଂରାଜୀ ଭାଷାରେ ଏହାର ଅନୁବାଦ ପ୍ରକାଶିତ ହୋଇଥିଲା । ଏବଂ ସେହି ଭାଷାଭାଷୀମାନଙ୍କର ତଥା ପାଠକପାଠିକାମାନଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇପାରିଥିଲା । ତାପରେ ନନ୍ଦିନୀଦେବୀ ଜାତିର ଜନକ ମହାତ୍ମାଗାନ୍ଧୀଙ୍କର ଆତ୍ମଜୀବନୀ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଲେଖକ କୃଷ୍ଣାକୃପାଳିନୀଙ୍କର 'ଅଲ ମେନ୍ ଆର୍ ବ୍ରଦର୍ସ'ର ଓଡ଼ିଆ ଅନୁବାଦ 'ଗାନ୍ଧୀ କଥାମୃତ' ପୁସ୍ତକକୁ ୧୯୭୦ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପ୍ରକାଶିତ କରିଥିଲା । ପରେ ନନ୍ଦିନୀଦେବୀଙ୍କର ଦ୍ୱିତୀୟ ଗଳ୍ପ ସଂକଳନ 'ସପ୍ତଦଶୀ' ପ୍ରକାଶିତ ହୋଇଥିଲା । ବିଶିଷ୍ଟ ସାହିତ୍ୟିକା 'ଅମୃତପୀତମ୍'ଙ୍କର 'ରେଭିନ୍ୟୁ ଟିକେଟ'କୁ ନନ୍ଦିନୀଦେବୀ ଓଡ଼ିଆରେ ଅନୁବାଦ କରିଥିଲେ । ଯାହାକି କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ୧୯୯୪ ଡିସେମ୍ବର ୨୪ ତାରିଖରେ ପୁରସ୍କାର ପାଇଥିଲେ । ଏତଦ୍‌ବାଦ ପ୍ରଖ୍ୟାତ ବଙ୍ଗଳା ଲେଖିକା ମହାଶ୍ୱେତାଦେବୀଙ୍କର ନିର୍ବାଚିତ

ଗଳ୍ପରୁ କୋଡ଼ିଏ ଗୋଟି ଗଳ୍ପକୁ ଓଡ଼ିଆରେ ଅନୁବାଦ କରିଥିଲେ । ଏତଦ୍‌ବାଦ ନନ୍ଦିନୀଦେବୀ ତସଲିମା ନାସରିନ୍‌ଙ୍କର 'ଲଜ୍ଜା'କୁ ଓଡ଼ିଆରେ ଅନୁବାଦ କରି ସମଗ୍ର ଭାରତବର୍ଷର ସାହିତ୍ୟ ଜଗତରେ ବିଶେଷ ଆଲୋଡ଼ନ ସୃଷ୍ଟି କରିଥିଲେ । ଏତଦ୍‌ବାଦ ନନ୍ଦିନୀଦେବୀ ନିଜର କବିତା ସଂକଳନ 'ଉତ୍ତର ପୁରୁଷ' ମଧ୍ୟ ରଚନା କରି ଓଡ଼ିଶାର କବିମାନଙ୍କର ହୃଦୟରେ ଗଭୀର ରେଖାପାତ କରିପାରିଛନ୍ତି । ସର୍ବୋପରି ଓଡ଼ିଆ ସାହିତ୍ୟକୁ ନନ୍ଦିନୀ ଶତପଥୀଙ୍କର ଅବଦାନ ଅତୁଳନୀୟ । ତାଙ୍କ ଦ୍ୱାରା ରଚିତ ସାହିତ୍ୟ କୃତିର ନିମ୍ନରେ ଏକ ସାରଣୀ ପ୍ରଦାନ କରି ଉକ୍ତ ସାରସ୍ୱତ କୃତିକୁ ବିଶଦ୍ ଭାବରେ ଆଲୋଚନା କରାଗଲା–

**ନନ୍ଦିନୀ ଶତପଥୀଙ୍କର ସାହିତ୍ୟ କୃତି :**




## ନନ୍ଦିନୀ ଶତପଥୀଙ୍କର ସାରସ୍ୱତ କୃତି

## ଗଳ୍ପ ସଂକଳନ : "କେତୋଟି କଥା"

ଜଣେ ନିଛକ ସାହିତ୍ୟିକ ସାରସ୍ୱତ ସମ୍ପନ୍ନ ପରିବାରରେ ନନ୍ଦିନୀ ଶତପଥୀଙ୍କର ଜନ୍ମ ହୋଇଥିବାରୁ ବିଶେଷତଃ – ବାପା ତଥା 'ମାଟିର ମଣିଷ' କାଳଜୟୀ ଉପନ୍ୟାସର ରଚୟିତା, ସାମ୍ୟବାଦୀ ଚିନ୍ତାଧାରାର ପ୍ରତୀକ ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀ ଏବଂ ଦାଦା କମ୍ରେଡ୍ ତଥା 'ଶିକାରୀ' ଗଳ୍ପର ଗାଳ୍ପିକ ଭଗବତୀଚରଣ ପାଣିଗ୍ରାହୀଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ

ନନ୍ଦିନୀଦେବୀ ପିଲାଟିଦିନରୁ ସାହିତ୍ୟରେ ମନୋନିବେଶ କରିଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ ।

ନନ୍ଦିନୀଦେବୀ ଯେତେବେଳେ କଟକରେ ରହି ବିଦ୍ୟାଳୟରେ ପାଠ ପଢୁଥିଲେ ନିଟକସ୍ଥ ଏକ ସ୍କୁଲର ମାଗାଜିନ୍‌ରେ ତାଙ୍କର ପ୍ରଥମ ଗଳ୍ପ 'ଅନାଥ' ପ୍ରକାଶ ପାଇଥିଲା । ନନ୍ଦିନୀ ସେତେବେଳେ ସପ୍ତମ ଶ୍ରେଣୀରେ ପାଠ ପଢୁଥିଲେ । ସେହିଦିନଠାରୁ ସେ ଆଉ ପଛକୁ ନଫେରି ସାହିତ୍ୟ ରଚନାରେ ନିଜକୁ ଉତ୍ସର୍ଗୀକୃତ କରିଥିଲେ ।

ନନ୍ଦିନୀ ଶତପଥୀଙ୍କର ଗଳ୍ପ ସଂକଳନର ପ୍ରଥମ ଗଳ୍ପ 'କେତୋଟି କଥା' ପ୍ରକାଶ ପାଇଥିଲା ୧୯୬୭ ମସିହାରେ । ଏଥିରେ ତାଙ୍କର ବାଇଶଗୋଟି ଗଳ୍ପ ରଚନା ପ୍ରକାଶ ପାଇଥିଲା । ପାଠକ ଓ ପାଠିକାଙ୍କର ମନରେ ଏହା ଏତେ ସୁଦୂରପ୍ରସାରୀ ହୋଇଥିଲା ଯେ, ଏହି କେତୋଟି କଥାର ଗଳ୍ପଗୁଡ଼ିକ ଭାରତୀୟ ଅନ୍ୟ ଆଞ୍ଚଳିକ ଭାଷା ଯଥା- ବଙ୍ଗଳା, ତେଲୁଗୁ, ତାମିଲ, ମାଲାୟଲମ୍, କନ୍ନଡ଼, ସର୍ବୋପରି ଇଂରାଜୀ ଭାଷାରେ ଏହର ଅନୁବାଦ ପ୍ରକାଶିତ ହେଲା । ଯାହାକି ନନ୍ଦିନୀଦେବୀ ନିଜେ ବହୁତ ଖୁସି ହୋଇଥିଲେ ।

ନନ୍ଦିନୀ ଶତପଥୀଙ୍କର ପ୍ରଥମ ଗଳ୍ପ ସଂକଳନ 'କେତୋଟି କଥା'ରେ ବାଇଶଗୋଟି ଗପକୁ ସଂଲଗ୍ନ କରିଛନ୍ତି । ଏହି ଗଳ୍ପଗୁଡ଼ିକ ତାଙ୍କର ନିଜସ୍ୱ ସୃଷ୍ଟିଧର୍ମୀ ଗଳ୍ପ । ଯାହାକି ଓଡ଼ିଶାର ପାଠକ, ପାଠିକାଙ୍କର ହୃଦୟରେ ଗଭୀର ରେଖାପାତ କରିଅଛି । ସେହି ବାଇଶିଗୋଟି ଗଳ୍ପର ସାରସଂକଳ୍ପ ଏଠାରେ ପ୍ରତିପାଦନ କରିବାକୁ ମୁଁ ସାମାନ୍ୟ ଚେଷ୍ଟା କରିଅଛି ।

## (୧) 'ତ୍ରିଭୁଜ' :

ନନ୍ଦିନୀ ଶତପଥୀ ତାଙ୍କର ସ୍ୱରଚିତ ତ୍ରିଭୁଜ ଗଳ୍ପରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଅଛନ୍ତି । ଏହି ରଚନା ତାଙ୍କୁ ଗାଳ୍ପିକ ସାହିତ୍ୟ ମଧ୍ୟରେ ଚିରକାଳ ସ୍ମରଣ କରି ରଖିବରେ ସହାୟକ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ ।

'ଧୀରେ ଧୀରେ ବଳିତା ଲିଭି ଆସୁଛି, ତାହାରି ଆଡ଼େ ଏକ ଲୟରେ ଚାହିଁରହି କେଉଁ ଅଦୃଶ୍ୟ ଦେବତାଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ଜଣାଉଛି ରମା - ତାଙ୍କର ମଙ୍ଗଳ ହେଉ ପ୍ରଭୁ । ସର୍ବକୁଶଳରେ ସେ ଫେରିଆସନ୍ତୁ ଘରକୁ । ଦେବତାର କାନରେ ସେ ମିନତୀ ପହଞ୍ଚିଲା କି ନାହିଁ, କିନ୍ତୁ ମଣିଷ କାନରେ ସେ ମିନତୀ ବାଜିଲା ନିଶ୍ଚିତ । ଠିକ୍ ସେତିକିବେଳେ ଗୋଟିଏ ମଧୁର

କୋମଳ ସ୍ୱର ଶୁଣାଯାଇଥିଲା-ମଦନଭାଇ, କାଲି ଏଠାରେ ଆସି ପହଞ୍ଚିବେ ନୂଆଉ । ରମା, ଚମକି ପଡ଼ି ଦେଖିଲା, ପାଖ ପିଣ୍ଡାରେ ଠିଆହୋଇଛି ତାହାର ଲେଖାଯୋଖା ଦିଅର ବିନୋଦ । ସେଠାରେ ବିନୋଦ କହିଲା-ମଦନଭାଇ ଚିଠି ଦେଇଛି, କାଲି ଏଠାରେ ଆସି ପହଞ୍ଚିବ ।'[୩୨]

ଠିକ୍ ଆଜକୁ ଛଅବର୍ଷ ପୂର୍ବେ ଏ ଘରେ ନବବଧୂ ରୂପରେ ପାଦ ଦେଇଥିଲା ରମା । ସେହି ସୁନ୍ଦର ମଧ୍ୟାହ୍ନ ତା'ର ଆଗମନିରେ ମୁଖରିତ ହୋଇଉଠିଥିଲା ନୀରବର ତାଳେତାଳେ । ବୃଦ୍ଧା ଶାଶୁ ଆଉ ସ୍ୱାମୀଙ୍କର ସ୍ନେହ ଆଦରର ପ୍ରାଚୁର୍ଯ୍ୟ ଭିତରେ ରମା ଅତି ଅଳ୍ପଦିନ ମଧ୍ୟରେ ଭୁଲି ଯାଇଥିଲା ପିତୃଗୃହ ତ୍ୟାଗର ଦୁଃଖ । ଏହି ଛୋଟ ପରିବାର ମଧ୍ୟରେ ତା'ର ଦିନଗୁଡ଼ିକ ବିତିଯାଉଥିଲା ।

ଗୋଟିଏ ବର୍ଷର ଏ ଆନନ୍ଦ ବିଧାତା ସହିପାରିଲାନାହିଁ । ଗାଁ, ଗଣ୍ଡାରେ ଆତଙ୍କ ସୃଷ୍ଟିକରି ଇନ୍ଦ୍ରଦେବତା ବନ୍ଦ କରିଦେଲା ବର୍ଷା, ଫସଲ ନାହିଁ, ଚାରିଆଡ଼େ ମରୁଡ଼ି । ଅନାହାରରେ ଅନେକ ନିରୀହ ପ୍ରାଣୀ ପ୍ରାଣ ହରାଇଲେ । ଠିକ୍ ସେହି ସମୟରେ ହଠାତ୍ ଶାଶୁ ତା'ର ଶାଶୂ ତା'ର ଆକ୍ରାନ୍ତ ହୋଇପଡ଼ିଲେ ବିସୂଚିକାରେ । ମା'ର ଶେଷକାର୍ଯ୍ୟ କରି ରମାର ସ୍ୱାମୀ ମଦନ ବାହାରିଲା ଯୁଦ୍ଧକୁ ଯିବାକୁ । କେତେ କାକୁତିମିନତୀ କଲା ରମା । ଯୁଦ୍ଧକୁ ଯାଅନାହିଁ । ଏଠି ଆମେ ରହି ମରିବା ପଛେ । ମଦନ ମରିବାକୁ ଯାଉନି, ମରିବାକୁ ଚାହୁଁନାହିଁ । ଗାଁରୁ କେତେଲୋକ ଯାଉଛନ୍ତି ଯୁଦ୍ଧକୁ । ଆପେ ବଞ୍ଚିବ ଓ ରମାକୁ ବଞ୍ଚାଇବ । ମଦନ ଯୁଦ୍ଧକୁ ଚାଲିଗଲା । ରମାର କେତେ ଦୁଃଖକଷ୍ଟରେ ଦିନ ଗଡ଼ିଚାଲିଲା-ମଦନକୁ ଚାହିଁରହି । ଚାକିରିର ପ୍ରଥମ ଟଙ୍କାରେ ରମା ଗାଁ ଠାକୁରାଣୀଙ୍କୁ ଭୋଗ ଅର୍ପଣ କରିଥିଲା ।

ଠିକ୍ କିଛିଦିନ ପରେ - ମଦନର ଏକ ଚିଠି ରମାକୁ ବିନୋଦ ଲଫାପା ଖୋଲି - ପ୍ରଥମେ ମଦନର ଫଟୋଟିକୁ ବଢ଼େଇଦେଲା -ରମାକୁ । ଯୁଦ୍ଧ ପୋଷାକରେ କି ସୁନ୍ଦର ଦିଶୁଛି ମଦନ ! ରମାର ମନ ଆନନ୍ଦରେ ପୁରି ଉଠିଲା । ସ୍ୱାମୀର ଯୋଗ୍ୟତାରେ ସେ ଭୁଲିଗଲା ଅତୀତର ସବୁ ଦୁଃଖ ।

ବିନି ଚିଠି ପଢ଼ିବା ପାଇଁ ଆରମ୍ଭ କଲା । ଏ କ'ଣ, ଏମିତି କାହିଁକି - ଲେଖିଛି ମଦନ, ବିସ୍ମୟ, ବିସ୍ଫୋରକ ଚକ୍ଷୁରେ ଚାହିଁରହିଛି ରମା... ବିନି ପଢ଼ିଚାଲିଛି ଚିଠିଟିକୁ ।

ରମା, ପଇସା ମୁଁ ରୋଜଗାର କରୁଅଛି ଖୁବ୍ । ମଣିଷ ମାରି ପଇସା ରୋଜଗାର । ତୁମେ ଭାବୁଥିବ ମୁଁ ଗୋଟିଏ ବୀର ପାଲଟି ଯାଇଛି । ଏଭଳି ସ୍ୱାମୀର ସ୍ତ୍ରୀ ବୋଲି ତୁମର ଭାରି ଗର୍ବ

[୩୨] ନନ୍ଦିନୀ ଶତପଥୀ, ଗଳ୍ପ ସଂକଳନ କେତୋଟି କଥା, ଗ୍ରନ୍ଥମନ୍ଦିର-୧୯୬୭, ପୃ-୧

ହେଉଥିବ । କିନ୍ତୁ ତୁମର ଲଜ୍ଜିତ ହେବା କଥା – ରମା ତୁମର ସ୍ୱାମୀ ମଣିଷ ମାରୁଛି – ଭୀରୁ ଭଳି । ତୁମରି ଭଳି କେତେ ନିରୀହାମାନଙ୍କୁ ବିଧବା କରୁଛି । ମୋର ହତଭାଗିନୀ ମା' ଭଳି କେତେ ମା'ଙ୍କୁ ପୁତ୍ରହରା କରୁଅଛି । ଆଉ କେତେ ଜନନୀର ଆଦରର ସନ୍ତାନଙ୍କୁ କରୁଛି ଅନାଥ । କାହିଁ ମାରୁଛି, ସେମାନେ କ'ଣ ମୋର ଶତ୍ରୁ – ଦେଶମାତୃକାର ସେବା ପାଇଁ ଏ ଲଢ଼େଇ ଜାରି ରହିଛି ।

ଦିନକର ଘଟଣା – ପାହାନ୍ତିଆ ଶୀତ ପବନରେ ରମାର ଆଖି ବୁଜିହୋଇଆସୁଅଛି । ହଠାତ୍ ବାହାରେ କାହାର ଡାକ ଶୁଣି ସେ ଉଠିପଡ଼ିଲା । କବାଟ ଫିଟାଇଦେଇ ଚିତ୍କାର କଲା ରମା ! ଏ କ'ଣ ଲୋ ମାଆ ! ଚେତନହୀନ ଶରୀରଟା ତା'ର ଭୂଇଁରେ ଲୋଟିପଡ଼ିଲା । ଦୁଆର ମୁହଁରେ ମଦନ ଠିଆ ହୋଇଛି । ଗୋଟିଏ ଗୋଡ଼ ଆଣ୍ଠୁ ପାଖରୁ କଟିଯାଇଛି । ଦୁଇଟା ଆଶାବାଡ଼ିରେ ଭରାଦେଇ ମଦନ ହସୁଛି । ତା'ର ମୁହଁର ଗୋଟିଏ ପାଖ ପୋଡ଼ିଯାଇ ବିକଳାଙ୍ଗ ଦିଶୁଛି । ଆଉ ସେହି ବିକୃତ ହସ ଭିତରୁ ଶୁଣାଯାଉଛି – "ହଁ ହଁ ତୁମେ ବି ଟିକିଏ କାନ୍ଦ ରମା ।"

## (୨) ତସ୍ମାତ୍ ତ୍ୱଂ ଉତ୍ତିଷ୍ଠ :

'ତସ୍ମାତ୍ ତ୍ୱଂ ଉତ୍ତିଷ୍ଠ' ଗଳ୍ପରେ ନନ୍ଦିନୀଦେବୀ ଆଧୁନିକ ସମାଜର ଚାଲିଚଳଣୀ, ରୀତିନୀତି, ସଂସ୍କୃତି ଆଦିକୁ ନିଚ୍ଛକ ଭାବରେ ଗଳ୍ପର ପାଠକ ପାଠିକାମାନଙ୍କର ନିକଟରେ ଉପସ୍ଥାପନା କରିଛନ୍ତି । ବାସ୍ତବରେ ତାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଅଛି ।

ଗୀତା ପାରାୟଣ ଶେଷ ହେଉ ହେଉ ସେହି ଦିନ ଟିକିଏ ରାତି ବେଶୀ ହୋଇଯାଇଛି । ଜଣ ଜଣ ହୋଇ ସବୁ ସ୍ରୋତା ଉଠିଗଲେଣି । ଉଦାସ ଦୃଷ୍ଟିରେ ଚାହିଁ ରହିଛନ୍ତି – ନରେନ୍ଦ୍ର ଚୌଧୁରୀ । ଶ୍ରୀ ଚୌଧୁରୀଙ୍କର ପରିବାରକୁ ନେଇ ଗଳ୍ପଟି ଆଧାରିତ । ନରେନ୍ଦ୍ର ଚୌଧୁରୀଙ୍କର ସ୍ତ୍ରୀ ଗୌରୀ ଚୌଧୁରୀ । ତାଙ୍କର ଏକମାତ୍ର ପୁଅ ରାଜେନ୍ଦ୍ର ଓ ବୋହୂ ସୁଷମା । ରାଜେନ୍ଦ୍ର ଚୌଧୁରୀଙ୍କର ପୁତ୍ର – ସୁଶାନ୍ତ ଓ ଏକ କନ୍ୟା – ଉମାକୁ ନେଇ ନରେନ୍ଦ୍ର ଚୌଧୁରୀଙ୍କର ପରିବାର ।

ରାତ୍ରି ଅନେକ ହୋଇଗଲାଣି । ଟେବୁଲରେ ସମସ୍ତେ ଅପେକ୍ଷା କରିଛନ୍ତି – ଜେଜେ, ଡିନର ବି ଥଣ୍ଡା ହୋଇଯିବଣି । ଏହା ଥିଲା ନରେନ୍ଦ୍ରଙ୍କର ନାତି ସନ୍ତୋଷର ଜେଜେଙ୍କ ପ୍ରତି ବକ୍ତବ୍ୟ । ନରେନ୍ଦ୍ରଙ୍କର ଧ୍ୟାନଭଙ୍ଗ ପାଇଁ ପରିବାରରେ କାହାର ସାହସ ପାଏ ନାହିଁ । କେବଳ ନାତି ସନ୍ତୋଷ ହିଁ ତାଙ୍କର ଏକମାତ୍ର ଅସ୍ତ୍ର । ଏ ବଂଶର ଯେତେ ପ୍ରଜ୍ଞା, ଯେତେ ଦୀପ୍ତି, ଯେତେ ତେଜସ୍ୱୀତା ସବୁଗୁଣ ପୁଣି ପ୍ରତିଷ୍ଠା କରିବ ସନ୍ତୋଷ ।

ଏକ ଦୀର୍ଘ ନିଶ୍ୱାସ ନେଇ ନରେନ୍ଦ୍ର ଚୌଧୁରୀ ତାଙ୍କର ସମସ୍ତ ସ୍ୱପ୍ନକୁ ଧୂଳିସାତ୍ କରିବା ପାଇଁ ଯେପରି ପ୍ରତିଜ୍ଞାବଦ୍ଧ ହୋଇଅଛି - ପୁତ୍ର ରାଜେନ୍ଦ୍ର । ପିତାଙ୍କର ଚଳଣୀ ସହିତ କେଉଁଠି ଟିକିଏ ମେଳ ଖାଉନାହିଁ । ରାଜେନ୍ଦ୍ରର ସେ କ'ଣ ଜାଣିଥିଲେ - ପୁଅ ତାଙ୍କର ବଂଶର ପରମ୍ପରା, ଦେଶ, ଜାତିର ଐତିହ୍ୟକୁ ପଦାଘାତ କରି ଏଣିକି ଅମଣିଷ ହେବ !

ଅଶୀବର୍ଷିୟ ଜେଜେ ରାସ୍ତାରେ ଫେରୁଥିବା ସମୟରେ - ତାଙ୍କର ନାତି ଏକ ଝିଅ ସହ ମାଳତୀକୁଞ୍ଜର ଅନ୍ଧାରିଆରେ ଫୁସ୍‌ଫୁସ୍ ହେଉଥିବାର ସେ ଦେଖିଲେ ନାତି ସନ୍ତୋଷ । ସେ ଝିଅଟିକୁ କହୁଥିଲା ଅଶୀବର୍ଷର ବୁଢ଼ା କ'ଣ କରିବ ? ଏପଟେ ନରେନ୍ଦ୍ର ଚୌଧୁରୀର ନାତୁଣୀ, ମାନେ ପୁଅ ରାଜେନ୍ଦ୍ରର ଝିଅ - ରମା, ବିବାହ ବୟସ ହୋଇଗଲାଣି । ପାଠ ପଢୁଛି - ହଁ ଆଜିକାଲି ଯୁଗ ଉମା ପାର୍ଟିକୁ ଯାଏ, ଡ୍ୟାନ୍‌ସ କରେ, ପିକ୍‌ନିକ୍ ଯାଇ ଦୁଇତିନି ଦିନରେ ଘରକୁ ଫେରେ । ନିତି ଘରକୁ ନୂତନ ବନ୍ଧୁ ଆସନ୍ତି । ଚୌଧୁରୀଙ୍କର ଅନ୍ତରରେ ପ୍ରବଳ ପ୍ରତିବାଦ । ଦିନେ ସେ ନାତୁଣୀ ଉମାଙ୍କୁ କହିଥିଲେ, ଏମାନଙ୍କ ମଧ୍ୟରୁ ଜଣକୁ ବାହା ହୋଇଯାଉନୁ । ଏମାନେ ସମସ୍ତେ ମୋର ବୟଫ୍ରେଣ୍ଡ ଜେଜେ, ଉମା ଜେଜେଙ୍କୁ କହିଲା - ମୁଁ ଯାହାକୁ ବାହାହେବି ସେ ଆଇ.ଏ.ଏସ୍ ହୋଇଥିବ, ବ୍ୟାଙ୍କ, ବଙ୍ଗଳା, ଚାକର, ବାକର ଥିବେ ।

ପିତୃପୁରୁଷ ନର୍କରେ ପଡ଼ିବେ । କିନ୍ତୁ ଉପାୟ କ'ଣ ? ତାଙ୍କର ଉପସ୍ଥିତିରେ ତାଙ୍କର ପୁଅ ରାଜେନ୍ଦ୍ର ମଦ ପିଏ, ବୋହୁ ସୁଷମା ଚୌଧୁରୀ ବଂଶର କୁଳଲକ୍ଷ୍ମୀ ମଦ ଢାଳିଦିଏ ଗିଲାସରେ । ବୋଧହୁଏ ଶାଶୁ ଗୌରୀ ବଞ୍ଚିଥିଲେ ଏଭଳି ହୋଇନଥାନ୍ତା ବୋଲି ନରେନ୍ଦ୍ର ଚୌଧୁରୀର ଆଶା । ପୁରୁଷ ଅବାଟକୁ ଗଲେ ସ୍ତ୍ରୀ ତାକୁ ଫେରାଇଆଣେ । ପୁଅ ରାଜେନ୍ଦ୍ର ଓ ବୋହୁ ସୁଷମା ମଧ୍ୟ ସେମାନଙ୍କର ପୁଅ ସନ୍ତୋଷର ଗତିବିଧି ଦେଖି ବିବ୍ରତ ହୋଇପଡ଼ିଥାନ୍ତି ।

'ସେହିଦିନଠୁ ତ ସଂସାର ବିଷୟରେ ସମ୍ପୂର୍ଣ୍ଣ ନିର୍ଲିପ୍ତ ହୋଇଯାଇଥିଲେ ନରେନ୍ଦ୍ର ଚୌଧୁରୀ । ଯିଏ ଯାହା କରିବ ସିଏ ତାହାର ଫଳ ପାଇବ । କିନ୍ତୁ ଏବେ ସେ ଆଉ ଚୁପ୍ ରହିପାରୁନାହାନ୍ତି । ଫଳ କିଏ ପାଉଛି-ରାଜେନ୍ଦ୍ର ଓ ତା'ପରେ ତା' ପୁଅ ସନ୍ତୋଷ । ସନ୍ତୋଷ ପରେ... ? ଆଉ ତ ଭାବି ହେଉନି - ଏ ବଂଶର ଖାଲି ତ ନୁହେଁ, ଏ ଜାତିର, ଏ ଦେଶର ପରମ୍ପରା, ଐତିହ୍ୟ, ମର୍ଯ୍ୟାଦା ସବୁ ଯେ ଧ୍ୱଂସ ହେବାକୁ ଯାଉଛି ।'[୩୩] ଉପରକୁ ଚାହିଁଲେ ଚୌଧୁରୀ ଚନ୍ଦ୍ରର ଆଖିରୁ

[୩୩] ତତ୍ରୈବ, ପୃ-୯

ଝରିଆସୁଛି ରୂପାର ଲୁହ । ପବନର ସ୍ୱରରେ ସ୍ୱର ମିଶାଇ ବିଳପି ଉଠୁଛନ୍ତି - ଚୌଧୁରୀଙ୍କର ପ୍ରିୟ ଉଦ୍ୟାନର ଗଛଲତା । ସୃଷ୍ଟିରେ ଏହି ଛନ୍ଦ ସହିତ ନିଜକୁ କାହିଁ ମିଶାଇ ନଦେବେ ସେ !

## (୩) ଅଭିମାନ :

ଅଭିମାନ ଗଳ୍ପର ଗାଳ୍ପିକା ନନ୍ଦିନୀ ଶତପଥୀ ଗୋଟେ ନାରୀ ଜୀବନର ଅକୁହା କଥା ଓ ପ୍ରେମ ସମ୍ପର୍କିତ କାର୍ଯ୍ୟଧାରାକୁ ଆଧାର କରି ଗଳ୍ପ ସୃଷ୍ଟି କରିଛନ୍ତି । ବାସ୍ତବିକ୍ ଏହା ପାଠକଙ୍କର ହୃଦୟସ୍ପର୍ଶୀ ହୋଇପାରିଛି ।

"ବିରାଟ ଦର୍ପଣଟା ସାମନାରେ ଠିଆହୋଇ ନିଜକୁ ଚାହିଁ ରହିଛି ସଂଘମିତ୍ରା । ଦର୍ପଣରେ ଛାଇ ପଡ଼ିବା ମାତ୍ରେ ମିତ୍ରାର ବିସ୍ମୟ ଯେପରି ଚତୁର୍ଗୁଣ ହୋଇଗଲା । ସୀମନ୍ତର ଦୁଇକଡ଼ରେ କେଶଗୁଚ୍ଛ ଶ୍ୱେତବର୍ଣ୍ଣ ଧାରଣ କରିଅଛି । ଚକ୍ଷୁର କୋଟରୀରେ ଅପର୍ଯ୍ୟାପ୍ତ କାଳିମା ଆଉ କପାଳର କୁଞ୍ଚିତ ରେଖା ଅତି ସ୍ପଷ୍ଟ । ମୁଖମଣ୍ଡଳରୁ କେହି ଯେପରି ସମସ୍ତ ଶ୍ରୀ ଓ ସ୍ୱାସ୍ଥ୍ୟ ଚିପୁଡ଼ି ନିଃଶେଷ କରିନେଇଯାଇଛି । ହଠାତ୍ ମନେପଡ଼ିଲା, ମାତ୍ର ଦୁଇମାସ ତଳେ ଅତି ନିଃଶବ୍ଦରେ ତା' ଜୀବନର ଚାଳିଶଟି ବସନ୍ତ ଅପସରି ଯାଇଛି ।

ସଂସାର ଜଞ୍ଜାଳରେ ସମସ୍ତ ଚିହ୍ନ ସତେଯେପରି ସେହି ପିନ୍ଧା ଲୁଗାଟା ଉପରେ ଆତ୍ମପ୍ରକାଶ କରିବାକୁ ବ୍ୟାକୁଳ ହୋଇଉଠିଛନ୍ତି । ମଝିଆ ଝିଅ ଟୁନିର ନାକ ସଡ଼ସଡ଼, ବଡ଼ପୁଅଟା ଦୁଷ୍ଟାମୀ କରି ବଲ ଖେଳି ହାତ ମା' କାନିରେ ପୋଛିଦିଏ । ତା'ର ଅଭିଯୋଗ ଟୁନି ଯୋଗୁଁ ସିଏ ମା' କାନିରେ ହାତ ପୋଛେ । ଆଉ ସାନଝିଅ ମୁତରେ ସବୁଦିନ ତା' ଲୁଗାଟି ଓଦା ହୋଇଥାଏ । ଶେଷରେ ସ୍ୱାମୀ ସରକାରୀ ଦପ୍ତରର ଅଣ୍ଡର ସେକ୍ରେଟାରୀ ପ୍ରଶାନ୍ତ ମିଶ୍ରଙ୍କର ଲୋଡ଼ାହୁଏ ମିତ୍ରାର ଏହି ଅପରିଚ୍ଛନ୍ନ ଲୁଗା କାନିଟା, ତିନିଥର ଭାତ ଆଉ ଜଳଖିଆ ଖାଇସାରିବା ପରେ ।

'ଭାବନାର ଖିଅ ହଜିଯାଇଛି - ବିନୟ ସାଙ୍ଗରେ ଆଜି ଦେଖାହେଲା ହଠାତ୍ । ବିନୟ - ଏହି ନାଁଟା ସାଥୀରେ ବହୁତ ସ୍ମୃତି ଯୋଡ଼ିହୋଇ ରହିଛି ମିତ୍ରାର । ସେହି ନାଁଟିର ସ୍ମୃତିରେ ହଠାତ୍ ମନେହେଲା - ଦର୍ପଣରେ ଯାହାର ପ୍ରତିବିମ୍ବ ପଡ଼ିଅଛି - ସେ ଚାରୋଟି ସନ୍ତାନର ଜନନୀ ଚାଳିଶ ବର୍ଷୀୟା ବିଗତ ଯୌବନା ମିତ୍ରା ନୁହେଁ, ସଦ୍ୟ ବିକଶିତ କିଶୋରୀ ସଂଘମିତ୍ରା । ଆଜି ବୋଧହୁଏ

ବିନୟର ସେହି ସଂଘମିତ୍ରା ଡାକଟା ତା' ମନରେ ଏପରି ଏକ ଚମକ ସୃଷ୍ଟି କରିଦେଲା । ବିନୟର ଡାକରେ ଗୋଟିଏ ବୈଶିଷ୍ଟ ଅଛି । ସେଇଟା କଥାରେ କହି ହୁଏତ କାହାରିକୁ ବୁଝାଇହେବନି । ବାଇଶି ବର୍ଷ ତଳେ ବିନୟ ମିତ୍ରାକୁ ଏହି ନାମରେ ଡାକୁଥିଲା, ମିତ୍ରା ଉତ୍ତର ଦିଏ ।'[୩୪]

ପଚାଶ ବର୍ଷ ମଧ୍ୟରେ ମିତ୍ରାର ବିନୟ ସାଙ୍ଗରେ ଦେଖା ନହୋଇଛି - ତାହା ନୁହେଁ । ମିତ୍ରାର ସ୍ୱାମୀ ପ୍ରଶାନ୍ତର ବନ୍ଧୁ ବିନୟ । ସେ ବେଳେବେଳେ ଘରକୁ ଆସି ଚାହା ଜଳଖିଆ ଖାଇ ଗପ କରି ଚାଲିଯାଆନ୍ତି । ମିତ୍ରା - ସମାଜ, ପରିବାର, ଶୃଙ୍ଖଳା, ନୈତିକତାର ଦ୍ୱାହି ଦେଇ କେତେଥର ସେ ମନର ଦୁଆରକୁ ଅତି ନିର୍ମମ ଭାବରେ ଠେଲିଦେଇଛି ଭିତରକୁ । ସେଦିନ ତାଙ୍କର ଘରେ ବିନୟ ଉପସ୍ଥିତିରେ - ମଣିମାଳା କଥା - ଆଲୋଚନା ହେଉଛି । ସୁନ୍ଦର ସ୍ୱାମୀ ଥାଇ ତା'ର ପ୍ରେମିକ ପବିତ୍ରର ମୋହ ତା'ର ସ୍ୱାମୀ ଠାରୁ ଟାଣି ଆଣିଛି । ଏବେ ସେ ପବିତ୍ର ସାଙ୍ଗରେ ଏକତ୍ର ରହୁଛି । ପିଲାମାନେ ବଡ଼ ହେଲେଣି । କ'ଣ ଭାବୁଥିବେ ତାଙ୍କର ମା'ଙ୍କୁ ! ମନର ଆବେଗକୁ ଲଗାମଛଡ଼ା କରିଦେବା ମଣିଷର ପରିପକତ୍ୱ ନୁହେଁ । ଆବେଗର ସ୍ରୋତରେ ଦୁନିଆଁ ଚାଲିନାହିଁ, ଚାଲିଅଛି - ସଂଯମର ଛନ୍ଦ ଭିତରେ ।

ମିତ୍ରାଙ୍କର ସ୍ୱାମୀ ପ୍ରଶାନ୍ତ ଦୈନନ୍ଦିନ କାମରେ ସଦାସର୍ବଦା ବ୍ୟସ୍ତ ରହିଥାନ୍ତି । ପ୍ରଶାନ୍ତଙ୍କର ଏହି ଉଦାସୀନତାରେ ସେତେବେଳେ ଅଧୈର୍ଯ୍ୟ ହୋଇଉଠେ ମିତ୍ରା । କିନ୍ତୁ-ପ୍ରାଣର ପ୍ରାଚୁର୍ଯ୍ୟ ଯେ ହୃଦୟ-ପାତ୍ର ପୂର୍ଣ୍ଣକରି ଉପୁଡ଼ି ପଡୁଛି - ମିତ୍ରାର ତାହା ପ୍ରଶାନ୍ତଙ୍କର ପାଖରେ ପ୍ରକାଶ ପାଇପାରେ ନାହିଁ । ଏକ ଅଭାବନୀୟ ଶାନ୍ତ, ସୁନ୍ଦର ଜୀବନ ଭିତରକୁ କାହିଁକି ବିନୟକୁ ଟାଣି ଆଣିବାକୁ ଚାହିଁଲା ମିତ୍ରା । କେଉଁଠି ଟିକିଏ ଦୁର୍ବଳତା ରହିଛି - ବିନୟ ପ୍ରତି ।

ମିତ୍ରା ଜୀବନର ଏହି ସୁପ୍ତ ଅଂଶଟାକୁ କେବଳ ଜାଗ୍ରତ କରାଇବାରେ ବିନୟ ସହାୟକ ହୋଇପାରିବ ବୋଲି ସ୍ୱାମୀ ପ୍ରଶାନ୍ତ ଆଜି ବିନୟକୁ ତାଙ୍କର ଘରକୁ ଡାକିଛନ୍ତି । ଏହା ଜାଣିପାରେ ମିତ୍ରା । ସ୍ୱାମୀ ପ୍ରଶାନ୍ତ କ'ଣ, କେତେ ସ୍ତ୍ରୀ ମିତ୍ରା ହୃଦୟର ଖବର ରଖନ୍ତି ! ମିତ୍ରାର ଖାଇବା, ପିନ୍ଧିବା ଓ ରୋଗରେ ଔଷଧ - ଏତିକି କ'ଣ ଜଣେ ମଣିଷର ବଞ୍ଚିରହିବା ପାଇଁ ଯଥେଷ୍ଟ ! ନାଁ, ସବୁରି ଭୁଲ୍ ବୁଝାଇ ସେ ସମାଧାନ କରିବ ଆଜି ।

[୩୪] ତତ୍ରୈବ, ପୃ-୧୨

ମିତ୍ରାକୁ ସ୍ୱାମୀ ପ୍ରଶାନ୍ତ କହିଥିଲା – ମାନେ ତ ଖୁବ୍ ସହଜ । ପିଲାଛୁଆ, ସାଙ୍ଗସାଥୀଙ୍କର ଚର୍ଚ୍ଚା କରୁକରୁ ହତଭାଗା ସ୍ୱାମୀଟା ପ୍ରତି ଦୃଷ୍ଟିଦେବାକୁ ମୁହୂର୍ତ୍ତକ ପାଇଁ ଯାହାଙ୍କର ଇଚ୍ଛା ବା ଅବସର ହୁଏନାହିଁ, ସେ ହଠାତ୍ ଏହିଭଳି କୃପାଦୃଷ୍ଟି ପାଇବାଟା କ'ଣ ଆଶ୍ଚର୍ଯ୍ୟ ନୁହେଁ ?

ମିତ୍ରା ଯେପରି ଏକ ଐନ୍ଦ୍ରଜାଲିକ ମାୟାରେ ପଡ଼ିଯାଇଛି । ଇଏ କ'ଣ ! ପ୍ରଶାନ୍ତର ଏହି ରୂପ ସେ ତ ଆଗରୁ ଦେଖିନଥିଲା ! ଠିକ୍ ଏତିକିବେଳେ – ଅଫିସ ଘରର ଏହି ସୁନ୍ଦର ଟେକ୍ସଟାଇଲ ପର୍ଦ୍ଦାଟା ହଠାତ୍ କିଏ ଉଠାଇ ଦେଲା !

## (୪) ତାସ୍‌ଘର :

'ଅଦ୍‌ଭୁତ ଏକ ଅବସ୍ଥା ଦେଖାଦେଇଛି – ପ୍ରତିମାଙ୍କ ଜୀବନରେ । ପିଲାଟି ଦିନରୁ ଯେପରି ପାରିପାର୍ଶ୍ୱିକ ଅବସ୍ଥା ଭିତରେ ବଢ଼ିଥିଲେ । ଭବିଷ୍ୟତରେ ଏକ ଧୀର ମନ୍ଥର ଜୀବନର ପରିକଳ୍ପନା ସେ ତାଙ୍କର ଅଜାଣତରେ କରିଥିଲେ । ଅସହ୍ୟ ବିରକ୍ତିରେ ରେଡ଼ିଓ ନିକଟରେ ଠିଆ ହୋଇଥିଲେ ପ୍ରତିମା, କଟକ ଷ୍ଟେସନ୍‌ର ନାରୀମହଲ ପ୍ରୋଗ୍ରାମ । ସଙ୍ଗୀତ ପରେ ସମ୍ବାଦ ପରିବେଷଣ କରିବା ପାଇଁ – କେନ୍ଦ୍ର ସରକାର ଦେଶରେ ପତିତା ନାରୀମାନଙ୍କର ଉଦ୍ଧାର ଓ ଥଇଥାନ ବ୍ୟବସ୍ଥା ପାଇଁ ମଞ୍ଜୁର କରିଛନ୍ତି... ପ୍ରତିମା ସତକୁ ସତ ଏଥର ରେଡ଼ିଓ ବନ୍ଦ କରିଦେଲେ ।'

ରୋଷେଇଘରେ ଟିଂ ଟାଂ ଶବ୍ଦ – ପୂଜାରୀ ଚା' କରିଦେବ । ମାତ୍ର ପ୍ରତିମା ମନା କରିଥିଲେ ଓ ପ୍ରତିମା ଧୀରେ ଧୀରେ ଘର ଉପରକୁ ଉଠିଲେ । ବାହାରକୁ ବାହାରିବାକୁ ଚାହିଁଲେ ତ ଲୁଗା ବାଛିବାଟା ବଡ଼କଥା । ଦୁଇଟା କାଞ୍ଜିବରମ୍ ଓ କାଶ୍ମୀର ସିଲିକ୍ ନହେଲେ ହେବନାହିଁ । ମିସେସ୍ ପ୍ରତିମା ସିଂହ, ପୁଅଟିକୁ ପାଠ ପଢ଼ିବାକୁ ଡେରାଡୁନ ପଠାଇବା ଦିନଠାରୁ ଆଉ ଦାମିକା ଶାଢ଼ି ପିନ୍ଧୁନାହାନ୍ତି । ତା' ସାଙ୍ଗରେ ଝିଅ ତିନିଜଣ ଜା' ଙ୍କର । ପୁଣି ଶାଢ଼ି ଆଉ ଫ୍ରକ୍ ଦରକାର ।

ଠିକ୍ ସେତିକିବେଳେ ଚମକି ପଡ଼ିଲେ ପ୍ରତିମା । ସାମନାର ଲାଇଫ୍‌ସାଇଜ ଦର୍ପଣଟା ଉପରେ ହଠାତ୍ ପଡ଼ିଲା ଅତି ଅବାଞ୍ଛିତ ଏକ ଆଗନ୍ତୁକଙ୍କର ଛାଇ । ଅସମୟରେ ଗୋଳମାଳ କଲି – କହି କ୍ଷମାଦେବ । ପଶିଆସିଲେ – ଶର୍ମିଳାଦେବୀ । ସେ ସଙ୍ଗେ ସଙ୍ଗେ ଚାକର ଉପରେ ରାଗିଗଲେ – ସାହେବଙ୍କର ଅମଳରେ କି ଚମତ୍କାର ଡିସିପ୍ଲିନ୍ ଥିଲା । ତା'ପରେ କହିଲେ ସାରା ଦ୍ୱିପ୍ରହର ଏକୁଟିଆ ବସି ବିରକ୍ତି ହେଉଥିଲୁ ।

[୩୫] ତଟ୍ରେିବ, ପୃ-୧୯

ସେଇଠୁ ଶର୍ମିଳା କହିଲେ - ମହିଳା ଅଧିବେଶନର ବାର୍ଷିକ ଉତ୍ସବ । କଥା ଛଡ଼ାଇନେଲେ ପ୍ରତିମା । କହିଲେ, କ'ଣ ଚାନ୍ଦା ଦରକାର । ଶର୍ମିଳା ଉତ୍ତର ଦେଲେ ନାହିଁ ମ, କ'ଣ ଅଛି ଆମର - ୪ଶ ପିଲାଙ୍କୁ କେତେଟଙ୍କା ଖର୍ଚ୍ଚ ହେଉଛି ଆପଣ ଜାଣିଛନ୍ତି । ଉତ୍ତର ଦେଲେ ପ୍ରତିମା । ଶର୍ମିଳାଦେବୀ କହିଲେ - ରାଗିବେନି ପ୍ରତିମାଦେବୀ । ଆପଣଙ୍କର କଥା ଶୁଣି ମୋତେ ଲାଗୁଛି ଦେଶରେ ଦୁର୍ଭିକ୍ଷ ପଡ଼ିଛି । ଶୁଣି ଆଶ୍ଚର୍ଯ୍ୟ ହୋଇ ସେ ପଚାରିଲେ - କ'ଣ ଲୋକଙ୍କୁ ପଲାଉ ଗଣ୍ଡେ ବି ଖାଇବାକୁ ମିଳୁନାହିଁ ! ହଠାତ୍ ପ୍ରତିମା କହିଲେ ଥାଉ ଥାଉ, ଆପଣଙ୍କର ବକ୍ତୃତା ବନ୍ଦ କରନ୍ତୁ ।

ସେଠୁଁ ଶର୍ମିଳା ପ୍ରତିମାଦେବୀଙ୍କୁ କହିଲେ, ମୁଁ ଚାନ୍ଦା ପାଇଁ ଆସିନାହିଁ । ଆମର ବାର୍ଷିକ ଅଧିବେଶନରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିବାକୁ ଆସିଅଛି । କେଉଁ ଜାଗାରେ ମିଟିଂ ହେବ, ଶର୍ମିଳା କହିଲେ । ଫକୀରପୁରର ଶରୀମାନ, ଏକ ଖୋଲା ମଣ୍ଡପରେ ସଭା ଆୟୋଜନ କରିଛନ୍ତି ।

ଏତିକି କହି ଶର୍ମିଳାଦେବୀ ସେଠାରୁ ଚାଲିଗଲେ । ମଝିଆଁ ଝିଅ ଆରତୀ କଲେଜରୁ ଫେରିଲା । ଏହି ଝିଅଟି ପାଇଁ ପ୍ରତିମାଦେବୀ ଭାରି ଗର୍ବିତ । ମା'ଙ୍କ ଆଗରେ ଠିଆ ହେଲା ଆରତୀ ନାଇଲନ୍ ଫ୍ରକ୍ ଉପରେ । ମା' ତୁମେ ତୁମର ଫ୍ରକ୍ ନିଅ, ମୋତେ ଗୋଟିଏ ଧଳା ଖଦଡ଼ କନାର ଫ୍ରକ୍ ଦିଅ । ମୁଁ ମହିଳା ମନ୍ଦିର ସମ୍ମିଳନୀରେ ମୁଖ୍ୟ ସ୍ୱେଚ୍ଛାସେବୀକା ହୋଇଛି । କିଏ ତୋତେ କରିଛି ! ଶର୍ମିଳା ମାଉସୀ, ଶର୍ମିଳା ମାଉସୀ ।

ଆରତୀ କହିଲା - ମା' ତାଙ୍କ ସାଙ୍ଗରେ ଆମେ ବସ୍ତିକୁ ଯାଇ କେତେକାମ କରିଅଛୁ । ଆରତୀ ନୀରବରେ ଶୁଣୁଥିଲା । ବିଶ୍ୱବିଦ୍ୟାଳୟରେ ଏଣିକି ସମାଜସେବା କାର୍ଯ୍ୟ ବାଧ୍ୟତାମୂଳକ ହେବ ।

## (୫) ଡଷ୍ଟବିନ୍ :

ଡଷ୍ଟବିନ୍ ଗଳ୍ପରେ ଗାଳ୍ପିକା ନନ୍ଦିନୀ ଶତପଥୀ ଆଧୁନିକ ସମାଜରେ ପ୍ରତ୍ୟେକ ପରିବାରର ପିଲାମାନଙ୍କର ସାମ୍ପ୍ରତିକ ଚିନ୍ତାଧାରା ବିଷୟରେ ଆଲୋକପାତ କରିଅଛନ୍ତି ।

ତମବେଳକୁ ଏସବୁ ଦେଖାଗଲାଣି । ଆମ ସମୟରେ କଅଣ ଝିଅମାନେ କମ୍ କାମ କରୁଥିଲେ ନା କମ୍ କଷ୍ଟ ସହୁଥିଲେ, ହେଲେ ଏମିତି ବେଆଡ଼ା ନଥିଲେ ।

ଆଲୋ ସେ କ'ଣ ଗୋଟିଏ କଥା - ଢଙ୍କିଶାଳରୁ ଢେଙ୍କାନାଳ ପର୍ଯ୍ୟନ୍ତ ଯେତେ ଝିଅଙ୍କୁ ଦେଖିଲି, ସଭିଏଁ ଏକାପରି । ଏଇ ଯାହା ଉଣେଇଶ ବିଶ୍ । ବେଶୀ ପାଠ ପଢୁଆ ଯାହା,

ଦରପାଠ ପଢ଼ୁଆ ବି ସେଇଆ । ଡାକ୍ତରାଣୀ, ପ୍ରଫେସର, ମାଷ୍ଟରାଣୀ ଯେମିତି ହେଉଛନ୍ତି; ଏହି ନର୍ସ ଗ୍ରାମସେବିକା, ଧାଈଏ ବି ହେଉଛନ୍ତି ସେମିତି ।

ଆଲୋ - ସେମାନେ ତ ଖର୍ଜୁରୀ ଗଛ, ମୂଳରୁ ପାହାଚ ପାହାଚ । ସେହି ଯୋଉଁ ଝିଅଟା ଆମଘର ପାଖରେ ଥିଲା, ବିଧବା ମାଟିଏ, ତା'ର ଖାଲି । ପାଠ ପଢ଼ିବ ବୋଲି ଯିଦ୍ ଧରିଲା । ମା'ଟି ୟା ଘରେ ତା' ଘରେ କାମ କରି ଯାହା ପଇସା ରଖିଥିଲା, ସେଥିରେ ଯାଇତାହି କରି ଝିଅଟିକୁ ଉଠାଇବା ପାଇଁ ଯୋଜନା କରିଥିଲା । ହେଲେ ଝିଅ କି ମଙ୍ଗେ ସେଥିରେ, ନର୍ସ ହେବ, ରୋଜଗାର କରିବ । ତହିଁରେ କି ସରକାର ଖଞ୍ଜିଦେଇଛନ୍ତି - ବୃତ୍ତି । ଏବେ ପୁଣି ପାସ୍ କରି କେଉଁଠି ଗୋଟାଏ ଚାକିରି କଲାଣି । ମା'ଟାକୁ ଏଠାରୁ ନେଇଗଲା, ପାଖରେ ରଖିଛି । ମା' ରାନ୍ଧିବାଢ଼ି ଦେବ, ଝିଅଟାଏ ହୋଇ ଯେବେ ରୋଜଗାର କରେ...

ମୁଁ ଅସହିଷ୍ଣୁ ହୋଇ ପଚାରିଲି - କ୍ଷତିଟା ଏଥିରେ କ'ଣ ହେଲା ? ମୁଁ ତ ଆଦୌ ବୁଝିପାରୁନାହିଁ । ଝିଅଟି ବହୁତ ପୁଅ ସାଙ୍ଗମାନଙ୍କ ସାଥିରେ ମିଶିବାର ଲୋକ ଦେଖି ବିରକ୍ତି ଭାବ ପ୍ରକାଶ କରୁଥିଲେ । ଦେଖନ୍ତୁ-ଝିଅମାନଙ୍କୁ ବାହାରକୁ ବାହାରି କାମ କରିବାକୁ ହେଲେ - ପାଞ୍ଚ ଲୋକଙ୍କର ସାଙ୍ଗରେ ମିଶିବାକୁ ହେବ । ହସଖୁସି କଥା କହିବାକୁ ହେବ । ଆପଣମାନେ ଯେତେବେଳେ ବାହାରିଥିଲେ, ସେତେବେଳେ ତ ପୁଣି ପାଞ୍ଚଲୋକଙ୍କ ସାଙ୍ଗରେ ମିଶିଥିଲେ । ପାଞ୍ଚ କଥା ଶୁଣିଥିବେ, ଯାହାକିଛି ନୂଆ କରିବାକୁ ଗଲେ, ଏମିତି ଅସୁବିଧା ଲାଗେ । ଚଳେଇ ନେଲେ ସବୁ ଚଳିଯାଏ ।

ଭାରି ହସ ମାଡ଼ିଲା । ନର୍ସଟା ବାହା ହେଲାନାହିଁ । ସେଥିପାଇଁ ଦୋଷୀ । ସରମା ବାହା ହେବାକୁ ଇଚ୍ଛା କରୁଛି ତେଣୁ ସେ ସ୍ୱାର୍ଥପର । ଅଦ୍‌ଭୁତ ବିଚାରତ ! କହିଲି ତ୍ୟାଗଟା କ'ଣ ଖାଲି ଗୋଟିଏ ଦିଗରୁ ହୁଏ ଆଜ୍ଞା ! ସରମା ଏତେଦିନ ତ ଭାଇ-ଭଉଣୀମାନଙ୍କ ପାଇଁ ତ୍ୟାଗ କଲା । ଏଥର ସେମାନେ ତା' ପାଇଁ ତ୍ୟାଗ କରନ୍ତୁ !

'ଭଦ୍ର ମହିଳାଙ୍କର ତିନିଗୋଟି ପୁଅ । ପୁଅଗୁଡ଼ିକୁ ବାହା କରିବାକୁ ଯାଇ ସେ ସ୍କୁଲ, କଲେଜରେ ବୁଲି ବୁଲି ଝିଅ ଖୋଜନ୍ତି । ଝିଅଟି କେବଳ ରୂପସୀ ହେଲେ ଚଳିବ ନାହିଁ । ନାଚଗୀତ ଜାଣିଥିବା ଦରକାର, ଏ ସର୍ତ୍ତ ତାଙ୍କର ଥିବାର ମୁଁ ଜାଣିଥିଲି । କହିଲି-ନାଚଗୀତ ନ ଶିଖିଲେ ତ ଆଜିକାଲି

ବରଟେ ପାଇବା କଷ୍ଟ । ବାପା-ମା' ଆଉ କରିବେ କ'ଣ ? ଆପଣ ଯୋଉଁ ଇଜ୍ଜତ, ମହତ କଥା କହୁଛନ୍ତି-ମୁଁ ସେଥିରେ ଏକମତ ନୁହେଁ । ଯେ ନିଜର ମର୍ଯ୍ୟାଦା ରକ୍ଷା କରିବାକୁ ନଶିଖିଛି, ତା ପାଇଁ ଘର ବାହାର ସବୁ ଏକାକଥା । ଘରେ ବନ୍ଦ କରି ରଖିଲେ, କ'ଣ ଭଲ ହୋଇ ରହିବ ?'[୩୬]

କ'ଣ ଆଜ୍ଞା, ଭାଙ୍ଗିବାକୁ ଆଉ କାହାରି ଘର ମିଳିଲା ନାହିଁ । ମୋର କପାଳରେ କୁଆ ଉଡ଼ିଲା । ଏଇତ ଅଧଘଣ୍ଟାଏ ହେଲା, ମୁଁ ଶୁଣୁଛି - ସଂସାର ଯାକର ମଇଳା କେବଳ ଆପଣ ଘାଣ୍ଟି ଚାଲିଛନ୍ତି ।

ଆଉକିଛି ଶୁଣିବା ପୂର୍ବରୁ ରାଗରେ ତମତମ ହୋଇ ସେ ବାହାରିଗଲେ । ଆଉ ଠିକ୍ ତାଙ୍କ ପଛେ ପଛେ, ଇଏ କହିଉଠିଲା - ଧନ୍ୟରେ ଡଷ୍ଟବିନ୍ ।

## (୬) ଜିତାପଟ :

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର ଗଳ୍ପ ସଂକଳନ "କେତୋଟି କଥା"ରେ 'ଜିତାପଟ' ଏକ ଗଳ୍ପ । ଆଧୁନିକ ସମାଜରେ ଗରିବ ଓ ଅର୍ଥାଭାବ ମଣିଷର ସାମାଜିକ ସ୍ଥିତିକୁ ଦୋହଲାଇ ଦିଏ, ସହରରେ ଭଡ଼ାଘର ନେଇ ଏକା ରହିବା ଗୋଟିଏ କର୍ମଚାରୀ ପକ୍ଷରେ ସମ୍ଭବ ହୋଇନଥାଏ । ତେଣୁ ତାକୁ ସାହାଯ୍ୟର ହାତ ବଢ଼ାଇ ଦେଇଥାଏ, ତା'ର ଜଣେ ବନ୍ଧୁ । କିନ୍ତୁ ଦୁଇ ବାନ୍ଧବୀଙ୍କ ମଧ୍ୟରେ କଳିତକରାଳ ଏହାର ମୁଖ୍ୟ ବିଷୟବସ୍ତୁ ।

'ପାଖାପାଖୀ ଦୁଇଟା ଘର । ବରଂ ଗୋଟିଏ ଘରର ଦୁଇଟି କୋଠରୀ କହିଲେ ଚଳେ । ଦୁହିଁଙ୍କର ଗୋଟିଏ ଅଗଣା, ଗୋଟିଏ ପାଇଖାନା ଓ ଲଗାଲଗି ଦୁଇଟି ଛୋଟିଆ ରୋଷେଇଘର । ଗୋଟିଏ ଘରକୁ ଭଡ଼ା ଦେଇଛନ୍ତି ଏମାନେ ଦୁଇଜଣ । ଗୋଟିଏ ପରିବାର, ସ୍ୱାମୀ ଓ ସ୍ତ୍ରୀ ମିଶି ଚାରିଜଣ । ଅଥଚ ଏବେ ଅମେଳ ସେମାନଙ୍କ ମଧ୍ୟରେ ଶଙ୍କର ଓ ତାଙ୍କର ସ୍ତ୍ରୀ ସୁଶୀଳା । ଶଙ୍କର ପଞ୍ଚାଅଶୀ ଟଙ୍କାର କିରାଣୀ କଟକ ସହର ବୁଲି ବୁଲି ବହୁ କଷ୍ଟରେ ଯୋଗାଡ଼ କରିଅଛନ୍ତି ଏହି ଘର ଖଣ୍ଡିକ । ଅଥଚ ଭଡ଼ା ଚାଳିଶ ଟଙ୍କା । ଭଡ଼ା ପାଇଁ ପଞ୍ଚାଅଶୀ ଟଙ୍କା ଦରମାରୁ ଚାଳିଶ ଟଙ୍କା ଦେଲେ ଘର ଚଳିବ ବା କେମିତି ! ଠିକ୍ ଏତିକିବେଳେ ତାକୁ ବନ୍ଧୁତ୍ୱର ହାତ ବଢ଼ାଇଛନ୍ତି ତାଙ୍କର ବନ୍ଧୁ ମେରୀ ଆଉଜଣଙ୍କର ସ୍ୱାମୀ । ତା'ର ସାଙ୍ଗ ରବର୍ଟ କହିଲା ଘରଟାରେ ତୁ ଏକା ଏକା ରହିବୁ । ଆମ୍ଭେ ଦୁହେଁ ମିଶି ରହିଲେ ଚଳନ୍ତାନି । ରବର୍ଟର ସ୍ୱରରେ ଆଶା ଓ ସାହସର ସ୍ପର୍ଶ ଶଙ୍କରକୁ

[୩୬] ତତ୍ରୈବ, ପୃ-୨୭

ସେଦିନ ଆନନ୍ଦ ବିଭୋର କରିଦେଲା । ଏବଂ ସାଙ୍ଗ ହୋଇ ଦୁହେଁ ପହିଲାଠୁ ଏକାଠି ରହିଲେ ।'[୩୭]

ରବର୍ଟ ଓ ମେରୀଙ୍କର କ୍ଷୁଦ୍ର ସଂସାରରେ ଆସବାବ ପାଇଁ ଏହି ବଖୁରିଆ ଘରଟି ଯଥେଷ୍ଟ । ଠିକ୍ ସେହି ସମୟରେ ଶଙ୍କରର ସ୍ତ୍ରୀ ସୁଶୀଳା ଏହାକୁ ସହ୍ୟ କରିବାର ଅବସ୍ଥାରେ ନଥିଲା । ବେଳେବେଳେ ଶଙ୍କର ଓ ସୁଶୀଳା ମଧ୍ୟରେ ଝଗଡ଼ା ମଧ୍ୟ ଲାଗିଯାଏ । ଏଥିପାଇଁ ରବର୍ଟ ଆଉ ମେରୀ ଆଦିବାସୀ ଲୋକ, ତାହେଲେ କ'ଣ ଅଣଆଦିବାସୀ ଲୋକ ସୁଶୀଳା ସହିତ ମେରୀକୁ ତୁଳନା କରାଯାଇପାରିବ । ବଡ଼ ମୁକ୍ତ ଚାଲିଚଳନ ଏହି ମେରୀର । ପିଲାଟି ଦିନରୁ ସେ ଜଙ୍ଗଲଭରା, ପାହାଡ଼, ନଦନଦୀମାନଙ୍କ ନିକଟରେ ଚଳପ୍ରଚଳ କରିଆସିଅଛି । ଏହି ସହରୀ ଜୀବନର ଏକ କୋଠରୀ ଭିତରେ ଆବଦ୍ଧ ହୋଇ ରହିବାଟା ତାକୁ ଆଦୌ ଭଲ ଲାଗେନା । କାହାରିକୁ ଲାଜ କରି ଓଢ଼ଣା ଟାଣିବା, ସେ ସ୍ୱପ୍ନରେ ବି ଭାବିନାହିଁ । ବରଂ ଲୋକଙ୍କ ସହିତ ଭଲଭାବରେ କଥାବାର୍ତ୍ତା ନ କରିବା ତା'ପାଇଁ ଅଭଦ୍ରତା । ସ୍ୱାମୀ ଘରର ସବୁ ଛୋଟବଡ଼ କାମ ସେ କରିନିଏ ଅଣ୍ଟାରେ ଲୁଗାକାନି ବାନ୍ଧି । ତା'ର ସେହି କର୍ମଚଞ୍ଚଳ ମୁହଁହାତକୁ ଚାହିଁ ଦେଖିବାକୁ ଭଲ ଲାଗେ ଶଙ୍କରକୁ । ସେଥିରେ କ୍ଲାନ୍ତି ନାହିଁ, ଅବସାଦ ନାହିଁ, ସେ ଯେପରି ଚିରଚପଳା, ଚିର ତରୁଣୀ । ଏଥିପାଇଁ ଶଙ୍କରର ସ୍ତ୍ରୀ ସୁଶୀଳା ସବୁବେଳେ ଶଙ୍କରକୁ ଭୁଲ୍ ବୁଝିଥାଏ । କ'ଣ ହେଲା ସୁଶିଳା ମଣିଷକୁ ମଣିଷ କ'ଣ ଚାହିଁଦେଲେ ପାପ ହୋଇଥାଏ ? ମୋତେ ଆଉ ପାପ ପୂଣ୍ୟ ନ ଶିଖାଇ ଘରେ ଯାଇ ବସ । ଦିନକର ଘଟଣା, ଶଙ୍କରକୁ ଦୁଇଦିନ ହେବ ବର୍ଷା ହୋଇ ଜ୍ୱର ହୋଇଯାଇଥିଲା । ବର୍ଷାପାଣି ମୋର ଘର ଭିତରକୁ ପଶିଆସି ଥଣ୍ଡାରେ ଜ୍ୱର ହୋଇଯାଇଛି କହି ତା'ର ହାତକୁ ଧରିବାରୁ ସୁଶିଳା ରାଗିଯାଇଥିଲା । ସୁଶୀଳା ଚୁପ୍ ହେଲାନାହିଁ, ରାଗ ତା'ର ପଞ୍ଚମକୁ ଉଠିଗଲା । ସେହିଦିନଠାରୁ ଏମାନଙ୍କର କଳିଠାରୁ ଦୂରେଇ ରହିବା ପାଇଁ ବହୁ ରାତିରେ ଘରକୁ ଆସି ସକାଳୁ ଯାଏ ।

ଦିନକର ଘଟଣା । ସୁଶୀଳା ଗର୍ଭବତୀ ଯୋଗୁଁ ଗର୍ଭବେଦନା ବଢ଼ିଯିବାରୁ କଷ୍ଟ ହେଲା । ଏଣେ ସ୍ୱାମୀ ବଜାରକୁ ଯାଇଛନ୍ତି । ପାଖରେ କେହି ନାହାନ୍ତି । ଏତିକିବେଳେ ସାହାଯ୍ୟର ହାତ ବଢ଼ାଇଦେଲା ସୁଶୀଳାକୁ ମେରୀ । ସେ ସେବାଶୁଶ୍ରୁସା କରି ସୁଶୀଳାର ଏକ ପିଲାଟି ଭଲରେ ଜନ୍ମନେଲା । ରାତିବେଳକୁ ସ୍ୱାମୀ ଡାକ୍ତର ଆଣି ଫେରିଗଲେ । ନିଅ-ତୁମର ପିଲାକୁ-ଶଙ୍କରବାବୁ-

[୩୭] ତତ୍ରୈବ, ପୃ-୩୦

ଏହା ମେରୀ କହିଥିଲା । ସୁଶୀଳା ପୁଣି ରାଗିଯାଇ ଗାଳିଗୁଲଜ କରିବ ଯେ । ତା' ହାତରେ ପିଲାଟିକୁ ଧରାଇ ଦେଇ ମେରୀ ଚାଲିଯାଉଥିବା ବେଳେ, ତା' ଶାଢ଼ି କାନିଟକୁ ପଛରୁ ଟାଣିଧରି ସୁଶୀଳା କହିଲା- ତୁମେ ତ ବେଶ୍ ଲୋକ । ମେରୀ ଅପା ନଥିଲେ ମୁଁ ଆଜି ମରିଯାଇଥାନ୍ତି ଯେ ! ଶଙ୍କର ଥରେ ମେରୀ ଓ ଥରେ ସୁଶୀଳା ମୁହଁକୁ ଚାହିଁଲା ଓ ଧୀରେ ଧୀରେ କହିଲା, ତେବେ ଶେଷରେ ତୁମ ମେରୀ ଅପାଙ୍କର ଜିତାପଟ ହେଲା - ସୁଶୀଳା !

## (୭) ଆରପାଖେ :

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର ପ୍ରଥମ ଗଳ୍ପ ସଂକଳନ "କେତୋଟି କଥା"ରେ 'ଆରପାଖେ' ଗଳ୍ପଟିକୁ ରଚନା କରିଛନ୍ତି । ଏହି ଗଳ୍ପରେ ସେ ଦୁଇଜଣ ମହିଳାଙ୍କର ଏକ ଅପରାଧ ଘଟଣାରେ ଜେଲ୍ ଭୋଗୁଥିବା କାହାଣୀକୁ ଆଲୋଚନା କରିଅଛନ୍ତି ।

ବିପର୍ଯ୍ୟସ୍ତ ବହି ଗଦା ମୂଳରେ (ଭିତରେ) ମୁହଁରଖି କେତେବେଳେ ମୁଁ ଶୋଇପଡ଼ିଛି-ମୁଁ ଜାଣିନି । ଘରଭିତରେ ଅନ୍ଧାର ଜମାଟ ବାନ୍ଧିଲାଣି । ସାରାଦିନର କ୍ଳାନ୍ତିରେ ପୁଣିଥରେ ଆଖିପତା ମୁଦିହୋଇଆସୁଥିଲା । କବାଟରେ କାହାର ମୃଦୁ ଆଘାତ ଶୁଭିଲା । କବାଟଟା ଖୋଲିଦେଇ ମୁଁ ଆବାକ ହୋଇଗଲି । ଏମିତି ଅପ୍ରତ୍ୟାଶିତ ଭାବରେ ତା' ସହିତ ସାକ୍ଷାତ ହେବ, ମୁଁ କଳ୍ପନା କରିପାରିନଥିଲି । ସେ ତଳେ ମୁଣ୍ଡ ଲଗାଇ ମତେ ପ୍ରଣାମ କଲା । କହିଲା- "ନାନୀ-ମୋତେ ରଖିବୁନା, ମୁହିଁ ତୋର ପାଖରେ ରହିତେ ଆସିଛି !"

'ସୁବଲିକୁ ମୁଁ ଧୀରେ ଧୀରେ ଡାକିଲି । ସେ ମୁହଁ ଟେକି ମୋତେ ଚାହିଁଲା । ପାଞ୍ଚବର୍ଷ ପରେ ସେ ଆଜି କେମିତି ବଦଳି ଯାଇଛି । ବୟସର ଛାପ ପଡ଼ିଗଲାଣି । ମୁହଁର ଚମଡ଼ା ଆଉ ଟିକିଏ କର୍କଶ ମନେହେଉଛି । ଜେଲ୍‌ଖାନାର ସେହି ମୋଟାଳିଆ ଖାଦ୍ୟ ଓ ପୋଷାକ କନା ବଦଳରେ ସେ ପିନ୍ଧିଛି ଖଣ୍ଡେ ସାନ୍ତାଳୀ ଶାଢ଼ି । ରାଜଦ୍ରୋହ ଅପରାଧରେ ବନ୍ଦୀ ମୁଁ । ବନ୍ଦୀ ଜୀବନ ବଡ଼ ନିଃସଙ୍ଗ, ବଡ଼ କଦର୍ଯ୍ୟ । ଏଗାର ନମ୍ବର ୱାର୍ଡରେ ଏକୁଟିଆ । ପାଖରେ ଦୁଇଜଣ ନାରୀ ଜମାଦାର । ପ୍ରଚୁର ସମୟ ସକାଳରୁ ସନ୍ଧ୍ୟାଯାଏ । ନିତ୍ୟକର୍ମ ଆଉ ପାଠ ପଢ଼ି ବି ଅନେକ ସମୟ ବଳିପଡ଼େ । ବେଳେବେଳେ ମନ ହେଲେ ସେହି ଲେଡି ୱାର୍ଡର ମାଳତୀ ସାଙ୍ଗରେ

ଗପେ । ତା'ର ସ୍ୱାମୀ ମଲାପରେ ଚାଳିଶ ଟଙ୍କାରେ ପାଞ୍ଚୋଟି ଛୁଆଙ୍କୁ ଚଳାଇବା ମୁସ୍କିଲ ହୋଇପଡ଼ିଛି । ତା' କଥା କିଏ ବୁଝିବ ! ଏମିତି ଅନେକ କଥା ଗପେ ।

ଲେଡି ୱାର୍ଡର - ମାଳତୀ ଠାରୁ ମୁଁ ଦିନେ ଶୁଣିଲି - ସୁବ୍‌ଲି କଥା । କେନ୍ଦୁଝରର ସାନ୍ତାଳ ଝିଅଟିଏ । କି ଗୋଟିଏ ମର୍ଡର କେଶ୍‌ରେ ଆଠବର୍ଷ ହେଲା ରହିଲାଣି ଜେଲ୍‌ରେ । ମୋର ଆରପାଖ ୱାର୍ଡରେ । ଭାରି ଭଲ, ଭାରି କାମିକା । ଘଣ୍ଟାକେ ଦଶସେର ଗହମ ପେଷିଦେବ । ବହୁତ ପ୍ରଶଂସା ତା'ର କରେ ମାଳତୀ । ଭାରି ଇଚ୍ଛାହେଲା ସୁବ୍‌ଲିକୁ ଦେଖିବାକୁ ।'[୩୮]

ସୁବ୍‌ଲି ଆସିଲା । ଏକା ନୁହେଁ, ତା'ର ଆଉ ଦଶବାରଜଣ ବନ୍ଦିନୀଙ୍କ ସହିତ, ମୋ ନିମନ୍ତ୍ରଣରେ ନୁହେଁ, ଜେଲ କର୍ତ୍ତୃପକ୍ଷଙ୍କର ଆଦେଶରେ । ରାଜବନ୍ଦୀଙ୍କର ସଂଖ୍ୟା ବଢ଼ି ଚାଲିଛି । ସେଥିପାଇଁ ଆଉ ଗୋଟିଏ ୱାର୍ଡ ଦରକାର, ତେଣୁ ସେମାନେ ନିଷ୍ପତ୍ତି କଲେ ମୋ ସାଙ୍ଗରେ ଏହି ନାରୀ କଏଦୀଙ୍କୁ ରଖିଦେଲେ ଚଳିବ ।

ମୁଁ ବି ଭାରି ଖୁସି । ସୁବ୍‌ଲି ସାଙ୍ଗରେ ଚିହ୍ନା ହେଲା । ପଚିଶ, ଛବିଶ ବର୍ଷର ଯୁବତୀ । କିନ୍ତୁ ଆଠବର୍ଷର କଏଦୀ ଜୀବନ ତା'ର ବୟସକୁ ଆହୁରି ଦଶବର୍ଷ ଆଗେଇ ଦେଇଛି । ରୁକ୍ଷ ଅଥଚ ବଳିଷ୍ଠ ଶରୀର । ସବୁବେଳେ ହସ ହସ ମୁହଁ । ପଚାରିଲି ଦିନେ, ସୁବ୍‌ଲି, ତୁ କାହିଁକି ଜେଲ୍ ଆସିଲୁରେ । ଦେଖିଲି ମୁହଁ ତା'ର ଶୁଖିଗଲା । ନାଇଁ ତୋତେ କହିବିନି, ତୋତେ କହିଲେ ତୁ ମୋତେ ଆଉ ଭଲ ପାଇବୁନି ।

ସୁବ୍‌ଲି କହିଲା - କେନ୍ଦୁଝରର ଗୋଟିଏ ଗାଁରେ ମୋର ଘର । ଦଶବାର ବର୍ଷ ପରେ ବାପଘର ଛାଡ଼ି ଶାଶୁଘରକୁ ଆସିଲି । ପର ବିଲରେ କାମ କରେ । ତା' ସାଙ୍ଗରେ ମୁଁ ବିଲକୁ ଯାଇ କାମ କରେ, ଶାଶୁବୁଢ଼ୀଟା ମୋର ଭାରି ରାଗୀ । ଯେତେ କାମ କଲେ ବି ସେ ଖୁସି ହୁଏନି । ସେହିଦିନ ଚୁଲି ଲଗାଇବା ପାଇଁ କାଠ କାଟୁଥିଲି । ବୁଢ଼ୀ ସଂଜବେଳେ ହାଟରୁ ଆସି ଖାଇବାକୁ ମାଗିଲା । ଘରେ ତ କିଛି ନଥିଲା । ତୁ ସିନା ଚାଉଳ ଆଣିଲେ ମୁଁ ରାନ୍ଧିବି । ଦିନସାରା ମୋ ପେଟରେ ଦାନା ପଡ଼ିନଥିଲା । ବୁଢ଼ୀ କିଛି ନଶୁଣି ଗୋଟିଏ ବଡ଼ ଠେଙ୍ଗାରେ ମୋତେ ପିଟି ଚାଲିଲା । ମୋର ମୁଣ୍ଡ ବୁଲେଇଗଲା, ଚାରିଆଡ଼ ଅନ୍ଧାର ଦିଶିଲା । ହଠାତ୍ ବୁଢ଼ୀଠାରୁ ଠେଙ୍ଗାଟିକୁ

[୩୮] ତତ୍ରୈବ, ପୃ-୩୬

ଛଡ଼ାଇ ଆଣି ତା' ମୁଣ୍ଡକୁ ପାହାରେ ପକାଇବାରୁ ସେ ହଠାତ୍ ସେଠାରେ ପଡ଼ିଗଲା ଓ ମରିଗଲା । ସେଠୁ ପୋଲିସ ମୋତେ ଧରି ଜେଲ୍ ନେଲା । ମୋର ସ୍ୱାମୀର ଅନୁରୋଧ ସତ୍ତ୍ୱେ ମଧ୍ୟ ସେମାନେ ମୋତେ ଛାଡ଼ିଲେ ନାହିଁ ।

## (୮) ସୀତାନାନୀର ପୁଅ :

ଗାଳ୍ପିକା ନନ୍ଦିନୀ ଶତପଥୀ ନିଜର ଗଳ୍ପ ସଂକଳନ "କେତୋଟି କଥା"ରେ 'ସୀତାନାନୀର ପୁଅ' ଏକ କ୍ଷୁଦ୍ରଗଳ୍ପ । ସାମ୍ପ୍ରତିକ ସମାଜରେ ମାତୃତ୍ୱ ସ୍ନେହ ପିଲାଙ୍କୁ କିପରି ଆକଟ କରିଥାଏ, ଏବଂ ସେଥିରୁ ବାଦ୍ ପଡ଼ିଲେ ପିଲାମାନେ କିପରି ଅସାମାଜିକ ହୋଇଯାଇଥାଆନ୍ତି, ସେ ବିଷୟରେ ସମ୍ୟକ ସୂଚନା ଦେଇଛନ୍ତି ।

ସଉରିଆ ଶବର କିଛି – ଜାଣିଅଛୁକିରେ ବାପ... ନାଇଁ ତ ସେହିଦିନ ଠାରୁ ମୁଁ ଆଉ ତାଙ୍କୁ ଦେଖିନାହିଁ । ଉତ୍ତର ଦେବା ସଙ୍ଗେ ସଙ୍ଗେ ସୀତାନାନୀଙ୍କୁ ନମସ୍କାରଟିଏ କଲି । ମୋର ଚାରିପାଖରେ ସୀତାନାନୀର ପିଲାମାନେ ଘେରିଗଲେଣି । ସମସ୍ତଙ୍କୁ ଆଡ଼େଇଦେଇ ସୀତାନାନୀ ଲାଗିଆସିଲା ମୋ ପାଖକୁ । ମୋତେ ପଚାରିଲା, ସଉରିଆର କିଛି ଖବର ପାଇଅଛକି ? ସୀତାନାନୀ ମୋର ଦୂର ସମ୍ପର୍କୀୟା ଭଉଣୀ । ପିଲାଛୁଆ ଗୁଡ଼ାଏ ତା'ର । ଘରପୋଡ଼ି ପଛେ ପଛେ ଦି' ବର୍ଷ ପରେ ଗାଁରେ ଯେଉଁ କଲେରା ଲାଗିଲା, ସେଥିରେ ଗାଁରୁ ଅଧେ ପଦା ହୋଇଗଲେ । ସୀତାନାନୀର ସ୍ୱାମୀଟି ମଧ୍ୟ ସେତିକିବେଳେ ଚାଲିଗଲା । ବଡ଼ପୁଅ ସଉରିଆ ଷୋହଳ କିମ୍ବା ସତର ବର୍ଷର । ବାପ ମଲା ପରଠାରୁ ପରିବାର ଭରଣପୋଷଣ ପାଇଁ ମା' ସ୍ନେହରୁ ବଞ୍ଚିତ ହୋଇ ରୋଜଗାର କରିବାକୁ କୁଆଡ଼େ ଯାଇଅଛି ଯେ, ଆଜିଯାଏ ଆସିନାହିଁ ।

ପ୍ରତିମାସରେ ସୀତାନାନୀ ଡାକବାଲାକୁ ପଚାରେ ମୋର କିଛି ମନିଅର୍ଡର ଅଛିକି ? ସେ ମନା କରେ । ସୀତାନାନୀ ଫେରିଯାଏ ସତ, ହେଲେ ତା' ମନରୁ ଆଶା ତୁଟେନାହିଁ । ସୀତାନାନୀ ଆସୁଥିବାର ଦେଖିଲେ ଗାଁର ଛତରା ଟୋକାଏ ପାଟି କରିବାକୁ ଆରମ୍ଭ କଲେ । ମୋର କ'ଣ ମନିଅର୍ଡର ଆସିଛି । ସୀତାନାନୀ ସବୁ ଶୁଣେ, କାହାରି ଉପରେ ରାଗେନି । ମୁହଁ ଖୋଲି ପଦେ କଥା ବି କୁହେନାହିଁ ।

ମୁଁ ଯେତେଥର ଛୁଟିରେ ଆସେ ସେ ସେତେଥର ମୋତେ ସଉରିଆ କଥା ପଚାରେ । ଅନ୍ୟ ବିଦେଶ ଆଗନ୍ତୁକଙ୍କୁ ମଧ୍ୟ ସେ ତା'ର ପୁଅ ସଉରିଆ କଥା ପଚାରେ । ଦଶହରା ଛୁଟିରେ ମୁଁ ଆସି ସୀତାନାନୀର ଘରକୁ ଯାଇଥାଏ । ସେ ତା'ର ପିଲାମାନଙ୍କୁ ପଟି ଖଣ୍ଡେ ଆଣିଦିଅ, ମାମୁଁ ଆସିଲେଣି ବସିବେ ବୋଲି ବଡ଼ପାଟିରେ କହିଉଠେ । ପୁଣି ସୀତାନାନୀର ସେହି ପୁରୁଣା କଥା - ସଉରିଆ କଥା । ଏଥର ସେ ମୋତେ କୁହେ ସଉରିଆ ମନିଅର୍ଡର ନକଲା ନାହିଁ, ଚିଠି ଖଣ୍ଡେ ମୋତେ ଦିଅନ୍ତାନି ?

ସାହିର କିଛି କିଛି ଲୋକେ କୁହନ୍ତି - ସେ କଟକରେ ବୁଲୁଛି - ମୋଟର ଗାଡ଼ି ଧରି । ଆଉକିଛି କୁହନ୍ତି - ସେ କଲିକତାରେ କାହା ଦୋକାନରେ ଅଛି । ଏହିପରି ନାନା କଥା ଲୋକମାନେ ସୀତାନାନୀଙ୍କୁ ତା'ର ପୁଅ ସଉରିଆ ବିଷୟରେ କହିଥାନ୍ତି । ଏହା ଶୁଣି ବୁଢ଼ି ଭାରି ବିରକ୍ତି ଭାବ ପ୍ରକାଶ କଲାଣି । ପଇସା ନହେଲେ ସୀତାନାନୀ କିଭଳି ଚଳିବ ବୋଲି ଭାବୁଛି-ମୁଁ କିଛି ବୁଝିପାରିଲି ନାହିଁ । ସେଠୁ ମୁଁ ଆଉକିଛି ନଶୁଣି ସେଠାରୁ ଚାଲିଆସିଲି ।

'ଛୁଟି ସରିଲା । ତେଣୁ ମୁଁ ମୋର କର୍ମସ୍ଥାନକୁ ଯିବାକୁ ବାହାରିଲି । ମାତ୍ର - ଷ୍ଟେସନ୍‌ରେ ପହଞ୍ଚିବାର ଦଶମିନିଟ୍ ପୂର୍ବରୁ ଗାଡ଼ି ଛାଡ଼ିଦେଇଥିଲା । ରାତିରେ ଶୋଇବାକୁ ଜାଗା ନାହିଁ, ଟ୍ରେନ୍ ମଧ୍ୟ ନାହିଁ । ହେଉ, ମୁଁ ଷ୍ଟେସନ୍‌ରେ ଆଡ୍‌ଜଷ୍ଟ କରିନେଇ ରାତ୍ରିଟା ଚଳାଇଦେଲେ ସକାଳ ଟ୍ରେନ୍‌ରେ ଯିବି । ରାତ୍ରିରେ ହଠାତ୍ କ'ଣ ଗୋଟିଏ ଚିତ୍କାରରେ ନିଦ ଭାଙ୍ଗିଗଲା । ଦେଖିଲି ଚାରିଜଣ ଯାତ୍ରୀ ଉଠି ଗୋଟାଏ ଲୋକକୁ ପିଟୁଛନ୍ତି । ସକାଳୁ ଦାନ୍ତ ଘସିବା ପାଇଁ ବାହରିଗଲି । ପୋଲଟା ପାଖରେ-ଲୋକଗୁଡ଼ାଏ ଜମା ହୋଇଛନ୍ତି । ଯାଇ ଦେଖିଲି-ପୋଲତଳେ ସେହି ଶୁଖିଲା ନାଳଟିରେ କାଲିର ସେହି ପାଗଳଟି ପଡ଼ିଛି । ପାଖରେ ଦେଖିଲି ସୀତାନାନୀଙ୍କୁ । ସେଠାରେ ଲୋକଙ୍କୁ ଆଡ଼େଇ ସୀତାନାନୀ ଚିତ୍କାର କରି କହିଲା - ମୋ ସଉରିଆରେ କହି ସେହି ପାଗଳଟା ଉପରେ ଗଡ଼ିଗଲା ।'[୩୯]

ଷ୍ଟେସନ୍‌ରୁ ବାଜିଉଠିଲା ଗାଡ଼ି ଆସିବାର ଶେଷ ଘଣ୍ଟି ।

[୩୯] ତତ୍ରୈବ, ପୃ-୪୪

## (୯) ସେ :

ସେ ହୁଏତ ହଠାତ୍ କିଛି ବଡ଼ ଧରଣର ଆଘାତ ପାଇଅଛନ୍ତି । ଏତେବଡ଼ କ୍ଷତି ସହିବାକୁ ସେ ନିଜକୁ ପ୍ରସ୍ତୁତ କରିପାରିଥିଲେ କି ନାହିଁ ମୁଁ ଜାଣେନା । ସେଥିପାଇଁ ବୋଧହୁଏ ସେ ନିଜକୁ ସାନ୍ତ୍ୱନା ଦେଉଥିଲେ, କାରଣ ବସିରହି ସେ ସଦାସର୍ବଦା ଗୁଣୁଗୁଣୁ ହେଉଥିବାର ଜଣାପଡୁଥାଏ । ସାନ ଚାକର ପିଲାଟିଏ ଘରେ ଥିଲା । କଳା କଟକଟ ଧଡ଼ିଆ ଶୁକୁଟା ଛୁଆଟିଏ । ବଡ଼ କାମ ପାରେ ନାହିଁ; ସାନ ସାନ ବୋଲହାକ ସବୁବେଳେ ପିଲାଟି କରୁଥାଏ ।

'ବାବୁ କାମିକା ଲୋକ । ବସିରହିବା ତାଙ୍କ ପକ୍ଷରେ ଅତ୍ୟନ୍ତ କଷ୍ଟକର । ନିଜ ମନକୁ ଭାବି ଅନେକ କାମ ସେ ଉଦ୍ଭାବନ କରନ୍ତି । ତାଙ୍କର ବୟସ ବେଳେ ସେ ଖୁବ୍ ଖଟୁଥିଲେ । ନିଜର ଉନ୍ନତି ସାଙ୍ଗରେ ଦେଶର ଅର୍ଥନୈତିକ ଉନ୍ନତି କଥା ସବୁବେଳେ ତାଙ୍କ ମୁଣ୍ଡରେ ଖେଳୁଥିଲା ବୋଲି ଅନେକ ଲୋକ କୁହନ୍ତି । ଏହି କାମଦାମରେ ସେ ଅନେକ ପିଲାଙ୍କୁ ଭର୍ତ୍ତି କରିଛନ୍ତି । ଏତଦ୍‌ବାଦ ଏହି କାମରେ ବ୍ୟସ୍ତ ରହି ସେ କୁଆଡ଼େ ଘରଦ୍ୱାର ଭୁଲିଯାଆନ୍ତି । ସ୍ତ୍ରୀ ଓ ଏକମାତ୍ର ପୁତ୍ରକୁ ଅବହେଳା କରନ୍ତି । ସ୍ତ୍ରୀଙ୍କର ଚେଷ୍ଟାରେ ପୁଅ ଏକରକମର ମଣିଷ ହୋଇଗଲା । ସ୍ତ୍ରୀଙ୍କର ଦୁଃଖ କିନ୍ତୁ ଘୁଞ୍ଚୁନଥିଲା । ସେହି ଦୁଃଖରେ ପଥରକୁ ଛାତିରେ ବହି ସେ ସଂସାର ଛାଡ଼ିଥିଲେ ।'[୪୦] କିନ୍ତୁ - ସ୍ତ୍ରୀ ପରଲୋକରେ ସେ ମଧ୍ୟ ମୁହୂର୍ତ୍ତକ ପାଇଁ ଏଭଳି ଦୁଃଖରେ ବସିଥିବାର କେହି ଦେଖିନଥିଲେ । ସେଇ ଏକାକୀ, ନିରାଡ଼ମ୍ବର, ନିସ୍ପୃହ ଜୀବନରେ ହଠାତ୍ ଏପରି ପରିବର୍ତ୍ତନ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଅଛି । କେହି କେହି କାରଣ ପଚାରୁନାହାନ୍ତି କିମ୍ବା ସାହସ କରିପାରୁନାହାନ୍ତି । ହଠାତ୍ ମନେପଡ଼ିଗଲା ବିଶୁ କଥା । ବିଶୁ ତାଙ୍କର ଅତି ବିଶ୍ୱାସୀ ବୋଲି ଲୋକେ ଜାଣନ୍ତି । ବୋଧହୁଏ ତାଙ୍କ କାରଖାନାର ମ୍ୟାନେଜର କି ଅନ୍ୟକିଛି । ବିଶୁ ବାବୁଙ୍କ ପାଖରେ ସଦାସର୍ବଦା ଥାଏ । ବିଶୁର ବିଜ୍ଞ ଚାହାଣିରେ ଆଖପାଖ ଲୋକ ଟିକିଏ ଶଙ୍କିତ ହୁଅନ୍ତି । କେହି କେହି କୁହନ୍ତି- ତାଙ୍କ ପରେ ବିଶୁ ତାଙ୍କର ସମସ୍ତ ସମ୍ପତ୍ତିର ମାଲିକ ହେବ । କାରଣ ତାଙ୍କ ପୁଅ ସଙ୍ଗେ ତାଙ୍କର କୁଆଡ଼େ ଆଦୌ ପଡ଼େନାହିଁ ।

ଦିନକର ଘଟଣା । ସେଦିନ ଦ୍ୱିପ୍ରହରରେ ହଠାତ୍ କବାଟ ଠକ୍‌ଠକ୍ କରି ଆସି ବିଶୁ ନମସ୍କାର କରିଲା ଓ କହିଲା ଶୀଘ୍ର ଆସନ୍ତୁ-ଡାକ୍ତରବାବୁ । କହି ମୋର ହାତଟିକୁ ଟାଣିଆଣିଲା । ବିଶୁର

[୪୦] ତତ୍ରୈବ, ପୃ-୪୫

ଆଖିରୁ ଲୁହ ଗଡୁଥାଏ । ମୁଁ ଯାଇ ଦେଖିଲି - ଗୋଟିଏ ପରିଚ୍ଛନ୍ନ ବିଛଣା ଉପରେ ସେ ଶୋଇଛନ୍ତି । ଆଖି ଦୁଇଟା ମୁଦ୍ରିତ । ଏ ଯନ୍ତ୍ରଣାରେ ତାଙ୍କର ମୁଖମଣ୍ଡଳ ବିକୃତ ହୋଇଯାଇଛି । ନିଶ୍ୱାସ ଘନ ଘନ ନେଇ ଶରୀରର ପ୍ରାଣ ସ୍ପନ୍ଦିତ ହେଉଅଛି । ଡାକ୍ତର କହିଲେ - ହାଇ ବ୍ଲଡ୍‌ପ୍ରେସର, ସାଙ୍ଗେ ସାଙ୍ଗେ ଉପଯୁକ୍ତ ଚିକିତ୍ସାରେ ଭଲ ହୋଇଯାଇଥାନ୍ତା । ଡାକ୍ତରବାବୁ କହିଲେ - କ'ଣ ହୋଇଛି ବିଶୁ । ମୋତେ ଖୋଲି କୁହ ।

ବିଶୁ କହିଲା - ସେହିଦିନର ଶାନ୍ତ ଅପରାହ୍ନରେ ସାର୍‌ଙ୍କର ପ୍ରକୋଷ୍ଠ ଭିତରେ ମିସ୍ କ୍ଲବ୍‌ୱାଲାଙ୍କ କଣ୍ଠସ୍ୱର, ସେ ଆସିଥିଲେ । ତାଙ୍କର ପରିକଳ୍ପିତ ଶିଶୁ ମନ୍ଦିର ନିର୍ମାଣରେ ଆର୍ଥିକ ସାହାଯ୍ୟ ପାଇଁ । ଦୁହିଁଙ୍କର ବୟସ ଷାଠିଏରୁ ଊର୍ଦ୍ଧ୍ୱ । ସେମାନଙ୍କର ଆଲୋଚନା ବେଳେ ଯୌବନସୁଲଭ ତେଜସ୍ୱିତା ଫୁଟି ଉଠିଥିଲା ସେମାନଙ୍କର ମୁହଁରେ । କ୍ଲବ୍‌ୱାଲା ଆଜୀବନ ଅବିବାହିତା ରହି ସମାଜସେବା କରନ୍ତି । ସ୍କୁଲ, ଡାକ୍ତରଖାନା ଇତ୍ୟାଦିକୁ ଯାଇ ସାହାଯ୍ୟ କରିଥାନ୍ତି । ଅଳ୍ପଦିନ ତଳେ ହଠାତ୍ କ୍ଲବ୍‌ୱାଲାଙ୍କର ମୃତ୍ୟୁ ହେଲା । ତାଙ୍କର ସମସ୍ତ ସମ୍ପତ୍ତିର ସୁବ୍ୟବସ୍ଥା ପାଇଁ ସେ ସାର୍‌ଙ୍କୁ ଅନୁରୋଧ କରିଯାଇଥିଲେ । ଦିନେ ସାର୍ ବିଶୁକୁ ଡାକି କହିଥିଲେ- ବିଶୁ, ତୁମେ ମୋର ସମସ୍ତ ସମ୍ପତ୍ତି ଓ କ୍ଲବ୍‌ୱାଲାଙ୍କର ସମସ୍ତ ସମ୍ପତ୍ତିର ସୁବ୍ୟବସ୍ଥା କରିବ । ମୁଁ ତ ଆଉ ବେଶୀଦିନ ନୁହେଁ... ହଠାତ୍...

ନାଡ଼ିଦେଖି ନୀରବରେ ଡାକ୍ତରବାବୁ ଫେରିଆସିଲେ । ବହୁଦୂର ଯାଏ ପଛରୁ ଶୁଭୁଥିଲା - ବିଶୁର ବିଳାପ - "ମୋତେ କିଛି କହିଲ ନାହିଁ ଯେ..." ।

## (୧୦) ଗାୟତ୍ରୀ :

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର ଗଳ୍ପ ସଂକଳନ "କେତୋଟି କଥା"ରେ 'ଗାୟତ୍ରୀ' ଏକ କ୍ଷୁଦ୍ରଗଳ୍ପ । ଗାୟତ୍ରୀ ଜଣେ ଶିକ୍ଷୟିତ୍ରୀ । ତା'ର ଜୀବନରେ କିଛି କାହାଣୀକୁ ନନ୍ଦିନୀଦେବୀ ଓଡ଼ିଶାର ଅଗଣିତ ଗଳ୍ପ ପାଠକ ପାଠିକାମାନଙ୍କ ପାଖରେ ଉପସ୍ଥାପନା କରିଅଛନ୍ତି । ବାସ୍ତବିକ୍ ଏହି ଗଳ୍ପଟି ଅତ୍ୟନ୍ତ ହୃଦୟସ୍ପର୍ଶୀ ।

ସନ୍ଧ୍ୟାର ଅନ୍ଧକାର ଘନେଇ ଉଠୁଛି । ଆକାଶରେ ଜମି ଉଠୁଛି ତାରାର ମହୋତ୍ସବ । ଏହି ଘନାୟମାନ ଅନ୍ଧାର ଭିତରେ ଟେବୁଲରେ ପଡ଼ିରହିଛି ମୁହଁମାଡ଼ି ଗାୟତ୍ରୀ ଏକୁଟିଆ । ସେ ସତେ ଯେ ଗୋଟିଏ ବଡ଼ ବହିର ଖଣ୍ଡେ ଛିନ୍ନ ପୃଷ୍ଠା । ଆଜି ସେ ନିଶ୍ଚିହ୍ନ, ଏକକ, କିନ୍ତୁ ସେ କ'ଣ ସତେ

ଏକକ । ଦୀର୍ଘ ଦୁଇମାସ ହେବ ସେ ପଳାଇ ଆସିଛି ଏଠିକି । ସବୁରି ଅଗୋଚରରେ ଧ୍ୱସ୍ତବିଧ୍ୱସ୍ତ ଜୀବନଟାକୁ କଟେଇଦେବ ଏହି ଅପରିଚିତ ସ୍ଥାନରେ । କେତେ ଆଶା ସେ କରିନଥିଲା ଜୀବନରେ ! କିନ୍ତୁ କ'ଣ ହେଲା ? ଆଜି ? ଘର ଭିତରକୁ ପଶିଆସି ସୁଜାତା ପଚାରିଲା- ଆରେ, ଏତେବେଳଯାଏ ଆଲୁଅ ଜଳୁନି, ତୋର କାଲି ପାଇଁ କ୍ଲାସ ନାହିଁ କିଛି, କିଛି ପ୍ରିପେୟାର କରୁନୁ ଯେ ! ଗାୟତ୍ରୀ କହିଲା - ମୋତେ ଏଠି ଭଲ ଲାଗୁନାହିଁ ସୁଜାତା । ଭାବୁଛି ରିଜାଇନ୍ କରି ଚାଲିଯିବି । ଅନ୍ୟ କେଉଁଠି ଭଲ ଚାନ୍ସ ମିଳିଛି ନା, ଏତେ ପରିଶ୍ରମ କରି ଏମ୍.ଏ. ଫାଷ୍ଟକ୍ଲାସ୍ ପାଇଥିଲି ଅନ୍ୟ ଲକ୍ଷ୍ୟ ନେଇ । ସୁଜାତା କହିଲା, ବାସ୍ତବିକ - ତୋତେ ସେମାନେ ଲେକ୍‌ଚରସିପ୍ ଦେବାର ଥିଲା । ନହେଉ, ଅନ୍ତତଃପକ୍ଷେ ରିସର୍ଚ୍ଚ ସ୍କଲାରସିପ୍‌ଟାଏ ଦେଇଥାଆନ୍ତେ ତ !

ଗାୟତ୍ରୀର ମନେପଡ଼ିଲା ସୁବ୍ରତ ଆଜି ଚିଠି ଲେଖିଛି । ଅଭାବର ଚାପରେ କ'ଣ ତୁମକୁ କହି ଦେଇଥିଲି । ସେଥିପାଇଁ ମୋ ଉପରେ ରାଗି ଚାଲିଗଲ ! ମୁଁ ଜାଣୁଛି - ତୁମେ ସେଠାରେ ଶାନ୍ତିରେ ନଥିବ । ମୋତେ ବି ଭାରି ଖରାପ ଲାଗୁଛି । ଫେରିଆସ ତୁମେ । ନା ନା ! ମନେ ମନେ ଚିତ୍କାର କରିଉଠିଲା ଗାୟତ୍ରୀ । ସେ ବଡ଼ହେବ, ଡକ୍ଟରେଟ୍ କରିବ, ଫରେନ୍ ଯିବ । ବିଶ୍ୱବିଖ୍ୟାତ ଐତିହାସିକ ଗାୟତ୍ରୀ ମିଶ୍ର । ନାଁ ସେ କେବଳ ସୁବ୍ରତ ମିଶ୍ରର ସ୍ତ୍ରୀ ନୁହେଁ ।

ଗାୟତ୍ରୀ ସିଦ୍ଧାନ୍ତ ନେଲା ଯେ, ସେ ଆଜି ସ୍କୁଲର ଶିକ୍ଷୟିତ୍ରୀ ପଦବୀରୁ ଇସ୍ତଫା ଦେବ ଏବଂ ତା'ର ସହକର୍ମୀ ଶିକ୍ଷୟିତ୍ରୀ ସୁଜାତ ହାତରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିକଟକୁ ପଠାଇଦେବ । ଏମିତିକରି ସେ ଛୁଟି ନେବାପାଇଁ ଦରଖାସ୍ତ ପଠାଇଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ବିରକ୍ତି ଭାବ ପ୍ରକାଶ କରିଲେ । ଛୁଟି ଦରଖାସ୍ତଟିକୁ ସୁଜାତା ହାତରେ ଧରାଇଦେଇ ଗ୍ରାୟତ୍ରୀ ଚୁପ୍‌କରି ବସିରହିଲା । ଏହି ସମୟରେ ଠିକ୍ ଡାକବାଲା ଡାକିଲା । ତିନି ଚାରୋଟି ଚିଠି । ଗାୟତ୍ରୀ ଦେଖିଲା ସରକାରୀ ଚିଠି ନାହିଁ ।

'ଗାୟତ୍ରୀ ପ୍ରଥମେ ଖୋଲିଲା ତା'ର ବନ୍ଧୁ ସୁନନ୍ଦାର ଚିଠିଟିକୁ । ସୁନନ୍ଦା, ଗଲାବର୍ଷ ତାରି ସାଙ୍ଗରେ ଏମ୍.ଏ. ପାଶ୍ କରିଥିଲା । ନିତାନ୍ତ ସାଧାରଣ ଛାତ୍ରୀ । କିନ୍ତୁ ବାପା ତା'ର ଉଚ୍ଚପାହ୍ୟା ସରକାରୀ ଅଧିକାରୀ । ମାସିଟିଏ ମଧ୍ୟ ବସିବାକୁ ପଡ଼ିନି ତାକୁ । ସଙ୍ଗେ ସଙ୍ଗେ ଓଡ଼ିଶାର ସବୁଠାରୁ ବଡ଼ କଲେଜରେ ପାଇଗଲା ଅଧ୍ୟାପିକା ଭାବରେ ନିଯୁକ୍ତି । ସୁନନ୍ଦା ଲେଖିଛି, ସରକାରୀ ବୃତ୍ତି ନେଇ ସେ ଜର୍ମାନୀ ଯାଉଛି । ଦୁଇବର୍ଷ ପରେ ଫେରିବ । ଯିବା ପୂର୍ବରୁ ଗାୟତ୍ରୀ ସାଙ୍ଗରେ

ଦେଖାହୋଇପାରିଲେ ସେ ଖୁସି ହୁଅନ୍ତା । ଚିଠିଟା ଗାୟତ୍ରୀକୁ ଉପହାସ କରୁଅଛି । ତା'ର ମନେହେଲା ମୁଣ୍ଡ ଭିତରେ ସବୁ ଶିରାଗୁଡ଼ିକ ଯେମିତି ଛିଣ୍ଡି ଛିଣ୍ଡି ଯାଉଛି । ଚିତ୍କାର କରିଉଠିଲା ଗାୟତ୍ରୀ । ଚୌକିରୁ ଉଠିପଡ଼ି ଘର ସାରା ଦୌଡ଼ିଲା । ପୁଣି ହସିଉଠିଲା ଜୋର୍‌ରେ ।'[୪୧]

କବାଟ ଠେଲି ଘର ଭିତରକୁ ପଶିଆସିଲା ସୁଜାତା । ଏସବୁ ଦେଖି ସୁଜାତା ପଚାରିଲା, କ'ଣ ହେଲା ଗାୟତ୍ରୀ ? ତା' ହାତରୁ ଚିଠିଟାକୁ ଭିଡ଼ିନେଲା ସେ । ଗାୟତ୍ରୀ ମୁହଁରେ କଥା ନାହିଁ । ସୁଜାତା ଚିଠିଟିକୁ ନେଇ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଦେଲେ । ସେମିତି ସ୍ଥିର ଭାବରେ ବସିରହି ଚିଠିଟିକୁ ପଢ଼ିଲେ ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ଦେବୀ । ଦୀର୍ଘ ନିଶ୍ୱାସ ପକାଇ ଧୀରେ ଧୀରେ କହିଲେ ଗାୟତ୍ରୀ ପାଗଳୀ ହୋଇଯାଇଛି । ମୁଁ ଆଶଙ୍କା କରୁଥିଲି ଏମିତି ହେବ ବୋଲି । ଏ ଦେଶର ଗୋଟାଏ ପ୍ରତିଭାର ଅପମୃତ୍ୟୁ ଘଟିଲା ଆଜି ।

ଶ୍ରାବଣର ଆକାଶରୁ ନଇଁ ଆସୁଥିଲା ବିସ୍ଫୋରଣମୁଖୀ ମେଘରାଶି ।

## (୧୧) ସମୁଦ୍ର :

ଗାଳ୍ପିକା ନନ୍ଦିନୀ ଶତପଥୀ ନିଜର ଗଳ୍ପ ସଂକଳନ "କେତୋଟି କଥା"ରେ 'ସମୁଦ୍ର'କୁ ଏକ ଗଳ୍ପ ଭାବରେ ସ୍ଥାନ ଦେଇଛନ୍ତି । ଏହି ଗଳ୍ପ ଏକ ଝିଅ ରୁମାକୁ ନଇ ମୁଖ୍ୟତ ରଚିତ ।

ସମୁଦ୍ରକୁ ମୁହଁ କରି ସେହି ଯୋଉଁ ବିରାଟ ପ୍ରାସାଦ, ତାହାରି ଭିତରେ ଚତୁର୍ଥ ମହଲାରେ ଗୋଟିଏ ଛୋଟ ଫ୍ଲାଟ୍ । ଫ୍ଲାଟ୍‌ର ନାମ କିଛି ନଥିଲା, କିନ୍ତୁ ଅଟ୍ଟାଳିକାର ନାଆଁ ବୋଧହୁଏ ଥିଲା 'କଲ୍ୟାଣୀ' । ସେଦିନ ସେଠାରେ ଲଞ୍ଚ ପାର୍ଟିର ଆୟୋଜନ ହୋଇଥିଲା । ଏମିତି ପ୍ରାୟ ହୁଏ କିଛି - ନୂଆକଥା ନୁହେଁ । ଖାଇବା ପୂର୍ବରୁ ପିଇବାର ବ୍ୟବସ୍ଥା । ପୁରୁଷ ଓ ସ୍ତ୍ରୀ ପ୍ରତ୍ୟେକଙ୍କର ହାତରେ ଲମ୍ବା ଲମ୍ବା ଗ୍ଲାସ୍‌ରେ ସୁନେଲୀ ପାନୀୟ । ବାହାରେ ଅବିଶ୍ରାନ୍ତ ବର୍ଷା । ବାଲ୍‌କୋନିର ବାଡ଼ରେ ମୁଁ ଆଉଜିପଡ଼ି ଦୂରକୁ ଚାହିଁଥିଲି । ସଚିବାଳୟ ସମ୍ମୁଖରେ ବିସ୍ତୃତ ରାସ୍ତା ଅତିକ୍ରମ କରି ମୋର ଦୃଷ୍ଟି ନିବଦ୍ଧ ହୋଇଥିଲା - ସମୁଦ୍ରର ତରଙ୍ଗ ରାଶି ଉପରେ । ଆପଣ ଏଠି କାହିଁକି ?

'ଚମକିପଡ଼ି ପଛକୁ ଚାହିଁଲି । ରୁମା ଠିଆ ହୋଇଛି । ଦୁଇହାତରେ ଦୁଇଟା ସରବତ ଗ୍ଲାସ୍ । ପାର ହାତରୁ ଗ୍ଲାସଟିଏ ନେଇଆସିଲି । ରୁମାକୁ ଚୌକିରେ ବସିବାକୁ କହି ମୁଁ ଗୋଟିଏ ଚୌକିରେ

[୪୧] ତତ୍ରୈବ, ପୃ-୫୨

ବସିବାକୁ ଆସିଲି । ବର୍ଷା ମଧ ଜୋର୍‌ରେ ପଡ଼ିବାରୁ ଆମ ଉପରେ ଛିଟା ଆସି ପଡ଼ିଲା । ରୁମାର ଗାଢ଼ ନୀଳରଙ୍ଗର କାଞ୍ଜିବରମ ଶାଢ଼ି ଉପରେ ବର୍ଷା ବିନ୍ଦୁକୁ ଲକ୍ଷ୍ୟ କରି କହିଲି-ତୁମେ ଭିତରକୁ ଯିବ ଯଦି ଯାଅ ରୁମା - ତୁମର ଶାଢ଼ି ଓଦା ହୋଇଯାଇଛି । ଆଖି ତଳକୁ ନୁଆଁଇ ସେ କହିଲା - ସେ କିଛି ନୁହେଁ । ଆପଣ ଯଦି ମୋର ଉପସ୍ଥିତି ନ ଚାହାନ୍ତି ମୁଁ ସେଠାରୁ ଉଠିଯିବି । ମୁଁ ତା' ହାତଧରି କହିଲି ତୁମେ ଆସିଲ, ମୁଁ ଜଣେ ବନ୍ଧୁ ପାଇଲି । ଅବଶ୍ୟ ରୁମାର ବାପା ମୋତେ ନିମନ୍ତ୍ରଣ କରି ଆଣିଛନ୍ତି ଏଠାକୁ - ରୁମା ଯୋଗୁଁ ।'[୪୨]

ମୁଁ ତାହାର ହାତଧରି କହିଲି - ଚାଲ ରୁମା, ସମୁଦ୍ରକୂଳରେ ଟିକିଏ ବୁଲି ଆସିବା । କିନ୍ତୁ ବାହାରେ ବର୍ଷା - ଏପଟେ ଖାଇବାକୁ ଟେବୁଲରେ ବଢ଼ାହେଲାଣି । ମୁଁ ରୁମାକୁ ଚାହିଁଲି - ସତକୁ ସତ ସେ ଦୀର୍ଘ ନିଶ୍ୱାସ ପକାଉଛି । ଆଖିରେ ତା'ର ସମୁଦ୍ରର ଛାୟା । ବିଂଶ ଶତାବ୍ଦୀର ଉଚ୍ଚଶିକ୍ଷିତା ରୁମା ପଟେଲ, ବମ୍ବେ ମହାନଗରୀର ବକ୍ଷରେ ଆନନ୍ଦ ଉତ୍ସବପୂର୍ଣ୍ଣ ଗୃହରେ ଏହି ସୁନ୍ଦରୀ ସୁଶ୍ରୀ ତରୁଣୀ । ରୁମା ସହିତ ମୋର ପରିଚୟ ବିଷୟରେ ମୁଁ ଏପର୍ଯ୍ୟନ୍ତ ଆପଣଙ୍କୁ କିଛି କହିନାହିଁ । ଏତିକି କହିଲେ ଯଥେଷ୍ଟ ହେବ ଯେ, ତାହା ଅତି ଆକସ୍ମିକ, ଆଉ ବୋଧହୁଏ ପ୍ରଥମ ଦେଖାରେ ହିଁ ଆମେ ପରସ୍ପର ପ୍ରତି ଆକୃଷ୍ଟ ହୋଇପଡ଼ିଥିଲୁ ।

ମୋତେ ପୁରୀର ସମୁଦ୍ର ଭଲଲାଗେ । ଆହୁରି ଭଲଲାଗେ କୋଣାର୍କର ସମୁଦ୍ର । ମୁଁ ପଚାରିଲି - ତୁମେ କ'ଣ ପୁରୀ, କୋଣାର୍କ ଯାଇଅଛ ? ରୁମା କହିଲା - ଆପଣ ଏମିତି ଆଶ୍ଚର୍ଯ୍ୟ ହେଲେ ଯେ, ଏ ଦେଶରେ ଯେଉଁଠି ପହଞ୍ଚିଲେ ସମୁଦ୍ରକୁ ଛୁଇଁହେବ । ମୁଁ ସେଠାକୁ ଯିବାକୁ ଚେଷ୍ଟା କରିଛି । ଅବଶ୍ୟ ସବୁ ଜାଗାକୁ ଏ ପର୍ଯ୍ୟନ୍ତ ଯାଇପାରିନାହିଁ । କି ଅଦ୍ଭୁତ, ତୁମେ କ'ଣ ସମୁଦ୍ରକୁ ନେଇ ରିସର୍ଚ୍ଚ କରୁଛ ନା କ'ଣ ? ମୁଁ ଜୋରରେ ପାଦ ପକାଇ ହୋଟେଲକୁ ଆସିଲି ଓ ରୁମା ଜଣେ ଡାକ୍ତର ହୋଇଥିବାରୁ ରୋଗୀସେବା ପାଇଁ ତା'ର ଗନ୍ତବ୍ୟସ୍ଥାନକୁ ଗଲା ବୋଲି ମୁଁ ଭାବିଲି ।

ପରଦିନ ସକାଳେ ପ୍ଲେନ୍‌ରେ ଫେରିବା ପାଇଁ ମୁଁ ବ୍ୟବସ୍ଥା କରୁଥିଲି । ହଠାତ୍ ଟେଲିଫୋନ୍ ବାଜି ଉଠିଲା । ରୁମାର ଫୋନ୍ ଭାବି ମୁଁ ଆଗ୍ରହରେ ଉଠାଇଲି । ମାତ୍ର ରୁମାର ବାପା କହିଲେ, କାଲି ସନ୍ଧ୍ୟାବେଳୁ ରୁମା ସମୁଦ୍ରକୂଳରୁ ଯାଇନାହିଁ । ମୁଁ ଆଶ୍ଚର୍ଯ୍ୟ ହେଲି । ମୁଁ କହିଲି, ସେ

[୪୨] ତତ୍ରୈବ, ପୃ-୫୬

ଫେରିନାହିଁ ! - ସେ କହିଲେ, ହଁ, ଫେରିଛି, ଆମେ ତାକୁ ଫେରାଇ ଆଣିଛୁ । ସାରାରାତି ସେ ବର୍ଷାରେ ପଡ଼ିଥିଲା ଜ୍ଞାନଶୂନ୍ୟ ଅବସ୍ଥାରେ ଡାକ୍ତରମାନଙ୍କ ଚେଷ୍ଟା ସତ୍ତ୍ୱେ । ତା'ର ଜ୍ଞାନ ଫେରିନାହିଁ । ଆମେ ତାକୁ ଏକୁଟିଆ ସମୁଦ୍ର ପାଖକୁ ଛାଡୁନାହୁଁ । ସମୁଦ୍ର ଦେଖିଲେ ସେ ପାଗଳ ହୋଇଯାଏ, ଘରକୁ ଫେରିବାକୁ ଚାହେଁନାହିଁ । କିନ୍ତୁ କାହିଁକି, କାହିଁକି ଏମିତି ହୁଏ ! ମୁଁ ଚିତ୍କାର କରି ଉଠିବାରୁ - ରୁମାର ବାପା କହିଲେ, ସମୁଦ୍ରକୂଳରେ ଶିଶୁ ରୁମାକୁ ଆମେ ପାଇଥିଲୁ । ତା' ମା' ତାକୁ ସେଠାରେ ଛାଡ଼ିଦେଇ ବୋଧହୁଏ ସମୁଦ୍ରରେ ଆତ୍ମବିସର୍ଜନ କରିଥିଲା । ଏହା ରୁମା ଜାଣେନାହିଁ । ସେ ଜାଣେ ସେ ମୋର ଝିଅ । କିନ୍ତୁ ଆଶ୍ଚର୍ଯ୍ୟ ତା'ର ଏହି ସମୁଦ୍ରପ୍ରେମ ।

## (୧୨) ନବଦିଗନ୍ତ :

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର ପ୍ରଥମ ଗଳ୍ପ ସଂକଳନ "କେତୋଟି କଥା"ରେ 'ନବଦିଗନ୍ତ' ଏକ ଗଳ୍ପ । ଏହି ଗଳ୍ପରେ ସେ ଭାରତମାତାଙ୍କ ବିଷୟରେ ତଥା ଲାଲବାହାଦୂର ଶାସ୍ତ୍ରୀଙ୍କର 'ଜୟଜବାନ୍ ଜୟ କିସାନ'କୁ ସୁଚାରୁରୂପେ ପ୍ରତିପାଦନ କରି ପାଠକଙ୍କର ହୃଦୟ ସ୍ପର୍ଶ କରିପାରିଛନ୍ତି ।

'ବୋଉ, ବୋଉ, ବୋଉଲୋ !'

ଡାକ ଶୁଣି, ମଣିକାଞ୍ଚନ ହାଣ୍ଡିଶାଳ ଭିତରକୁ ବାହାରି ଆସିଛନ୍ତି । ଶ୍ରୀକାନ୍ତ ଆଉ ମଣିକାଞ୍ଚନଙ୍କର ମଝିରେ ଅଗଣା । ଖରାଦିନ- ଶ୍ରୀକାନ୍ତ ଅଗଣା ପାରହୋଇ ବୋଉ ପାଖକୁ ଆସୁଛି । ତା'ର ଚାଲିବାର ଭଙ୍ଗୀ ଦଉଡ଼ିଲାଭଳି । ଆଜି ବି ସେ ସେମିତି ପାଟି କରିଉଠେ । ସାତବର୍ଷର ବାଳକ ଶ୍ରୀକାନ୍ତ । ସତେଇଶ ବର୍ଷର ଯୁବକ ଶ୍ରୀକାନ୍ତ ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏନାହିଁ । ବୋଉ, ଦେଖୁଛ କ'ଣ ! ଲଫାପା ଭିତରୁ କାଗଜ ଖଣ୍ଡିକ ବଢ଼େଇଦେଲା ଶ୍ରୀକାନ୍ତ । ବସନ୍ତର ଚିଠିଆସିଛି । ସେ ଫିରୋଜପୁରରେ ଅଛି । ବସନ୍ତ ଅଛି ? ଏକ ଅବିଶ୍ୱାସମିଶା ସ୍ୱରରେ ଯେପରି ନିଜକୁ ନିଜେ ପଚାରୁଛନ୍ତି ମଣି, ମୋ ପାଖରେ ଚଷମା ନାହିଁ, ତୁ ପଢ଼ି ଶୁଣାଇଦେ ।

'ଶ୍ରୀକାନ୍ତ ଚିଠି ପଢ଼ିବା ପାଇଁ ଆରମ୍ଭ କଲା, "ବୋଉଲୋ-ଯୁଦ୍ଧ କ୍ଷେତ୍ରରୁ ତୋ ପାଖକୁ ଏ ଚିଠି ଲେଖୁଛି । ପିଲାଟିଦିନରୁ ତୁ ମୋତେ ବାପାଙ୍କ କଥା ଶୁଣାଇଛୁ । ବାପାଙ୍କର ଆଦର୍ଶରେ ଜୀବନକୁ ଆମେ ଗଢୁ । ଏଇଆ ଖାଲି ବାପାଙ୍କର ଇଚ୍ଛା ନଥିଲା, ତୋର ବି ଇଚ୍ଛା ବୋଲି ମୋ ମନରେ ଧାରଣା ହୋଇଗଲା । ତୁ ତ ଜୀବନର ଆରମ୍ଭରୁ ଯୁଦ୍ଧ କରୁଛୁ, ଅଭାବ, ଅନଟନ

ସାଙ୍ଗରେ, ଦୁଃଖ ସାଙ୍ଗରେ । ପୁଣି ଆମକୁ ମଣିଷକରି ଠିଆ କରିବା ପାଇଁ ବି ତୁ କମ୍ ସଂଗ୍ରାମ କରିନାହୁଁ । ସମ୍ମୁଖରେ ରଣକ୍ଷେତ୍ରରେ ଗୁଳିଗୁଳାର ଶବ୍ଦରେ କାନ ଫାଟିଯାଉଛି । ଚିଠି ଲେଖିବାର ବେଳ ଏ ନୁହେଁ । ଆଉ କେତେ ମିନିଟ୍ ପରେ ମୋର ଅଧିନାୟକତ୍ୱରେ ଗୋଟିଏ ସୈନ୍ୟଦଳ ଆଗକୁ ଆଗକୁ ମାଡ଼ି ଚାଲିବେ । ତା'ପରେ ଆଉ ଚିଠି ଲେଖିବାକୁ ସମୟ ନଥିବ କି ଅବସ୍ଥା ନଥିବ । ସେଥିପାଇଁ କହିଦେଇ ଯାଉଛି, ତୋର ପୁଅ ଆଉ ତା'ର ସାଥୀମାନେ ଅସୀମ ବୀରତ୍ୱ ସହକାରେ ଶତ୍ରୁ ସୈନ୍ୟ ସାଙ୍ଗରେ ଲଢୁଛନ୍ତି । ତାଙ୍କର ବୀରତ୍ୱ, ତ୍ୟାଗ ଆଉ ଦେଶପ୍ରେମ ସାଙ୍ଗରେ ବିଦେଶର ଅତି ଆଧୁନିକ ଅସ୍ତ୍ରଶସ୍ତ୍ର ତୁଚ୍ଛ ହୋଇଯାଉଛି । ଗୋଟିଏ ଗୋଟିଏ ଭାରତୀୟ ସୈନ୍ୟ ସହିତ କୋଡ଼ିଏରୁ ଶତ୍ରୁ ସୈନ୍ୟ ମଧ୍ୟ ସମକକ୍ଷ ହୋଇପାରୁନାହାନ୍ତି । ବାପା ଯେଉଁ ସ୍ୱାଧୀନତା ଆଣିବାକୁ ପ୍ରାଣ ଦେଲେ, ସେହି ସ୍ୱାଧୀନତାକୁ ରକ୍ଷା କରିବାକୁ ଯାଇ ମୁଁ ଯଦି ପ୍ରାଣ ଦିଏ, ତୁ କାନ୍ଦିବୁ ନାହିଁ । ମୁଁ କେଡ଼େ ଗର୍ବ ଅନୁଭବ କରୁଛି, ତୁ ଜାଣୁ ! ଦୁର୍ଗା ମା'ଙ୍କର ଯେଉଁ ଆଶୀର୍ବାଦ ଫୁଲ ତୁ ପଠାଇଥିଲୁ, ତାହା ମୋ ପାଖରେ ଅଛି । ଆମର ବିଜୟ ସୁନିଶ୍ଚିତ । ତୋ ସହିତ ମୋ ଦେଶ ଜନନୀକୁ ପ୍ରଣାମ ଜଣାଉଛି । ଜୟହିନ୍ଦ୍ ।'[୪୩]

ମଣିକାଞ୍ଚନ ଏପରି ଏକ ଚିଠି ପାଇଥିଲା - ୧୯୪୨ ମସିହାରେ ସ୍ୱାମୀଙ୍କ ଠାରୁ । ଇଂରେଜ ସରକାରଙ୍କର ଦ୍ୱାରା ବନ୍ଦୀ ହୋଇ ସେ ସେତେବେଳକୁ କେତେ ବୟସ ହୋଇଥିଲା ମଣିକାଞ୍ଚନକୁ ! ଶ୍ରୀକାନ୍ତକୁ ମାତ୍ର ତିନିବର୍ଷ ହେବ । ଆଉ ବସନ୍ତ ଧରାର ଆଲୋକ ଦେଖିବା ପାଇଁ ସେତେବେଳେ ସେ ଅପେକ୍ଷା କରିଛି ମଣିକାଞ୍ଚନଙ୍କ ଗର୍ଭ ଭିତରେ । ବିଧବା ଶାଶୁ ମଣିକାଞ୍ଚନକୁ ଘରର ଲକ୍ଷ୍ମୀ ବୋଲି ଡାକନ୍ତି ଏବଂ ସଦାକୁ ସମ୍ଭାଳିବା ପାଇଁ କୁହନ୍ତି । ମଣିକାଞ୍ଚନର ସ୍ୱାମୀ ସଦାବ୍ରତ । ମଣିକାଞ୍ଚନ ସର୍ବଦା ସଦାନନ୍ଦଙ୍କୁ ସାହାଯ୍ୟ କରିଥାନ୍ତି ।

ପୋଲିସ୍ ମାଡ଼ରେ ଆହତ ହୋଇ ସଦାବ୍ରତ ଯେତେବେଳେ ଘରକୁ ଫେରିଲେ ତାଙ୍କୁ ଆଉ ଚିହ୍ନିବାର ଉପାୟ ନଥିଲା । ମଣି ତାଙ୍କର ସେବା ଶୁଶ୍ରୁଷା କରିଥିଲେ । ସମ୍ପୂର୍ଣ୍ଣ ଆରୋଗ୍ୟ ହେବା ପୂର୍ବରୁ ପୁଣି ଯେବେ ତାଙ୍କୁ ବନ୍ଦୀ କରି ନିଆଗଲା, ତାଙ୍କର ଶେଷକଥା କହିଥିଲେ ଯେ, ପିଲାମାନଙ୍କୁ ଦେଶକାମରେ ଉଦ୍‌ବୁଦ୍ଧ କରିବ । ମୋର କଥା ସେମାନଙ୍କୁ ମନେପକାଇ ଦେଉଥିବ । ବୋଧହୁଏ ଏହା ଥିଲା ତାଙ୍କର ଶେଷ ଦେଖା ।

[୪୩] ତତ୍ରୈବ, ପୃ-୬୩-୬୪

ବୋଉ କାଲି ରେଡ଼ିଓରେ ଲାଲ୍‌ବାହାଦୂର ଶାସ୍ତ୍ରୀ ଦେଶବାସୀଙ୍କୁ କହୁଥିଲେ - ଯେଉଁମାନେ ସମ୍ମୁଖ ରଣାଙ୍ଗନରେ ଲଢୁଛନ୍ତି, ସେମାନେ ଦେଶର ଯେତିକି ଗୌରବ, ଯେଉଁ ଚାଷୀମାନେ ଦେଶକୁ ଖାଦ୍ୟ ଯୋଗାଇବା ପାଇଁ ମୁଣ୍ଡଝାଳ ତୁଣ୍ଡରେ ମାରି କାମ କରି ଯାଉଛନ୍ତି, ସେମାନେ ମଧ୍ୟ ଦେଶର ସେତିକି ଗୌରବ । ମଣିକାଞ୍ଚନ ପୁଅ ଶ୍ରୀକାନ୍ତ ମୁଣ୍ଡରେ ହାତ ବୁଲାଇଲେ । ବସନ୍ତ ଭଳି ସେ ମଧ୍ୟ ଦେଶପାଇଁ ଲଢୁଛି । ବାପାଙ୍କର ଶେଷ ଇଚ୍ଛା ପୂରଣ କରିଛି । କୃଷିବିଦ୍ୟାରେ ଡିଗ୍ରୀ ହାସଲ କରି ନିଜ ଗାଁର ସଶ୍ୟକ୍ଷେତ୍ରକୁ ଉତ୍ପାଦନ ବଢ଼ାଇବାକୁ ଚେଷ୍ଟା କରୁଥିଲା । ସମବାୟ ସମିତିର ସଭ୍ୟମାନେ ଘର ଭିତରକୁ ପଶିଆସି କହିଲେ ଶ୍ରୀକାନ୍ତ ଭାଇ, ଶାସ୍ତ୍ରୀଜୀଙ୍କର ନୂଆ ସ୍ଲୋଗାନ୍ ଶୁଣିଲଣି ! ଜୟ ଜବାନ୍, ଜୟ କିଷାନ୍ । ଏହା ହିଁ ଥିଲା ନବଦିଗନ୍ତ ।

## (୧୩) ମନଗହ୍ୱର :

ଗାଳ୍ପିକା ନନ୍ଦିନୀ ଶତପଥୀ ତାଙ୍କର ଗଳ୍ପ ସଂକଳନ "କେତୋଟି କଥା"ରେ 'ମନଗହ୍ୱର' ବୋଲି ଏକ ଗଳ୍ପ ରଚନା କରିଅଛନ୍ତି । ମୁଖ୍ୟତଃ ଜଣେ ନାରୀର ମାନସିକ ସ୍ଥିତିକୁ ସେ ପାଠକପାଠିକାମାନଙ୍କ ନିକଟରେ ଉପସ୍ଥାପନା କରିଛନ୍ତି । ଯାହା ବେଶ୍ ପ୍ରଣିଧାନଯୋଗ୍ୟ ଓ ହୃଦୟସ୍ପର୍ଶୀ ।

ଆଖିରେ ତା'ର ସ୍ୱପ୍ନ ଭରିଯାଉଥିଲା - ଆଉ ମନରେ ଥିଲା ମଧୁ । କେତେ ରଙ୍ଗୀନ କଳ୍ପନା ପ୍ରାଣ ପୁଲକାଇ ଦେହ ଉଲୁସାଇ ଦେଇ ଚାଲିଯାଉଥିଲା । ଆଶା ତା'ର ପୂରଣ ହେବ ଦିନେ, ଆଜି ହେଉ ଅବା କାଲି ହେଉ । ବିଳମ୍ବ ହେଉ ବା ଶୀଘ୍ର ହେଉ । ସ୍ୱପ୍ନ ତା'ର ବାସ୍ତବ ରୂପ ନେବ । ସମୟ ଗଡ଼ଇଚାଲିଛି, କେତେ ଗ୍ରୀଷ୍ମ, ବର୍ଷା ଓ ଶୀତ ଅତୀତ ହୋଇଯାଇଛି । ପୁରୁଣା ତା'ର ଏହି ଦେହଟାରେ କେହି ତେବେ ଆଉ ଆସିଲେନି ନୂତନ ରଙ୍ଗ ସମ୍ଭାରର ସ୍ପର୍ଶ ଦେବାକୁ । ଅତ୍ୟନ୍ତ ଭାରି ମୁଣ୍ଡଟାକୁ ଥରକ ପାଇଁ ଉଠାଇ ଆଗକୁ ଦୃଷ୍ଟି ନିକ୍ଷେପ କଲା ବାସନ୍ତୀ ।

ସମ୍ମୁଖରେ ଅପାର ନୀଳ ପାରାବାର, କେଉଁ ପ୍ରିୟର ପ୍ରତୀକ୍ଷାରେ ଅଛି ଏହି ସାଗର । ଉଚ୍ଛ୍ୱସିତ ସାଗରର ଏକ ପ୍ରଶାନ୍ତ ମୂର୍ତ୍ତି । ଆକାଶ ତାକୁ ସ୍ପର୍ଶ କରିଅଛି ଦିଗନ୍ତରେ । ସେଠି ଆକାଶ ଶାନ୍ତ, ଆଉ ଶାନ୍ତ ଏହି ସାଗର । ତେବେ କ'ଣ ଆଜିଯାଏ ବାସନ୍ତୀର ଉଚ୍ଛ୍ୱାସ ଶାନ୍ତ ହୋଇନାହିଁ । ଏତେ ଗଭୀର ହତାସ୍ କ'ଣ ତା'ର ଦେହ ଓ ମନକୁ ପ୍ରଶାନ୍ତ କରିପାରିନାହିଁ । ବୋଧହୁଏ ନା । ସେଥିପାଇଁ ବୋଧହୁଏ, ତା'ପାଇଁ ମିଳନର ଦିଗନ୍ତ ଆଜି ବହୁ ଦୂରରେ । ପାଖ ହୋଟେଲରେ ଦଳ ଦଳ

ଲୋକ । ସାନ ସାନ ପିଲା ଡେଇଁ ଚାଲିଛନ୍ତି ବାଲି ଉପରେ ସମୁଦ୍ରରେ ସ୍ନାନ କରିବାକୁ । ସମୁଦ୍ର ବାଲିରେ ବସିଛନ୍ତି ନବଦମ୍ପତ୍ତି ଓ କେଉଁଠି ପ୍ରେମିକ ପ୍ରେମିକା । ତଳୁ ଜଣେ ଭଦ୍ରଲୋକ ମୁଣ୍ଡ ଟେକି ଝରକା ଆଡ଼କୁ ଅନେଇଲେ - ଅପା ଚା' ଆଣିଛି । ବହୁ ପୁରାତନ ଭୃତ୍ୟ ରଘୁ, ଝରକା ଆଡ଼କୁ ଅନେଇଲେ । ସେହି ଚା' ଜଳଖିଆ ପାଇଁ ଅପାଙ୍କୁ ଡାକୁଛି । ବାସନ୍ତୀ, ରଘୁକୁ କହୁଛି- ତୋତେ ପରା ମନା କରିଥିଲି ଅପା ନ ଡାକି ମା' ଡାକିବୁ ବୋଲି । ମୁଁ ତ ଘରର ସର୍ବେସର୍ବା ।

ଏଥର ମନକୁମନ ହସି ଉଠିଲା ବାସନ୍ତୀ । କ'ଣ ତା'ର ଅଭାବ । ଶିକ୍ଷାଦୀକ୍ଷାର ଅଭାବ ନାହିଁ । ବୟସ ଚାଳିଶ ଛୁଇଁବ ଛୁଇଁବ । ମଧ୍ୟ ଯୌବନ ଯେପରି ତା'ଠାରୁ ବିଦାୟ ନେବାକୁ ସଂପୂର୍ଣ୍ଣ ଅନିଚ୍ଛୁକ । ଆଉ ଧନ ସମ୍ପତ୍ତି, ବାପା ତାକୁ ଯାହା ଦେଇଛନ୍ତି ବସି ଖାଇଲେ ସରିବନି । ଚା' ପିଇସାରି ବାଥ୍‌ରୁମ୍‌କୁ ପଶିଲା ଓ ନିଜର ପୋଷାକ ପରିଷ୍କାର ପରିଚ୍ଛନ୍ନ କରିଦେଲା । ନୂତନ ବସ୍ତ୍ର ପରିଧାନ କଲା । ଏଥର ପୁଣି ସେହି ଝରକା ଦେଇ ବାହାରକୁ ଚାହିଁ ରହିବାର ପାଳି । ଅତ୍ୟନ୍ତ କର୍ମହୀନ ନିରୁଦ୍‌ବିଗ୍ନ ଜୀବନ ଖିଏ । ଆଃ ! ବଡ଼ ଅସହ୍ୟ । ଦୀର୍ଘନିଶ୍ୱାସ ପକାଇଲା ବାସନ୍ତୀ । ପାଖର ପଡ଼ିଶାମାନେ ସ୍ୱାମୀ ସୋହାଗିନୀ, ସନ୍ତାନର ଜନନୀ, ଅଥଚ ସେ ! ନିଜେ, ରୂପ, ଧନ, ଶିକ୍ଷା ସବୁ ଥାଇ ବି କିଛି ନାହିଁ ତା'ର ।

'ଅଳ୍ପଦୂରରେ ସ୍ୱଳ୍ପ ପରିଚ୍ଛଦାପୂର୍ଣ୍ଣ କେହି ଜଣେ ତରୁଣ ସ୍ନାନ ଉଦ୍ଦେଶ୍ୟରେ ଅଗ୍ରସର ହେଉଛି- ସମୁଦ୍ର ଆଡ଼େ । ଚାଲିବାର ଭଙ୍ଗୀ ବେଶ୍ ଦୃପ୍ତ । ଗୋରା ତକ୍‌ତକ୍ ଚେହେରା । ହଠାତ୍ କ'ଣ ଭାବି ପଛକୁ ମୁହଁ ଫେରାଇଲା ବାସନ୍ତୀ । ପରେ ସେ ବାଲି ଉପରେ ପାଦ ଥାପି ଥାପି ନିକଟତର ହେଲା ସେହି ଯୁବକଙ୍କର । ଠିକ୍ ତା'ର ପଛପଟେ ବାସନ୍ତୀ ଆଣ୍ଠେଇପଡ଼ି କହିଲା, ଆ ! ମରିଗଲି । ଯୋଜନା କାର୍ଯ୍ୟକାରୀ ହେଲା । ଯୁବକଟି କହିଲା, କ'ଣ ହେଲା ? ବାସନ୍ତୀ ଦେଖେ ତ ସେ ତା'ର ବଡ଼ଭାଇ ପୁଅ ସୌମିତ୍ରୀ । ଅପା କ'ଣ ହେଲା ? ନାଇଁ ତୁ ଯା' ଗାଧୋଇବୁ । ରାତ୍ରୀରେ ନଖାଇ ବାସନ୍ତୀ ଶୋଇ ରହିଅଛି ।'[୪୪]

ସକାଳୁ ରଘୁ ଚା' ନେଇକରି ଆସି ସବୁ ଝରକା ବନ୍ଦ ଥିବାର ଦେଖି ଚାଲିଗଲା । ଆଠଟା ବାଜିଲା-ବାସନ୍ତୀ ବହୁଦୂରରେ ଚାଲିଯାଇଛି । ରଘୁ ବାସନ୍ତୀର ବଡ଼ଭାଇର ପରିବାରକୁ ଖବର ଦେଲା । ଭାଇ-ଭାଉଜ ନୁହେଁ, ବନ୍ଧୁବାନ୍ଧବ ମଧ୍ୟ ଆସିଲେ । ସମସ୍ତଙ୍କର ପ୍ରଶ୍ନ - ବାସନ୍ତୀ ତା'ର

[୪୪] ତତ୍ରୈବ, ପୃ-୭୧-୭୨

ଏତେଗୁଡ଼ିଏ ସ୍ଥାବର, ଅସ୍ଥାବର ସମ୍ପତ୍ତି କାହାକୁ ଦେଇଗଲା ! ଯେଉଁ ଡାକ୍ତରଙ୍କୁ ରଘୁ ଡାକି ଆଣିଥିଲା, ସେ ମତ ଦେଇଥିଲେ ଯେ, ଅତ୍ୟଧିକ ମାନସିକ ଉତ୍ତେଜନା ବଶତଃ ବାସନ୍ତୀଙ୍କର ମୃତ୍ୟୁ ଘଟିଛି । ସୌମିତ୍ରୀର ମା'ର ଆଖି ଦେଖିଲା, ସୌମିତ୍ରୀର ନାମଲେଖା ଏକ ଲଫାପା । ସେ ଚିଠି ପଢ଼ି ଦେଖିଲା ଯେ, ସେସବୁ ସୌମିତ୍ରୀର ନାମରେ ଉଇଲ୍ କରି ଯାଇଛନ୍ତି ।

ମୃତ ପିଉସୀଙ୍କର ନୀଳଭ ମୁଖମଣ୍ଡଳରେ ଶେଷଥର ପାଇଁ ଦୃଷ୍ଟିଦେଇ ଅପସରି ଯାଉଥିଲା ସୌମିତ୍ର ।

## (୧୪) ଡାକଘର ହେବା ନୋହିଲା :

ଗାଳ୍ପିକା ନନ୍ଦିନୀ ଶତପଥୀ ତାଙ୍କର ଗଳ୍ପ ସଂକଳନ "କେତୋଟି କଥା"ରେ 'ଡାକଘର ନୋହିଲା' ଏକ ଗଳ୍ପ ପାଠକ ପାଠିକାଙ୍କ ନିକଟରେ ଉପସ୍ଥାପନା କରିଅଛନ୍ତି । ପଦ୍ମପୁର ଗାଁରେ ଗୋଟିଏ ଡାକଘର ବସାଇବା ପାଇଁ ସରକାର ଅନୁମତି ଦେଇଛନ୍ତି । ମାତ୍ର ପୋଷ୍ଟମାଷ୍ଟର ପଦବୀକୁ ନେଇ ଗାଁରେ ଗଣ୍ଡଗୋଳ ଦୁଇଗୋଷ୍ଠୀଙ୍କ ମଧ୍ୟରେ ହେବାଯୋଗୁଁ ଡାକଘର ହୋଇପାରି ନଥିଲା । ଏହା ଥିଲା ଏହି ଗଳ୍ପର ମୁଖ୍ୟ ସାରକଥା ।

ପଦ୍ମପୁର ମୌଜାଖଣ୍ଡ ଆଜି ଉଠୁଛି ପଡୁଛି । ଠା'କୁ ଠା' ଦଳ ଦଳ ଲୋକ ଠିଆହୋଇ କ'ଣ ଟୁପୁଟାପ ହେଉଛନ୍ତି । ଡେଙ୍ଗୁରାବାଲା ଗାଁରେ ଡେଙ୍ଗୁରା ଦେଇ ଆଜି ସନ୍ଧ୍ୟାରେ ମଧୁ ପଧାନଙ୍କର ଦାଣ୍ଡ ପିଣ୍ଡାରେ ଡାକଘର ହେବାପାଇଁ ବୈଠକ ହେବ ବୋଲି କହୁଥିଲା । ଗାଁରେ ଉପର ସାହିରେ ଫକୀର ମିଶ୍ର ଟିକିଏ ଜାଣିବା ଶୁଣିବା ଲୋକ । ଗଲାସନ ସେ କଟକରୁ ମାଟ୍ରିକ୍ ପାଶ କରି ଆସି ଗାଁରେ ରହିଛି । ଏ ପାଖ ଆଖ ଗାଁରେ ତା' ଭଳି ଶିକ୍ଷିତ ଲୋକ କେହି ନଥିବାରୁ ଭଲ ମନ୍ଦ, ଲୋକମାନେ ତା' ପାଖକୁ ବୁଝିବାକୁ ଆସନ୍ତି । ମାତ୍ର ମଧୁ ପ୍ରଧାନଙ୍କର ଭଳି ପୁରୁଖା ଲୋକ ଫକୀରଟାକୁ ଜମା ପାସଙ୍ଗରେ ପକାନ୍ତି ନାହିଁ । ଫକୀର-ପାଣୁଆକୁ କହିଲା, ତୋତେ କିଏ କହିଛି ଡେଙ୍ଗୁରା ଦେବାପାଇଁ, ସୁନାପୁଅ ଭଳି ଘରକୁ ଯାଆ । ପାଣୁଆ ଡରିବା ଲୋକ ନୁହେଁ । ମଧୁ ପଧାନର ସେ ପୁରୁଣା ଲୋକ । ଭାରି ନିମକସଚା । କ'ଣ କହିଲ ଫକୀର ସାଆନ୍ତେ-ଡେଙ୍ଗୁରା ବାଡ଼େଇବିନି, ଏହା କ'ଣ ତୁମ ଦାଣ୍ଡକି ? ଫକୀର ମଧ ଅଣ୍ଟାରେ ଗାମୁଛା ପକାଇ ଦାଣ୍ଡରେ ତା' ସାଙ୍ଗରେ ପାଟି କଲା । ଗାଁ ଲୋକ କଳି ଭାଙ୍ଗିଲେ, ଏଥିରେ ଫକୀର ଲଜ୍ଜିତ ହେଲା ।

'ସେଠାରେ ଥିବା ମଦନା କହିଲା, ଫକୀର ଭାଇନା, ତୁମେ ଜାଣିନ ପରା । ଡାକଘରକୁ ବଡ଼ ସାହବ ଆଜି ସକାଳୁ ଆସି ଆମ ଗାଁରେ ମଧୁପଧାନ ଘରେ ରହିଛନ୍ତି । ମୋତେ ଲାଗୁଛି ସେହି ଏହି ସଭା ଡାକୁଛନ୍ତି । ଫକୀର ଟିକିଏ ଦବି ଗଲା । ଏତିକିବେଳା କଳି କରିବା ଠିକ୍ ହେବନି । ଡାକଘରଟା ବସାଇବା ପାଇଁ ସେ କେତେ ଦଉଡ଼ାଦଉଡ଼ି କରିଛି । କେତେ ଲୋକଙ୍କ ଠାରୁ ଦସ୍ତଖତ ଆଣିଛି । ତା' ବିରୁଦ୍ଧରେ ଗାଁ ବାଲା ଏକାଠି ହୋଇ ବୁଢ଼ା ବଇସମଟାକୁ ପୋଷ୍ଟମାଷ୍ଟର କରିଦେବେ ବୋଲି ଚିନ୍ତା କରିଛନ୍ତି । ନା, ଫକୀର ଥିବାଯାଏ ଏକଥା କରେଇଦେବ ନାହିଁ । ସେ ଭାବିଲା ଡାକ ସାହେବକୁ ସବୁକଥା କହିଦେବ । ଫକୀର ବଇଦକୁ କହିଲା-ଚାଲ ଗାଁ ଲୋକଙ୍କୁ ଡକାଡକି କରି ଡାକସାହେବଙ୍କର ପାଖରେ ଠିଆହେବା । ଅନେକ ଦିନୁ ଫକୀର ମଦନକୁ କଥାଦେଇଛି – ସେ ପୋଷ୍ଟମାଷ୍ଟର ହେଲେ ମଦନକୁ ପୋଷ୍ଟପିଅନ କରିଦେବ ।'[୪୫]

ସନ୍ଧ୍ୟାବେଳକୁ ଚଉପାଢ଼ୀରେ ଗାଁ ଲୋକ ଜମା ହୋଇଗଲେ । ମଝିରେ ଖଣ୍ଡିଏ ଚଉକି ପଡ଼ିଛି । ତା' ପାଖରେ ବସିଛନ୍ତି ଡାକସାହେବ । ସଭା ଆରମ୍ଭ ହେବା ପରେ ଡାକ ସାହେବ ଚୌକିରୁ ଉଠି କହିଲେ ଗାଁରେ ଡାକଘର ହେବା ପାଇଁ ସରକାରୀ ଅର୍ଡର ମିଳିଅଛି । କିନ୍ତୁ ଗାଁରେ କଳିତକରାଳ ଲାଗି ପୋଷ୍ଟମାଷ୍ଟର ପଦବୀକୁ ନେଇ ମୋ ପାଖରେ ଅନେକ ଦରଖାସ୍ତ ପହଞ୍ଚିଲାଣି । ସେ ସବୁର ଗୋଟିଏ ମୀମାଂସା ନହେଲେ ଡାକଘର ବସିପାରିବ ନାହିଁ । ସେଥିପାଇଁ ତୁମମାନଙ୍କୁ ମୁଁ ଏଠାକୁ ଡାକିଛି ।

ଫକୀର ଠିଆହୋଇ କହିଲା-ଆଜ୍ଞା, ଡାକଘର ପାଇଁ ମଞ୍ଜୁରୀ ମିଳିବାକୁ ମୁଁ ଅନେକ ଚେଷ୍ଟା କରିଛି । ଗାଁ ଲୋକଙ୍କୁ ପଚାରନ୍ତୁ, ମୁଁ ମାଟ୍ରିକ୍ ପାସ୍ କରିଛି । ମୋତେ ପୋଷ୍ଟମାଷ୍ଟର ନକଲେ, ଲୋକେ ଅସନ୍ତୁଷ୍ଟ ହେବେ । ଡାକସାହେବ ହସି କହିଲେ ବସ । ବଇଶମ ବୁଢ଼ାପୁଅ ଶରତ, ଗାଁ ସ୍କୁଲରେ ଶିକ୍ଷକ, ପରିବାର ବଡ଼ଯୋଗୁଁ ସେ ନିଜ ବାପାଙ୍କୁ ପୋଷ୍ଟମାଷ୍ଟର କରିବା ପାଇଁ ପ୍ରସ୍ତାବ ଦିଏ । ଶରତର କଥା ନସରୁଣୁ ମଦନା ପାଟିକରି ଉଠିଲା – କାଲବୁଢ଼ା ଭାରି ଦାୟିତ୍ୱ ନେବ ! ମଶାଣିକୁ ବାଟ ଖୋଜିଲାଣି... । ଶରତର ଦଳ ପାଟିକରି ଆସିଲେ କିଏରେ ସେ କହିଲା – କାଲବୁଢ଼ା ! ମଦନା ବି ତା' ଦଳ ଧରି ଓହ୍ଲେଇ ଆସିଲା । ଡାକସାହେବ ମନା କରୁକରୁ ଦୁଇଦଳ ମଧ୍ୟରେ ହାତ ଉଠାଉଠି ହୋଇଗଲା । ମାଡ଼ ଭୟରେ ଡାକସାହେବ ସଭାଛାଡ଼ି ପଳାଇଗଲେ ।

[୪୫] ତତ୍ରୈବ, ପୃ-୭୫-୭୬

ପ୍ରଧାନେ ଘର ଭିତରକୁ ଉଠିଗଲେ । ନବେ ବରଷର ବୁଢ଼ୀମା ଘର ଭିତରେ ଗୋଡ଼ ଲମ୍ବାଇ ବସିଥିଲା - ଶବ୍ଦବାରି କହିଲା - ସଭାରେ କ'ଣ ହେଲାକିରେ ବାପା ?

ଚାଲି ଯାଉଯାଉ ପ୍ରଧାନ କହିଲେ-ନାଇଁ ବୋଉ, ଏ ଗାଁରେ ଡାକଘର ନୋହିଲା ।

## (୧୫) ଟେଲିଗ୍ରାମ୍ :

ଟିଂ...ଟିଂ...ଟିଂ...

ସବୁଦିନ ପରି ଆଜି ମଧ୍ୟ ସେ ଦାଣ୍ଡକୁ ଦୌଡ଼ିଗଲା ସାଇକେଲ ଘଣ୍ଟି ଶୁଣି । ଦାଣ୍ଡ ପାଖରେ ଠିଆହୋଇ ପଚାରିଲା - କ'ଣ ? ଟେଲିଗ୍ରାଫ୍ ପିଅନ ଇତଃସ୍ତତ ହେଲା । ସେ କିନ୍ତୁ ଦଣ୍ଡାୟମାନ । ବାବୁଙ୍କୁ କୁହ ଟେଲିଗ୍ରାମ ଆସିଅଛି । ବୈଠକଖାନାରୁ ଟେଲିଗ୍ରାମ ଶୁଣି ସୁରବାବୁ ବାହାରକୁ ପଳାଇ ଆସିଲେ । ସେଇଟା କ'ଣ ଆସିଛି-ବାପା ! ବାପା ନିରୁପାୟ । ଅନେକ ସମୟ ପରେ କହିଲେ- ଆଜି ଆମକୁ ଯିବାକୁ ହେବ ।

ପନ୍ଦର ବର୍ଷର ଝିଅ ସେ, ଦେଖିବାକୁ ଭଲ । ନାଁଟି ମଧ୍ୟ ଜ୍ୟୋସ୍ନା, ମୁହଁଠାରୁ ପାଦପର୍ଯ୍ୟନ୍ତ ଖୁଣଟିଏ ବାହାର କରିବା କଠିନ । କିନ୍ତୁ ମଣିଷ ଜୀବନରେ ଶ୍ରେଷ୍ଠବସ୍ତୁ ତା'ର ଅଭାବ । ଅତି ପିଲାବେଳୁ କୌଣସି ଭୟଙ୍କର ରୋଗରେ ତା'ର ସ୍ମୃତିଶକ୍ତି ଲୋପପାଇଛି । କିଛି ବୁଝେନି, କିଛି ଭାବେନି । ଖୁସିରେ କୁହେ - ମା ମୁଁ ଆଜି ରାନ୍ଧିବି, ତୁମେ ଯାଇ ଆଜି ବସିବ । ଅପାର ଶାଢ଼ି ପ୍ରତି ମୋର ଠିକ୍ ସେହିପରି ଶାଢ଼ି ଆଣିବ, ଅପାର ପାଉଁଡର ପରି ମୋର ଆଣିବ ଇତ୍ୟାଦି । ବାପାଙ୍କ ନିକଟରେ ତା'ର ସର୍ବଦା ଅଳି । କିନ୍ତୁ ସବୁଥିରେ ଖୁସିହୁଏ ।

ବାପାଙ୍କର ବଦଳି ହେଲା । ଟେଲିଗ୍ରାମ ଆସିଲା । ଶୀଘ୍ର କର୍ମସ୍ଥାନରେ ଯୋଗଦେବା ପାଇଁ । ସ୍ତ୍ରୀ କିନ୍ତୁ ଯିବେ କିପରି ? ତାଙ୍କର ଶରୀର ଅସୁସ୍ଥ । ଶେଷରେ - ସୁରବାବୁ ଦୁଇଟି ଝିଅ ଓ ବଡ଼ପୁଅଟିକୁ ଧରି ବାହାରିଲେ । ସ୍ତ୍ରୀଙ୍କ ପାଖରେ ରହିଲେ ବଡ଼ଝିଅ ଓ ମଝିଆଁ ପୁଅ । 'ଦୋ' ସୁରବାବୁଙ୍କ ସାଙ୍ଗରେ ଯାଉ ବୋଲି କାହାର ଇଚ୍ଛା ନଥିଲା । ସେ ଗଲେ ଭାରି ହୈରାଣ । କିଛି ଶୁଣିବନି କି ବୁଝିବନି, ଯାହା ଦେଖିବ ସେଇଆ ପାଇଁ ଜିଦ୍ କରିବ । ଯିବାର ସବୁ ଯୋଗାଡ଼ କରାଗଲା । ଜିନିଷପତ୍ର ମଧ୍ୟ ବନ୍ଧାବନ୍ଧି ସରିଲା । ଗାଡ଼ି ଆସି ଦୁଆର ମୁହଁରେ ଠିଆହେଲା । ସମସ୍ତେ ଗାଡ଼ିରେ ଚଢ଼ି ଦେଖିଲେ 'ଜୋ' ଗାଡ଼ିର ଚକାଟିକୁ ଧରି ଶୋଇ ରହିଛି । ସେ ଯିବାପାଇଁ

ଜିଦ୍ ଧରିଲା । ଅନେକ ତର୍କବିତର୍କ ପରେ ତାକୁ ନେଇଯିବା ପାଇଁ ସ୍ଥିର କରାଗଲା । 'ଜୋ' ଆନନ୍ଦରେ ଗାଡ଼ିଭିତରେ ଚଢ଼ିଲା । ମା' ବଡ଼ପୁଅକୁ କହିଲେ- 'ଜୋ' ତୋତେ ଲାଗିଲା । ତାକୁ ଟାଣକଥା କହିବୁନି । 'ଜୋ' ରେଳଗାଡ଼ି ଭିତରେ ବସି ତାକୁ ଭାରି ଖୁସି ଲାଗିଲା ।

କିଛିଦିନ ପରେ...

'ଲାଲ ସାଇକେଲରୁ ଓହ୍ଲାଇ ପିଅନ ଡାକିଲା - ଟେଲିଗ୍ରାମ୍ ନିଅ । 'ଜୋ' ଭାବିଲା ପୁଣି ରେଳରେ ଚଢ଼ିବା ମଜା କରିବା । ସୁରବାବୁଙ୍କର ଛାତି ଧଡ଼କରି ହେଲା । ଆଜି କି ଟେଲିଗ୍ରାମ ! ବଡ଼ପୁଅକୁ ଡାକି ସୁରବାବୁ କହିଲେ- ମା' ଦେହ ଭୀଷଣ ଖରାପ । ଆଜି ଘରକୁ ଯିବାକୁ ହେବ । ପୁଣି ଜିନିଷପତ୍ର ବନ୍ଧାବନ୍ଧି ହେଲା । 'ଜୋ' ମା' ଦେହ ଖରାପ ଶୁଣି କାନ୍ଦିଲା ଓ ପରେ ସବୁ କାମଦାମ କଲା । ସେ ଜାଣିଥିଲା - ଟେଲିଗ୍ରାମ ଅର୍ଥ ରେଳଗାଡ଼ିରେ ବସି ଯିବା ଓ ମଜା କରିବା। ମାତ୍ର ସୁରବାବୁ ଏଥର 'ଜୋ'କୁ ନେବାପାଇଁ ଇଚ୍ଛା କଲେନାହିଁ । ମାଉସୀ ତାଙ୍କ ପାଖରେ ଏଠାରେ 'ଜୋ'କୁ ଛାଡ଼ିଦେଇ ଯିବାପାଇଁ ପ୍ରସ୍ତାବ କଲେ । ସୁରବାବୁ ତାକୁ ସେଠାରେ ଏକୁଟିଆ ରଖିବାକୁ ରାଜିହେଲେ ନାହିଁ । ଶେଷରେ ସବୁ ପିଲା ସେଠାରେ ରହିବାକୁ ସ୍ଥିର କଲେ ।

ମାଉସୀର ଝିଅ ନିନି 'ଜୋ'କୁ ପାଖରେ ବସାଇ ଗପ କହିଲା । ବାପା ଚାଲିଗଲା ପରେ 'ଜୋ' ଖୁବ୍ ଜୋର୍‌ରେ ଦୌଡ଼ିଆସି ଘୋଡ଼ାଗାଡ଼ିରେ ବାପା ବସିଥିବାର ଦେଖିଲା ଓ ତା'ର ଟ୍ରେନ୍‌ରେ ବସିବାଟା ମନେ ପଡ଼ିଗଲା । ତା' ପଛେ ପଛେ ତା'ର ଭାଇ ଦୌଡ଼ିଲା । ଧରିବାକୁ ଚେଷ୍ଟା କଲା । ମା'ର ବିଦାୟବେଳ ମନେପକାଇ ଚିତ୍କାର କରିଲାଗିଲା । ପାହାଡ଼ ଉପରକୁ ଚଢ଼ିବାକୁ ଦୌଡ଼ିଯାଇ ଗୋଡ଼ଖସି ତଳକୁ ଗଳିପଡ଼ିଲା । ଭାଇ ଦୌଡ଼ିଗଲା ଧରି ପକାଇବାକୁ । ଠିକ୍ ସେତିକିବେଳେ ରେଳଗାଡ଼ିର ଚକାଗୁଡ଼ାକ ତା'ର ଛାତି ଉପରେ ଘରଘର କରି ଚାଲିଗଲା ।'[୪୬]

ଏହା ଥିଲା 'ଟେଲିଗ୍ରାମ୍'ର ମୁଖ୍ୟ କାହାଣୀ ।

## (୧୬) ଆଶ୍ରୟପ୍ରାର୍ଥୀ :

ଆଜି ସେହି ଅଲୋଡ଼ା ଅପଚରା ଷ୍ଟେସନଟିରେ ଏଭଳି କୋଳାହଳ କାହିଁକି ? ପଥୁରିଆ ରାଇଜର ଗୋଡ଼ିମାଟି ପରସ୍ପରକୁ ପଚାରି ଲାଗିଛନ୍ତି । ଏ ଅପନ୍ତରା ରାଇଜକୁ ଏତେ ନାରୀ, ବୃଦ୍ଧ,

[୪୬] ତତ୍ରୈବ, ପୃ-୮୦-୮୧

ଶିଶୁ, ଯୁବକ, ଆସିଲେ କେଉଁଆଡୁ ! ସଦ୍ୟ ବିଧବା ଅଠର ବର୍ଷର ଯୁବତୀ ଭଉଣୀ ଲତା ଆଉ ଚକ୍ଷୁହୀନା ମାତାଙ୍କର ହାତଧରି ଅମର ଚା ଦୋକାନର ପିଣ୍ଡା ଉପରକୁ ଉଠିଗଲା । ଏଖାନେ ଚା ମିଲ୍‌ତେ ପାରବେ-ମଶାହ ? ଦୋକାନୀ ସାନୁସାହୁର ଘୁମ ଭାଙ୍ଗିଗଲା । ମିଳିବ ବାବୁ, ବସନ୍ତୁ । ଚାରବାଟିଆ ଚଉଦୁଆର ମିଲ୍ ବୁଲିବାକୁ ଆସିଛନ୍ତି ବାବୁ, ହଁ ଭାରି ଭଲ ଜାଗା । ବଡ଼ ଖୋଲା, ସହରର ସିନା ସବୁ ସୁଖ, ହେଲେ ଏମିତି ଖୋଲା ହାଉଆ ପବନ ପାଇବେ ସେଠି ? ଅମର ଏହି ସରଳ ଲୋକଟି ଆଡ଼କୁ କରୁଣ ଦୃଷ୍ଟିପାତ କରି କହିଲା, ନା, ଅମର । ହାଉଆ ଖାତେ ଆସିବା । ଆମରା ଆଶ୍ରୟପ୍ରାର୍ଥୀ । ହଁ ସେମାନେ ଧନ, ଜନ, ଗୃହହରା – ଭାରତ ସରକାରଙ୍କର ଆଶ୍ରୟପ୍ରାର୍ଥୀ ।

ଅମର କହିଗଲା, ନିଜ କଥା – ଗୋଟିଏ ପଡ଼ାରେ ହିନ୍ଦୁ, ମୁସଲମାନ ମିଶି ପଚାଶଘର । ଚାରିଆଡ଼େ ଗଣ୍ଡଗୋଳ ଲାଗିଛି । ସେମାନେ କିନ୍ତୁ ପିତାଙ୍କର ଦୁଇ ମୁସଲମାନ ବନ୍ଧୁ ଯୋଗୁଁ କେତେଦିନ ବେଶ୍ ନିରାପଦରେ ଥିଲେ । ଘର ଛାଡ଼ି ଚାଲିଯିବାର ପକ୍ଷପାତୀ ନଥିଲେ । ଅମର ଆଉ ଲତା । ବଙ୍ଗଳାର ଅସଂଖ୍ୟ ଦେଶପ୍ରେମୀ ଉଚ୍ଛୃଙ୍ଖଳ ଯୁବକ, ଯୁବତୀଙ୍କର ଭଳି ଏ ଦୁହେଁ ଯେଉଁ ଆଦର୍ଶକୁ ଆପଣାର କରିଥିଲେ, ତାହାର ଖିଅ ଧରି ବିଚାରୁଥିଲେ ଦୁଇଟା ଜାତି ଭିତରେ କନ୍ଦଳ ପାଇଁ ଦାୟୀ ତୃତୀୟ ପକ୍ଷ-ଆର୍ଥିକ ଅବସ୍ଥା ।

ଅମରଙ୍କର ଅନୁପସ୍ଥିତରେ ତା'ର ପିତା, ଆଉ ଭଗ୍ନୀ ପତିଙ୍କୁ ହତ୍ୟା କରାଗଲା ନିର୍ମମ ଭାବରେ । ମା' ନିଜେ ନିଜର ଆଖି ଦୁଇଟାକୁ ଫୁଟାଇଦେଲେ ସେତେବେଳେ । ତା' ପରେ ମା' ଓ ଭଉଣୀଙ୍କର ଉପରେ... ଓଃ । ଅମର ଆଉ କହିପାରିଲାନି । ଲତାର ନିଷ୍ପ୍ରାଣ ଚକ୍ଷୁ ଦୁଇଟାରୁ ଝରିଆସିଲା ଅଜସ୍ର ଲୁହଧାର । ଏ କାହାଣୀ ଅମର ଠାରୁ ଶୁଣି ସାନୁସାହୁ ଦୁଃଖିତ ହେଲା । ଅଭାବ ସମସ୍ତଙ୍କର ମନରୁ ପୁଣି ଭେଦଭାବ ଭୁଲେଇଛି । ସଭିଙ୍କର ଲକ୍ଷ୍ୟ ଗୋଟାଏ-ବଞ୍ଚିରହିବା ।

ଡାକ୍ତରବାବୁଙ୍କର ଆଗରେ ଠିଆହୋଇ ଲତା ମାଗିଲା ଔଷଧ । ମା'କୁ ତା'ର ଚାରିଦିନ ହେଲା ଭୀଷଣ ଜ୍ୱର । ଡାକ୍ତରବାବୁ ଔଷଧ ସହିତ ବୋତଲରେ ଦୁଧ ଆଉ ଚିନି ଅଯାଚିତ ଭାବରେ ବଢ଼େଇଦେଲେ ଲତା ହାତରେ । ପଛକୁ ଡାକି ଡାକ୍ତରବାବୁ କହିଲେ, କାଲିଆସି ଅବସ୍ଥା ବିଷୟରେ ଖରବ ଦେବ ।

'ଅମର ଘରେ ନାହିଁ । ଚାକିରି ଯୋଗାଡ଼ ଆଶାରେ ଆସିଛି କଟକ । ଲତା ସବୁଦିନ ଡାକ୍ତରଖାନା ଆସି ଅଯାଚିତ ଭାବରେ ଡାକ୍ତରଙ୍କ ଠାରୁ କେବେ ଜିନିଷ ନେଇଯାଆନ୍ତି । ମା'ର

ଦେହ ବଳେଇଛି । ରାତ୍ରି ଦଶଟାରୁ ବେଶୀ ହେଲାଣି । ଲତା ବାହାରିଲା ଡାକ୍ତରଙ୍କ ପାଖକୁ । ରାସ୍ତାଟା ନିର୍ଜନ, ନିସ୍ତବ୍ଧ, ଏତେ ରାତିରେ କିଏ ବା ଯିବ ତା' ସାଙ୍ଗେ । ଲତା ଏତେ ରାତିରେ କୁଆଡେ-ଲତା ଚମକି ପଡ଼ିଲା - ଡାକ୍ତରଖାନା ଯାଉଛି । ଆଜି କ'ଣ ଡାକ୍ତରବାବୁଙ୍କ ସଙ୍ଗରେ ରାତି ଅଭିସାର । ରାଗ ଓ ଉତ୍ତେଜନାରେ ଚିତ୍କାର କରି କହିଲା-ଚୁପ୍ ବଦମାସ ! ପରଦିନ ସକାଳୁ ଅମର ଫେରିଲା କ୍ୟାମ୍ପକୁ । ଦେଖିଲା ଦୁଆର ଖୁମ୍ବକୁ ଜାବୁଡ଼ିଧରି ପଡ଼ିଛି ଅନ୍ଧୁଣୀ ମା' । ମୁଣ୍ଡରେ ଦୁଇଧାର ରକ୍ତ, ଦେହରେ ଜୀବନ ନାହିଁ । ଭିଡ଼ ଭିତରେ ଲତା ନାହିଁ । ଛୁଆଟିଏ ଧାଇଁଆସି ଖବର ଦେଲା ଲତା କାଲି ରାତ୍ରିରୁ ଡାକ୍ତରଖାନା ଯାଇଛି, ଫେରିନାହିଁ । ତା'ପରେ ଅମରକୁ ଆଶ୍ରୟପ୍ରାର୍ଥୀ କ୍ୟାମ୍ପ୍‌ରେ ଆଉ କେହି ଦେଖିବାକୁ ଯାଇନାହାନ୍ତି ।'[୪୭]

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର ଗଳ୍ପ ସଂକଳନ "କେତୋଟି କଥା"ରେ 'ଆଶ୍ରୟସ୍ଥଳୀ' ଗଳ୍ପଟିକୁ ସେ ପାଠକମାନଙ୍କର ନିକଟରେ ଉପସ୍ଥାପିତ କରିଅଛନ୍ତି । ବାସ୍ତବିକ ଏହି ଗଳ୍ପଟି ଗୋଟିଏ ହୃଦୟ ବିଦାରକ କାହାଣୀ ।

## (୧୭) ଉଦ୍‌ଘାଟନ :

ଆଜିର ଦିନଟା ଆଉ ଶେଷ ନ ହୁଅନ୍ତାକି ? ସମୟ ଯେତେଯେତେ ନିକଟ ହୋଇଆସୁଛି ପୁନା ମନରେ ଏକ ପ୍ରକାରର ଉତ୍ସୁକ ଓ ଉତ୍ତେଜନା ସେମିତି ବଢ଼ିଚାଲିଛି । ଘର ଭିତରେ ଅତି ସାମାନ୍ୟ ଆସବାବ । ରାତି ଅଧରୁ ଉଠି ଭଙ୍ଗାମାଟିରେ ଅତି ଚିକ୍କଣ କରି ଘରଟାଯାକ ଲିପିପୋଛି ପକାଇଛି ସେ । ଧଳା ପିଠଉରେ ତା' ଉପରେ ଝୋଟି ଲେଖିଛି । ଘର ବୋଲି ତ ବଖରାଏ । ଏଇତକ ଛାଡ଼ିଦେଇଯାଇଥିଲା ସନିଆ ତା' ପାଇଁ । ମନ ଭିତରେ ଭାବନାର ଲହରୀ ଉଠିଲା ସନିଆର ବାହା ହେବାର ଚାରିଟା ବରଷ ରାତିର ସପନ ପରି ଚାହିଁ ଚାହିଁ କଟିଯାଇଥିଲା । ଅଭାବ ତ ଥିଲା ବହୁତ । ସ୍ୱାମୀ ସନିଆର ମୁହଁରୁ କେବେ ହସ ଲିଭିଥିବାର ଦେଖିନାହିଁ ପୁନା । ସନିଆ ପରା ପାଞ୍ଚହାତ ମରଦଟା । ଭିତରେ ଭିତରେ କି ନିଉଛୁଣା ରୋଗ ହେଲାଯେ, ମାସ ତିନିଟାରେ ଖାଲି ରକ୍ତବାନ୍ତି କରି କରି ମରିଗଲା-ଲୋକଟା । ପଥି ଟିକିଏ ନାହିଁ, ଆଉ ଔଷଧ ପାଇଥାନ୍ତା କେଉଁଠୁ !

ନିଜର ସଞ୍ଚୟ କଥା ମନେପଡ଼ିଲା - ପୁନାର । ନିତି ତ ରୋଜଗାର ଦୁଇଟଙ୍କା - ପାଖରେ ତ କେତେଗୁଡ଼ାଏ ପଇସା ଅଛି । ପୁଣି ସେଦିନ କିଏ ଜଣେ ମାଇପି ଲୋକ ଆସି ଡାକଘରେ ତା'

[୪୭] ତତ୍ରୈବ, ପୃ-୮୪-୮୫

ନାଁରେ ଟଙ୍କା ଜମା କରାଇବାକୁ ତାକୁ ଡାକି ନେଇଥିଲା । ଆହା ! ସନିଆ ଆଜି ଯଦି ବଞ୍ଚିଥାନ୍ତା ! ଆଉ ଔଷଧ, ଡାକ୍ତରଖାନା ସବୁ ତ ଆମପାଇଁ ମାଗଣା । ସେଦିନ ସୁଲେଇର ବର ରଘୁଆକୁ କମ୍ପାନୀ ବଡ଼ଡାକ୍ତରଖାନାକୁ ପଠାଇଦେଲା ଏବଂ ତା'ର ରୋଗ ଭଲ ହୋଇ ଜୀବନ ଫେରି ପାଇଲା । ପୁନାର ବୁକୁ ଫଟାଇ ଗୋଟିଏ ଦୀର୍ଘ ନିଶ୍ୱାସ ବାହାରି ଆସିଲା ।

କିଲୋ – ତୋ ଦାଣ୍ଡରେ କ'ଣ ଆଜି ନୂଆ ଚିତା ? ବାବୁଙ୍କର ଡାକରେ ଚମକି ଠିଆହୋଇପଡ଼ିଲା ପୁନା । ତା' ପଛ ପଟରେ ଅନ୍ୟବାବୁମାନେ ଆସି ଠିଆହୋଇପଡ଼ିଲେ । ତା' ମନରୁ ଭାବି ପୁନା ଆଙ୍କିଛି ଗୋଟିଏ ବଡ଼ ବନ୍ଧ । ଗାଁ ଚାରିପାଖରେ ଗଢ଼ିଉଠିବ, କେତେ ଛୋଟବଡ଼ କାରଖାନା । ସାନପିଲାମାନେ ସଫାଜାମା ପିନ୍ଧି ସ୍କୁଲକୁ ପାଠ ପଢିବାକୁ ଯାଉଥିବେ । ପୁନା ମନର ରଙ୍ଗରେ ରଙ୍ଗେଇ ହୋଇଛି-ମାଟିର ବାରଣ୍ଡା । ବାବୁମାନେ କହିଲେ ପୁନା, ଘର ଆଗରେ ବଗିଚାଟିଏ କଲୁନାହିଁ ? ପୁନା କହିଲା, ଜାଗା ଥିଲେ କରିଥାନ୍ତି । ସତକୁସତ ସହରର ମଝିରେ ଅଙ୍କାଯାଇଛି ଗୋଟିଏ ବଡ଼ ଫୁଲ ବଗିଚା । ତା' ଭିତରେ ଦୋଳି, ଚକ୍ରି, ସିଡ଼ି ଏମିତି କେତେ ପିଲାଙ୍କର ଖେଳ ସରଞ୍ଜାମ । ବାବୁମାନଙ୍କ ମଧ୍ୟରୁ ଜଣେ କହିଲା-ଏ ତ ଏକ ଟାଉନ୍ ପ୍ଲାନିଂ ତିଆରି ହୋଇଯାଇଛି ।

'ଶ୍ରମିକନେତା ସନ୍ତୋଷବାବୁ ସଙ୍ଗେ ସଙ୍ଗେ ଉତ୍ତର ଦେଲେ ଏମାନଙ୍କ ଭିତରେ ବଡ଼ ବଡ଼ ଇଂଜିନିୟର ଲୁଚି ରହିଛନ୍ତି । ଆମେ ବସିବା ପାଇଁ ଆସିନାହୁଁ, ଗୋଟିଏ କଥା ତୁମକୁ ସଙ୍ଗେ ସଙ୍ଗେ କହି ଚାଲିଯିବୁ । ପୁନା ଭାବିଲା, ବାବୁମାନେ ମୋ ପାଖକୁ କ'ଣ ପାଇଁ ଆସିଛନ୍ତି ! ପୁନାର ଭାବନାରେ ବାଧାଦେଇ ଆରମ୍ଭ କଲେ ବଡ଼ବାବୁ-ସେ ଜଳସେଚନ ଯୋଜନାର ପ୍ରଧାନ ଇଂଜିନିୟର – ତମେ ଜାଣିଚ ଆଜି ତା'ର ଉଦ୍‌ଘାଟନ ଉତ୍ସବ । ଏଥିପାଇଁ ପ୍ରଧାନମନ୍ତ୍ରୀ ନେହେରୁଙ୍କୁ ଡାକିଥିଲୁ । ପୁନା କହିଲା ସେ ଆସିବେନିକି ? ସନ୍ତୋଷବାବୁ କହିଲେ, ସେ ଆସିବେ ନିଶ୍ଚିତ । କିନ୍ତୁ – ତାଙ୍କର ଇଚ୍ଛା – ଯେଉଁମାନେ ବର୍ଷ ବର୍ଷ ଧରି ରକ୍ତକୁ ପାଣି ଫଟାଇ ଏ ଯୋଜନାକୁ ସଫଳ କରିଛନ୍ତି, ସେମାନଙ୍କ ଭିତରୁ କେହି ଜଣେ ଏହାକୁ ଉଦ୍‌ଘାଟନ କରୁ । ତୁମେ ତ ମୂଳରୁ ଏତେ କାମ କରି ଆସିଛ । ତୁମେ ହିଁ ଆଜି ଉଦ୍‌ଘାଟନ କର ।'[୪୮]

[୪୮] ତତ୍ରୈବ, ପୃ-୮୮-୮୯

ପୁନା ସତେକି ଆକାଶରୁ ଖସି ପଡ଼ିଲା । ଉଦ୍‌ଘାଟନ ସେ ଯେତେ ଦେଖିଛି- ମନ୍ତ୍ରୀ ଓ ବଡ଼ ଅଫିସରଙ୍କର କାମ ସବୁ । ଏହାପରେ ପଣ୍ଡିତ ନେହେରୁଙ୍କ ସାଙ୍ଗରେ ପୁନା ଠିଆହେଲା ଏବଂ ଥରି ଥରି ଉଦ୍‌ଘାଟନ କଲା - ଏବଂ ଥରି ଥରି ପୁନା ଭୂମିରେ ମୁଣ୍ଡ ନୁଆଇଁଲା ।

ଗାଳ୍ପିକା ନନ୍ଦିନୀ ଶତପଥୀଙ୍‌କର ଏହି 'ଉଦ୍‌ଘାଟନ' ଗଳ୍ପ ବେଶ୍ ହୃଦୟସ୍ପର୍ଶୀ ।

## (୧୮) ବାବୁଲି :

ବାବୁଲି ଭାରି ଚାଲାଖ । ପିଲା ବୋଲି ବକଟେ । କିନ୍ତୁ ସାତଟା ବଡ଼ ମଣିଷର । ବହୁତ ଗୀତ ଶିଖିଛି, କେତେ ପୁଣି ଇଂରାଜୀ ଶବ୍ଦ ମନେ ରଖିଛି । ଦୁନିଆଁଯାକର ଖବର ତାକୁ ଜଣା । ସାଇପଡ଼ିଶା ଓ ବନ୍ଧୁବାନ୍ଧବ ସଭିଙ୍କର ମୁହଁରୁ ବାବୁଲିର ପ୍ରଶଂସା । ରବିବାବୁଙ୍କର ଖୁଡ଼ିଲେଖା ହେବ - ମଦନା ବୋହୂ - ଗଲାସନ ଦଶହରା ଦେଖିବା ପାଇଁ ଆସିଥିଲା - କଟକ । ବାବୁଲିକୁ ପଚାରିଥିଲା - ବାପା, ପାଠ ପଢ଼ିଲୁଣି ? ଗମ୍ଭୀର ହୋଇ ବାବୁଲି ଜବାବ୍ ଦେଲା-ଅନେକ । ଚଉତିଶା ଶିଖିଛୁ ? ବାବୁଲି ଚୁପ୍ ହୋଇ ବସିଲା । ମା' ଅନିମା ପୁଅ ମୁହଁକୁ ଚାହିଁ ହସିଲେ । ଅନିମା କହିଲା - ନାହିଁ ଖୁଡ଼ି, ସେହି ପୁରୁଣାକାଳିଆ ଗୀତଗୁଡ଼ାକୁ ସେ ଶିଖିନାହିଁ । ଇଂରାଜୀ ଗୀତ ସେ ଜାଣେ । ବାବୁଲି ବୋଲିଲା - ଡିଙ୍ଗ ଡଙ୍ଗ ବେଲ୍, ପୁଷି ଇନ୍ ଦ ଉଏଲ । ବୁଢ଼ୀ କ'ଣ ବୁଝିଲେ ଗୀତରୁ କହିଲେ ବାଃ - ପୁଅ ତ ଏଇଦିନୁ ଏତେ ବିଲାତି ପାଠ ଶିଖିଲାଣି, ଷଠି ଖାଲି ତାକୁ ଆୟୁଷ ଦେଇଥାଉ । ପୁତ୍ର ଗରବିଣୀ ଅନିମା ହସିଲେ ।

ରବିବାବୁ ଆଉ ଅନିମାଙ୍କର ଭିତରେ ବିଚାର ଚାଲେ - ପୁଅ 'ବାବୁଲି' କ'ଣ ହେବ । ଅନିମା କୁହନ୍ତି- ସେ ବଡ଼ ହେଲେ ବୈଜ୍ଞାନିକ ହେବ । ଆଇନ୍‌ଷ୍ଟାଇନ୍‌ଙ୍କ ଭଳି । ମୁଁ ତ ପାଠ ପଢ଼ିପାରିଲି ନାହିଁ । ଆଇ.ଏସ୍‌ସି. ପରେ ବାପା ମୋର ବାହାଘର କରାଇଦେଲେ ସିନା ! ମୋ ପୁଅକୁ କିନ୍ତୁ ନିଶ୍ଚିତ ସାଇଣ୍ଟିଷ୍ଟ୍ କରିବି । ରବିବାବୁ ହସନ୍ତି-କୁହନ୍ତି-ଜାଣ ସେ ମୋ ପୁଅ । ମୋର ଇଚ୍ଛା ସେ ଲେଖକ ହେବ - ଠିକ୍ ବର୍ଣ୍ଣାଡ ଶ'ଙ୍କ ଭଳି । ଆଜିଠୁ ତା'ର ଚମତ୍କାର ଭାଷା ତୁମେ ଲକ୍ଷ୍ୟ କରିପାରୁନ !

'ଅନିମା ପାଟିକରି ଉଠନ୍ତି - ରଖ ତୁମର ସେ କିରାଣୀ ବୁଦ୍ଧି । ଲେଖକ ହୋଇ ପେଟକୁ କ'ଣ ସେ ଧୋବାଘରେ ପକେଇବ ! ଆପେ ତ ଗଧଭଳି ଖଟି ଖଟି ଘର ଚଳେଇପାରୁନାହାନ୍ତି ।

ପୁଣି ପୁଅକୁ ବି ଦରିଦ୍ର କରିବାକୁ ଇଚ୍ଛା । ରବିବାବୁ ତୁନି ପଡ଼ନ୍ତି । ତାଙ୍କର ଆତ୍ମାଭିମାନରେ ଆଘାତ ଲାଗେ । ସେ କିରାଣୀ ସତ, କିନ୍ତୁ ବାବୁଲିକୁ ସେ କ'ଣ କିରାଣୀର ପଥ ଭଳି ରଖିଛନ୍ତି ! କାହିଁକି ଅନିମା ବାରମ୍ବାର ଏହି କଥା କହି ତାଙ୍କୁ କଷ୍ଟ ଦିଏ । ମୁହଁ ଭାରିକରି ସେ ଉଠିଯାଆନ୍ତି । ଆଲୋଚନା ଛାଏଁ ବନ୍ଦ ହୋଇଯାଏ । ବାବୁଲିର ଭବିଷ୍ୟତ ଆଉ ନିର୍ଦ୍ଧାରିତ ହୋଇପାରେନାହିଁ ।'[୪୯]

ପିଲାମାନଙ୍କର ସାଙ୍ଗରେ ନ ଖେଳିବାକୁ ବାବୁଲିକୁ ତା'ର ମା' ଅନିମାଦେବୀ ସଦାସର୍ବଦା ବାରଣ କରିଥାନ୍ତି । ଏଡ଼େ ଦାମୀ ପୋଷାକ ପିନ୍ଧି କ'ଣ ଧୂଳିରେ ଖେଳନ୍ତି ? ପିଲାମାନଙ୍କ ଆଡ଼କୁ ବାବୁଲି ଚାହିଁଥାଏ । ସେମାନେ ଧୂଳିରେ ଗଡୁଥାନ୍ତି । ଶଗଡ଼ ଉପରେ ଝୁଲୁଛନ୍ତି । ସେ ଯଦି ଟିକିଏ ଯାଇପାରନ୍ତା ! ଖାଇଲାବେଳକୁ ବାବୁଲି ବୋଉକୁ କୁହେ, ମୋ ପାଇଁ ଖଣ୍ଡେ କଳା ପ୍ୟାଣ୍ଟ କିଣିଦେ, ଯେମିତି ବିପନର ଅଛି । ମୁଁ ତାହାକୁ ପିନ୍ଧି ଖେଳିବାକୁ ଯିବି । ଅନିମା କହିଲା - ସେମାନେ ଗରିବ ପିଲା, ଭଦ୍ରଘରର ପିଲାମାନେ କ'ଣ ସେମିତି ରହନ୍ତି ! ସାଙ୍ଗେ ସାଙ୍ଗେ ବାବୁଲି ପଚାରିଲା - ଆମେ କାହିଁକି ଭଦ୍ର ହେଲେ ବୋଉ ? ବୋଉ କହିଲେ - ପାଠ ପଢ଼ିଲେ ଧନୀ ହୁଅନ୍ତି ଓ ଭଦ୍ର ହୁଅନ୍ତି । କିଛିଦିନ ପରେ ଅନିମା ଦେଖିଲେ ବାବୁଲି, ପାଠ ପଢ଼ିବାକୁ ମନ ଦେଉନି । ଗୀତ ମଧ୍ୟ ଗାଉନାହିଁ । ଖାଲି ଦାଣ୍ଡ ପିଣ୍ଡାରେ ଠିଆହୋଇ ସେ ଖେଳପିଲାମାନଙ୍କୁ ଦେଖୁଅଛି । ଅନିମା ଏସବୁ ରବିବାବୁଙ୍କର ଆଗରେ ଏକଥା କହିଲେ । ଏହି ସମୟରେ ବାବୁଲି ଆଡ଼ିଘର ଭିତରକୁ ଆସିଲା ଓ ସେ ତା'ର ନୂଆଜାମା ବିପିନକୁ ପିନ୍ଧାଇ ତା'ର ଜାମା ପିନ୍ଧି ଖେଳୁଥିଲା ଓ ତା'ର ନୂଆଜାମା ଆଣି ବୋଉକୁ ଦେଖାଇଲା ।

ଦୌଡ଼ି ଦୌଡ଼ି ବାବୁଲି ଚାଲିଗଲା - ଦାଣ୍ଡକୁ । ଅନିମାର ରୋଷଦୀପ୍ତ ଚକ୍ଷୁଆଡ଼େ ଚାହିଁ ଟିକିଏ ହସିଲେ, ରବିବାବୁ ।

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର ଗଳ୍ପ ସଂକଳନ "କେତୋଟି କଥା"ରେ 'ବାବୁଲି' ଏକ କ୍ଷୁଦ୍ରଗଳ୍ପ ଅଟେ ।

[୪୯] ତତ୍ରୈବ, ପୃ-୯୧

## (୧୯) ସ୍ମୃତିସଭା :

ସଭାଗୃହ ଭିତରକୁ ପଶିଆସି ସବୁରି ଅଲକ୍ଷ୍ୟରେ ବିଶ୍ୱଜିତ୍ ବାବୁ ଆପଣା ଜାଗାଟି କରିଦେଲେ - ଗୋଟିଏ କୋଣରେ । ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ କଳାକାର ଶର୍ମାଙ୍କର ଆଜି ଶ୍ରାଦ୍ଧଦିବସ । ବିଶ୍ୱଜିତ୍‌ଙ୍କ ସହ ଶର୍ମାଙ୍କର ପରିଚୟ ବହୁକାଳରୁ । ଅବସ୍ଥାଚକ୍ରରେ ପଡ଼ି ବିଶ୍ୱଜିତ ନିଜ କଳା ବିନିମୟରେ ଜୀବିକା ଅର୍ଜନ କରିବାର ପନ୍ଥା ଖୋଜିନେଇଛନ୍ତି । କିନ୍ତୁ ଶର୍ମାଙ୍କର ଏଇଥିରେ ଥିଲା ଅହମିକା ।

ରୋଗଶଯ୍ୟାରେ ପଡ଼ି ଶର୍ମା କହୁଥିଲେ - ବୁଝିଲେ ବିଶ୍ୱଜିତବାବୁ, ମୋତେ ମାରିଲେ ପଛେ ସହିବି, କିନ୍ତୁ କଳାକୁ ନେଇ ବ୍ୟବସାୟ କରିବା କଥା ମୋତେ କହିବନି । ବିଶ୍ୱଜିତ ସେହିଦିନ ତୁନି ହୋଇ ରହିଲେ । ଶର୍ମା ଭାରି ଏକବାଗିଆ । ନଖାଇ ଉପାସରେ ଦିନ ଦିନ ପଡ଼ିରହିବେ କିନ୍ତୁ କାହାକୁ କହିବେନି । ଛବି କରି କାହାକୁ ଦେଖାଇବେ/ଦେଇଥିଲେ ତା'ଠାରୁ ପାରିଶ୍ରମିକ ନନେଇ ବି ଉପହାର ସୁଧା ଗ୍ରହଣ କରିବେନି । ଏମିତି ଅବସ୍ଥାରେ ସେ ବହୁଦିନ ଅନାହାରରେ କଟାଇଛନ୍ତି । ବହୁଥର ଅଦେଖା ଅଶୁଣା ହୋଇ ରୋଗ ଶେଯରେ ପଡ଼ି ରହିବାକୁ ହେଉଛି । ତଥାପି ସେ କାହା ନିକଟରେ କୃପାପ୍ରାର୍ଥୀ ହୋଇନାହାନ୍ତି ।

'ବିଶ୍ୱଜିତ୍ ପୁଣିଥରେ ସହାସରେ କହିଲେ, ବୁଝିଲେ ଶର୍ମା, ଦୁସ୍ଥ ଶିଳ୍ପୀ ଓ କଳାକାରମାନଙ୍କ ପାଇଁ ସରକାର ଭତ୍ତା ବ୍ୟବସ୍ଥା କରିଅଛନ୍ତି । ତୁମେ ଖଣ୍ଡିଏ ଦରଖାସ୍ତ କର । ମୁଁ ମନ୍ତ୍ରୀଙ୍କୁ କହି ତୁମର ଭତ୍ତାଟିକୁ କରାଇଦେବି । ତୁମର ସହାନୁଭୂତି ପାଇଁ ଧନ୍ୟବାଦ ବିଶ୍ୱଜିତ । ଯେଉଁ ଦେଶ ମୋତେ ଶିଳ୍ପୀ ଓ କଳାକାର ଭାବରେ ନିଜେ ନ ଚିହ୍ନିଛି, ସେ ଦେଶରେ ନିଜକୁ ଚିହ୍ନାଇ ମୋର ଦୂରାବସ୍ଥା ପାଇଁ, ସାହାଯ୍ୟ ଭିକ୍ଷା କରିବି କାହାଠୁ ? ମନ୍ତ୍ରୀଙ୍କୁ ତୁମେ ହୁଏତ କହିବ କିନ୍ତୁ କହିଲେ ଦେଖିବ ଭାଇ, ଶିଳ୍ପୀତ୍ୱର ଦ୍ୱାହିରେ ସାହଯ୍ୟ ଭିକ୍ଷା କରିବା ଅପେକ୍ଷା ଏଇ ମରଣ ସହସ୍ରଗୁଣରେ ଭଲ ନୁହେଁକି ?

ସତକୁ ସତ ଶର୍ମା ମରିଗଲେ, ବିନା ଔଷଧରେ, ବିନା ଚିକିତ୍ସାରେ । ଆଜି ପୁଣି ତାଙ୍କର ଶ୍ରାଦ୍ଧସଭା । ଶର୍ମାଙ୍କର ସେଦିନ ହସ ଭଳି ଆଜି ବିଶ୍ୱଜିତଙ୍କର ହସିବାକୁ ଇଚ୍ଛା ହେଲା ।

ସଭାଗୃହ କ୍ରମେ ଲୋକରଣ୍ୟ ହୋଇଉଠୁଛି । ମଞ୍ଚ ଉପରେ ଶର୍ମାଙ୍କର ଗୋଟିଏ କ୍ଷୁଦ୍ର ପ୍ରତିକୃତି । ତା' ଉପରେ ଟଗର ହାର । ଯାହାଙ୍କର ହାତର ଛବି ଏ ଦେଶର କଳା ଭଣ୍ଡାରକୁ ସମୃଦ୍ଧ କରିଥିଲା । ତାଙ୍କ ନିଜର ଖଣ୍ଡେ ବଡ଼ ପ୍ରତିକୃତି ମିଳିପାରିଲା ନାହିଁ । ବିଶ୍ୱଜିତ୍‌ଙ୍କର ଚିନ୍ତା ହଠାତ୍ ଭାଙ୍ଗିଗଲା

ସଭାଗୃହର ନୀରବତାରେ । ସବୁରି ଦୃଷ୍ଟିକୁ ସଜାଗ କରାଇ ବିଶିଷ୍ଟ ଲୋକଙ୍କର ଗହଣରେ ମୁଖ୍ୟମନ୍ତ୍ରୀ ପ୍ରବେଶ କଲେ ସଭାଗୃହରେ । ଆଜିକାର ସଭାରେ ସେ ନିର୍ବାଚିତ ପୁରୋଧା ।'[୫୦]

କବି ବୁଝିଲେ ବିଶ୍ୱଜିତ୍‌ର ଅନ୍ତରର କଥା । କହିଲେ ନାହିଁ ବିଶ୍ୱଜିତ୍‌ବାବୁ, ମୁଁ ବି ଆସିଛି- ଆପଣଙ୍କ ଭଳି ନୀରବ ଦର୍ଶକ । ଏଇ ଦେଖନ୍ତୁ ମୁଁ ମଞ୍ଚ ଉପରେ । ବିଶ୍ୱଜିତଙ୍କର ଦୃଷ୍ଟି ମଞ୍ଚ ଉପରେ ପଡ଼ିଲା । କବି, ଅଧ୍ୟାପକ ପଣ୍ଡା ଓଜସ୍ୱୀନି ଭାଷାରେ ତାଙ୍କର ବକ୍ତୃତା ଆରମ୍ଭ କଲେ- ଶର୍ମାଙ୍କର ସହ ମୋର ଚକ୍ଷୁସ ପରିଚୟ ନଥିଲେ - ମୁଁ ତାଙ୍କର ଗଭୀର ପ୍ରତିଭା ଏବଂ ମହତ୍ତ୍ୱର ପରିଚୟ ବିଭିନ୍ନ କ୍ଷେତ୍ରରେ ଲାଭ କରିଛି । ଯେତେବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋତେ ଡାକି ଏ ରାଜ୍ୟର କଳାକାରମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବାକୁ ଅନୁରୋଧ କରିଥିଲେ - ମୁଁ ସେତେବେଳେ ଶର୍ମାଙ୍କର ନାମଟିକୁ ତାଲିକାରେ ଅନ୍ତର୍ଭୁକ୍ତ କରିଥିଲି । ମନ୍ତ୍ରୀ ମହାଶୟ, ଶର୍ମାଙ୍କର ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କଲେ । ଶର୍ମା ଆଉ ଇହ ଜଗତରେ ନାହାନ୍ତି ସତ, କିନ୍ତୁ ତାଙ୍କର କଳା ଏ ଜାତିର କଳାଭଣ୍ଡାରରେ ଅମୂଲ୍ୟ ସମ୍ପଦ ରୂପେ ସାଇତା ହୋଇ ରହିବ ।

ନୀରବରେ ସବୁକଥା ଶୁଣି ଗୋଟିଏ ଗଭୀର ଦୀର୍ଘନିଶ୍ୱାସ ପକାଇଲେ ବିଶ୍ୱଜିତ ଓ କହିଲେ- ପ୍ରକୃତରେ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର କି କଳାପ୍ରେମ !

ବାସ୍ତବିକ, ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର 'ସ୍ମୃତିସଭା' ଗଳ୍ପରେ ଓଡ଼ିଶାର ଭାସ୍କର୍ଯ୍ୟ ଓ କଳାକୁ ଶିଳ୍ପୀ ମାଧ୍ୟମରେ ବର୍ଣ୍ଣନା କରିଅଛନ୍ତି ।

## (୨୦) ମହାକାଶ :

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର ପ୍ରଥମ ଗଳ୍ପ ସଂକଳନ "କେତୋଟି କଥା"ରେ ଏକ କ୍ଷୁଦ୍ରଗଳ୍ପ - 'ମହାକାଶ' । ଏହି ଗଳ୍ପରେ ନନ୍ଦିନୀଦେବୀ ପାଇଲଟ ସୁବ୍ରତଙ୍କର ଭିତରେ ମାତୃହରା ଏକ ଅସହାୟ ଶିଶୁର ହୃଦୟ ସ୍ପନ୍ଦନକୁ ଉପସ୍ଥାପିତ କରିଅଛନ୍ତି । ବାସ୍ତବିକ ଏହି ଗଳ୍ପଟି ଓଡ଼ିଶାର ଗଳ୍ପପ୍ରେମୀମାନଙ୍କର ମଧ୍ୟରେ ଆନନ୍ଦ ଦେଇଛି ।

'ସୁବ୍ରତ' ରୀତାର ଏହି ଡାକରେ ରୀତିମତ କାରୁଣ୍ୟ ଭରି ରହିଥିଲା । ସୁବ୍ରତ କିନ୍ତୁ ଫେରି ଚାହିଁଲାନି । ଶଯ୍ୟାର ଗୋଟିଏ ଧାରରେ ତଳକୁ ମୁହଁ କରି ନିରୀହ ଶିଶୁ ଭଳି ପଡ଼ିରହିଛି । ଛୋଟ

[୫୦] ତତ୍ରୈବ, ପୃ-୯୪-୯୫

ଫ୍ଲାଟ୍‌ଟିରେ ଏଇ ଗୋଟିଏ ମାତ୍ର ସୁସଜ୍ଜିତ ଶୟନକକ୍ଷରେ ରୀତା ଆଶ୍ଚର୍ଯ୍ୟ ହାତାଶ ଦୃଷ୍ଟି ମେଲି ଚାହିଁ ରହିଥିଲା ଶାୟିତ ସୁବ୍ରତ ଆଡ଼େ । ଘର ଭିତରେ ଛୋଟ ଲାମ୍ପଟିରୁ ବିଛୁରିତ ହେଉଥିଲା - ଏକ କ୍ଷୀଣ ନୀଳାଭ ରଶ୍ମି । ସେହି ଅସ୍ୱଷ୍ଟ ଆଲୋକରେ ସ୍ୱାସ୍ଥ୍ୟବାନ ସୁଦର୍ଶନ ସୁବ୍ରତ ମନେ ହେଉଥିଲା - ସ୍ୱପ୍ନପୁରୀର ରାଜକୁମାର ଭଳି ।

ବିମାନଚାଳକ ସୁବ୍ରତ ଯେଉଁଦିନ ବିମାନ ଚଳାଇ ଘରକୁ ଫେରିଆସେ, ସେଦିନ ସେ ଯେପରି ଅନ୍ୟ ଏକ ମଣିଷ । ଆଖି ଦୁଇଟାରେ ଅନନ୍ତ ଆକାଶର ଛାୟା । ପୃଥିବୀର ମନୁଷ୍ୟ ବା ବସ୍ତୁ ସେଥିରେ ଧରାପଡ଼ନ୍ତି ନାହିଁ। ଆଉ ହୃଦୟର ଗଭୀର ସମୁଦ୍ରକୁ ସ୍ପର୍ଶ କରିପାରେନାହିଁ କାହାର ବାଣୀ । ସେ ଖାଇବାକୁ ଚାହେଁନାହିଁ, କଥାବାର୍ତ୍ତା କରିବାକୁ ଭାରି ବିତୃଷ୍ଣା । ପୋଷାକ ନ ବଦଳାଇ ସେ ସୋଫା ଉପରେ ପଡ଼ିରହେ ସ୍ଥାଣୁ ଭଳି । ତା'ପରେ ରୀତାର ବହୁ ଅନୁରୋଧ ଓ ଆହ୍ୱାନ ପରେ ତରତର ହୋଇ ପୋଷାକ ବଦଳାଇ ଶଯ୍ୟାରେ ଆଶ୍ରୟ ନିଏ ସୁବ୍ରତ ।

କୌଣସି ଆକାଶଚାରିଣୀର ପ୍ରେମ କ'ଣ ତାଙ୍କୁ ପାଗଳ କରିଛି ! ଶିକ୍ଷିତା ସୁନ୍ଦରୀ ରୀତା ବିବାହର ବହୁଦିନ ପର୍ଯ୍ୟନ୍ତ ନିଜକୁ ନିଜେ କେବଳ ଏଇ ପ୍ରଶ୍ନ ପଚାରିଛି, ଆଉ କାହାରିକୁ ପଚାରିବା ବା ଏ କଥା ! ନିଜକୁ ନିଜେ ଅନେକଥର ସେ ବିଶ୍ଳେଷଣ କରିଛି, ତାହାର ଅଜ୍ଞାତସାରରେ କୋଉଠି କିଛି ତ୍ରୁଟି ପରିଲିକ୍ଷିତ ହୋଇଛି, ଯାହାଫଳରେ ନବବିବାହିତା ସ୍ୱାମୀର ଏଇ ନିଷ୍ଠୁର ଉପେକ୍ଷା । ସୁବ୍ରତର ରୁଚି ଜାଣିବାକୁ ଚେଷ୍ଟା କରି ମଧ୍ୟ ସେ ବିଫଳ । କିନ୍ତୁ ବେଳେବେଳେ ଆଶାର ସାମାନ୍ୟ ରଶ୍ମି ମେଘାଚ୍ଛନ୍ନ ଆକାଶ ମଧ୍ୟରୁ ଉଙ୍କିମାରେ । ମାଂସଟା ମସଲାରେ ନଦେଇ ଘିଅରେ ଦେଲେ, ମୋତେ ଭାରି ଭଲ ଲାଗେ ରୀତୁ । ରୀତା ଅତି ଆଗ୍ରହରେ ଆଉକିଛି ଶୁଣିବା ପାଇଁ ପାଖରେ ବସିପଡ଼େ ।

ବନ୍ଧୁବାନ୍ଧବ କାହାରି ସାଙ୍ଗରେ ସମ୍ପର୍କ ରଖେନାହିଁ ସୁବ୍ରତ । ଅନ୍ୟ ବିମାନ କର୍ମଚାରୀ, ନାଚ, ଗୀତ ପାନ ଭୋଜନରେ ବ୍ୟସ୍ତଥିବା ବେଳେ ସୁବ୍ରତ ନୀରବରେ ପୁସ୍ତକରେ ମନୋନିବେଶ କରିଥାଏ । ଅଥଚ ଘରକୁ କେହି ସାଙ୍ଗସାଥୀ ଆସିଲେ ଆତିଥ୍ୟ ଆପ୍ୟାୟନରେ ସୀମା ରହେନାହିଁ । ସେତିକି ରୀତାର ଆନନ୍ଦ, ସେହି ସମୟତକ ସେ ଅନୁଭବ କରେ ସୁବ୍ରତ ଏକ ସରସ ଜୀବନ୍ତ ମଣିଷ । ରୀତା ଶେଷରେ ଅଧୈର୍ଯ୍ୟ ହୋଇ ଧାଇଁଯାଇଥିଲା । ସେ ଆଇ.ଏସ୍‌ସିର ମ୍ୟାନେଜର ପାଖକୁ ଓ ସୁବ୍ରତର ସମସ୍ତ ବ୍ୟବହାର ଜଣାଇ ପ୍ରତିକାରର ଭିକ୍ଷା କରିଥିଲା ।

କିନ୍ତୁ ହାୟ, ମ୍ୟାନେଜରଙ୍କର କଥା ତାକୁ ହତାଶରୁ ରକ୍ଷା କରିପାରିଲା ନାହିଁ । ସମସ୍ତ ଖୋଜଖବର ପରେ ସେ ରୀତାକୁ ଜଣାଇ ଦେଇଛନ୍ତି ଯେ, କୌଣସି ମହିଳାଙ୍କ ସହିତ ସୁବ୍ରତଙ୍କର କୌଣସି ସମ୍ପର୍କ ନାହିଁ । ଏପରିକି - ଆକାଶଚାରିଣୀଙ୍କ ସହିତ ଆବଶ୍ୟକ କଥା କହିବାକୁ ମଧ୍ୟ ସେ କୁଣ୍ଠାବୋଧ କରେ ।

ଦିନକର ଘଟଣାରେ ଘରେ-ରୀତା କହିଲା- ଗରମପାଣି ବାଥ୍‌ରୁମ୍‌ରେ ରଖିଦେଇଛି । ଏବଂ ସୁବ୍ରତକୁ ଉଠାଇ ଦେଇଥିଲା ଶୀଘ୍ର କାର୍ଯ୍ୟ ସାରିବା ପାଇଁ । ସୁବ୍ରତ ହସି ହସି କହିଲା- "କ'ଣ ମୋତେ ବିଦାୟ କରିଦେବାକୁ ଭାରି ତରବର ! କୁଆଡ଼େ ଯିବାର ଅଛି ନା କେହି ଆସିବାର ଅଛି ?" ରାଗିଗଲା ରୀତା । ଅସଭ୍ୟ, ସମସ୍ତେ କ'ଣ ତୁମଭଳି ହୋଇଛନ୍ତି ! ରୀତା କହିଲା ମୋର ଭୁଲ ହେଇଛି, କ୍ଷମାକର । ଚାଲ ଡ୍ରଇଁରୁମ୍‌କୁ ଯିବା, ବୈଠକ ଘର ନୁହେଁ ବେଡ୍‌ରୁମ୍‌କୁ । ସୁବ୍ରତର ଗୋଟିଏ ହାତ ରୀତାର କଟୀବେଷ୍ଟନ କରି ରଖିଥିଲା । ସୁବ୍ରତର ବାହୁବନ୍ଧନରୁ ମୁକ୍ତ ହେବାପାଇଁ ସେ ଛଟପଟ ହେଉଥିଲା । କିନ୍ତୁ ସୁବ୍ରତ ଗଭୀର ଧ୍ୟାନରେ ।

'କଲିଂବେଲ୍ ବାଜିଲା-ଚିଠିବାଲା ଚିଠି ଦେଲା । ଯାହାକୁ ପଢ଼ି ସୁବ୍ରତ ଆଶ୍ଚର୍ଯ୍ୟ ହେଲା - ଯିବାକୁ ହେବ । ରୀତା କହିଲା- ମୋର ଯିବାଟା - ରୀତୁ, ତୁମେ ଯାଇପାରିବ ନାହିଁ । କାହିଁକି ସେ ପ୍ଲେନ୍‌କୁ ଯିବାକୁ ମନା କଲା ! ତୁମେ ତ ଜାଣ ମୋ ମା ପ୍ଲେନ୍ ଦୁର୍ଘଟଣାରେ ହଜିଗଲା, ତା'ର ଶବବି ଆମେ ପାଇଲୁ ନାହିଁ । ତୁମକୁ ମୁଁ ଆଉ ହଜିଯିବାକୁ ଦେବିନାହିଁ । ମୋତେ ନୁହେଁ । ସୁବ୍ରତ କହିଚାଲିଛି - ଦେଶ ମଧ୍ୟରେ, ବିଦେଶରେ ବହୁବାର ମା' ପ୍ଲେନ୍ ଯାଆନ୍ତି । ସାଧାରଣ କଥା - ମା'କୁ ଛାଡ଼ି କୌଣସି ଶିଶୁ ଦୁଃଖିତ ହେବ । ମା' ମୋତେ ଜାହାଜରେ ନେବ ଭାବି ମୁଁ ପାଇଲଟ୍ ହେଲି । ଆମେ ଦିନେ ଖବର ପାଇଲୁ ଏକ ପର୍ବତରେ ବାଡ଼େଇହୋଇ ଉଡ଼ାଜାହାଜଟା ଖସିପଡ଼ିଲା । ମୁଁ ପ୍ରତିଦିନ ସ୍ୱପ୍ନ ଦେଖେ, ମା ମୋତେ ଡାକୁଛି । ମୋତେ ଏଠାରୁ ଉଠାଇ ନେ ସୁବ୍ରତ । ସେଥିପାଇଁ ମୁଁ ପାଇଲଟ ହେବି । ମୁଁ ଆକାଶରେ ଉଡ଼ିଲେ ମୋ ମନ ମା'କୁ ଖୋଜି ନ ପାଇଲେ ହତାସ ଲାଗେ ।'[୫୧]

ନିର୍ବାକ ବିସ୍ମୟରେ - ରୀତା କେବଳ ଦେଖୁଥିଲା ପାଇଲଟ୍ ସୁବ୍ରତ ଭିତରେ ମାତୃହରା ଏକ ଅସହାୟ ଶିଶୁକୁ ।

[୫୧] ତତ୍ରୈବ, ପୃ-୧୦୪-୧୦୫

## (୨୧) ଅପରାହ୍ଣର ସଙ୍ଗୀତ :

ଘାସ ଉପରେ ଧୀରେ ଧୀରେ ପାଦ ଚାଲି ଏ ପାଖରୁ ସେପାଖ ଯାଏ, ଯିବାପାଇଁ ଖୁବ୍ ଭଲ ଲାଗେ । ଭଲ ଲାଗେ ପାଦତଳର ନରମ ଘାସ । ସକାଳ କାକରରେ ଭିଜା ତା'ର ଥଣ୍ଡାସ୍ପର୍ଶ । ଘାସର ସବୁଜ ଦେହରେ ମଣିଷର ନିଷ୍ଠୁର ପାଦ ବାଜି ବାଜି ଠାଏ ଠାଏ, ସେ ପୁଣି ନିଜର ରଙ୍ଗ ହଜାଇ ପକାଉଛି । ଖାଲି ରଙ୍ଗ ନୁହେଁ, ଏହି ପାଦର ଆଶୀର୍ବାଦରେ ସେ ଆଉ କେଉଁଠି ବା ତା'ର ଅସ୍ତିତ୍ୱ ମଧ୍ୟ ହରାଇ ପକାଇଛି ।

'ଗାର୍ଡେନ ଚେୟାର ଉପରେ ଅଳସ ଭଙ୍ଗୀରେ ବସିରହି ଶାନ୍ତନୁ ରାୟ ଅନ୍ୟମନସ୍କ ଭାବରେ ଦେଖୁଥିଲା ଝରାପତ୍ରର ଏହି ବିଦାୟୀ ସମାରୋହ । ପାଖ ଘରେ ବୋଧହୁଏ ଝିଅ ଅନୁରାଧା ରେଡ଼ିଓ ଖୋଲିଦେଇଛି । କୌଣସି ବଙ୍ଗାଳୀ ଶିଳ୍ପୀଙ୍କର କଣ୍ଠରୁ ଭାସିଆସୁଛି-

"ତୋମାର ପ୍ରଥମ ଲେଖା, ଏ ମନେତ ରଏଛେ ପଡ଼େ
ତୁମି ନାଇ, ତୁମି ନାଇ
ତୁମି ତ ଆମର ନାଇ ।"

ପ୍ରୌଢ଼ ଶାନ୍ତନୁ ଦୀର୍ଘଶ୍ୱାସ ପକାଇଲେ । ପରିପୂର୍ଣ୍ଣ ଓ ସଫଳ ମଣିଷ ଶାନ୍ତନୁ ରାୟଙ୍କର ଆଖିଆଗରେ ଲନ୍, ବଗିଚା, ଧାଡ଼ିଧାଡ଼ି ଗୋଲାପ ପତ୍ରର ବିଭିନ୍ନ ରଙ୍ଗର ଫୁଲ କ୍ଷଣକ ପାଇଁ ଝାପସା ଦେଖାଗଲା । ପ୍ରଖ୍ୟାତ ବ୍ୟବସାୟୀ ଶାନ୍ତନୁ ରାୟ କ'ଣ କାନ୍ଦୁଛନ୍ତି ! ଆଜିକାଲି ନିଜର ଭାବନାକୁ ମଧ୍ୟ କେହି ଦେଖିପକାଉଛି ବୋଲି ବେଳେବେଳେ ଏକ ଅଦ୍‌ଭୁତ ଭୟ ହୁଏ ଶାନ୍ତନୁଙ୍କର ।'[୫୨]

ପୋର୍ଟିକୋରେ ଗାଡ଼ି ରହିବାର ଶବ୍ଦ ହେଲା । ସୁଖଦା ବୋଧହୁଏ ଫେରିଲେ । ହସ, ଖୁସି ଓ ଗଳ୍ପରେ ଯେପରି ମୁହୂର୍ତ୍ତକ ମଧ୍ୟରେ ଉଦାସ ଅଟାଳିକା ଚଞ୍ଚଳ ହୋଇଉଠିଲା । ଆଜି କିନ୍ତୁ ଘରପଛର ଏହି ଲନ୍‌ରେ ଏକୁଟିଆ ବସିବାକୁ ତାଙ୍କୁ ଭଲ ଲାଗୁଥିଲା । କେହି ମଧ୍ୟ ତାଙ୍କୁ ଖୋଜିଲେ ନାହିଁ, ଚା, ଜଳଖିଆ ବାସନାର ଶବ୍ଦ, ଗପ ଓ ହସର ଲହରୀ ଆସି ଶାନ୍ତନୁଙ୍କର କାନରେ ବାଜୁଥିଲା । ନିଜର ଅଜାଣତରେ ସେ ବୋଧହୁଏ ସୁଖଦାଙ୍କର ନିମନ୍ତ୍ରଣକୁ ଅପେକ୍ଷା କରି ରହିଥିଲେ । ସୁଖଦା ଆସିଲେ ନାହିଁ, ଶାନ୍ତନୁଙ୍କର ଅନୁପସ୍ଥିତି କିମ୍ବା ଘରେ ନଦେଖି କିନ୍ତୁ – ସୁଖଦା ମଧ୍ୟ ଜାଣନ୍ତି

[୫୨] ତତ୍ରୈବ, ପୃ-୧୦୬

- ଏହି ସମୟରେ ସେ ବାହାରକୁ ଯାଆନ୍ତି ନାହିଁ । କିନ୍ତୁ ଏହି ଲନ୍‌ରେ ବସି ବସି ସେ କାହିଁକି ସୁଖଦା କଥା ଭାବୁଛନ୍ତି ! ସେ ତ ଆଉ ତାଙ୍କର ଭାବନାରେ ନାହାନ୍ତି ।

ଆଃ - ସୁଖଦାର ଭାବନାରୁ ମୁକ୍ତି ପାଇବାକୁ ପ୍ରୟାସ କରୁଥିଲେ ଶାନ୍ତନୁ ରାୟ । ଏଇ ଭାବନାରୁ ହୁଏତ ତାଙ୍କୁ ଜଣେ ମୁକ୍ତି ଦେଇପାରିଥାନ୍ତା । ସେ କିନ୍ତୁ ଚାହିଁଲା ନାହିଁ । ଅନେକ ଦୂରରେ । ତା'ଠାରୁ ଅନେକ ଦୂରରେ ରହିଗଲେ ସେ ।

ବାପା - ଚମକି ପଡ଼ିଲେ ଶାନ୍ତନୁ । ହାତରେ ଚା' ଟ୍ରେ ଧରି ଝିଅ ଅନୁରାଧା ଠିଆହୋଇଛି । କି ଅଦ୍ଭୁତ ! ଅନୁରାଧାର ମଲ୍ଲିକା ଚେହେରା ସହିତ ଏତେ ସାମଞ୍ଜସ୍ୟ ହେଲା କେମିତି ! ଠିକ୍ ଏହି ବୟସରେ ବୋଧହୁଏ ସେ ପ୍ରଥମେ ମଲ୍ଲିକାକୁ ଦେଖିଥିଲେ । ଅଠର କିମ୍ବା ଉଣେଇଶ ବର୍ଷର ଝିଅ ମଲ୍ଲୀ । ଅତି ସାଧାରଣ ବେଶଭୂଷା । ଚେହେରା ବି ସାଧାରଣ, କିନ୍ତୁ ଗୋଟାଏ ଅଦଭୁତ ସ୍ନିଗ୍ଧତା ଥିଲା ସେହି ରୂପରେ । ଯାହାକୁ କେବଳ ଦେଖିବାକୁ ବାରମ୍ବାର ଇଚ୍ଛା ହୁଏ କିନ୍ତୁ ଛୁଇଁବାକୁ ସାହସ ହୁଏନାହିଁ ।

ସନ୍ଧ୍ୟାର ଅନ୍ଧକାର ଗାଢ଼ ହେଲା । ସମସ୍ତ ଆକାଶରେ ଜଳି ଉଠିଲା ତାରାର ରୋଷଣୀ । ଚତୁର୍ଦ୍ଦିଗର ଅଟ୍ଟାଳିକା ଆଲୋକିତ ହେଲା । ଶାନ୍ତନୁଙ୍କର କାରର କବାଟ ଖୋଲା ରହିଲା । କିନ୍ତୁ ମଲ୍ଲୀ ଆଉ ଫେରିଲା ନାହିଁ । ଏକ ନିଷ୍ଠାବାନ ପ୍ରେମିକ ପରି ଆଜି ପୁଣି ଏତେ ନିବିଡ଼ ଭାବରେ ମଲ୍ଲୀକୁ କାହିଁକି ସେ ସ୍ମରଣ କରୁଅଛନ୍ତି । ତାଙ୍କର ହୃଦୟ କ'ଣ ପୂର୍ଣ୍ଣ ହୋଇନାହିଁ । ସୁଖଦା ଭଳି ସୁନ୍ଦରୀ, ଶିକ୍ଷିତ ଓ ଆତ୍ୟାଧୁନିକା ସ୍ତ୍ରୀ, ଗୁଣବତୀ ଝିଅ ଅନୁରାଧା, ଘର, ଗାଡ଼ି, ଟଙ୍କା, ସୁନା, ଯାହା ମଣିଷ ଜୀବନର ଆବଶ୍ୟକତା ସବୁ ତ ସେ ପାଇଛନ୍ତି । ନିଜ ବୁଦ୍ଧିରେ ଓ ନିଜର ଶକ୍ତିରେ ଉପାର୍ଜନ କରିଅଛନ୍ତି । ଏ ଐଶ୍ୱର୍ଯ୍ୟ ସହିତ ପୁଣି ସେ ତୃପ୍ତି ଜଡ଼ିତ ରହିଛି ।

ମଲ୍ଲିକା ଦୀର୍ଘ ତିରିଶ ବର୍ଷର ବ୍ୟବଧାନ ପରେ ଡାକବଙ୍ଗଳାର ପଛପଟ ଲନ୍‌ରେ ହଠାତ୍ ଶାନ୍ତନୁ ରାୟଙ୍କର ସହିତ ଦେଖା ହୋଇଥିଲା । ତା'ର ଦୁଇ କାନ୍ଧକୁ ଦୋହଲାଇ ଦେଇ କହିଲା, ମଲ୍ଲୀ-ତୁମେ ! ଚମକି ପଡ଼ିଲା ମଲ୍ଲିକା ମୁହୂର୍ତ୍ତକ ପାଇଁ । କେବେ ବି ସେହି ଭାଷ୍ୟ ବୁଝିବାକୁ କଷ୍ଟ ହେଲାନାହିଁ ଶାନ୍ତନୁଙ୍କର । ଆଶ୍ଚର୍ଯ୍ୟ ମଲ୍ଲୀ କ'ଣ ତାଙ୍କୁ ମନେ ରଖିଛି । ମଲ୍ଲୀ ତାଙ୍କ ଜୀବନରେ ଏକା ନଥିଲା । କିନ୍ତୁ ମଲ୍ଲୀ ଜୀବନରେ ସେ ଏକକ ଥିଲେ । ମଲ୍ଲୀ ହତାଶା ହେଇଛି - କାହିଁକି ସେ କ'ଣ ବିବାହ କରିଛି । କେବେ ବାହାହେଲା, କାହାକୁ-ଆଦି ଅନେକ ପ୍ରଶ୍ନ ଶାନ୍ତନୁଙ୍କ ମନରେ ।

ଶାନ୍ତନୁ, ମୁଁ ଏଠାରେ ଏକ ସ୍କୁଲ ପରିଦର୍ଶନରେ ଆସିଥିଲି । ମୋର କାମ ସରିଗଲା - ମୁଁ କାଲି ଫେରିଯିବି । ତା'ପରେ ମଲ୍ଲୀ ଆଉ ସେଠାରେ ରହିଲା ନାହିଁ । ବାହାରେ ଡିନର ଖାଇ ଦେଖିଲେ ମଲ୍ଲିକା ଟ୍ରେନ୍‌ରେ ପଳାଇଯାଇଛି । ସୁଖଦା, ଘର ଭିତରେ ପାଟିକରି ଚାକରକୁ ପଚାରିଲେ, କିରେ ବାବୁ କୁଆଡ଼େ ଯାଇଛନ୍ତି, ଶାନ୍ତନୁ ହସିଲେ ।

ଗାଳ୍ପିକା ନନ୍ଦିନୀଙ୍କ ଗଳ୍ପ ସଂକଳନ "କେତୋଟି କଥା"ର 'ଅପରାହ୍ନର ସଙ୍ଗୀତ' ଏକ କ୍ଷୁଦ୍ରଗଳ୍ପ ।

## (୨୨) ଜନପଥ :

ଗାଳ୍ପିକା ନନ୍ଦିନୀ ଶତପଥୀ ତାଙ୍କର ଗଳ୍ପ ସଂକଳନ "କେତୋଟି କଥା"ରେ 'ଜନପଥ' ଏକ ସଫଳ ଗଳ୍ପ । ବିଶେଷତଃ ଏହା ପାଠକପାଠିକାଙ୍କ ମନରେ ଗଭୀର ରେଖାପାତ କରିଅଛି ।

'ନୂଆଦିଲ୍ଲୀର ଜନାକୀର୍ଣ୍ଣ ରାଜପଥ ମଧ୍ୟରେ ଅବସ୍ଥିତ ଏହି ଶୀତତାପ ନିୟନ୍ତ୍ରିତ ରେସ୍ତୋରାଁଟିରେ କ୍ରମେ ଭିଡ଼ ଜମିଉଠିଲା । ସନ୍ଧ୍ୟାର ଚା'ର ସମୟ ଅତିକ୍ରାନ୍ତ ହୋଇଯାଇଛି । ଥରକୁ ଥର ଓଜନିଆ କାଚ କବାଟଟି ଖୋଲି ହେଉଛି ଓ ପୁଣି ବନ୍ଦ ହେଉଛି । ଏଥର ଯେଉଁମାନେ ଭିତରେ ପ୍ରବେଶ କରୁଛନ୍ତି - ଜଣେ ନାରୀ ଆଉ ଜଣେ ପୁରୁଷ । ସେମାନେ ନିଶ୍ଚିତ ଦମ୍ପତି ନୁହନ୍ତି । ପ୍ରେମିକ ପ୍ରେମିକା ମଧ୍ୟ ନୁହନ୍ତି । ସ୍ତ୍ରୀ ଲୋକଟିର ଚଞ୍ଚଳତା ଲକ୍ଷ୍ୟ କରୁଛି । କଫି ମଧ୍ୟରୁ ଆବେଗ ମଧ୍ୟରେ ମୋର ଏହି ଦାର୍ଶନିକ ମନ୍ତବ୍ୟ ଏକାନ୍ତ ଅପ୍ରତ୍ୟାଶିତ ।

ହଠାତ୍ ମନେହେଲା - ଆଜି ଦୋଳପୂର୍ଣ୍ଣିମା । ଆଉ ଏକ ଆଲୋକ ଜହ୍ନର । ସାମାନ୍ୟ ନଇଁପଡ଼ି ଆକାଶରେ ଜହ୍ନକୁ ଆବିଷ୍କାର କରିବାର ଏକ ବୃଥା ଚେଷ୍ଟା କଲି । ଦିଲ୍ଲୀର ଆକାଶରେ କାହିଁକି ଉଠେ ଏଇ ନିର୍ଲଜ ଜହ୍ନ ! ବାଦ୍ୟଯନ୍ତ୍ର ଝଲକି ଉଠିଲା ଆଉ ଆଖିଦୁଇଟା ଟାଣି ହୋଇଗଲା ସେହିଆଡ଼କୁ । ଯେଉଁମାନଙ୍କର ବିଭିନ୍ନ ଅଙ୍ଗ ପ୍ରତ୍ୟେଙ୍ଗର ସଞ୍ଚାଳନ ସେମାନଙ୍କୁ ଜୀବନ୍ତ କରି ତୋଳିବ, ସେମାନେ ଆଜି ଆସିବାରେ ବିଳମ୍ବ କରିଛନ୍ତି । ଆଉ ମୋ ଭିତରେ ଧୀରେ ଧୀରେ ବଢି ଉଠିଛି ଏକ ଅଦ୍‌ଭୂତ ପ୍ରତୀକ୍ଷାର ଅସ୍ଥିରତା ।

ଏକ ମାଇକି ଆଗରେ ଠିଆହେଲା-ତୋରା ଶଙ୍ଖ ଧବଳ ଗ୍ରୀବା ଉପରେ ପ୍ରସାଧନର ପ୍ରଲେପ ଅତ୍ୟନ୍ତ ଦୃଷ୍ଟିକଟୁ । ମୁଖମଣ୍ଡଳରେ ଦୂରରୁ ଲାଲ ଟିକକ ଲିପଷ୍ଟିକ ବିଜୁଳି ଆଲୋକରେ ଚକଚକ

କରୁଛି । ନେରା ଗାଲିଚା । ଏଇ ରାସ୍ତାରେ ଗ୍ରାହକମାନଙ୍କ ଆମୋଦ ପାଇଁ ମାଲିକ ତାକୁ ନିଯୁକ୍ତ କରିଅଛି । ବଡ଼ କଦର୍ଯ୍ୟ ତାଙ୍କର ନାଚ ଗୀତ । ବଲୁ ପୁଣି କଭିଲେ । ଏହି ଝିଅମାନେ ଆଉ କ'ଣ ସମ୍ଭ୍ରାନ୍ତ ବ୍ୟବସାୟ କରିପାରନ୍ତେ ନାହିଁ ? ଏମାନଙ୍କୁ ବୟକଟ କରିଦିଅ ।'[୫୩]

ଗମ୍ଭୀର ହୋଇଗଲେ ସେ । ନା ଥଟ୍ଟା ନୁହେଁ । ମୁଁ ଅତ୍ୟନ୍ତ ଘୃଣା କରେ ଏହି ଝିଅମାନଙ୍କୁ । ଯୌବନ କେଉଁଦିନୁ ସେମାନଙ୍କୁ ରିକ୍ତ କରି ଚାଲିଗଲାଣି । ନେରା କଫି ପିଉ ପିଉ ଆଉ ହାତରେ ସିଗାରେଟ୍ ଧରିବ ଓ ଅନ୍ୟ ବନ୍ଧୁମାନଙ୍କୁ ବଢ଼େଇଦେବ ସିଗାରେଟ । ନିଜ ମନର ଗତି ବିଷୟରେ ଉତ୍ତର ପାଇବା ପୂର୍ବରୁ ବଲୁ ଉଠି ଠିଆହେଲେ । ଫେରିଯିବାକୁ ହେବ । କର୍ମଜଞ୍ଜାଳ ଭିତରେ ବୁଡ଼ିଯିବାକୁ ହେବ । ରାତି ଅଧଯାଏ । ସେଠି ନେରା ପାଇଁ ଭାବିବାର ଅବସର ନଥିବ । ରହିପାରିବ ନାହିଁ ସହଜ ଭାବପ୍ରବଣତା କିମ୍ବା ଦରଦୀ ପ୍ରାଣର ଖିଅ ଟାଣି ଟାଣି ଆଉ ଗୋଟିଏ ଜୀବନର ବ୍ୟଥା ବେଦନାକୁ ଛୁଇଁ ଯିବାର ପ୍ରଚେଷ୍ଟା, ସେଠି କେବଳ କାମ ଆଉ କାମ ।

ଯିବାପାଇଁ ହେବ ଏଠି – ଇଚ୍ଛା-ଅନିଚ୍ଛାର ପ୍ରଶ୍ନ ନାହିଁ । ମୁଁ ବି ଆସନ ଛାଡ଼ି ଉଠିଲି । ଆଉ ଠିକ୍ ଦ୍ୱାର ନିକଟରେ ଦେଖାହୋଇଗଲା ନେରା ସହିତ । ନେରା ମୁଣ୍ଡ ନୁଆଁଇ ଅଭିବାଦନ କଲା – ଗୁଡ ଇଭନିଂ ।

ତୁମେ କ'ଣ ତାଙ୍କୁ ଚିହ୍ନ । ଏକ କୌତୁହଳ ଓ ତାଚ୍ଛଲ୍ୟ ମିଶା ସ୍ୱରରେ ସେ ମୋତେ ପ୍ରଶ୍ନ କଲେ । ଆଖିରେ ତାଙ୍କର ସନ୍ଦେହର ଛିଟା । ହଁ ତାକୁ ମୁଁ ଜାଣେ, କେବଳ ତାକୁ ନୁହେଁ ତା'ର ପରିବାର, ତା'ର ଘର ସବୁ ମୋତେ ଜଣା । ମୁଁ ବେଶ ସହଜ ସ୍ୱରରେ ଜବାବ୍ ଦେଲି । ଆଶ୍ୱାସନାର ସ୍ୱରରେ କହିଲି, ତୁମେ କିଛି ଭୟ କରନାହିଁ । ମୁଁ ତୁମକୁ ସବୁକଥା କହିବି । ଅନେକ ଚେଷ୍ଟାରେ ମୁଁ ନେରାର ଜୀବନ କାହାଣୀ ସଂଗ୍ରହ କରିଛି । ଆଶ୍ଚର୍ଯ୍ୟ ! ଆଶ୍ଚର୍ଯ୍ୟ କିଛି ନୁହେଁ । ଜଣେ ଲେଖକର ଯେତିକି କର୍ତ୍ତବ୍ୟ ସେତିକି ମାତ୍ର ମୁଁ କରିଛି । ମଣିଷ ଚରିତ୍ରର ବିଭିନ୍ନ ଦିଗକୁ ନ ଜାଣିଲେ ଲେଖକ ତାର ମୂଳକୁ ସ୍ପର୍ଶ କରିବ କିପରି ? ରାତ୍ର ଅଧିକ ହେବାରୁ ସମସ୍ତେ ସମସ୍ତଙ୍କର ଘରକୁ ଗଲୁ ।

ଏତେବେଳେ ଦିଲ୍ଲୀର ରାଜପଥ ଗଭୀର ନିଦ୍ରାରେ ମଗ୍ନ । ନେରାର ଜୀବନ ମଧ୍ୟ ଏମିତି ନିଃସଙ୍ଗ । ସେହିଦିନୁ ନେରାକୁ ମୁଁ ପଚାରିଲି – ଆଉକିଛି ସମ୍ଭ୍ରାନ୍ତ କାମ ପାଇଲନି ! ସେ ମୋତେ

[୫୩] ତତ୍ରୈବ, ପୃ-୧୧୨-୧୧୩

ତା'ର ଘରକୁ ନିମନ୍ତ୍ରଣ କଲା । ତା'ର ଘର ହେବାରୁ ପିଲାଟିଏ କବାଟ ଖୋଲିଲା, ତା'ର ପାଟି ଶୁଭିଲା, ମମ୍ମି ଏ କିଏ ? ମୁଁ ଚମକି ପଡ଼ିଲି । ସେ କ'ଣ ବିବାହିତା ! ଅସଂଖ୍ୟ ପ୍ରଶ୍ନର ଝଡ଼ ମୋ ମନରେ । ତା'ର ଦୁଇଟି ଖଟ ଥିଲା - ଗୋଟିଏ ଖଟରେ ଥିଲେ ଜୀର୍ଣ୍ଣଶିର୍ଣ୍ଣ ବୃଦ୍ଧା-ଶ୍ୱାସରୋଗଗ୍ରସ୍ତା, ସେ କହିଲା, ଶାଶୁ । ଅନ୍ୟଟିରେ - ରୋଗୀଣା ମୁହଁଟି - ବଡ଼ କଷ୍ଟରେ ସେ ଜୀବନ୍ତ କହୁଛି, ଘରକୁ ଏଥର ନାଗର ଆସିଲେଣି । ମୁଁ ଚମକି ପଡ଼ିଲି, ନେରା ପାଗଳ ପରି ହସିଉଠିଲା । ସେ ମୋର ସ୍ୱାମୀ, ଯକ୍ଷ୍ମାରୋଗୀ, ସ୍ୱାମୀ ଦେବତା ମୋର । ସହଜେ ତ ପୁଅଟି ତା'ର ଦୁଇ କାଖରେ ଦୁଇଟି ଆଶାବାଡ଼ି ଧରିଅଛି । ଛୋଟା ପୁଅଟେ । ଏହା ଥିଲା ନେରା ପରିବାର । ଆମେ ବନ୍ଧୁଦ୍ୱୟ ବାସ୍ତବରେ ହୃଦୟଙ୍ଗମ କଲୁ, ନିଜର ପରିବାରର ଭରଣପୋଷଣ ପାଇଁ ନେରା ଏଭଳି ଜୀବିକାକୁ ଆଦରି ନେଇଛି ।

ବାସ୍ତବିକ ଏହା ହେଉଛି ଏକ ଜନପଥ ।

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର ପ୍ରଥମ ଗଳ୍ପ ସଂକଳନ "କେତୋଟି କଥା"ରେ ବାଇଶଟି ଗଳ୍ପକୁ ସେ ସେଥିରେ ସ୍ଥାନଦେଇ ୧୯୭୬ରେ ପ୍ରକାଶ ପାଇଥିଲା । ତାଙ୍କର "କେତୋଟି କଥା" ଜଣେ ନିଛକ ସାରସ୍ୱତ ସାହିତ୍ୟିକା ପରିବାରର ଦାୟାଦ ଭାବରେ ନନ୍ଦିନୀଦେବୀ ଓଡ଼ିଆ ସାହିତ୍ୟକୁ ବିଶେଷତଃ ଗଳ୍ପ ବିଭାଗରେ ନିଜର ସ୍ୱହସ୍ତାକ୍ଷର ଛାଡ଼ିଯାଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ସାହିତ୍ୟ ଜଗତର ବିଭିନ୍ନ ବିଭାଗରେ ତାଙ୍କର ପାରଦର୍ଶିତା ଥିଲା । ଗଳ୍ପ ସଂକଳନ 'ସପ୍ତଦଶୀ' ଏବଂ କବିତା ସଂକଳନ 'ଉତ୍ତରପୁରୁଷ' ଏବଂ ଅନୁବାଦ କ୍ଷେତ୍ରରେ ସିଦ୍ଧିହସ୍ତା ଥିଲେ ଯଥାର୍ଥରେ ଲେଖିକା ।

## ନନ୍ଦିନୀ ଶତପଥୀଙ୍କର ସାରସ୍ୱତ କୃତିରେ–

## ନନ୍ଦିନୀଙ୍କର ଗଳ୍ପ ସଂକଳନ "ସପ୍ତଦଶୀ" :

ନନ୍ଦିନୀ ଶତପଥୀ ଜଣେ ନିଛକ ସାହିତ୍ୟିକ ପରିବାରରେ ଜନ୍ମ ଗ୍ରହଣ କରିଥିବାରୁ ପିଲାଟି ଦିନରୁ ତାଙ୍କ ଉପରେ ପଡ଼ିଥିଲା ପରିବାରର ପ୍ରଭାବ । ତୁଳସୀ ଦୁଇପତ୍ରରୁ ବାସିଲା ଭଳି ନନ୍ଦିନୀଙ୍କର ଅତି ସାନ ବେଳରୁ ତାଙ୍କ ସାହିତ୍ୟିକ ପ୍ରତିଭାର ଉନ୍ମେଷ ଘଟିଥିଲା । ତାଙ୍କ ବାପା ତଥା "ମାଟିର ମଣିଷ" କାଳଜୟୀ ଉପନ୍ୟାସର ରଚୟିତା ପଦ୍ମଭୂଷଣ ଡକ୍ଟର କାଳିନ୍ଦୀ ଚରଣ ପାଣିଗ୍ରାହୀ ତଥା

ସାମ୍ୟବାଦୀ ଚିନ୍ତାଧାରାର ପ୍ରତୀକ ଏବଂ 'ଶିକାରୀ' ଗଳ୍ପର ଗାଳ୍ପିକ ତାଙ୍କ କକେଇ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନନ୍ଦିନୀଦେବୀ ବାଲ୍ୟକାଳରୁ ସାହିତ୍ୟରେ ମନୋନିବେଶ କରିଥିଲେ ।

ନନ୍ଦିନୀଦେବୀଯେତେବେଳେ କଟକରେ ରହି ପାଠ ପଢୁଥିଲେ, ନିକଟସ୍ଥ ସ୍କୁଲରେ ଏକ ମାଗାଜିନ୍‌ରେ ତାଙ୍କର ପ୍ରଥମ ଗଳ୍ପ - 'ଅନାଥ' ପ୍ରକାଶ ପାଇଥିଲା । ସେ ଏକ ପିତୃ-ମାତୃହରା ଅନାଥ ପିଲାଟିର କାହାଣୀ ଗଳ୍ପରେ ଉଲ୍ଲେଖ କରିଥିଲେ । ସେତେବେଳେ ସେ ସପ୍ତମ ଶ୍ରେଣୀରେ ପାଠ ପଢୁଥିଲେ । ସେ ସେହିଦିନ ଠାରୁ ସାହିତ୍ୟ ଚର୍ଚ୍ଚାରେ ନିଜକୁ ନିୟୋଜିତ କରିଥିଲେ ।

ନନ୍ଦିନୀ ଶତପଥୀଙ୍କର ପ୍ରଥମ ଗଳ୍ପ ସଂକଳନ "କେତୋଟି କଥା" ପ୍ରକାଶ ପାଇଥିଲା ୧୯୬୭ ମସିହାରେ । ଏହି ଗଳ୍ପ ସଂକଳନରେ ନନ୍ଦିନୀ 'ବାଇଶଗୋଟି' ଗଳ୍ପକୁ ସଂଲଗ୍ନ କରିଥିଲେ । ପାଠକ-ପାଠିକାମାନଙ୍କ ମଧ୍ୟରେ ଏହା ଏତେ ସୁଦୂରପ୍ରସାରୀ ହୋଇଥିଲା ଯେ, "କେତୋଟି କଥା"ର ଗଳ୍ପଗୁଡ଼ିକ ଭାରତୀୟ ଅନ୍ୟାନ୍ୟ ଆଞ୍ଚଳିକ ଭାଷା ଯଥା- ବଙ୍ଗଳା, ତେଲୁଗୁ, ତାମିଲ, ମାଲାୟଲମ୍, କନ୍ନଡ଼, ସର୍ବୋପରି ଇଂରାଜୀ ଭାଷାରେ ଏହାର ଅନୁବାଦ ପ୍ରକାଶିତ ହୋଇଥିଲା ।

ନନ୍ଦିନୀ ଶତପଥୀଙ୍କର ଦ୍ୱିତୀୟ ତଥା (ଶେଷ) ଗଳ୍ପ ସଂକଳନ "ସପ୍ତଦଶୀ" ସତର ଗୋଟି ଗଳ୍ପକୁ ନେଇ ରଚିତ ହୋଇଥିଲା ।*

## (୧) ବିଷର ବଳୟ :

ଗାଳ୍ପିକା ନନ୍ଦିନୀ ଶତପଥୀ ତାଙ୍କର ଗଳ୍ପ ସଂକଳନ "ସପ୍ତଦଶୀ"ରେ 'ବିଷର ବଳୟ' ଏକ କ୍ଷୁଦ୍ରଗଳ୍ପ । ସାମ୍ପ୍ରତିକ ସମାଜରେ ଏକ ବାପ-ମା ସେମାନଙ୍କର ପିଲାଙ୍କର ଭବିଷ୍ୟତ ପାଇଁ କିଭଳି ସୁନେଲୀ ସ୍ୱପ୍ନ ଦେଖୁଥିବାବେଳେ, ତେଣେ ପିଲାମାନେ କିପରି ସାଙ୍ଗସାଥୀ ମେଳରେ ଖରାପ ବାଟକୁ ଗତି କରିଥାଆନ୍ତି, ଏହାହିଁ ଏହି ଗଳ୍ପରେ ମୁଖ୍ୟ ସାରସଂକ୍ଷେପ । ବାସ୍ତବିକ୍ ଏହା ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଛି ।

ପଦାକୁ ଯିବାପାଇଁ ଅର୍ଦ୍ଧରାତ୍ରିରେ ଦାଣ୍ଡ କବାଟଟା ଫିଟାଇ ବାହାରକୁ ଉଠିଆସିଲା ବୀରପ୍ପା । ଖାଲି ଟିକକ ଦୂରରେ ଥିବା ରାସ୍ତର ବତୀଖୁଣ୍ଟରୁ ଆଲୁଅ ଚେନାଏ ଆସି ପିଣ୍ଡାର ଗୋଟିଏ ପାଖରେ

ପଡୁଅଛି । ସେଇଠି ଗାମୁଛାଟା ଉପରେ ଶୋଇଛି - ଶିବୁ । ମେଞ୍ଚାଏ ମଶା ତା' ମୁହଁ ଉପରେ ଗଣଗଣ ହେଉଛନ୍ତି । ସେ ଶିବୁ ପାଖକୁ ଆସି ଦେଖିଲା ସେ ଠିକ୍ ଭାବରେ ଶୋଇଅଛି । ନିଶ୍ୱାସ ଚାଲୁଛି । ତଥାପି ସେ ତା'ର ପୋଷାକ ଓହ୍ଲାଇ ଦେଖିଲା - କେଉଁଠି କିଛି ଆଘାତର ଚିହ୍ନ ନାହିଁ । ସେ ନିଜେ ଆସି ଏଠାରେ ଶୋଇଛି ।

ବାବନ ବଜାର, ତେପନ ଗଳିର କଟକ ସହର ଆଉ ସେହି ସହର ହୋଇ ନାହିଁ । କେତେ ଗଳି ଓ କେତେ ବଜାର ସାହିସାହିରେ । ତିରିଶ ବର୍ଷ ତଳେ ତେପନ ଗଳିରୁ ଗୋଟିଏ ଗଳିରେ ବୀରପ୍ପା ଦିନେ ଆସି ପହଞ୍ଚିଥିଲା । ସୁଦୂର ଆନ୍ଧ୍ରପ୍ରଦେଶର ଆନକାପଲ୍ଲୀରୁ କଟକ ସହରର ବଢ଼େଇ ସାହି ତା' ପାଇଁ ସେତେବେଳେ ଥିଲା ଅନେକ ଦୂର । ସେହି ଦୂରତ୍ୱକୁ ସଂକୁଚିତ କରି ଶାମ ମିସ୍ତ୍ରୀର ବାହାରପଟ ଚାଳିଆରେ ସେଦିନ ମୁଣ୍ଡ ଗୁଞ୍ଜିଥିଲା ବୀରପ୍ପା । ତା'ପରେ ଅନେକ ଦୂରତା ସେ ଅତିକ୍ରମ କରି କଟକର ମାଲଗୋଦାମରେ ମୋଟ ବୁହେ, ମଜୁରି ଖଟେ ଓ ରିକ୍ସା ଚଳାଏ ।

'ଶାମ ମିସ୍ତ୍ରୀଙ୍କର ପରିବାରରେ ପାଞ୍ଚଜଣ ମଣିଷ । ସ୍ୱାମୀ-ସ୍ତ୍ରୀ, ଦୁଇଟି ପୁଅଝିଅ ଓ ଆଉ ବୁଢ଼ିମାଆଟି । କାଠ କାମରୁ ଯେତିକି ରୋଜଗାର ହୁଏ, ପାଞ୍ଚୋଟି ପେଟକୁ ସେଥିରୁ ଭଲଭାବରେ ପୁରାଇ ହୁଏନାହିଁ । ସେଥିରେ ଭାଗ ବସାଇଥିଲା ବୀରପ୍ପା । ତୁ ଆମ ସାଙ୍ଗରେ ରହ, ତୋର କାମ ପାଇଲା ପରେ ତୋ କଥା ତୋର । ହାତ ମୁହଁ ଧୋଇ ଆସିବା ଆଗରୁ ଲକ୍ଷ୍ମୀ ମୁଢ଼ି, ତା' ସାଙ୍ଗରେ ଚାହା ଆଣି ପରଶି ଦେଇଥିଲା । ବାର, ତେର ବର୍ଷ ବୟସର ଲକ୍ଷ୍ମୀ ଭାରି ସୁନ୍ଦର ଦିଶୁଥିଲା । ଶିବୁ ଦାଣ୍ଡପିଣ୍ଡାରେ ଶୋଇଥିଲା । ଉଠିଲାଣି ଲକ୍ଷ୍ମୀ ? ନାଇଁତ ଶିବୁ ଶିବୁ ହୋଇ ଲୋକଟା ପାଗଳ ହୋଇଯିବ କି କ'ଣ ? ନହେବ ବା କେମିତି, ଗୋଟିଏ ବୋଲି ପୁଅ, କେତେ ଆଶା ମନରେ ବାନ୍ଧି ବୀରପ୍ପା ଓ ଲକ୍ଷ୍ମୀ ତାକୁ ବଢ଼େଇଥିଲେ । ଶେଷକୁ... ଚା' ପିଇସାରି ବୀରପ୍ପା ସାହିକି ଗଲା । ଶିବୁ କଥା ପଚାରିବ ବୋଲି । ପ୍ରତିଦିନର ରୋଜଗାର ତକ ସଂଜ ବେଳକୁ ଫେରି ଶାମ ହାତରେ ଧରାଇ ଦେଉଥିଲା ବୀରପ୍ପା । ଶାମ କହିଲା, ତୋ ପଇସା ତୋର ରଖ, ତମେ ନଥିଲେ, ମେତେ ବିଦେଶ ଭୂଇଁରେ କିଏ ଆଶ୍ରା ଦେଇଥାନ୍ତା । ଆଜିକାଲି ଯୁଗରେ କିଏ ଏତେ ବିଶ୍ୱାସ ରଖିବ । ବୀରପ୍ପା କିନ୍ତୁ ବିଶ୍ୱାସ ରଖିଥିଲା, ଆଉ ସେହି ବିଶ୍ୱାସ ବି ରଖିଥିଲା ଶାମ ।'[୫୪]

[୫୪] ନନ୍ଦିନୀ ଶତପଥୀ, ସପ୍ତଦଶୀ, ଗ୍ରନ୍ଥମନ୍ଦିର, କଟକ-୧୯୮୮, ପୃ-୨-୩

ତା'ପରେ ଶିବୁ ଆସିଲା ତା' ସଂସାରକୁ । ବୀରପ୍ପା ବି ଶାମର କଥା ମାନିନେଇଥିଲା । ଶିବୁକୁ ଖୁବ୍ ପାଠ ପଢ଼ାଇବ ବୋଲି ଠିକ୍ କରିଥିଲା । ଶିବୁ ଯେଉଁଦିନ ମାଟ୍ରିକ୍ ପାସ କରିଥିଲା, ତା' ମା ଲକ୍ଷ୍ମୀ ସେହିଦିନ ସାହିଯାକ ମିଠା ବାଣ୍ଟିଥିଲା । ବହୁ କଷ୍ଟରେ ଟଙ୍କା ଯୋଗାଡ଼ କରି ସେ ଶିବୁକୁ କଲେଜରେ ପାଠ ପଢ଼ାଇଲା । ମାତ୍ର ଶିବୁ ସାଙ୍ଗମାନଙ୍କ ସାଙ୍ଗରେ ସିନେମା, ହୋଟେଲକୁ ଯାଇ ନଷ୍ଟ ହୋଇଗଲା । ଶିବୁର ସାଙ୍ଗମାନଙ୍କର ପ୍ରଭାବ ପାଖରେ ବାପା ବୀରପ୍ପାର ସ୍ୱାଭିମାନ ହାର ମାନିଗଲା । ତା'ପରେ ଥାନା, ପୋଲିସ, ଘର ଖାନତଲାସ । ଲକ୍ଷ୍ମୀ ଓ ବୀରପ୍ପାଙ୍କର ସାଇ ଲୋକଙ୍କ ସାଙ୍ଗରେ ସମ୍ପର୍କ ତୁଟିଗଲା । ଶିବୁ ମଧ୍ୟ ଖରାପ କାମ କରି ଜେଲ ଯାଏ । ଗୋଟିଏ କେଶ୍‌ରେ ସେ ବାପାଙ୍କର ନିକଟତର ହେଲା ଓ ବାପାଙ୍କର ଅଭୟବାଣୀ ପାଇଲା । ଶେଷରେ ପୋଲିସ ଶିବୁକ ନେଇଗଲା । ଟ୍ରାଫିକ୍ ଆଇଲାଣ୍ଡ ଉପରେ ଠିଆ ହୋଇଥିବା ବୀରପ୍ପାର ଏକ ଦୀର୍ଘନିଶ୍ୱାସ ବାହାରିଆସୁଥିଲା ।

## (୨) ଶତ୍ରୁ :

ନନ୍ଦିନୀ ଶତପଥୀଙ୍କର ଗଳ୍ପ ସଂକଳନ "ଶପ୍ତଦଶୀ"ର ଏକ ଗଳ୍ପ 'ଶତ୍ରୁ' । ନନ୍ଦିନୀଦେବୀ ଏଠାରେ ଦୁଇ ମହିଳାଙ୍କର କାହାଣୀକୁ ଉପସ୍ଥାପିତ କରିଅଛନ୍ତି । ଏକ ସୁଦୂର ଟ୍ରେନ୍ ଯାତ୍ରାରେ ଘଟିଥିବା କାହାଣୀ ହେଉଛି – ଶତ୍ରୁ ।

'ଏଇ ଛୋଟ ଅଥଚ ବିଖ୍ୟାତ ସହରରେ ନନ୍ଦିନୀଦେବୀଙ୍କୁ ତାଙ୍କର ଗଳ୍ପ 'ଶତ୍ରୁ'ରେ ମୁଖ୍ୟ ନାୟିକା ଭାବରେ ଜଣାଶୁଣା ପରିବାର ଶ୍ରୀମତୀ ଦେଓଙ୍କୁ ସମସ୍ତେ ଶ୍ରଦ୍ଧା ଓ ସମ୍ମାନର ଚକ୍ଷୁରେ ଦେଖୁଥିଲେ । ଯେଉଁମାନେ ତାଙ୍କୁ ଦେଖିଛନ୍ତି, ସେମାନେ ସେହି ଦୂରତ୍ୱ ଭାଙ୍ଗିବା ପାଇଁ କେବେ ସାହସ କରିନାହାନ୍ତି । ସହରର ଏହି ବିଶିଷ୍ଟ ଅଞ୍ଚଳରେ ଥିବା ଆଭିଜାତ୍ୟ ସମ୍ପନ୍ନ ଘରେ କେବେଠାରୁ ବାସ କରୁଛନ୍ତି – କାହାକୁ ଜଣାନାହିଁ । ସେହି ଗୃହରେ ଭୃତ୍ୟ, ଡ୍ରାଇଭର, ମହିଳା ସେକ୍ରେଟାରୀଙ୍କ ବ୍ୟତୀତ ଅନ୍ୟକାହାରିକୁ କେହି କେବେ ଦେଖିନାହାନ୍ତି । ସେଥିପାଇଁ ଶ୍ରୀମତୀ ଦେଓ କୁମାରୀ, ବିବାହିତା, ବିଧବା କି ସ୍ୱାମୀ ପରିତ୍ୟାଗିନୀ, ସେକଥା ମଧ୍ୟ ସେହିଭଳି ଅଜଣା । ଫାଟକ ନିକଟରେ ମାର୍ବଲ ଉପରେ କେବଳ ଓଡ଼ିଆ ଅକ୍ଷରରେ ଲେଖାହୋଇଛି – ଶ୍ରୀମତୀ ର. ଦେଓ । ତାଙ୍କର ନାମ ରମା, ରତ୍ନା କିମ୍ବା ରଂଜିତା ତାହା ଜଣାପଡୁନାହିଁ । ଧରି ନିଆଯାଉ- ନାମଟି ରତ୍ନା । ରତ୍ନାଙ୍କର

ବୟସ ଆନୁମାନିକ ଚାଳିଶ ଓ ପଇଁଚାଳିଶ ମଧ୍ୟରେ । ଆବଶ୍ୟକ ଠାରୁ ଅଧିକ ବ୍ୟୟ କରିବା କେହି କେବେ ରତ୍ନାଙ୍କୁ ଦେଖୁନଥିଲେ । ସେ ଥିଲେ ସହରର ସବୁଠାରୁ ସୁରୁଚିସମ୍ପନ୍ନା ଆଧୁନିକ ମହିଳା । ବେଳେବେଳେ ଘରକୁ ସେ ନିମନ୍ତ୍ରିତ ଅତିଥିମାନଙ୍କୁ ଡାକି ଆପ୍ୟାୟିତ କରୁଥିଲେ । ସମୟ ସମୟରେ ରତ୍ନାଙ୍କର ବୈଠକଖାନାର ରେକର୍ଡ ପ୍ଲେୟାରରୁ ସୁମଧୁର ଉଚ୍ଚକୋଟୀର ଶାସ୍ତ୍ରୀୟସଂଗୀତ ଆସୁଥାଏ । ରତ୍ନା କେବେକେବେ ଘରଛାଡ଼ି ଦଶ ପନ୍ଦର ଦିନ ପାଇଁ ବାହାରକୁ ଚାଲିଯାଉଥିଲେ ।

ଏଥର ରତ୍ନାଦେବୀ ପ୍ରଥମଶ୍ରେଣୀ ଶୀତତାପ ନିୟନ୍ତ୍ରିତ ବଗିରେ ଟ୍ରେନ୍‌ରେ ଯାତ୍ରା ଆରମ୍ଭ କରିଥିଲେ । ତାଙ୍କର ଡ୍ରାଇଭର ଓ ଭୃତ୍ୟ ସମସ୍ତ ସାମଞ୍ଜସ୍ୟ ସହିତ ରତ୍ନାଦେବୀଙ୍କୁ ଷ୍ଟେସନ୍‌ରେ ବସାଇ ରହିଯାଇଥାନ୍ତି । ସେତେବେଳକୁ ଭିଡ଼ କମିଗଲାଣି ପ୍ଲାଟ୍‌ଫର୍ମରେ । ସମସ୍ତେ ଗାଡ଼ିକୁ ଉଠୁଛନ୍ତି – ଠିକ୍ ସେତିକିବେଳେ ଜଣେ ସ୍ଥୁଳକାୟ ମହିଳା ତାଙ୍କ ନିକଟରେ ଆସି ବସିଗଲେ । ତାଙ୍କର ଚାଲିଚଳଣୀ ରତ୍ନାଙ୍କୁ ଆଦୌ ଭଲ ଲାଗୁନଥିଲା । କିଛି ସମୟ ପରେ ଟ୍ରେନ୍‌ର ଡାଇନିଂ କାରର ବୟଟି ଆସି ରାତ୍ରିଭୋଜନ ପାଇଁ ଅର୍ଡର ନେଲା । ମାତ୍ର, ରତ୍ନାଦେବୀ ମନା କରିଦେଇଥିଲେ, ପାଖରେ ଥିବା ମହିଳାଜଣକ – ମାଛ ଓ ମିଠା ପାଇଁ ଅର୍ଡର ଦେଲେ । ପରେ ଦୁହେଁ ମିଶି ଆରାମରେ ଭୋଜନ କଲେ ଓ ଦୁହେଁ ଗପରେ ମଜିଗଲେ । ବହି ଉପରକୁ ଆଖି ଫେରାଇ ଆଣି ରତ୍ନା ପୁଣି ପଢ଼ିବାକୁ ଚେଷ୍ଟା କରିଥିଲେ । ସେହି ମହିଳାଙ୍କର ଆଯାଚିତ ଅଭିଭାବକତ୍ୱ ରତ୍ନାଦେବୀଙ୍କୁ ଆଦୌ ଭଲ ଲାଗୁନଥିଲା ।

ଗାଡ଼ିର ଗତି ବଢ଼ିଚାଲିଥିଲା । ରାତ୍ରି ବି ବଢ଼ି ଚାଲୁଛି । ହଠାତ୍ କବାଟର ଜୋର ଠକ୍‌ଠକ୍‌ରେ ରତ୍ନାଦେବୀ ଆଖି ଖୋଲିଲେ । ସମୟ ସାଢ଼େ ପାଞ୍ଚଟା । ପରେ ଦେଖିଲେ ସେ ଭଦ୍ରମହିଳା ସେଠାରେ ନାହାନ୍ତି । ଏତେ ସକାଳୁ ଟିକେଟ୍ ଚେକରଙ୍କୁ ଦେଖି ବିରକ୍ତ ହେଲେ ରତ୍ନା । ମାତ୍ର ଟି.ସି କହିଲେ ଆପଣଙ୍କ ପାଖରେ ଥିବା ମହିଳାଙ୍କର ଟୟଲେଟ୍ ଭିତରେ ମୃତ୍ୟୁ ହୋଇଯାଇଛି । ସେଠିକାର ଲୋକ ସବୁ କୁହାକୁହି ହେଲେ ୟାଙ୍କର ସହଯାତ୍ରିଣୀ ରାତ୍ରିରେ କଷ୍ଟ ପାଇଲେ, ସକାଳୁ ବାଥରୁମ୍‌ରେ ପଡ଼ି ମରିଗଲେ । ମାତ୍ର ୟାଙ୍କୁ କିଛି ଜଣାନାହିଁ !'[୫୫]

ରତ୍ନାଦେବୀ ଘରେ ପହଞ୍ଚି ଚାକର ହାତରେ ଟେଲିଗ୍ରାମ ଫର୍ମ ମଗାଇ ନିଜର ସେକ୍ରେଟାରୀଙ୍କ ପାଖକୁ ଟେଲିଗ୍ରାମ କରି ଲେଖିଲେ, ଟ୍ରେନ୍‌ରେ ମୃତ୍ୟୁବରଣ କରିଥିବା ମହିଳା ଅନ୍ୟଜଣେ ।

[୫୫] ତତ୍ରୈବ, ପୃ-୯-୧୦

## (ଗ) ସୁଡ଼ଙ୍ଗର ଶେଷରେ :

ଗାଳ୍ପିକା ନନ୍ଦିନୀ ଶତପଥୀ ତାଙ୍କର ଦ୍ୱିତୀୟ ଗଳ୍ପ ସଂକଳନ "ସପ୍ତଦଶୀ" ୧୯୮୮ରେ ପ୍ରକାଶିତ ହୋଇଥିଲା । ସତରଗୋଟି ଗଳ୍ପଗୁଚ୍ଛକୁ ନେଇ "ସପ୍ତଦଶୀ" ରଚିତ । ଏଥିରେ 'ସୁଡ଼ଙ୍ଗର ଶେଷରେ' ଏକ କ୍ଷୁଦ୍ରଗଳ୍ପ । ଏହା ବେଶ୍ ପ୍ରାଣସ୍ପର୍ଶୀ ।

'ବହୁଦିନର ପୁରୁଣା ପରିଚିତ ଘରଟା ହଠାତ୍ କେମିତି ଜେଲ୍‌ଖାନା ପାଲଟିଗଲା । ଆଉ ମୁଁ ବି ତା' ଭିତରେ କଏଦୀ । ଆମେ ଅନେକ ଲୋକ ସେ ଘର ଭିତରେ ରହୁଥିଲୁ । ସମସ୍ତେ ମୋର ନିଜ ଲୋକ- ପୁଅ, ଝିଅ, ବୋହୂ, ନାତି ଓ ନାତୁଣୀଗଣ । ସେମାନେ କୁଆଡ଼େ ଗଲେ, ମୋ ପାଖରେ ମୋର ସହ କଏଦୀ  କୋ-ପ୍ରିଜନର, ସବୁରି ଦେହରେ ଗୋଟିଏ ପ୍ରକାରର ପୋଷାକ, ସମସ୍ତଙ୍କ ଭିତରେ ସେହି ମଲ୍ଲୀଫୁଲିଆ, ଆଲୁଅ ଭିତରୁ ମୁହଁଟିଏ ବାହାରି ଆସିଲା । ଦେହର ଆଉ ଅଙ୍ଗପ୍ରତ୍ୟଙ୍ଗ କିଛି ଦିଶାଯାଉନାହିଁ । କେବଳ ମୁହଁଟିଏ । ସେ ମୁହଁରେ ହସ ଫୁଟି ଉଠିଲା ।

ରାତ୍ରିରେ ସମସ୍ତେ ଶୋଇପଡ଼ିଥିଲେ । ଖୁବ୍ ଆରାମରେ କ୍ଷଣକ ପାଇଁ ମନେହେଲା- ସେମାନଙ୍କର ଭିତରେ ମୋର ପୁଅ ଓ ଝିଅମାନେ ଅଛନ୍ତି । ସେହି ଛାଇ ଅନ୍ଧାର ଭିତରେ ମୋତେ ସିଏ ଅତି ଆପଣାର ମନେହେଲା । କି ସୁନ୍ଦର ଆଲୁଅ ପଡ଼ିଛି-ଅଗଣାରେ, ଦେଖିବୁ ଯଦି ଉଠିଆ । ପ୍ରତିଦିନ ପ୍ରାୟ ଏହି ଗୋଟିଏ ଘଟଣା ପୁନରାବୃତ୍ତି ହେବାକୁ ଲାଗିଲା । ସେହି ଆବଦ୍ଧ କୋଠରୀ, ସେହି ଡୋରିଆ ପୋଷାକ ପିନ୍ଧିଥିବା କଏଦୀ ଦଳ । ଦିନେ ସତକୁ ସତ ବର୍ଥର ତାଲା ଖୋଲିଗଲା । ଜେଲ୍‌ର ଓ୍ୱାର୍ଡର ଖୋଲି ଦେଇଥିଲେ ।

ମୁଁ ଚାଲୁଥିଲି । ମୋ ସାମନାରେ ସେହି 'ମୁହଁ'ଟା ସେ ଯେମିତି ମୋତେ ବାଟ କଢ଼ାଇ ନେଉଥିଲା । ମୋହଗ୍ରସ୍ତ ଭଳି ମୁଁ ଆଗେଇ ଯାଉଥିଲି । ଜାଣିନଥିଲି କୁଆଡ଼େ ଯାଉଛି । ଭାରି ପରିଚିତ ଲାଗୁଥିଲା - ବେଳେବେଳେ ସେହି ମୁହଁ । ସେତେବେଳେ ମୁଁ 'ମୁହଁ'ଟିକୁ ଭଲକରି ଦେଖିବାକୁ ବ୍ୟଗ୍ର ହୋଇପଡ଼ିଥିଲି । ଜାଣିବାକୁ ଚାହିଁଥିଲି କିଏ ସେ, ଯାହାର ଡାକରାରେ ଡେଇଁ ଆସିଲି ଏଇ ବିରାଟ ବାଧା-ବନ୍ଧନ । ସେ ପାଖକୁ ଆସୁନାହିଁ । ମୁଁ ତାକୁ ଛୁଇଁପାରୁନାହିଁ, ଅଥଚ ତା'ର ଭରସାରେ ମୁଁ ଚାଲିବାରେ ଲାଗିଛି । ସବୁରି ମେଳରେ ସେ ନିଜକୁ ହଜାଇ ଦେଇଛି । ମୁଁ କିନ୍ତୁ ତାହାର ସେହି ସ୍ୱତନ୍ତ୍ର ସତ୍ତାଟିକୁ ଖୋଜି ଚାଲିଛି । ବାଟ କଢ଼ାଇ ନେଇଯିବ ବୋଲି ହାତ ବଢ଼ାଇ ଦେଇଛି ।'[୫୬]

[୫୬] ତତ୍ରୈବ, ପୃ-୧୭-୧୮

ଚାଲୁଚାଲୁ କେତେବେଳେ ମୁଁ 'ସୁଡ଼ଙ୍ଗ ଭିତରେ' ପଶିଯାଇଛି । ମୋ ଆଖିରେ ଆଉ ସେହି 'ମୁହଁ' ଚାଲୁନାହିଁ । ବଜାରର ଗହଳି ଭିତରେ ସେ ହଜିଯାଇଛି ଅନେକବେଳୁ । ଏଥର ମୁଁ କ'ଣ ତେବେ ଏକୁଟିଆ ଚାଲୁଛି । ପ୍ରତିପାଦର ଅନ୍ଧାର ଏଠି ଗଭୀରରୁ ଗଭୀରତର ହୋଇଯାଉଛି । ଆଗକୁ ପାଦ ପକାଇବାକୁ ଭୟ ଲାଗୁଛି । ଅସହାୟ-ଆଖିଟା ମୋର ସେହି ଅନ୍ଧକାର ଭିତରେ ବି ଖୋଜିଚାଲିଛି - 'ମୁହଁ'ଟିକୁ କାଳେ ଅବା ଫେରିଆସିଥିବ ଗହଳି ଭିତରୁ । ଜେଲ ପାଚେରୀ ଡେଇଁ ଚାଲିଆସିବାକୁ - ଯିଏ ଡାକିଥିଲା ସୁଡ଼ଙ୍ଗର ଅନ୍ଧକାରରେ - ମୁଁ ପଶିଗଲା ବେଳେ ସେ କ'ଣ ପଛରେ ରହିଯିବ । ଛାଡ଼ିଦେଇ ଚାଲିଯିବ । ସୁଡ଼ଙ୍ଗ ଆହୁରି ଅନ୍ଧାର ହୋଇଯାଉଛି ।

ଜେଲ୍‌ଖାନା ଭିତରେ ସେହି ଦରଦୀ ସହବନ୍ଦୀଟି ସୁଡ଼ଙ୍ଗର ଗୋଟିଏ କୋଣରେ ଠିଆହୋଇ ହସିଉଠିଲେ । ମୁଁ ଥକି ପଡ଼ିଥିଲି ସୁଡ଼ଙ୍ଗର ଅନ୍ଧାର ଭିତରେ କିଛି ବି ଦେଖିପାରୁନଥିଲି । ମନ ହେଉଥିଲା ଶୋଇପଡ଼ିବାକୁ ସେହି ଥଣ୍ଡା ସିମେଣ୍ଟ ବେଞ୍ଚ ଉପରେ । ଦେଖିଲି କେହି ନାହାନ୍ତି, ମୁଁ ଅଛି ତ ? ନିଜ ଦେହରେ ହାତମାରି ଅସ୍ତିତ୍ୱ ଅନୁଭବ କଲି । ତା'ପରେ ପୁଣି ଚାଲିବାକୁ ଲାଗିଲି ।

## (୪) ବିବର୍ତ୍ତନ :

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର ଗଳ୍ପ ସଂକଳନ "ସପ୍ତଦଶୀ"ରେ 'ବିବର୍ତ୍ତନ' ଏକ ଗଳ୍ପ । ଆଧୁନିକ ଯୁଗର ପରିବର୍ତ୍ତନକୁ ନେଇ ଏହି ଗଳ୍ପଟିର ସୃଷ୍ଟି । କାହାଣୀର ସାରସଂକ୍ଷେପ ହେଲା-

କାହିଁକି କାନ୍ଦୁଛ,

ନା କାନ୍ଦୁନାହିଁ ତ ।

କିନ୍ତୁ-ତୁମ ଆଖିରେ ଯେ ଲୁହ । ତଥାପି ତ ଲୁହ ଝରେ । ବାଧା କିଛି ମାନେନାହିଁ । ଏମିତି ଗୁଡ଼ାଏ ସଂଳାପ ଓ ଏହା ଅନେକଗୁଡ଼ାଏ ପୁରୁଣା ! ପୃଥିବୀରେ ନୂଆବୋଲି କ'ଣ ବା ଅଛି । କୋଟି କୋଟି ବିବାହ ହୋଇଛି ଏ ଦୁନିଆରେ । ତଥାପି ଲୋକେ କୁହନ୍ତି - ନୂଆବୋହୂ, ଘଣ୍ଟାକେ କୋଟି କୋଟି ଛୁଆ ଜନ୍ମ ହେଉଛନ୍ତି । କିନ୍ତୁ ଯାହାର ପିଲା ତା' ଘରେ ତାହାର ନବଜାତ । ପ୍ରତିଦିନ ଜଳି ଯାଉଥିବା ସୂର୍ଯ୍ୟ ଚିର ନୂତନ, ଚିର ପୁରାତନ ପ୍ରେମ । ତେବେ ବି ବ୍ୟକ୍ତି ଜୀବନରେ ତା'ର ଆବିର୍ଭାବ ଚିର ନୂତନ ।

ହାତ ପାପୁଲିରେ ଲୁହପୋଛି ଶାନ୍ତୁ ଠିଆହୋଇପଡ଼ି ରାଣାର ଭାବନା ଭାଙ୍ଗିଦେଲା । କ'ଣ ଭାବୁଛ ? ହସିବାକୁ ଚେଷ୍ଟା କରି ମଧ୍ୟ ହସିପାରିଲା ନାହିଁ ରାଣା । ରାଣାର ଚରିତ୍ର ସାଙ୍ଗରେ ତା'ର ବଳିଷ୍ଠ ପେଶୀ ବହୁଳ ଶରୀର ସାଙ୍ଗରେ ଏପରି କଥା ଖାପ ଖାଏନାହିଁ । ଅନ୍ତତଃ ସାନ୍ତୁର ତାହାହିଁ ମନେହେଲା । ରାଣାର ମନ ନିଉନ ଏଭଳି ଭାବରେ ତା' ଆଗରେ ଠିଆହୋଇଯାଇଛି । ଶାନ୍ତୁର ରୂପ ତା'ର ସ୍ତ୍ରୀର ରୂପ ନେଇ । ନିଜକୁ ସେ ଅବିଶ୍ୱାସ କରିପାରୁନାହିଁ, ବିଶ୍ୱାସ କରିବା ବି କଷ୍ଟ । ମନର ଶକ୍ତି, ଆତ୍ମାର ଶକ୍ତି କିଛି ପାଉନାହିଁ ସେ । ଶନିଆ ଭୋଇର ପୁଅ ରାଣା କଟକ କଲେଜରେ ପାଠ ପଢ଼ିବ ବୋଲି, ଯେଉଁଦିନ ବାହାରି ଆସିଥିଲା ଗାଁର ଲୋକମାନେ ଟିକିଏ ଆଖି ଉଠାଇ ଚାହିଁଥିଲେ । ରାଣା ସେତେବେଳେ ବୁଝିପାରିନଥିଲା । ସବୁ ସାଙ୍ଗସାଥୀମାନଙ୍କର ମେଳରେ ସେ ବି ମେଟ୍ରିକ୍ ପାଶ୍ କଲା । ରାଣାର କାନ୍ଧରେ ହାତ ରଖି ଶାନ୍ତୁ କହିଥିଲା, ଜମି ଆମକୁ ମିଳିଲା, ଆମେ ତ ଚାଷକଲେ, ଫସଲ ଫଳାଇଲେ । ଏଭଳି କଥା ହେବା କଥା ନୁହେଁ ଶାନ୍ତୁର । ସେ ତ ଖୁବ୍ ପଇସା ବାଲା ଲୋକ, ମାଡ଼ ଦେବ, କ'ଣ ଦେଶରେ ଆଇନ୍ କାନୁନ୍ ପଳେଇଲା । ରାଣାର କଥାରେ ଟିକିଏ ଦବିଗଲା - ଶାନ୍ତୁ । କେତେ ନୂଆ ଆଇନ୍ ବଳରେ ଚାଷ କରୁଥିବା ଜମିକୁ ନିଜର କରିପାରୁଛନ୍ତି । ଶାନ୍ତୁ ମେଳି କଥା କହୁଛି - ସର୍ବହରା ସଂଗଠନ ।

ଗାଁରେ ମେଳିହୋଇ ମକଦ୍ଦମା କରିବା ବିଚାର ଚାଲିଥିବା ବେଳେ, ସୁବ୍ରତ ବାପାଙ୍କର ସାମନାରେ ଠିଆହୋଇଗଲେ । ଠିକ୍ ସେତିକିବେଳେ ରାଜ ମକଦମଙ୍କର ମୁହଁରେ ଏ ରହସ୍ୟମୟ ହସ, କବାଟ ଖୋଲି ବାହାରକୁ ବାହାରି ଆସିଲେ ସେ - ଝାପ୍ସା ଆଲୁଅରେ ଅଗଣାରେ କୋଡ଼ିଏ ଜଣ କଳା କଳା ଲୋକ । ନ ଜାଣିଥିଲେ ପ୍ରେତଆତ୍ମା ବୋଲି ମନେ ହୋଇଥାନ୍ତା ସୁବ୍ରତଙ୍କର । ଫୁସ୍‌ଫୁସ୍ କଥା ବନ୍ଦ ହୋଇଗଲା । ଭୋଳି ଭୋଇ ବାପାଙ୍କ ଆଡ଼କୁ ମାଡ଼ିଆସୁଛି । ସୁବ୍ରତ ଚମକି ପଡ଼ିଲା । ଏ ଗାଁର ଭୋଇମାନଙ୍କର ମୁଖିଆ ଭୋଳି ବିଭିନ୍ନ କାର୍ଯ୍ୟରେ ସାହିଯାକକୁ ଏକତ୍ର କରିଥାଏ । ଭୋଳିର ସ୍ୱରରେ କିନ୍ତୁ - ଉତ୍ତେଜନାଂ, କ'ଣ କରିପାରିବ ରାଣା । କାଲି ତା'ର ପାଠୋଇ ଭାର୍ଯ୍ୟା, ଦୀନାଭାଇ ଘରକୁ ଆସି କାନ୍ଦୁଥିଲେ, କହୁଥିଲା- ମକଦମ ଏମିତି ଅନ୍ୟାୟ କାମ କରିବ !

'ବୁଝିପାରିଲା ନାହିଁ ସୁବ୍ରତ ପ୍ରଥମେ, ଧୀରେ ଧୀରେ ସକାଳର ଆଲୁଅ ସବୁକଥା ପରିଷ୍କାର କରିଦେଲା । ପୌଷ ସକାଳର ଖରା ଟାଣ ହେବାକୁ ଡେରିଅଛି । ପାଚିଲା ଧାନକ୍ଷେତ ଉପରେ ଶିତୁଳିଆ ପବନଟା ଭୟ ଆଉ ସଙ୍କୋଚରେ ଧାନଗଛଗୁଡ଼ାକୁ ଛୁଇଁ ଛୁଇଁ ଯାଉଛି ।

ଅଳ୍ପ ଦୂରରେ ହିଡ଼ ଉପରେ ମୂର୍ତ୍ତି ତିନୋଟି । ହାତରେ ଠେଙ୍ଗା ନାହିଁ କି ଦା' ନାହିଁ । ରଣା, ରଣାର ବାପା ସନିଆ ଆଉ ଶାନୁ । ନିଦ୍ରାହୀନ ନିଷ୍ପ୍ରାଭ ଛଅଟି ଆଖି ଥରେ ଚାହିଁଛନ୍ତି ଆକାଶକୁ, ପୁଣିଥରେ ମାଟି ଉପର ଧାନଗଛକୁ । ସେ ଆଖିରେ କ'ଣ ଅଶ୍ରୁ, ଘୃଣା, କ୍ରୋଧ, ହତାଶ ?'[୫୭]

## (୫) ଅଶରୀରି ଆତ୍ମାର କାହାଣୀ :

ନନ୍ଦିନୀ ଶତପଥୀଙ୍କର ଗଳ୍ପ ସଂକଳନ "ସପ୍ତଦଶୀ"ରେ 'ଅଶରୀରୀ ଆତ୍ମାର କାହାଣୀ' ଏକ କ୍ଷୁଦ୍ର ଗଳ୍ପ । ଏହି ଗଳ୍ପଟିରେ ଗାଳ୍ପିକା ନନ୍ଦିନୀଦେବୀ ଏକ ଅଭୂତ ଧରଣର ଜିନିଷକୁ ଉପସ୍ଥାପନା କରିପାରିଛନ୍ତି ପାଠକ-ପାଠିକାଙ୍କ ନିକଟରେ ।

'ମୁଁ ଆଉ ସେହି ଗଳ୍ପଟିକୁ ଶେଷ କରିପାରିଲି ନାହିଁ । କାରଣ ତାହା ପ୍ରକୃତରେ ଗଳ୍ପ ନଥିଲା । ଥିଲା - ମୋ ଜୀବନର କାହାଣୀ । ତା' ବୋଲି ବିଚାର ନାହିଁ ଯେ, ମୁଁ ଶାନ୍ତିରେ ଶେଷ ନିଶ୍ୱାସ ତ୍ୟାଗ କରିଛି । ଗଳ୍ପ ଶେଷ ନକରି ପାରିବାର ଏହି ଅବଶୋଷ ମୋର ଏହି ଅଶରୀରୀ ଆତ୍ମାକୁ ବି ବିକଳ କରୁଛି । ପୃଥିବୀର ସୀମା ସରହଦ ଭିତରେ ଶରୀରରେ ବୁଲିବାର ଅଧିକାର ହରାଇବା ପରେ ମୁଁ ବି ଆଜି ଏହି ପ୍ରଶ୍ନର ଉତ୍ତର ଖୋଜୁଛି । ଆକାଶରେ ଯେପରି ଚନ୍ଦ୍ର ଅଛି-ଜୀବନରେ ସେପରି ଚନ୍ଦ୍ର ବାରମ୍ବାର ଉଦୟ ହେଉଥିବ ନିଶ୍ଚିତ । ଯେଉଁଦିନ ମଣିଷ ଚନ୍ଦ୍ରାଲୋକରେ ପଦାର୍ପଣ କଲା, ସେହିଦିନ ଏକ ଅଭୂତ ଶିଷ୍ଟୁର ଆନନ୍ଦ ଜାତ ହୋଇଥିଲା ମନରେ ।

ମାଳବିକାର ଜୀବନରେ ସେଦିନ ସନ୍ଧ୍ୟା ନଇଁ ଆସିଥିଲା । ସେ ମୋର ବନ୍ଧୁ ଥିଲା । ଆଧୁନିକ ସମାଜର ଗାର୍ଲଫ୍ରେଣ୍ଡ - ତା' ନୁହେଁ । ମାଳବିକା ଥିଲା କିନ୍ତୁ - ଏକାନ୍ତ, ନିଃସଙ୍ଗ । ତଥାପି କାହିଁ ନଇଁ ଆସିଥିଲା ଏକ ବିଷର୍ଣ୍ଣ ନିଷ୍ଠୁର ସନ୍ଧ୍ୟା ତା' ଜୀବନରେ । ସେ କ'ଣ ଥିଲା ଏକ ଅତୃପ୍ତ ଜୀବ ! ସାଧାରଣ ଝିଅ ସେ । ଅଥଚ କ'ଣ ତାକୁ ଏକ ଶକ୍ତି ଦେଇଛି-ସବୁ ପ୍ରଲୋଭନକୁ ଏଡ଼ାଇ ଦେବାର ଏ ଦୁର୍ବାର ନିଷ୍ଠା । ତାକୁ ଉଦ୍ଭାବନ କରିବାର ନିଶା ମୋତେ ପାଗଳ କରିଦେଲା । ସବୁ ଭୁଲର ଆରମ୍ଭ ହେଲା ସେଇଠି, ଜୀବନର ମୋଡ଼ ଘୁରିଗଲା ।'[୫୮]

ଆକାଶ ଆଉ ପୃଥିବୀ ଯେଉଁ ଷଡ଼ଯନ୍ତ୍ର ମୋ ବିରୁଦ୍ଧରେ ଆରମ୍ଭ କରିଦେଇଥିଲେ, ତାକୁ ଭାଙ୍ଗିଦେବା ପାଇଁ ବେଳକୁ ବେଳ ମୋର ମନ ବଦ୍ଧପରିକର ହୋଇଉଠିଲା । ଆଗରେ ଦେଖାଗଲା

[୫୭] ତତ୍ରୈବ, ପୃ-୩୦

[୫୮] ତତ୍ରୈବ, ପୃ-୩୧-୩୨

ଗୋଟିଏ ଜନପଦ । ହଠାତ୍ ଏକ ଗାଡ଼ି ଧକା ହୋଇଗଲା ଆମର ସାମ୍ନାରେ, ସେ ଯାହାହେଉ ରୀତା (ତାଙ୍କର ସ୍ତ୍ରୀଙ୍କର ନାମ), ସେତିକିବେଳେ ମୁଁ ଉଦ୍ଧାର କରିଥିଲି - ଏକ ନିଃସହାୟ ନାରୀକୁ ସେହି ଗାଡ଼ି ଭିତରୁ । ସେହି ନାରୀ ଥିଲେ ମାଳବିକା । ମୁଁ ଅଫିସ୍ ନ ଯାଇ ଯାଇଥିଲି ଡାକ୍ତରଖାନାକୁ । ଡାକ୍ତରଖାନାରେ ଭର୍ତ୍ତିକରିଦେଲା ପରେ ପୋଲିସକୁ ଖବର ଦେବାକୁ ଗଲି । ଜୀବନରେ ପ୍ରଥମଥର ପାଇଁ ଟେଣ୍ଡର ଦେଇପାରିଲି ନାହିଁ । ଅନ୍ତତଃ ମୋ ଜୀବନରେ ସେଇଟା ପ୍ରେମ । ଆଉ ସେ ଗୋଟିଏ ଅଦ୍‌ଭୁତ ନିଶା । ବନ୍ଧୁମାନେ ସମସ୍ତେ ଆଶ୍ଚର୍ଯ୍ୟ ହେଲେ । କ୍ଲବ୍ ବଦଳରେ ପ୍ରତିଦିନ ସନ୍ଧ୍ୟାରେ ମାଳବିକାର ରୋଗଶଯ୍ୟା ପାଖରେ ପହଞ୍ଚିବାର ନିଶା ମୋତେ ବେଶୀ ଘାରିଲା । ଏ କାହାଣୀ ସାଧାରଣ ମଣିଷ ଜୀବନର କଥା ନୁହେଁ । ଅତି ଅପ୍ରାକୃତିକ ଘଟଣା ତା' ସାଙ୍ଗରେ ମିଶିବାର ମୁହୂର୍ତ୍ତଗୁଡ଼ିକ । ସବୁକଥା ବୁଝାଇବାକୁ ଚେଷ୍ଟା ମଧ୍ୟ କରିବା ଏକ ମସ୍ତବଡ଼ ବୋକାମୀ । ନିଜର ଦୁଇହାତରେ ସେ ମୋର ହାତକୁ ମୁଠାଇ ଧରିଛି - କିନ୍ତୁ - ସେ ହାତର ସ୍ପର୍ଶରେ ତ କେବେ ମୁଁ ଦୈହିକ ପ୍ରେମର ସ୍ପର୍ଶ ପାଇନାହିଁ । ତା'ପର ସବୁ ତୁମକୁ ଜଣା । ତୁମେ ମସ୍ତବଡ଼ କଣ୍ଟ୍ରାକ୍ଟରର ଗୃହୀଣୀ । ଘରେ ବି ତୁମେ ସୂତାଶାଢ଼ି ପିନ୍ଧିବାକୁ ପସନ୍ଦ କରନାହିଁ । ସେହିପରି ଗୋଟିଏ ସାଧାରଣ ବାଳିକା ସ୍କୁଲର ହେଡ୍‌ମିଷ୍ଟ୍ରେସ୍‌ର କେତେ ବା ଆଉ ସମ୍ବଳ । ଚାରୋଟି ପିଲା । ସପାର୍ଜନ ସହିତ ସ୍ୱାମୀ ଆଉ ସ୍ୱାମୀଙ୍କର ଏକ ବିରାଟ ପରିବାର । ସବୁ ଦାୟିତ୍ୱ ନିଜ ଉପରେ ବହନ କରିଥିଲା - ମାଳବିକା ।

ହଠାତ୍ ଦିନେ ନିଜର ଅଜାଣତରେ ମାଳବିକାକୁ ମୁଁ ସ୍ପର୍ଶ କଲି । ଦୁହେଁ ଚମକି ଉଠିଲୁ । ନିଛକ ବନ୍ଧୁତ୍ୱ ଓ କୃତଜ୍ଞତାର ବୋଧହୁଏ ପୂର୍ଣ୍ଣଚ୍ଛେଦ ପଡ଼ିଗଲା । ସେଥିପାଇଁ ଆଜି ଭାବୁଛି ଅଶରୀରୀ ହେବାରେ ଏକ ଅଦ୍‌ଭୁତ ଆନନ୍ଦ ଅଛି । ରୀତା, କେତେ ପରିଶ୍ରମ ମୁଁ ନକରିଛି । ତୁମକୁ ତୃପ୍ତ କରିବା ପାଇଁ, ତୁମର ଶରୀର ଆଉ ମନକୁ । ସମାଜସେବା ପାଇଁ ଏହି କଣ୍ଟ୍ରାକ୍ଟରକୁ ପଦ୍ମଶ୍ରୀ ପଦବୀ ପାଇଁ । ତଥାପି ତୃପ୍ତି ଆସେନାହିଁ । ଇଚ୍ଛା-ଅନିଚ୍ଛାର ଦ୍ୱନ୍ଦ୍ୱଭିତରେ କରେ - ଆଉ ପରିଣାମ ବି ଡାକିଆଣେ ଇଚ୍ଛାକରି । ତା'ର କୃତକର୍ମର ଫଳ ସେ ଭୋଗକରେ । ତାହା ହିଁ ସତ୍ୟ ।

## (୬) ଭସାମେଘ :

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର ଦ୍ୱିତୀୟ ଗଳ୍ପ ସଂକଳନ "ସପ୍ତଦଶୀ"ରେ 'ଭସାମେଘ' ଗୋଟିଏ ମନୋଜ୍ଞ ଗଳ୍ପ । ବାସ୍ତବିକ ଆଧୁନିକ ସମାଜରେ ମାତୃତ୍ୱର ମୂଲ୍ୟ କିଛି ନାହିଁ । ଏହାହିଁ ପରିପ୍ରକାଶ ହୋଇଛି ଏହି ଗଳ୍ପର ମୁଖ୍ୟ ସାର ସଂକ୍ଷେପରେ ନାୟିକା ରାଧା ଚରିତ୍ରକୁ ନେଇ ।

'ରାଧାର ନରମ କଅଁଳ ହାତ ପାପୁଲି ଧୀରେ ଧୀରେ ଟାଣ ହୋଇଯାଉଛି । କେତେକ ଜାଗାରେ ଟାଣ ହୋଇଯାଉଛି ଚମଡ଼ା । ନଖକୋଣର ମାଟି, ହଳଦୀ ମସଲାର ଦାଗ । ଆଖି ତଳ କଳା ପଡ଼ିଆସୁଛି । କେତେଥର ରାଧା ଭାବିଛି ଟ୍ରଙ୍କମୂଲ୍ୟରେ ସାବୁନ ଆଣି ହାତମୁହଁ ଧୋଇଦେବ । ଯା, ନଣନ୍ଦଙ୍କର ସାଙ୍ଗରେ ନଈକୁ ତ ଯିବାପାଇଁ ଲାଜମାଡ଼େ । କୂଅମୂଳେ ତ ସବୁବେଳେ ଲୋକ । ମରଦ ଦଳଦଳ । ରାଧାର ମନେହେଲା ତା'ର ଜନ୍ମଠାରୁ ଆଜିପର୍ଯ୍ୟନ୍ତ ତା' ପଛେ ପଛେ କ୍ୟାମେରାବାଲା ଚାଲି ଚାଲି ସିନେମା ତିଆରି କରିଅଛନ୍ତି । ପିଲାଦିନେ ବାପାଙ୍କର ସାଙ୍ଗରେ ଯାଇ ସେ ସିନେମା ଦେଖୁଥିଲା । ଆଜିର ଘଟଣା କ'ଣ ସେହି ଅଦୃଶ୍ୟବାଲା କ୍ୟାମେରାରେ ଉଠାଇ ନେଇଥିବ, ସତେକି । ଅମିତ ଆଜି ଆସିଥିଲା । ତା'ର ସ୍ତ୍ରୀକୁ ଧରି ରାଧାକୁ ଦେଖିବାକୁ । ଆଗରୁ ଯଦି ସୁପରିଟେଣ୍ଡେଣ୍ଟବାବୁ କହିଦେଇନଥାନ୍ତେ, ତାହେଲେ ରାଧା ସେମାନଙ୍କୁ ଚିହ୍ନି ପାରିନଥାନ୍ତା । କେମିତି ବା ଚିହ୍ନନ୍ତା ! ବର୍ଷକର ପିଲାକୁ ଛାଡ଼ିଦେଇ ସେ ଆସିଥିଲା । ଛାଡ଼ି ତ ଦେଇ ଆସିନଥିଲା, ତା'ଠାରୁ ଛଡ଼ାଇ ନିଆ ହୋଇଥିଲା ।

ନିର୍ଘୂମ୍ ଖରାବେଳେ ସବୁକାମ ସାରି ରାଧା ଯେତେବେଳେ ସେଦିନ କ୍ଳାନ୍ତ ହୋଇ ଟିକିଏ ଗଡ଼ିପଡ଼ିବାକୁ ଘର ଭିତରକୁ ପଶିଆସିଲା, ଖାଇପିଇ ପୁଅ ଅମିତ୍ ଶୋଇପଡ଼ିଥିଲା । କିନ୍ତୁ ପୁଅ ଉଠି ଚଗଲା ହେବାରୁ ରାଗରେ ଚଟକଣାଟାଏ ପକାଇଦେଲା – ରାଧା ପୁଅକୁ । ଅମିତ୍‌ହେରିକା ଗାଡ଼ିରେ ବସିସାରିଲେଣି । ଏଠିକା ଲୋକେ କହୁନ୍ତି ଷ୍ଟେସନ୍ ବେଶିଦୂର ନୁହେଁ । ସେ ଷ୍ଟେସନ୍ ବାଟରେ ଆସିଥିଲା ଅନେକ ଦିନ ତଳେ । ସେହିଦିନ ଠାରୁ ସେ ଏହି ଚାରିକାନ୍ଥ ମଧ୍ୟରୁ ପଦାକୁ ଯାଇନାହିଁ । ପୁଅଟିକୁ ସେହିଦିନୁ ତା' ଶାଶୁ ତା' ହାତରୁ ଛଡ଼ାଇ ନେଇଥିଲେ । ତା'ପରେ ରାଧା ଉପରେ ବର୍ଷଣ ହେଲା – ବିଧା, ଗୋଇଠା, ଚୁଟିଟଣା ଇତ୍ୟାଦି ଇତ୍ୟାଦି । ଏପରିକି ବେଳେବେଳେ ଶାଶୁ ଓ ରାଧା ମଧ୍ୟରେ କଳିତକରାଳ ହୁଏ-ହତବମ୍ଭ ହୋଇ ଠିଆହୋଇଛି ରାଧା, କପାଳରୁ

ତା'ର ରକ୍ତ ଝରୁଛି । କେହି ତାକୁ ପଚାରୁନାହାନ୍ତି କିଭଳି ମୁଣ୍ଡ ଫାଟିଗଲା । ପାଖରେ ଥୁଆ ହୋଇଥିବା ଥାଳିଟିକୁ ରାଧା ଚାହିଁଲା । ସବୁଦିନ ଭଳି ରୁଟି ଆଉ ମିଶାମିଶି ତରକାରୀଟାଏ । ଗିନାରେ ପାଣିଭଳି ଡାଲି ଟିକିଏ । ଖାଇବାକୁ ମନ ହେଉନଥିଲା । କେତେଦିନ ଅବା ନଖାଇ ଏଭଳି ରହିବ ସେ ।'[୫୯]

ରାଧାର ସ୍ୱାମୀ ସେହିଦିନ ସନ୍ଧ୍ୟାବେଳେ ଫେରିଆସି ସବୁ ଶୁଣିଲେ ସେ ତାଙ୍କର ମା'ଙ୍କ ଠାରୁ । ସେଠାରେ ଥିବା କାଠ ଫାଳିଆଟାକୁ ଧରି ଦୌଡ଼ିଆସିଲେ, ରାଧା ଭୟରେ ଲୁଚିଗଲା । ମାଡ଼ରେ ରାଧାର ମୁଣ୍ଡ ଫାଟିଗଲା । ହାତଗୋଡ଼ ଖଣ୍ଡିଆ ହେଲା । କିଛି ସମୟ ପରେ, ତାହାର ଆଉ ଚେତା ନଥିଲା । ତା'ପରେ ସ୍ୱାମୀ ରାଧାକୁ ନେଇ ବାପଘରେ ଛାଡ଼ିଆସିଲେ । ପୁଅ ଅମିତ୍ ପାଇଁ ସବୁବେଳେ ତା'ର ପ୍ରାଣ ଉହଳ ବିକଳ । ମନକୁ ମନ ରାଧା କେବେ କାନ୍ଦିଲା ତ, କେବେ ଚୁପଚାପ ବସିରହିଲା । ସମସ୍ତେ କହିଲେ, ତା'ର ମୁଣ୍ଡ ଖରାପ ହୋଇଯାଇଛି । ସେ ପାଗଳୀ ହୋଇଯାଇଛି । ତାର ଚିକିତ୍ସା ଦରକାର । ଏହି ସମୟରେ ଭାଇ ତା'ର ପ୍ରତିବାଦ କଲା । କହିଲା, ସେ ରାଞ୍ଚି ଗଲେ ଅଧିକ ପାଗଳୀ ହୋଇଯିବ । ରାଧାକୁ ଅଣାଗଲା ଏଠିକୁ । ପ୍ରଥମେ ଥରେ ଅଧେ ତା'ର ଭାଇ ଆସିଲା ତାକୁ ଦେଖିବାକୁ । କିନ୍ତୁ ସ୍ୱାମୀ ଓ ଭାଇଙ୍କର ପାଖକୁ ଡାକ୍ତର ଚିଠି ଲେଖିଲେ, କହିଲେ, ତାଙ୍କୁ ଆସି ନେଇଯାଅ । ଅନେକ ବର୍ଷ ହୋଇଗଲାଣି, କୌଣସି ଉତ୍ତର ନାହିଁ ।

ଆଜି ରାଧାର ପୁଅ ଅମିତ୍ ଆସିବାର ଶୁଣି ତା'ର ହୃଦୟ ନାଚିଉଠୁଥିଲା । ଏତେଦିନ ପରେ ଜଗନ୍ନାଥ ତା'ର ଡାକ ଶୁଣିଲେ । ଯେତେହେଲେ ପୁଅତ ! ବଡ଼ହୋଇ ଲୋକଙ୍କ ପାଖରୁ ମା'ର ଅତ୍ୟାଚାର କଥା ଶୁଣି ତା'ର ପ୍ରାଣ କାନ୍ଦୁଥିବ । ଆଜି ସେ ଅମିତ୍ ସାଙ୍ଗରେ ଫେରିଯିବ । ଶାଶୁଘରକୁ ଯିବନାହିଁକି ବାପଘରକୁ ଯିବ ନାହିଁ । ଅମିତ୍ ଆଶ୍ଚର୍ଯ୍ୟ ହୋଇ ମା'କୁ ଦେଖୁଥିଲା । ପାଖରେ ଥିଲା ତା'ର ସ୍ତ୍ରୀ । ମାତ୍ର ସ୍ତ୍ରୀର କଥାରେ ଅମିତ ମୋହିତ ହୋଇ – ମା'କୁ ପରେ ନେବ ବୋଲି କହି ଚାଲିଆସିଲା ସେଠାରୁ । ମା'ର ମାତୃତ୍ୱ ପୁଅ ଅମିତ ପାଖରେ ତୁଚ୍ଛ ହୋଇଗଲା ।

ଆକାଶର ଖଣ୍ଡ ଖଣ୍ଡ ଧଳାବଉଦ ତା' ତଳେ ଭାସିଭାସି ଯାଉଛନ୍ତି । ଏହି ଭଷାମେଘଗୁଡ଼ିକ କୁଆଡ଼େ ସବୁ ଯାଉଛନ୍ତି । ରାଧାଭଳି, ଅସହାୟ, ଅବାଞ୍ଛିତ କ'ଣ ସେମାନେ ? ତଥାପି ରାଧା

[୫୯] ତତ୍ରୈବ, ପୃ-୪୦-୪୧

କାହାରି ସହିତ ଆକ୍ରୋସ ରଖିନାହିଁ । ମନଦୁଃଖ କରିନାହିଁ, କଳାମେଘ ପରି ସେ ତା'ର ଭାଗ୍ୟକୁ ଅଜାଣତରେ ଆଦରି ନେଇଛି ।

## (୭) ଏ ମନ ଭାବୁଥାଇ ଯାହା :

ନନ୍ଦିନୀ ଶତପଥୀଙ୍କର ଗଳ୍ପ ସଂକଳନ "ସପ୍ତଦଶୀ"ରେ 'ଏ ମନ ଭାବୁଥାଇ ଯାହା' ଏକ କ୍ଷୁଦ୍ର ଗଳ୍ପ । ନନ୍ଦିନୀଦେବୀ ଏ ଗଳ୍ପରେ ଜଣେ ମାତୃତ୍ୱର କାହାଣୀକୁ ଉପସ୍ଥାପନା କରିଅଛନ୍ତି । ନିଜ ଜୀବନରେ ଘଟିଥିବା ଘଟଣା - ନିଜ ଝିଅ ଜୀବନରେ ନ ଘଟୁ, ଏହାହିଁ ଏହି ଗଳ୍ପଟିର ସାରାଂଶ ।

ଗଳିଟି ଆଗରୁ ଅନ୍ଧାର ଥିଲା । ଏବେ ଗଳିମୁଣ୍ଡରେ ଖୁବ୍ ଉଜ୍ଜ୍ୱଳ ଆଲୋକ ଲାଗିଛି । ଦିନପରି ଲାଗୁଛି ରାତିଟା । କିନ୍ତୁ- ରାତିର ବି ଗୋଟିଏ ଅଲଗା ଆବେଗ ଅଛି । ଗଳିର ସବୁ ଘରର ଦାଣ୍ଡବାରଣ୍ଡାମାନଙ୍କରେ ପଡ଼ିଥିବା ଛିଣ୍ଡା କାଗଜ କି କୁଟାକାଠି ବାରିହୋଇ ଜଣାପଡୁଛନ୍ତି ।

'ଗଳି ଭିତରକୁ ପଶିବା ଆଗରୁ ସୀମା ସେହି ବତୀଖୁଣ୍ଟ ତଳେ ଦଣ୍ଡେ ଠିଆହୋଇ ପଡ଼ିଲା । ବିଭାସ ବି ଅଟକି ଗଲା ଟିକିଏ । ସୀମା ଆଖିରେ ଆଖି ରଖିଲା, ହସିଲା, ସୀମା ବୋଧହୁଏ କିଛି କହିବ ବୋଲି ସେ ଆଶା କରୁଥିଲା । ନିର୍ଲିପ୍ତ ଭଙ୍ଗୀରେ ଗଳି ଭିତରକୁ କିନ୍ତୁ ପାଦ ବଢ଼ାଇଲା ସୀମା । ଏଥର ବିଭାସ ତା' ସାଙ୍ଗରେ ଦୁଇପାଦ ଆଗକୁ ଗଲା । କହିଲା, କିଛି ନକହି ଚାଲିଯାଉଛ ଯେ - ଦିନେହେଲେ ତ ଘରକୁ ତୁମର ଡାକିପାରନ୍ତ ମୋତେ । ସୀମାର ଭାବକୁ କିଛି ବୁଝିପାରିଲା ନାହିଁ ବିଭାସ । ଆମେ ତ ଏଠି ଦେଖା ସବୁବେଳେ, ପୁଣି ଘରକୁ ! ତଥାପି ତୁମକୁ ତୁମର ଘର ଭିତରେ ଦେଖିବାର ଗୋଟିଏ ଚାର୍ମ ଅଛି ସୀମା । କ'ଣ ଡର ହେଉଛିକି ? ସୀମା କହିଲା, ଡର ନାହିଁ, ତେବେ ଚାଲ । ବାଟରେ ଦୋକାନୀମାନେ ତାଙ୍କୁ ସମସ୍ତେ ଅନାଉଥାଆନ୍ତି । ଘରମୁହଁରେ ସୀମା ଠିଆହୋଇ ଚାବି ଖୋଲିଲା । ସୀମା କବାଟଟିକୁ ଠକ୍ ଠକ୍ କଲା । ଖୋଲିଲେ ଜଣେ ମଧ୍ୟବୟସ୍କା ଭଦ୍ର ମହିଳା । ଗୌରବର୍ଣ୍ଣା, ଦୀର୍ଘ ଚେହେରା, ଦୀର୍ଘ ରଜ୍ଜୁ ଭଙ୍ଗୀ ବେଷଭୂଷା, ରୁଚି ଆଭିଜାତ୍ୟ ପୂର୍ଣ୍ଣ । କିଏ ସେ ଏ ମହିଳା !'[୬୦]

ସୀମା ବ୍ୟାଗ୍‌ଟିକୁ ତଳେ ପକାଇଦେଇ ମହିଳାଙ୍କର କଣ୍ଠଲଗ୍ନା ହୋଇଗଲା । ତୁମେ କେତେବେଳୁ ଆସିଲଣି ମା, ମୋତେ ଅଫିସକୁ ଟେଲିଫୋନ କରିଦେଇନଥାନ୍ତ ! ମୁଁ ଜଲଦି

[୬୦] ତତ୍ରୈବ, ପୃ-୪୭-୪୮

ପଳାଇ ଆସିଥାନ୍ତି । ଅପର୍ଣ୍ଣାଦେବୀ ସ୍ମିତ ହସି ଝିଅଟିକୁ ନିଜ ପାଖରୁ ବିଭାସକୁ ଚାହିଁଲେ । ପରେ ତାଙ୍କର ଭାଷା ବଦଳିଗଲା । ମୋ ସାଙ୍ଗରେ ଯେଉଁ ଭଦ୍ରଲୋକ ଆସିଛନ୍ତି ତାଙ୍କ କଥା ଆଗ ବୁଝ । ସୀମା ମା'ଙ୍କୁ ପରିଚୟ କରାଇଦେଲା - ବିଭାସ, ମା'ଙ୍କୁ ନମସ୍କାର ଜଣାଇଲା । ମା' ଏଇ ମୋ ଅଫିସରେ ମୋ ସାଙ୍ଗରେ କାମ କରନ୍ତି । ତୁମେ କଥା ହେଉଥାଅ, ମୁଁ ତୁମପାଇଁ ଚା ଓ ଜଳଖିଆ ଧରି ଆସୁଛି । ବିଭାସ ମା' ଓ ଝିଅଙ୍କର କଥାବାର୍ତ୍ତା ଶୁଣିଲା । କି ମାତୃଭକ୍ତି ସେ ଜାଣିପାରିଥିଲା । ମା' ଅପର୍ଣ୍ଣା ଯେଉଁସବୁ ଜିନିଷ ନିଜ ହାତରେ ରୋଷେଇ କରିଥିଲେ ସମସ୍ତେ ମିଶିକରି ଖାଇଲେ ଓ ସେମାନଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହେଲା ।

ବିଭାସ ସୀମାର ପରିବାର ବିଷୟରେ ଜାଣିବା ପାଇଁ ଚାହିଁଲେ । ତା'ର ମା' ଅପର୍ଣ୍ଣାଦେବୀ ଏହି ସହରର ତଳି ଅଞ୍ଚଳରେ ଘରଭଡ଼ା ଦେଇ ରହୁଛନ୍ତି । ସେ ତାଙ୍କୁ ଯେବେ ନଅବର୍ଷ ବୟସ ହୋଇଥିଲା ସେ ବିବାହ କରିଥିଲେ । ଏ ଦୁଃଖ ସେ ଜୀବନରେ ଭୁଲିପାରିନାହାନ୍ତି । ଠିକ୍ ସେହିପରି, ତା'ର ଝିଅ ସୀମାକୁ ପରିବାର ଲୋକ ପିଲାଟିଦିନରୁ ବାହାଘର କରୁଥିଲେ । ବେଦୀରୁ ସୀମାକୁ ତା'ର ମା' ଅପର୍ଣ୍ଣାଦେବୀ ଉଠାଇଆଣିଲେ ଏବଂ ସୀମାର ବାପା, ଜେଜେବାପା, ଜେଜେମା'ଙ୍କୁ ବିରୋଧକରି ନିଜେ ଭଡ଼ାଘରେ ରହି ଝିଅ ସୀମାକୁ ମଣିଷ କରିଛନ୍ତି । ସେହିଦିନ ଠାରୁ ତାଙ୍କର ପରିବାର ସହିତ କୌଣସି ସମ୍ପର୍କ ନାହିଁ । ଏହା ଶୁଣି - ବିଭାସ ମନେ ମନେ ଚିନ୍ତା କଲା ଯେ, ସୀମାପାଇଁ ମା' କ'ଣ ନକରିଛନ୍ତି । ଏବେ ସୀମା ବଡ଼ ହୋଇଛି, ସ୍ୱାଧୀନତା ପାଇଛି ମା'ଙ୍କ ଠାରୁ, ସେ ତା'ର ଜୀବନସାଥୀ ନିଜେ ବାଛିବ, ଇତ୍ୟାଦି ଇତ୍ୟାଦି ।

କପରେ ଚା' ଥଣ୍ଡା ହୋଇଗଲା । ଗଳି ମୁଣ୍ଡରେ ପହଞ୍ଚିବା ଯାଏ, ଏତେଦିନ ଧରି ସୀମାର ବ୍ୟବହାର ଗୋଟି ଗୋଟି କରି ମନେ ପଡ଼ିଯାଉଥିଲା - ବିଭାସର - ସତେକି ସେ କହୁଥିଲା - ଏ ମନ ଭାବୁଥାଇ ଯାହା ।

## (୮) ଭଲ ପାଉନଥିବା ଲୋକମାନେ :

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର ଗଳ୍ପ ସଂକଳନ "ସପ୍ତଦଶୀ"ରେ 'ଭଲ ପାଉନଥିବା ଲୋକମାନେ' ଏକ କ୍ଷୁଦ୍ର ଗଳ୍ପ ଅଟେ । ଏହାର ସାରମର୍ମ ଖୁବ୍ ହୃଦୟସ୍ପର୍ଶୀ ।

ସେ ମୋତେ ଭଲ ପାଉନଥିଲେ । ଖାଲି ସେ ନୁହନ୍ତି, ତାଙ୍କ ଭଳି ଆହୁରି ଅନେକ ଲୋକ । ମୋତେ ଦେଖିଲେ ସେମାନଙ୍କ ମଧ୍ୟରେ ବିରକ୍ତି ଭାବ ଫୁଟି ଉଠିଥିଲା । ବେଳେବେଳେ ଘୃଣାର

ବି । କିନ୍ତୁ - ଏ ଦୁଇଟା ଭାବ ଭିତରେ ପାର୍ଥକ୍ୟ ଜାଣିବା ସହଜ ନଥିଲା । ନମସ୍କାର କଲେ ସେମାନେ କେବେ ପ୍ରତି ନମସ୍କାର କରୁନଥିଲେ । ଅନ୍ୟମାନଙ୍କ ଆଗରେ ମୋ ସମ୍ପର୍କରେ ସେମାନେ ଅସୁନ୍ଦର ଓ ଆଶାଳୀନ ମନ୍ତବ୍ୟ କରୁଥିବାର ମଧ୍ୟ କେବେ ମୋ କାନକୁ ଆସିଛି । ମୋଟାମୋଟି ମୁଁ ଜାଣିଥିଲି ସେମାନେ ମୋତେ ପସନ୍ଦ କରନ୍ତି ନାହିଁ ।

କିନ୍ତୁ କାହିଁକି କରନ୍ତି ନାହିଁ, ବେଳେବେଳେ ଏ ପ୍ରଶ୍ନ ମୋ ମନକୁ ଆସେ । ମୁଁ କିଛି ସମୟ ଅଟକିଯାଇ ଏହାର ଉତ୍ତର ଖୋଜିବାକୁ ଚେଷ୍ଟା କରେ । ଆପଣ ଭାବୁଥିବେ ମୁଁ ଅତ୍ୟନ୍ତ ଅହଂକାରୀ-ଆତ୍ମକୈନ୍ଦ୍ରିକ । ନିଜର ଦୋଷ ଜାଣିବାକୁ ଚେଷ୍ଟାକରେ ନାହିଁ । କେଉଁ ଦୋଷଯୋଗୁଁ ମୁଁ ସେହି ଲୋକମାନଙ୍କର ଅଶ୍ରଦ୍ଧାଭାଜନ ହୋଇଛି ତାହା ଖୋଜି ବାହାର କରିବାକୁ ମୁଁ ତତ୍ପର କି ଆଗ୍ରହୀ ନୁହେଁ । ତେଣୁ ଏହି ଗୋଟିଏ ପଏଣ୍ଟ ବି ଯଥେଷ୍ଟ, ସେମାନେ ମୋତେ ଭଲପାଉଥିବା ପାଇଁ । କିନ୍ତୁ କଥାଟା ପ୍ରକୃତରେ ସେପରି ନୁହେଁ, ହୁଏତ କିଛି ଅଂହଭାବ ମୋ ଭିତରେ ଥାଇପାରେ । କିନ୍ତୁ ସେଥିପାଇଁ ମୁଁ ମୋର ଦୋଷ ଦୁର୍ବଳତାକୁ ସମୀକ୍ଷା ନକରେ ତା' ନୁହେଁ, କରେ - ବରଂ ଯେତିକି ଦରକାର ତା'ଠାରୁ ଅଧିକ । କିନ୍ତୁ ସେମାନଙ୍କ ପାଇଁ ମୁଁ କ'ଣ କରିଛି - ଅତି ଏକାନ୍ତ ମୁହୂର୍ତ୍ତରେ ହୁଏତ ଦୋହରାଉଛି - ଦୁଇପଦ :

'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
    ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ
    ଜଗତ ଉଦ୍ଧାର ହେଉ ।

କିନ୍ତୁ - ନିଜ ଇଚ୍ଛାରେ ନର୍କ ବରିନେବା ଏବଂ କେହି ନର୍କ ଭିତରକୁ ଠେଲିଦେବା ଭିତରେ ପାର୍ଥକ୍ୟ ଅଛି । ସେହି ଠେଲିଦେବାକୁ ଚେଷ୍ଟା କରୁଥିବା ଲୋକମାନଙ୍କ ଉଦ୍ଦେଶ୍ୟରେ ବି ଭୀମଭୋଇଙ୍କର ପଦକୁ ଆଉଡ଼ଉଥିବାବେଳେ ଘଟଣାଟି ଘଟିଥିଲା ।

ପରିବେଶ ଅବଶ୍ୟ ସାଧାରଣ ନଥିଲା, ଥିଲା ଏକ ଉତ୍ସବର । ଆୟୋଜନଟା ଥିଲା ଏକ ବିବାହ ଭୋଜିର । ଆଜିକାଲି ବି ବିବାହ ଦିନ ଭୋଜିର ବ୍ୟବସ୍ଥା ହେଉନାହିଁ । ସେଥିପାଇଁ ବିବାହ ଉତ୍ସବ ଦେଖିବାକୁ ସୁଯୋଗ ଆଉ ନିମନ୍ତ୍ରିତ ଅତିଥି ଭାବରେ ଦେଖିବାକୁ ମିଳୁନାହିଁ ।

ବାଣଫୁଟାର ରୋଷଣୀ କରି ବର ଆସୁଥିବା ବେଳର ଉଦ୍ଦୀପନା, ଜମା ହୋଇଥିବା କୁମାରୀ ଓ ବିବାହିତା ଯୁବତୀମାନଙ୍କ ଭିତରେ ସୃଷ୍ଟିହେବା ସମ୍ଭବ ହେଉନାହିଁ । ସମସ୍ତେ ଆସୁଛନ୍ତି ଭୋଜିସଭାକୁ ନବଦମ୍ପତିଙ୍କୁ ଦେଖିବା ଅପେକ୍ଷା ନିଜକୁ ଦେଖାଇବାରେ ଅଧିକ । ମୋ ଭାବନାରେ ପୂର୍ଣ୍ଣଚ୍ଛେଦ ଟାଣି ବନ୍ଧୁଙ୍କ ଗୃହ ସମ୍ମୁଖରେ ଗାଡ଼ି ଅଟକିଲା । ଗାଡ଼ିରୁ ଓହ୍ଲାଇବା କ୍ଷଣି ତାଙ୍କର ଆଲିଙ୍ଗନ ଭିତରେ ମୁଁ ନିଜକୁ ମୁକ୍ତ କରିବାକୁ ଚେଷ୍ଟା ତ କଲିନାହିଁ, ବରଂ ତାଙ୍କୁ ଅଧିକ ନିବିଡ଼ଭାବରେ ଜାବୁଡ଼ି ଧରିଲି । ଜୀବନର ସବୁଠାରୁ ଆନନ୍ଦମୟ ମୁହୂର୍ତ୍ତଟି ଏମିତି ଭାବରେ ଆଚ୍ଛାଦିତ କରିଦିଏ, ବିଷାଦ ସ୍ମୃତି ।'[୬୧]

ମୁହଁରେ କ୍ରୋଧ, ଈର୍ଷାରେ କି ଘୃଣାରେ କେଜାଣି କେମିତି ବିକୃତ ଦିଶିଲା - ମୁଁ ଟିକିଏ ଶଙ୍କିଗଲି । କ'ଣ ଭୁଲ୍ କଥା କହିଦେଲି କି ବୋଲି ମନ ଭିତରେ ଅସ୍ତବ୍ୟସ୍ତ ହୋଇ ଅଣ୍ଡାଳି ପକାଇଲି । କିଛି ପାଇଲି ନାହିଁ । ସେତିକିବେଳେ ଦେଖିଲି ହଠାତ୍ ସେ ଚୌକିଛାଡ଼ି ଗେଟ୍ ଆଡ଼କୁ ଯିବାକୁ ଲାଗିଲେ । ତାଙ୍କୁ ଅଟକାଇବାକୁ ଚେଷ୍ଟା କରୁନଥିବା ଭଦ୍ରଲୋକଟିଙ୍କୁ ଦେଖି ମୁଁ ବିବ୍ରତବୋଧ କଲି । କିନ୍ତୁ ଆଉକିଛି କରିପାରିଲି ନାହିଁ ।

## (୯) ସୁଚରିତାସୁ :

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର ଗଳ୍ପ 'ସୁଚରିତାଷସୁ' ତାଙ୍କର ଗଳ୍ପ ସଂକଳନ "ସପ୍ତଦଶୀ"ର ଏକ ଅଂଶବିଶେଷ ଅଟେ ।

'ଆଗପଛ ହୋଇ ଦୁଇଟି କାର ଠିଆ ହୋଇଥିଲା ଗାଁ ଦାଣ୍ଡରେ । କେତେ ଧୂଳି ଉଠିଆସିଥିଲା । ଏ ପର୍ଯ୍ୟନ୍ତ ତାହା ଅସ୍ପଷ୍ଟ କରି ରଖିଛି ଦାଣ୍ଡ ଦୁଆରେ ବନ୍ଧା ହୋଇଥିବା ଗାଈଗୋରୁମାନଙ୍କୁ । ଗାଡ଼ିର ଆରୋହୀ ଆରୋହିଣୀମାନେ ଦୁଆର ଖୋଲି ବାହାରି ଆସୁଛନ୍ତି । ହସ ହସ ମୁହଁରେ ବନଲତାଦେବୀ ପାହାଚ ଅତିକ୍ରମ କରି ତଳକୁ ଯାଉଛନ୍ତି ସେମାନଙ୍କୁ ସ୍ୱାଗତ କରିବାକୁ । ପୁଅ ବୋହୂ, ଝିଅ ଜ୍ୱାଇଁ, ନାତିନାତୁଣୀ ଦୁଇଟି ଏକାଠି ହୋଇଛନ୍ତି ଗାଁରେ ।'[୬୨]

ପଛଗାଡ଼ିରୁ ବାହାରି ସାନବୋହୂ ରୁଲି ଶାଶୁଙ୍କୁ କୁଣ୍ଢାଇ ପକାଇଲା । ବଡ଼ବୋହୂ ଶିବାନୀ ଶାଶୁଙ୍କୁ ପ୍ରଣାମ କରିବାକୁ ଚାଲିଆସିଲା । ଶିବାନୀର ଝିଅ ଚୁଆ ମଧ୍ୟ ଦୌଡ଼ିଆସିଲା । ଦାଣ୍ଡ ପିଣ୍ଡାରେ

[୬୧] ତତ୍ରୈବ, ପୃ-୫୬-୫୭

[୬୨] ତତ୍ରୈବ, ପୃ-୬୧

ଠିଆହୋଇ ସମସ୍ତ ଦୃଶ୍ୟର ମୂଲ୍ୟାୟନ କରିବାକୁ ଚେଷ୍ଟା କରୁଛନ୍ତି ସୁମନ୍ତ ଦାସ । ଏହି ଗାଁ, ଏହି ଘରେ ସୁମନ୍ତ ଦାସଙ୍କର ଜନ୍ମ, ଶୈଶବରୁ ଯୌବନ ଯାଏ ବହୁ ବର୍ଷ କଟିଛି । ଏହି ଧୂଳିମାଟିରେ ଯେତେ ଲୋକ ଅଛନ୍ତି - ତାଙ୍କର କକେଇ, ଦଦେଇ, ମଉସା, ପିଉସା କି ଭାଇ, ପୁତୁରା ।

ସେହି ଗାଁରେ ସୁମନ୍ତ ଦାସଙ୍କର ପିଲାଏ ଆଜି ଅଚିହ୍ନା, ନୂଆଲୋକ, ଭିନ୍ନଦେଶୀ । ନାତୁଣୀ ପାଞ୍ଚବର୍ଷର ଝିଅ ଚୁଆକୁ ସେ ସର୍ବଦା ଗେଲ କରିଥାନ୍ତି । ବଡ଼ପୁଅ ଜୟନ୍ତ ସ୍ୱଳ୍ପବାକ, ଆଖିବୁଜି ଚଉକିରେ ସେ ଆଉଜି ପଡ଼ିଛି । ସାନପୁଅ ସୁମନ୍ତ ଚାରିବର୍ଷର ପୁତୁରା ଚନ୍ଦନର ବଲ ଧରିବାରେ ବ୍ୟସ୍ତ । ସୁମନ୍ତବାବୁଙ୍କର ଏହି ବୋହୂଟି ବେଶ ସ୍ମାର୍ଟ, ଶାଢ଼ି ନ ପିନ୍ଧି ଜିନ୍‌ସ ବାନିଅନ୍ ପିନ୍ଧନ୍ତି ।

ସ୍ତ୍ରୀ ବନଲତାକୁ ଲକ୍ଷ୍ୟ କରି ହଠାତ୍ ସେ କହିପକାଇଲେ ଦୁଇ ଚାରିଦିନ ପାଇଁ ଆମେ ଗାଁକୁ ଆସିଛେ । ଏଠାର ଚଳଣୀ ସାଙ୍ଗରେ ଟିକିଏ ମନାଇ ନେଇଗଲେ ସମସ୍ତଙ୍କ ପାଇଁ ଭଲ ହେବ । ଏଭଳି ଏକ ଅପ୍ରସାଙ୍ଗିକ କଥା ଶୁଣି ପରସ୍ପର ସ୍ୱାମୀ ସ୍ତ୍ରୀ ମୁହଁ ଚାହାଁଚୁହିଁ ହେଲେ । କଥାଟି କିନ୍ତୁ - ବୁଝିଲେ - ବନଲତା ଦେବୀ । ରୁଲିର ନିର୍ଲିପ୍ତ ହସ ସୁମନ୍ତବାବୁଙ୍କର ମନେହେଲା ଏକ ଅବଜ୍ଞା ଓ ଔଦ୍ଧତ୍ୟର ହସଭଳି । କନିଷ୍ଠମାନଙ୍କ ଠାରୁ ସମ୍ମାନ ଓ ବିନୟ ଆଶା କରାଯାଏ । ଏକଥା ସେ ପିଲାଟିଦିନରୁ ଶିଖିଆସିଛନ୍ତି । ବହୁତ ଦେଖିଶୁଣି ବନ୍ଧୁ ଶିବାନନ୍ଦଙ୍କ ଝିଅ ସାଙ୍ଗରେ ସେ ବିବାହ ଠିକ୍ କରିଥିଲେ । ସୁମନ୍ତର ପୁଅ କହିଥିଲେ ରୁଲିକୁ ବିବାହ କରିବା ପାଇଁ । ସେ ନିଷ୍ପତ୍ତି ମନେ ଅଛି । ଏ କ୍ଷେତ୍ରରେ ସୁମନ୍ତ ମା'ଙ୍କର ପୂର୍ଣ୍ଣ ସହଯୋଗ ପାଇଥିଲା । ସ୍ୱାମୀମାନଙ୍କର ଭାବନା ବୁଝିଲା ପରି ପରିବେଶକୁ ହାଲୁକା କରିଦେବା ପାଇଁ ବନଲତା କହିପକାଇଲେ - ସମୟ ବଦଳୁଛି । ବାହାରେ ହଠାତ୍ ଜଣେ ପିଲାର ଚିତ୍କାର ଶୁଭିଲା । ସୁମନ୍ତବାବୁ ଚାରି ପାଞ୍ଚ ବର୍ଷର ପିଲାଟିକୁ ଟେକି ଆଣିଲେ ଦୁଇହାତରେ । ବନିତାର ପୁଅ ଖେଳୁ ଖେଳୁ ମୁଣ୍ଡ ଫାଟିଯାଇଥିଲା । ରୁଲି ଏହାର ଠିକ୍ ପ୍ରାଥମିକ ଚିକିତ୍ସା କଲେ । ସୁମନ୍ତବାବୁ ଏକ ଲୟରେ ଚାହିଁ ରହିଥାନ୍ତି ରୁଲିକୁ । ସବୁକାମ ସାରି ଦେଖିଲାବେଳକୁ ରୁଲିକୁ ସମସ୍ତେ ଅନେଇ ଚାହିଁଛନ୍ତି । ପରମୁହୂର୍ତ୍ତରେ ରୁଲି ଦେଖିଲା, ମୁଣ୍ଡପାତି ଧୀରେ ଧୀରେ ଚାଲିଯାଉଛନ୍ତି ସୁମନ୍ତବାବୁ ।

## (୧୦) ଏକକ :

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର ଗଳ୍ପ ସଂକଳନ "ସପ୍ତଦଶୀ"ର ଏକ କ୍ଷୁଦ୍ରଗଳ୍ପ 'ଏକକ' । ଏହା ବେଶ୍ ଚିତ୍ତାକର୍ଷକ ଓ ପାଠକପାଠିକାଙ୍କର ହୃଦୟସ୍ପର୍ଶୀ ହୋଇଛି ।

'ବୟସଟା ହଠାତ୍ ଯେମିତି କୋଡ଼ିଏ ବର୍ଷ ପଛକୁ ହଟିଗଲା । ଅସୀମା ଜୀବନରେ ଅନେକ ଦିନୁ ଏକ ସୀମାରେଖା ଟଣା ହୋଇଯାଇଛି । ବୟସର, ସମାଜର, ଉଚିତ ଓ ଅନୁଚିତକୁ ପୁଣି ନିଜପାଇଁ ନିଜେ ଉଠିପଡ଼ି ତିଆରି କରିବା ସ୍ଥାନର, ଅନେକ କଥା - ମନକୁ ଆସିଲେ ତାକୁ ଜବରଦସ୍ତ ଠେଲି ଫୋପାଡ଼ି ଦେବାକୁ ହୁଏ । ଆମକୁ ଭାବିବାକୁ ବିଳମ୍ବ ଲାଗେ । ପ୍ରକାଶ କରିବା ତ ବହୁତ ଦୂରର କଥା । ବେଳେବେଳେ ସହି ମନ ବିବ୍ରତ କରିଥାଏ । ପ୍ରଶ୍ନ କର କେବଳ କାହିଁକି ? ପୃଥିବୀର ଚତୁର୍ଦ୍ଦିଗରେ ଏତେ ଆନନ୍ଦ, ଏତେ ଉତ୍ସବର ସମାରୋହ ମୁଁ କାହଁକି କେବଳ ମୋ କାମରେ ବୁଡ଼ି ରହିଥିବି । କାହିଁକି ମୋ ମନ ପ୍ରଜାପତିର ଡେଣା ଲଗାଇ ଉଡ଼ିବୁଲିବ ନାହିଁ ଗୋଟିଏ ଉଦ୍ୟାନରୁ ଅନ୍ୟଟିକୁ । ସବୁବେଳେ ମନର ଲଗାମ୍‌କୁ ଟାଣି ଧରିଥିବି ମୁଁ କାହିଁକି ?

ସୂର୍ଯ୍ୟ ଅସ୍ତଯାଏ । ଶାରଦ ଆକାଶର ଜହ୍ନ ଆପଣାର ଉନ୍ମୁକ୍ତ ଯୌବନ ନେଇ ପ୍ରକାଶିତ ହୁଏ । ଅଦ୍ଭୁତ ଗୋଟିଏ ଥଣ୍ଡା ହାଉଆ ହଠାତ୍ ଦେହ ଓ ମନପ୍ରାଣରେ ଖେଳାଇଦିଏ । ଅପୂର୍ବ ଶୀହରଣ, ବର୍ଷେ ହେବ ବଡ଼ପୁଅ ଚାକିରି କଲାଣି ବିଦେଶରେ । ଏବେ ଆଇ.ସି.ଏସ୍ ସ୍ୱାମୀ ରିଟାୟାର୍ଡ଼ କରିବେ । ତା'ର ଯେ ବୟସ ହୋଇଗଲା, ବୋଧହୁଏ ବୟାଳିଶ । ସେ ବୟସକୁ ମନେ ପକାଏନାହିଁ କିମ୍ବା ମନେ ପକାଏନି କମଳେଶ, ସୁଭେନ୍ଦୁ ଓ ଅଜୟ ପ୍ରଭୃତିଙ୍କର । ମହିଳାମାନେ ଜାଣିଲେ କ୍ଷତି ନାହିଁ ବିଶେଷ - ସେମାନଙ୍କ ନିକଟରେ ସେ ତ ସୁକୁମାରର ମାଆ । ସବିତାବରଣଙ୍କ ସ୍ତ୍ରୀ ।'[୬୩] ତଥାପି ତା'ର କ'ଣ ନିଜତ୍ୱ ନାହିଁ - ସେ କ'ଣ ଅସୀମା ନୁହେଁ, ସେ କ'ଣ ବିଶ୍ୱମ୍ବରବାବୁଙ୍କର ଝିଅ ନୁହେଁ ! ବାପା ଏବେ ମଧ୍ୟ ବଞ୍ଚିଛନ୍ତି । ଭାଇ ଭାଉଜମାନେ ଏବେ ଘରର ମାଲିକ । ଯିବା ଆସିବା ନାହିଁ, ଥରେ ବାପାଙ୍କର ପାଖକୁ ଆସିଲେ ଆଉ ଫେରିବାର ମନ ହୁଏନାହିଁ । ଦୁଇଚାରି ଓ ଆଠଦିନ ପରେ କ୍ଳାନ୍ତ ହୋଇ ପୁଣି ଅସୀମା ଫେରିଆସେ ସବିତାବରଣଙ୍କ ପାଖକୁ । ସୁରୁମାର ଅନେକ ଦିନ ହେବ କିଛି ଖବର ନାହିଁ । ବାହାରେ ସେ କାହାର ପ୍ରେମରେ ପଡ଼ିବା ଆଗରୁ ଏଠାରେ ତା' ପାଇଁ ବୋହୂଟିଏ ଖୋଜିବାକୁ ହେବ । ସୁଭେନ୍ଦୁ ସାଙ୍ଗରେ ସେ ଦିନେ ହଠାତ୍ ଦେଖା ହୋଇଗଲା । କଲେଜରେ ସେମାନେ ଏକାସାଙ୍ଗରେ ପଢୁଥିଲେ । ବନ୍ଧୁ, କିନ୍ତୁ - ବୟଫ୍ରେଣ୍ଡ ନୁହେଁ । ସ୍ୱାମୀଙ୍କ ସହିତ ପରିଚିତ କରାଇଦେବାକୁ ଅସୀମା ଏହିଭଳି କହିଥିଲା ।

[୬୩] ତତ୍ରୈବ, ପୃ-୬୭-୬୮

ବୈଠକଘରେ କଫି ପିଉପିଉ ସୁଭେନ୍ଦୁ ପଚାରିଲା - ତୁମ ସ୍ୱାମୀ ବୋଧହୁଏ ଆମପରି ସାଧାରଣ ଲୋକଙ୍କୁ ପସନ୍ଦ କରନ୍ତି ନାହିଁ । ଏ କଥାଗୁଡ଼ିକୁ ଅସୀମାକୁ ଶୁଣିବାକୁ ଭଲ ଲାଗେନି । ସୁଭେନ୍ଦୁ ହସିଲା ଓ ସ୍ୱାମୀ ନିନ୍ଦା ସତୀଙ୍କର ଅସହ୍ୟ ହେଉଛି କି, ତୁମେ କେମିତି ଏତେ ବଦଳିଗଲ ଅସୀମା ।

ସବିତାବରଣଙ୍କର କ୍ଲବକୁ ଯିବାକୁ ବେଳ ହେଲାଣି ବୋଧହୁଏ । ତାକୁ ଖୋଜୁଛନ୍ତି ଯେତେବେଳେ । ଚାକରବାକରଙ୍କୁ କଡ଼ା ହୁକୁମ ଅଛି - ଅସୀମାର, ତାକୁ ଅଯଥା ବିରକ୍ତି ଯେମିତି କେହି ନକରନ୍ତି । ଅଥଚ - ଅଜୟ, ଶୁଭେନ୍ଦୁ ଶ୍ୟାମଳା ସେ ଦିନର ସେହି ପଢ଼ାସାଥୀମାନେ କେତେ ଅନୁଭବ କରନ୍ତି ତାହାର ଅନୁପସ୍ଥିତ । ଅଜୟ ବିଲାତରୁ ଫେରିଥିଲା - ଡାକ୍ତର ହୋଇ । ସେ ଅଥଚ - କ'ଣ ବା ସମ୍ପର୍କ ଅଜୟ ସାଙ୍ଗରେ - ବନ୍ଧୁତ୍ୱ ବା କେତେଦିନର ।

ବିବାହିତ ଅଜୟର ପରିବାର ତାକୁ ନେଇ କାଳେ ଅଶାନ୍ତି ହୋଇପାରେ - ଏହି କାରଣରୁ ଅସୀମା ତାକୁ ବରାବର ଆଡ଼େଇ ଯାଇଥିଲା ।

ଅଚାନକ ଭାବରେ ଟ୍ରେନ୍‌ରେ ଦେଖାହୋଇଗଲା ସେଦିନ । କଲିକତାରୁ ଏକା ଡବାରେ ସେମାନଙ୍କର ରିଜର୍ଭେସନ ହୋଇଯାଇଥିଲା । ଅଜୟ ଅନ୍ତରଙ୍ଗ ହେବାକୁ ଚେଷ୍ଟା କଲା - ଅଭିମାନ କଲା ମଧ୍ୟ ଟିକିଏ । ଅସୀମା ହସିଦେଇ କହିଥିଲା ତମେ ତ ଜାଣ କୌଣସି ଜାଗାରେ, କାହାରି ପାଖରେ କ୍ୟୁରେ ଠିଆହୋଇପାରେ ନାହିଁ ମୁଁ । ସବୁସ୍ଥଳରେ ମୁଁ ଏକକ ହେବାକୁ ଚାହେଁ - ଆଜି ପର୍ଯ୍ୟନ୍ତ ହୋଇଛି ମଧ୍ୟ ।

ଅଥଚ ମନ ଭିତରେ କିଏ ଯେମିତି କହୁଥିଲା - ଅସୀମା, ଏଠି ବି ତୁ ଏକକ !

## (୧୧) କାଳର କପୋଳ ତଳେ :

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର ଦ୍ୱିତୀୟ ଗଳ୍ପ ସଂକଳନ "ସପ୍ତଦଶୀ"ର ଏକ କ୍ଷୁଦ୍ରଗଳ୍ପ 'କାଳର କପୋଳ ତଳେ' । ଏଠାରେ ମଗଧ ରାଜାଙ୍କର ରାଜସ୍ୱ କାହାଣୀ ବର୍ଣ୍ଣିତ ଅଛି ।

'ତଳେ କ୍ଷୀଣଧାରରେ ବହିଯାଉଛି - ଦୟାନଦୀର ପାଣି । ହଠାତ୍ ଫୁଲି ଫୁଲି ଉଠିଲ । ଆଉ ଅଙ୍ଗଦ ଚୌଧୁରୀଙ୍କର ଆଖି ଆଗରେ ଚାହୁଁ ଚାହୁଁ ପାଣିର ରଙ୍ଗ ବଦଳିଯାଇ, ହୋଇଗଲା ଲାଲ-ପାଣି ନୁହେଁ ରକ୍ତର ନଦୀ ।

ଧଉଳି ପାହାଡ଼ର ପାଦଦେଶରେ ଏକ ବଡ଼ ପଥର ମୁଣ୍ଡିଆଟା ଉପରେ କେତେବେଳୁ ବସି ରହିଛନ୍ତି ସେ । ଅଙ୍ଗଦ ଚୌଧୁରୀ ଇତିହାସର ଛାତ୍ର । ଆସିଛନ୍ତି – ନାଳନ୍ଦା ବିଶ୍ୱବିଦ୍ୟାଳୟରୁ ଗବେଷଣା କାର୍ଯ୍ୟରେ । ବହୁବର୍ଷ ଧରି ମଗଧରୁ ଆସି ସମ୍ରାଟ ଅଶୋକ କଳିଙ୍ଗ ବିଜୟ କରିଥିଲେ । କିନ୍ତୁ କିଏ ଥିଲେ କଳିଙ୍ଗର ରାଜା ଓ କାହାକୁ ପରାଜିତ କରି ଅଶୋକ ଉଡ଼ାଇଥିଲେ ନିଜର ବିଜୟ କେତନ ।

ଅଶୋକଙ୍କର ଶିଳାଲେଖା ପଢ଼ିଛନ୍ତି ଅଙ୍ଗଦ । ସେଥିରେ ଅହିଂସା, ଦୟା, କ୍ଷମା ଇତ୍ୟାଦି ବିଷୟରେ ଉଲ୍ଲେଖ ଅଛି । ଆହୁରି ମଧ୍ୟ ଉଲ୍ଲେଖ ରହିଛି ରାଜାର ରନ୍ଧନଶାଳା ଏବଂ ସାଧାରଣ ପ୍ରଜାର ରନ୍ଧନଶାଳାରେ କେତୋଟି ମୟୂର ମାଂସ ରନ୍ଧନ କରାଯାଇପାରିବ । କିନ୍ତୁ କଳିଙ୍ଗ ରାଜାଙ୍କ ବିଷୟରେ ତ କେଉଁଠି କିଛି ଲେଖା ହୋଇନାହିଁ ।'[୬୪]

ଧଉଳି ପାହାଡ଼ର ଚାରିପଟେ ବୁଲି ବୁଲି ଶେଷରେ ସେ ଆସି ବସିପଡ଼ିଛନ୍ତି ଏଇ ପଥର ଉପରେ । ସୂର୍ଯ୍ୟର ଶେଷ କିରଣ କେତେବେଳୁ ଦୟାନଦୀର ଛାତି ଉପରୁ ଅପସରି ଗଲାଣି । ରକ୍ତର ସୁଅକୁ ଚାହିଁ ଚମକି ଉଠିଲେ । ଚାରିଆଡ଼ର କ୍ଷେତବାଡ଼ି କୁଆଡ଼େ ମିଳେଇ ଗଲାଣି । ଘଞ୍ଚ ଜଙ୍ଗଲରେ ଭରି ଗଲାଣି ସମଗ୍ର ଅଞ୍ଚଳ । ତାହାରି ଭିତରୁ ଶୁଣାଯାଉଛି ଅସଂଖ୍ୟ ଘୋଡ଼ାଟାପୁର ଶବ୍ଦ । ସେ ଆହୁରି ଟିକିଏ କାନ ଡେରିଲେ, ଘୋଡ଼ା ଟାପୁ ଆଉ ହେସ୍ରାରାବ ସହିତ ଅସ୍ତ୍ରର ଝଣତ୍କାରରେ କମ୍ପି ଉଠିଲା ଧଉଳି ପର୍ବତ ।

ଦୁଇ ଆଣ୍ଠୁ ଭିତରେ ମୁହଁକୁ ଗୁଞ୍ଜି ବସିରହିଲେ ଅଙ୍ଗଦ । ଭୟରେ ସମଗ୍ର ଶରୀର ତାଙ୍କର କମ୍ପି ଉଠୁଥିଲା । କେତେବେଳଯାଏ ସେ ବସି ରହିଛନ୍ତି, ଖିଆଲ ନାହିଁ । ହଠାତ୍ କାନ୍ଧ ଉପରେ କାହାର ସ୍ପର୍ଶରେ ଚମକିପଡ଼ି ମୁଣ୍ଡ ଟେକିଲେ । ସାମନାରେ ଠିଆ ହୋଇଛନ୍ତି ଜଣେ ଦୀର୍ଘଦେହୀ ପୁରୁଷ । ବେଷପୋଷାକରୁ ମନେ ହେଉଛି ରାଜବଂଶର ଲୋକ । ଆଖି ଦୁଇଟାରେ ଅସାମାନ୍ୟ ଦୀପ୍ତି । ଗୋଟିଏ ଅଭୟ ହାତ ସେ ବଢ଼ାଇ ଦେଇଛନ୍ତି ଅଙ୍ଗଦଙ୍କ ଆଡ଼କୁ । ହଠାତ୍ ଅଙ୍ଗଦର ଯେପରି ସବୁ ଭୟ ଦୂର ହୋଇଗଲା । ସେ ସେହି ପ୍ରସାରିତ ହାତଟିକୁ ଧରି ଠିଆହୋଇପଡ଼ି ପଚାରିଲେ- ଆପଣ କ'ଣ କଳିଙ୍ଗର ମହାରାଜ ? ନାଁ, ମୋ ସହିତ ଆସ, ମୁଁ ତୁମକୁ ମହାରାଜାଙ୍କ ସହିତ ପରିଚିତ କରାଇଦେବି ।

ମହାରାଜାଙ୍କର ସ୍ୱାସ୍ଥ୍ୟ ଖରାପ ଥିଲା । ସମସ୍ତ ଉଦ୍‌ବେଗର ଅବସାନ ଘଟାଇ ମହାରାଣୀ କାରୁବାକୀ ଘୋଷଣା କଲେ – ମହାରାଜାଙ୍କର ଶାରୀରିକ ଅବସ୍ଥାରେ କୌଣସି ପରିବର୍ତ୍ତନ

[୬୪] ତତ୍ରୈବ, ପୃ-୭୨

ହୋଇନାହିଁ । ମହାରାଣୀ କାରୁବାକୀ କହିଲେ - ଆମର ଏକମାତ୍ର ଦାୟାଦ ରାଜଜେମା ରାଜେଶ୍ୱରୀଙ୍କୁ ମହାରାଜ ଏ ରାଜ୍ୟର ଦାୟିତ୍ୱ ଅର୍ପଣ କରିବାକୁ ଚାହାନ୍ତି । ତାଙ୍କର ଅନୁପସ୍ଥିତିରେ ବର୍ତ୍ତମାନ ଠାରୁ ସେ ସମସ୍ତ କାର୍ଯ୍ୟ ପରିଚାଳନା କରନ୍ତୁ ବୋଲି ମହାରାଜାଙ୍କର ଇଚ୍ଛା । ଆପଣମାନଙ୍କର କ'ଣ ଏଥିରେ ସମ୍ମତି ଅଛି ? କି ଅଦ୍‌ଭୁଦ ଏ କଥା ! ରାଜା ନିଜର ଉତ୍ତରାଧିକାରୀ ମନୋନୀତ କରିବେ । ଇଏତ ଗଣତନ୍ତ୍ରର ନିୟମ । ପୁତ୍ର ଭଳି କନ୍ୟାକୁ ମଧ୍ୟ ରାଜ ସିଂହାସନ ପ୍ରଦାନ କରିବା ଏ ରାଜ୍ୟରେ ରହିଛି । ମଗଧ ସମ୍ରାଟ ଅଶୋକ ବିପୁଳ ସେନାବାହିନୀ ଧରି କଳିଙ୍ଗ ଆକ୍ରମଣ କରିଛନ୍ତି । ରାଣୀ ରାଜେଶ୍ୱରୀ ତାଙ୍କୁ ପରାହତ କରିବାକୁ କହିଲେ ବାରଜଣ ଯୋଦ୍ଧା ମୋ ସାଙ୍ଗରେ ଯିବେ ।

ଅଙ୍ଗଦଙ୍କର ସମ୍ମୁଖରେ ପୁଣି ସେହି ପୁରୁଷ ଗୁରୁଗାମ୍ଭିର୍ଯ୍ୟ ସ୍ୱରରେ ନିର୍ଦ୍ଦେଶ ଦେଲେ ଚାଲ, ଧଉଳି ଉଠୁଛି - ପଡୁଛି । ଶିବିର ଭିତରେ ବସିଛନ୍ତି ଚିନ୍ତାନ୍ୱିତ ଅଶୋକ । ସେ ଦ୍ରୁତ ପଛକୁ ଚାଲିବାକୁ ଆସିଲେ । ଅଙ୍ଗଦ ପାଟିକରି ଉଠିଲେ, ଆପଣ କ'ଣ ଇତିହାସ ପୁରୁଷ ? ଅଙ୍ଗଦ ଆଖି ଖୋଲିଲେ, ରାତି ଶେଷ ହୋଇଆସୁଛି । ଶାନ୍ତିସ୍ତୁପ ଉପରେ, ଆକାଶରେ କେବଳ ଗୋଟିଏ ତାରା ଉଜ୍ଜ୍ୱଳହୋଇ ଦେଖାଯାଉଛି ।

## (୧୨) ବୀରସା ଭୋଇ :

ଗାଳ୍ପିକା ନନ୍ଦିନୀ ଶତପଥୀ ନିଜର ଗଳ୍ପ ସଂକଳନ "କେତୋଟି କଥା" ପରେ ଦ୍ୱିତୀୟ ଗଳ୍ପ ସଂକଳନ "ସପ୍ତଦଶୀ" ପ୍ରକାଶିତ କରିଥିଲେ । ସେଥିରେ 'ବୀରସା ଭୋଇ' ଏକ କ୍ଷୁଦ୍ରଗଳ୍ପ । ବୀରସାର କାହାଣୀକୁ ନେଇ ଗଳ୍ପଟିଏ ।

'ଅନେକ ବର୍ଷ ପରେ ଗାଁକୁ ଯାଇଛି - ମୋ ମନରେ ସାମାନ୍ୟ ଉତ୍ତେଜନା, ବୋଧହୁଏ କିଛିଟା ଚାଞ୍ଚଲ୍ୟ । ଗାଁର ରାସ୍ତା ବଦଳି ନାହିଁ - ତିରିଶ ବର୍ଷପରେ ଯେପରି ଥିଲା - ଆଜି ସେପରି । ଖାଲି ମୁଖ୍ୟ ରାସ୍ତାଟି ପକ୍କା ହୋଇ ବସ, ମୋଟରଗାଡ଼ି ଚଳାଚଳ କରୁଅଛି । ସୌଖିନ ବୁଲାବୁଲି ପାଇଁ ନୁହେଁ । ବିଶେଷ ଗୋଟିଏ କାମରେ ମୁଁ ଗାଁକୁ ଆସିଛି । ସେଠାରେ ମୋର ପିଅନକୁ ମୁଁ ଆଦେଶ ଦେଲି ଯାଅ - ଭୋଇସାହିରୁ ବୀରସା ଭୋଇକୁ ଡାକିଦେବ ।

ପିଣ୍ଡା ତଳେ ବୀରସା ଠିଆହୋଇଛି । ଖାଲିଦେହ, ଅଣ୍ଟାରେ ଛୋଟ କନାଟିଏ, ପଞ୍ଜରାହାଡ଼ ଗଣିହୋଇଯାଉଛି । ମୁଣ୍ଡବାଳ ସବୁ ପାଚିଗଲାଣି । ତଥାପି - ବୀରସାକୁ ଚିହ୍ନିବାରେ ମୋର

କୌଣସି ଅସୁବିଧା ହେଲାନାହିଁ । ମୁଣ୍ଡକୁ ମାଟିରେ ଲଗାଇ ବୀରସା ଜୁହାର ହେଲା । ପିଲାଦିନେ ଯେବେ ଗାଁକୁ ଆସିଥିଲି ବୀରସା ବାପା ଘେରିକାଙ୍କୁ ଏମିତି ଜୁହାର ହେବାରେ ମୁଁ ଦେଖିଛି । ମୁଁ ବୀରସା କାନ୍ଧରେ ବସି ଗଛରୁ କଷି ଆମ୍ବ ତୋଳିଲାବେଳେ ମୋର ମନେ ହେଉଥିଲା ମୁଁ ଆଉଟିକିଏ ଉପରକୁ ଉଠିଲେ ଚାନ୍ଦକୁ ଛୁଇଁ ଦେଇପାରିବି । ଉପରକୁ ନ ଆସି ବୀରସା ପାହାଚରେ ବସିଲା - ଆଖିରେ ତା'ର ଲୁହର ଧାର ।

ସାମନାର ଖଳାବାଡ଼ିରେ ଶୁଖିଲା ନଡ଼ିଆ ବାହାଙ୍ଗାଟିଏ ଖସିଲା । ଏହା ମଧୁ ମକଦ୍ଦମଙ୍କ ବାରି । ସେହି ମଧୁ ମକଦ୍ଦମ ତାଙ୍କର ଦୂର ସମ୍ପର୍କୀୟ କକେଇ । ମଧୁ ମକଦ୍ଦମ କି ତାଙ୍କର ପିଲାମାନେ ଗାଁକୁ  ନ ଆସି ସହରରେ ରହିଥାନ୍ତି । ବୀରସା ଖଣ୍ଡିଏ ଜମି ପାଇଥିଲା । ମଧୁ ମକଦ୍ଦମର ସିଲିଂ ଜମିରୁ ଖଣ୍ଡିଏ । ସେହି ଜମି ଖଣ୍ଡିକଟିରେ ସେ ଚାରିପାଞ୍ଚ ପ୍ରାଣୀ କୁଟୁମ୍ବ ଚଳାଉଥିଲା । ବୀରସା ତା କଥା କହୁଥିଲା - କହୁକହୁ ଗଳା ତା'ର ରୁଦ୍ଧ ହୋଇଯାଉଥିଲା । ବଡ଼ ଦୁଃଖି ସିଏ । ଦୁଇଟି ଝିଅ ଓ ଗୋଟିଏ ପୁଅ ତା'ର । ବଡ଼ପୁଅଟି କାମକୁ ପାରିଉଠିବା ବେଳକୁ ଏକ ଅଘଟଣ ହେଲା । ହଠାତ୍ - ଦୁଇଟିଯାକ ଆଖିରେ ସେ ଆଉ ଦେଖିପାରିଲା ନାହିଁ । ଅନ୍ଧ ହୋଇଗଲା । ବଜ୍ର ପଡ଼ିଗଲା ବୀରସା ମୁଣ୍ଡରେ । ଦୁଇ ଝିଅଙ୍କୁ କାହାଘରେ ପାଇଟି ପାଇଁ ପଠାଇଲା । କିନ୍ତୁ - ବିଧିର ନିଷ୍ଠୁର ବିଡ଼ମ୍ବନା । ବର୍ଷଟିଏ ନ ପୂରୁଣୁ ସେପରି ହଠାତ୍ - ବଡ଼ଝିଅଟି ଦୃଷ୍ଟିଶକ୍ତି ହରାଇଲା । ତା'ର କେତେମାସ ପରେ ସାନ ଝିଅ ବି । ଓଃ କି କରୁଣ ଜୀବନ ! ତିନୋଟି ଅନ୍ଧ ପିଲାଙ୍କର ଭାର ବୋହୁଛି - ବୀରସା । ତାହାର କାହାଣୀ ମୋତେ ଅସ୍ଥିର କରୁଥିଲା ।

ଜମିରେ ଯେତିକି ଧାନ କରୁଛି, ମୋର ବର୍ଷଯାକ ଚଳିଯାଉଛି ? ମୁଁ ପଚାରିଲି ତାକୁ । ଦୀର୍ଘ ନିଶ୍ୱାସଟାଏ ବୀରସାର ଛାତିକୁ ଫଟାଇ ବାହରି ଆସିଲା ଯେମିତି । ଜମି ଆଉ କାହିଁ ନାନୀ ? ବର୍ଷଯାକ କେତେ କଷ୍ଟ କରି ଫସଲ କରିଥିଲି । ଜପହରି ଲୋକ ଲଗାଇ ଧାନସବୁ କାଟିନେଲା । ଜମିଟା ପୁଣି ମଧୁ ମକଦ୍ଦମଙ୍କ ହାତକୁ ଚାଲିଗଲା ବୋଲି କହିଲା । ପୁଣି - ମଧୁ ମକଦ୍ଦମଙ୍କ ପାଖକୁ ଚାଲିଗଲା ! - ଏ କେମିତି କଥା । ତୋ ପାଖରେ ତ ତା'ର ପଟ୍ଟା ପାଉତି ଥିବ, ତହସିଲ ଅଫିସରେ ଯାଇ କାହିଁ ଦେଖାଇଲୁ ନାହିଁ ? କହିଲା - ସେହି କଥାତ ଆପଣଙ୍କୁ କହିବାକୁ ଆସିଛି ନାନୀ ।'[୬୫] ସବୁ ଦେଖାଇଲି । ମୋ ଠାରୁ କାଗଜତକ ତହସିଲଦାରବାବୁ

[୬୫] ତତ୍ରୈବ, ପୃ-୭୮, ୮୦, ୮୧

ନେଇଗଲେ । କହିଲେ - ସେସବୁ ଭୁଲ କାଗଜ । ସେହି ଜମିର କାଗଜ ନୁହେଁ । ସେ ପଥରମୁଣ୍ଡିଆ ପାଖରେ ଖଣ୍ଡିଏ ଟାଙ୍ଗଡଣ ଜମି ଦେଖାଇଦେଇ କହିଲେ - ଯା, ସେଇଠି ଚାଷ କରିବୁ । କାଗଜତକ ଦେଖିବାକୁ ବୀରସାକୁ ମାଗିଲି । ବୀରସା କାନ୍ଦି କହିଲା - ସେହି କାଗଜତକ କ'ଣ ତହସିଲଦାର ବାବୁ ଫେରାଇଛନ୍ତିକି ?

ବୀରସାର ଅସହାୟତା ଧୀରେ ଧୀରେ ମୋ ଭିତରେ ସଂକ୍ରମିତ ହୋଇଯାଉଥିଲା । କ୍ରୋଧରେ ମୁଁ ଜର୍ଜରିତ ହୋଇଯାଉଥିଲି । ତୁ ତ ଭୋଇମାନଙ୍କର ସର୍ଦ୍ଦାର ଥିଲୁ - ଜପହରି ତୋର ଧାନ କାଟିନେଲା, ପ୍ରତିବାଦ କଲୁନାହିଁ ! ଆଜ୍ଞା, ଭୋଇସାହି ସମସ୍ତଙ୍କୁ ସେ ତହସିଲଦାର ବାବୁଙ୍କ ଭଳି ତା' ସପଟରେ କରିନେଇଛି । ଅନ୍ଧ ପୁଅଟାକୁ ଧରି ବିଲରେ ଠିଆ ହୋଇଥିଲି । ପିଟି ପିଟି ପୁଅର ମୁଣ୍ଡଟା ଫଟାଇଦେଲେ ଓ ମୋର ଗୋଡ଼ଟାକୁ ଭାଙ୍ଗିଦେଲେ । କେତେ ଭରସାରେ ବୀରସା କାହା ହାତରେ ଦରଖାସ୍ତଟିଏ ଲେଖି ମୋ ପାଖକୁ ପଠାଇଥିଲା । ତାକୁ ପାଇ ମୁଁ ଧାଇଁ ଆସିଥିଲି କିଛି ପ୍ରତିକାର କରିବା ପାଇଁ । ବୀରସା ବୋଧହୁଏ କିଛି ଗୋଟିଏ କହୁଥିଲା । ସେଗୁଡ଼ିକ ସବୁ ଗୋଳେଇ ମିଶିଯାଇ ଗୋଟାଏ ଧ୍ୱନୀ ଖାଲି ବାହାରୁଥିଲା - ହାହାକାର ଧ୍ୱନୀ ।

## (୧୩) ଆଜିର ଜୀବନ-ଦେବତା :

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର ଗଳ୍ପ ସଂକଳନ "ସପ୍ତଦଶୀ"ରେ 'ଆଜିର ଜୀବନ-ଦେବତା' ଏକ ଗଳ୍ପ ଅଟେ । ଏଠାରେ ଗାଳ୍ପିକା ନନ୍ଦିନୀଦେବୀ ଆଧୁନିକ ସମାଜରେ କିପରି ସ୍ୱାର୍ଥସର୍ବସ୍ୱ ତା'ର ବର୍ଣ୍ଣନା କରିଅଛନ୍ତି । ମୁଖ୍ୟତଃ ଶଶିନାନୀର ପାରିବାରିକ ଜୀବନ ଏଠାରେ ବର୍ଣ୍ଣିତ ।

'ଖବର ନେଇ ଲୋକ ଆସିଛି । ହଠାତ୍ ଷ୍ଟ୍ରୋକ୍ ହୋଇ ଅଜ୍ଞାନ ହୋଇଯାଇଛନ୍ତି - ଶଶୀନାନୀ । ଅତି ଗୁରୁତର ଅବସ୍ଥା । କେତେବେଳେ କ'ଣ ହୋଇଯିବ କିଛି କହିହେବ ନାହିଁ । ପୁଣିଥରେ - ବାହାରିଆସିଲା ବେଳକୁ ଡ୍ରାଇଭରକୁ ଡାକି ପୁଅ ବାହାରି ଆସିଲା । ପୁଣି କୁଆଡ଼େ ବାହାରିଲୁ ? ଦିନଯାକ ପରା ବୁଲାବୁଲି କରିକି ଆସିଲୁ । ପୁଅ ପଚାରିଲା - କୁଆଡ଼େ ଯାଉଛୁ - ତୋର ସେହି ଶଶୀନାନୀ ଘରକୁ । ତା'ର ପୁଅ ଝିଅତ କେହି ଆସୁନାହାନ୍ତି - ତାକୁ ଦେଖିବାକୁ । ସେ ମୃତ୍ୟୁଶଯ୍ୟା ନିକଟରେ - ଆମ କର୍ତ୍ତବ୍ୟ ଆମେ କାହିଁ ନ କରିବା, ପୁଅ କହିଲା - ତୋର କର୍ତ୍ତବ୍ୟ କର ।

ଏଇ ବି ପ୍ରକୃତରେ ଗୋଟିଏ ସମସ୍ୟା, ଖାଲି ଶଶିନାନୀଙ୍କର ନୁହେଁ, ତଥାକଥିତ ଆଧୁନିକ ମଣିଷର । ଦିନକୁଦିନ ମଣିଷ ସାନ ହୋଇଯାଉଛି । ଆଧୁନିକ ମାପର ଗଜ୍ଜଟା - ମଣିଷର ରକ୍ତମାଂସ ଦେହର ନୁହେଁ । ମାପ ତା'ର ହୃଦୟର । ମଣିଷ କ୍ରମଶଃ ତା'ର ହୃଦୟର ବିଶାଳତାକୁ ହରାଉଅଛି । ଏ କଥାକୁ ତ ହସିଦେଇ ଉଡ଼ାଇ ଦେଇହେବନାହିଁ । ଦେଖୁଛତ ପ୍ରତିଦିନ ମଣିଷର ହୃଦୟର ପରିଧି କିପରି ସଂକୀର୍ଣ୍ଣ ହୋଇଯାଉଛି - କ୍ରମେ କ୍ରମେ । ଯେଉଁଠି ଗୋଟିଏ ବିରାଟ ଗୋଷ୍ଠୀ ପାଇଁ ଜାଗା ଥିଲା । ଥିଲା - ପ୍ରତିବେଶୀ, ଆତ୍ମୀୟ, କୁଟୁମ୍ବ ସମସ୍ତଙ୍କର ପାଇଁ ଜାଗା, ସେଠି ଆଜି ବାପା, ମା, ଭାଇ ଭଉଣୀଙ୍କ ପାଇଁ ଜାଗା ଅଣ୍ଟୁନାହିଁ । ସନ୍ତାନସନ୍ତତିଙ୍କ ପାଇଁ ମଧ୍ୟ ସ୍ଥାନ ନାହିଁ । ଶୈଶବ ଅତିକ୍ରମ କଲାପରେ ସନ୍ତାନ ମଧ୍ୟ ଅବାନ୍ତର ତାଲିକା ମଧ୍ୟରେ ପଡ଼ିଯାଉଛି ।'[୬୬]

ଏଇ ତ ଶଶୀନାନୀ । ଆମର ଅତି ନିକଟ ଆତ୍ମୀୟ । ତିନୋଟି ଝିଅ ତାଙ୍କର, ଗୋଟିଏ ବୋଲି ପୁଅ । ଝିଅ ତିନୋଟି ବାହାହୋଇ ଯାଇଛନ୍ତି, ପୁଅଟିର ବାହାଘର ହେବ । ବଡ଼ ଚାକିରି କରି - ଅବସର ନେଇଛନ୍ତି ବାପା । ବେଶ୍ ଅବସ୍ଥାସମ୍ପନ୍ନ ଲୋକ, ବଡ଼ ଘର । କିନ୍ତୁ ଝିଅମାନେ ବାପଘରକୁ ଆସି ରାତିଟିଏ କଟାଇପାରନ୍ତି ନାହିଁ । ଏତେ କମ୍ ଜାଗା, କେଉଁଠି ରହିବେ ସେମାନେ !

ପୁଅ ତ ସେହି ପିଲାଦିନରୁ ବାହାରେ ବାହାରେ । ଛଅ ସାତ ବର୍ଷ ବୟସରୁ ଦାର୍ଜିଲିଂରେ ରହି ପାଠ ପଢୁଛି, (ହଷ୍ଟେଲରେ ରହି) ପାସ୍ କରି ବିଲାତ ଯାଇଥିଲା । ଅନେକ ବର୍ଷ ପରେ ଫେରିଛି - ମା'ର କୋଳକୁ । ପୁଅ ବାହାଘର ପାଇଁ ଖୁବ୍ ତୋଡ଼ ଜୋଡ଼ ଜୋଡ଼ ଲାଗିଲା । ଧୂମଧାମ୍‌ରେ ବାହାଘର ମଧ୍ୟ ହୋଇଗଲା । ବାହାଘର ପରେ ବାପା ଘୋଷଣା କଲେ ଗୋଟିଏ ଭଲ ଭଡ଼ାଘର ଦେଖ । ଏଠି ତ ଜାଗା ନାହିଁ, ତା'ଛଡ଼ା ତୁ ତ ଜାଣୁ ତୋ ମାଆ ଆଦୌ ଗୋଳମାଳ ସହିପାରନ୍ତି ନାହିଁ ।

ବିଲାତ ଫେରନ୍ତା ପୁଅ ଏହି କଥା ଶୁଣି ବଜ୍ରାହତ ପରି ସ୍ତବ୍ଧ ହୋଇଗଲା - ପରେ ସେ ଅବଶ୍ୟ ଘର ଠିକ୍ କରି ଖୋଜିନେଲା । ପୁଅବୋହୂ ଯେଉଁଦିନ ନୂଆ ଭଡ଼ାଘରକୁ ବାପା ମାଆଙ୍କୁ ଛାଡ଼ି ଚାଲିଗଲେ, ଶଶୀନାନୀ ସେଦିନ କେତେ କାନ୍ଦିଥିଲା। ପରେ ସେ କି ଅପୂର୍ବ ଘର ତିଆରି କରିଛନ୍ତି । ମୁଁ ତାଙ୍କୁ କହିଥିଲି - ତୁମ ଘର ବେଶ୍ ବଡ଼ । ବେଡ୍‌ରୁମ୍ ଅଛି - ବାପା ମାଆଙ୍କୁ ଆଣି ରହ । ସେ କହିଲା, ଦୁଇଟି ବେଡ୍‌ରୁମ୍‌ରେ ଆମେ ରହୁଛୁ, ସେମାନଙ୍କ ପାଇଁ ଜାଗା କାହିଁ ?

[୬୬] ତତ୍ରୈବ, ପୃ-୮୪, ୮୫

ଏହାଛଡ଼ା ଆଉକିଛି ଭାବିବାର କ୍ଷମତା ନାହିଁ ଏମାନଙ୍କର । ଅସୁବିଧାରେ ପଡ଼ିଯିବା ପାଇଁ ଏମାନେ ସର୍ବଦା କାକୁସ୍ଥ ହୋଇଥାଆନ୍ତି । କିନ୍ତୁ ଆଧୁନିକତାର ଦ୍ୱାହିରେ ସମାଜର ଗତି ଯୁଆଡ଼କୁ ଯାଉଛି, ତା ତ ସମସ୍ତେ ଦେଖିପାରୁଛନ୍ତି ।

ତାଙ୍କ ଘର ସାମନାରେ ଗାଡ଼ି ରହିଲା - ଯାଇ ଦେଖିଲି - ଘର ଭିତରେ ଡାକ୍ତର, ନର୍ସ ଆଉ ଭିଣୋଇ ନିର୍ବାକ୍ ହୋଇ ବସିଛନ୍ତି । ପ୍ରାୟ ଶେଷ ଅବସ୍ଥା । ବୈଠକଖାନାରେ ଝିଅଜ୍ୱାଇଁ ବସିଛନ୍ତି - ତାଙ୍କ ସହିତ ପୁଅ, ବୋହୂ ବି । ସେମାନଙ୍କର ମଧ୍ୟରେ କଥା ହେଉଛନ୍ତି - ମୋ ବୂଢ଼ୀମା ମଧ୍ୟ ପକ୍ଷାଘାତରେ ପଡ଼ିଥିଲେ, ଚାରିବର୍ଷ ପରେ ଚାଲିଗଲେ । ମୋ ବୋଉ - ଖୁଡ଼ୀ ଦିନରାତି ତାଙ୍କରି ସେବାରେ ଲାଗିଛନ୍ତି । ଆମେ ପିଲାମାନେ ସାନଖୁଡ଼ିଙ୍କର ହେପାଜତରେ ଥାଉ । ଆମ କଥା ବୁଝିବାକୁ ତାଙ୍କର ସମୟ ନଥାଏ । ଅଥଚ ଦେଖ ଏବେ - ନିଜ ସଂସାରରେ ଟିକିଏ ଅସୁବିଧା ହେବ ବୋଲି ଶାଶୁ, ଶ୍ୱଶୁର ମରିଗଲେ ବି ଦେଖିଆସିବାକୁ ତାଙ୍କର ସମୟ ନାହିଁ ।

ସାମାନ୍ୟ ହସି କହିଲି - ଭାଇନା, ଏ ଯୁଗର ଜୀବନ ଦେବତା ପରା ହେଲେ ଏଇ "ସୁବିଧା" ।

## (୧୪) ଦୁହିତା :

'ମିତାଲୀ ଯେ ଶେଷପର୍ଯ୍ୟନ୍ତ ଏମିତି ଗୋଟାଏ କିଛି କରି ବସିବ, ଏକଥା ପ୍ରଥମରୁ ବୁଝାଯାଉଥିଲା । ତମେ ତ ତାକୁ ମୂଳରୁ ଆକଟ କଲନାହିଁ । ଏଇକ୍ଷଣି ଆଉ ବ୍ୟସ୍ତ ହେଲେ କ'ଣ ଲାଭ ? ଶର୍ମିତା ଆଉ ରମା ପରସ୍ପରକୁ ଟିକିଏ ଚାହିଁଦେଇ ମିନତୀ ଆଡ଼କୁ ଦୃଷ୍ଟି ନିକ୍ଷେପ କଲେ । ଅପରାଧିନୀ ଭଳି ମିନତୀ ତଳକୁ ମୁହଁ ପୋତି ବସିଥିଲା । ଶମିତା ଲେଖାଯୋଖାରେ ନମିତାର ସାନ ଯା ହେବ । ଦେଖ ଅପା, ଏବେ ମଧ୍ୟ ବେଳ ଯାଇନି । ତୁମେ ମିତାଲିକୁ ଟିକିଏ ବୁଝେଇବାକୁ ଚେଷ୍ଟା କର । ବହୁ କଷ୍ଟରେ ମିନତୀ ମୁହଁ ଖୋଲିଲେ । ନା ନା ତୁମେ କେହି ତା' ସାଙ୍ଗରେ କଥା ହୁଅନାହିଁ, ଯାହା କରିବା କଥା ମୁଁ କରିବି । ସେମାନେ କହିଲେ ବାଃ ବାଃ ଝିଅଟିକୁ ଏତେ ଡର, ଯେଉଁ ତ ଗୁଣର କାମ କରିଛି, ବନ୍ଧୁ ବାନ୍ଧବ, ସାଇ ପଡ଼ିଶା ସମସ୍ତଙ୍କର ମୁହଁରେ ତ କାଳି ବୋଳି ସାରିଲାଣି ।

ସତକୁ ସତ ମିତାଲିର କାନରେ କଥାଟା ବାଜିଗଲା । ସେ ସୁଟ୍‌କେଶ ଖୋଲି ତା' ପୁରୁଣା ଆଲମିରାରୁ ଲୁଗାପଟା କାଢ଼ି ରଖୁଥିଲା । ମା'ର ବାନ୍ଧବୀମାନଙ୍କର କଥା ଶୁଣି ସେ ରୁମ୍‌ରୁ ବାହାରି ପଡ଼ିଲା । ଏମାନଙ୍କୁ କିଛି କହିବାର - ପ୍ରକୃତରେ ମିତାଲୀର ଆଗ୍ରହ ନଥିଲା । କିନ୍ତୁ - ଏମାନଙ୍କର

କବଳରୁ ବିଚାରୀ ମା'ଙ୍କୁ ତ ଉଦ୍ଧାର କରିବାକୁ ହେବ । ମିତାଲୀ ପଚାରିଲା - କ'ଣ ହେଲା ଖୁଡ଼ୀ ? ତୁମେମାନେ କ'ଣ ଏଜିଟେଟେଡ୍ ଜଣାପଡୁଛ । ସେମାନେ ସମସ୍ତେ କଳ୍ପନା କରିପାରୁ ନଥିଲେ । ନିଜକୁ ସମ୍ଭାଳି ରମା ପ୍ରଥମେ କହିଲା, ତୁ ଯେଉଁ କାମଟା କଲୁ, ଭଲ ହେଲାନାହିଁ ବୋଲି ସମସ୍ତେ କହୁଛନ୍ତି । ସେହିକଥା କହିବାକୁ ଆମେ ଆସିଥିଲୁ ମିନତୀଦେବୀଙ୍କ ପାଖକୁ । ମିତାଲୀ ଜୀନ୍ସରେ ସାର୍ଟଟିକୁ ଇନ୍‌ସର୍ଟ କରୁକରୁ ହସିଦେଲା - ଟିକିଏ ମା' ମୁହଁକୁ ଚାହିଁଲା । ମା' ମିନତୀ ଟିକିଏ ସାହସ ପାଇଗଲା । ଏମାନଙ୍କର କଥା କିନ୍ତୁ ମିଲାଲିକୁ ଖାତିର ନାହିଁ ।

ଏଇ ସ୍ତ୍ରୀଲୋକମାନେ କ'ଣ ଜାଣିବାକୁ ଚାହୁଁଥିଲେ ମିତାଲୀ ଠାରୁ ? ସେ ସ୍ୱାମୀଘର ଛାଡ଼ି ଚାଲିଆସିଲା । ତିନିବର୍ଷ ସେ ସେଇଘରେ ବିତାଇଛି । ସେ ଅନୁମାନ କଲା ତା'ର ସେଠାରେ କିଛି ପ୍ରାଇଭେସି ନାହିଁ । ବାହାହୋଇଛି - ଗୋତ୍ର ବିସର୍ଜନ କରିଛି ବୋଲି ନିଜର ଗୋଟିଏ ଜଗତ ରହିବ ନାହିଁ । ଏଇ କିଭଳି କଥା । ସ୍ୱାମୀ ସରୋଜ ଏହି ଏକାକୀତ୍ୱକୁ ସମ୍ମାନ କରିପାରିଲା ନାହିଁ । ତା'ର ଦେହଟାକୁ ନିଜର ଜମିଦାରୀ ବୋଲି ବିଚାରିଲା । ସେ ତ ଚାକିରି କରେ - ଦିନଯାକ ସେଇ ବନ୍ଧନ ଭିତରେ ବି ସେ ଏକ ପ୍ରକାରର ସ୍ୱାଧୀନତା ଅନୁଭବ କରେ । ଅଥଚ ଘରକୁ ଫେରିବା ପରେ ତା'ର କୌଣସି ସମ୍ମାନ ନାହିଁ । ସାରାଦିନର କର୍ମକ୍ଳାନ୍ତି ପରେ ନିଜକୁ କ୍ରୀତଦାସ ବୋଲି ଭାବିବାକୁ ମିତାଲୀକୁ ଘୃଣା ଲାଗେ ଖୁବ୍ । ତା' ଭିତରୁ କିଛି ଗୋଟାଏ ହଜିଗଲାଭଳି, ବୋଧହୁଏ ଭିତରଟା ଶୂନ୍ୟ ଶୂନ୍ୟ ଲାଗେ । ମିତାଲୀ ଭାବେ ତା' ଦେହର ସମ୍ମାନ ନାହିଁ କାହିଁକି ? ତା' ମନରେ ସମ୍ମାନ ନାହିଁ କାହିଁକି । କେଉଁ ଭାବରେ ସେ ସରୋଜ ଠାରୁ ଊଣା । ସମସ୍ତଙ୍କୁ ପଚାରିଛି, ମାତ୍ର କେହି ତାଙ୍କୁ ସନ୍ତୋଷଜନକ ଉତ୍ତର ଦେଇନାହାନ୍ତି । ଏହା ଭାବି ସେ ବାପଘରକୁ ପଳାଇ ଆସି ରହୁଛି ।

ଆଧୁନିକତାର ଝିଅ ଅନୁରାଧାକୁ ନାରୀ ନିର୍ଯ୍ୟାତନା ଏକ ବଡ଼ ଶିକାର ଭାବରେ ଧରିନେଇଥିଲା - ମିତାଲୀ । ସେଥିପାଇଁ ତା' ମନରେ ମିତାଲୀ ପ୍ରତି ଦରଦ ଥିଲା । କି ସୁନ୍ଦର ଝିଅ ସେ ପାଠ ବି ପଢ଼େ । ମାତ୍ର ତା'ର ଏକ ଦୁର୍ବଳତା ଯେ ସେ ଧର୍ଷିତା । ଅଥଚ ତାକୁ ଯେଉଁମାନେ ଧର୍ଷଣ କରିଥିଲେ - ସେ ଛାତିରେ ହାତ ହଲାଇ ରାସ୍ତାରେ ବୁଲୁଛନ୍ତି । ମିତାଲୀ ରୁମ୍‌ରୁ ବାହାରି ବାପାଙ୍କ ପାଖକୁ ଆସିଲା । ଅମରେଶ ମିଶ୍ରଙ୍କର ସ୍ନେହଭରା ଚାହାଣୀ ମିତାଲୀର ମୁହଁରୁ ପାଦଯାଏ

ବୁଲିଆସିଲା । ବାପାଙ୍କର ବୟସ ୭୦ରୁ ଅଧିକ । ବାପାଙ୍କ ସହ କିଛି ସମୟ କଥା ହେବାପରେ ସେ ଜାଣିପାରିଲା, ସେ ନୀତି ଅପେକ୍ଷା ସତ୍ୟକୁ ବଡ଼କରି ଦେଖୁଛନ୍ତି । ମିତାଲୀର ବଡ଼ଭଉଣୀ ଚଇତାଳିର ବିବାହ ହେଉଛି – ସାତ କି ଆଠବର୍ଷ ତଳେ । ପାଠ ପଢୁ ପଢୁ ସେ ନିଜର ବିବାହ ନିଜେ ସ୍ଥିର କରିଥିଲା । ବାପାଙ୍କର ବି ସମ୍ମତ ଥିଲା । କିନ୍ତୁ ଶ୍ୱଶୁରଘରେ ତା' ପ୍ରତି ବ୍ୟବହାର ଥିଲାଅତି କଦର୍ଯ୍ୟ । କିନ୍ତୁ ପରେ ତା'ର ଜୀବନଟା ଶେଷ ହୋଇଯାଇଥିଲା ।'[୬୭]

ମିତା କହିଲା – ବାପା, ସରୋଜ ପାଖରୁ ଚାଲିଆସି ମୁଁ ଏଠି ତୁମ ପାଖରେ ରହିବାକୁ ଚାହୁଁନାହିଁ । ମୁଁ ଚାକିରି କରୁଛି ଏକଲା ମଧ୍ୟ ଜୀବନ ବିତାଇପାରିବି । ବାପା କହିଲେ, ମୁଁ ଜାଣେ ତୋର ଆତ୍ମମର୍ଯ୍ୟାଦା ଓ ଆତ୍ମବିଶ୍ୱାସ ତୋତେ ଠିକ୍ ବାଟରେ ଚଳାଇନେବ ।

ଏହାହିଁ ଥିଲା 'ଦୁହିତା' ଗଳ୍ପର ସାର ସଂକ୍ଷେପ । ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର ଗଳ୍ପ ସଂକଳନ – "ସପ୍ତଦଶୀ"ର ଏକ କ୍ଷୁଦ୍ରଗଳ୍ପ – 'ଦୁହିତା' ।

## (୧୫) ଅନ୍ୟ ପୃଥିବୀ :

ଗାଳ୍ପିକା ନନ୍ଦିନୀ ଶତପଥୀ ତାଙ୍କର ଦ୍ୱିତୀୟ ଗଳ୍ପ ସଂକଳନ "ସପ୍ତଦଶୀ"ରେ 'ଅନ୍ୟ ପୃଥିବୀ' ଏକ ଗଳ୍ପ ଅଟେ । ଏହା ପାଠକଙ୍କର ହୃଦୟରେ ଗଭୀର ରେଖାପାତ କରିଅଛି କହିଲେ ଅତ୍ୟୁକ୍ତି ହେବନାହିଁ ।

'ସାନ୍ତକ୍ରୁଜ ବିମାନଘାଟିରେ ଉଡ଼ାଜାହାଜ ଅବତରଣ କରିବାକୁ ଆଉ ଅଳ୍ପ ସମୟ ଅଛି । ତରବରରେ ଛୋଟ ହାତ ବ୍ୟାଗ୍‌ଟିକୁ ଧରି ଜୟଶ୍ରୀ ଟୟଲେଟ୍ ଭିତରକୁ ପଶିଗଲା । ବିମାନର ଯାତ୍ରୀମାନେ ସମସ୍ତେ ମଧ୍ୟ ଚଳଚଞ୍ଚଳ ହୋଇଉଠିଛନ୍ତି । ଦୀର୍ଘ ସାତବର୍ଷ ପରେ ସେ ଦେଶକୁ ଫେରିଛି । ଏଇ ସାତବର୍ଷ ଭିତରେ ଦେଶରେ କେତେ ପରିବର୍ତ୍ତନ ହୋଇଗଲାଣି । ବିଦେଶ ସମ୍ବାଦପତ୍ରରୁ ସେ କିଛି କିଛି ଜାଣିଛି । ଅନେକ ଭାବନା ମନରେ ଖେଳିଯାଉଛି । ଛାଡ଼ି ଯାଇଥିବା ଆପଣାର ଲୋକ ଓ ଗାଁ ଭୂମିକୁ ଦେଖିବା ପାଇଁ ମନରେ ଗୋଟାଏ ପ୍ରକାର ଉଦବେଗ ହେଉଛି । ବିମାନ ଅବତରଣ କରିବାର ସଂକେତ ବାଜିଉଠିଲା । ସିଟ୍ ପାଖରେ ତାଙ୍କୁ ଦେଖି ହଠାତ୍ ଚମକି ପଡ଼ିଲା ରୁବିନା । ବମ୍ବେ ନଗରୀର ଉଜ୍ଜ୍ୱଳ ଆଲୋକମାଳାକୁ ରୁବିନା ଉପଭୋଗ କରୁଛି । ଜୟଶ୍ରୀ

[୬୭] ତତ୍ରୈବ, ପୃ-୯୧-୯୪

ସ୍କାର୍ଟସ୍ ବଦଳରେ ମୋଟା ଖଦଡ଼ ଶାଢ଼ି ପିନ୍ଧିଛି । ସ୍ୱାମୀ ଚନ୍ଦନ ପାଖରେ ଜୟଶ୍ରୀର ଏ ପୋଷାକ ପୁରୁଣା, ମାତ୍ର ରୁବିନା ପାଖରେ ନୂଆ । ଜୟଶ୍ରୀ ସହିତ ନ୍ୟୁୟର୍କରେ ତା'ର ପରିଚିତ ହୋଇଥିଲା । ଜୟଶ୍ରୀ, ଚନ୍ଦନ ଓ ରୁବିନା ବିମାନରେ ସୁଦୂର ନ୍ୟୁୟର୍କରୁ ଭାରତର ବମ୍ବେକୁ ଆସିଛନ୍ତି । ଦୁଇଜଣଙ୍କର କଥାକୁ ନୀରିକ୍ଷଣ କରି ଶୁଣୁଥିଲା ଚନ୍ଦନ ।

ଚନ୍ଦନ ଓ ଜୟଶ୍ରୀର ବିଭାଘରର ମାତ୍ର ପନ୍ଦରଦିନ ପରେ ଦେଶ ଛାଡ଼ି ଯାଇଥିଲେ । ବିଦେଶରେ କାମ କରୁଥିବା ଇଂଜିନିୟର ଚନ୍ଦନ ବିବାହ କରିବାକୁ ଆସିଥିଲା ସ୍ୱଦେଶକୁ । ଉଚ୍ଚଶିକ୍ଷିତ, ଉଚ୍ଚପଦବୀରେ ଅଧିଷ୍ଠିତ ସୌମ୍ୟଦର୍ଶନ ଯୁବକ ଚନ୍ଦନକୁ ସ୍ୱାମୀ ରୂପରେ ପାଇବା ପାଇଁ ବହୁ ବିଦେଶୀ ତରୁଣୀ ଆଗ୍ରହୀ ଥିଲେ । ମାତ୍ର ଚନ୍ଦନ ତାହା ଚାହୁଁନଥିଲେ । ବାପା ମାଆଙ୍କର ନିର୍ଦ୍ଦେଶରେ ସେ ସ୍ୱଦେଶ ଆସିଥିଲେ ବିବାହ କରିବାପାଇଁ । କିନ୍ତୁ ଚନ୍ଦନର ପିତାମାତା ରକ୍ଷଣଶୀଳ ନଥିଲେ । ଆଧୁନିକ ଉଚ୍ଚଶିକ୍ଷିତ ପୁଅର ମତାମତକୁ ନ ନେଇ ସେ ନିଜର ଇଚ୍ଛାକୁ ଲଦିଦେଇନଥିଲେ ପୁଅ ଉପରେ । ତିନୋଟି ଝିଅ ପ୍ରସ୍ତାବ ମଧ୍ୟରୁ ଚନ୍ଦନ ଜୟଶ୍ରୀକୁ ବିବାହ କରିବା ପାଇଁ ନିଜେ ସ୍ଥିର କରିଥିଲେ । ବିମାନ ଅବତରଣ ପରେ ସେମାନେ ଇଣ୍ଡିଆରେ ପହଞ୍ଚିଲେ । ଜୟଶ୍ରୀ ଓ ସେମାନଙ୍କୁ ଏୟାରପୋର୍ଟରୁ ନେବାକୁ ଜୟଶ୍ରୀର ମାଆ ଆସି ସେଠାରେ ଉପସ୍ଥିତ ଥିଲେ । ହଠାତ୍ ଜୟଶ୍ରୀ ମାଆଙ୍କୁ ଦେଖି ପୁଣ୍ଢେଇ ପକାଇଲା । ଏ ଦୃଶ୍ୟ ରୁବିନା ଦେଖୁଥାନ୍ତି । ରୁବିନା-ଚନ୍ଦନକୁ କହିଲେ ତୁମର ଅଭିବାଦନ ପ୍ରଣାଳୀ ଭାରି ସୁନ୍ଦର ।'[୬୮]

ଅର୍ଦ୍ଧରାତ୍ରୀର ଆଭିଜାତ୍ୟପୂର୍ଣ୍ଣ ବମ୍ବେ ନଗରୀରେ ସେମାନେ ଓହ୍ଲାଇ ଦୁଇଟି ରୁମ୍ ନେଲେ ରାତ୍ରି ଯାପନ ପାଇଁ । ଗୋଟିଏ ରୁମ୍‌ରେ ଚନ୍ଦନ ଓ ଜୟଶ୍ରୀ, ଅନ୍ୟ ରୁମ୍‌ଟିରେ ରୁବିନା ଓ ଜୟଶ୍ରୀର ମାଆ ଅନୁରାଧାଦେବୀ । ଅନୁରାଧାଦେବୀ ଜଣେ ଦେଶସେବୀ ବୋଲି ସେ ଜୟଶ୍ରୀଠାରୁ ଶୁଣିଛି । ସେଠାରେ ରୁବିନା ୟୁନିଭରସିଟିରେ ପଢୁଥିବାବେଳେ ଅନେକ ଆନ୍ଦୋଳନରେ ଯୋଗ ଦେଇ କାରାବରଣ କରିଥିଲେ । ୟୁନିଭରସିଟିରୁ ପାସ୍ କଲାପରେ ସେ ସାମ୍ବାଦିକତା କରୁଥିଲେ । ଭାରତବର୍ଷ ବିଷୟରେ ଜାଣିବା ଓ ଲେଖିବା ତାଙ୍କର କାମ ଥିଲା । ସେଥିପାଇଁ ତା'ର ବନ୍ଧୁ ଚନ୍ଦନ ଓ ଜୟଶ୍ରୀ ଯେତେବେଳେ ସ୍ୱଦେଶ ଭାରତକୁ ଆସିବାକୁ ବାହାରିଲେ ରୁବିନା ଏ ସୁଯୋଗ ଛାଡ଼ିଲେ ନାହିଁ । କିଛି ସମୟ ଶୋଇଲାପରେ ରାତ୍ରୀ ଚାରିଟାରେ ସେ ଦେଖିଲେ – ଅନୁରାଧାଦେବୀ

[୬୮] ତତ୍ରୈବ, ପୃ-୯୯-୧୦୦

ସ୍ନାନ କରି କ'ଣ ପଢୁଛନ୍ତି । ତାଙ୍କୁ ପଚାରି ସେ ଜାଣିପାରିଲେ ସେ ଗୀତା ପଢୁଛନ୍ତି । ସକାଳରେ ଏକ ସମ୍ବାଦପତ୍ରରେ ସମ୍ବାଦ ପଠନ କରି ତାଙ୍କର ମନରେ ଆଲୋଡ଼ନ ସୃଷ୍ଟି ହେଲା ସେ ତାହା ଅନୁରାଧାଦେବୀଙ୍କୁ ପଚାରି ବୁଝିଲେ । ଜଣେ ନବବଧୂକୁ ଯୌତୁକ ଜନିତ ହତ୍ୟା କରାଯାଇଛି ।

ରୁବିନା ଅନୁରାଧାଦେବୀଙ୍କୁ କହିଥିଲେ - ଆପଣ ଜଣେ ଦେଶସେବୀ । ଆପଣମାନେ ଏହାର ପ୍ରତିକାର କରିପାରୁନାହାନ୍ତି ? ଏହାପରେ ତାଙ୍କ ଉପରେ ଅନୁରାଧାଦେବୀ ଟିକିଏ ବିରକ୍ତିଭାବ ପ୍ରକାଶ କରିଥିଲେ । ଏବଂ କହିଥିଲେ ଏହା ମୋର କାମ ନୁହେଁ । ଏହା ସ୍ୱାଧୀନ ଦେଶର - ଏହା ସରକାରଙ୍କର କାମ । ତାଙ୍କର ବ୍ୟବହାରରେ ରୁବିନା ଆହତ ହେଲାନାହିଁ । ଆଶ୍ଚର୍ଯ୍ୟ ହେଲା, ଚନ୍ଦନର କଥାଟି - ହଠାତ୍ ତା'ର ମନେ ପଡ଼ିଯାଉଥିଲା । - ବେଶୀ ମୁଗ୍ଧ ହୋଇଗଲେ ହତାଶ ହେବାକୁ ପଡ଼େ ।

ରୁବିନା ଭାବୁଥିଲା - କେତେ ଦୈନ୍ୟ ଓ ଗ୍ଳାନି ବିଛାଡ଼ି ହୋଇ ପଡ଼ିଛି ଦୁନିଆ ସାରା । ଅତି ଉଦାର ଆଉ ମହତ ମଣିଷ ବି ଏଥିରୁ ବାଦ ଯାଇନାହାନ୍ତି । ସ୍ୱାର୍ଥର ସଂଘାତ ହେଲେ - କ'ଣ ସେହି ଦୈନ୍ୟ ଆଉ ଗ୍ଳାନି ଏହିଭଳି ଆତ୍ମପ୍ରକାଶ କରିପକାଏ ? ଏହାହିଁ - ଅନ୍ୟ ପୃଥିବୀ !

## (୧୬) ଜଣେ ଡେଙ୍ଗାଲୋକର ଇତିବୃତ୍ତ :

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର ଗଳ୍ପ ସଂକଳନ "ସପ୍ତଦଶୀ"ରେ 'ଆଜିର ଜୀବନ-ଦେବତା' ଏକ ଗଳ୍ପ ଅଟେ ।

'ମୁଁ ହଠାତ୍ ଡେଙ୍ଗା ହୋଇଗଲି, ଘର ଭିତରେ ସିଧାହୋଇ ଠିଆହେବା ମୋ ପକ୍ଷରେ ଆଉ ସମ୍ଭବ ହେଲାନାହିଁ । ଗୋଟିଏ ଦିନରେ କ'ଣ ଏତେ ଡେଙ୍ଗା ହୋଇଗଲି କେଜାଣି ! ମୁଁ ମୋର ଉଚ୍ଚତା ମାପୁଥିଲି । ଧୀରେ ଧୀରେ ଉଚ୍ଚତା ମାପଟାକୁ ଛାଡ଼ିଦେଲି, କେଜାଣି ଅନେକ ହିତାକାଂକ୍ଷୀଙ୍କର ଧାରଣା ହେଲା ଭିନ୍ନ ପ୍ରକାରର । ସେମାନେ ଭାବିଲେ ମୋର ନିଶ୍ଚିତ କିଛି ଗୋଟିଏ ରୋଗ ହୋଇଛି । ନହେଲେ ଏଭଳି ଅସ୍ୱାଭାବିକ ଭାବରେ କିପରି ଡେଙ୍ଗା ହୋଇଯାଉଛି । ସେମାନେ ସମସ୍ତେ ମୋତେ ଡାକ୍ତରଙ୍କୁ ଦେଖାଇବାକୁ ପରାମର୍ଶ ଦେଲେ । ଗୋଟିଏ ସମୟରେ ମୋର ବି କିଛି ଭୟ ରହିଗଲା । ସତରେ କ'ଣ କିଛି ଆଉ ଗୋଟିଏ ରୋଗ ହୋଇଗଲାକି ? ସବୁ ସମ୍ଭବ

ଏହି ବିଂଶ ଶତାବ୍ଦୀରେ । ମଣିଷ ଯେତିକି ବିଜ୍ଞାନୀ ହେଉଛି ସେତିକି ତ ରୋଗ ମାତ୍ରା ବଢ଼ି ବଢ଼ି ଚାଲୁଛି । କେତେ ପ୍ରକାରର ରୋଗ, ଅଚିହ୍ନା, ଅଜଣା ।

ତେବେ କ'ଣ ଖାଇବେ, ଶେଷକୁ ଡାକ୍ତର କହୁଛନ୍ତି ଯେପରି ଭାବରେ ରାସାୟନିକ ସାର ଆଉ ପୋକମରା ଔଷଧ ଖାଦ୍ୟଶସ୍ୟ ଓ ପନିପରିବାରେ ବ୍ୟବହୃତ ହେଉଛି ଏସବୁ ରୋଗ ତାହାରି ଫଳ । ବଜାରରେ ମିଳୁଥିବା ଜିନିଷ ଛଡ଼ା କ'ଣ ଆଉ କିଛି ମିଳିବାର ବ୍ୟବସ୍ଥା ଅଛି ? ନାହିଁ, ତେଣୁ ଖାଇବାକୁ ହେବ, ରୋଗରେ ପଡ଼ିବାକୁ ହେବ । ଏହା 'ଜନ୍ମହେଲେ ମୃତ୍ୟୁ ନିଶ୍ଚିତ' ଭଳି ଏକ ସତ୍ୟ । ହୋଇପାରିଥାଏ ବିଂଶ ଶତାବ୍ଦୀରେ ଗୋଟିଏ ବେମାରୀ ଭଳି ମୋର ଏ ଏକ ବେମାରୀ ।

ଅଗତ୍ୟା ଡାକ୍ତରଖାନାର ଜଣେ ବଡ଼ ଡାକ୍ତରଙ୍କୁ ମନେ ଥିଲା । ଏ ରୋଗ ବାବଦରେ ମୁଁ ଦେଖାନ୍ତି । ଯେଉଁ ଡାକ୍ତରଙ୍କ ଉପରେ ମୋର ବିଶ୍ୱାସ, ଏକାନ୍ତରେ କହିପାରନ୍ତି । ତାଙ୍କର ନିଜସ୍ୱ ଚାମ୍ବର ନାହିଁ, ସେ ସରକାରୀ ଡାକ୍ତର । ଚାକିରି କରନ୍ତି । ଏବେ ଆଇନ୍ ବଦଳିଗଲାଣି । ସରକାରୀ ଡାକ୍ତର ଆଉ ରୋଗୀ ଦେଖିପାରିବେନି ଘରୋଇ ଭାବରେ । ପ୍ରାଇଭେଟ୍ ପ୍ରାକ୍‌ଟିସ କରିବେ ନାହିଁ । କଲେ ଭିଜିଲାନ୍‌ସ ଧରିବ, ବିନା ପଇସାରେ ଚିକିତ୍ସା କଲେ ମଧ୍ୟ । ଏହି ଡେଙ୍ଗା ରୋଗ ବାବଦରେ ଲାଇନ୍ ଲଗାଇ ଡାକ୍ତରଖାନାରେ ଠିଆ ହେବା ପାଇଁ ମୋ ମନ କାହିଁକି ମାନିଲା ନାହିଁ ।'[୬୯]

ସିଦ୍ଧାନ୍ତ ବଦଳାଇଦେଲି । ଡାକ୍ତରଙ୍କୁ ଆଉ ଦେଖାଇବି ନାହିଁ । ପୃଥିବୀରେ ଅନେକ ଲୋକ ଏହିଭଳି ଡେଙ୍ଗା ଅଛନ୍ତି । ସେମାନଙ୍କର କଥା ଖବରକାଗଜରେ ବାହାରୁଛି - ଫଟୋ ମଧ୍ୟ । ଲୋକେ ସେସବୁ ପଢ଼ି ଖୁସି ହେଉଛନ୍ତି । ଆଲୋଚନା କରୁଛନ୍ତି ସେ ବିଷୟରେ । ମନକୁ ଚିନ୍ତାକଲି - ମୋ ବିଷୟରେ ଖବରକାଗଜରେ ବାହାରିଲେ ଲୋକେ ପଢ଼ି ମୋତେ ଦେଖିବାକୁ ଦୌଡ଼ିଆସିବେ । ଆଜିକାଲି ମୁଁ ଆଉ ମୋ ଖଟରେ ଶୋଇପାରୁନାହିଁ । ଖଟ ସାନ, ମୋ ସାଇଜ୍‌ଟି ବଡ଼ । ଡାକ୍ତରଙ୍କ ପାଖକୁ ନ ଯାଇ ଇଚ୍ଛା ହେଉଛି ଘରଟିକୁ ଲମ୍ବା କରିଦେବାକୁ । ତାହେଲେ ଘରଟା ବି ବହୁତ ଲମ୍ବା ହୁଅନ୍ତା । ପ୍ରାୟ ଅଣ୍ଟା ପର୍ଯ୍ୟନ୍ତ ନଇଁଆସି ଅଗଣାରେ ଠିଆହେଲି । କିଛି ସମୟ ପରେ ଦେଖିଲି ମୋ ଉଚ୍ଚତା ବଢ଼ିବା ସଙ୍ଗେ ସଙ୍ଗେ ମୋର ଜାମା ସବୁ ଛୋଟ ହୋଇଗଲାଣି । ନୂଆ ଜାମା ବନାଇବା ପାଇଁ ସମୟ ଲାଗିବ । ମୁଁ ବର୍ତ୍ତମାନ କରିବି କ'ଣ ? ଇତ୍ୟାଦି ଭାବନା ଭିତରେ ପାଖ ଲୋକମାନେ ନିଜ ଘରୁ ବାହାରି ଆସି ମୋତେ ମୋର ଚାରିପଟରୁ ଲକ୍ଷ୍ୟ କରି ଦେଖୁଥାନ୍ତି ।

[୬୯] ତତ୍ରୈବ, ପୃ-୧୦୭, ୧୦୮, ୧୦୯

ମୁଁ କିନ୍ତୁ ସେତେବେଳକୁ ଅଧାଶୁଆ ହୋଇ ମୋ ମୁଣ୍ଡ ଉପରେ ଓ ଗୋଡ଼ତଳେ ଲମ୍ବି ଯାଉଥିବା ବାରଣ୍ଡାଟିକୁ ଦେଖୁଥିଲି । ପୁଣି ଚାହୁଁଥିଲି - ଆକାଶକୁ । ମୋତେ ନିଜକୁ ଲାଗିଲା ବାମନଟିଏ ବୋଲି । ଆଉ ଡାକ୍ତରଙ୍କର କଥା ଶୁଣି ହସ ମଧ୍ୟ ମାଡୁଥିଲା ।

## (୧୭) ଗରଳର ଗାରିମା :

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର ଦ୍ୱିତୀୟ ଗଳ୍ପ ସଂକଳନ "ସପ୍ତଦଶୀ"ରେ 'ଆଜିର ଜୀବନ-ଦେବତା' ଏକ ଚମତ୍କାର ଗଳ୍ପ ଅଟେ । ଏହା ଏକ ନାରୀର ଆବେଗପୂର୍ଣ୍ଣ ଭାବଭଙ୍ଗୀ ବା ବାସ୍ତବତାର କାହାଣୀ ଓ ବେଶ୍ ହୃଦୟସ୍ପର୍ଶୀ ।

'ଅନଘର ଅପ୍ରତ୍ୟାଶିତ ପ୍ରତ୍ୟାବର୍ତ୍ତନରେ ସମସ୍ତେ ଯେତିକି ଆଶ୍ଚର୍ଯ୍ୟ ହୋଇଗଲେ ତା'ଠାରୁ ବେଶୀ ଆଶ୍ଚର୍ଯ୍ୟ ହେଲେ ତା'ର ମତିଗତି ଦେଖି । ଶୁଭ ଖବରଟା ଦେଲା - ବଡ଼ଭଉଣୀ ଚନ୍ଦ୍ରକାନ୍ତା, ଅଥଚ ଇଏ କ'ଣ ସଙ୍ଗେ ସଙ୍ଗେ ଅନଘର ମୁହଁର ରଙ୍ଗ ବଦଳିଗଲା । ମାଳା ଅଧଘଣ୍ଟାଏ ହେଲା ଅନଘର ଫେରିବା ଖବର ପାଇଗଲାଣି । ବହୁକଷ୍ଟରେ ଖଟରୁ ତଳକୁ ଓହ୍ଲାଇ ଆସିଛି । ଗୋଡ଼ଦୁଇଟା ଭାଙ୍ଗିଯାଇଛି । ପେଟର ଯନ୍ତ୍ରଣାଟା ହଠାତ୍ ଯେପରି ବଢ଼ିଉଠିଲା । ସହିନପାରି ତଳେ ବସିପଡ଼ିଲା ମାଳା । ଚନ୍ଦ୍ରକାନ୍ତ ଉପରକୁ ଉଠି ଆସୁଛନ୍ତି । ଜମିଦାର ଶମ୍ଭୁନାଥ ଚୌଧୁରୀଙ୍କର ବିଧବା କନ୍ୟା, ମାଳା ଚନ୍ଦ୍ରକାନ୍ତଙ୍କର ମୁହଁ ଗମ୍ଭୀର । ଆହୁରି ଗମ୍ଭୀର ସ୍ୱରରୁ ଗୋଟିଏ ଶବ୍ଦ ବାହାରି ପଡୁଛି - ଅନୁ କାହିଁ ?'[୭୦]

ଏ ଘରର ଚଳଣି ଏମିତି, ପ୍ରବଳ ପ୍ରତାପୀ ଶମ୍ଭୁନାଥ ଚୌଧୁରୀ ବଞ୍ଚିଥିବା ବେଳେ ଚନ୍ଦ୍ରକାନ୍ତା ତିନିମାସର ଛୁଆକୁ କୋଳରେ ନେଇ ଫେରିଆସିଥିଲେ ମନୋହରପୁରରୁ ପିତୃଗୃହକୁ, ସବୁଦିନ ପାଇଁ । ସେତେବେଳେ ସ୍ୱାମୀ ବିଶ୍ୱମୋହନ ଜୀବିତ । ପୁରାତନ ଜମିଦାରର ପୁଅ ବିଶ୍ୱମୋହନ ଉଚ୍ଚଶିକ୍ଷିତ, ଦୃଷ୍ଟିଭଙ୍ଗୀ ଆଧୁନିକ । ତାଙ୍କର କଲେଜ ପଢୁଆ (ଝିଅ) ଭଉଣୀ ରେବା ନିଜେ ସ୍ୱାମୀ ମନୋନୀତ କଲା ଅନ୍ୟ ଜାତିରେ, ଆଉ ଶମ୍ଭୁନାଥ ଚୌଧୁରୀଙ୍କର ପାଲିଙ୍କି ଠିଆହେଲା - ବିଶ୍ୱମୋହନଙ୍କର ଦାଣ୍ଡରେ । ଚୌଧୁରୀ ବଂଶର ଝିଅ ଚନ୍ଦ୍ରକାନ୍ତା ସେହିଦିନ ବାପାଙ୍କ ସାଙ୍ଗରେ ପାଲିଙ୍କିରେ ଚଢ଼ି ପଳାଇ ଆସିଥିଲା । ସ୍ୱାମୀଙ୍କର ମୃତ୍ୟୁଖବର ପାଇ ମଧ୍ୟ ସେଠାକୁ ସେ ଯାଇନାହାନ୍ତି ଆଉ । ଚମକି ପଡ଼ିଲା ମାଳା, ସାମନାରେ ଚନ୍ଦ୍ରକାନ୍ତ ଠିଆ ହୋଇଛନ୍ତି । ଅଥଚ ସେ କ'ଣ ଭାବିଚାଲିଛି ।

[୭୦] ତତ୍ରୈବ, ପୃ-୧୧୪

ଚନ୍ଦ୍ରକାନ୍ତା ତଳକୁ ଓହ୍ଲାଇ ଯାଉଛନ୍ତି । ସିଡ଼ିରେ ପାଦଶବ୍ଦ ଶୁଭୁଛି । ଆଭିଜାତ୍ୟର ବିଳୟମାନ ପଦଧ୍ୱନୀ । ଛଅବର୍ଷ ହେବ ଏ ଘରକୁ ଆସିଥିଲା ମାଳା – ଶମ୍ଭୁନାଥ ଚୌଧୁରୀ ତାଙ୍କୁ ବୋହୂକରି ଆଣିଥିଲେ । ଥରକ ପାଇଁ ବଂଶମର୍ଯ୍ୟାଦା, ଆଭିଜାତ୍ୟ ଓ ଏକାକିନୀର ବିଚାର ଜୀବନରେ ତାଙ୍କୁ ବନ୍ଦ କରି ରଖିବାକୁ ପଡ଼ିଥିଲା । ଏକମାତ୍ର ପୁତ୍ର ଅନଘର ଜିଦ୍ ନିକଟରେ ନୀରବରେ ମୁଣ୍ଡ ନୁଆଁଇ ଦେଇଥିଲି ।

ମାଳା ଆସିଲା – ରୂପର ମାଧୁରୀ ଆଉ ଗୁଣର ସମ୍ଭାରରେ ଶମ୍ଭୁନାଥ ଚୌଧୁରୀଙ୍କର ପୁରୁଣା ମହଲ ଭିତରେ ନୂଆ ସୁଷମାର ସ୍ରୋତ ବୋହିଲା । ଖୁସିହେଲେ ସମସ୍ତେ । ସମସ୍ତେ ପ୍ରଶଂସା କଲେ ମାଳାକୁ । ଶମ୍ଭୁନାଥ ଚୌଧୁରୀଙ୍କର ସେହି ଅତ୍ୟାଚାରର କାହାଣୀ ଆଉ ସେତେବେଳେ ମନେ ପଡ଼ିଲା ନାହିଁ କାହାର । ଉତ୍ସବମୁଖର ଘର ପୁଣି ଦିନେ ନୀରବ ହୋଇଗଲା । ଶମ୍ଭୁନାଥ ଚୌଧୁରୀଙ୍କ ବଂଶରକ୍ଷା ହେବାର କୌଣସି ଲକ୍ଷଣ ଆଉ ଦେଖାଗଲା ନାହିଁ । ହତାଶ ଚୌଧୁରୀ ଏକ ଆହତ ମନ ନେଇ ଆରପାରିକୁ ଚାଲିଗଲେ ।

ମାଳାର ଅନୁରାଗ ଭରା ବିକଳ କାନ୍ଦଣାକୁ ଶାନ୍ତ କରୁ କରୁ ସେଦିନ ଅନଘ କହିଥିଲା – ଦେଖ ମାଳା ! ଏଇ ବଂଶରକ୍ଷାଟା ଗୋଟିଏ ପୁରୁଣାକାଳିଆ ମନୋଭାବ । ଆମ ଦୁହିଁଙ୍କର ସମ୍ପର୍କ ନିବିଡ଼ତା ଭିତରେ ମୁଁ ତ କାଲି ତୃତୀୟ ବ୍ୟକ୍ତିର ଉପସ୍ଥିତି ଦରକାର କରୁନାହିଁ । ମାଳାର ତଳକୁ ଓହ୍ଲାଇଯିବାର ଇଚ୍ଛା ହେଉଛି କିନ୍ତୁ ଦୁର୍ବଳ ଶରୀର । ସେଥିପାଇଁ ଅନୁମତି ଦେଉନାହିଁ । ଡାକ୍ତରଙ୍କର ଚେକ୍ଅପ୍ ଆଉ ଦରକାର ହେବନାହିଁ । ରକ୍ତହୀନ ଦୁର୍ବଳ ଶରୀରଟା ମାଳାର କମ୍ପିଉଠିଲା ଆନନ୍ଦରେ । ମାଳାର ଶରୀରକୁ ଡାକ୍ତରଙ୍କୁ ଦେଖାଇବାକୁ ଶାଶୁ କହୁଛନ୍ତି । ମାତ୍ର ଚନ୍ଦ୍ରକାନ୍ତ ରାଜି ହେଉନାହାନ୍ତି । ଦୁନିଅଟାଯାକ ସବୁ ସ୍ତ୍ରୀ ଲୋକ ଛୁଆ ଜନ୍ମ କରୁଛନ୍ତି ନା ଏହି ଏକା । ହଠାତ୍ ଦ୍ୱାର ପାଖରେ ଅନଘକୁ ଦେଖି ଚମକି ଉଠିଲା ମାଳା ।

ଶେଷକୁ ମୁହଁ ଖୋଲିଲା ଅନଘ –

ତୁମର ଗର୍ଭରେ କାହାର ସନ୍ତାନ ମାଳା ? ବିକୃତ ଦିଶିଲା ଅନଘର ମୁହଁ । ମାନେ ? ମାଳାର ସମସ୍ତ ଶରୀର କମ୍ପିଉଠିଲା । ମାନେ ବହୁତ ସହଜ ମାଳା । ମୋର ବିଶ୍ୱାସକୁ ତୁମେ ଏଭଳି ଭାଙ୍ଗିଦେବ ବୋଲି ମୁଁ କଳ୍ପନା କରିପାରୁନାହିଁ । କ୍ରୋଧର ଚାପରେ ଗର୍ଜନ କରୁଛି ଅନଘ । ସନ୍ତାନର ପିତା ହେବାପାଇଁ ମୋର କ୍ଷମତା ନାହିଁ । ଡାକ୍ତର କହିଛନ୍ତି ମୋତେ । ଏହା ଶୁଣି ମାଳା ଚେତା ହରାଇଲା ।

ସେହି ଅଚେତ ଶରୀରଟା ଉପରେ ଓ ଘୃଣାର ବିଷ ଅଜାଡ଼ିଦେଇ ଅନଘ ଘରୁ ବାହାରିଗଲା । ଅତ୍ୟନ୍ତ ଉତ୍କଣ୍ଠାରେ ଶାଶୁ ଦୁଆର ମୁହଁରେ ଠିଆ ହୋଇଛନ୍ତି । ଡାକ୍ତର ପରୀକ୍ଷା କରୁଛନ୍ତି ମାଳାକୁ । ଡାକ୍ତର କହିଲେ - ଡାକନ୍ତୁ ଅନଘବାବୁଙ୍କୁ । ୟାଙ୍କୁ ଘରେ ଅପରେସନ କରିଦେବା ଦରକାର । ଘଣ୍ଟାଏ କାଳ ଅପରେସନ ଚାଲିଲା । ବୈଠକଖାନାରେ ବସି ଅନଘ ଭାବୁଛନ୍ତି । ଏଇଠି ଯଦି ଏ ଲଜ୍ଜାର ପରିସମାପ୍ତି ହୋଇଯାଆନ୍ତାକି । ଡାକ୍ତର ଆସି କହିଲେ ଗର୍ଭାଶୟରେ ମସ୍ତବଡ଼ ଗୋଟିଏ ଟ୍ୟୁମର । ପୁଣି ଦେହ ଅତ୍ୟନ୍ତ ଦୁର୍ବଳ, ପୁଣି ରକ୍ତହୀନ । ରୋଗୀଣୀକୁ ରକ୍ଷା କରିପାରିଲି ନାହିଁ ଅନଘବାବୁ ।

ଡାକ୍ତରଙ୍କର ଅପସୃୟମାଣ ମୁହଁକୁ ଚାହିଁ ନିଃଶଙ୍କୋଚରେ ଚିତ୍କାର କରୁଥିଲା ଅନଘ - ଟିଉମର ! ସନ୍ତାନ ନୁହେଁ, ଟିଉମର, ଡାକ୍ତର !

ବାସ୍ତବିକ - ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର ଦ୍ୱିତୀୟ ଗଳ୍ପ ସଂକଳନ "ସପ୍ତଦଶୀ"ର ଗଳ୍ପଗୁଡ଼ିକ ବେଶ୍ ହୃଦୟସ୍ପର୍ଶୀ ଓ ମନୋମୁଗ୍ଧକର ଓ ସାମାଜିକ ଶିକ୍ଷଣି ଅଟେ ।

***

## ନନ୍ଦିନୀ ଶତପଥୀଙ୍କର 'କବିତା ସଂକଳନ' - "ଉତ୍ତର ପୁରୁଷ"

## ଓଡ଼ିଆ କବିତାରେ ପ୍ରଗତିଶୀଳ ଚିନ୍ତାଧାରା :-

'ଓଡ଼ିଆ ସାହିତ୍ୟରେ ପ୍ରଗତିଶୀଳ ଚିନ୍ତାଧାରାର ଇତିହାସ ସହିତ ବିଂଶ ଶତକର ତୃତୀୟ ଦଶକରେ ବିଶ୍ୱ ସାହିତ୍ୟର ଚିନ୍ତାଧାରାରେ ଯେଉଁ ନୂତନ ପରିବର୍ତ୍ତନ ସଂଗଠିତ ହୋଇଥିଲା, ତାହା ଜଡ଼ିତ । ସମାଜର ବାସ୍ତବ ଦିଗଗୁଡ଼ିକୁ ସାହିତ୍ୟରେ ଦେଖାଇ ଦିଆଯାଏ; ଅଥଚ ଏହାର ସୁସ୍ଥ ସମାଧାନ କେଉଁଠି ? ସେ ପାଇଁ ହୁଏତ କୌଣସି ପନ୍ଥା ନିର୍ଦ୍ଦେଶ କରାଯାଏ ନାହିଁ । ଆମ ଦେଶରେ ମଣିଷ ନିଜର ସାମାଜିକ ଶୋଷଣ ବ୍ୟବସ୍ଥା ବିରୁଦ୍ଧରେ ପ୍ରତିବାଦ କରି ଶିଖିଛି । ଏହି ସମୟରୁ ପ୍ରାୟ ଆମ ପ୍ରଗତିଶୀଳ ସାହିତ୍ୟର ଜନ୍ମ । ପ୍ରଗତିଶୀଳ ସାହିତ୍ୟ ରଚନାରେ ଭଗବତୀଚରଣ ପାଣିଗ୍ରାହୀ ହିଁ ଜଣେ ଅଗ୍ରଣୀ ସାରସ୍ୱତ ପୁରୁଷ ।'[୭୧]

'ସର୍ବଭାରତୀୟ ସ୍ତରରେ ମଧ୍ୟ ସାମ୍ୟବାଦ ଭାବନା ପ୍ରବେଶ କରିସାରିଥିଲା । ଭାରତର ରାଜନୀତିରେ ମଧ୍ୟ ଏହାର ପ୍ରଭାବ ଫଳରେ କଂଗ୍ରେସରୁ କମ୍ୟୁନିଷ୍ଟ ମାନେ ଅଲଗା ହୋଇଯାଇଥିଲେ । ଯେଉଁ ସାହିତ୍ୟ ଶକ୍ତି ବା ଗତିଶୀଳତା ଆଣିଦିଏନାହିଁ, ଯାହା ଆମ ସୌନ୍ଦର୍ଯ୍ୟବୋଧର ଜାଗୃତି ଘଟାଇପାରେ ନାହିଁ ଏବଂ ଯଥେଷ୍ଟ ସଂକଳ୍ପର ସହିତ ଯାହା ଆମକୁ ଜୀବନର ନିରାଟ ବାସ୍ତବତାଗୁଡ଼ିକର ସମ୍ମୁଖୀନ ହେବାରେ କୌଣସି ସାହାଯ୍ୟ କରେନାହିଁ, ଆଜି ଆମ ଲାଗି ସେ ସାହିତ୍ୟର ହୁଏତ ଆଦୌ ପ୍ରୟୋଜନ ନାହିଁ ।'[୭୨]

'ଯେଉଁ କେତେଜଣ ପ୍ରଗତିଶୀଳ ସାହିତ୍ୟ ରଚନା କ୍ଷେତ୍ରରେ ଆଗୁଆ ଥିଲେ, ସେମାନେ ସମସ୍ତେ ଥିଲେ ରାଜନୀତି କ୍ଷେତ୍ରରେ ବାମପନ୍ଥୀ ଆଦର୍ଶର ପୋଷକ । ଏବେ ସୁଦ୍ଧା କେତେକ କବି ଏହି ଆଭିମୁଖ୍ୟ ନେଇ କବିତା ଲେଖୁଛନ୍ତି । ଯେଉଁ କେତେଜଣ କବି, ଭଗବତୀଚରଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ପ୍ରତିଷ୍ଠିତ 'ନବଯୁଗ ସାହିତ୍ୟ ସଂସଦ'ର ପ୍ରଗତିଶୀଳ ଆଭିମୁଖ୍ୟକୁ ବଞ୍ଚାଇରଖି ସାହିତ୍ୟ କ୍ଷେତ୍ରରେ ନୂତନତ୍ୱର ପରିଚୟ ପ୍ରଦାନ କରିଅଛନ୍ତି, ସେମାନଙ୍କର ସାଧନା ସାହିତ୍ୟକାଶରେ ଚିରସ୍ମରଣୀୟ ।'[୭୩]

[୭୧] ଡକ୍ଟର ବାଉରୀବନ୍ଧୁ କର, ଓଡ଼ିଆ ସାହିତ୍ୟର ଇତିହାସ, କିତାବମହଲ, କଟକ-୧୯୮୯, ପୃ-୫୪୦-୫୪୧

[୭୨] ତତ୍ରୈବ, ପୃ-୫୪୧-୫୪୨

[୭୩] ତତ୍ରୈବ, ପୃ-୫୪୭

## ଓଡ଼ିଆ କବିତାରେ ପ୍ରଗତିବାଦୀ ଚେତନାର ପଦଧ୍ୱନୀ :-

'ଓଡ଼ିଆ କବିତାରେ ପ୍ରଗତିବାଦୀ ଚେତନାର ପଦଧ୍ୱନି ନିଖୁଣ ଭାବରେ ପ୍ରତିପାଦିତ ହୋଇଥିଲା । ସର୍ବତ୍ର ସମଦର୍ଶନ, ବସୁଧାର ସମସ୍ତଙ୍କୁ ଆପଣାର କୁଟୁମ୍ବ ମନେ କରିବା ଭାରତୀୟ ଦର୍ଶନର ଏକ ସମୁଚ୍ଚ ଆଦର୍ଶ ଭାବରେ ସ୍ୱୀକୃତି ଲାଭ କରିଅଛି । ଯୁଗ ଯୁଗ ଧରି ପାରମ୍ପରିକ ବିଶ୍ୱାସ ବିରୁଦ୍ଧରେ ଅବଶ୍ୟ ଏଠାରେ ପ୍ରତିବାଦର ସ୍ୱର ମଧ୍ୟ ଧ୍ୱନିତ ହୋଇଛି । ମାତ୍ର ଏହା ଥିଲା ଅତୀବ କ୍ଷୀଣ । ସମାଜରେ କୌଣସି ସମ୍ପତ୍ତି ବ୍ୟକ୍ତିଗତ ହୋଇ ରହିବ ନାହିଁ । ସମସ୍ତ ସମ୍ପଦ ହେବ ରାଷ୍ଟ୍ରର ଅଧିକାରଭୁକ୍ତ । ସଂକ୍ଷେପରେ କହିଲେ, ବ୍ୟକ୍ତିଗତ ସମ୍ପତ୍ତିର ଉଚ୍ଛେଦ ହୋଇଛି, ଏହି ମତବାଦର ମୂଳତତ୍ତ୍ୱ । ଏହି ବିଚାରଧାରାକୁ ଭିତ୍ତିକରି ଗଢ଼ି ଉଠିଥିଲା - ପ୍ରଗତିବାଦୀ ଚେତନା । ଭାରତର ବହୁ ବୁଦ୍ଧିଜୀବୀ, ଜନନାୟକ ଏହି ରାଜନୈତିକ ସିଦ୍ଧାନ୍ତକୁ ସ୍ୱାଗତ କରିଥିଲେ । ଭାରତର ବିଭିନ୍ନ ପ୍ରାନ୍ତରେ ପ୍ରଗତିବାଦୀ ଆଦର୍ଶରେ ଅନୁପ୍ରାଣିତ ହୋଇ ଜନଚେତନା ସୃଷ୍ଟି ତଥା ନୂତନ ସାହିତ୍ୟ ସୃଷ୍ଟି ପାଇଁ ପ୍ରଚୁର ଆଗ୍ରହ ପ୍ରକାଶ ପାଇଥିଲା ।'[୭୪]

'ସ୍ଥୁଳତଃ ମାର୍କ୍ସବାଦ ପ୍ରଭାବିତ ସାହିତ୍ୟ ସମ୍ପ୍ରତି ପ୍ରଗତିଶୀଳ ସାହିତ୍ୟ ନାମରେ ଓଡ଼ିଆ, ବଙ୍ଗଳା, ହିନ୍ଦୀ ପ୍ରଭୃତି ସାହିତ୍ୟରେ ପରିଚିତ । ଏହି ମତବାଦର କବି ଓ ଲେଖକଗଣ ସାହିତ୍ୟକୁ ଜନକ୍ରାନ୍ତିର ମାଧ୍ୟମ ଭାବରେ ଗ୍ରହଣ କରିଅଛନ୍ତି । ସାହିତ୍ୟ ସୃଷ୍ଟି ମାଧ୍ୟମରେ କୃଷକ ଓ ଶ୍ରମିକମାନଙ୍କ ମଧ୍ୟରେ ବିଦ୍ରୋହର ବହ୍ନି ଏମାନେ ଜାଳି ଦେଇଛନ୍ତି । ନିମ୍ନ ଓ ଦଳିତ ଶ୍ରେଣୀର ସମସ୍ୟା ଚିତ୍ରଣ ଓ ଉଚ୍ଚଶ୍ରେଣୀର ନୀତି ଓ ଛଦ୍ମାଚରଣକୁ ଉନ୍ମୋଚିତ କରି ବାସ୍ତବତା ସହିତ ତାହାକୁ ଉପସ୍ଥାପନା, ସାମଜର ପ୍ରାଚୀନ ଚଳଣି ଓ ଆଦର୍ଶର ବିରୋଧ, ନାରୀ ସ୍ୱାଧୀନତା ପ୍ରତି ସମର୍ଥନ ଏହି ମତବାଦୀ ସାହିତ୍ୟର ଆଦର୍ଶ ।'[୭୫]

'୧୯୩୪ ମସିହାରେ 'ସାରଥୀ' ନାମକ ଏକ ସାପ୍ତାହିକ ପତ୍ରିକାକୁ କେନ୍ଦ୍ରକରି ଓଡ଼ିଶାରେ ସମାଜବାଦୀ ଚେତନା ପ୍ରସାରଣର ଅୟମାରମ୍ଭ ହୋଇଥିଲା। ସେହିବର୍ଷ ମାର୍ଚ୍ଚମାସରେ ଏହା ପ୍ରଥମେ ନବକୃଷ୍ଣ ଚୌଧୁରୀ, ମାଳତୀଦେବୀ ଓ ଭଗବତୀ ଚରଣ ପାଣିଗ୍ରାହୀଙ୍କର ଉଦ୍ୟମରେ

[୭୪] ଡକ୍ଟର ଜାନକୀବଲ୍ଲଭ ମହାନ୍ତି, ଓଡ଼ିଆ କବିତାରେ ପ୍ରଗତିବାଦୀ ଚେତନାର ପଦଧ୍ୱନୀ, ଓଡ଼ିଶା ଲେଖକ ସମବାୟ ସମିତି, ଭୁବନେଶ୍ୱର, ପୃ-୩୩୮

[୭୫] ତତ୍ରୈବ, ପୃ-୩୩୯

ପ୍ରକାଶିତ ହୋଇଥିଲା । ଓଡ଼ିଶାରେ ଏହି ପ୍ରଗତିବାଦୀ ଚେତନାକୁ କବିତା, ଗଳ୍ପ, ଉପନ୍ୟାସ ଓ ପ୍ରବନ୍ଧ ମାଧ୍ୟମରେ ଅଭିବ୍ୟକ୍ତି କରିବାରେ ଯେଉଁମାନେ ସର୍ବାଦୌ ଉଦ୍ୟମ କରିଥିଲେ – ସେମାନେ ହେଉଛନ୍ତି ଭଗବତୀ ଚରଣ ପାଣିଗ୍ରାହୀ, ସଚ୍ଚିଦାନନ୍ଦ ରାଉତରାୟ, ଅନନ୍ତ ପଟ୍ଟନାୟକ, ଗୁରୁଚରଣ ପଟ୍ଟନାୟକ, ରାମପ୍ରସାଦ ସିଂ, ପ୍ରାଣନାଥ ପଟ୍ଟନାୟକ, ରଜନୀକାନ୍ତ ଦାସ, ରଘୁନାଥ ଦାସ, ମନମୋହନ ମିଶ୍ର, ସୁନନ୍ଦ କର ପ୍ରମୁଖ ଲେଖକଗଣ ।'[୭୬]

ଏହି ଉଦାର ମାନବବାଦୀ ଚେତନାର ପ୍ରସାର ଫଳରେ ଓଡ଼ିଶାର ରୋମାଣ୍ଟିକ୍ କବିମାନଙ୍କର ଦୃଷ୍ଟିରେ ମଧ୍ୟ ପରିବର୍ତ୍ତନ ଘଟିଥିଲା । କାଳିନ୍ଦୀଚରଣ ପାଣିଗ୍ରାହୀ, ବୈକୁଣ୍ଠନାଥ ପଟ୍ଟନାୟକ, ଗୋଦାବରୀଶ ମହାପାତ୍ର, କୁଞ୍ଜବିହାରୀ ଦାସ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ଲକ୍ଷ୍ମୀଧର ନାୟକ, ପ୍ରଭୃତି ଏ ସମ୍ପର୍କରେ ସ୍ମରଣୀୟ । କ୍ରମେ ଏହି ଚେତନାର ବୈପ୍ଳବିକ ଓ ସଂଗ୍ରାମୀ ଆଭିମୁଖ୍ୟ କେତେକ ପରିମାଣରେ ବଦଳି ଯାଇଛି । ଏହି ଚେତନାର ପ୍ରସାର ଫଳରେ କବିତା କ୍ଷେତ୍ରରେ ପାରମ୍ପରିକ ପ୍ରକାଶଭଙ୍ଗୀ ନାନା ଭାବରେ ପରିବର୍ତ୍ତିତ ହୋଇଛି ।

କବିତାକୁ ଜନସାଧାରଣଙ୍କ ନିକଟରେ ଉପସ୍ଥାପିତ କରାଇବା ଏହି କବିମାନଙ୍କର ଉଦ୍ଦେଶ୍ୟ ହୋଇଥିଲେ ହେଁ ଏହା ସାର୍ଥକ ହୋଇପାରିଛି ବୋଲି କୁହାଯାଇ ନ ପାରେ । କବିତା ଅବା ସାହିତ୍ୟର ଲକ୍ଷ୍ୟ କେବଳ ସମାଜର ନିମ୍ନବର୍ଗଙ୍କ ସମସ୍ୟା ଚିତ୍ରଣରେ ସୀମିତ ରହିବ ଓ ପ୍ରଚାରଧର୍ମୀ ହେବ, ସମର୍ଥନନୀୟ ହେବ – ଏକଥା ମନେହୁଏନାହିଁ । ସାମ୍ୟବାଦୀ ଚେତନା ସାମ୍ପ୍ରତିକ ସାହିତ୍ୟ କ୍ଷେତ୍ରରେ ଉଦାର ମାନବବାଦୀ ଚେତନା ରୂପରେ ଜୀବିତ ରହିବା ସଙ୍ଗେ ସଙ୍ଗେ ଲାଭ କରିଛି – ବଳିଷ୍ଠ ସ୍ୱୀକୃତି ।

'ବାପା କାଳିନ୍ଦୀଚରଣ ଓ ଦାଦା ଭଗବତୀଚରଣଙ୍କର ଆଦର୍ଶରେ ଅନୁପ୍ରାଣିତ ଥିଲେ – ନନ୍ଦିନୀ ଶତପଥୀ । ତାଙ୍କର କବିତା ସଂକଳନ – 'ଉତ୍ତର ପୁରୁଷ' କବିତା ଗୁଚ୍ଛରେ ସାଧାରଣତଃ ପାଠକ ଓ ପାଠିକାମାନଙ୍କ ପାଇଁ ଓଡ଼ିଆ କବିତାରେ ପ୍ରଗତିବାଦୀ ଚେତନାର ପଦଧ୍ୱନି ପ୍ରତିଫଳିତ କରିଅଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।'[୭୭]

[୭୬] ତତ୍ରୈବ, ପୃ–୩୪୧

[୭୭] ଡକ୍ଟର ବାଉରୀବନ୍ଧୁ କର, ଆଧୁନିକ ଓଡିଆ କବିତାରେ ପ୍ରଗତିବାଦୀ ଚିନ୍ତାଧାରା

'ସେହି ପ୍ରଗତିଶୀଳ ଚିନ୍ତାଧାରାର ସାରଥୀ - କମ୍ରେଡ୍ ଭଗବତୀ ଚରଣ ପାଣିଗ୍ରାହୀଙ୍କର ଉତ୍ତରଦାୟିନୀ - ନନ୍ଦିନୀ ଶତପଥୀ । ପିଲାଟି ଦିନରୁ କକେଇ ଭଗବତୀଚରଣ ପାଣିଗ୍ରାହୀଙ୍କର ସାହିତ୍ୟିକ ପ୍ରତିଭା ନନ୍ଦିନୀଦେବୀଙ୍କ ଉପରେ ପ୍ରଗାଢ଼ ଭାବରେ ବିସ୍ତାର କରିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ପରବର୍ତ୍ତୀ ମୁହୂର୍ତ୍ତରେ ନନ୍ଦିନୀଦେବୀ ନିଜର କବିତା ସଂକଳନ 'ଉତ୍ତର ପୁରୁଷ'ରେ ବୟାଳିଶି ଗୋଟି କବିତାକୁ ସ୍ଥାନ ପ୍ରଦାନ କରିଛନ୍ତି ।

ତାଙ୍କର ଏହି କବିତାଗୁଡ଼ିକ ମୁଖ୍ୟତଃ ଓଡ଼ିଆ ପ୍ରଗତିଶୀଳ ଚିନ୍ତାଧାରା ଉପରେ ପର୍ଯ୍ୟବେଶିତ । ସେ ଛାତ୍ରୀ ଜୀବନରୁ ତାଙ୍କର ବିପ୍ଳବୀ ଜୀବନର ଆଭିମୁଖ୍ୟର ପରିଚୟ ପ୍ରଦାନ କରିଥିଲେ । ତାଙ୍କର କବିତା ଭିତରେ ଫୁଟି ଉଠିଛି - ସାମ୍ୟବାଦୀ ଚିନ୍ତାଧାରାର ଅନ୍ତର କଥା । ଆଉ ମଧ୍ୟ କବିତାରେ ବିପ୍ଳବର ଇଙ୍ଗିତ ପ୍ରଦାନ କରିଅଛନ୍ତି ।'[୭୮]

ସାଂସ୍କୃତିକ ସାହିତ୍ୟିକ ପରିବାରର ଜଣେ ନିଛକ ସାହିତ୍ୟିକ ଭାବରେ ନନ୍ଦିନୀ ଶତପଥୀ ବେଶ୍ ପ୍ରତିଷ୍ଠିତ । ବାପା ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ କଲମମୁନ ଓ ଦାଦା ଭଗବତୀ ଚରଣ ପାଣିଗ୍ରାହୀଙ୍କ ତୁଳୀର ମୁନରେ ପିଲାଟି ଦିନରୁ ନନ୍ଦିନୀଙ୍କୁ ସାହିତ୍ୟ ପ୍ରତି ଆକୃଷ୍ଟ କରିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଗାଳ୍ପିକା, ଅନୁବାଦିକା, କବି ସର୍ବୋପରି ଜଣେ ଉଜ୍ଜ୍ୱଳ ସାରସ୍ୱତ ବ୍ୟକ୍ତିତ୍ୱ ଭାବରେ ନନ୍ଦିନୀଦେବୀ ପରିଚିତା ।

ମୁଁ କବି ନୁହେଁ କିମ୍ବା କବି ଭାବରେ ପ୍ରତିଷ୍ଠା ପାଇବା ପାଇଁ କୌଣସି ଦିନ ଚେଷ୍ଟା କରିନାହିଁ । ଜୀବନକୁ ଦେଖି ଦେଖି, ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କରି ଛାଁକୁ ଛାଁ ମନ ଭିତରେ କିଛି ଗୋଟାଏ ଠେଲାମାରେ । କିଏ ଯେପରି କହିପକାଏ ଲେଖିପକା, ସାଙ୍ଗେ ସାଙ୍ଗେ ଲେଖିପକା । ସେଇଟା ଲୋକମାନଙ୍କର ସାଙ୍ଗରେ କଥା କହିବା ବେଳେ, ସଭା ସମିତିରେ ବକ୍ତୃତା ଦେଲାବେଳେ କି ଶୋଇ ପଡ଼ିବା ବେଳେ ସ୍ୱପ୍ନରେ ବି ସେହି କବିତା ଭୂତ ମୋତେ ଉଠାଇ ଦିଏ । ନିଦରେ ଶୋଇ ସ୍ୱପ୍ନ ଦେଖିଲାବେଳେ କବିତାର ଧାଡ଼ି ସବୁ ମୋତେ ଜାଗ୍ରତ କରିଦିଅନ୍ତି । ସେତିକିକୁ ରାତି ଦୁଇଟା ବେଳେ ଯାହା ଲେଖିପାରେ ଲେଖି ପକାଏ । ପରେ ତାକୁ ପୂର୍ଣ୍ଣ ରୂପ ଦେବାରେ ଚେଷ୍ଟା କରେ ।

କୃଷ୍ଣଙ୍କର ବଂଶୀଧ୍ୱନି ଶୁଣି ରାଧା ଯେପରି ଘରଛାଡ଼ି ପଳାଇ ଯାଉଥିଲା, ମୁଁ ଚାହିଁଲେ କ'ଣ

[୭୮] ତତ୍ରୈବ

କରିପାରନ୍ତି ନାହିଁ । ମଣିଷର ଏତେ ପ୍ରକାରର ବନ୍ଧନ ରହିଛି ଯେ, ତାହାକୁ ଅତିକ୍ରମ କରି ନିଜ ପ୍ରେରଣାରେ ସେ କିଛି କରିପାରେ ନାହିଁ । ଯେଉଁମାନେ କରିପାରିଛନ୍ତି ସେମାନଙ୍କର ନାମ ପୃଥିବୀ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ମୋ ଭଳି ଅପାରଗ ଲୋକ ସାହିତ୍ୟ ଜଗତରେ ଲୀନ ହୋଇଯିବେ । ଲୀନ ହୋଇଯିବାରେ ଏକ ଭିନ୍ନ ଆନନ୍ଦ ଅଛି । ବହୁ ସାହିତ୍ୟିକ ଓ କବି ବନ୍ଧୁମାନେ ମୋତେ କବିତା ଲେଖିବା ପାଇଁ ଉତ୍ସାହିତ କରିଛନ୍ତି । ଏହାଥିଲା କବି ପ୍ରାଣର ସ୍ପନ୍ଦନ ନନ୍ଦିନୀ ଶତପଥୀଙ୍କର ନିଜ କଥା ।

ନନ୍ଦିନୀଦେବୀଙ୍କର କବିତା ସଂକଳନ – "ଉତ୍ତର ପୁରୁଷ"ରେ ସେ ନିଜର ସ୍ୱରଚିତ ବୟାଳିଶି ଗୋଟି କବିତାକୁ ସ୍ଥାନ ଦେଇଛନ୍ତି ।

ନନ୍ଦିନୀ ଶତପଥୀ ତାଙ୍କର କବିତା ସଂକଳନ "ଉତ୍ତର ପୁରୁଷ" ପୁସ୍ତକଟି ତାଙ୍କର ବଡ଼ପୁଅ ନଚିକେତା ଶତପଥୀଙ୍କର ପୁତ୍ର ଅର୍ଥାତ୍ ତାଙ୍କ ନାତି ସୁପର୍ଣ୍ଣୋ ଶତପଥୀଙ୍କ ହାତରେ ଅର୍ପଣ କରିଛନ୍ତି ।

ତାଙ୍କର କବିତା ସଂକଳନ "ଉତ୍ତର ପୁରୁଷ" ବିଷଦ୍ ଭାବରେ ବର୍ଣ୍ଣିତ ହେଉଅଛି :-

'ନନ୍ଦିନୀଙ୍କର ଜୀବନ ଥିଲା ଏକ ସାଲିସ୍ ବିହୀନ ଜୀବନ । ସେଥିପାଇଁ ଜୀବନରେ ସେ ଅନେକ କଷ୍ଟ ବରଣ କରିଛନ୍ତି । କିନ୍ତୁ କେଉଁଠାରେ ଅନ୍ୟ ଆଗରେ ମୁଣ୍ଡ ନୁଆଁଇନାହାନ୍ତି । ମୟୂରଭଞ୍ଜର ଏକ ପ୍ରାଇମେରୀ ସ୍କୁଲରେ ରାଜାଙ୍କର ସ୍ତୁତିଗାନ କରାଯାଇ ଏକ ପ୍ରାର୍ଥନା ବୋଲାଯାଉଥିଲା-

"ଏଇ ମୋର ଜନ୍ମଭୂମି ଏଇ ମହାରାଜା
ଜନ୍ମେ ଜନ୍ମେ କରିବି ମୁଁ ଏ ଦୁହିଁଙ୍କୁ ପୂଜା ।"

ଏହି ପ୍ରାର୍ଥନାଟି ନନ୍ଦିନୀଦେବୀଙ୍କୁ ଏତେ ଖରାପ ଲାଗିଥିଲା ଯେ, ସେ ସ୍କୁଲ ଛାଡ଼ିଦେଇ କଟକର ଏକ ବାଳିକା ବିଦ୍ୟାଳୟରେ ନାମ ଲେଖାଇ ପାଠ ପଢ଼ିଥିଲେ । ତୁଳସୀ ଦୁଇପତ୍ରରୁ ବାସିଲା ପରି ପିଲାଟି ଦିନରୁ ନନ୍ଦିନୀଦେବୀ କେତେ ସ୍ୱାଭିମାନୀ ଥିଲେ ତାହା ଏଥିରୁ ଜଣାପଡ଼େ ।

କକେଇ ଭଗବତୀଚରଣ ପାଣିଗ୍ରାହୀ ନନ୍ଦିନୀଦେବୀଙ୍କର ଥିଲେ ଆଦ୍ୟ ଗୁରୁ । କକେଇ ବ୍ରାହ୍ମଣ ହୋଇ ମଧ୍ୟ ନିଜ ଗାଁ ବିଶ୍ୱନାଥପୁର (ପୁରୀ ଜିଲ୍ଲା)ର ଭୋଇ ସାହିକୁ ଯାଇ ସେମାନଙ୍କୁ ଜମିଦାରର ଅତ୍ୟାଚାର ବିଷୟରେ ବୁଝାଉଥିଲେ । ଛୋଟପିଲା ନନ୍ଦିନୀ ମଧ୍ୟ ବାଡ଼ିପଟେ ଲୁଚି

ଲୁଚି ଯାଇ ସେମାନଙ୍କ ପିଲାମାନଙ୍କୁ ତଡ଼ି ତଡ଼ି ସ୍କୁଲକୁ ପଠାଉଥିଲେ ।'[୭୯]

ସେଇ ପିଲାଟି ବେଳୁ ଗରିବଙ୍କ ଦୁଃଖ, ଦୁର୍ଦ୍ଦଶାରେ ତାଙ୍କ ମନ ଭିଜିଉଠୁଥିଲା, ତାହା ତାଙ୍କ ଅଧିକାଂଶ କବିତାର ପୃଷ୍ଠଭୂମିରେ ରୂପାନ୍ତରିତ ହୋଇଥିଲା ।

'ବନ୍ଧ ଭାଙ୍ଗିଗଲା', 'ମୋ ମା', 'ରକ୍ତାକ୍ତ ଜୀବନ', 'ସ୍ୱପ୍ନର ବି ସ୍ୱପ୍ନ ଥାଏ', 'ଚନ୍ଦ୍ର ତୁମେ ଆଉ ଆସନାହିଁ', 'ବିଶ୍ୱାସ ବିଶ୍ୱାସ ବିଶ୍ୱାସ' ପ୍ରଭୃତି କବିତାରେ ଶୋଷିତ ଜନତାର ହାହାକାର ଅତି ହୃଦୟସ୍ପର୍ଶୀ ଭାଷାରେ ରୂପାୟିତ । 'ଚନ୍ଦ୍ର ତୁମେ ଆଉ ଆସନାହିଁ' କବିତାରେ କବୟିତ୍ରୀ ନନ୍ଦିନୀଙ୍କର ସ୍ୱାକ୍ଷର ବହନ କରେ-

'ଚନ୍ଦ୍ର କାହିଁ ଆକାଶକୁ ଆସ,
ତୁମର ତ ଜ୍ୟୋତି ନାହିଁ
ପ୍ରେମିକ ପ୍ରେମିକାଙ୍କର
ମନ କିଣିନେବାପାଇଁ
ଅକାରଣେ ବସି ବସି ହସ
ତୁମେ ତ ଜାଣିଛ ।
ସୂର୍ଯ୍ୟର ଜ୍ୟୋତି ବିନା
ତୁମର ତ ଅସ୍ତିତ୍ୱ ନାହିଁ ।'[୮୦]

'ବିଶ୍ୱାସ ବିଶ୍ୱାସ ବିଶ୍ୱାସ' କବିତାରେ ନନ୍ଦିନୀଦେବୀ ଲେଖିଛନ୍ତି,

'ବହୁତ ବିଶ୍ୱାସରେ
ସତେ ଅବା ଆମ ପାଇଁ
ଲଢ଼ିଯିବ କେହି ଜଣେ
ଜୀବନକୁ ପଣ ଦେଇ
ଛିଃ, ଛିଃ
କେତେ ଛୋଟ ତୁମେ
ଖାଲି ନିଜ ପାଇଁ
ସବୁ କଲ ସବୁ ନେଲ

[୭୯] ଆଶିଷ ରଂଜନ ମହାପାତ୍ର, ମାଟିର ନନ୍ଦିନୀ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୧୯୯୯, ପୃ-୧୦

[୮୦] ନନ୍ଦିନୀ ଶତପଥୀ, ଉତ୍ତରପୁରୁଷ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୧୯୮୮, ପୃ-୪୪

ସମ୍ମାନ ପାଇଲ
ଜନତାର ବିଶ୍ୱାସରେ
ବିଷ ଦେଇଦେଲ ।'[୮୧]

ଏଥିରେ କବୟିତ୍ରୀଙ୍କର କ୍ଷୋଭଭରା ଭାଷା ପରିସ୍ଫୁଟିତ ହୋଇଛି ।

କବୟତ୍ରୀ ନନ୍ଦିନୀଙ୍କର 'ଠିକଣା ହଜିଗଲା' ଏକ ଚମତ୍କାର କବିତା । ସେଥିରେ କବିଙ୍କର ହତାଶ ଜର୍ଜ୍ଜରିତ ପ୍ରାଣର ବେଦନା ଝରିପଡ଼ିଛି ଶବ୍ଦ ହୋଇ । ସରଳାଦେବୀ, ମାଳତୀଦେବୀ, ନୁମା, ଅନ୍ନପୂର୍ଣ୍ଣା ପ୍ରଭୃତି ସମାଜସେବୀକାମାନଙ୍କୁ ତାଙ୍କର ବିକ୍ଷୁବ୍ଧ କବୟତ୍ରୀ ସତ୍ତା ପ୍ରଶ୍ନ କରିଛି,

'ଦାରିଦ୍ର୍ୟ ସୀମାରେଖା ତଳେ କେତେ ଲୋକ !
କେତେ ହେଲାଣି ପଞ୍ଚବାର୍ଷିକ ଯୋଜନା
କାହିଁ ଦାରିଦ୍ର୍ୟ ତ ଦୂର ହୋଇନାହିଁ ?'[୮୨]

ସ୍ୱାଧୀନତାର ପଚାଶ ବର୍ଷ ପରେ ବି ମଣିଷ ଭଳି ବଞ୍ଚି ପାରିନି, ତେଣୁ କବିୟତ୍ରୀଙ୍କର ଅସହାୟ ଖେଦୋକ୍ତି-

'ତୁମ ସମସ୍ତଙ୍କର ଠିକଣା ହଜାଇ ଦେଇ ମୁଁ ବି ବସିଛି
ଅସହାୟ ହୋଇ ଅନେକ ପଶୁମାନଙ୍କୁ ନେଇ ।
କିନ୍ତୁ କିଏ ଦେବ ତା'ର ଉତ୍ତର ?'[୮୩]

ରାଜନୀତିକୁ ଜୀବନ କରି ବଞ୍ଚିଥିବା ନନ୍ଦିନୀଙ୍କ ମଧ୍ୟରେ ଥିବା ସଚ୍ଚୋଟ କବିପ୍ରାଣଟି ଅନ୍ୟାୟ ଓ ଦୁର୍ନୀତିକୁ ଦେଖି ଆକୁଳ ହୋଇଉଠିଛି । ଯେଉଁ ସ୍ୱପ୍ନ ପଛରେ ଗୋଡ଼ାଇ ଗୋଡ଼ାଇ ସେ ରାଜନୀତିରେ ଯୋଗ ଦେଇଥିଲେ, ସେ ସ୍ୱପ୍ନର ସେତୁ ଭାଙ୍ଗିଯାଇଛି ଖଣ୍ଡ ଖଣ୍ଡ ହୋଇ । ତେଣୁ ସ୍ୱପ୍ନର ସେତୁ କବିତାରେ ତାଙ୍କର ବିଦ୍ରୋହୀ ଆତ୍ମା ଗାଇ ଉଠିଛି-

'ଦେଶର ରକ୍ଷକ ତୁମେ
ଭକ୍ଷକ ବି
ତୁମ ପାଇଁ ସବୁ ଖୋଲାମେଲା ।'[୮୪]

[୮୧] ତତ୍ରୈବ, ପୃ-୪୭
[୮୨] ତତ୍ରୈବ, ପୃ-୮୩
[୮୩] ତତ୍ରୈବ, ପୃ-୮୪
[୮୪] ତତ୍ରୈବ, ପୃ-୮୬

ଏକବିଂଶ ଶତାବ୍ଦୀର ପିଲାମାନଙ୍କ ପାଇଁ ଆଉ କିଛି ସ୍ୱପ୍ନ ନାହିଁ, ଯାହାକୁ ବୁଣି ସେମାନେ ଫସଲ ଉତ୍ପାଦନ କରିପାରିବେ-

'ଏକବିଂଶ ଶତାବ୍ଦୀର ପିଲାଯାକ
ଆଖି ଡବଡବ କରି
ଅନାଇ ରୁହନ୍ତି
ଶୁଭ ଆଉ ଦେବା ବା କେଉଁଠି
ବାଲିସେତୁ ଧୋଇଗଲା
ନିଶ୍ଚିହ୍ନ ହୋଇଗଲା
ସ୍ୱପ୍ନରେ ଗଢ଼ିଥିବା ସବୁ ସେତୁ ମୋର ।'[୮୫]

ନନ୍ଦିନୀ ଶତପଥୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ସମୟରେ ତମାମ ଓଡ଼ିଶା ବୁଲିବା ବେଳେ ସେ ନାରୀମାନଙ୍କର ଅସୁରକ୍ଷିତ ଜୀବନକୁ ଅତି ନିକଟରୁ ପ୍ରତ୍ୟକ୍ଷ କରିଅଛନ୍ତି । ତଥାପି ସେ ସେମାନଙ୍କର ନିର୍ଯ୍ୟାତିତ ଜୀବନର ଗତାନୁଗତିକ ବର୍ଣ୍ଣନା ନ ଦେଇ ସେମାନଙ୍କୁ ଉତ୍ତରଣର ପଥ ଦେଖାଇଛନ୍ତି । 'ନାରୀ ତୁମେ ନୁହେଁ ଖାଲି ନାରୀ' କବିତାରେ କବୟତ୍ରୀ ନନ୍ଦିନୀଙ୍କର ସ୍ପନ୍ଦିତ ସ୍ୱର ଶୁଭୁଛି-

'ପରିଚୟ ପତ୍ରଟିଏ ଆଜିଯାଏ
ନିଜେ ଜଣେ ଲୋକ ବୋଲି
ହାସଲ ତ କରିପାରିଲନି
ଚନ୍ଦ୍ରକୁ ଯିବାପାଇଁ ସାହସ କରିଲ
ମାଟି ଉପରୁ ବି ଆକାଶକୁ
ଉଠାଇ ନେଇଗଲ
ଅସଂଖ୍ୟ ମଣିଷକୁ ।'[୮୬]

କବୟତ୍ରୀ ନନ୍ଦିନୀ ଦେବୀ ତାଙ୍କର 'ବହୁରୂପୀ' କବିତାରେ ଆମର ପୁରୁଷ ଶାସିତ ସମାଜକୁ ସେ ଚେତାବନୀ ଶୁଣାଇଛନ୍ତି-

[୮୫] ତତ୍ରୈବ, ପୃ-୮୭
[୮୬] ତତ୍ରୈବ, ପୃ-୫୫

'ସାରା ପୃଥିବୀରେ ରହିଗଲ ନାରୀମାନେ
ପୁରୁଷଙ୍କ ଦାସୀ ହୋଇ
ଏକଥାଟା ଆଉ କେବେ
ବଦଳିବ ବୋଲି କାହିଁ
ମନେ ହେଉନାହିଁ ।'[୮୭]

ଉକ୍ତ କବିତାଟିରେ କବୟିତ୍ରୀ ରାଜନୀତିଜ୍ଞମାନଙ୍କୁ କଟୁ ସମାଲୋଚନା କରିଅଛନ୍ତି-

'ରାଜନୀତି ବାଲା ତୁମେ
ବହୁରୂପୀ ହୁଅନାହିଁ
ଅଧିକାର ନେବାପାଇଁ
ମହିଳାମାନଙ୍କୁ
ଲକ୍ଷ୍ମୀ ସରସ୍ୱତୀ ଆଉ ପାର୍ବତୀ କରନି ।'[୮୮]

ନନ୍ଦିନୀଙ୍କ ସାହିତ୍ୟର ଛତ୍ରେ ଛତ୍ରେ ଉତ୍ତୀର୍ଣ୍ଣ ହୋଇ ରହିଛି ଦୁର୍ଦ୍ଦଶାଗ୍ରସ୍ତ ମଣିଷ ପାଇଁ ଅନନ୍ୟ ମମତ୍ୱବୋଧ, ସାମାଜିକ ଦାୟିତ୍ୱବୋଧତା ଓ କଠୋର କର୍ତ୍ତବ୍ୟପରାୟଣତା । ସମାଜର ପ୍ରତ୍ୟେକ ସ୍ତର ମଣିଷମାନଙ୍କ ପାଇଁ ଚରିତ୍ରର ବହୁବିଦ୍ଧ ଦିଗକୁ ସେ ଅନୁଶୀଳନ କରିଅଛନ୍ତି । ସହାନୁଭୂତିର ସହ ବିଚାର କରିଅଛନ୍ତି ।

ଯଶ, କୀର୍ତ୍ତି, ଐଶ୍ୱର୍ଯ୍ୟ ଓ କ୍ଷମତା ଭିତରେ ବୁଡ଼ିରହି ନନ୍ଦିନୀ ଦେବୀ ଥିଲେ ଏକ ବିଚ୍ଛିନ୍ନ ମଣିଷ, ଏକାକୀ ଓ ନିଃସଙ୍ଗ । ତାଙ୍କର 'ମୋ ଭିତରେ ମୁଁ' କବିତାରେ ସେ ଏକଲାପଣ ପାଠକଙ୍କୁ ଉଦାସ କରିଦିଏ-

'ଯେତେ ଲୁଚି ରହିଲେ ବି
ବେଳେବେଳେ କେଜାଣି କିପରି
ଦିଗନ୍ତ ସେପଟୁ ଶୁଭେ ସମୁଦ୍ର ଗର୍ଜନ
ଆତ୍ମା ମୋର ଛଟପଟ ହୁଏ ।

[୮୭] ତତ୍ରୈବ, ପୃ-୭୦
[୮୮] ତତ୍ରୈବ, ପୃ-୭୧

ନିଜକୁ ପଚାରେ ନିଜେ
ଏତେ କି ସହଜ ସତେ,
ଏଡ଼ିଦେବା ସମୁଦ୍ର ଆହ୍ୱାନ ?'[୮୯]

ତାଙ୍କର ନିଃସଙ୍ଗ ଜୀବନ ଭିତରକୁ ଅଜାଣତରେ ପଶି ଆସିଛନ୍ତି ଅଧାବାଟରେ ଛାଡ଼ି ଦେଇଥିବା ତାଙ୍କର କଲେଜ ପଢୁଆ ସଂଗ୍ରାମୀ ଜୀବନସାଥୀ ସ୍ୱାମୀ ଦେବେନ୍ଦ୍ର ଶତପଥୀ-

'ଚାହୁଁ ଚାହୁଁ ଚାରିବର୍ଷ ହୋଇଗଲା
ତୁମେ ନାହଁ
ମୁଁ କିନ୍ତୁ ରହିଅଛି... ।'[୯୦]

କବୟତ୍ରୀ ନନ୍ଦିନୀଦେବୀଙ୍କର ପ୍ରାଣ କାନ୍ଦିଉଠେ 'ଯୋଗୀର କି ଦୁଃଖ' କବିତାରେ-

'ଗେରୁଆ ମଧ୍ୟାହ୍ନ ମାନେ ଚାଲିଛନ୍ତି
ମୁଁ ଚାଲିଛି, ଚାଲିଛି ମୋ ସ୍ମୃତି
ଆଉ ଚାଲେ ମୋ କେନ୍ଦେରା
ଛାତିର ଗଭୀର ତଳୁ
ଏ ରାଜରାସ୍ତାରେ ଝରିଯାଏ !!!
ଦୁଃଖର ମୁକୁଳ ।'[୯୧]

ନନ୍ଦିନୀଙ୍କର 'ଚାଲୁଥିବା ପଥ ଶେଷଯାଏ' କବିତାରେ ସେହି ମହାଯାତ୍ରାର ସ୍ୱାକ୍ଷର ବହନ କରେ-

'ମୁଁ ଓ ମୋର ଜନ୍ମଦାତା
ଭିତରେ ଯେଉଁ ବଡ଼ ଫରକଟା ଥିଲା
ତାକୁ ଲିଭାଇ ଦେବାପାଇଁ କେତେ ଚାଲିଛି
କେତେ ଯେ ଲଢ଼ିଛି
ଖାଲି ଥରେ ବି ଜାଣିବାକୁ ଯେ-

[୮୯] ତତ୍ରୈବ, ପୃ-୨୮
[୯୦] ତତ୍ରୈବ
[୯୧] ତତ୍ରୈବ, ପୃ-୬

ମୁଁ କିଏ
ତଥାପି ହୋଇନି
ଓଃ ! ଆହୁରି ଅନେକ ଚାଲିବାକୁ ବାକି ଅଛି ।'[୯୨]

'ମୁଁ ଚଢ଼େଇ କହୁଛି' ଓ 'ଭ୍ରାନ୍ତି' ପରି କବିତାମାନଙ୍କରେ କବୟତ୍ରୀ ନନ୍ଦିନୀଦେବୀଙ୍କର ଏକ ନୂତନ ଚିନ୍ତା ଓ ଚେତନାର ଦିଗ୍‌ବଳୟକୁ ଉନ୍ମୋଚିତ କରେ-

'ପରିଶ୍ରମ କଲେ ଉପାର୍ଜନ ହୁଏ
ବିନା ପରିଶ୍ରମରେ ଯେଉଁ ପଇସା ମିଳେ
ସେ ପଇସା କେଉଁଠୁ ଆସେ ?
ସେ ତ ଉପାର୍ଜନ ନୁହେଁ
ମୁଁ ତ ଚଢ଼େଇ କହୁଛି
ମୁଁ ଯାଉଛି, ମୁଁ ଯାଉଛି ।'[୯୩]

'ଯେଉଁମାନେ ବିଚାରିଲେ ସାନ୍ନିଧ
ତୁମ ଦିଗ୍‌ବଳୟର
ଜୀବନର ଚରମ ଉପଲବ୍‌ଧି
ସେମାନେ ତ ଭୁଲ କଲେ
ଦିଗ୍‌ବଳୟ କେବଳ ଯେ
ଦର୍ଶକର ଭ୍ରାନ୍ତି ।'[୯୪]

'କାଞ୍ଜିଆହୁଦା' - ସମାଜରେ ବର୍ତ୍ତମାନ ଅବକ୍ଷୟିତ ମୂଲ୍ୟବୋଧକୁ ନେଇ ଏକ ଭିନ୍ନସ୍ୱାଦର ବ୍ୟଙ୍ଗାତ୍ମକ କବିତା-

'ନଥାଉ ପଛେ କାଞ୍ଜିଆହୁଦା
କିନ୍ତୁ-ଓଲଡଏଜ୍ ହୋମ୍ ତ ହେଲାଣି
ସଂଖ୍ୟା ତା'ର ବଢ଼ି ବଢ଼ି ଯାଉ

[୯୨] ତତ୍ରୈବ, ପୃ-୬୦
[୯୩] ତତ୍ରୈବ, ପୃ-୭୩
[୯୪] ତତ୍ରୈବ, ପୃ-୭୪

ସରକାରଙ୍କର କୃପା ହେଉ, ନାମ ଖୋଲିଯାଉ
ସ୍ୱେଚ୍ଛାସେବୀ ଅନୁଷ୍ଠାନ ସବୁ
ଆଗେଇ ଆସନ୍ତୁ, ମଣିଷ ପାଇଁ କାଞ୍ଜିଆହୁଦା
ଠାଆକୁ ଠାଆ ତୋଳି ଦିଅନ୍ତୁ ।'[୯୫]

ଅସହାୟ ବୃଦ୍ଧାବସ୍ଥାର କାରୁଣ୍ୟ ପ୍ରତି କବୟତ୍ରୀ ସମ୍ବେଦନଶୀଳ । ଏହା ତାଙ୍କର 'ଉତ୍ତର ପୁରୁଷ' କବିତାରେ ଆତ୍ମପ୍ରକାଶ କରିଛି କହିଲେ ଅତ୍ୟୁକ୍ତି ହେବନି-

'ଗୋପାର ସନ୍ତାନ ଆଜି
ବୁଦ୍ଧର ଦାୟାଦ
ବୁଦ୍ଧ ସେ ଯେ ମହାଜ୍ଞାନୀ
କରୁଣାର ମୂର୍ତ୍ତ ଅବତାର
ଜନନୀ କରୁଣାମୟୀ
ଗୋପା କିନ୍ତୁ
ନମସ୍ୟ ବିଶ୍ୱର ।'[୯୬]

'ବେଲ୍‌ସେନ' କବିତାରେ ତାଙ୍କର ହାହାକାର ଭାବ ବିଞ୍ଚି ହୋଇଥିଲା ଦିଗଦିଗନ୍ତରେ-

'କିଛି ହେଲାନାହିଁ
କିଛି ତ ହେଲାନି
ଶବ୍ଦର ସମୂହ ଯୁକ୍ତି ଭାଙ୍ଗିଗଲା
ଭାଙ୍ଗି ଭାଙ୍ଗି ଗଲା ।'[୯୭]

'ଅନୁଚ୍ଚାରିତ' କବିତାରେ କବୟତ୍ରୀ ହୃଦୟଭରା ଅନୁଶୋଚନାକୁ ସୁଚାରୁରୂପେ ଉପସ୍ଥାପିତ କରିପାରିଛନ୍ତି-

'ସେଠି ଥରେ କ୍ଷତ ହୋଇଥିଲା
କେବେ ଯାହା ଭଲ ବି ହୋଇନି

[୯୫] ତତ୍ରୈବ, ପୃ-୩୮
[୯୬] ତତ୍ରୈବ, ପୃ-୨
[୯୭] ତତ୍ରୈବ, ପୃ-୪

ଏବଂ
ଆଜି ତା' ସମ୍ଭାବନା ଠାରୁ
ଅନେକ ଦୂରେଇ ଗଲା ।'[୯୮]

'ଅସହାୟ ମଧ୍ୟବିନ୍ଦୁ' କବିତାରେ କବୟତ୍ରୀ ଏକ ଭୟାତୁର ରୋମାଞ୍ଚଭରା ତଥ୍ୟକୁ ଉପସ୍ଥାପନା କରିଅଛନ୍ତି-

'ଭୟରେ ରୋମାଞ୍ଚ
ଆମେ ସବୁ ଭୀରୁ
ପଳାତକ ଦଳ
ସମ୍ମୁଖରେ ଅଜ୍ଞାତ ସମ୍ଭାବନା
ଏବଂ ପାଶ୍ଚାତ୍ୟରେ ଅନିଶ୍ଚିତତା
ଆମପାଇଁ ଅତି ଭୟଙ୍କର
ରାସ୍ତାର ମଝିରେ ଠିଆହୋଇ
ଆମେ ସବୁ
କିଂ କର୍ତ୍ତବ୍ୟ ବିମୂଢ଼ ।'[୯୯]

କବୟତ୍ରୀ ନନ୍ଦିନୀଦେବୀ ତାଙ୍କର 'ମଳିନ ପୃଥିବୀ' କବିତାରେ-

'ଅବହେଳାରେ ପିଡ଼ୀତ ସେଇ
ଆତ୍ମାର ଟୁକୁଡ଼ାତକ ମିଳେଇଗଲା
ଅନେକ ଦେହର କ୍ଳେଦାନ୍ତ
ପୃଥିବୀ ହେଲା ଆହୁରି ବିଷର୍ଣ୍ଣ ।'[୧୦୦]

'ଜନପଥର କୁହୁଡ଼ି' କବିତାରେ କବୟତ୍ରୀ ବେଦନାର କରୁଣ ସ୍ୱରକୁ ଉପସ୍ଥାପନା କରିଅଛନ୍ତି-

---

[୯୮] ତତ୍ରୈବ, ପୃ-୮
[୯୯] ତତ୍ରୈବ, ପୃ-୧୦
[୧୦୦] ତତ୍ରୈବ, ପୃ-୨୦

'ସବୁ ସ୍ତବ୍ଧ
ନିଷ୍ପନ୍ଦ ନୀରବ
ଜମାଟ ବନ୍ଧା
ଅନ୍ଧାରରୁ ପୁଳାଏ ।'[୧୦୧]

ଏକ ଅତୃପ୍ତ ପ୍ରେମିକର ବିରହ ବେଦନାକୁ 'ଏପାଖ ସେପାଖ' କବିତାରେ କବୟତ୍ରୀ ବର୍ଣ୍ଣନା କରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ-

'ଡାକୁଥିଲି ତୁମକୁ ମୁଁ
ଆସିବାକୁ ମୋ ପାଖକୁ
ଆହୁରି ପାଖକୁ
ତୁମ ନିଶ୍ୱାସର ଶବ୍ଦ ଶୁଣିଥିଲି
ବିହ୍ୱଳିତ ହୋଇ
ତୁମ ରୂପ ଦେଖିଥିଲି
ଆଲୁଅ ଓ ଅନ୍ଧାରର ଘଡ଼ିସନ୍ଧି ବେଳେ ।'[୧୦୨]

'ଖାଲି ଆଜି' କବିତାରେ କବୟତ୍ରୀ ନିଜର ବିଗତଦିନଗୁଡ଼ିକୁ ରୋମାଞ୍ଚିତ କରିବା ସହ ସୁନେଲୀ ସ୍ୱପ୍ନ ଓ ସଂଗୀତର ମାଧୁରୀତାକୁ ପରିସ୍ଫୁଟିତ କରିଅଛନ୍ତି-

'ଆମ ଦିନଗୁଡ଼ାକରେ
ଖାଲି ଥିଲା - 'ଆଜି'
ଦେବାପାଇଁ ଯାହା ଥିଲା
ଦେହ ମନ କଳ୍ପନାରେ
ସ୍ୱପ୍ନ ଆଉ ସଙ୍ଗୀତରେ
ସବୁ 'ଆଜି' ସାରିଦିଆଗଲା ।'[୧୦୩]

---

[୧୦୧] ତତ୍ରୈବ, ପୃ-୧୨
[୧୦୨] ତତ୍ରୈବ, ପୃ-୧୪
[୧୦୩] ତତ୍ରୈବ, ପୃ-୧୬

କବୟତ୍ରୀ ନନ୍ଦିନୀଦେବୀଙ୍କର 'ବିଶ୍ୱାସ ତୁଟିଗଲାପରେ' କବିତାଟିରେ 'ବିଶ୍ୱାସ' ଉପରେ ପ୍ରଗାଢ଼ ଆସ୍ଥା ପ୍ରକଟ କରିଅଛନ୍ତି-

'ଆକାଶର କଳାମେଘ
ଝଡ଼ର ଇଙ୍ଗିତ
ବୈଶାଖର ତାତି ସବୁ
ବେଖାତିର କରି
ପତ୍ରରେ ଲାଗିଲା ରଙ୍ଗ ।'[୧୦୪]

'ଅନ୍ଧଗଳି' କବିତାରେ କବୟତ୍ରୀ ନନ୍ଦିନୀ ଅନନ୍ତ ପଥର ଯାତ୍ରା ଭାବରେ ପ୍ରତ୍ୟେକ ମଣିଷର ଜୀବନକୁ ତଥା ତାଙ୍କର ଗତିପଥକୁ ସୂଚାର ଭାବରେ ଉପସ୍ଥାପନା କରିଅଛନ୍ତି-

'ଚାଲିଲା ପଥିକ
ଅନନ୍ତପଥର ଯାତ୍ରୀ
କ୍ଲାନ୍ତି ଯା'ର ଜାତକରେ ନାହିଁ ।
ଆଗକୁ ଚାଲିଛି ପାନ୍ଥ
ଝଡ଼ ଆଉ ବୃଷ୍ଟି
ବହି ଅଙ୍ଗେ
ପଥରୁଦ୍ଧ
ପଥ ଦିଶେନାହିଁ ।
'କ୍ଲାନ୍ତି' ହୀନ କ୍ଲାନ୍ତ ପାନ୍ଥ
ପଦ ନାହିଁ ଚଳେ
ଅସାଡ଼ ଶରୀର
ହଠାତ୍ ଏ ଗଳି ଶେଷ ହୋଇଗଲା ।'[୧୦୫]

[୧୦୪] ତତ୍ରୈବ, ପୃ-୧୭
[୧୦୫] ତତ୍ରୈବ, ପୃ-୨୨

କବୟତ୍ରୀ ନନ୍ଦିନୀଦେବୀଙ୍କର କବିତା 'ଆଗ୍ନେୟଗିରି' ଏକ ରକ୍ତମୁଖା ବକ୍ଷୁକୁ ସୂଚାରୁରୂପେ ଉପସ୍ଥାପିତ କରିପାରିଛନ୍ତି-

'ରକ୍ତର ଲାଲିମା
ପ୍ରତ୍ୟୁଷର ସୂର୍ଯ୍ୟଠାରୁ ବେଶୀ
ଆଉ ସେହି ଭିକାରି ପିଲାଟିର ଛୋଟ ଦେହକୁ
ଛିନ୍ନଭିନ୍ନ କରି
ଯେଉଁ ପଥରବୁହା ଟ୍ରକ୍‌ଟାଏ
ରାସ୍ତାରେ ହୋଲି ଉତ୍ସବରେ
ଭ୍ରମ ସୃଷ୍ଟି କରି, ଚାଲିଯାଇଥିଲା ।'[୧୦୬]

'ନିର୍ଝର' କବିତାରେ କବୟତ୍ରୀ ନନ୍ଦିନୀଙ୍କର କ୍ଲାନ୍ତ ଅବସାଦର ମଣିଷ ଜୀବନ କିପରି ପ୍ରଭାବିତ ହୋଇପଡ଼ିଛି, ଏଠି ମଧ୍ୟ ଭାଇମାନେ ମଣିଷର ବୁଦ୍ଧି ଆଉ ବିବେକର ଚଲାପଥରେ-

'ଆକାଶରେ ତାରା
ଆଉ ଧରଣୀର ଧୂଳି
ବିଦ୍ୱେଷବିହୀନ
ଏ ଦୁଇଙ୍କୁ ଯୁକ୍ତ କରେ
ସନ୍ଧି ମୁଁ ଯେ
ମଧ୍ୟ ପଥେ ରହି ।'[୧୦୭]

'ନିର୍ଝର' କବିତାରେ ସେ ନିଜର ଜୀବନର କିଛି ସ୍ମୃତିକୁ ମାନସପଟରେ ଆଙ୍କିଛନ୍ତି-

'ଏ ସୃଷ୍ଟି ଶିଳ୍ପର
ଶିଳ୍ପୀ ଏକା
ଘେରିଅଛି ସବୁ

[୧୦୬] ତତ୍ରୈବ, ପୃ-୮
[୧୦୭] ତତ୍ରୈବ, ପୃ-୧୦

ତା' ଭିତରେ 'ମୁଁ' ନାହିଁ
ସେ କି ମୁହିଁ
ସଭିଏଁକି ସେହି ।'[୧୦୮]

'ଅଶୋଚ୍ୟ' କବିତାରେ କବୟତ୍ରୀ ନିଜର କୋହଭରା ଆବେଗ କିପରି ସାମଜର ପ୍ରତ୍ୟକ ସ୍ତରରେ ପ୍ରସ୍ଫୁଟିତ ସେ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଅଛନ୍ତି-

'ସଞ୍ଜର ସଳିତା ରଖି ତୁଳସୀ ମୂଳରେ
କେହି ଆଉ ପ୍ରଣତି ବାଢୁନି
ଶତାବ୍ଦୀର ଚିରା ଲୁଗା
ଫାଟି ଫାଟି ଯାଏ
ତାଳି ବି ପଡୁନି ।'[୧୦୯]

କବୟତ୍ରୀ ନନ୍ଦିନୀ ଶତପଥୀଙ୍କର କବିତା ସଂକଳନ 'ଉତ୍ତର ପୁରୁଷ'ର 'ନିଜକୁ ଭଲ ପାଇଁ ଏକ କବିତା' ଅନ୍ୟକୁ ନିଜର ଗତିପଥକୁ ଠିକ୍ କରିନେଇଛୁ ସମାଜରେ ନିଜକୁ ଭଲ ପାଇ ଅନ୍ୟକୁ ଭଲପାଇ ଛଳନା କରିଥିଲେ ସେମାନେ ହୁଏତ ବା ବଞ୍ଚିଯିବେ କିଛି କାଳ ପାଇଁ ହୀନମାନ୍ୟ ମଣିଷର କୋଳେ-

'ବୁଡ଼ିଗଲା ଅନନ୍ତ ଢେଉରେ
ଅହଂର ସମାଧି ହେଲା
ବଡ଼ବଡ଼ ଢେଉ ଆସି
ପୋଛି ନେଇଗଲା
ସବୁ ଛଳନାରେ ।'[୧୧୦]

'ମୁଁ ନୂଆ ଗଣକ' କବିତାରେ କବୟତ୍ରୀ ନନ୍ଦିନୀ ନାଳ, ନଈ, ପାହାଡ଼, ଜଙ୍ଗଲର ଜୀବନଯାପନ କରୁଥିବା ଲୋକମାନଙ୍କର ସଂସ୍କୃତିକୁ କବିତା ମାଧମରେ ଉପସ୍ଥାପନା କରିଛନ୍ତି-

[୧୦୮] ତତ୍ରୈବ, ପୃ-୨୫
[୧୦୯] ତତ୍ରୈବ, ପୃ-୨୯
[୧୧୦] ତତ୍ରୈବ, ପୃ-୩୧

'ଚମତ୍କାର ଗୀତ
ମୋହଗ୍ରସ୍ତ ମେଣ୍ଢାପଲ
ଆରାମରେ ଝିମେଇ ପଡ଼ନ୍ତି
ନଈ, ନାଳ, ବିଲ, ପର୍ବତ
ସବୁଠି ଶୁଭନ୍ତା ଯଦି ତମର ସଙ୍ଗୀତ
ମୁଁ ତ ନୂଆ ଗଣକ
ମୋର ଗଣନା ଭୁଲ ହୋଇପାରେ
ତୁମରି ଗଣକ ପରି
ମୋ ହାତରେ ଏ ଖଡ଼ି ଗୋଟାଳି
ସତେ କ'ଣ
ଗଡ଼ି ଗଡ଼ି ଯିବ ?'[୧୧୧]

କବୟତ୍ରୀ ନନ୍ଦିନୀ ଶତପଥୀ ନିଜସ୍ୱ କବିତା ସଂକଳନ 'ଉତ୍ତର ପୁରୁଷ'ରେ 'ବେଗ ହିଁ ଉନ୍ନତିର ଲକ୍ଷଣ' କବିତାଟିରେ ସେ ତାଙ୍କର ସଂଗ୍ରାମୀ ଜୀବନସାଥୀ ଦେବେନ୍ଦ୍ର ଶତପଥୀଙ୍କର ସ୍ମୃତି ଉଦ୍ଦେଶ୍ୟରେ କବିତାଟି ଉଦ୍ଦିଷ୍ଟ ଅଟେ । ସେ ସେମାନଙ୍କୁ ସମ୍ମାନ ପ୍ରଦାନ କରନ୍ତି, ଯେଉଁମାନଙ୍କର ବେଗ ଥାଏ ଆଉ ଥାଏ ମଧ୍ୟ ପ୍ରତିଭା । ସେମାନେ ମଧ୍ୟ ତୁଚ୍ଛ କରିପାରିଥାନ୍ତି କ୍ଷୁଦ୍ର ସମ୍ମାନକୁ । ସ୍ୱାମୀ ଦେବେନ୍ଦ୍ରବାବୁଙ୍କର ଦେହାନ୍ତର ବିଗତ ଚାରିଗୋଟି ବର୍ଷରେ ସେ କଳ୍ପନାରେ ଆଙ୍କିଛନ୍ତି-

'ଚାହୁଁ ଚାହୁ ଚାରିବର୍ଷ
ହୋଇଗଲା - 'ତୁମେ ନାହଁ'
'ମୁଁ' କିନ୍ତୁ ରହିଅଛି
କେତେ ଝଡ଼ ବହିଗଲା
ତୁମକୁ ଦିନକ ପାଇଁ
ଭୁଲିବାକୁ ଚେଷ୍ଟା କଲେ ବି

[୧୧୧] ତତ୍ରୈବ, ପୃ-୩୩

ତୁମେ ତ ଆସୁଥାଅ ବାରମ୍ବାର
ସ୍ୱପ୍ନରେ ଚିନ୍ତା ନଈରେ
ନାଆ ବାହି ବାହି
ତୁମର ସେ ବେଗ ହିଁ
ଉନ୍ନତିର ଲକ୍ଷଣ ।'[୧୧୨]

'ବାଇଶି ପାହାଚ' କବିତାଟି ନନ୍ଦିନୀଦେବୀଙ୍କ କବିତା ସଂକଳନ 'ଉତ୍ତର ପୁରୁଷ'ର ଏକ ସାର୍ଥକ କବିତା । ବିଶ୍ୱନିୟନ୍ତା ଶ୍ରୀ ଜଗନ୍ନାଥ ମହାପ୍ରଭୁ ପୁରୀ, ଅଧିଷ୍ଠାତା ପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଜନତାଙ୍କୁ 'ବାଇଶି ପାହାଚ' ଅତିକ୍ରାନ୍ତ କରିଯିବାକୁ ହୋଇଥାଏ । କବୟିତ୍ରୀ ଏଠାରେ ବର୍ଣ୍ଣନା କରିଛନ୍ତି - ବଡ଼ଦାଣ୍ଡରୁ ଭକ୍ତମାନେ ଆସି ବାଇସି ପାହାଚ ଅତିକ୍ରାନ୍ତ କରି ପ୍ରଭୁଙ୍କୁ ଦର୍ଶନ କରି ମହାପ୍ରଭୁଙ୍କ ନିକଟରେ ନିଜର ମନସ୍କାମନା ଉପସ୍ଥାପିତ କରିଥାଆନ୍ତି । କିନ୍ତୁ ମହାପ୍ରଭୁ କି ନିଜର ଦୁଃଖ କାହାକୁ ଜଣାଇବେ କି ?

'ଦୁଃଖ ତାପ ଭୁଲି
ନିଷ୍ପଲକ ଚକ୍ଷୁରେ ଚାହିଁ ରହିଛନ୍ତି
ବାଇଶ ପାହାଚକୁ
କେତେବେଳେ ଜଗନ୍ନାଥ
ଓହ୍ଲାଇ ଆସିବେ
ଅସୁମାରି ଭକତମାନଙ୍କର
ଗୁହାରି ଶୁଣିବେ ।'[୧୧୩]

'ଅନ୍ଧାରରୁ ଅନ୍ଧାରକୁ' କବିତାଟି ନନ୍ଦିନୀଙ୍କର କବିତା ସଂକଳନ 'ଉତ୍ତର ପୁରୁଷ'ର ଏକ ଅଂଶ । ଏଠାରେ କବୟିତ୍ରୀ ନନ୍ଦିନୀଦେବୀ ଆକାଶ, ଚନ୍ଦ୍ର, ତାରାଙ୍କର ସୁଉଚ୍ଚ ବର୍ଣ୍ଣନା କରି ଫୁଲ ଫୁଟିବା, ମଳୟ ପବନ ବହିବା, ଫୁଲମାନଙ୍କରୁ ମଧୁ ଆହରଣ କରିବାପାଇଁ ମହୁମାଛିମାନଙ୍କର ଭିଡ଼ ଜମିଯିବା, ଅନ୍ଧାରରେ ମହୁମାଛିମାନେ ଫୁଲ ଦେଖିବା ଓ ଗୁଣୁଗୁଣୁ ଗୀତରେ ଆନନ୍ଦରେ ନାଚି

[୧୧୨] ତତ୍ରୈବ, ପୃ-୩୪
[୧୧୩] ତତ୍ରୈବ, ପୃ-୧୪୦

ଉଠିଲେ । ସେମାନଙ୍କର ଆଖିରେ ରଙ୍ଗ ବଦଳିଗଲା ଇତ୍ୟାଦିକୁ କବିତା ମାଧ୍ୟମରେ ରୂପାୟିତ କରିଛନ୍ତି । ନଈମାନେ କୂଳଲଂଘି ମାଡ଼ିଆସୁଛନ୍ତି, ସାଗରର ଢେଉମାନେ ଅବାଧ ଯୁବକ ଭଳି କୂଳ ଲଂଘୁଛନ୍ତି ଇତ୍ୟାଦି ଇତ୍ୟାଦି ତାଙ୍କର କବିତା ମାନସପଟରେ ପରିଲିଖିତ ହୋଇଅଛି-

'ବତୀଟିଏ ପାଇଁ
ଅନ୍ଧାରର ଜୀବମାନେ
ବ୍ୟାକୁଳରେ ଚାହିଁଥିଲେ
ବତୀ ଆଉ କାହିଁ
ସେମାନେ ସେ ହଜିଗଲେ
ପୁଣି ଅନ୍ଧାରରେ ।'[୧୧୪]

'କେତେ ଆଉ ଶୋଉଥିବ ?' – କବୟତ୍ରୀ ନନ୍ଦିନୀଦେବୀଙ୍କର 'କେତେ ଆଉ ଶୋଉଥିବ' କବିତାଟିର କଥାକୁ ବରଫ ସହିତ ତୁଳନା କରିଛନ୍ତି । ବରଫ ଯେପରି ବାହାରକୁ ଆସିଲେ ତରଳିଯିବ, ଠିକ୍ କଥାଗୁଡ଼ିକ ସେହିଭଳି –

'ରୁଷିଆ କି ଆମେରିକାରେ
ଯେଉଁଠି ମାସ ମାସ ଧରି
ଆକାଶରୁ ଝରିପଡ଼େ ବରଫ
ରାସ୍ତାଘାଟ ଧଳା ହୋଇଯାଏ ।'[୧୧୫]

ପୁନଶ୍ଚ କବୟତ୍ରୀ କହିଛନ୍ତି, 'ଚାହିଁ ଶୋଇଥିବା ଲୋକଟାକୁ ଉଠାଇବାଟା ସହଜ ନୁହେଁ, କେତେ ଭୟ କେତେ ତୁମର ବିଚାର ଆଲୋଚନା କରୁ କରୁ ରାତି ପାହିଯାଏ ।'–

'ତୁମେ ସବୁ ଶୋଇ ପଡ଼ିଥିଲ
ସେ ରାତି ବି କେବେ ପାହିବନି
ସକାଳ ହେବନି ।'[୧୧୬]

---

[୧୧୪] ତତ୍ରୈବ, ପୃ-୪୨
[୧୧୫] ତତ୍ରୈବ, ପୃ-୪୩
[୧୧୬] ତତ୍ରୈବ, ପୃ-୪୩

'ତୁମ ପୁଣ୍ୟଫଳ କିଛି ଦିଅ' ଏହି କବିତାଟିରେ କବୟିତ୍ରୀ ମନ୍ଦିର, ମସ୍‌ଜିଦ୍, ଗୀର୍ଜା ଆଦି ପ୍ରତିଷ୍ଠାନଗୁଡ଼ିକ ସ୍ୱରଚନାରେ କବିତା ମାଧ୍ୟମରେ ସୂଚୀତ କରାଇଛନ୍ତି । ପୌରାଣିକ ଶାସ୍ତ୍ର ରାମ ଓ ରାବଣର ସ୍ୱର୍ଣ୍ଣଲତା ଆଦିକୁ ସୂଚାରୁରୂପେ ବର୍ଣ୍ଣନା କରିଅଛନ୍ତି-

'ସକାଳ କହିଲା
ମୁଁ ଆସିପାରୁନାହିଁ
ଅନ୍ଧାରକୁ ରଖିଦେଲେ
ଏତେ ଦିନ ପାଇଁ
ଦିଅ ମତେ ଦିଅ
ତୁମର ପୁଣ୍ୟଫଳରୁ
ମୋତେ କିଛି ଦିଅ ।'[୧୧୭]

'ଲକ୍ଷ୍ମୀ ଠାକୁରାଣୀ' କବିତାର କବୟିତ୍ରୀ ନନ୍ଦିନୀ ଶତପଥୀଙ୍କର କବିତା ସଂକଳନ 'ଉତ୍ତର ପୁରୁଷ'ର ଏକ ଅଂଶ । ଲକ୍ଷ୍ମୀ ଠାକୁରାଣୀଙ୍କ କ୍ରନ୍ଦନକୁ କବୟିତ୍ରୀ ଏଠାରେ ସୂଚାଇଛନ୍ତି । ଜଗନ୍ନାଥଙ୍କ ଠାରୁ ଆରମ୍ଭ କରି ଜଗତର କୋଟି କୋଟି ଜନ ଚାହିଁରହିଛନ୍ତି ତାଙ୍କ ହାତଟେକା ଅନ୍ନକୁ ।

ଦ୍ୱିତୀୟ ଆଦ୍ରାରେ ଶ୍ରୀଗୁଣ୍ଡିଚା ରଥଯାତ୍ରାରେ ତିନିଠାକୁରଙ୍କ ରଥରେ ବିଜେ କରି ମାଉସୀଘରକୁ ଭ୍ରମଣ କରିଥାନ୍ତି-

'ଠାକୁରମାନଙ୍କର ଆଗମନରେ
ଅପେକ୍ଷାରେ
ଠିଆ ହୋଇଛନ୍ତି ଭକ୍ତଗଣ
ବଡ଼ଦାଣ୍ଡରେ ।'[୧୧୮]

'କଳ୍ପନା ଓ ବାସ୍ତବ' କବୟିତ୍ରୀ ଶତପଥୀ କଳ୍ପନା ଓ ବାସ୍ତବ କବିତାଟିରେ ନିଜର ମନର କଥାକୁ ଉପସ୍ଥାପନା କରିଛନ୍ତି । ନୂତନ ଅନୁଭୂତିର କଥା ଏ ସୁନେଲୀ ଦୁନିଆଁରେ ସେ ଆଖିରେ

[୧୧୭] ତତ୍ରୈବ, ପୃ-୪୮, ୪୯
[୧୧୮] ତତ୍ରୈବ, ପୃ-୫୧

ଚାହିଁଲେ ଲାଗୁଥିଲା ସବୁ ନୂଆ ନୂଆ । ସେ ନିଜ ଭିତରେ ସଦାସର୍ବଦା ବ୍ୟସ୍ତ ରହି ବାହାର କଥା ପାଶୋରିଗଲେ କର୍ତ୍ତବ୍ୟରେ ଭୁଲି-

'ବିରାଟ ଯେତେ ଆଶା
ଫେରିଲି ଯେବେ ବାସ୍ତବ ରାଜ୍ୟେ
ଭାଙ୍ଗିଗଲା ସହସା ।'[୧୧୯]

ସେ ନିଜକୁ ଆଖିଖୋଲି ଦେଖିଲାବେଳେ ଅଂସଖ୍ୟ କାମ ତାଙ୍କର ମାନସପଟକୁ ଜାଗିଉଠେ-

'ସେଇ ମୋ ପରିଣତି
ଗୋଲାପୀ ଖାଲି କଳ୍ପନାଟି
ବାସ୍ତବ ମୋ ମୁକ୍ତି ।'[୧୨୦]

'ଭୁଲିବି' - କବୟତ୍ରୀ ନନ୍ଦିନୀଦେବୀଙ୍କର 'ଭୁଲିବି' କବିତାଟି ଏକ ହୃଦୟସ୍ପର୍ଶୀ ଅଟେ । ଅନେକ କଥା ଅଛି, ଯାହା ଜୀବନରେ ସହଜରେ ଭୁଲିହୁଏନାହିଁ -

'ଜୀବନେ ଯଦି ଭୁଲ ଏକ କରେ
ତା' ପାଇଁ ସିନା ପ୍ରାୟଶ୍ଚିତ
କର୍ତ୍ତବ୍ୟ ପଥେ ଅଟକ ଥିଲେ
ଜାଣେ ମୁଁ ନାଇ ପରାଜୟ ।
ମିନତୀ ଆଦି କରନା ସାଥୀ
ଆଉ ଦିଅନାହିଁ ପ୍ରାଣେ ବ୍ୟଥା
ଭୁଲିବି ଆଦି ଶେଷ ଏ କଥା ।'[୧୨୧]

"ମୃତ୍ୟୁ ତୁମର ଚାହେଁ" ଏହି କବିତାଟିରେ ହତାଶ ପ୍ରାଣର ବେଦନାକୁ ସୂଚାରୁରୂପେ ସ୍ଥାପିତ କରିଛନ୍ତି କବୟତ୍ରୀ-

[୧୧୯] ତତ୍ରୈବ, ପୃ-୭୬
[୧୨୦] ତତ୍ରୈବ, ପୃ-୭୬
[୧୨୧] ତତ୍ରୈବ, ପୃ-୭୭

'କଳ୍ପନାର ରାଇଜେ ବୁଲି
ବାସ୍ତବେ ମୁଁ ଯେବେ ମୋ ଫେରେ
ଦୁନିଆଁ ସାରା ବିପଦ ଖାଲି
ମୃତ୍ୟୁ, ମୁଁ ଯେ ତୁମକୁ ଲୋଡେ !'[୧୨୨]

'ଅଭିଶପ୍ତା ନାରୀ'-

'ଘର ପାଶେ ମୋଟର ଗ୍ୟାରେଜ୍
ବସିଅଛି ନାରୀ ଏକ
କ୍ଷୁଧାରେ ବିବର୍ଣ୍ଣ ମୁଖ
ଦେହେ ନାହିଁ ବସ୍ତ୍ର ତା'ର
ଢାକିବାକୁ ଲାଜେ ।'[୧୨୩]

ଜନନୀ ପାଖରେ କ୍ଷୀର ପିଇବା ବିନା, କ୍ଷୁଧା ବିନା କାନ୍ଦି କହେ ଭୋକ ମା' ଭୋକ । ଏଠାରେ ସୂଚୀତ ଅଛି ଯେ, ନାରୀ ପରା ଜଗତ ଜନନୀ ! ଲକ୍ଷ୍ମୀ ରୂପେ ସର୍ବତ୍ର ପୂଜା ପାଇଥାଏ । କେବେ ପୁଣି ଦଶଭୂଜା ରୂପେ-

'ସମାଜର ଅଭିଶପ୍ତା ତୁମେ ଆଜି ନାରୀ
କିନ୍ତୁ ତବ ବିନା କ୍ଷଣେ ହେଁ ନଚଳେ
ସେ କଥା କି କେବେ କେହି ଭାଳେ !'[୧୨୪]

ବାସ୍ତବରେ କବୟତ୍ରୀ ନନ୍ଦିନୀ ଶତପଥୀଙ୍କ କବିତା ସଂକଳନ 'ଉତ୍ତର ପୁରୁଷ' ଏକ ଶ୍ରେଷ୍ଠ ସାରସ୍ୱତ କୃତି । ଏହି କବିତା ସଂକଳନରେ ୪୨ ଗୋଟି କବିତା ଓଡ଼ିଶାର ପାଠକ ପାଠିକା ବିଶେଷକରି କବିତାପ୍ରେମୀମାନଙ୍କର ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଛି ।

***

[୧୨୨] ତତ୍ରୈବ, ପୃ-୭୮
[୧୨୩] ତତ୍ରୈବ, ପୃ-୭୯
[୧୨୪] ତତ୍ରୈବ, ପୃ-୮୦

## ନନ୍ଦିନୀ ଶତପଥୀଙ୍କର ଅନୁବାଦ ସାହିତ୍ୟ

'ଓଡ଼ିଆ ସାହିତ୍ୟର ଅନ୍ୟାନ୍ୟ ବିଭାଗ ପରି ଅନୁବାଦ ସାହିତ୍ୟର ପରିସର ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି । ଭାରତୀୟ ପ୍ରାଦେଶିକ ଭାଷାଗୁଡ଼ିକର ଶ୍ରେଷ୍ଠ ପୁସ୍ତକ ସବୁ ଓଡ଼ିଆରେ ପ୍ରକାଶିତ ପାଇଅଛି । ବିଶାଳ ପୃଥିବୀକୁ ଆପଣାର କରିବାକୁ ଆଗ୍ରହୀ ହୋଇ ଉଠିଥିବା ଓଡ଼ିଆ ଅନୁବାଦକଙ୍କର ବ୍ୟକ୍ତି-ମାନସ ହୋଇଛି ଅଧିକ ଜାଗ୍ରତ ଓ ଚେତନଶାଳୀ/ଧର୍ମୀ । ଏଣୁ ଅନୁବାଦର ସମସ୍ତ ସାରଣୀ ଯଥାକ୍ରମେ - ଆହରଣ ଓ ସମୀକରଣ ଆଦିକୁ ଅଙ୍ଗୀଭୂତ କରି ଅନୁବାଦକ ଅନ୍ୟଭାଷାର କଳା ସଂସ୍କୃତିକୁ ନିଜର କରିପାରିଛି । ଭାରତୀୟ ଅନ୍ୟାନ୍ୟ ପ୍ରାଦେଶିକ ସାହିତ୍ୟର ଅନୁବାଦକଙ୍କ ପରି ଓଡ଼ିଆ ଅନୁବାଦକ ଭାରତରେ ପଡ଼ୋଶୀ ରାଷ୍ଟ୍ରର ଶ୍ରେଷ୍ଠ କୃତିଗୁଡ଼ିକୁ ନିଜ ଭାଷାରେ ରୂପାନ୍ତରୀତ କରିବାରେ ଅଧିକାଂଶ ସମର୍ଥ ହୋଇପାରିଛନ୍ତି ।

ଏ କ୍ଷେତ୍ରରେ ଓଡ଼ିଶାର ସଫଳ ଅନୁବାଦିକା - ନନ୍ଦିନୀ ଶତପଥୀ ବଙ୍ଗଳାଦେଶର ପ୍ରସିଦ୍ଧ ଔପନ୍ୟାସିକା ତସଲିମା ନାସରିନଙ୍କର "ଲଜ୍ଜା"କୁ ଓଡ଼ିଆରେ ଅନୁବାଦ କରି ପ୍ରସିଦ୍ଧି ଲାଭ କରିଛନ୍ତି । ସାହିତ୍ୟାନୁବାଦକୁ ଏକ ସୃଜନାତ୍ମକ ପ୍ରକ୍ରିୟା ଭାବରେ ଗ୍ରହଣ କରିବାରେ ଆଉ ବିଶେଷ ଦ୍ୱିମତ ନ ଥିବାରୁ ଅନୁବାଦକର ଶ୍ରଦ୍ଧାଜାତ ହେବା ସହିତ ଅନ୍ୟ ସାହିତ୍ୟକୁ ସମ୍ମାନ ପ୍ରଦର୍ଶନ ବୃଦ୍ଧି ପାଇଛି । ପ୍ରଚାରର ଆକାଂକ୍ଷା ରଖି ଏକ ଅସାହିତ୍ୟ ବା ଉତ୍ତେଜନାରେ ଅନୁବାଦ କରୁଥିବା ବ୍ୟକ୍ତିମାନେ ଏହି ଅସଫଳତାର ସ୍ୱାଦ ଚାଖୁଛନ୍ତି ବେଶୀ ।

ବହୁ ଆଲୋଚକଙ୍କ ମତରେ ଓଡ଼ିଆ ଭାଷାରେ ପ୍ରାୟ ଅନୁବାଦଗୁଡ଼ିକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇପାରେ । ଯଥା - ଭାବାନୁବାଦ (ସୁବୃହତ୍ତର ବିଷୟବସ୍ତୁର ସଂକ୍ଷିପ୍ତ ଅନୁବାଦ), ପଦ୍ୟାନୁବାଦ (ପଦ୍ୟର ଦୁଃସାଧ୍ୟ ଅନୁବାଦ ନ କରି ଅର୍ଥଗତ ଅନୁବାଦ, ଛାୟାନୁବାଦ (ଅନୁବାଦକ ନିଜର ଶୈଳୀ ବା ଶବ୍ଦ ସଂଯୋଗ ମାଧ୍ୟମରେ ବିଷୟବସ୍ତୁର ପ୍ରଦାନ), ଆକ୍ଷରିକ ଅନୁବାଦ (ସରକାରୀ ନଥିପତ୍ର ଆଦି ଅକ୍ଷୁର୍ଣ୍ଣ ରଖିବା)'[୧୨୫]

ଏସବୁ ଅନୁବାଦ ଗୁଡ଼ିକୁ ମୁଖ୍ୟତ ଦୁଇଟି ସ୍ତରରେ ବିଚାରକୁ ନିଆଯାଇପାରେ-

ସାହିତ୍ୟିକ ଅନୁବାଦ ଓ ସାହିତ୍ୟେତ୍ତର ଅନୁବାଦ ।

---

[୧୨୫] ଡକ୍ଟର ବୈଷ୍ଣବଚରଣ ସାମଲ, ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକାରେ ଓଡ଼ିଆ ଅନୁବାଦ ସାହିତ୍ୟ, ଓଡ଼ିଶା ବୁକ୍‌ଷ୍ଟୋର-୨୦୦୪

ସାହିତ୍ୟିକ ଅନୁବାଦର ଭାବାନୁବାଦ ମହତ୍ତ୍ୱପୂର୍ଣ୍ଣ । ଅପରପକ୍ଷରେ ସାହିତ୍ୟେତ୍ତୋର ଅନୁବାଦ ହୋଇଥାଏ ବସ୍ତୁନିଷ୍ଠ ।

ଅନୁବାଦ ସାହିତ୍ୟ କ୍ଷେତ୍ରରେ ନନ୍ଦିନୀଦେବୀ ଥିଲେ ସିଦ୍ଧହସ୍ତା । ତାଙ୍କର ସ୍ୱାକ୍ଷର ଓଡ଼ିଆ ଅନୁବାଦ ସାହିତ୍ୟକୁ କାଳଜୟୀ କରିରଖିପାରିଛି କହିଲେ ଅତ୍ୟୁକ୍ତି ହେବନାହିଁ । ବିଶିଷ୍ଟ ବଙ୍ଗାଳୀ ଲେଖକ - ମହାଶ୍ୱେତାଦେବୀଙ୍କ କୋଡ଼ିଏ ଗୋଟି ନିର୍ବାଚିତ ଗଳ୍ପ ସଂକଳନକୁ ସେ ଅନୁବାଦ କରିଛନ୍ତି । ଏତଦ୍‌ବାଦ ବଙ୍ଗଳାଦେଶର ଲେଖିକା ତସଲିମା ନାସରିନ୍‌ଙ୍କର ଉପନ୍ୟାସ "ଲଜ୍ଜା" । କେନ୍ଦ୍ର ସାହିତ୍ୟ ଏକାଡେମୀ ସଚିବ କ୍ରିଷ୍ଣା କ୍ରିପାଳିନୀଙ୍କର "The Tributes by Gandhiji" କୁ ଓଡ଼ିଆ ଅନୁବାଦ "ଗାନ୍ଧୀ କଥାମୃତ", ସର୍ବୋପରି ଜ୍ଞାନପୀଠ ପୁରସ୍କାର ବିଜୟିନୀ ଅମୃତାପ୍ରିତମ୍‌ଙ୍କର 'ରେଭିନ୍ୟୁ ଟିକେଟ'କୁ ଓଡ଼ିଆରେ ନନ୍ଦିନୀ ଶତପଥୀ ଅନୁବାଦ କରିଛନ୍ତି । ତାଙ୍କର "ଗାନ୍ଧୀ କଥାମୃତ" ପୁସ୍ତକଟିକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପ୍ରକାଶିତ କରିଛନ୍ତି । ଏତଦ୍‌ବ୍ୟତୀତ ଶ୍ରୀମତୀ ଶତପଥୀ ତାଙ୍କର 'ରେଭିନ୍ୟୁ ଟିକେଟ୍' ଅନୁବାଦ ପାଇଁ ମଧ୍ୟ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି ।

'ସମ୍ପ୍ରତି କେତେକ ସାହିତ୍ୟିକ ଅନୁଷ୍ଠାନ ମଧ୍ୟ ଅନୁବାଦ କର୍ମକୁ ପ୍ରୋତ୍ସାହନ ଯୋଗାଇ ଦେଉଥିବା ଅତି ଆନନ୍ଦର ବିଷୟ । ବିଶେଷକରି, ଭାରତୀୟ ଜ୍ଞାନଶ୍ରୀ ସଂସ୍ଥା, ନ୍ୟାସ୍‌ନାଲ୍ ବୁକ୍ ଟ୍ରଷ୍ଟ, କେନ୍ଦ୍ର ସାହିତ୍ୟ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ବିଭିନ୍ନ ଅନୁବାଦ ପ୍ରତିଷ୍ଠାନମାନଙ୍କର ପ୍ରେରଣା ଓ ସଦିଚ୍ଛା ଯୋଗୁଁ ଅନୁବାଦ ପାଇଁ ଆମ ସାହିତ୍ୟର କ୍ଷେତ୍ର ଉନ୍ମୁକ୍ତ ହୋଇଯାଇଛି । ବର୍ତ୍ତମାନ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟ ଉଚ୍ଚତର ବୋଲି ପ୍ରମାଣିତ ହୋଇଥିବାରୁ ସେସବୁର ଅନୁବାଦ ନିକଟ ଭବିଷ୍ୟତରେ ହେବାର ବେଶି ସମ୍ଭାବନା ରହିଛି । ଅନୁବାଦକଙ୍କୁ ପୁରସ୍କାର ପ୍ରଦାନ କରି ଯେଉଁ ଅନୁଷ୍ଠାନ ସବୁ ସାରସ୍ୱତ ସାଧନାରେ ଅଭିନିବିଷ୍ଟ ସେ ସବୁର ସହାନୁଭୂତି ଓ ଆନ୍ତରିକତା ସାହିତ୍ୟକର୍ମର ଏକ ନିଃସ୍ୱାର୍ଥ ପ୍ରେମ ପାଇଁ ଅଭିନନ୍ଦନୀୟ ।

ଗୋଟିଏ ଭାଷାର ଭାବକୁ ଅନ୍ୟଭାଷାରେ ରୂପାନ୍ତରୀତ ପ୍ରକ୍ରିୟା ସାଧାରଣତଃ ଅନୁବାଦ ବୋଲି କୁହାଯାଏ । ଗୋଟିଏ ଭାଷାର ଭାବକୁ ଅନ୍ୟ ଭାଷାରେ ରୂପାନ୍ତରୀତ କରିବା ସହଜ କଥା ନୁହେଁ । କେତେକଙ୍କ ମତରେ ଅନୁବାଦ ହେଉଛି ଏକ ପାପ କ୍ରିୟା ଆଉ କେତେଙ୍କ ମତରେ ଅନୁବାଦ ଏକ ସମାଧାନହୀନ ପ୍ରଚେଷ୍ଟା, ଏହ ସତ୍ତ୍ୱେ ପ୍ରତିଷ୍ଠିତ ଲେଖକଙ୍କର ଅନୁବାଦେ ସାହିତ୍ୟ ପ୍ରତି ପ୍ରୀତି ଅଛି ।

ଅନୁବାଦକ ଉଭୟ ଭାଷାରେ ଧୂରୀଣ ନହେଲେ ଅନୁବାଦ ଠିକ୍ ରୂପରେ ହୋଇପାରେ ନାହିଁ । ଯେଉଁ ଭାଷାରୁ ଅନୁବାଦ କରାଯାଉଛି ଓ ଯେଉଁ ଭାଷାରେ ଅନୁଦିତ ହେବ, ଏହି ଉଭୟ ଭାଷାରେ ଅନୁବାଦକ ପାରଦର୍ଶିତା ଅର୍ଜନ କରିଥିବା ଆବଶ୍ୟକ । କାରଣ- ଅନୁବାଦରେ ଭାଷାନ୍ତରୀକରଣ ବଡ଼କଥା ନୁହେଁ । ବଡ଼ କଥା ହେଉଛି, ଯଥାର୍ଥ ରୂପରେ ଭାବର ଅଭିବ୍ୟକ୍ତି । ଅନୁବାଦ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ରହିଅଛି । ସବୁଠାରୁ କଷ୍ଟର ବ୍ୟାପାର ହେଉଛି କବିତାର ଅନୁବାଦ ।

ଓଡ଼ିଆ ଭାଷା ସାହିତ୍ୟରେ ଅନୁବାଦର ପରମ୍ପରା ମଧ୍ୟ ପ୍ରାଚୀନ । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଅନୁବାଦର ମାତ୍ରା ପ୍ରଚୁର ଥିବା ଜଣାଯାଏ । ଊନବିଂଶ ଶତାବ୍ଦୀରେ ମୁଦ୍ରଣାଳୟର ପ୍ରସାର ଫଳରେ ଅନୁବାଦ ସାହିତ୍ୟର ବୃଦ୍ଧି ପାଇଥିଲା । ମାତ୍ର ଏହି ସମୟରେ ବିଭିନ୍ନ ଭାଷାରୁ ଓଡ଼ିଆ ଭାଷାରେ ପୁସ୍ତକମାନ ଭାଷାନ୍ତରିତ ହୋଇ ପ୍ରକାଶିତ ହୋଇଅଛି । ଊନବିଂଶ ଶତାବ୍ଦୀରୁ ଅଦ୍ୟାବଧି ଓଡ଼ିଆ ଅନୁବାଦ ସାହିତ୍ୟର ଯଥେଷ୍ଟ ଅଭିବୃଦ୍ଧି ଘଟିଅଛି । ଅନୁବାଦ ସାହିତ୍ୟ ସମ୍ପ୍ରତି ଓଡ଼ିଆ ସାହିତ୍ୟର ଏକ ସମୃଦ୍ଧ ବିଭାଗ । ସୁତରାଂ ଓଡ଼ିଆ ଅନୁବାଦ ସାହିତ୍ୟର ଭବିଷ୍ୟତ ଉଜ୍ଜ୍ୱଳମୟ ରହିଛି ।'[୧୨୬]

ଯେକୌଣସି ବ୍ୟକ୍ତି ହୁଅନ୍ତୁ ନା କାହିଁକି, ଯଦି ଜଣେ ଗୋଟିଏ କାର୍ଯ୍ୟ କରିବାକୁ ଦୃଢ଼ ସଂକଳ୍ପ ନେବ ଓ ମନପ୍ରାଣ ଢାଳି ସେହି କାମଟିରେ ଲାଗିପଡ଼ିବ, ତେବେ ତାହା ଆନନ୍ଦରେ ହୋଇପାରିବ । ଏହି କଥା ପଦକ ସର୍ବଦା କହିଆସୁଥିଲେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅଙ୍ଗେ ନିଭାଇ ଆସୁଥିବା ନମସ୍ୟା ନନ୍ଦିନୀ ଶତପଥୀ । ନନ୍ଦିନୀଦେବୀ ଏପରି ଜଣେ ବ୍ୟକ୍ତି ଥିଲେ ଯାହାକି ତାଙ୍କର ବ୍ୟକ୍ତିତ୍ୱ ବହୁଧା ଧାରାରେ ପ୍ରକାଶିତ ହେଉଥିଲା । ସେ ଏକାଧାରାରେ ଜଣେ ରାଷ୍ଟ୍ରନୀତିଜ୍ଞ, ସାହିତ୍ୟିକ, ସମାଜସେବୀ ଥିଲେ । ସବୁଥିରେ ତାଙ୍କର ସଫଳତା ପ୍ରାପ୍ତି ହୋଇଅଛି । ଯାହାକି ସମ୍ଭବ ହୋଇପାରିଛି, ତାଙ୍କର ନିରବଚ୍ଛିନ୍ନ ସାଧାନା ଫଳରେ । ନନ୍ଦିନୀଦେବୀଙ୍କରଭାଷାରେ ସାଧନାର ଫଳ ଆପେ ଆପେ ଆସିଥାଏ ।

ସାଂସ୍କୃତିକ ସାହିତ୍ୟିକ ପରିବାରର ଦାୟାଦ ହୋଇଥିବାରୁ ନନ୍ଦିନୀଦେବୀଙ୍କ ଉପରେ ପିଲାଦିନରୁ ବାପା ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଦାଦା ଭଗବତୀଚରଣ ପାଣିଗ୍ରାହୀଙ୍କର ପ୍ରଭାବ ପଡ଼ିଥିଲା । ଜୀବନରେ ବହୁ ଉଚ୍ଚପଦରେ ଥାଇ ମଧ୍ୟ ନନ୍ଦିନୀଦେବୀ ସାହିତ୍ୟ ସାଧନାକୁ କଦାପି ଭୁଲି ପାରିନଥିଲେ ।

[୧୨୬] ଡକ୍ଟର ବାଉରୀବନ୍ଧୁ କର, ଓଡ଼ିଆ ସାହିତ୍ୟ ଇତିହାସରେ ଓଡ଼ିଆ ଅନୁବାଦ ସାହିତ୍ୟ, କିତାବ ମହଲ, କଟକ-୧୯୮୯

ନନ୍ଦିନୀ ଶତପଥୀଙ୍କର ସାରସ୍ୱତ ସାଧନା କିମ୍ବା ସାହିତ୍ୟିକ ବ୍ୟକ୍ତିତ୍ୱ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇପାରେ ।

ପ୍ରଥମଟି - ସୃଷ୍ଟିଧର୍ମୀ ସାହିତ୍ୟ ରଚନା

ଦ୍ୱିତୀୟଟି - ଅନୁବାଦ ସାହିତ୍ୟ

ପ୍ରଥମତଃ, ସୃଷ୍ଟିଧର୍ମୀ ସାହିତ୍ୟ ରଚନାରେ ନନ୍ଦିନୀଦେବୀ ନିଜେ ନିଜର ଭାବ ଓ ଭାଷା ମାଧ୍ୟମରେ ସାହିତ୍ୟକୁ ଜୀବନ୍ୟାସ କରିଅଛନ୍ତି । ଏଠାରେ ମୁଖ୍ୟତଃ ତାଙ୍କର ରଚନାଶୈଳୀ - ଗଳ୍ପ ସଂକଳନ "କେତୋଟି କଥା", "ସପ୍ତଦଶୀ" ଏବଂ କବିତା ସଂକଳନ "ଉତ୍ତର ପୁରୁଷ" ରହିଅଛି ।

ଦ୍ୱିତୀୟତଃ, ଅନୁବାଦ ସାହିତ୍ୟ । ଏହି ସାହିତ୍ୟରେ ନନ୍ଦିନୀଦେବୀ ଥିଲେ ସିଦ୍ଧହସ୍ତା ।

କୃଷ୍ଣ କୃପାଳିନୀଙ୍କର - "ଗାନ୍ଧି କଥାମୃତ"

ଅମୃତାପ୍ରୀତମ୍‌ଙ୍କର - "ରେଭିନ୍ୟୁ ଟିକେଟ"

ତସଲିମା ନାସରିନ୍‌ଙ୍କର - "ଲଜ୍ଜା"

ମହାଶ୍ୱେତାଦେବୀଙ୍କର - "ନିର୍ବାଚିତ ଗଳ୍ପ"

## କୃଷ୍ଣ କ୍ରିପାଳିନୀଙ୍କର "ଗାନ୍ଧୀ କଥାମୃତ"

କେନ୍ଦ୍ର ସାହିତ୍ୟ ଏକାଡେମୀର ତତ୍‌କାଳୀନ ସଚିବ କୃଷ୍ଣ କ୍ରିପାଳିନୀଙ୍କର 'ଅଲ୍‌ମେନ୍ ଆର୍ ବ୍ରଦର୍ସ'ରୁ ନନ୍ଦିନୀ ଶତପଥୀ ଓଡ଼ିଆ ଅନୁବାଦ କରିଥିଲେ "ଗାନ୍ଧୀ କଥାମୃତ" । ଗାନ୍ଧୀ କଥାମୃତକୁ କେନ୍ଦ୍ର ସାହିତ୍ୟ ଏକଡେମୀ ୧୯୭୦ ମସିହାରେ ପ୍ରକାଶିତ କରିଥିଲା । ଜାତିର ଜନକ 'ମହାତ୍ମାଗାନ୍ଧୀ'ଙ୍କର ନିଜ ଭାଷାରେ ଓ ତାଙ୍କରି ଜୀବନୀ ଓ ଚିନ୍ତା ଗାନ୍ଧୀ କଥାମୃତର ମୁଖ୍ୟ କଥାବସ୍ତୁ । ନନ୍ଦିନୀଦେବୀ ଏଥିରେ ମୁଖ୍ୟତଃ ମହାତ୍ମାଗାନ୍ଧୀଙ୍କର ଆତ୍ମଜୀବନୀ ସମ୍ପର୍କୀୟ, ଧର୍ମ ଓ ସତ୍ୟ, ସାଧନ ଓ ସାଧ୍ୟ, ଅହିଂସା, ଆତ୍ମଶୋଧନ, ଆନ୍ତର୍ଜାତୀୟ ଶାନ୍ତି, ମଣିଷ ଓ ଯନ୍ତ୍ର, ପ୍ରାଚୁର୍ଯ୍ୟ ମଧ୍ୟରେ ଦାରିଦ୍ର୍ୟ, ଗଣତନ୍ତ୍ର ଓ ଜନତା, ଶିକ୍ଷା, ନାରୀ, ବିବିଧ, ଆଦି ବାରଗୋଟି ଅଧ୍ୟାୟରେ ବିଭକ୍ତି କରି ଅନୁବାଦ ମାଧ୍ୟମରେ ଓଡ଼ିଶାର ପାଠକ ଓ ପାଠିକାଙ୍କର ନିକଟରେ ଉପସ୍ଥାପିତ କରିଅଛନ୍ତି ।

ବିଶ୍ୱକୁ ନୂତନ କରି ଶିଖାଇବାର ମୋର କିଛି ହିଁ ନାହିଁ
ସତ୍ୟ ଓ ଅହିଂସା ଶାଶ୍ୱତ ଓ ଚିରନ୍ତନ । *-ମୋହନଦାସ କରମଚାନ୍ଦ ଗାନ୍ଧୀ*

## (୧) ମହାତ୍ମାଗାନ୍ଧୀଙ୍କ ଆତ୍ମଜୀବନୀ ସମ୍ପର୍କୀୟ :-

ଆତ୍ମଜୀବନୀ ସମ୍ପର୍କରେ ମହାତ୍ମାଗାନ୍ଧୀ କହିଥିଲେ, ଆତ୍ମଜୀବନୀ ଲେଖିବା ମୋର ଅଭିପ୍ରାୟ ନୁହେଁ । ସତ୍ୟର ଯେଉଁ ଅସଂଖ୍ୟ ପରଖ ମୁଁ କରିଅଛି କେବଳ ସେହି କଥାଗୁଡ଼ିକୁ ମୁଁ କହିବାକୁ ଚାହେଁ; ଯେହେତୁ ଏହି ପରୀକ୍ଷାଗୁଡ଼ିକ ବ୍ୟତୀତ ମୋର ଜୀବନରେ ଅନ୍ୟକିଛି ନାହିଁ । ତେଣୁ ଏହି କଥାଗୁଡ଼ିକୁ ଆତ୍ମଜୀବନୀର ରୂପ ଗ୍ରହଣ କରିବା ସ୍ୱାଭାବିକ । ରାଜନୈତିକ କ୍ଷେତ୍ରରେ ମୋର ପରୀକ୍ଷାଗୁଡ଼ିକୁ ଭାରତ ନୁହେଁ, ଅନ୍ୟ ଦେଶରେ ମଧ୍ୟ ଜଣାଶୁଣା । ସେସବୁର ମୂଲ୍ୟ ମୋ ପାଇଁ କିଛି ନୁହେଁ । ମୋତେ ଯେଉଁ ମହାତ୍ମା ପଦବୀ ମିଳିଛି, ତାହାର ମୂଲ୍ୟ ମଧ୍ୟ ମୋ ପାଖରେ ଆହୁରି କମ୍ । ଏହି ପଦବୀ ମୋତେ ଅନେକ ସମୟରେ ଦୁଃଖ ଦେଇଛି । କଦାପି ସୁଖ ପ୍ରଦାନର ମୁଁ ଅନୁଭବ କରିପାରୁନାହିଁ ।

ଗାନ୍ଧିଜୀଙ୍କର ପିତା ଗାନ୍ଧିଜୀଙ୍କୁ ସତ୍ୟବାଦୀ, ସାହସୀ ଓ ଉଦାର ହେବାପାଇଁ ପରାମର୍ଶ ଦେଉଥିଲେ । ଗାନ୍ଧିଜୀଙ୍କର ମାଆ ତାଙ୍କ ମନରେ ଯେଉଁ ବଡ଼ ଦାଗ ରଖିଯାଇଛନ୍ତି, ତାହା ହେଉଛି-ସାଧୁତା । ତାଙ୍କର ମାଆ ଗଭୀର ଧର୍ମପରାୟଣା ଥିଲେ । ପ୍ରତିଦିନ ପ୍ରାର୍ଥନା ଶେଷ ହେବା ପର୍ଯ୍ୟନ୍ତ ସେ ଭୋଜନ ପାଇଁ ଚିନ୍ତା କରୁନଥିଲେ । ତାଙ୍କର ଦେହ ଖରାପ ଥିଲେ ମଧ୍ୟ ସେ ତାଙ୍କର ବ୍ରତ ପାଳନକୁ କୋହଳ କରୁନଥିଲେ ।

ଗାନ୍ଧୀ ପୋରବନ୍ଦରରେ ଜନ୍ମଗ୍ରହଣ କରିଥିଲେ । ପୋରବନ୍ଦରରେ ତାଙ୍କର ପ୍ରାଥମିକ ଶିକ୍ଷା ସମାପ୍ତ କରିଥିଲେ । ତେର ବର୍ଷ ବୟସରେ ଗାନ୍ଧିଜୀ ବିବାହ କରିଥିଲେ । ନିଜର କାର୍ଯ୍ୟ କ୍ଷମତା ପ୍ରତି ଗାନ୍ଧିଜୀଙ୍କର ଉଚ୍ଚ ସମ୍ମାନ ନଥିଲା । ଗାନ୍ଧିଜୀ ନାରୀଙ୍କୁ ସହିଷ୍ଣୁତାର ପ୍ରତିମୂର୍ତ୍ତି ବୋଲି ବିଚାର କରୁଥିଲେ । ଅଠର ବର୍ଷ ବୟସରେ ଗାନ୍ଧିଜୀ ଲଣ୍ଡନ ଯାଇଥିଲେ । ୧୮୯୧ ଜୁନ୍‌ମାସ ୧୦ ତାରିଖରେ ଗାନ୍ଧିଜୀ ଓକିଲାତି ପାସ୍ କରି ଓକିଲ ଭାବରେ କାର୍ଯ୍ୟରେ ଯୋଗଦାନ କରିଥିଲେ ।

'ଗାନ୍ଧିଜୀଙ୍କ ଭାଷାରେ ଯେଉଁ ଦମ୍ପତ୍ତି ସେମାନଙ୍କର ନିଜର କାମବାସନା ଚରିତାର୍ଥ କରିବା ଉଦ୍ଦେଶ୍ୟରେ କେବେ ହିଁ ଯୌନସମ୍ପର୍କ କରିବେ ନାହିଁ । ସେମାନେ ଏହା କେବଳ ସନ୍ତାନ ଇଚ୍ଛା କରୁଥିବା ସମୟରେ କରିବେ । ଶୟନ ଓ ଭୋଜନ ପରି ଯୌନକ୍ରିୟା ମଧ୍ୟ ଏକ ଆବଶ୍ୟକୀୟ ସ୍ୱାଧୀନ କାର୍ଯ୍ୟ ବୋଲି ବିଶ୍ୱାସ କରିବା ଏକ ଚରମ ଅଜ୍ଞତା ବୋଲି ଗାନ୍ଧିଜୀ କହିଥିଲେ ।'[୧୨୭]

[୧୨୭] (ଅନୁ) ନନ୍ଦିନୀ ଶତପଥୀ, ଗାନ୍ଧୀ କଥାମୃତ, କେନ୍ଦ୍ର ସାହିତ୍ୟ ଏକାଡେମୀ-୧୯୭୦, ପୃ-୩୦

ଗାନ୍ଧିଜୀ ନିଜର ଯୌବନାବସ୍ଥାରୁ ଆଜି ପର୍ଯ୍ୟନ୍ତ ଧର୍ମଶାସ୍ତ୍ରଗୁଡ଼ିକର ମୂଲ୍ୟକୁ ନୈତିକ ଶିକ୍ଷା ଭିତ୍ତିରେ ନିରୂପଣ କରିବାର କଳା ଶିଖିଆସିଲି, ଅଲୌକିକ ଘଟଣା ପ୍ରତି ମୋର ଆଗ୍ରହ ନାହିଁ ।

ଗାନ୍ଧିଜୀଙ୍କ ମତରେ ଯିଶୁଖ୍ରୀଷ୍ଟ ଅନ୍ୟମାନଙ୍କ ପରି ଜଣେ ମହାନ୍ ବିଶ୍ୱଗୁରୁ । ତାଙ୍କ ସମୟରେ ଭକ୍ତମାନଙ୍କ ପାଇଁ ନିଃସନ୍ଦେହରେ ସେ ଈଶ୍ୱରଙ୍କର ଏକମାତ୍ର ଜନ୍ମିତ ପୁତ୍ର ।

## (୨) ମହାତ୍ମାଗାନ୍ଧୀଙ୍କର ଭାଷାରେ ଧର୍ମ ଓ ସତ୍ୟ :-

'ଧର୍ମ କହିଲେ ଆନୁଷ୍ଠାନିକ ଧର୍ମ କିମ୍ବା ଗତାନୁଗତିକ ଧର୍ମକୁ ବୁଝାଏ ନାହିଁ । ଯେଉଁ ଧର୍ମ ସବୁଧର୍ମର ମୂଳଭିତ୍ତି ସ୍ୱରୂପ, ଯାହା ଆମକୁ ଆମର ସ୍ରଷ୍ଟା ସହିତ ମୁହାଁମୁହିଁ କରିଦିଏ ତାହାକୁ ମୁଁ ଧର୍ମବୋଲି ବୁଝିଥାଏ ।'[୧୨୮] ଯେଉଁ ଧର୍ମ ହିନ୍ଦୁବାଦରେ ଗଠିତ, ଯାହା ମଣିଷ ପ୍ରକୃତିକୁ ପରିବର୍ତ୍ତନ କରେ, ଯାହା ମଣିଷକୁ ତା'ର ଅନ୍ତରର ସତ୍ୟ ସହିତ ଆଚ୍ଛୋଦ ବନ୍ଧନରେ ଆବଦ୍ଧ କରେ, ଯାହା ମଣିଷକୁ ଚିର ପବିତ୍ର କରେ ସେହି ଧର୍ମକୁ ମୁଁ ଆଦର କରେ । ତାହା ହେଉଛି - ମାନବ ପ୍ରକୃତିସ୍ଥ ସ୍ଥାୟୀ ମୌଳିକ ଉପାଦାନ; ଯାହାକି ପୂର୍ଣ୍ଣ ରୂପରେ ପ୍ରକାଶିତ ହେବାପାଇଁ ଯେତେବଡ଼ କଷ୍ଟକର ହେଉ ପଛେ, ତାହାକୁ ଖାତିର କରେନାହିଁ ଏବଂ ଆତ୍ମା ତା' ନିଜକୁ ଖୋଜି ନ ପାଇଲା ପର୍ଯ୍ୟନ୍ତ, ସ୍ରଷ୍ଟାଙ୍କୁ ନ ଜାଣିଲା ପର୍ଯ୍ୟନ୍ତ ଏବଂ ସ୍ରଷ୍ଟା ଓ ମାନବ ଭିତରେ ପ୍ରକୃତ ଯୋଗସୂତ୍ର କ'ଣ ତାହା ନ ବୁଝିବା ପର୍ଯ୍ୟନ୍ତ ଯାହା ତାଙ୍କୁ (ଆତ୍ମାକୁ) ଭୟଙ୍କର ଅସ୍ଥିର କରୁଥାଏ ।

ଗାନ୍ଧିଜୀଙ୍କର ବିଚାରରେ-ଭଗବାନ ହିଁ ସତ୍ୟ ଓ ପ୍ରେମ । ଭଗବାନ ହିଁ ନୀତିଶାସ୍ତ୍ର ଓ ନୈତିକତା । ଭଗବାନ ହେଉଛନ୍ତି ଆଲୋକ ଓ ଜୀବନର ମୂଳସୂତ୍ର । ତାହାହେଲେ ମଧ୍ୟ ସେ ସବୁର ଊର୍ଦ୍ଧ୍ୱସ୍ଥ ଓ ଅତୀତ । ଭଗବାନ ହେଉଛନ୍ତି ଅତୀତ ଏବଂ ବିବେକ ।

'ଏକ ଓ ଅଦ୍ୱିତୀୟ ଭଗବାନଙ୍କ ଉପରେ ବିଶ୍ୱାସ କରିବା ସବୁ ଧର୍ମର ମୂଳପିଣ୍ଡ । କିନ୍ତୁ ପୃଥିବୀର ଭବିଷ୍ୟତରେ ଯେ ଗୋଟିଏ ମାତ୍ର ଧର୍ମ କେବେ ପାଳିତ ହେଉଥିବ, ଏପରି ମୁଁ ଦେଖୁନାହିଁ । ଭଗବାନ ଯେହେତୁ ଏକ ତେଣୁ ତତ୍ତ୍ୱ ଦୃଷ୍ଟିରୁ ଦେଖିଲେ ଗୋଟିଏ ମାତ୍ର ଧର୍ମ ରହିପାରେ । କିନ୍ତୁ ଆଚାରମନରେ ଦେଖିଲେ କୌଣସି ଦୁଇଟି ବ୍ୟକ୍ତିଙ୍କର ଭଗବାନଙ୍କ ସମ୍ପର୍କରେ ଧାରଣା ସମାନ ଥିବାରୁ ମୁଁ ଜାଣେ ନାହିଁ । ସେଥିପାଇଁ ବୋଧହୁଏ ବିଭିନ୍ନ ମନୋବୃତ୍ତି ଓ ବିଭିନ୍ନ ଜଳବାୟୀ ଅନୁସାରେ ସବୁବେଳେ ବିଭିନ୍ନ ଧର୍ମ ରହିବ ।'[୧୨୯]

[୧୨୮] ତତ୍ରୈବ, ପୃ-୮୦
[୧୨୯] ତତ୍ରୈବ, ପୃ-୧୦୨

ନିର୍ମଳ ସତ୍ୟ ଦୃଷ୍ଟିରୁ ଆମର ଶରୀର ମଧ୍ୟ ଆମର ଗୋଟିଏ ଅଧିକାର । ଯଥାର୍ଥରେ କୁହାଯାଉଛି ଯେ, ଭୋଗର କାମନା ଯୋଗୁଁ ଆତ୍ମା ପାଇଁ ଶରୀର ସୃଷ୍ଟି ହୋଇଛି । ଯେତେବେଳେ ଏହି କାମନାର ବିଲୋପ ହେବ, ସେତେବେଳେ ଶରୀରର ଆଉ ଆବଶ୍ୟକତା ରହିବ ନାହିଁ । ମଣିଷ ଜନ୍ମ-ମରଣର ବାତଚକ୍ରରୁ ମୁକ୍ତ ହେବ । ଆତ୍ମ ସର୍ବତ୍ର ବିଦ୍ୟମାନ । ସେ କାହିଁକି ଦେହ ଓ ପିଞ୍ଜରା ଭିତରେ ଆବଦ୍ଧ ହେବାକୁ କିମ୍ବା ମନ୍ଦ କାର୍ଯ୍ୟ କରିବାକୁ ଏହିପରି ଭାବରେ ଆମେ ମାନେ ସମଗ୍ର ତ୍ୟାଗର ଆଦର୍ଶରେ ଉପନୀତ ହେଉ ଓ ଶରୀର ଥିବା ପର୍ଯ୍ୟନ୍ତ ସେବା ଉଦ୍ଦେଶ୍ୟରେ ତାହାକୁ ବ୍ୟବହାର କରିବାକୁ ଶିକ୍ଷା କରୁ । ମନର ଏ ପ୍ରକାରର ଭାବ ପ୍ରକୃତ ସୁଖ ଆଣିଦିଏ । ଏବଂ ସମୟର ପୂର୍ଣ୍ଣତାରେ ସୁଖର କଳ୍ପନା ଦେଖାଦେଇଥାଏ ।

ସତ୍ୟ କ'ଣ ? ଏହା ଏକ ଜଟିଳ ପ୍ରଶ୍ନ । କିନ୍ତୁ ଏକଥା କହି ମୁଁ ମୋ ପାଇଁ ଏ ପ୍ରଶ୍ନଟିର ସମାଧାନ କରିଅଛି । ସତ୍ୟ ହେଉଛି ଯାହା ତୁମ ଅନ୍ତରର ବାଣୀ, ତୁମକୁ କହେ । ମଣିଷର ମନ ମଧ୍ୟରେ ଅଂସଖ୍ୟ ମାଧ୍ୟମ ଦେଇ କାମ ଚାଲୁଥିବାରୁ ଏବଂ ମନର ବିବର୍ତ୍ତନ ସମସ୍ତଙ୍କର ନିକଟରେ ସମାନ ହୋଇଥିବାରୁ ବୁଝାଯାଏ ଯାହା ଜଣକ ପାଇଁ ସତ୍ୟ ତାହା ଅନ୍ୟଜଣକ ପାଇଁ ଅସତ୍ୟ ହୋଇପାରେ ।

## (୩) ମହାତ୍ମାଗାନ୍ଧୀଙ୍କ ବିଚାରରେ ସାଧନା ଓ ସାଧ୍ୟ :-

ସାଧନା ଓ ସାଧ୍ୟ, ଏହି ଦୁଇଟି ଶବ୍ଦ ମହାତ୍ମାଗାନ୍ଧୀଙ୍କର ଜୀବନଦର୍ଶନରେ ଏକାର୍ଥବୋଧକ ।

'ଲୋକେ କୁହନ୍ତି- ସାଧନାଗୁଡ଼ିକ ସର୍ବୋପରି କେବଳ ସାଧନ ଛଡ଼ା ଅନ୍ୟ କିଛି ନୁହେଁ । ମୁଁ କହିବି ସାଧନା ହିଁ ସର୍ବୋପରି ସବୁକିଛି । ସାଧନା ଯେପରି ହେବ, ସାଧ୍ୟ ସେହିପରି ହେବ । ସାଧନା ଓ ସାଧ୍ୟକୁ ପୃଥକ କରିବା ପାଇଁ କୌଣସି ପ୍ରାଚୀର ନାହିଁ । ବାସ୍ତବିକ ସ୍ରଷ୍ଟା ଆମ୍ଭଙ୍କୁ ସାଧନାର ଅଧିକାର ଦେଇଛନ୍ତି । ସାଧନାର ଫଳ ଉପରେ କୌଣସି ଅଧିକାର ଦେଇନାହାନ୍ତି । ସାଧନାର ଠିକ୍ ଅନୁପାତ ଅନୁସାରେ ଆମର ଲକ୍ଷ୍ୟ ହାସଲ ହୋଇଥାଏ । ଏହି ଉକ୍ତିରେ କୌଣସି ବ୍ୟତିକ୍ରମ ହୁଏନାହିଁ ।

ଅହିଂସା ଓ ସତ୍ୟ ପରସ୍ପର ସହିତ ଏପରି ଭାବରେ ମିଶ୍ରିତ ଯେ ସେ ଦୁଇଟିକୁ ବିକ୍ରୟ କରିବା ଏକାବେଳକେ ଅସମ୍ଭବ । ସେ ଦୁଇଟିକୁ ଗୋଟିଏ ମୁଦ୍ରାର ଦୁଇପାଖ ବୋଲି କୁହାଯାଇପାରେ । କେଉଁଠି ସିଧାପାଖ ଓ କେଉଁଠି ଓଲଟା ପାଖ କିଏ କହିପାରିବ ? ସେ ଯାହାହେଉନା କାହିଁକି,

ଅହିଂସା ହେଉଛି ସାଧନା ଆଉ ସତ୍ୟ ହେଉଛି ସାଧ୍ୟ । ସାଧନାଟି ସଦାବେଳେ ଆମ ହାତପାଆନ୍ତାରେ ଥିବା ଉଚିତ । ତେଣୁ ଅହିଂସା ହେଉଛି ଆମର ପରମ କର୍ତ୍ତବ୍ୟ । ଆମେ ଯଦି ସାଧନାଟି ଯତ୍ନ ସହକାରେ କରିବା, ତାହେଲେ ଶୀଘ୍ର ହେଉ କିମ୍ବା ବିଳମ୍ବରେ ହେଉ ଆମେ ଆମର ସାଧ୍ୟରେ ନିଶ୍ଚିତ ଉପନୀତ ହେବା । ଆମ୍ଭେ ଏହି ବିଷୟଟିକୁ ଥରେ ହୃଦୟଙ୍ଗମ କଲେ ଆମ୍ଭର ଚରମ ବିଜୟ ନିଃସନ୍ଦେହ ।'[୧୩୦]

'ସାଧନା ଓ ସାଧ୍ୟ ମଧ୍ୟରେ କୌଣସି ସମ୍ପର୍କ ନାହିଁ ବୋଲି ତୁମର ଯେଉଁ ବିଶ୍ୱାସ ରହିଛି, ତାହା ଏକ ବିରାଟ ଭୁଲ । ଏପରିକି ଯେଉଁ ବ୍ୟକ୍ତିମାନେ ଧାର୍ମିକ ବୋଲି ପରିଚିତ, ସେମାନେ ମଧ୍ୟ ଏହି ଭୁଲ୍ କରିଆରେ ସାଂଘାତିକ ଅପରାଧ ମାନ କରିଅଛନ୍ତି । କୌଣସି ବିଷାକ୍ତ ଲତା ପୋତିଦେଲେ ସେଥିରୁ ଗୋଲାପ ଫୁଲ ଫୁଟିବ କହିବା ଯାହା, ତୁମର ଯୁକ୍ତି ମଧ୍ୟ ସେହି ଧରଣର । "ଯେପରି ଭଗବାନ ସେହିପରି ଭକ୍ତ ।" - ଏହି ସତ୍ୟ ଉକ୍ତିକୁ ବିଚାରିବା ଉଚିତ । ଏହାର ଅର୍ଥକୁ କଦର୍ଥ କରାଯାଇଛି ଏବଂ ଲୋକେ ଭୁଲ୍ ବାଟରେ ପରିଚାଳିତ ହେଉଛନ୍ତି । ସାଧନାକୁ ମଞ୍ଜି ଓ ସାଧ୍ୟକୁ ଗଛ ସହିତ ତୁଳନା କରାଯାଇପାରେ । ମଞ୍ଜି ଓ ଗଛ ମଧ୍ୟରେ ଯେଉଁ ସମ୍ପର୍କ, ସାଧ୍ୟ ଓ ସାଧନା ମଧ୍ୟରେ ଅବିକଳ ସେହି ଅବିଚ୍ଛେଦ୍ୟ ସମ୍ପର୍କ ରହିଛି ।'[୧୩୧]

## (୪) ମହାତ୍ମାଗାନ୍ଧୀଙ୍କର ଅହିଂସା :-

'ଅହିଂସା ମାନବ ଜାତି ପାଇଁ / ହାତରେ ସର୍ବବୃହତ ଶକ୍ତି । ମଣିଷର ଚାତୁର୍ଯ୍ୟ ଓ କୌଶଳ ଦ୍ୱାରା ନିର୍ମିତ ସବୁଠାରୁ ଶକ୍ତିଶାଳୀ ଧ୍ୱଂସକାରୀ ଅସ୍ତ୍ର ଅପେକ୍ଷା ଏହା ଅଧିକ ଶକ୍ତିଶାଳୀ । ଧ୍ୱଂସ ମାନବୀୟ ନିୟମ ନୁହେଁ । ଯଦି ଆବଶ୍ୟକ ହୁଏ, ତାହାହେଲେ ନିଜ ଭାଇ ହାତର ପ୍ରାଣ ଦେବାପାଇଁ ପ୍ରସ୍ତୁତ ଥାଇ ମଣିଷ ମୁକ୍ତ ଭାବରେ ଜୀବନ ଧାରଣ କରିପାରେ, କିନ୍ତୁ ତାକୁ ହତ୍ୟାକରି ନୁହେଁ । ଯେଉଁ କାରଣ ପାଇଁ ହେଉନା କାହିଁକି, ଅନ୍ୟର ହତ୍ୟା କିମ୍ବା ଅନ୍ୟ କୌଣସି ପ୍ରକାର କ୍ଷତିସାଧନ କରିବା ମଣିଷ ଜାତି ବିରୁଦ୍ଧରେ ଏକ ଅପରାଧ ।'[୧୩୨]

ଜୀବନରେ ପ୍ରତ୍ୟେକ ବିଭାଗରେ ସମ୍ପୂର୍ଣ୍ଣ ନ୍ୟାୟ ପାଳନ ହେଉଛି-ଅହିଂସାର ପ୍ରଥମ ସର୍ତ୍ତ । ହିଂସାତ୍ମକ ତାଲିମ୍‌ରେ ଯେପରି ବ୍ୟକ୍ତିକୁ ହତ୍ୟା କରିବାର କଳା ଶିକ୍ଷା କରିବାକୁ ହୁଏ, ସେହିପରି

[୧୩୦] ତତ୍ରୈବ, ପୃ-୧୧୭
[୧୩୧] ତତ୍ରୈବ, ପୃ-୧୧୮
[୧୩୨] ତତ୍ରୈବ, ପୃ-୧୨୨

ଅହିଂସାତ୍ମକ ତାଲିମରେ ଯେପରି ବ୍ୟକ୍ତିକୁ ହତ୍ୟା କରିବାର କଳା ମଧ୍ୟ ବ୍ୟକ୍ତିକୁ ମାରିବାର କଳା ଶିକ୍ଷା କରିବାକୁ ପଡ଼ିବ । ଅହିଂସାର ଉପାସକଙ୍କୁ ଭୟରୁ ମୁକ୍ତ ହେବା ପାଇଁ ସର୍ବଶ୍ରେଷ୍ଠ ଧରଣର ବଳିଦାନ ପାଇଁ ଶକ୍ତି ଆହରଣ କରିବାକୁ ପଡ଼ିଥାଏ । ଯେ ସମସ୍ତ ପ୍ରକାରର ଭୟକୁ ଜୟ ନ କରିଛି, ସେ ପରିପୂର୍ଣ୍ଣ ଅହିଂସା ପାଳନ କରିପାରିବ ନାହିଁ । ଅହିଂସା ଉପାସକର ଗୋଟିଏ ମାତ୍ର ଭୟ ଥାଏ, ତାହା ହେଉଛି- ଈଶ୍ୱର ଭୟ ।

ଆମ୍ଭମାନଙ୍କୁ ଯେଉଁମାନେ ଭଲ ପାଆନ୍ତି, ଆମେ ଯଦି କେବଳ ସେହିମାନଙ୍କୁ ଭଲ ପାଇବା, ତାହେଲେ ତାହ ଅହିଂସା ନୁହେଁ । ଆମ୍ଭମାନଙ୍କୁ ଯେଉଁମାନେ ଘୃଣା କରନ୍ତି, ସେମାନଙ୍କୁ ମଧ୍ୟ ଯଦି ଆମେ ଭଲ ପାଇବା, ତାହେଲେ ତାହା ଅହିଂସା ହେବ ।

ମହାତ୍ମାଗାନ୍ଧୀ ଦେଖିଛନ୍ତି ଯେ, ଧ୍ୱଂସ ମଧ୍ୟରେ ସୁଦ୍ଧ ଜୀବନ ତିଷ୍ଠି ରହିଛି । ଏବଂ ସେଥିପାଇଁ ଧ୍ୱଂସର ନିୟମ ଅପେକ୍ଷା ଆହୁରି ଗୋଟିଏ ଉଚ୍ଚତର ନିୟମ ନିଶ୍ଚିତ ରହିଅଛି ।

ଧର୍ମ-ପ୍ରବର୍ତ୍ତକ ଓ ଅବତାରମାନେ ମଧ୍ୟ ଅଳ୍ପେ ବହୁତେ ଅହିଂସାର ଶିକ୍ଷା ଦେଇଛନ୍ତି । ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ହିଂସାର ଶିକ୍ଷା ଦେଇନାହାନ୍ତି । ତା'ଛଡ଼ା ଅନ୍ୟଥା ବା କିପରି ହୁଅନ୍ତା । ହିଂସା ଶିକ୍ଷାଇବାର ଆବଶ୍ୟକତା ନାହିଁ । ମଣିଷ ଗୋଟିଏ ପ୍ରାଣୀ ହିସାବରେ ହିଂସ୍ର କିନ୍ତୁ ଆତ୍ମା ହିସାବରେ ଅହିଂସ ।

ଅହିଂସା ଏପରି ଗୋଟିଏ ଶକ୍ତି, ଯାହାକୁ କି ଆବାଳ ବୃଦ୍ଧ ବନିତା ସମସ୍ତେ ସମାନ ଭାବରେ ବ୍ୟବହାର କରିପାରିବେ । କିନ୍ତୁ ସେମାନଙ୍କର ପ୍ରେମମୟ ଭଗବାନଙ୍କ ଉପରେ ଜୀବନ୍ତ ବିଶ୍ୱାସ ଥିବା ଉଚିତ । ଏବଂ ସେହି କାରଣରୁ ସବୁ ମଣିଷଙ୍କ ପ୍ରତି ସମାନ ପ୍ରେମ ଥିବା ଆବଶ୍ୟକ । ଯେତେବେଳେ ଅହିଂସା ଜୀବନର ନିୟମ ଭାବରେ ଗୃହୀତ ହୁଏ, ସେତେବେଳେ ତାହାର ସମଗ୍ର ସତ୍ତାରେ ବ୍ୟାପ୍ତ ହୋଇଯିବ ଏବଂ ଏଠି ସେଠି କେତେକ ବିଚିତ୍ରମୟ କାର୍ଯ୍ୟରେ ପ୍ରଯୁକ୍ତ ହେବନାହିଁ ।

ଅହିଂସାକୁ ଏକ ବଳିଷ୍ଠ ଶକ୍ତିରେ ପରିଣତ କରିବାକୁ ହେଲେ ତାହା ମନ ଭିତରୁ ଆରମ୍ଭ ହେବା ଉଚିତ । ମନର ସହଯୋଗ ନଥାଇ କେବଳ ଦେହର ଅହିଂସା ହେଲେ, ତାହା ଦୁର୍ବଳର କିମ୍ବା ଭୀରୁର ଅହିଂସା ହୋଇଯିବ । ଏବଂ ସେଥିରେ ବଳିଷ୍ଠତା ନଥିବ ।

ଅହିଂସା ସହଜରେ ବୁଝିହେବା ଭଳି ବସ୍ତୁ ନୁହେଁ । ପାଳନ କରିବା ଆହୁରି କଷ୍ଟ । କାରଣ ଆମ୍ଭେମାନେ ଦୁର୍ବଳ । ଅହିଂସା ଓ ଭୀରୁତା ଏକ ସଙ୍ଗେ ଚାଲିପାରେ ନାହିଁ । ମୋର ଅହିଂସା ଧର୍ମ ଗୋଟିଏ ଅତ୍ୟନ୍ତ ସକ୍ରିୟ ଶକ୍ତି ଅଟେ । ଏଥିରେ ଭୀରୁତା କିମ୍ବା ଦୁର୍ବଳତା ପାଇଁ କୌଣସି ସ୍ଥାନ ନାହିଁ ।

## (୫) ଗାନ୍ଧୀ କଥାମୃତରେ ମହାତ୍ମାଗାନ୍ଧୀଙ୍କର ଆତ୍ମଶୋଧନ :-

'ସତ୍ୟତାର ପ୍ରକୃତ ଅର୍ଥ ପ୍ରୟୋଜନଗୁଡ଼ିକର ବୃଦ୍ଧି କରିବା ଉଚିତ ନୁହେଁ । ତା'ର ପ୍ରକୃତ ଅର୍ଥ ହେଉଛି, ସୁବିବେଚିତ ଓ ଇଚ୍ଛାକୃତ ଭାବରେ ପ୍ରୟୋଜନ ଗୁଡ଼ିକୁ ସୀମାବଦ୍ଧ କରିବା । ତାହାରି ଦ୍ୱାରା ହିଁ ପ୍ରକୃତ ସୁଖ ଓ ସନ୍ତୋଷ ମିଳିଥାଏ । ଏବଂ ସେଥିରୁ ସେବା ପାଇଁ ସାମର୍ଥ୍ୟ ବୃଦ୍ଧି ପାଏ ।'[୧୩୩]

'ନିର୍ଦ୍ଦିଷ୍ଟ ପରିମାଣରେ ଶାରୀରିକ ସମନ୍ୱୟ ଓ ସ୍ୱାଚ୍ଛନ୍ଦ୍ୟ ଆବଶ୍ୟକ, କିନ୍ତୁ ସେଥିରୁ ଅଧିକ ହେଲେ ତାହା ସାହାଯ୍ୟ ପରିବର୍ତ୍ତେ ବାଧାରେ ପରିଣତ ହୁଏ । ସେଥିପାଇଁ ଅଧିକ ସଂଖ୍ୟକ ପ୍ରୟୋଜନ ସୃଷ୍ଟି କରିବା ଏବଂ ସେ ସବୁକୁ ଚରିତାର୍ଥ କରିବାର ଆଦର୍ଶ ଗୋଟିଏ ପ୍ରବଞ୍ଚନା ଓ ପ୍ରଲୋଭନ ବୋଲି ମନେହୁଏ । ଜଣକର ଶାରୀରିକ ପ୍ରୟୋଜନ ଏପରିକି ତାହାର ସଂକୀର୍ଣ୍ଣ ସ୍ୱାର୍ଥପୂର୍ଣ୍ଣ ବୌଦ୍ଧିକ ପ୍ରୟୋଜନଗୁଡ଼ିକ ଅଧଃପତିତ ହୋଇ ଦୈହିକ ଓ ବୌଦ୍ଧିକ ଇନ୍ଦ୍ରିୟ ସୁଖରେ ପରିଣତ ହେବା ପୂର୍ବରୁ ଗୋଟିଏ ସ୍ଥାନରେ ସଂପୂର୍ଣ୍ଣ ଭାବରେ ବନ୍ଦ ହେବା ଉଚିତ ।'[୧୩୪]

ଗାନ୍ଧିଜୀଙ୍କ ମତରେ - ଆତ୍ମଶୋଧନ ହେଉଛି ଦେହ ଓ ମନ ମଧ୍ୟରେ ସମ୍ପର୍କ ଏପରି ଘନିଷ୍ଠ ଯେ, ଯଦି ସେଥିମଧ୍ୟରୁ କୌଣସି ଗୋଟିଏ ବିଗିଡ଼ିଯିବ, ତାହେଲେ ସାରା ବ୍ୟବସ୍ଥାଟି କ୍ଷତିଗ୍ରସ୍ତ ହେବ । ଏଥିରୁ ଜଣାଯାଉଛି ଯେ, ପ୍ରକୃତ ଅର୍ଥରେ ଯାହାକୁ ସ୍ୱାର୍ଥ କୁହାଯାଏ, ତାହାର ମୂଳ ହେଉଛି ଶୁଦ୍ଧ ଚରିତ୍ର । ଆମେ ଏକଥା କହିପାରୁ ଯେ, ସମସ୍ତ ମନ୍ଦଚିନ୍ତା ଓ ମନ୍ଦ କାମନା ରୋଗର ବିଭିନ୍ନ ରୂପ ଛଡ଼ା ଅନ୍ୟକିଛି ନୁହେଁ ।

ମୁଁ ଯେ ନ ରାଗେ, ତାହା ନୁହେଁ । ମୁଁ ରାଗକୁ ପ୍ରକାଶ କରେନାହିଁ । କ୍ରୋଧହୀନ ହୋଇ ମୁଁ ଧୈର୍ଯ୍ୟ ଅଭ୍ୟାସ କରେ । ଏବଂ ସାଧାରଣ ଭାବରେ କହିଲେ ମୁଁ ସେଥିରେ ସଫଳ ହୋଇଛି । କିନ୍ତୁ ଯେତେବେଳେ ରାଗ ଆସେ, ମୁଁ ତାକୁ ସେତେବେଳେ ନିୟନ୍ତ୍ରଣ କରେ । ନିଜର କର୍ମଫଳରୁ ରୋଗରୁ ଖସିଯିବା

[୧୩୩] ତତ୍ରୈବ, ପୃ-୧୫୫

[୧୩୪] ତତ୍ରୈବ, ପୃ-୧୫୫

ପାଇଁ ଚେଷ୍ଟା କରିବା ଭୁଲ ଓ ଅନୈତିକ । ଯେଉଁ ବ୍ୟକ୍ତି ଅତ୍ୟଧିକ ଭୋଜନ କରେ, ତା'ର ପେଟ ଗୋଳମାଳ ହେବ ଏବଂ ସେ ଉପବାସ କରିବା ମଙ୍ଗଳକର । ପ୍ରକୃତି ଅତ୍ୟନ୍ତ ନିଷ୍ଠୁର ଏବଂ ତା'ର ନିୟମକୁ ଲଂଘନ କଲେ ସେ ତା'ର ପୂର୍ଣ୍ଣ ପ୍ରତିଶୋଧ ନେବ । ନୈତିକ ସଂଯମରୁ ହିଁ ନୈତିକ ଫଳ ଉତ୍ପନ୍ନ ହୁଏ । ଅନ୍ୟ ସବୁ ପ୍ରକାରର ସଂଯମ ଯେଉଁ ଉଦ୍ଦେଶ୍ୟରେ କରାଯାଏ, ସେଥିରେ ସେହି ଉଦ୍ଦେଶ୍ୟ ବିଫଳ ହୋଇଥାଏ ।

ଗାନ୍ଧିଜୀଙ୍କ ମତରେ- ଅନ୍ୟକୌଣସି ବ୍ୟକ୍ତିର ଦୋଷ ଖୋଜିବା ଏବଂ ତା'ର ବିଚାରକ ସାଜିବା ଆମର କାମ ନୁହେଁ । କେବଳ ଆମ ନିଜକୁ ବିଚାର କରିବାରେ ଆମର ଶକ୍ତିକ୍ଷୟ ହେବା ଉଚିତ ।

କାମନା-ବାସନାଗୁଡ଼ିକ ବିଷୟରେ ଚିନ୍ତା କରନାହିଁ । ତୁମେ ଥରେ ଗୋଟିଏ ନିଷ୍ପତ୍ତିରେ ପହଞ୍ଚିଲା ପରେ ଆଉ ତାକୁ ବିଚାର କରନାହିଁ । ଥରେ ପ୍ରତିଜ୍ଞା କରିବାର ଅର୍ଥ ହେଉଛି-ଯେ ମନ ସେହି ପ୍ରତିଜ୍ଞା ବିଷୟରେ ଆଉ ଚିନ୍ତା କରିବ ନାହିଁ ।

ଅଭିଜ୍ଞତାରୁ ଗାନ୍ଧିଜୀ ଶିଖିଛନ୍ତି ଯେ, ସତ୍ୟର ଉପାସକ ପକ୍ଷରେ ନୀରବତା ଅବଲମ୍ବନ କରିବା ଆଧ୍ୟାତ୍ମିକ ଶୃଙ୍ଖଳା ପାଳନର ଅଂଶବିଶେଷ । ସତ୍ୟକୁ ଅତିରଂଜିତ କରିବା । ଇଚ୍ଛାକୃତ ବା ଅନିଚ୍ଛାକୃତ ଭାବରେ ସତ୍ୟକୁ ଗୋପନ ରଖିବା କିମ୍ବା ବୁଲାଇ ବଙ୍କେଇ କହିବା ବ୍ୟକ୍ତି ପକ୍ଷରେ ଏକ ସ୍ୱାଭାବିକ ଦୁର୍ବଳତା ଏବଂ ତାକୁ ଅତିକ୍ରମ କରିବା ପାଇଁ ନୀରବତା ଆବଶ୍ୟକ ।

ଭାବନାକୁ ଉପଭୋଗ କରିବା ଅପେକ୍ଷା ତାକୁ ଶରୀରରେ ଉପଭୋଗ କରିନେବା ଭଲ । ମନରେ ଇନ୍ଦ୍ରିୟ ଭୋଗ ଲାଳସା ଜାଗ୍ରତ ହେବା ମାତ୍ରେ ତାକୁ ପ୍ରଶ୍ରୟ ନଦେଇ ଦବାଇଦେବାକୁ ଚେଷ୍ଟା କରିବା ଉଚିତ । ଯଦି କୌଣସି ଦୈହିକ ଉପଭୋଗ ଅଭାବରେ ମନ ଉପଭୋଗର ଚିନ୍ତାରେ ମଗ୍ନ ରହେ ତା'ହେଲେ ଦେହର କ୍ଷୁଧାକୁ ସନ୍ତୁଷ୍ଟ କରିବା ଆବଶ୍ୟକ । ଯୌନ କାମନା ଗୋଟିଏ ସୁନ୍ଦର ଓ ଉଦାର ବସ୍ତୁ । ସେଥିରେ ଲଜ୍ଜିତ ହେବାର କିଛି ନାହିଁ । କିନ୍ତୁ ତାହା କେବଳ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ । ଅନ୍ୟ କୌଣସି ଉଦ୍ଦେଶ୍ୟରେ ଏହାର ବ୍ୟବହାର ଭଗବାନ ତଥା ମଣିଷ ଜାତି ବିରୁଦ୍ଧରେ ଗୋଟିଏ ପାପ ।

## (୬) ମହାତ୍ମାଗାନ୍ଧୀଙ୍କର ଆନ୍ତର୍ଜାତୀୟ ଶାନ୍ତି :-

'ଚତୁଃପାର୍ଶ୍ୱରେ ଲୋକ ଦୁଃଖ କଷ୍ଟ ଭୋଗୁଥିଲେ ଏବଂ ଜଣେ ବ୍ୟକ୍ତି ତା' ମଧ୍ୟରେ ଆଧ୍ୟାତ୍ମିକ ଉନ୍ନତି କରିପାରିବ; ଏଥିରେ ମୁଁ ବିଶ୍ୱାସ କରେନାହିଁ । ମୁଁ ଅଦ୍ୱୈତରେ ବିଶ୍ୱାସ କରେ । ମଣିଷର

ମୌଳିକ ଏକତ୍ୱ ଏବଂ ସେହି ହେତୁରୁ ସମସ୍ତ ଜୀବନ୍ତ ବସ୍ତୁର ଏକତ୍ୱରେ ମୋର ବିଶ୍ୱାସ ରହିଅଛି । ଏପରି କୌଣସି ଗୋଟିଏ ସଦ୍‌ଗୁଣ ନାହିଁ, ଯାହାକି ଜଣେ ମାତ୍ର ବ୍ୟକ୍ତିର କଲ୍ୟାଣ ପାଇଁ ସନ୍ତୁଷ୍ଟ ହୁଏ ।

ପ୍ରକୃତି ଦେହରେ ଯଦିଓ ବିକର୍ଷଣ ରହିଅଛି, ତାହା ଆକର୍ଷଣ ଦ୍ୱାରା ହିଁ ବଞ୍ଚିରହେ । ପାରସ୍ପରିକ ପ୍ରେମ ଯୋଗୁଁ ପ୍ରକୃତି କାର୍ଯ୍ୟ କରୁଥାଏ । ଧ୍ୱଂସକ୍ରିୟା ଦ୍ୱାରା ମଣିଷ ଜୀବନ ଧାରଣ କରେନାହିଁ । ଆତ୍ମ ପ୍ରେମ, ଅନ୍ୟମାନଙ୍କ ପ୍ରତି ସମ୍ମାନ ସୃଷ୍ଟି କରେ । ଦେଶରେ ବ୍ୟକ୍ତିମାନଙ୍କର ମଧ୍ୟରେ ପାରସ୍ପରିକ ସମ୍ମାନ ଥିବା ଯୋଗୁଁ ଦେଶଗୁଡ଼ିକ ସଂଲଗ୍ନ ଥାଆନ୍ତି । ଆମେ ଯେପରି ପାରିବାରିକ ନିୟମକୁ ସଂପ୍ରସାରିତ କରି ଗୋଟିଏ ଜାତି ଅର୍ଥାତ୍ ଗୋଟିଏ ବୃହତ୍ତର ପରିବାର ଗଠନ କରୁଛେ, ସେହିପରି ଦିନ ଆସିବ ଯେତେବେଳେ ଆମେ ଜାତୀୟ ନିୟମକୁ ସାରା ବିଶ୍ୱକୁ ସଂପ୍ରସାରିତ କରିବା । ସବୁ ମଣିଷ ସମାନ ଭାବରେ ନୈତିକ ନିୟମର ଅଧିନ ହୋଇଥିବାରୁ ମଣିଷ ଜାତି ଏକ ଓ ଅଭିନ୍ନ । ଭଗବାନଙ୍କର ଦୃଷ୍ଟିରେ ସବୁ ମଣିଷ ସମାନ । ଅବଶ୍ୟ ଗୋଷ୍ଠୀ, ପଦମର୍ଯ୍ୟାଦା ଓ ସେହିପରି ଅନ୍ୟାନ୍ୟ ବିଷୟରେ ଭେଦ ରହିଛି । କିନ୍ତୁ ଜଣେ ବ୍ୟକ୍ତିର ପଦମର୍ଯ୍ୟାଦା ଯେତେ ଉଚ୍ଚ, ତା'ର ଦାୟିତ୍ୱ ମଧ୍ୟ ସେତେ ବୃହତ୍ତ ।'[୧୩୫]

ମହାତ୍ମାଗାନ୍ଧୀଙ୍କର ମତରେ କୌଣସି ବ୍ୟକ୍ତି ପ୍ରଥମେ ଜଣେ ଜାତୀୟତାବାଦୀ ନହୋଇ ଆନ୍ତର୍ଜାତୀୟତାବାଦୀ ହୋଇଯିବା ଅସମ୍ଭବ । ଜାତୀୟବାଦ ଏକ ପ୍ରତିଷ୍ଠିତ ସତ୍ୟରେ ପରିଣତ ହେଲେ ଯାଇ ଅର୍ଥାତ୍ ଭିନ୍ନ ଭିନ୍ନ ଦେଶର ଲୋକେ ନିଜ ନିଜକୁ ଜଣେ ଜଣେ ବ୍ୟକ୍ତି ଭଳି କାର୍ଯ୍ୟ କରିବା ପାଇଁ ସକ୍ଷମ ହେଲେ ଯାଇ ଆନ୍ତର୍ଜାତୀୟବାଦ ସମ୍ଭବ ହେବ ।

ମୁଁ ଭାରତର ଜଣେ ବିନମ୍ର ସେବକ ଏବଂ ଭାରତର ସେବା କରିବା ପାଇଁ ଉଦ୍ୟମ କରିବା ଦ୍ୱାରା ମୁଁ ସାରା ମଣିଷଜାତିର ସେବା କରୁଅଛି ।

ନିଜ ପ୍ରତି, ପରିବାର ପ୍ରତି, ଦେଶ ପ୍ରତି, ପୃଥିବୀ ପ୍ରତି କର୍ତ୍ତବ୍ୟ ଏ ସମସ୍ତେ ପରସ୍ପର ଠାରୁ ବିଚ୍ଛିନ୍ନ ନୁହନ୍ତି । ଜଣେ ନିଜର କିମ୍ବା ନିଜ ପରିବାରର କ୍ଷତି କରି ଦେଶର କଲ୍ୟାଣ କରିପାରିବ ନାହିଁ । ସେହିପରି ସାରା ପୃଥିବୀର କ୍ଷତି କରି କେହି ଦେଶର ସେବା କରିପାରିବ ନାହିଁ । ସୁବର୍ଣ୍ଣ ଉପାୟ ହେଉଛି-ଆମେ ପୃଥିବୀ ସହିତ ବନ୍ଧୁତା ସ୍ଥାପନ କରିବା ଏବଂ ସାରା ମଣିଷ ପରିବାରକୁ ଅଭିନ୍ନ ବୋଲି ମନେ କରିବା ।

---

[୧୩୫] ତତ୍ରୈବ, ପୃ-୧୬୯, ୧୭୦

ଆମେ ଆମ ଦେଶର ସ୍ୱାଧୀନତା ଚାହୁଁ, କିନ୍ତୁ ଅନ୍ୟର କ୍ଷତି କରି କିମ୍ବା ଅନ୍ୟକୁ ଶୋଷଣ କରି ତାହା ପାଇବାକୁ ଚାହୁଁନା । ଏପରିକି ଅନ୍ୟ ଦେଶକୁ ଅଧପତନ କରି ମଧ୍ୟ ତାହା ପାଇବାକୁ ଇଚ୍ଛା କରୁନାହୁଁ । ରାଷ୍ଟ୍ରଦ୍ୱାରା ନିର୍ମିତ ଆମ ଦେଶର ସରହଦ ପାରିହୋଇ ଆମର ପଡ଼ୋଶୀ ଦେଶମାନଙ୍କ ପ୍ରତି ଆମର ସେବାକୁ ସଂପ୍ରସାରିତ କରିବାର କୌଣସି ସୀମାବନ୍ଧନ ନାହିଁ ।

ଆମ୍ଭମାନଙ୍କର ଅସହଯୋଗ ଆନ୍ଦୋଳନ ଇଂରେଜମାନଙ୍କର ବିରୁଦ୍ଧରେ କିମ୍ବା ପାଶ୍ଚାତ୍ୟ ଦେଶମାନଙ୍କର ବିରୁଦ୍ଧରେ ଉଦ୍ଦିଷ୍ଟ ନୁହେଁ । ଚିରସ୍ଥାୟୀ ଶାନ୍ତି ପ୍ରତିଷ୍ଠିତ ହେବା ସମ୍ଭବ । ଏଥିରେ ବିଶ୍ୱାସ ଥିବା ଦେବତ୍ୱକୁ ଅବିଶ୍ୱାସ କରିବା ।

ମୁଁ କହେ ଯେ, ଅହିଂସା ନୀତି ରାଷ୍ଟ୍ର ରାଷ୍ଟ୍ର ଭିତରେ ମଧ୍ୟ ପ୍ରଯୋଜ୍ୟ । ଶୋଷଣ କରିବାର ମନୋବୃତ୍ତି ଦୂର ହେଲାମାତ୍ରେ ଅସ୍ତ୍ରଶସ୍ତ୍ରଗୁଡ଼ିକ ଗୋଟିଏ ଅସହ୍ୟ ଭାର ପରି ଅନୁଭୂତ ହେବ ।

## (୭) ଗାନ୍ଧିଜୀଙ୍କର ଭାବନାରେ ମଣିଷ ଓ ଯନ୍ତ୍ର :-

ମାନସିକ ଓ ନୈତିକ ବିକାଶ ସହିତ ମାନବିକ ସୁଖ ପ୍ରାପ୍ତି ଆମର ଲକ୍ଷ୍ୟ ହେବା ଉଚିତ । ନୈତିକ ବୋଲି ମୁଁ ଯେଉଁ ବିଶେଷଣ ପଦଟି ବ୍ୟବହାର କରୁଛି ତାହା ଆଧ୍ୟାତ୍ମିକ ଶବ୍ଦ ସହିତ ଏକାର୍ଥବୋଧକ ।

'ମୁଁ ନିଶ୍ଚିତ ଭାବରେ ମୋର ମତ ପ୍ରକାଶ କରି କହିପାରେ ଯେ, ବିପୁଳ ଉତ୍ପାଦନ ପାଇଁ ମତୁଆଲ ହେବାଟା ଆଜିର ବିଶ୍ୱ ସଙ୍କଟ ପାଇଁ ଦାୟୀ । କଳ କାରଖାନା ସବୁ ମଣିଷର ସମସ୍ତ ଆବଶ୍ୟକତା ମେଣ୍ଟାଇ ପାରିବ ବୋଲି ସାମୟିକ ଭାବରେ ସ୍ୱୀକାର କରିନେଇ ମଧ୍ୟ ସେଥିରେ ଠକାମୀ ପାଇଁ ବେଶୀ ସୁବିଧା ରହେନାହିଁ । କି ଫଟକା ବଜାର ପାଇଁ ଆଦୌ ସୁବିଧା ନଥାଏ ।

କୌଣସି ଦେଶପାଇଁ କୌଣସି ଅବସ୍ଥାରେ ଶିଳ୍ପୀକରଣ ଆବଶ୍ୟକ ବୋଲି ମୁଁ ବିଶ୍ୱାସ କରେନାହିଁ । କଳକାରଖାନାଗୁଡ଼ିକରେ ଗୋଟିଏ ନିଜସ୍ୱ ସ୍ଥାନ ରହିଛି । ତାହା ଚିରଦିନ ରହିବ । କିନ୍ତୁ ମଣିଷର ଆବଶ୍ୟକୀୟ ଶ୍ରମର ସ୍ଥାନ ଗ୍ରହଣ କରିବାକୁ ତାହାକୁ ଛାଡ଼ିଦେବା ଉଚିତ ନୁହେଁ । ଉନ୍ନତ ଲଙ୍ଗଳ ଗୋଟିଏ ଭଲ ଜିନିଷ । କିନ୍ତୁ ଯଦି କୌଣସି ଉପାୟରେ ଜଣେ ଲୋକ ଗୋଟିଏ କଳ ଉଦ୍ଭାବନ କରି ଭାରତର ସବୁ ଜମିକୁ ଚାଷ କରେ ଓ ସମସ୍ତ କୃଷିଜାତ ଦ୍ରବ୍ୟକୁ ନିୟନ୍ତ୍ରଣ କରେ, ଫଳରେ ଦେଶର କୋଟି କୋଟି ଲୋକ ଅନ୍ୟ କୌଣସି ଧନ୍ଦା ନ ପାଆନ୍ତି, ତାହେଲେ

ସେମାନେ ଅନାହାରରେ ରହିବେ । କୁଟୀର ଶିଳ୍ପ ପାଇଁ ବ୍ୟବହୃତ କଳକବ୍‌ଜାଗୁଡ଼ିକର ଯେତେ ଉନ୍ନତି କରାଯିବ ମୁଁ ତାକୁ ସ୍ୱାଗତ କରିବି । କିନ୍ତୁ ମୁଁ ଜାଣେ ଯେ ଯେପର୍ଯ୍ୟନ୍ତ କୋଟି କୋଟି କୃଷକଙ୍କୁ ନିଜ ନିଜ ଘରେ କୌଣସି ଧନ୍ଦା ଯୋଗାଇବା ପାଇଁ ଆମେ ପ୍ରସ୍ତୁତ ନହୋଇଛୁ, ସେ ପର୍ଯ୍ୟନ୍ତ ହାତରେ ଶ୍ରମ ବଦଳରେ ଶକ୍ତିଚାଳିତ ଯନ୍ତ୍ର ପ୍ରଚଳନ କରିବା ଏକ ଅପରାଧ ହେବ ।'[୧୩୬]

ଶ୍ରମ ବ୍ୟବସ୍ଥାର ଅଦଳ ବଦଳ ଗାନ୍ଧିଜୀ ଚାହାନ୍ତି ନାହିଁ । ସମ୍ପତ୍ତି ପାଇଁ ଏହି ଉନ୍ମତ୍ତ ଦୌଡ଼ ନିଶ୍ଚିତ ବନ୍ଦ ହେବା ଉଚିତ । ଶ୍ରମିକ ବଞ୍ଚିରହିବା ପାଇଁ ମଜୁରି କେବଳ ନୁହେଁ, ତାକୁ ଦୈନିକ କାମର ପ୍ରତିଶ୍ରୁତି ମିଳିବା ଉଚିତ ।

କୌଣସି ଉନ୍ନତ ଯନ୍ତ୍ର ଦ୍ୱାରା ଯଦି ଭାରତର ଦାରିଦ୍ର୍ୟ ଓ ତଦ୍‌ଜନିତ ବେକାର ଅବସ୍ଥା ଦୂର ହୋଇପାରିବ, ତାହେଲେ ସେହି ଯନ୍ତ୍ରର ବ୍ୟବହାରକୁ ମହାତ୍ମାଗାନ୍ଧୀ ସମର୍ଥନ କରିବେ ବୋଲି କହିଥିଲେ । ଦାରିଦ୍ର୍ୟ ଦୂର କରିବା ପାଇଁ ଏବଂ କର୍ମ ଓ ଧନ ଅଭାବକୁ ଅସମ୍ଭବ କରିବା ପାଇଁ ଏକ ସଦ୍ ଉପାୟ ହିସାବରେ ମୁଁ ସୁତାକଟା କଥା କହୁଛି । ଚରଖା ଗୋଟିଏ ମୂଲ୍ୟବାନ ଯନ୍ତ୍ର ଓ ଭାରତର ସ୍ୱତନ୍ତ୍ର ପରିସ୍ଥିତି ଅନୁଯାୟୀ ମୁଁ ମୋ ନିଜ ବାଟରେ ତାକୁ ଉନ୍ନତ କରିବାକୁ ଚେଷ୍ଟା କରିଛି ।

ଏହାହିଁ ଥିଲା ମହାତ୍ମାଗାନ୍ଧୀଙ୍କର 'ମଣିଷ ଓ ଯନ୍ତ୍ର' ମଧ୍ୟରେ ବ୍ୟକ୍ତିଗତ ଟିପ୍ପଣୀ ।

## (୮) ମହାତ୍ମାଗାନ୍ଧୀଙ୍କର ବାଣୀ - ପ୍ରାଚୁର୍ଯ୍ୟ ମଧ୍ୟରେ ଦାରିଦ୍ର୍ୟ :-

'ଯେଉଁ ଅର୍ଥନୀତି ନୈତିକ ମୂଲ୍ୟକୁ ଅବହେଳା କରେ ବା ଅସମ୍ମାନ କରେ, ସେହି ଅର୍ଥନୀତି ଅସତ୍ୟ ଅଟେ । ଅହିଂସାର ଆଇନ୍‌କୁ ଅର୍ଥନୈତିକ କ୍ଷେତ୍ରରେ ପ୍ରୟୋଗ କରିବାର ଅର୍ଥ ହେଉଛି- ଆନ୍ତର୍ଜାତୀୟ ବାଣିଜ୍ୟ ଓ ବ୍ୟବସାୟକୁ ନିୟନ୍ତ୍ରଣ କଲାବେଳେ ନୈତିକ ମୂଲ୍ୟର ବିଚାରକୁ ନେବା ଛଡ଼ା ଅନ୍ୟକିଛି ବିଚାରକୁ ନିଆଯିବ ନାହିଁ ।

ଗାନ୍ଧିଜୀଙ୍କର ମତରେ - ଭାରତର ତଥା ପୃଥିବୀର ଅର୍ଥନୈତିକ ଗଠନତନ୍ତ୍ର ଏପରି ହେବା ଉଚିତ ଯେପରି ସାଧାରଣ ଜଣେ ଖାଦ୍ୟ, ବସ୍ତ୍ର ଓ ବାସଗୃହ ପାଇ ଜୀବନଧାରଣରେ ସହାୟକ ହୋଇପାରିବେ । ମୋର ଆଦର୍ଶ ସମବଣ୍ଟନ କିନ୍ତୁ ମୁଁ ଯେତେବେଳେ ଦେଖିପାରୁଛି ତାହା କାର୍ଯ୍ୟରେ ପରିଣତ ହୋଇପାରିବ ନାହିଁ, ତେଣୁ ମୁଁ ଅନ୍ୟାୟର ବଣ୍ଟନ ପାଇଁ କାମ କରୁଛି ।'[୧୩୭]

[୧୩୬] ତତ୍ରୈବ, ପୃ-୧୭୮, ୧୭୯

[୧୩୭] ତତ୍ରୈବ, ପୃ-୧୮୫

ପ୍ରେମ ଓ ଏକଚାଟିଆ ମାଲିକାନା ଏକା ସଙ୍ଗେ ରହି ନ ପାରନ୍ତି । ତାତ୍ତ୍ୱିକ ଦୃଷ୍ଟିରୁ ଦେଖିଲେ ଯେତେବେଳେ ପୂର୍ଣ୍ଣ ପ୍ରେମ ରହିଛି, ସେତେବେଳେ ଅପରିଗ୍ରହ ନିଶ୍ଚିତ ରହିବ । ତାହା କେବଳ ତାତ୍ତ୍ୱିକ ଦୃଷ୍ଟିକୋଣରୁ ସତ୍ୟ । ବାସ୍ତବ ଜୀବନରେ ଆମେ ପୂର୍ଣ୍ଣ ପ୍ରେମ ପ୍ରୟୋଗ କରିପାରିବା ନାହିଁ । ବର୍ତ୍ତମାନର ଅବସ୍ଥା ଯାହା ସେଥିରେ ଗରିବ ଲୋକ ଲକ୍ଷପତି ହେବାକୁ ବ୍ୟାକୁଳ ଏବଂ ଲକ୍ଷପତି କୋଟିପତି ହେବା ପାଇଁ ବ୍ୟଗ୍ର ।

ଅହିଂସା ସ୍ୱାଧୀନତା ପାଇଁ ପ୍ରଧାନ ଚାବିକାଠି ହେଉଛି ଅର୍ଥନୀତିକ ସାମ୍ୟ । ଅର୍ଥନୈତିକ ସାମ୍ୟ ପାଇଁ କାର୍ଯ୍ୟକରିବା ଅର୍ଥ ପୁଞ୍ଜି ଓ ଶ୍ରମ ମଧ୍ୟରେ ଥିବା ଚିରନ୍ତନ ଦ୍ୱନ୍ଦ୍ୱକୁ ଦୂର କରିବା ଅଥବା ଲୋପ କରିଦେବା । ଏହାର ଅର୍ଥ ହେଉଛି-ଯେଉଁ ମୁଷ୍ଟିମେୟ ଧନବାନ୍‌ଙ୍କର ହାତରେ ଜାତୀୟ ସମ୍ପତ୍ତିର ଅଧିକାଂଶ ଭାଗ ଠୁଳ ହୋଇ ରହିଅଛି, ସେମାନଙ୍କର ସ୍ତରକୁ ତଳକୁ ଖସାଇଦେବା ।

ସମବଣ୍ଟନର ତାତ୍ପର୍ଯ୍ୟ ହେଉଛି ଏହି ଯେ, ପ୍ରତ୍ୟେକ ବ୍ୟକ୍ତି ତାହାର ସ୍ୱାଭାବିକ ଆବଶ୍ୟକତା ପୂରଣ ପାଇଁ ଯାହା ଆବଶ୍ୟକ, ତାହା ପାଇବ । ତାହାଠାରୁ ଅଧିକ ପାଇବ ନାହିଁ । ଅହିଂସା ଜରିଆରେ ସମବଣ୍ଟନ କରାଯାଇପାରିବ । ପ୍ରତ୍ୟେକ ବ୍ୟକ୍ତି ତାହାର ସମସ୍ତ ରୋଜଗାର ଅସାଧୁତାରୁ ମୁକ୍ତ ହେବେ । ଅତ୍ୟଧିକ ମୁନାଫା ଲାଭର ଇଚ୍ଛାକୁ ଛାଡ଼ିବାକୁ ହେବ । ଜୀବନର ନୂଆ ଢାଞ୍ଚାର ସାମଞ୍ଜସ୍ୟରେ ହେବ ତାହର ବାସସ୍ଥାନ । ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଆତ୍ମସଂଯମ ପ୍ରୟୋଗ କରିବାକୁ ହେବ ।

ଭଗବାନ ମଣିଷକୁ ସୃଷ୍ଟି କଲେ, ସେ ତା'ର ଖାଦ୍ୟ ଉପାର୍ଜନ ପାଇଁ କାମ କରିବ ବୋଲି ଏବଂ କହିଲେ ଯେ ଯେଉଁମାନେ କାମ ନ କରି ଖାଆନ୍ତି ସେମାନେ ଚୋର । ମୁଁ ବିଶେଷ ସୁବିଧା ଓ ଏକଚାଟିଆକୁ ଘୃଣାକରେ । ଯେଉଁ ବସ୍ତୁ ସର୍ବସାଧାରଣ ଲୋକଙ୍କୁ ନ ମିଳିବ ସେହି ବସ୍ତୁ ମୋ ପାଇଁ ନିଷିଦ୍ଧ । ଗରିବଙ୍କ ପାଇଁ ଅର୍ଥନୀତି ବିଷୟଟି ଆଧ୍ୟାତ୍ମିକ । ତୁମେ ସେହି କୋଟି କୋଟି କ୍ଷୁଧାର୍ଥ ଲୋକଙ୍କୁ ଅନ୍ୟ କୌଣସି କଥାରେ ଆକର୍ଷିତ କରିପାରିବ ନାହିଁ । ଏହା ସେମାନଙ୍କର ନିକଟରେ ଆଗ୍ରହ ହେବ, କିନ୍ତୁ ତୁମେ ସେମାନଙ୍କ ନିକଟରେ ଖାଦ୍ୟ ପହଞ୍ଚାଇ ଦିଅ, ସେମାନେ ତୁମକୁ ସେମାନଙ୍କର ଭଗବାନ ବୋଲି ମାନିବେ ।

ଅହିଂସା ପଥରେ ଆମେ ପୁଞ୍ଜିପତିମାନଙ୍କୁ ଲୋପ କରିବାକୁ ଚାହୁଁନାହୁଁ । ଆମେ ପୁଞ୍ଜିବାଦକୁ ଲୋପ କରିବାକୁ ଚାହୁଁଛୁ ।

ଏହା ଥିଲା ମହାତ୍ମାଗାନ୍ଧୀଙ୍କ ମତରେ ପ୍ରାଚୁର୍ଯ୍ୟ ମଧ୍ୟରେ ଦାରିଦ୍ର୍ୟ ।

## (୯) ମହାତ୍ମାଗାନ୍ଧୀଙ୍କର ଗଣତନ୍ତ୍ର ଓ ଜନତା :-

'ଗଣତନ୍ତ୍ର ସମ୍ପର୍କରେ ମୋର ଧାରଣା ଏହି ଯେ, ଏଥିରେ ସବଳତମ ବ୍ୟକ୍ତି ଯେଉଁ ସୁବିଧା ସୁଯୋଗ ପାଇବ, ଦୁର୍ବଳତମ ବ୍ୟକ୍ତି ମଧ୍ୟ ସେହି ସୁବିଧା ସୁଯୋଗ ପାଇବ । ଅହିଂସା ବ୍ୟତୀତ ଅନ୍ୟ କୌଣସି ଜରିଆରେ ତାହା ହୋଇପାରିବ ନାହିଁ ।

ମୁଁ ସବୁବେଳେ କହେ ଯେ, ବଳ ପ୍ରୟୋଗ ଦ୍ୱାରା ଏପରିକି ସାମାନ୍ୟତମ ଅଥବା ନ୍ୟୂନ୍ୟତମ ସାମାଜିକ ନ୍ୟାୟ ହାସଲ କରିବା ଆବଶ୍ୟକ ନୁହେଁ କିମ୍ବା ସମ୍ଭବ ନୁହେଁ । ମୁଁ ବିଶ୍ୱାସ କରୁଅଛି ଯେ, ଅହିଂସା ହିସାବରେ ନିମ୍ନତମ ଲୋକଙ୍କୁ ଅର୍ଥାତ୍ ତାଲିମ ଦେବାଦ୍ୱାରା ସେମାନେ ଭୋଗୁଥିବା ଅନ୍ୟାୟରୁ ରକ୍ଷା ମିଳିପାରିବ ।'[୧୩୮]

ଗଣତନ୍ତ୍ର ବା ଜନତାର ସ୍ୱରାଜ କହିଲେ କେବେହେଲେ ଅସତ୍ୟପୂର୍ଣ୍ଣ ହିଂସା ମାର୍ଗରେ ଆସିପାରେ ନାହିଁ । ପୃଥିବୀରେ ଏ ପର୍ଯ୍ୟନ୍ତ ଯେ ବହୁ ଲୋକ ବଞ୍ଚି ରହିଛନ୍ତି-ଏହି କଥାଟି ଦେଖାଇଦେଇଛି ଯେ, ପୃଥିବୀ ଅସ୍ତ୍ରଶକ୍ତି ଉପରେ ପ୍ରତିଷ୍ଠିତ ନୁହେଁ ।

ଆତ୍ମ-ଶାସନ, ଆମେ ନିଜ ଭିତରର ଶକ୍ତି ଉପରେ କଠିନତମ ବାଧା-ବିପତ୍ତି ବିରୁଦ୍ଧରେ ଆମର ସଂଗ୍ରାମ କରିବାର ସାମର୍ଥ୍ୟ ଉପରେ ସଂପୂର୍ଣ୍ଣ ନିର୍ଭର କରେ । ବାସ୍ତବିକ୍ ଯେଉଁ ଆତ୍ମଶାସନ ହାସଲ କରିବା ପାଇଁ ଏବଂ ତାକୁ ସ୍ଥାୟୀ କରିବା ପାଇଁ ନିରବଚ୍ଛିନ୍ନ ଆବଶ୍ୟକ ହୁଏ ନାହିଁ; ସେହି ଆତ୍ମଶାସନ ଆତ୍ମଶାସନ ପଦବାଚ୍ୟ ନୁହେଁ ।

ଅଧିକାରର ପ୍ରକୃତ ମୂଳସୂତ୍ର ହେଉଛି କର୍ତ୍ତବ୍ୟ । ଯଦି ଆମେ ସମସ୍ତେ ନିଜର କର୍ତ୍ତବ୍ୟ ପାଳନ କରୁ ଆମର ଅଧିକାର ହାସଲ କରିବା କଷ୍ଟକର ହେବନାହିଁ । କର୍ତ୍ତବ୍ୟ ଓ ଅଧିକାର ପରସ୍ପରର ପରିପୂରକ ।

ସମାଜ ସମ୍ପର୍କରେ ମହାତ୍ମାଗାନ୍ଧୀଙ୍କର ମତ ଆମେ ସମସ୍ତେ ଜନ୍ମରୁ ସମାନ ହେଲେ ମଧ୍ୟ ଅର୍ଥାତ୍ ଆମ ସମସ୍ତଙ୍କର ସମାନ ସୁବିଧା ସୁଯୋଗର ଅଧିକାର ଥିଲେ ମଧ୍ୟ ସମସ୍ତଙ୍କର ଏକା ସାମର୍ଥ୍ୟ ନାହିଁ । ତାହା ସ୍ୱଭାବତଃ ଅସମ୍ଭବ ।

[୧୩୮] ତତ୍ରୈବ, ପୃ-୧୯୮

କେବଳ ବିଧାନସଭାଗୁଡ଼ିକ ଜରିଆରେ କ୍ଷମତା ଆସେ ବୋଲି ଭାବିବାରେ ଆମେ ଦୀର୍ଘ କାଳ ଧରି ଅଭ୍ୟସ୍ତ ହୋଇପଡୁଛୁ । ଏହି ବିଶ୍ୱାସକୁ ମୁଁ ଏକ ସାଂଘାତିକ ଭୁଲ ବୋଲି ବିଶ୍ୱାସ କରେ । ଆମର ଜନତା ଓ ମୋହ ଯୋଗୁଁ ଆମର ଏହି ଭୁଲ ବିଶ୍ୱାସ ହେଉଛି ।

ପ୍ରକୃତ କଥା ହେଉଛି କ୍ଷମତା ଲୋକମାନଙ୍କର ହାତରେ ଥାଏ । ସେମାନେ ଯେଉଁମାନଙ୍କୁ ନିଜର ପ୍ରତିନିଧି ବୋଲି ବାଛିଥାନ୍ତି, ସେମାନଙ୍କର ହାତରେ ସେହି ନିର୍ଦ୍ଦିଷ୍ଟ ସମୟ ପାଇଁ କ୍ଷମତା ଦିଆଯାଇଥାଏ । ପାର୍ଲାମେଣ୍ଟର କୌଣସି କ୍ଷମତା ନାହିଁ କି ଜନସାଧାରଣଙ୍କୁ ଛାଡ଼ି ତା'ର ସ୍ୱାଧୀନ ସ୍ଥିତି ମଧ ନାହିଁ । ପାର୍ଲିଆମେଣ୍ଟାରୀ ବ୍ୟବସ୍ଥାଟି ସେତିକିବେଳେ ଭଲ, ଯେତେବେଳେ ତାହାର ସଦସ୍ୟମାନେ ସଂଖ୍ୟାଗରିଷ୍ଠ ଲୋକଙ୍କର ଇଚ୍ଛାକୁ ମାନିବାକୁ ସମ୍ମତ ହୁଅନ୍ତି ।

ଯେଉଁ ବ୍ୟକ୍ତି ଜନ୍ମରୁ ଗଣତାନ୍ତ୍ରିକ ସେହି ବ୍ୟକ୍ତି ଶୃଙ୍ଖଳା ମାନିବାବାଲା, ଯେଉଁମାନେ ଗଣତନ୍ତ୍ରର ସେବା କରିବା ପାଇଁ ଉଚ୍ଚାଭିଳାଷ ପୋଷଣ କରନ୍ତି, ସେମାନେ ପ୍ରଥମେ ଗଣତନ୍ତ୍ରର ଏହି ଅଗ୍ନିପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିଜକୁ ଯୋଗ୍ୟ କରନ୍ତୁ । ସର୍ବୋପରି ଜଣେ ଗଣତାନ୍ତ୍ରିକ ବ୍ୟକ୍ତିଙ୍କୁ ସମ୍ପୂର୍ଣ୍ଣ ଭାବରେ ନିସ୍ୱାର୍ଥପର ହେବାକୁ ପଡ଼ିବ ।

ମଣିଷ ପ୍ରକୃତରେ ଅଭ୍ୟାସ ଦ୍ୱାରା ଜୀବନଧାରଣ କରେ ବୋଲି ମୁଁ ସ୍ୱୀକାର କରୁଥିଲେ ହେଁ ମୋର ମତ ହେଉଛି-ଯେ ମଣିଷ ପକ୍ଷରେ ଇଚ୍ଛାଶକ୍ତି ପ୍ରୟୋଗ କରି ଜୀବନଧାରଣା କରିବା ତା' ଠାରୁ ଭଲ ।

ଯେଉଁ ବ୍ୟକ୍ତି ଅବିମିଶ୍ର ଅହିଂସା ଉପାୟରେ ତା'ର ନିଜର ତଥା ଦେଶର ପରିବେଶରେ ସାରା ମଣିଷ ଜାତିର ସ୍ୱାଧୀନତାକୁ ସୁରକ୍ଷିତ କରେ, ସେହି ବ୍ୟକ୍ତି ହିଁ ପ୍ରକୃତ ଗଣତାନ୍ତ୍ରିକ ବ୍ୟକ୍ତି ।

## (୧୦) ମହାତ୍ମାଗାନ୍ଧୀଙ୍କର ମତରେ 'ଶିକ୍ଷା' :-

'ପ୍ରକୃତ ଶିକ୍ଷା ହେଉଛି, ତୁମ ଭିତରେ ଥିବା ଶ୍ରେଷ୍ଠତମ ଗୁଣର ବିକାଶ ସାଧନା କରିବା । ମଣିଷ ଜାତି ରୂପକ ପୁସ୍ତକ ଠାରୁ ଆଉ କି ଉତ୍କୃଷ୍ଟ ପୁସ୍ତକ ଅଛି ।

ଗାନ୍ଧିଜୀଙ୍କ ମତରେ ଶିକ୍ଷାର ଅର୍ଥ - ଆମ ଶରୀରର ହାତ, ପାଦ, ଆଖି, କାନ, ନାକ ଇତ୍ୟାଦି ଅଙ୍ଗ ପ୍ରତ୍ୟଙ୍ଗଗୁଡ଼ିକର ଉପଯୁକ୍ତ ବ୍ୟାୟାମ ଓ ତାଲିମ ଜରିଆରେ ହିଁ ବୁଦ୍ଧି ବୃତ୍ତିର ଯଥାର୍ଥ ଶିକ୍ଷା ହୋଇପାରେ । ଶିକ୍ଷାରେ ଅର୍ଥ ପ୍ରକାଶରେ ଶିଶୁ ଓ ମଣିଷର ଦେହ, ମନ ଓ ଆତ୍ମା ଏସବୁ ମଧ୍ୟରେ ଥିବା ଶ୍ରେଷ୍ଠତମ ଗୁଣଗୁଡ଼ିକର ସର୍ବାଙ୍ଗୀନ ବିକାଶ ସାଧନା ।'[୧୩୯]

[୧୩୯] ତତ୍ରୈବ, ପୃ-୨୧୬

ମନ ଓ ଆତ୍ମାର ଚରମ ବିକାଶରେ ଶିକ୍ଷା ପଦ୍ଧତିରେ ସମ୍ଭବ ହୋଇପାରିବ । ଗୋଟିଏ ଶ୍ରେଣୀର ଛାତ୍ରକୁ ଅଲଗା କରିଦେବାକୁ ହେବ । ସେମାନଙ୍କର କାମ ହେବ ପୃଥିବୀର ବିଭିନ୍ନ ଭାଷାରେ ପାରଦର୍ଶୀ ହେବା ।

ବିଶ୍ୱବିଦ୍ୟାଳୟ ଗୁଣକୁ ସ୍ୱାବଲମ୍ବୀ କରାଯିବା ଉଚିତ । ଯେଉଁମାନଙ୍କର ସେବା ରାଷ୍ଟ୍ର ପାଇଁ ଆବଶ୍ୟକ, କେବଳ ସେହିମାନଙ୍କୁ ରାଷ୍ଟ୍ର ଶିକ୍ଷା ଦିଆଯିବା ଉଚିତ । ପ୍ରାଦେଶିକ ଭାଷାଗୁଡ଼ିକୁ ସେମାନଙ୍କର ଉଚିତ ସ୍ଥାନ ଦିଆଯାଉ । ଏ ଦେଶରେ ଯେଉଁ ପ୍ରକାର ଉଚ୍ଚଶିକ୍ଷା ଦିଆଯାଉଛି-ମୁଁ ତାହାର ଶତ୍ରୁ । ମୋର ପରିସଂଖ୍ୟାନ ମଧ୍ୟରେ ଆହୁରି ଅନେକଗୁଡ଼ିଏ ପୁସ୍ତକାଳୟ ରହିବ, ଅଧିକ ସଂଖ୍ୟକ ଉନ୍ନତ ଗବେଷଣାଗାର ରହିବ । ଏହାଦ୍ୱାରା ବିଶେଷଜ୍ଞମାନେ ଜ୍ଞାନ ଆହରଣ ଦିଗରେ ସହାୟକ ହୋଇପାରିବେ ।

ହାତର ବିକାଶ ପୂର୍ବରୁ ଆଖି, କାନ ଓ ଜିଭର ବିକାଶ ହୋଇଥାଏ । ଲେଖିବା ପୂର୍ବରୁ ପଢ଼ିବା ଓ ବର୍ଣ୍ଣମାଳାର ଅକ୍ଷରଗୁଡ଼ିକୁ ଲେଖିବା ପୂର୍ବରୁ ଚିତ୍ର ଅଙ୍କନ କରିବାକୁ ହୋଇଥାଏ ।

ଭାରତରେ ପ୍ରାଥମିକ ଶିକ୍ଷାକୁ ବିନା ଖର୍ଚ୍ଚରେ ବାଧ୍ୟତାମୂଳକ କରିବା ନୀତିକୁ ମୁଁ ଦୃଢ଼ ଭାବରେ ବିଶ୍ୱାସ କରେ । ମୁଁ ଆହୁରି ମଧ୍ୟ ବିଶ୍ୱାସ କରେ ଯେ, ଶିଶୁମାନଙ୍କୁ ଧନ୍ଦାଶିକ୍ଷା ଜରିଆରେ ସେମାନଙ୍କର ମାନସିକ, ଶାରୀରିକ ଓ ଆଧ୍ୟାତ୍ମିକ ଗୁଣଗୁଡ଼ିକର କର୍ଷଣ କରିବା ଦ୍ୱାରା ଆମେ ଏହି ନୀତିକୁ କାର୍ଯ୍ୟରେ ପରିଣତ କରିପାରିବା ।

ମୁଁ ଶିଶୁ ଭିତରେ ତା'ର ହାତ, ତା'ର ମସ୍ତିଷ୍କ ଓ ତାହାର ଆତ୍ମାର ବିକାଶ କରିବା ପାଇଁ ଚାହେଁ । ସେମାନଙ୍କର ହାତକୁ ପ୍ରାୟ ନିଷ୍କ୍ରିୟ କରିଦିଆଯାଉଛି ଏବଂ ଆତ୍ମାକୁ ସମ୍ପୂର୍ଣ୍ଣ ଭାବରେ ଅବହେଳିତ କରାଯାଉଛି ।

ଯୌନ-କାମନା ପ୍ରତି ଆଖି ବନ୍ଦ କରିଦେଲେ ଆମେ ତାକୁ ଯଥାର୍ଥରେ ନିୟନ୍ତ୍ରଣ କରିପାରିବା ନାହିଁ କି ତାକୁ ଜୟ କରିପାରିବା ନାହିଁ । ସେଥିପାଇଁ ତରୁଣ ତରୁଣୀମାନଙ୍କୁ ସେମାନଙ୍କର ଜନନ ଅଙ୍ଗଗୁଡ଼ିକର ତାତ୍ପର୍ଯ୍ୟ ଓ ସେଗୁଡ଼ିକର ଯଥାର୍ଥ ବ୍ୟବହାର ସମ୍ପର୍କରେ ମୁଁ ଦୃଢ଼ ମତ ପ୍ରଦାନ କରିଥାଏ ।

ଆଜି ଆମର ସାମାଜିକ ଚାଲିଚଳଣୀ ଆମର ଯୌନ କାମନାକୁ ଚରିତାର୍ଥ କରିବା ଦିଗରେ ଚାଲିଛି । ଏହାର ବ୍ୟୁହ ଭେଦ କରିବା କିଛି ସହଜ ବ୍ୟାପାର ନୁହେଁ ।

## (୧୧) ମହାତ୍ମାଗାନ୍ଧୀଙ୍କ ଦୃଷ୍ଟିରେ ନାରୀ :-

'ମହାତ୍ମାଗାନ୍ଧୀଙ୍କ ଦୃଢ଼ ମତ ଯେ-ଭାରତର ମୁକ୍ତି ଭାରତୀୟ ନାରୀ ଜାତିର ତ୍ୟାଗ ଓ ଜ୍ଞାନ ଉପରେ ନିର୍ଭର କରିଥାଏ ।

ଅହିଂସାର ଅର୍ଥ ଅନନ୍ତ ପ୍ରେମ - ପୁଣି ଅନନ୍ତ ପ୍ରେମର ଅର୍ଥ କଷ୍ଟ ସହିବାର ଅନ୍ତିମ ସାମର୍ଥ୍ୟ । ମଣିଷର ଜନନୀ ନାରୀ ବ୍ୟତିରେକେ କାହାଠାରେ ସବୁଠାରୁ ବେଶୀ ପରିମାଣରେ ଏହି ସାମର୍ଥ୍ୟ ପ୍ରକାଶିତ ହୋଇଛି ? ସେ ଶିଶୁକୁ ନିଜ ଗର୍ଭରେ ନଅମାସ ଧାରଣା କରି ପାଳନ କରେ । ସେଥିସହିତ ଜଡ଼ିତ ସମସ୍ତ ଦୁଃଖକଷ୍ଟ ଭିତରୁ ଆନନ୍ଦ ଲାଭ କରିଥାଏ । ପ୍ରସବ କରିବାର ବେଦନା ଠାରୁ ଆଉ କ'ଣ ବେଦନା ଅଛି ! କିନ୍ତୁ ସୃଷ୍ଟି କରିବାର ଆନନ୍ଦ ମଧ୍ୟରେ ସେ ସେହି ବେଦନାକୁ ଭୁଲିଯାଏ ।

ମୋର ନିଜ ମତ ଯେ, ନର ନାରୀ ଯେପରି ମୂଳତଃ ଅଭିନ୍ନ ସେମାନଙ୍କର ସମସ୍ୟାବଳୀ ମଧ୍ୟ ମୂଳତଃ ଏକ । ଉଭୟଙ୍କର ମଧ୍ୟରେ ଥିବା ଆତ୍ମା ଏକ । ଜଣେ ଅନ୍ୟର ପରିପୂରକ, ଜଣଙ୍କର ସାହାଯ୍ୟ ବିନା ଅନ୍ୟ ଜଣେ ବଞ୍ଚିପାରିବ ନାହିଁ । ନାରୀ ନିଷ୍କ୍ରିୟ । ନର ସକ୍ରିୟ । ନାରୀ ମୂଳତଃ ଗୃହର କର୍ତ୍ତ୍ରୀ । ନର ଖାଦ୍ୟ ସଂଗ୍ରହକାରୀ । ନାରୀ ଖାଦ୍ୟକୁ ଯତ୍ନ ସହକାରେ ରଖିବ ଓ ତାକୁ ବଣ୍ଟନ କରିବ । ସେ ଯଥାର୍ଥରେ ରକ୍ଷୀ, ଜାତିର ଶିଶୁମାନଙ୍କୁ ପାଳନ କରିବାର କଳା ତାହାର ସ୍ୱତନ୍ତ୍ର ଓ ଏକମାତ୍ର କାର୍ଯ୍ୟ । ନାରୀର ଯତ୍ନ ବିନା ଜାତି ଲୋପ ପାଇଯିବ ।'[୧୪୦]

ନାରୀ ନିଜକୁ ନରର କାମନା ଚରିତାର୍ଥ କରିବାର ଭୋଗ୍ୟବସ୍ତୁ ବୋଲି ବିଚାରିବା ନିତ୍ୟାନ୍ତ ଅନୁଚିତ । ଏହାର ପ୍ରତିକାର ନର ଅପେକ୍ଷା ନାରୀ ହାତରେ ବେଶୀ ରହିଛି । ଜୀବନରେ ଯାହାକିଛି ପବିତ୍ର ଓ ଧାର୍ମିକ, ସେ ସବୁର ସ୍ୱତନ୍ତ୍ର ତତ୍ତ୍ୱାବଧାରିକା ହେଉଛି ନାରୀ । ସେମାନେ ସ୍ୱଭାବତଃ ରକ୍ଷଣଶୀଳା ହୋଇଥିବାରୁ ଯେପରି କୁସଂସ୍କାର ପୂର୍ଣ୍ଣ ଅଭ୍ୟାସଗୁଡ଼ିକୁ ପରିତ୍ୟାଗ କରିବାରେ ଶିଥିଳ ସେହିପରି ଜୀବନରେ ଯାହାକିଛି ପବିତ୍ର ଓ ମହତ୍ତ୍ୱ ସେସବୁକୁ ମଧ୍ୟ ପରିତ୍ୟାଗ କରିବାରେ ସେମାନେ ଶିଥିଳ ।

ଯେତେବେଳେ ଜଣେ ନାରୀ ଉପରେ ଆକ୍ରମଣ ହୁଏ, ସେତେବେଳେ ସେ ହିଂସା ଓ ଅହିଂସା ବିଚାର କରିନପାରେ । ତା'ର ପ୍ରଥମ କର୍ତ୍ତବ୍ୟ ହେଉଛି ଆତ୍ମରକ୍ଷା । ଯେତେବେଳେ ତା'ର ମନକୁ ଯାହା ଆସିବ, ସେ ନିଜର ସମ୍ମାନ ରକ୍ଷା କରିବା ପାଇଁ ସେହି ଉପାୟ ଅବଲମ୍ବନ କରିବାର ସ୍ୱାଧୀନତା ନାରୀ ପାଖରେ ରହିଅଛି ।

[୧୪୦] ତତ୍ରୈବ, ପୃ-୨୨୯

## (୧୨) ମହାତ୍ମାଗାନ୍ଧୀଙ୍କ ମତରେ ବିବିଧ :-

'ମୁଁ ଭବିଷ୍ୟତ ଜାଣିବାକୁ ଚାହେଁନାହିଁ । ମୁଁ ବର୍ତ୍ତମାନ ସହିତ ସମ୍ପୃକ୍ତ । ଆଗାମୀ ମୁହୂର୍ତ୍ତ ମଧ୍ୟରେ ମୋତେ ଭଗବାନ କୌଣସି କର୍ତ୍ତୃତ୍ୱ ଦେଇନାହାନ୍ତି । ମୁଁ ନିଜକୁ ଜଣେ ନିରସ ବ୍ୟକ୍ତି ବୋଲି ଭାବେ । କୌଣସି ବିଷୟ ବୁଝିବା ପାଇଁ ଅନ୍ୟମାନଙ୍କ ତୁଳନାରେ ମୁଁ ବେଶୀ ସମୟ ନିଏ । ବୁଦ୍ଧି ମୋ ଜୀବନରେ ଗୋଟିଏ ଗୌଣ ଭୂମିକା ଗ୍ରହଣ କରିଅଛି ବୋଲି ନିଶ୍ଚିତରେ କୁହାଯାଇପାରେ । ମୁଁ ନିଜକୁ ଜଣେ ନିର୍ବୋଧ ବ୍ୟକ୍ତି ବୋଲି ଭାବିଥାଏ । ମୁଁ ସବୁବେଳେ ଅଗ୍ରଜ ଓ ଜ୍ଞାନୀ ବ୍ୟକ୍ତିଙ୍କୁ ସମ୍ମାନ ପ୍ରଦାନ କରିଥାଏ । ମୋର ଗଭୀରତମ ବିଶ୍ୱାସ ରହିଛି ସତ୍ୟ ଉପରେ । ମୋତେ ଯେତେବେଳେ ମାନପତ୍ର ଦିଆଯାଉଛି ସେଥିରେ ଯେଉଁ ବିଶେଷଣ ଶବ୍ଦ ମୋ ପାଇଁ ବ୍ୟବହାର କରାଯାଉଛି, ତାକୁ ଗ୍ରହଣ କରିବାକୁ ମୁଁ ସମର୍ଥ ନୁହେଁ । ସେହି ଶବ୍ଦଗୁଡ଼ିକୁ ବ୍ୟବହାର କରିବା ଦ୍ୱାରା ଲେଖକଙ୍କର କଲ୍ୟାଣ ହେଉନାହିଁ କି ମୋର କିଛି ମଙ୍ଗଳ ହେଉନାହିଁ ।

ଲକ୍ଷ୍ୟସ୍ଥଳ ଆମଠାରୁ ସବୁବେଳେ ଦୂରରେ ଥାଏ । ଆମର ଅଗ୍ରଗତି ଯେତେ ବେଶୀ ହୁଏ, ଆମେ ନିଜର ଅଯୋଗ୍ୟତାକୁ ସେତେ ବଡ଼ ଭାବରେ ଜାଣିପାରୁ । ଉଦ୍ୟମରେ ହିଁ ଥାଏ ସନ୍ତୋଷ । ଲକ୍ଷ୍ୟ ଲାଭରେ ତାହା ନଥାଏ । ପରିପୂର୍ଣ୍ଣ ଉଦ୍ୟମ ହିଁ ପରିପୂର୍ଣ୍ଣ ବିଜୟ ।'[୧୪୧]

ସମାଜ ସଂସ୍କାର କାର୍ଯ୍ୟରେ ମୋର ଦିଗ ରାଜନୈତିକ କାର୍ଯ୍ୟଠାରୁ କୌଣସି ପ୍ରକାରେ ତୁଚ୍ଛ ବା ତାହାର ଅଧିନସ୍ଥ ନୁହେଁ । ପ୍ରକୃତ କଥା ହେଉଛି-ମୁଁ ଯେତେବେଳେ ଦେଖିଲି ରାଜନୈତିକ କାର୍ଯ୍ୟ ବିନା ମୋର କିଛି ଅଂଶ ସମାଜସେବା ଅସମ୍ଭବ ହୋଇପଡ଼ିବ, ସେତେବେଳେ ମୁଁ ରାଜନୈତିକ କାର୍ଯ୍ୟରେ ହାତ ଦେଲି ।

* * *

[୧୪୧] ତତ୍ରୈବ, ପୃ-୨୪୦, ୨୪୧

## ଅମୃତାପ୍ରୀତମ୍‌ଙ୍କ "ରେଭିନ୍ୟୁ ଟିକଟ୍" :

'ଡକ୍ଟର ଅମୃତାପ୍ରୀତମ୍ ଭାରତରେ କାହିଁକି, ବିଶ୍ୱର ଅନ୍ୟ ଅନେକ ଦେଶରେ ସାହିତ୍ୟ ଆକାଶରେ ଏକ ଜଣାଶୁଣା ନାମ । ତାଙ୍କର ବହୁ ଗଳ୍ପ, କବିତା ଓ ଉପନ୍ୟାସ ବିଭିନ୍ନ ଭାଷାରେ ଅନୁବାଦିତ ହୋଇ ପାଠକ ଓ ପାଠିକାମାନଙ୍କ ହୃଦୟରେ ସ୍ଥାନ ପାଇପାରିଅଛି । ବିଶ୍ୱ ସାହିତ୍ୟ ଜଗତରେ ସର୍ବଶ୍ରେଷ୍ଠ ପୁରସ୍କାର "ଜ୍ଞାନପୀଠ ପୁରସ୍କାର" ତଥା ଭାରତୀୟ ସାହିତ୍ୟ ଏକାଡେମୀ ପର୍ଯ୍ୟନ୍ତ ବହୁ ସଂସ୍ଥା ତାଙ୍କର ସାହିତ୍ୟ କୃତିକୁ ସ୍ୱୀକାର କରି ତାଙ୍କୁ ସମ୍ମାନୀତ କରିଅଛନ୍ତି ।'[୧୪୨]

"ରେଭିନ୍ୟୁ ଟିକଟ୍" ଅମୃତାପ୍ରୀତମ୍‌ଙ୍କର ଆତ୍ମଜୀବନୀ ନିଜର ଭିତର ଓ ବାହାରକୁ ଟିକ୍‌ନିକ୍ ଭାବରେ ବିଶ୍ଳେଷଣ କରି ପାଠକ ପାଠିକାମାନଙ୍କର ଆଗରେ ଏତେ ସାହସର ସହିତ ରଖିଦେବା କୌଣସି ପ୍ରତିଷ୍ଠିତା ନାରୀ ପକ୍ଷରେ ସଚରାଚର ସମ୍ଭବ ହୁଏନାହିଁ । କିନ୍ତୁ ଏ କ୍ଷେତ୍ରରେ ଥିଲେ ଅମୃତାପ୍ରୀତମ୍ ଅନନ୍ୟା ।

'ରସିଦ୍ ଟିକଟ'ର କେତେକ ଅଂଶ ନନ୍ଦିନୀଦେବୀ ପଢ଼ିଥିଲେ । ଅଭୟ ସିଂହ ଥରେ 'ରସିଦ ଟିକଟ' ବହିଟିକୁ ଆଣି ନନ୍ଦିନୀଦେବୀଙ୍କୁ ପ୍ରଦାନ କରିଥିଲେ । ପଢ଼ିସାରିବା ପରେ ଓଡ଼ିଶାର ପାଠକ ପାଠିକା, ତଥା ସାହିତ୍ୟପ୍ରେମୀମାନଙ୍କ ପାଇଁ ଏହାକୁ ଓଡ଼ିଆରେ ଅନୁବାଦ କରିବା ପାଇଁ ନନ୍ଦିନୀଦେବୀ ଇଚ୍ଛା ପ୍ରକାଶ କରିଥିଲେ । ଏକ ଦିନକର ଘଟଣା - ନନ୍ଦିନୀଦେବୀ ଅମୃତାପ୍ରୀତମ୍‌ଙ୍କୁ ଟେଲିଫୋନ୍‌ରେ ଏକଥା ଜଣାଇଲେ । ସେ ଆଶ୍ଚର୍ଯ୍ୟ ହୋଇଯାଇ କହିଲେ, 'ଆପଣ ଅନୁବାଦ କରିବେ, ଏ ତ ମୋର ପରମ ସୌଭାଗ୍ୟ ।' ତା'ପରେ ଅନୁମତି ମିଳିଗଲା ।

ଅନୁବାଦ ଚାଲିଥିବା ସମୟରେ 'ସୁଚରିତା'ର ସଂପାଦିକା ଶକୁନ୍ତଳା ପଣ୍ଡା, ବନ୍ଧୁ ରମାକାନ୍ତବାବୁ, ଶ୍ରୀମାନ ଯାମିନୀ ଓ ମହାପାତ୍ର ନିଳମଣି ସାହୁଙ୍କୁ ନିରବଚ୍ଛିନ୍ନ ସାହାଯ୍ୟ, ସହଯୋଗ ଓ ଉତ୍ସାହ ଏହାକୁ ଅନୁବାଦ କରିବା ପାଇଁ ନନ୍ଦିନୀଦେବୀଙ୍କୁ ଯଥେଷ୍ଟ ପ୍ରେରଣା ପ୍ରଦାନ କରିଥିଲା ।

ନନ୍ଦିନୀ ଶତପଥୀ ରାଜନୈତିକ ଓ ସାମାଜିକ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହି ଅନୁବାଦଟିକୁ ଶେଷ କରିବାକୁ ବିଳମ୍ବ ହୋଇଥିଲା । ୧୯୯୪ ମସିହା ଡିସେମ୍ବର ମାସ - ୨୪ ତାରିଖରେ ନନ୍ଦିନୀଦେବୀଙ୍କର ଏହି ଅନୁବାଦ 'ରେଭିନ୍ୟୁ ଟିକଟ' ପାଇଁ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ

[୧୪୨] (ଅନୁ) ନନ୍ଦିନୀ ଶତପଥୀ, ରେଭିନ୍ୟୁ ଟିକେଟ, ଗ୍ରନ୍ଥମନ୍ଦିର, କଟକ-୧୯୯୦, ପୃ-୧

ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ପୁରସ୍କାର ନନ୍ଦିନୀ ଶତପଥୀଙ୍କୁ ଜଣେ ସୁସାହିତ୍ୟିକା ଭାବରେ ପ୍ରତିଷ୍ଠିତ କରାଇପାରିଅଛି ।

'ରେଭିନ୍ୟୁ ଟିକଟ୍'ରେ ନନ୍ଦିନୀଦେବୀ 'ଅମୃତାପ୍ରୀତମ୍'ଙ୍କ ଆତ୍ମଜୀବନୀକୁ ସାଧାରଣତଃ ବର୍ଣ୍ଣନା କରିଛନ୍ତି । ଏହାକୁ 'ତେଇଆଳିଶ'ଟି ଭାଗରେ ବିଭକ୍ତ କରି ପାଠକ ପାଠିକାମାନଙ୍କର ନିକଟରେ ଉପସ୍ଥାପନା କରିଅଛନ୍ତି ।

## ଅମୃତାପ୍ରୀତମ୍ଙ୍କ ଶୈଶବ ଅବସ୍ଥା :-

'୧୯୧୭ ମସିହାରେ ଅମୃତାପ୍ରୀତମ୍ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ବାପା-ମାଆ ଉଭୟେ ପଞ୍ଚଖଣ୍ଡ ଭସୋଡ଼ର ସ୍କୁଲରେ ଶିକ୍ଷକତା କରୁଥିଲେ । ରାଜବିବି ତାଙ୍କର ମା ଓ ନନ୍ଦ ସାଧୁ ତାଙ୍କର ବାପା ଥିଲେ । ଯେତେବେଳେ ଗୃହସ୍ଥାଶ୍ରମରେ ପ୍ରବେଶ କଲେ ନିଜ ନାମ କରତାର ସିଂ ରଖିଲେ । କବିତା ତ ଲେଖୁଥିଲେ, ସେଥିପାଇଁ ଗୋଟିଏ ଉପନାମ ମଧ୍ୟ ରଖିଥିଲେ-ପୀଉଷ । ଦଶବର୍ଷ ପରେ ମୋର ଯେତେବେଳେ ଜନ୍ମହେଲା ପୀଉଷ ଶବ୍ଦର ପ୍ରତିଶବ୍ଦ ଅମୃତା ରଖିଲେ । ବୈରାଗ ଓ ଭୋଗ ଦୁଇଟାଯାକ ମୋ ପିତାଙ୍କର ସ୍ୱଭାବରେ ଥିଲା । ମା କହୁଥିଲେ-ମୋ ଅଜା ମୋ ବାପାଙ୍କୁ ଅନେକ ସମ୍ପତ୍ତି ପ୍ରଦାନ କରିଥିଲେ । ମୋ ମାଙ୍କର ସେ ସମୟରେ ବାହାଘର ହୋଇପାରୁନଥିବାରୁ ମୋ ଅଜା ଗୋଟିଏ ଘର ମୋ ମାଙ୍କ ନାମରେ ଖୋଇ ଦେଇଥିଲେ ।'[୧୪୩] ସେ ତାଙ୍କର ଏକମାତ୍ର ଘର ତାଙ୍କ ନାମରେ ଲେଖାଇଦେଇ ସାରା ଜୀବନ ଭଡ଼ାଘରେ ରହିଲେ । ଅମୃତାପ୍ରୀତମ୍ ମାତ୍ର ଦଶବର୍ଷର ହୋଇଥିଲେ, ତାଙ୍କର ମା' ମରିଗଲେ । ବାପା ପୁଣି ଜୀବନ ଉପରେ ବିରକ୍ତ ହୋଇଗଲେ । କିନ୍ତୁ ମୁଁ ବାପାଙ୍କ ପାଇଁ ଗୋଟିଏ ବଡ଼ ବନ୍ଧନ ଥିଲି । ଛନ୍ଦ ଓ ଶୈଳୀ ଉପରେ ବାପା ମୋତେ ଶିକ୍ଷା ଦେଇଥିଲେ ଓ ସେ ଚାହୁଁଥିଲେ ମୁଁ କବିତା ଲେଖେ । କୌଣସି ଗୋଟିଏ ରୂପ ପାଇଁ ଗୋଟିଏ ଆକାଂକ୍ଷା ଓ ଅନ୍ୟଟି ଶବ୍ଦ ପାଇଁ ସମ୍ମାନ ଏହିଭଳି ଦୁଇଟି ବୀଜ ପିଲାଟିଦିନରୁ ମୋ ଭିତରେ ରୋପିତା ହୋଇଯାଇଥିଲା ।

## ୩୧ ଜୁଲାଇ-୧୯୩୦ :-

'ପ୍ରାୟ ଏଗାର ବର୍ଷର ହୋଇଥିଲି, ଦିନେ ହଠାତ୍ ମା' ବେମାର ପଡ଼ିଗଲେ । ମା'ର ବିଛଣା ଚାରିପଟେ ଲୋକମାନେ ଏପରି ବୁଲିଲେ ମୋ ବିହ୍ନା କାହିଁ ଥରେ ମା' ପଚାରିଲେ । ତାଙ୍କର

[୧୪୩] ତତ୍ରୈବ, ପୃ-୧, ୨

ବନ୍ଧୁ ପ୍ରୀତମ୍‌କାଉରର ମୋ ହାତଧରି ମା'ଙ୍କର ପାଖକୁ ନେଇଗଲାବେଳକୁ ମା' ବେହୋସ ହେଲେ ।'[୧୪୪] ସମସ୍ତଙ୍କର କଥା ମାନି ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲି - ମୋ ମା'ଙ୍କୁ ଭଲ କରିଦେବା ପାଇଁ । ମା'ଙ୍କର ଶଯ୍ୟାରୁ ଆଉକିଛି ଶବ୍ଦ ଶୁଭୁନଥିଲା । କିନ୍ତୁ ଘରଯାକର ଲୋକ ବାହୁନି ଉଠିଲେ । ମୋ ମାଆ ମରିଯାଇଥିଲେ । ସେହିଦିନରୁ ମୋ ମନ ଭିତରେ ରାଗ ଉଚ୍ଛୁଳି ପଡ଼ିଲା । ଭଗବାନ କାହାରି ପ୍ରାର୍ଥନା ଶୁଣନ୍ତି ନାହିଁ । ପିଲାଙ୍କ ମଧ୍ୟ ନୁହେଁ । ପୂଜାପାଠ ପାଇଁ ବାପା ତାଙ୍କର ନିୟମ ଜାରି ରଖିଥିଲେ-ଆଉ ମୁଁ ବି ମୋର ଜିଦ୍‌ରେ ଅଟଳ ରହିଥିଲି ।

## ମୋର ଷୋଡ଼ଶ ବର୍ଷ :-

'ଷୋଡ଼ଶ ବର୍ଷ ଆସିଲା-ଅଜଣା ଲୋକ ଭଳି । ପାଖକୁ ଆସି ମଧ୍ୟ କିଛି ଦୂରତ୍ୱ ରଖି ଠିଆହେଲା । ମୁଁ କେବେକେବେ ଚୁପ୍‌ଚାପ ହୋଇ ତା' ଆଡ଼କୁ ଚାହେଁ, ସେ କେବେକେବେ ମୋତେ ଚାହିଁ ମୁରୁକି ହସିଦିଏ । ମା' ନଥିବାରୁ ଏହି ବୟସରେ ବାପା ମୋତେ କଡ଼ା ନଜର ଦେଇଥାନ୍ତି । ଷୋଡ଼ଶ ବର୍ଷ ସହିତ ମୋର ସ୍ୱାଭାବିକ ସମ୍ପର୍କ ନଥିଲା, ଥିଲା ଏକ ଲୁଚାଛପା ସମ୍ପର୍କ । ସେଥିପାଇଁ ସେ ବି ମୋ ଭଳି ମୋ ବାପାଙ୍କ ଆଗରେ ଦବି ଯାଉଥିଲା ।'[୧୪୫] ଏହି ବୟସଟି ମୋର ପାଇଁ ଅସଫଳ ପ୍ରେମ ଥିଲା । ଈଶ୍ୱରଙ୍କର ଯେଉଁ ଷଡ଼ଯନ୍ତ୍ର ଯୋଗୁଁ ଏହି ଷୋଡ଼ଶ ବର୍ଷଟି ଅପାସୋରା ଭଳି ଆସି ମୋ ବାଲ୍ୟାବସ୍ଥାର ସମାଧି ଭଙ୍ଗ କରିଥିଲା, ସେହି ଷଡ଼ଯନ୍ତ୍ର ପ୍ରତି ମୁଁ ଋଣୀ ।

## ଏକ ଛାୟା :-

'ଏକ ଶ୍ୟାମଳ ଛାୟା ପିଲାଦିନରୁ ମୋ ସହିତ ସବୁବେଳେ ଚାଲିଥାଏ । ଧୀରେ ଧୀରେ ଜାଣିଲି - ତା' ସହିତ ଅନେକ କିଛି ମିଶିରହିଛି । ମୋ ପ୍ରେମିକର ଚେହେରା, ମୋ ନିଜର ବି ସେହି ଆକାଂକ୍ଷିତ ରୂପ । କୋଡ଼ିଏ-ଏକୋଇଶ ବର୍ଷ ବୟସରେ ମୋର କଳ୍ପିତ ରୂପକୁ ଏହି ଧରଣୀ ଉପରେ ଦେଖିଲି ।'[୧୪୬] ଏପରିକି ୧୯୫୨ ରେ ସାହିତ୍ୟ ଏକାଡେମୀ ପୁରସ୍କାର

[୧୪୪] ତତ୍ରୈବ, ପୃ-୯

[୧୪୫] ତତ୍ରୈବ, ପୃ-୧୦

[୧୪୬] ତତ୍ରୈବ, ପୃ-୧୬

ପାଇବା ପରେ ମୋର ଗୋଡ଼ରୁ ମୁଣ୍ଡ ପର୍ଯ୍ୟନ୍ତ କ'ଣ ହୋଇଗଲା ବୋଲି ମୋତେ ଲାଗିଲା । ମୁଁ ସ୍ୱପ୍ନ ଓ ଜାଗୃତିର ସନ୍ଧିକ୍ଷଣରେ ଥିଲି । ସେହି ରାତିରେ କବିତା ଲେଖିଥିଲି- 'ବହୁଦିନୁ ସ୍ମୃତି ତୁମ ନିର୍ବାସିତ ଥିଲା' । ପ୍ରଥମଥର ପାଇଁ ଜାଣିଲି ଯେ, କବିତା କେବଳ ପ୍ରେମର ତୋଫାନରୁ ଜନ୍ମନିଏ ନାହିଁ-ବନ୍ଧୁତ୍ୱର ଶାନ୍ତ ଜଳ ମଧ୍ୟରେ ବି ପହଁରି ଆସେ । ସଜ୍ଜାଦ ଯିବା ସମୟରେ କବିତାଟିଏ ଲେଖିଥିଲି- 'ହେ ପରଦେଶୀ, ପକ୍ଷ ଯଦି ମିଳୁଥାଏ, କେଉଁଠି ତ ମୋତେ ଆଣିଦିଅ ନହେଲେ ମୋ ପାଖେ ଆସି ରହିଯାଅ ।' ମୋ ଜୀବନରେ ଇମରୋଜଙ୍କର ଆବିର୍ଭାବ ହେଲା । ଇମରୋଜ ଓ ମୁଁ ପୁଣି ସଜ୍ଜାଦକୁ ଚିଠି ଲେଖିଲୁ । ଉତ୍ତରରେ ସେ ଇମରୋଜଙ୍କୁ ଯେଉଁ ଚିଠି ଲେଖିଥିଲେ ଦୁନିଆଁର ସବୁ ଇତିହାସ ତାକୁ ମନେ ରଖିବ ।

## ନୀରବତାର ଏକ ପରିଧି :-

'ମୋ ଜୀବନରେ ଗୋଟିଏ ମାତ୍ର ଘଟଣା ଘଟିଥିଲା-ମୋର ବିବାହ । ଚାରିବର୍ଷ ବୟସରେ ଯେଉଁ ନିର୍ବନ୍ଧ ହୋଇଥିଲା, ଷୋହଳ ବର୍ଷ ବୟସରେ ତାହା କାର୍ଯ୍ୟକାରୀ ହେଲା । ସାହିତ୍ୟିକ ଜଗତରେ ବହୁତ ରୋମାଞ୍ଚକ କାହାଣୀ ଶୁଣାଯାଉଥିଲା । ସେହି ସମୟରେ ଜଣେ ପ୍ରସିଦ୍ଧ କବି ମୋହନ ସିଂହ, ତାଙ୍କ ସାଙ୍ଗରେ ବିଭିନ୍ନ ସଭା ସମିତିରେ ଦେଖା ହେଉଥିଲା ।'[୧୪୭] କିନ୍ତୁ ଚାରିଆଡ଼େ ଯେଉଁ କଥା ପ୍ରଚାର ହୋଇଥିଲା, ତାହା ମୋତେ ଭଲ ଲାଗୁନଥିଲା । ଜଣେ ବଡ଼ କବି ଭାବରେ ତାଙ୍କ ପ୍ରତି ମୋ ମନରେ ଶ୍ରଦ୍ଧା ଭାବ ଛଡ଼ା ଅନ୍ୟ କିଛି ନଥିଲା । ଦିନେ ସନ୍ଧ୍ୟାବେଳେ ମୋହନ ସିଂଜୀ ଦେଖାକରିବାକୁ ଆସିଲେ, ସେତେବେଳେ ମୁଁ ଘୋର ମାନସିକ ଅଶାନ୍ତି ମଧ୍ୟରେ ଗତି କରୁଥିଲି । କବିତାର ସ୍ୱଷ୍ଟତା ମୋତେ ଅସ୍ଥିର କରୁଥିଲା । ମନେ ହେଉଥିଲା ମୋର ନୀରବତା ଜଣେ ଅତି ଭଲ ଲୋକଙ୍କର ମନରେ ଭ୍ରାନ୍ତି ସୃଷ୍ଟି କରିଛି ।

## ଘୃଣାର ଏକ ଚକ୍ର :-

'ଏଇଟା ବି ଗୋଟିଏ ଛୋଟ ଘଟଣା । ଘଟଣାଟି ଏକ କ୍ରମ ବିସ୍ତାରିତ ଘୃଣାର ଜାଲ ଘେରି ରହିଥିଲା । ଏହା ଲାହୋରରେ ଘଟିଥିବା ମୋର ସାହିତ୍ୟିକ ଜୀବନ ଆରମ୍ଭ ସମୟର କଥା । ଜଣେ ପଞ୍ଜାବୀ କବିଙ୍କ ସହିତ ମୋର କେବେ ବି ଦେଖା ହୋଇନଥିଲା । କିନ୍ତୁ ସେ ମୋ ବିରୁଦ୍ଧରେ

[୧୪୭] ତତ୍ରୈବ, ପୃ-୨୩

ଅନେକ କଥା କୁହନ୍ତି ବୋଲି ମୁଁ ଶୁଣିଥିଲି ।'[୧୪୮] ଭାରତବର୍ଷର ବିଭାଜନ ଏବଂ ଏତେ ନୀରିହ ଲୋକଙ୍କର ହତ୍ୟାର ଦୋଷ ମୋ ଉପରେ ଯେଉଁଭଳି ଭାବରେ ଆରୋପ କରାଗଲା, ତାହା ହୁଏତ କୌଣସି ମନୋବିଜ୍ଞାନୀ ବିଶ୍ଳେଷଣ କରିପାରିବେ । ଯେ ବୋଧହୁଏ ଘୃଣାର ଏଭଳି ଏକ ଚକ୍ର ଥିଲା ।

## ୧୯୪୭ :-

'ପୁରୁଣା ଇତିହାସରେ ଭୀଷଣ ଅତ୍ୟାଚାରର କାହାଣୀ ଆମେ ପଢ଼ିଥିଲୁ । କିନ୍ତୁ ଆମ ଦେଶ ବିଭାଜନ ବେଳେ, ଯାହାସବୁ ହେଲା ସେଭଳି ହତ୍ୟାକାଣ୍ଡ କେହି କଳ୍ପନା ମଧ୍ୟ କରିପାରିବେ ନାହିଁ ।'[୧୪୯] ଏକ କବିତା କିଛି ଦିନ ପରେ ଛପାହୋଇ ପାକିସ୍ତାନକୁ ପଠାଇ ଦିଆଗଲା । ଲୋକମାନେ କବିତାଟିକୁ ପକେଟରେ ରଖିଛନ୍ତି ଓ ବେଳେବେଳେ ବାହାର କରି ପଢୁଛନ୍ତି ଓ କାନ୍ଦୁଛନ୍ତି ।

## କେବଳ ନାରୀ :-

'ବାଲ୍ୟକାଳର କୋମଳ ବୟସରେ କେଜାଣି କେଉଁ ଏକ ମୁହୂର୍ତ୍ତରେ କଳ୍ପନାଟିଏ ଶରୀରର ଗୋଟିଏ ଅଙ୍ଗ ହୋଇ ଯାଇ ବଢ଼ିବାକୁ ଲାଗେ । ଆଉ ନିଜର ମନ ଆପଣାଛାଏଁ ଯାଦୁ ବୁଣିଚାଲେ । ଈଶ୍ୱରଙ୍କର ଶକ୍ତିରୁ ମୁଠାଏ ପ୍ରତ୍ୟେକ ମଣିଷ ଠାରେ ପଡ଼ିଥାଏ । ସେଥିରୁ ମୁଁ ଏକ ପୁରୁଷର ପ୍ରତିବିମ୍ବ ଗଢ଼ିଥିଲି । କିନ୍ତୁ ଜୀବନରେ ଏଭଳି ତିନୋଟି ସମୟ ଆସିଥିଲା, ଯେତେବେଳେ ମୁଁ ମୋ ଭିତରର କେବଳ ନାରୀକୁ ମନପୁରାଇ ଦେଖିଥିଲି ।'[୧୫୦] ମୁଁ ଗୋଟିଏ ଛୋଟ ପିଲାଟିର ସ୍ୱପ୍ନ ଦେଖୁଥିଲି । ଦ୍ୱିତୀୟଟି ଥିଲା-ସାହିରଙ୍କର ଦେହ ଭଲ ନ ଥିବାରୁ ତାଙ୍କର ଛାତିରେ ଭିକ୍‌ସ ଲଗାଇ ଦେଇଥିଲି । ତୃତୀୟଥର ମୁଁ 'କେବଳ ନାରୀକୁ ଦେଖିଥିଲି'; ଯେତେବେଳେ ଇମରୋଜ ନିଜର ଷ୍ଟୁଡିଓରେ ବସିଥିଲେ, ସିଏ ତାଙ୍କର ପତଳା ବ୍ରସ୍‌କୁ ନାଲିରେ ବୁଡ଼େଇ ମୋ ମଥାରେ ବିନ୍ଦି ଲଗାଇଦେଲେ ।

---

[୧୪୮] ତତ୍ରୈବ, ପୃ-୨୬

[୧୪୯] ତତ୍ରୈବ, ପୃ-୨୮

[୧୫୦] ତତ୍ରୈବ, ପୃ-୩୧

## ଏକ ଋଣ :-

'୧୮୫୭ ବିଦ୍ରୋହ ଜୀବିତ ବସ୍ତୁ ଥିଲା, ପୁଣି ମୃତ ବସ୍ତୁ ମଧ୍ୟ ଥିଲା । ତା'ପରେ ଭାରତ ବିଭାଜନ ବେଳକୁ ମଧ୍ୟ ଏପରି ଅନେକଥର ହୋଇଥିଲା । ଗୋଟିଏ କଥା ଶୁଣାଯାଉଥିଲା ଯେ, ଦିଲ୍ଲୀର ବିଦ୍ରୋହ ବେଳେ, ଏହି ଗାଲିଚା ଆମେ ଦିଲ୍ଲୀରୁ ଲୁଣ୍ଠନ କରିଥିଲୁ । ଆଜି ବହୁ ବର୍ଷ ପରେ ଦିଲ୍ଲୀର ଜିନିଷ ଆମେ ଦିଲ୍ଲୀକୁ ଫେରାଇଦେଲୁ । ଲୁଣ୍ଠନ ବି ବୋଧହୁଏ ଏକ ପ୍ରକାର କରଜ, ଯାହାକି କେବେ ନା କେବେ ସୁଝିବାକୁ ପଡ଼େ ।'[୧୫୧]

## ୧୯୫୯ର ଏକ କବର - ଗୋଟିଏ ଭୟାନକ ମୁହୂର୍ତ୍ତ :-

'ମୋ ପିତା ଜୀବିତ ଥିବାବେଳେ, ତାଙ୍କ ଜୀବନର ପ୍ରଥମ ଭୟଙ୍କର ଅସୁବିଧାର କାହାଣୀ ବାରମ୍ବାର ଶୁଣାଉଥିଲେ । ଥରେ ସେ ବିଦେଶ ଯିବାବେଳେ ତାଙ୍କ ଅଜାଙ୍କ ଠାରୁ ମିଳିଥିବା ଗହଣା ଓ ଅସରପିରେ ଭରା ବାକ୍ସଟି ଗୁଜୁରାନୱାଲାର ଜଣେ ଭକ୍ତ ମହିଳାଙ୍କର ଜିମାରେ ରଖିଦେଇ ଯାଇଥିଲେ ।'[୧୫୨] ଫେରିଆସି ଯେତେବେଳେ ସେ ବାକ୍ସଟି ମାଗିଲେ, ଆଖି ପିଛୁଳା ନ ପକେଇ ମହିଳା ଜଣକ ପଚାରିଲେ କି ବାକ୍ସ ? ୧୯୫୯ରେ ମୋର ପିତାଙ୍କର ଚେହେରା ଥିଲା ଏଥିପାଇଁ ଭାରି ଉଦାସ ଓ ଗୋଟିଏ ଭୟାନକ ମୁହୂର୍ତ୍ତ ।

## ୧୯୬୦ :-

'ଏହା ମୋ ଜୀବନର ସବୁଠାରୁ ଦୁଃଖଦାୟକ ବର୍ଷ ଥିଲା । ଜୀବନ କ୍ୟାଲେଣ୍ଡରରେ ଏକ ଛିନ୍ନ ପୃଷ୍ଠାଭଳି । ମନ ଘରର ଦରଜା ବାହାରେ ପାଦ ରଖିସାରିଥିଲା । ସାହିର୍‌ଙ୍କର ପାଖକୁ ବମ୍ବେକୁ ଫୋନ୍ କରିବା ପାଇଁ ଫୋନ୍ ପାଖକୁ ଯାଇଥିଲି । ଅଦ୍ଭୁତ ଭାବରେ ଫୋନ୍‌ର ସଂଯୋଗ କଟିଗଲା । ସେହିଦିନ 'ବ୍ଲିଜ୍'ରେ ଫଟୋ ସହିତ ଗୋଟିଏ ଖବର ବାହାରିଥିଲା ଯେ, ସାହିରଙ୍କୁ ଗୋଟିଏ ନୂଆ ପ୍ରେମୀ ମିଳିଯାଇଛି ।'[୧୫୩] ସେହିଦିନ ମୁଁ ମରିଯିବା ପାଇଁ ବିଚାରିଥିଲି । ଏପରି ଭୀଷଣ ବିଚାରରେ ଯେତେବେଳେ ସାମାନ୍ୟକିଛି ତ୍ରୁଟି ହେଲା । ସେତେବେଳକୁ ବଞ୍ଚିବା ପାଇଁ ମନକୁ ଦୃଢ଼ କରିନେଲି ।

[୧୫୧] ତତ୍ରୈବ, ପୃ-୩୫
[୧୫୨] ତତ୍ରୈବ, ପୃ-୩୯, ୪୦
[୧୫୩] ତତ୍ରୈବ, ପୃ-୪୨

## ୧୯୬୧ :-

ଆଜରବୈଦାନର ରାଜଧାନୀ ବାକୁରେ ମଧ୍ୟ ଅନେକ ଭଲ ଲୋକଙ୍କ ସହ ଦେଖାହେଲା । ମୁଖ୍ୟତଃ ସେମାନଙ୍କର ମଧ୍ୟରେ ଥିଲେ ଲେଖିକାମାନେ-ନିଶାର ଖାନାମ୍ ଆଉ ପ୍ରାୟ ୨୫ ଜଣ ଲେଖିକା । ଇରାନୀ କବୟତ୍ରୀ ମଦିନା ଗୁଲଗୁନ୍, ମିଶାରଜ ଖାନାନୀ । ସେହି ୩ ଜଣଙ୍କର ସହିତ ମୁଁ ଚତୁର୍ଥ ସଙ୍ଗୀନ ଭଳି ମିଶିଗଲି । ଏଇ କଥାଟି ଏବେ ମୋର ଡାଇରିରେ ଲେଖାହୋଇ ରହିଛି ।

## ଯାତ୍ରାର ଡାଏରୀ :-

'ଗଙ୍ଗାଜଳରୁ ଭୋବକା ଯାଏ ମୋ ତୃଷ୍ଣାର ଏହି ଯାତ୍ରା ଡାଏରୀ । ଏହି ଯାତ୍ରାର କଥା କହିଲାବେଳେ ବହୁ ଦେଶର କଥା ମନକୁ ଆସିଯାଉଛି । ଯେପରି ଭୋର ହେବା ପୂର୍ବରୁ ରାତିର ଅନ୍ଧକାର ଗାଢ଼ତର ହୋଇଯାଏ । ସେତେବେଳେ ଦିଲ୍ଲୀ ରେଡ଼ିଓରେ ଚାକିରି କରୁଥିଲି । ସେହି ସମୟରେ ସଜ୍ଜାଦ ଜାହିର ମୋ ସାଙ୍ଗରେ ଦେଖା କରିବାକୁ ଆସିଲେ । ସେ କହିଲେ-ଭାରତୀୟ ଲେଖକମାନଙ୍କର ଗୋଟିଏ ଡେଲିଗେସନ ସୋଭିଏତ ରୁଷ ଯାଉଛି । ମୋର ଇଚ୍ଛା ଆପଣ ସେହି ଡେଲିଗେସନରେ ଯାଆନ୍ତୁ ।'[୧୫୪] କିନ୍ତୁ କାଲିକା ମିଟିଂରେ କୌଣସି ଭାଷାର କୌଣସି ଲେଖକ ଆପଣଙ୍କର ନାମକୁ ବିରୋଧ କଲେନାହିଁ । ମାତ୍ର ପଞ୍ଜାବୀ ଲେଖକମାନେ ଖୁବ୍ ଜୋର୍‌ରେ ବିରୋଧ କଲେ । ସେମାନେ କହୁଛନ୍ତି, ଯଦି ଅମୃତା ଡେଲିଗେସନ୍‌ରେ ସାମିଲ ହେବେ ତାହେଲେ ଆମ ପତ୍ନୀମାନେ ଆମକୁ ଏଥିରେ ଯିବାକୁ ଛାଡ଼ିବେ ନାହିଁ । ୧୯୬୦ରେ ମସ୍କୋ ଲେଖକ ୟୁନିଅନରୁ ମୋତେ ଏକୁଟିଆ ନିମନ୍ତ୍ରଣ ଆସିଲା । ୧୯୬୧ ଏପ୍ରିଲ୍‌ରେ ମୁଁ ତାସ୍‌କେଣ୍ଟ ତାଜିକସ୍ଥାନ, ମସ୍କୋ ଓ ଆଜରବୈଜାନ ଗଲି । ୧୯୬୭ରେ ଭାରତ ସରକାରଙ୍କ କଲଚରାଲ କେତେକ ପ୍ରୋଗ୍ରାମରେ ମୋତେ ୟୁଗୋସ୍ଲୋଭିଆ, ହଙ୍ଗେରୀ, ରୁମାନିଆ ପ୍ରଭୃତି ଦେଶରେ ତିନି ସପ୍ତାହ ରହିବା ପାଇଁ ପଠାଯାଇଥିଲା । ନେପାଳ ସ୍ଥିତ ଆମ ଦୂତାବାସ ତରଫରୁ ନିମନ୍ତ୍ରଣ ପାଇ ୧୯୬୯ରେ ସେଠାକୁ ଯାଇଥିଲି । ପୁଣି ବିଶ୍ୱଶାନ୍ତି କଂଗ୍ରେସର ଅଧିବେଶନରେ ଯୋଗ ଦେବାପାଇଁ ୧୯୭୩ରେ ମସ୍କୋ ଯାଇଥିଲି । ମୋର ଡାଏରୀ ଲେଖିବାର ଅଭ୍ୟାସ ନାହିଁ କିନ୍ତୁ ଯାତ୍ରା ସମୟରେ ବରାବର ଡାଏରୀ ଲେଖେ ।

[୧୫୪] ତତ୍ରୈବ, ପୃ-୫୯

## ପାଞ୍ଚଶହ ବର୍ଷର ଯାତ୍ରା :-

'ଆଉ ଏକ ମୁହୂର୍ତ୍ତ ମୋ ସାମ୍ନାରେ ଠିଆହୋଇ ସ୍ମିତହାସ୍ୟ କରୁଅଛି । ୧୯୭୯ ଆରମ୍ଭର ଗୋଟିଏ ରାତ୍ରିର ଦ୍ୱିତୀୟ ପ୍ରହର । ଟେଲିଫୋନ୍ ଘଣ୍ଟା ବାଜିଉଠିଲା । ବରୋଦା ୟୁନିଭରସିଟିର ହଷ୍ଟେଲରୁ ମୋ ପୁଅ ଟ୍ରଙ୍କ୍ କଲ କରୁଥିଲା । ମୁଁ ବ୍ୟସ୍ତ ହୋଇ ଯେଉଁ ଚିଠି ଲେଖିଥିଲି, ତା'ର ଉତ୍ତରରେ ସେ କହିଲା-ମାମା, ମୁଁ ଏକଦମ୍ ଠିକ ଅଛି । ବହୁତ ଦିନ ପରେ ତାହାର ସେହି ସ୍ୱର ମୋ କାନରେ ବାଜି ସାରା ଦେହରେ ସଞ୍ଚରିଗଲା ।'[୧୫୫] ଅନ୍ଧାରରେ ବିଜୁଳି ଚମକି ଗଲା ଭଳି ମୋର ଖିଆଲ ହେଲା ଯେ, ମୁଁ ଜଣେ ସାଧାରଣ ମାଆ । ଯଦି ଗୋଟିଏ ସାଧାରଣ ପିଲାର ସ୍ୱର ଶୁଣି ମୋର ହୃଦୟ ଏପରି ନାଚି ଉଠିଛି, ତେବେ ନାନକଙ୍କ ଭଳି ପୁଅକୁ କୋଳରେ ଧରି ମାତା ତୃପ୍ତାଙ୍କର କି ନୈସର୍ଗିକ ଅନୁଭବ ହୋଇନଥିଲା । ଏହା ଗୁରୁ ନାନକଙ୍କର ପଞ୍ଚଶତାବ୍ଦୀ ଉତ୍ସବର ବର୍ଷ ଥିଲା । ଜଣେ ପ୍ରକାଶକ ମୋତେ ଏଥିପାଇଁ ଏକ ପୁସ୍ତକ ରଚନା କରିବା ପାଇଁ କହିଥିଲେ । କିନ୍ତୁ ମୁଁ ମନା କରିଦେଇଥିଲି । ଯଦି ଲେଖିଥାନ୍ତି, ତେବେ ମୋର ଅନ୍ତରରୁ ଏହା ବାହାରନଥାନ୍ତା । କିନ୍ତୁ ଆଜି ଏହି ମୁହୂର୍ତ୍ତଟି ସତେ ଯେପରି ମୋର ହାତଧରି ପାଞ୍ଚଶହ ବର୍ଷର ଅନ୍ଧାର ପାରିକରି ସେହି ମା'ଙ୍କର ପାଖକୁ ନେଇଗଲା, ଯାହାର କୋଳରେ ଥିଲେ ଗୁରୁ ନାନକ । ପଞ୍ଜାବୀ ସାହିତ୍ୟର ଅନ୍ୟ ଗଣ୍ୟମାନ୍ୟ ଲୋକମାନେ ନୀରବ ରହିଲେ । ନୀରବତା ହିଁ ସେମାନଙ୍କର ବୋଧହୁଏ ଦାୟିତ୍ୱ ଥିଲା ।

## ଏକ ବନ୍ଧୁତାର ମୃତ୍ୟୁ :-

ଏହି କବିତାଟି ୧୯୭୧ ମାର୍ଚ୍ଚ ମାସ ଶେଷ ବେଳକୁ ଲେଖିଥିଲି । ଏକ ଅତି କୋମଳ ବନ୍ଧୁତା ୧୯୬୭ରୁ ଗଢ଼ିଉଠିଥିଲା । ସେତିକିବେଳେ ନାଗମଣିର ରୂପରେଖ ତିଆରି ହୋଇଥିଲା । ସେହି ବନ୍ଧୁତା ହାର୍ଟଆଟାକ୍ ହେଲାଭଳି ୧୯୭୦ରେ ହଠାତ୍ ମରିଗଲା ।

## ସତ୍ୟର ବୀଜ :-

'୧୯୭୨ ମାର୍ଚ୍ଚରେ ହିନ୍ଦୁ ସମାଲୋଚକ ନାମନ୍ଦର ସିଂହଙ୍କୁ ଯେତେବେଳେ ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଲା, ସେତେବେଳେ ପାଞ୍ଚ ମିନିଟ୍ର ଏକ ଭାଷଣ ଦେଇ ସେ କହିଥିଲେ,

[୧୫୫] ତତ୍ରୈବ, ପୃ-୭୮, ୭୯

ଆଲୋଚନା ବିଭାଗଟିକୁ ମୁଁ ଏଥିପାଇଁ ବାଛିଲି ଯେ, ଘର ସଜାଡ଼ିବା ପୂର୍ବରୁ ସେଠାର ଥିବା ସବୁ ଧୂଳି ମଇଳା ସଜାଡ଼ିଦେବି ।'[୧୫୬] ଯଦି ସାହିତ୍ୟ ଗୋଟିଏ ଘର ହୁଏ ଏବଂ ଧୂଳିମଳି ସଜାଡ଼ିବା ସମାଲୋଚନା ହୁଏ । ପତ୍ନୀମାନଙ୍କର ପକ୍ଷ କେବଳ ଲୋକକଥାରେ ଦେଖିଥିଲି-କିନ୍ତୁ ମହାନୁଭୂତିର ବୀଜ ପକ୍ଷ ଲଗାଇ ଉଡ଼ିଲାବେଳେ ଏହି ଧରଣୀ ଉପରେ ମୁଁ ତାକୁ ଦେଖିଲି ।

## ଏକ ନୀରବତା :-

୧୮୭୧ ସ୍ୱାଧୀନତାର ୨୫ ବର୍ଷ (ସିଲ୍‌ଭର ଜୁବୁଲି) ପାଳନ କରିବାର ଆୟୋଜନ ପାଇଁ ଏକ ସରକାରୀ ମିଟିଂ ଡକାଯାଇଥାଏ । ଏହି ଚବିଶ ବର୍ଷ ମଧ୍ୟରେ ଆତ୍ମସମୀକ୍ଷା କରାଯାଇଥିଲା । ସାଧାରଣ ଲୋକଙ୍କର ଜୀବନ ଗଠନରେ ସାହିତ୍ୟର ଭୂମିକା ବିଷୟରେ ଆମର ଚିନ୍ତା ସ୍ୱଷ୍ଟ ହେବା ଉଚିତ । କବି, ସାହିତ୍ୟିକମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇଥିବା ହଲରେ ଏକ ନୀରବତା ଛାଇ ହୋଇଗଲା ।

## କଳାବାଦଲରେ ଆଲୋକର ବଳୟ :-

କଳାମେଘରେ ବି ସୁନେଲୀ ଜରିର ଧଡ଼ି ଲାଗିଥାଏ । ଆଶ୍ଚର୍ଯ୍ୟ ହେଇ ମୁଁ ଆକାଶକୁ ଚାହିଁରହିଲି । କଳାବାଦଲରେ କଲମ ମୋର ଭାଙ୍ଗିଯାଇଛି । ବଉଦର ପାଚେରୀ, ମୋ ପ୍ରେମ ମୋତେ ପହଞ୍ଚାଇ ଦେଇଛି ସେହି ଇଲାକାରେ ।

## ସୂର୍ଯ୍ୟରଶ୍ମୀରୁ ଚେନାଏ :-

'ଦେଶ ବିଭାଜନ ପୂର୍ବରୁ ଗୋଟିଏ ଜିନିଷ ମୁଁ ହେପାଜତରେ ସାଇତି ରଖିଅଛି । ଏହା ଥିଲା - ସାହିରଙ୍କର କବିତା 'ତାଜମହଲ' । ତାହାକୁ ସେ ମୋତେ ପ୍ରଦାନ କରିଥିଲେ ।'[୧୫୭] 'ପିଞ୍ଜର' ଉପନ୍ୟାସ ବିରୁଦ୍ଧରେ ମୋର ଜଣେ ସମକାଳୀନ ଲେଖକ ବହୁ କଟୁ ଭାଷାରେ ଅନେକ ଚିଲି ଖବରକାଗଜ ଓ ରେଡିଓବାଲାଙ୍କୁ ପଠାଉଥିଲେ । ଫାଇଲ୍‌ରେ ଥିବା ଅନେକ ଚିଠି ପୁଣି ଥରେ ପଢ଼ିବା ବେଳେ, ସେଗୁଡ଼ିକର ଲେଖକମାନଙ୍କୁ ମୁଁ ସ୍ମରଣ କରେ ।

[୧୫୬] ତତ୍ରୈବ, ପୃ-୮୩

[୧୫୭] ତତ୍ରୈବ, ପୃ-୯୦

## ଅଗ୍ନିସ୍ନାନ :-

'ମୋ ଭିତରେ ଏକ ଅଦ୍‌ଭୁତ ପରିବର୍ତ୍ତନ ଆଣିଦେଇଛି । ତାହା ମୁଁ କହୁନାହିଁ । କିନ୍ତୁ ଜୀବନ ସାରା ମୁଁ ହିଁ ମୋ ନିଜର ସହାୟକ ହୋଇପାରିଅଛି ।'[୧୫୮] ମାତ୍ର ଅଠର ବର୍ଷ ବୟସରେ ମୋର ମୋ ସ୍ୱାମୀଙ୍କ ସହିତ ବିବାହ ବିଚ୍ଛେଦ ହୋଇଥିବା ବେଳେ, ମୁଁ ତାଙ୍କୁ କହୁଥିଲି ତୁମେ ଅନ୍ତର ଭିତରେ ଗ୍ରହଣ କରିନେଇଛ ଯେ ଆମ୍ଭେ ଦୁହେଁ ନିଜ ନିଜ ବାଟରେ ଯିବା ଉଚିତ । ଏହା ମୋ ପାଇଁ ଅଗ୍ନିସ୍ନାନ ।

## ଇମ୍‌ରୋଜ :-

'ମୋ ଜୀବନର ଏହି କାଗଜ ଉପରେ ତୁମର ପ୍ରେମ ଟିପଚିହ୍ନ ମାରିଛି । କିଏ ଦେବ ତା'ର ହିସାବ । ସାହିର୍ ଏକ ଖିଆଲି ଥିଲେ ।'[୧୫୯] ପବନରେ ଉଡ଼ିବୁଲୁଥିବା ମୋ ନିଜ ଖିଆଲର ଯାଦୁ ବୋଧହୁଏ ରମ୍‌ରୋଜଙ୍କୁ ବୁଝିବା ପାଇଁ କଷ୍ଟ ନୁହେଁ । ତାଙ୍କର ହାତରେ ନୁହେଁ ମସ୍ତିଷ୍କର ଭାବନାରେ ଏଭଳି ଏକ ଲେଖା ଅଛି, ଯାହା ବରାବର ଚଳମାନ । ଯେଉଁ ସୁନେଲୀ ଘୁମ୍ପାରେ ପ୍ରେମର ଏହି ଦଣ୍ଡ ମୋତେ ମିଳିଥିଲା, ସେହିଠାରେ ପୁଣି ରମ୍‌ରୋଜଙ୍କ ଭଲପାଇବା ଭଳି ବରଦାନ ବି ମୋତେ ମିଳିଗଲା ।

## ଏକ ପ୍ରସଙ୍ଗ :-

'୧୯୭୨ ଫେବୃୟାରୀ ୫ ତାରିଖରେ 'ଷ୍କେଟସ୍' ପତ୍ରିକାରେ ମୁଁ ଏକ ଲେଖା ଲେଖିଥିଲି । କିନ୍ତୁ ଲେଖା ଏକ ପ୍ରସଙ୍ଗ ମାତ୍ର-ପ୍ରକୃତରେ ଲେଖକ ଜୀଇଁ ରହେ ପାଠକଙ୍କର ସ୍ୱପ୍ନର ରଙ୍ଗରେ ତା' ଜୀବନର ଅନ୍ଧାରୀ କୋଣରେ ।'[୧୬୦]

## ସମ୍ବାଦପତ୍ରର ବିଚିତ୍ର ଟୀପ୍ପଣୀ :-

'୧୯୭୩ ମେ ୧୫ ତାରିଖ ଦିନ ଦିଲ୍ଲୀ ୟୁନିଭରସିଟି ମୋତେ ଅନରାରୀ ଡି.ଲିଟ୍ ଉପାଧି ପ୍ରଦାନ କରିଥିଲେ । ମୁଁ ମଧ୍ୟ ସେଠାରେ କିଛି କହିଥିଲି ।'[୧୬୧] କିନ୍ତୁ ପରଦିନ ଟାଇମ୍‌ସ ଅଫ୍

[୧୫୮] ତତ୍ରୈବ, ପୃ-୯୬
[୧୫୯] ତତ୍ରୈବ, ପୃ-୯୯
[୧୬୦] ତତ୍ରୈବ, ପୃ-୧୦୭
[୧୬୧] ତତ୍ରୈବ, ପୃ-୧୧୦

ଇଣ୍ଡିଆରେ ମୋ ସମ୍ପର୍କରେ ଓ ଶୁଭଲକ୍ଷ୍ମୀଙ୍କ ସମ୍ପର୍କରେ ଏକ ବିଚିତ୍ର ଟିପ୍ପଣୀ ଲେଖା ହୋଇଥିଲା, ଯାହାକୁ ପଢ଼ି ଆମ୍ଭେ ଦୁହେଁ ହସିଥିଲୁ ।

## ଧର୍ମଯୁଦ୍ଧ :-

ଧର୍ମଯୁଦ୍ଧରେ ଭୀଷ୍ମ ପିତାମହ ଯୁଧିଷ୍ଠିରଙ୍କୁ କହିଥିଲେ ମୋ ଶରୀର ଦୁର୍ଯ୍ୟୋଧନଙ୍କର ସପକ୍ଷରେ ରହିବ । କାରଣ ମୁଁ ତାଙ୍କର ଅନ୍ନ ଖାଇଛି । କିନ୍ତୁ, ଧର୍ମରେ ଯୁକ୍ତ ହୋଇଥିବା ମନ ତୁମ ପାଖରେ ରହିବ ।

## ଦେଖିଥିବା, ଶୁଣିଥିବା ଓ ଘଟିଥିବା ଘଟଣାମାନ :-

ଅମୃତାପ୍ରୀତମ୍ ତାଙ୍କର ଜୀବନରେ ଅନେକ ଜିନିଷ ଲେଖିଛନ୍ତି, ଶୁଣିଛନ୍ତି ଓ ଘଟିଥିବା ଘଟଣାମାନ ଆଜି ତାଙ୍କର ଆତ୍ମଜୀବନୀରେ ସୁନ୍ଦର ଭାବରେ ବର୍ଣ୍ଣନା କରିଅଛନ୍ତି ।

## କଳ୍ପନାର ଯାଦୁ :-

'ଏମିତି ଗୋଟିଏ ସମୟ ମୋ ଜୀବନରେ ଆସିଥିଲା, ଯେତେବେଳେ ସବୁ ବିଚାର ଉପରେ ମୋ କଳ୍ପନାର ଯାଦୁ ଲାଗିଯାଇଥିଲା ।'[୧୬୨] ଶରୀରର ଏହା ଥିଲା ସ୍ୱତନ୍ତ୍ର କର୍ମ, ଯାହା କେବଳ ସଂସ୍କାର ଠାରୁ ସ୍ୱତନ୍ତ୍ର ନଥିଲା । ରକ୍ତମାଂସର ବାସ୍ତବତା ଠାରୁ ମଧ୍ୟ ଥିଲା ସ୍ୱତନ୍ତ୍ର ।

## ଜଣେ ଲେଖକର ସତତା :-

'ନେପାଳର ଲେଖକ ସାୟମୀ ଧ୍ୱସୟାନ୍ ତାଙ୍କ ଏମ୍ବାସୀର କଲଚରାଲ୍ ସେକ୍ରେଟାରୀ ହୋଇ ଦିଲ୍ଲୀ ଆସିଥିଲେ । ତାଙ୍କ ସହ ସାକ୍ଷାତରେ ତାଙ୍କ ସହ ଲେଖକର ଡିପ୍ଲୋମାଟିକ୍ ରୂପ ଠାରୁ ଅନେକ ବଡ଼ । ତାଙ୍କ ଅନ୍ତରର ଏହି ବିଶେଷ ଭାବ ତାଙ୍କ ପାଇଁ ସୁଖକର ନଥିଲା ।'[୧୬୩] ସେହିଦିନଠାରୁ ଧ୍ୱସୟାନ୍ ମୋ ଦୃଷ୍ଟିରେ ଆହୁରି ଉଚ୍ଚକୁ ଉଠିଗଲେ । ଏହା ତାଙ୍କର ଲେଖକ ହୃଦୟର ସତତା ଥିଲା । ମୁଁ ଶ୍ରଦ୍ଧାରେ ମୁଣ୍ଡ ନୁଆଁଇଦେଲି ।

## ଗଭୀର କଳାମେଘ :-

ଅମୃତାପ୍ରୀତମ୍ଙ୍କର ଏହା ଗୋଟିଏ କବିତା । ବିନ୍ଦୁ ବିନ୍ଦୁ ଦୁଃଖ ଏକତ୍ରିତ ହୋଇ ଜମାଟ ବାନ୍ଧିଯାଇଛି । ମୋ ମୁଣ୍ଡ ଉପରେ ସତେକି ଘୋର କଳାମେଘ ଛାଇଯାଇଛି ।

[୧୬୨] ତତ୍ରୈବ, ପୃ-୧୩୬

[୧୬୩] ତତ୍ରୈବ, ପୃ-୧୪୦

## ଆଉ ଏକ ତିକ୍ତ ଅନୁଭୂତି :-

ବନ୍ଧୁ ଓ ପରିଚିତମାନଙ୍କୁ ଧୀରେ ଧୀରେ ଦୂରେଇ ଯାଉଥିବାର ଦେଖିବା ଏବଂ ନିଜେ ସେମାନଙ୍କ ପ୍ରତି ଉଦାସୀନ ହେଉଥିବା ଏକ ତିକ୍ତ ଅନୁଭୂତି ।

## ଏକ ପ୍ରଣତି :-

ଜୀବନର ଲକ୍ଷ୍ୟ ହେଉଛି ତାହାର ଗୋପନୀୟତାକୁ ଉଦ୍‌ଘାଟନ କରିବା । ଏଥିପାଇଁ ପାଗଳାମୀ ହିଁ ଏକମାତ୍ର ରାସ୍ତା । ମୁଁ ମୋର ପାଗଳାମୀ ପାଇଁ ଗର୍ବ କରୁଥିଲି, କିନ୍ତୁ ଆଜି ସଜାଦ ପାଖରେ ତାହା ମଧ୍ୟ ମୁଣ୍ଡ ନୁଆଁଇ ପ୍ରଣତି ଜଣାଇଲା ।

## ଈଶ୍ୱରଙ୍କ ଭଳି ଭରସା :-

ଇମ୍‌ରୋଜ ମୋ ଠାରୁ ସାଢ଼େ ଛଅ ବର୍ଷ ଛୋଟ । ଇମ୍‌ରୋଜ ଓ ମୋର ପିଲାମାନଙ୍କ ଦ୍ୱାରା ହିଁ ମୋର ଶେଷକୃତ୍ୟ ହେବ । ତାହା ସେହିମାନଙ୍କର ହିଁ ପ୍ରାପ୍ୟ । ମନୁଷ୍ୟ ଈଶ୍ୱରଙ୍କର ଏକ ଅସଂପୂର୍ଣ୍ଣ ସୃଷ୍ଟି । ତାଙ୍କର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ପୂର୍ଣ୍ଣ କରିବା ତା'ର କାମ ।

## ଛୋଟ ସତ୍ୟ ବଡ଼ ସତ୍ୟ :-

କେବେ କେବେ ଆନନ୍ଦ ଓ ଦୁଃଖ ଏକାସଙ୍ଗେ ଅନୁଭବ ହୁଏ । ସମୟକ୍ରମେ ମୁଁ ପ୍ରଶଂସା, ନିନ୍ଦା ଓ ଅବଲୋକକୁ ଜୀବନର ବଡ଼ ଋତୁ ଭାବରେ ଛୋଟ ସତ୍ୟ ଓ ବଡ଼ ସତ୍ୟ ଭାବରେ ନିଜକୁ ଦେଖିଅଛି ।

## ଏକ କବିତାର ବ୍ୟାଖ୍ୟା :-

ପଞ୍ଜାବର ଚେହେରା, ମୋ ପାଇଁ ଏକ ପ୍ରିୟତମର ରୂପ ଭଳି । ତେଣୁ ତାହାକୁ ଖୋଲିଛି ଏକ ସ୍ୱାର୍ଥବାଦୀ ଜନତା, ତାହା ମୋର କବିତାର ବ୍ୟାଖ୍ୟା ।

## ଫୋନିକ୍ସ ସାମ୍ରାଜ୍ୟ :-

'ଫୋନିକସ୍ ନିଜର ପାଉଁଶର ବାରମ୍ବାର ଉଦ୍ଭବ ହୁଏ । ଯେଉଁ ମଣିଷ ଜାତି ଧ୍ୱଂସ ମୁଖରୁ ପୁଣି ନୂତନ ଶକ୍ତି ନେଇ ଜାଗିଉଠେ ସେ ମୃତ ବା ମୃତ୍ୟୁମୁଖିକୁ ହିଁ ବଳି ଦିଏ । ଏହା ଫେନିକ୍ସ କାହାଣୀର ବୈଶିଷ୍ଟ୍ୟ ।'[୧୬୪]

[୧୬୪] ତତ୍ରୈବ, ପୃ-୧୬୬

## ଡାଏରୀରୁ କିୟଦଂଶ :-

'ଡାଏରୀ ଲେଖିବା ମୋର ଅଭ୍ୟାସ ନୁହେଁ । ସେହି ନିୟମ ମୁଁ ରକ୍ଷା କରିପାରିନାହିଁ ।'[୧୬୫]

## ଗୋଟିଏ ରାତି :-

କେତେ ଅଦେଖା କଥା ମଣିଷର ବେଳେବେଳେ ଅତି ଆପଣାର ହୋଇଯାଇ ତା' ହାଡ଼ମାଂସରେ ମିଶିଯାଏ । ଅନେକ ଘଟଣାରେ ମୁଁ ମୋର ମନ ଭିତରକୁ ଯେ ଖାଲି ଚିହ୍ନିଗଲି, ତାହା ନୁହେଁ, ଆଖିରେ ବି ଦେଖିନେଲି ।

## ଗୋଟିଏ ଦିନ :-

ମୋର କବିତା, କାହାଣୀ, ଉପନ୍ୟାସ ଇତ୍ୟାଦି ସମସ୍ତ ରଚନା ଏକ ଅବୈଧ ସନ୍ତାନ ଭଳି । ମୁଁ ମୋ ଦୁନିଆଁର ନିଷ୍ଠୁର ବାସ୍ତବତା ମୋ ସ୍ୱପ୍ନ ସହିତ ପ୍ରେମରେ ପଡ଼ିଲା । ଏବଂ ସେହି ସଂଯୋଗରୁ ରଚନାର ଜନ୍ମ ।

## ଏକ କବିତା :-

ପ୍ରତ୍ୟେକ କବିଙ୍କର ତା'ର ସ୍ୱଷ୍ଟ ଚରିତ୍ର ସହିତ ଏକ ଗମ୍ଭୀର ସମ୍ପର୍କ ଯେପରି ଥାଏ, 'ଅଳକା' ବିଷୟରେ ପଢୁ ପଢୁ ମୁଁ ତାହା ସହିତ ସମ୍ପୂର୍ଣ୍ଣ ଏକାତ୍ମ ହୋଇଗଲି । ସେହି ରାତିରେ (ସେପ୍ଟେମ୍ବର ୭ ୧୯୭୪) ଅଳକାକୁ ସମ୍ବୋଧନ କରି 'ପହଚନ' ବୋଲି ଏକ କବିତା ଲେଖିଲି ।

## ଏକ ଗମ୍ବୁଜ :-

ଯେଉଁ ଦୃଷ୍ଟି, ଦୁନିଆଁରୁ କିଛି ପାଇବାର ଆକାଂକ୍ଷାକୁ, ମୋତେ ସର୍ବଦା ମୁକ୍ତ କରିଅଛି, ତା' ପ୍ରତି ମୋର ଗଭୀର ଶ୍ରଦ୍ଧା ଜାତ ହେବା ସ୍ୱାଭାବିକ । ବାପାଙ୍କର ସେହି ଦିନର ଦୃଷ୍ଟି ମୋ ଉପରେ ନପଡ଼ିଥିଲେ ହୁଏତ ମୋ ମନରେ ଏକ ଗମ୍ବୁଜକାୟ ଭାବନା ଯାତ ହୋଇନଥାନ୍ତା ।

## ଅନ୍ୟଏକ ରାତି :-

ଦାନ କରିବାର ସେହି ମୁହୂର୍ତ୍ତଟି (ବିବାହର ରାତ୍ରିରେ) ସବୁ ଭଲ ପଣିଆର ପ୍ରତୀକ ଭାବରେ କେଉଁଠି ଠିଆ ହୋଇଛି । ବିଶ୍ୱାସ ତୁଟିଯିବାର ଦେଖିଛି-କିନ୍ତୁ ନିରାଶ ମନରେ ବାହାରକୁ ଛୁଇଁପାରିନାହିଁ । ରାସ୍ତାରେ କେଉଁଠି ଅଟକି ଯାଇଛି । ଦୁନିଆଁର ଭଲପଣିଆ ଉପରେ ବିଶ୍ୱାସ ଅତୁଟ ରହିଛି ।

[୧୬୫] ତତ୍ରୈବ, ପୃ-୧୭୮

## ଶେଷପଂକ୍ତି :-

ନୂତନ ଯୁଗରେ ଯେଉଁ ଲେଖକ ଗଭୀର ବିଶ୍ୱାସରେ ନୂଆ କଲମରେ ଲେଖିବେ, ସେହିମାନେ ହେବେ ଏହି ନଦୀ, ନାଳ, ବରଫର ଚାପରେ ମୋ ଭିତରେ ଆଜି ଯାହା ତରଳ ହୋଇଯାଇଛି- ସେମାନଙ୍କର କଲମ ମୁନରେ ତାହା ପୁଣି ଜୀବନ୍ତ ହୋଇଉଠିବ ।

## ଯଥାର୍ଥତା ଯଥାର୍ଥ ଯାଏ :-

ଆତ୍ମକଥାକୁ ଏକ ଝକମକ ଏକ ସତ୍ୟ ବୋଲି ଆତ୍ମଶ୍ଲାଘାର ଏକ କଳାତ୍ମକ ମାଧ୍ୟମ ବୋଲି ଧରି ନିଆଯାଏ, ଏହା ଲେଖକଙ୍କର ନିଜର ଆବଶ୍ୟକତା-ଗୋଟିଏ ଯଥାର୍ଥରୁ ଅନ୍ୟ ଯଥାର୍ଥକୁ ପହଞ୍ଚିବାର ପ୍ରକ୍ରିୟା ।

## ସଂଗ୍ରାମ ଚାଲିଛି :-

'ଅମୃତାପ୍ରୀତମ୍‌ଙ୍କର ରଚିତ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ଉପରେ ନିର୍ମିତ ହେଉଥିବା ଚଳଚ୍ଚିତ୍ର ପାଇଁ ମୁଁ ଯେଉଁ ଲେଖା ଲେଖୁଛି, ତାହା ସଂଗ୍ରାମ ଚାଲିଛିର କଥାବସ୍ତୁ ।'[୧୬୬]

## ଅଲେଖା କାଗଜ :-

'ପଚିଶ ଓ ଛବିଶ ଅକ୍ଟୋବରର ରାତ୍ରିରେ ଫୋନ୍‌ରେ ଖବର ପାଇଲି ମୋ ବନ୍ଧୁ ସାହିର୍ ଆଉ ନାହାନ୍ତି । ମୋର ଆଉ ସାହିର୍‌ଙ୍କର ବନ୍ଧୁତ୍ୱ ଭିତରେ ଥିଲା ନୀରବ ସୌହାର୍ଦ୍ଦ୍ୟର ଏକ ସୁନ୍ଦର ସମ୍ପର୍କ । ଯାହା ମୋ ପାଇଁ ଅଲେଖା କାଗଜ ।'[୧୬୭]

ଡକ୍ଟର ଅମୃତାପ୍ରୀତମ୍‌ଙ୍କର ସ୍ୱରଚିତ ଆତ୍ମଜୀବନୀ 'ରେଭିନ୍ୟୁ ଟିକଟ୍'ର ଓଡ଼ିଆ ଅନୁବାଦିକା ନନ୍ଦିନୀ ଶତପଥୀଙ୍କର ଲେଖାରୁ ଅଣାଯାଇଛି । ଉଲ୍ଲେଖଯୋଗ୍ୟ ଏହି ପୁସ୍ତକ ପାଇଁ ନନ୍ଦିନୀଦେବୀ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ୧୯୯୪ ଡିସେମ୍ବର ୨୪ ତାରିଖରେ ପାଇଥିଲେ ।

***

[୧୬୬] ତତ୍ରୈବ, ପୃ-୧୯୪

[୧୬୭] ତତ୍ରୈବ, ପୃ-୧୯୬

## ତସଲିମା ନାସରିନ୍ଙ୍କର "ଲଜ୍ଜା"

'ବଙ୍ଗଳାଦେଶର ଜଣେ ବିଖ୍ୟାତ ଲେଖିକା ତଥା ଔପନ୍ୟାସିକା ଭାବରେ ତସଲିମା ନାସରିନ୍ ସୁବିଦିତ । ସେ ଅନେକଗୁଡ଼ିଏ ଉପନ୍ୟାସର ସ୍ରଷ୍ଟା । ତାଙ୍କ ଦ୍ୱାରା ପ୍ରକାଶିତ ଉପନ୍ୟାସ 'ଲଜ୍ଜା' ବଙ୍ଗଳାଦେଶ ତଥା ଆମ ରାଷ୍ଟ୍ର ଭାରତବର୍ଷରେ ଆଲୋଡ଼ନ ସୃଷ୍ଟି କରିଅଛି । ଏହି 'ଲଜ୍ଜା' ବହିଟିକୁ ବଙ୍ଗଳାଦେଶ ସରକାର ବ୍ୟାଜ୍ୟାପ୍ତି କରିଅଛନ୍ତି । ବଙ୍ଗଳାଦେଶର ମୌଳବାଦୀ ସଂଗଠନ ସାହାବ୍ ସୌନିକ ପରିଷଦ (ଏସ୍.ଏସ୍.ପି) ନାସରିନ୍ଙ୍କ ବିରୁଦ୍ଧରେ ଗୋଟିଏ ଫତୁଆ (Decree) ଜାରି କରିଛନ୍ତି । ତସଲିମା ନିଜ ଜୀବନର ସୁରକ୍ଷା ପାଇଁ କଦାପି ବ୍ୟସ୍ତ ବିବ୍ରତ ହେଉନଥିଲେ, ବରଂ ସେ କୁହନ୍ତି, ଆଜି ପର୍ଯ୍ୟନ୍ତ ତାଙ୍କୁ କେହି ଆକ୍ରମଣ କରିବା ପାଇଁ ସାହସ କରିନାହାନ୍ତି ।

ତସଲିମା ନାସରିନ୍ଙ୍କ ଠାରୁ ଅନୁମତି ନେଇ ନନ୍ଦିନୀ ଶତପଥୀ ଏହି ପୁସ୍ତକଟିକୁ ଓଡ଼ିଆରେ ଅନୁବାଦ କରି ଓଡ଼ିଶାର ପାଠକ ପାଠିକାଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନର ଅଧିକାରିଣୀ ହୋଇ ରହିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।'[୧୬୮]

ତସଲିମା ନାସରିନ୍ଙ୍କର ଲେଖା ସାମ୍ପ୍ରଦାୟିକ ଶକ୍ତି ବିରୁଦ୍ଧରେ । ଦେଶ, କାଳ, ପାତ୍ର ନିର୍ବିଶେଷରେ ଯେଉଁଟି ଭୁଲ୍ ତାହାକୁ ସେ ଭୁଲ୍ ଭାବରେ କହିବା ପାଇଁ ସାହସ କରିପାରିଛନ୍ତି । ସେ ମୋଟାମୋଟି ଭାବରେ ଜଣେ ସ୍ୱାଭିମାନୀ ଥିଲେ । ତାଙ୍କର ଚରିତ୍ରର ଏହି ବିଶେଷ ଗୁଣ ଯୋଗୁଁ 'ଲଜ୍ଜା' ଉପନ୍ୟାସ ତାଙ୍କ ରାଷ୍ଟ୍ର ବଙ୍ଗଳାଦେଶ ତଥା ଆମ ରାଷ୍ଟ୍ର ଭାରତବର୍ଷରେ ଚହଳ ପକାଇ ଦେଇଅଛି ।

ବର୍ତ୍ତମାନ ସମଗ୍ର ପୃଥିବୀରେ ତଥା ଆମ ରାଷ୍ଟ୍ର ଭାରତରେ ସାମ୍ପ୍ରଦାୟିକତା ଯେପରି ଭାବରେ ଉଗ୍ର ରୂପ ଧାରଣ କରି ଜନସାଧାରଣଙ୍କର ଜୀବନ ନେବା ସହ ରାଷ୍ଟ୍ରର ସାର୍ବଭୌମତା ଶକ୍ତି ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି, ଏବଂ ସବୁଧର୍ମର ମୌଳିକବାଦୀ ମାନେ ଯେପରି ସେମାନଙ୍କର ଆଧିପତ୍ୟ ବିସ୍ତାର କରୁଛନ୍ତି, ତସଲିମାଙ୍କର 'ଲଜ୍ଜା' ତାହାର ଏକ ସାମାଜିକ ବିରୋଧ ।

ନନ୍ଦିନୀ ଶତପଥୀ ଯେଉଁଥିପାଇଁ 'ଲଜ୍ଜା' ବହିଟିକୁ ଓଡ଼ିଆରେ ଅନୁବାଦ କରି ଓଡ଼ିଶାର ଅଗଣିତ ପାଠକ ଓ ପାଠିକାମାନଙ୍କ ସମ୍ମୁଖରେ ରଖିବା ପାଇଁ ଆଗ୍ରହୀ ହେଲେ କାରଣ, ନନ୍ଦିନୀଦେବୀ ସବୁ ସାମ୍ପ୍ରଦାୟିକତାର ବିରୋଧୀ ଥିଲେ ।

[୧୬୮] (ଅନୁ) ନନ୍ଦିନୀ ଶତପଥୀ, 'ଲଜ୍ଜା' ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୧୯୯୪, ପୃ-୧ (ମୋ କଥା)

## 'ଲଜ୍ଜା' ଉପନ୍ୟାସର ସାର ସଂକ୍ଷେପ ହେଲା :-

ଏ ପର୍ଯ୍ୟନ୍ତ ଦେଶ ବିଭାଜନର କ୍ଷତି ମିଳେଇଯାଇନାହିଁ । ତା' ଫଳରେ ଏ ଦେଶ ସେ ଦେଶ ମଧ୍ୟରେ ମଝିରେ ମଝିରେ ସଂଘର୍ଷ ଆରମ୍ଭ ହୋଇଥାଏ । ଏବଂ ତାହାର ଶିକାର ହୋଇଥାନ୍ତି ନିରୀହ ଜନସାଧାରଣ । ଆମ ରାଷ୍ଟ୍ର ଭାରତରେ ଯେକୌଣସି ଧାର୍ମିକ ସଂଘର୍ଷରେ ପ୍ରତିକ୍ରିୟା ମଧ୍ୟ ଆମ ପଡ଼ୋଶୀ ରାଷ୍ଟ୍ର ବଙ୍ଗଳାଦେଶରେ ଦେଖାଦେଇଥାଏ । ସେହି ପରିପ୍ରେକ୍ଷୀରେ ତସଲିମାଙ୍କର 'ଲଜ୍ଜା' ଉପନ୍ୟାସ ଏକ ମର୍ମନ୍ତୁକ କାହାଣୀ ରଚନା କରିଅଛି ।

ବଙ୍ଗଳାଦେଶର ଏକ ତରୁଣ ଯୁବକ ସୁରଂଜନ ବଙ୍ଗଳାଦେଶରେ ହିଁ ତା'ର ଜନ୍ମ । ସେ ହିଁ ତା'ର ସ୍ୱଦେଶ । ଧର୍ମ ବିଷୟରେ ତାହାର କୌଣସି ମୁଣ୍ଡବ୍ୟଥା ନଥିଲା । ତେବେବି ଧର୍ମୀୟ ମୌଳିବାଦୀମାନଙ୍କର ତା' ପ୍ରତି ଲୋଲୁପ ଦୃଷ୍ଟି । ତାକୁ ବାସହରା ଓ ବନ୍ଧୁହୀନ ହେବାକୁ ପଡ଼ିଲା । ଶେଷ ପର୍ଯ୍ୟନ୍ତ ଏକ ତିକ୍ତ, ନୈରାଶ୍ୟମୟ ଜୀବନକୁ ଠେଲିହୋଇ ଯାଉ ଯାଉ ଉନ୍ମାଦ ଭଳି ସେ ଗୋଟିଏ କାଣ୍ଡ କରିବସିଲା ।

ସାଂପ୍ରତିକ ସମୟରେ ଏକ ଅସହାୟ ଟ୍ରାଜେଡିର କଥା ଦୁଃସାହସିନୀ ତସଲିମା ନାସରିନ୍‌ଙ୍କ କଲମରେ ଜୀବନ୍ତ ହୋଇ ଫୁଟିଉଠିଛି । ଏହି କାରଣରୁ ସବୁ ସାମ୍ପ୍ରଦାୟିକ ମୌଳବାଦୀମାନଙ୍କୁ ସେ ତୀବ୍ର ଭାବରେ ଆକ୍ରମଣ କରିଅଛନ୍ତି ।

'ସୁରଂଜନ ଏହି ବଙ୍ଗଳାଦେଶର ମଣିଷ । ଡାଃ ସୁଧାମୟ ଦତ୍ତଙ୍କର ଜ୍ୟେଷ୍ଠ ସନ୍ତାନ ଶ୍ରୀ ସୁରଂଜନ ଦତ୍ତ । ସୁରଂଜନଙ୍କର ବାପା ସୁଧାମୟ ଥିଲେ ତାଙ୍କ ବାପାଙ୍କର ଏକମାତ୍ର ସନ୍ତାନ, ତାଙ୍କ ବାପା ଥିଲେ ପୋଲିସ୍ ଅଫିସର । ସୁଧାମୟଙ୍କର ଜେଜେବାପା ଥିଲେ ଜଣେ ଜମିଦାର । ସୁରଂଜନ ଦତ୍ତ ଥିଲେ ସ୍କୁଲ ଓ କଲେଜରେ ମେଧାବୀ ଛାତ୍ର । ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ନେଇ ଘରେ ବସିଛି । ତାକୁ ଭଲ ଲାଗିନି । ଇଚ୍ଛା ଥିଲା ପିଏଚ୍.ଡି କରିବ, ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ହେବ । ସେ ଇଚ୍ଛାଟା ମଧ୍ୟ ମରିଯାଇଛି । ତା'ର ଆଉ ସୁଖ ସ୍ୱାଚ୍ଛନ୍ଦ୍ୟର ସ୍ୱପ୍ନ ଦେଖିବାକୁ ଇଚ୍ଛା ହୁଏନି । ସୁରଂଜନ ତା' ବାପାଙ୍କର ଭିତରେ ମଧ୍ୟ ଏହି ଯନ୍ତ୍ରଣା ଦେଖିଛି । ସେ ଥିଲେ ମେଡ଼ିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର । ଆସୋସିଏଟ୍ ପ୍ରଫେସର ହେବାପାଇଁ ତାଙ୍କର ବହୁତ ଇଚ୍ଛା ଥିଲା । କିନ୍ତୁ ସମ୍ଭବ ହେଲାନାହିଁ । ପଦୋନ୍ନତି ହେଇଛି ସଫଉଦ୍ଦିନଙ୍କ, ସାଲାମ ତାଲୁକଦାରଙ୍କର

ପଦୋନ୍ନତିର ଆବେଦନ ଫାଇଲିନେଇ ମିନିଷ୍ଟ୍ରିରେ ଦଉଡ଼ାଦଉଡ଼ି କରିଛନ୍ତି କେବଳ ସୁଧାମୟ । କିରାଣୀମାନଙ୍କର ରୁମ୍‌ରେ ଡଃ ସୁଧମୟ ଦତ୍ତ ବସିରହିଛନ୍ତି ଅନେକ ଆଶା ଧରି । ସେମାନେ କୁହନ୍ତି ଡାକ୍ତରବାବୁ ମୋ ଝିଅର ଅମାଶୟ (ଡିସେଣ୍ଟ୍ରି) ହେଇଛି, ଗୋଟିଏ ଭଲ ଔଷଧ ଲେଖିଦିଅନ୍ତୁ । ମୋ ଛାତିର ଡାହାଣ ପଟରେ ଦି ସପ୍ତାହ ହେଲାଣି ବହୁତ କଷ୍ଟ ହେଉଛି, କ'ଣ କରିବି କୁହନ୍ତୁ !'[୧୬୯]

ଆଜି ଡିସେମ୍ବର ୭ ତାରିଖ ୧୯୯୨ ମସିହାର ଘଟଣା । ଗତକାଲି ଦ୍ୱିପ୍ରହରେ ଅଯୋଧ୍ୟାର ସୁରଜ ନଦୀକୂଳରେ ଘଟିଗଲା ଘୋର ଅନ୍ଧକାର । କରସେବକମାନେ ସାଢ଼େ ଚାରିଶହ ବର୍ଷର ପୁରୁଣା ମସ୍‌ଜିଦ୍‌ଟିଏ ଭାଙ୍ଗି ପକାଇଥିଲେ ଆର୍.ଏସ୍.ଏସ୍ ଓ ବଜରଙ୍ଗଦଳର ନେତାମାନଙ୍କ ଉପସ୍ଥିତିରେ । ସୌଧ ଭାଙ୍ଗିବାକୁ ଯାଇ ଚାରିଜଣ କରସେବକ ଧ୍ୱଂସ ସ୍ତୁପ ତଳେ ଚାପା ପଡ଼ି ନିହତ ହେଲେ ଏବଂ ଆହତ ହେଲେ ଶତାଧିକ ଲୋକ ।

ବାବ୍ରୀ ମସ୍‌ଜିଦ୍ ଯୋଗୁଁ ବାଂଲାଦେଶରେ ବି ପ୍ରଚଣ୍ଡ ତାଣ୍ଡବ ଆରମ୍ଭ ହୋଇଯିବ । ମନ୍ଦିର ଗୁଡ଼ିକ ଧୂଳିସାତ୍ ହେବ । ହିନ୍ଦୁମାନଙ୍କର ଘରବାଡ଼ି ପୋଡ଼ାହେବ । ଦୋକାନବଜାର ଲୁଟ୍ ହେବ ଇତ୍ୟାଦି ଇତ୍ୟାଦି । କରସେବକମାନେ ବାବ୍ରୀ ମସ୍‌ଜିଦ୍ ଭାଙ୍ଗି ଏ ଦେଶର ମୌଳବାଦୀମାନଙ୍କୁ ଆହୁରି ହୃଷ୍ଟପୁଷ୍ଟ କରିପକାନ୍ତି ।

ସୁରଂଜନ ଜଣେ ଭାରତୀୟ ବଂଶୋଦ୍ଭବ ଥିଲେ । ତାଙ୍କର ବାପା ଥିଲେ ସୁଧାମୟ ଦତ୍ତ, ଜେଜେବାପା ଥିଲେ ସୁକୁମାର ଦତ୍ତ, ଅଣ ଜେଜେବାପା ଥିଲେ ଜୋତିର୍ମୟ ଦତ୍ତ ଆଦି ପୂର୍ବପୁରୁଷ ଭାରତରେ ହିନ୍ଦୁ ପାରିବାରିକ ରୀତିନୀତିରେ ଭାରତର ଅଧିବାସୀ ହୋଇଥିଲେ । ମାତ୍ର ସୁରଂଜନ ଓ ତାଙ୍କର ବାପା ବଙ୍ଗଳାଦେଶରେ ରହୁଥିଲେ । ସେଠାରେ ସୁରଂଜନଙ୍କ ବନ୍ଧୁମାନଙ୍କ ମଧ୍ୟରେ ମୁସଲମାନମାନଙ୍କର ସଂଖ୍ୟା ଅଧିକ ଥିଲା । ସେମାନେ ଧର୍ମ ବିଶେଷଭାବରେ ମାନୁନଥିଲେ ଯଦିଓ ସୁରଂଜନଙ୍କୁ ସାଙ୍ଗ ହିସାବରେ ଭଲ ପାଉଥିଲେ । ସୁରଂଜନର ଯେକୌଣସି ବିପଦରେ କାମଲ, ହାଇଦର, ରବିଉଲ୍, ବେଲାଲ ନିକଟରେ ବନ୍ଧୁଥିଲେ ।

ସୁରଂଜନ ପିଲାଟିବେଳରୁ ଛାତ୍ର ରାଜନୀତିରେ ଜଡ଼ିତ ଥିଲା । ଆନନ୍ଦମୋହନା କଲେଜରେ ଛାତ୍ର ସଂସଦ ନିର୍ବାଚନରେ ସେ ସହ ସଂପାଦକ ଭାବରେ ବିଜୟୀ ହୋଇଥିଲା । ସେହି

[୧୬୯] ତତ୍ରୈବ, ପୃ-୭

ସମୟରେ ବାପାଙ୍କର ଚାପରେ ସୁରଂଜନ କଲିକତା ସହର ଛାଡ଼ି, ବାଂଲାଦେଶର ରାଜଧାନୀ ଢାକାକୁ ଆସିଲା ।

୧୯୯୨ ମସିହାରେ ଭାରତର ଉତ୍ତର ପ୍ରଦେଶରେ ବାବରୀ ମସଜିଦ୍ ଭଙ୍ଗା ଯାଇଛି କରସେବକମାନଙ୍କ ଦ୍ୱାରା । ସାମ୍ବାଦିକମାନେ ମଧ୍ୟ ଠାଆକୁ ଠାଆ ଏକାଠି ହେଉଛନ୍ତି । ସମସ୍ତଙ୍କର ମୁହଁରେ ଗୋଟିଏ କଥା ବାବରୀ ମସଜିଦ୍ । ୨ ଶହ ଲୋକ ମୃତ ଓ ଅନେକ ଲୋକ ଆହତ ହୋଇଛନ୍ତି ।

ଆର୍.ଏସ୍.ଏସ୍ ଓ ଶିବସେନାମାନଙ୍କ ସହିତ ମୌଳବାଦୀ ଦଳଗୁଡ଼ିକୁ ମଧ୍ୟ ସରକାର ବ୍ୟାନ୍ କରିଥାନ୍ତି । ଲୋକସଭାର ବିରୋଧୀଦଳ ନେତା ପଦରୁ ଲାଲକୃଷ୍ଣ ଆଡ଼ଭାନୀଙ୍କର ପଦତ୍ୟାଗ । ସୁରଂଜନ ଲକ୍ଷ୍ୟ କରୁଛି ସମସ୍ତେ ତାକୁ ରକ୍ଷା କରିବା ପାଇଁ ଓ କରୁଣା କରିବା ପାଇଁ ଚେଷ୍ଟା କରୁଛନ୍ତି ।

ସୁରଂଜନ ଘରର ବଡ଼ପୁଅ । ତାହାର କୌଣସି ଚାକିରି ହୋଇନାହିଁ । ପରିବାରର ସମସ୍ତ ଦାୟିତ୍ୱ ତାହାର ଉପରେ ପଡ଼ିବ । ଏବେବି ସେ ତାଙ୍କର ବାପା ସୁଧାମୟଙ୍କର ପେନ୍‌ସନ୍ ଟଙ୍କାରେ ତାଙ୍କର ଡାକ୍ତର ବାପାଙ୍କର ଘରେ ରୋଗୀ ଦେଖିବା ଟଙ୍କାରେ ସଂସାର ଚାଲୁଅଛି । ତାଙ୍କର ବାପାଙ୍କର ସ୍ୱାସ୍ଥ୍ୟ ଖରାପ ଯୋଗୁଁ ସେ ଡାକ୍ତର ଡାକିଆଣିବେ । ଏ ଘରଟା ଜେଣେ ହିନ୍ଦୁର ନା ଜଣେ ଅସୁସ୍ଥ ମଣିଷର ବୋଲି ବର୍ତ୍ତମାନ ଚର୍ଚ୍ଚା । ଏଣେ ତା'ର ବାପା ସୁଧାମୟଙ୍କର ହାର୍ଟଷ୍ଟ୍ରୋକ୍ ହୋଇଛି । ଏହିକ୍ଷଣି କ'ଣ ତା'ର ବାନ୍ଧବୀମାନଙ୍କର ସାଙ୍ଗରେ ଆଡ୍ଡା ମାରୁଛି ।

ସୁରଂଜନ ଘରକୁ ତା'ର ସାଙ୍ଗ ହାଇଦର ଆସି ଆଡ୍ଡାମାରି ଦୁଇଜଣ କଥା ହେଉଛନ୍ତି । ହାଇଦର ଆୱାମୀ ଲିଗ୍‌ର ଲୋକ । ଗୋଟିଏ ସମୟରେ ସୁରଂଜନ ଓ ହାଇଦର ଛୋଟମୋଟ ବାଣିଜ୍ୟ କାରବାର କରୁଥିଲେ ।

ସୁରଂଜନ କହିଥିଲା ଯେ, ଦେଶର ସାର୍ବଭୌମତ୍ୱ ସବୁ ମଣିଷଙ୍କ ପାଇଁ ସମାନ ଅଧିକାର ଉପରେ ଭିତ୍ତିକରି ପ୍ରତିଷ୍ଠିତ ହୋଇଅଛି । ସୁରଂଜନ ତା'ର ସାଙ୍ଗକୁ ପ୍ରଶ୍ନ କରିଅଛି ଯେ, ଇସ୍‌ଲାମକୁ ରାଷ୍ଟ୍ରୀୟ ଧର୍ମ ବୋଲି ଘୋଷଣା କରିବା ଦ୍ୱାରା ଅନ୍ୟ ଧର୍ମାବଲମ୍ବୀ ଲୋକମାନଙ୍କୁ ରାଷ୍ଟ୍ରୀୟ ଆନୁକୂଲ୍ୟ ବା ସ୍ୱୀକୃତିରୁ ବଞ୍ଚିତ କରାଯାଉ ନାହିଁକି ?

ସୁରଂଜନ ତା' ସାଙ୍ଗ ହାଇଦରକୁ କହିଥିଲା କ'ଣ ପାକିସ୍ଥାନ ଭଲ ଥିଲା, ହାଇଦର ରାଗିଯାଇ କହିଥିଲା ଯେ, ପ୍ରକୃତରେ ପାକିସ୍ଥାନୀ ଆଦୌ ଭଲ ନଥିଲେ । ପାକିସ୍ଥାନରେ ତୁମେମାନେ କିଛି

ଆଶା କରିନଥାନ୍ତ । ବଙ୍ଗଳାଦେଶ ହେବା ଫଳରେ ତୁମେମାନେ ଭାବିବ ଯେ ଏ ଦେଶରେ ସବୁକିଛି ଅଧିକାର ରହିବ । ଏ ହେଉଛି ଧର୍ମନିରପେକ୍ଷ ରାଷ୍ଟ୍ର ।

ହାଇଦର ସୁରଂଜନର ଅନେକ ଦିନର ବନ୍ଧୁ । ଗୋଟିଏ ବିଶ୍ୱାସର ମଣିଷ ସେମାନେ । ହାଇଦରର ଭଉଣୀ ନା ପରିବର୍ତ୍ତନ ଉପରେ ପରିବାର ପକ୍ଷରୁ ଯେତେବେଳେ ସୁରଂଜନକୁ ତ୍ୟାଗ କରିବା ପାଇଁ ବାଧା ଆସିଥିଲା, ସେତେବେଳେ ହାଇଦର କେଉଁ ପକ୍ଷରେ ଥିଲେ ଏବେ ବି ସୁରଂଜନକୁ ଜଣାନାହିଁ । ସୁରଂଜନ ଓ ପରଭିନ୍ ସମ୍ପର୍କରେ ହାଇଦର ସର୍ବଦା ନୀରବ ରହୁଥିଲା । ମାତ୍ର ସୁରଂଜନ ଚାହୁଁଥିଲା ହାଇଦର ଯେଉଁଠି ହେଲେ ମଧ୍ୟ ତାଙ୍କୁ ସପୋର୍ଟ କରନ୍ତୁ ।

ହାଇଦର ଭାବିନେଲା ପରବିନ୍ ତା'ର ସ୍ୱାମୀଙ୍କୁ ବୋଧହୁଏ ଛାଡ଼ପତ୍ର ଦେବ । ଆଜକୁ ପାଞ୍ଚବର୍ଷ ହେବ ସୁରଂଜନ ପରଭିନ୍‌କୁ ଦେଖିନାହିଁ । ଇଚ୍ଛାକରି ରତ୍ନାର ମୁହଁଟି ମନେ ପକାଇଲା । ରତ୍ନା ମିତ୍ର, ଚମତ୍କାର ଝିଅଟିଏ । ସୁରଂଜନ ସାଙ୍ଗରେ ଭଲ ବି ମାନିବ ।

'ସୁରଂଜନର ବାପା ସୁଧାମୟଙ୍କର ଆଜି ଏ ଜିଲ୍ଲାରୁ କାଲି ସେ ଜିଲ୍ଲାକୁ ବଦଳି । କିନ୍ତୁ ସୁଧାମୟଙ୍କର ସ୍ତ୍ରୀ କିରଣମୟୀ ବ୍ରାହ୍ମପଲ୍ଲୀରେ ଦୁଇଟି ପିଲାଙ୍କୁ ନେଇ ଘରଛାଡ଼ି କୁଆଡ଼େ ଯାଇନାହାନ୍ତି । ସ୍ୱାମୀଙ୍କ ସାଙ୍ଗରେ ଯିବାକୁ ଇଚ୍ଛା ଥିଲେ ମଧ୍ୟ ସେ ପିଲାଙ୍କର ପାଠପଢ଼ା ପାଇଁ ନିଜକୁ ସଂଯତ କରିଅଛନ୍ତି ।'[୧୭୦]

ଉତ୍ତର ପ୍ରଦେଶର ଅଯୋଧ୍ୟାରେ ବାବ୍ରୀ ମସଜିଦ୍ ଭାଙ୍ଗି ପକାଇବା ପରେ ସାରା ଭାରତରେ ରକ୍ତକ୍ଷୟୀ ସଂଗ୍ରାମ ଆରମ୍ଭ ହୋଇଯାଇଛି । ତା'ର ମାତ୍ରା ବି ଧୀରେ ଧୀରେ କମି ଆସୁଛି । ଭାରତରେ ମୃତକଙ୍କ ସଂଖ୍ୟା ଅଠର ଶହରୁ ବେଶୀ ହୋଇଗଲାଣି । ଗୋଲକପୁରରେ ଦିନେବେଳା ଧର୍ଷଣ ଘଟଣା ଘଟୁଛି, ମୁସଲମାନଙ୍କର ଘରେ ଆଶ୍ରିତ ହୋଇଥିବା ଝିଅମାନେ ମଧ୍ୟ ଧର୍ଷିତା ହେଉଅଛନ୍ତି । ଦିନ ଦ୍ୱିପ୍ରହରରେ ପ୍ରାୟ ଶହେ ଖଣ୍ଡେ ଦୋକାନର ସାଇନ୍‌ବୋର୍ଡ ଭାଙ୍ଗି ପକାଇଛନ୍ତି । ପ୍ରାଥମିକ କ୍ଷୟକ୍ଷତିର ପରିମାଣ ଶହେ ଚଉରାଳିଶ କୋଟି ଟଙ୍କା । ଦେଶସାରା ହଜାର ହଜାର ଘର ଓ ବିଭିନ୍ନ ବାଣିଜ୍ୟିକ ପ୍ରତିଷ୍ଠାନ, ମନ୍ଦିର ଓ ଉପାସନାଗାର କ୍ଷତିଗ୍ରସ୍ତ ହୋଇ ଧ୍ୱଂସ ହୋଇଛି ।

'ବାର୍ କାଉନ୍‌ସିଲ ଛକରେ ସୁରଂଜନ ରିକ୍ସାକୁ ରଖିଲା । ଅଟକାଇ ସିଗାରେଟ୍ ଲଗାଇଲା । ଅଳ୍ପ ସମୟ ପରେ ଚାଲି ଚାଲି ଝିଅଟିଏ ଆସୁଥିବାର ଦେଖିଲା-ସୁରଂଜନ ଡାକିଲା-ଏଇ...

[୧୭୦] ତତ୍ରୈବ, ପୃ-୨୭

କହୁ କହୁ ଝିଅଟି ଆସି ରିକ୍ସା ପାଖରେ ଠିଆହୋଇ ହସିଲା । ସୁରଂଜନ କହିଲା-ତୁମ ନାମ କ'ଣ ?

ଝିଅଟିର ବୟସ ଊଣାଇଶ କି କୋଡ଼ିଏ ହେବ । ମୁହଁରେ ରଙ୍ଗ ଲଗାଇଲେ ମଧ୍ୟ ଚେହେରାରେ ଗୋଟିଏ ସାରଲ୍ୟ ଅଛି । ଝିଅଟି ହସି କହିଲା - ପିଙ୍କି ।

ପୁରା ନାଁ ଟା କହ ।

ସାମିନା ଆକତାର ।

ସାମିନା ରିକ୍ସାରେ ବସିଲା । ସୁରଂଜନ ରିକ୍ସାବାଲାଙ୍କୁ ଟିକାଟୁଲି ଆଡ଼କୁ ଯିବାକୁ କହିଲା । ଝିଅଟା ତା ଦେହକୁ ଲାଗି ବସିଅଛି । ସୁରଂଜନ ଘର ଭିତରକୁ ପଶିଲା । ସାମିନା ବି ଗଲା ତା' ପଛେ ପଛେ । ଆଜି ସେ ଯାହା କରୁଛି ସୁସ୍ଥ ମୁଣ୍ଡରେ କରୁଛି, କୌଣସି ପ୍ରକାରର ନିଶା ମଧ୍ୟ ସେ କରିନାହିଁ ।'[୧୭୧]

ସେପଟ ଘରୁ କୌଣସି ଶବ୍ଦ ଶୁଭାଗଲା ନାହିଁ । ବୋଧହୁଏ ସେମାନେ ଶୋଇ ପଡ଼ିଛନ୍ତି । କାନ ପତାଇଲେ ମଧ୍ୟ ସୁଧାମୟଙ୍କର ଗଁ ଗଁ ଶବ୍ଦ ଶୁଣାଯାଆନ୍ତା । ସେମାନେ କ'ଣ ବୁଝିପାରୁଛନ୍ତି ଯେ, ସେମାନଙ୍କର ମେଧାବୀ ପୁତ୍ରମଣି ଗୋଟିଏ ବେଶ୍ୟାନେଇ ଏ ଘରକୁ ଆସିଛି । ସୁରଂଜନ ମଧ୍ୟ ସାମିନାକୁ ବେଶ୍ୟା ବୋଲି ଭାବୁନାହିଁ । ଭାବୁଛି ଖାଲି ଗୋଟିଏ ମୁସଲମାନ ଝିଅ । ଗୋଟିଏ ମୁସଲମାନ ଝିଅକୁ ଧର୍ଷଣ କରିବାକୁ ଖୁବ୍ ଇଚ୍ଛା ହେଉଛି ।

'ସେ ସାମିନାକୁ ଧର୍ଷଣ କରିବ । ଖାଲି ଧର୍ଷଣ । ଘରର ଆଲୁଅ ସେ ଲିଭାଇ ଦେଲା । ସାମିନାର ଲୁଗାପଟା ଖୋଲିଦେଲା । ତା'ର ଶ୍ୱାସ ଦୃତ ହେଉଛି । ଧକାଦେଇ ସାମିନାକୁ ତଳେ ପକାଇ ତା' ଉପରକୁ ଡେଇଁ ପଡ଼ିଲା ସୁରଂଜନ । ସୁରଂଜନ ବୁଝିପାରୁଛି ଯେ ସେ ଅଯଥାରେ ଝିଅଟିର ଚୁଟି ଟାଣୁଛି । ଝିଅଟିର ଛାତିକୁ ଯୋର୍‌ରେ କାମୁଡ଼ି ପକାଉଛି । ତା'ର ତଳିପେଟ, ପେଟ ଉରୁରେ ଧାରୁଆ ନଖରେ ଆଞ୍ଚୁଡ଼ି ପକାଉଛି । ଝିଅଟାକୁ ତଛନଛ କରି ସୁରଂଜନ ଧର୍ଷଣ କଲା । ଝିଅଟି ବୋଧହୁଏ ଏପରି ଅଦ୍‌ଭୁତ ହିଂସ୍ର ଖରିଦଦାର ଆଗରୁ ଦେଖିନି । ସାମିନା ଲୁଗାପଟା ସଜାଡ଼ି ଠିଆହେଲା । ସୁରଂଜନ ଏଣିକି ଖୁବ୍ ଶାନ୍ତ । ଭାବିଲା ଝିଅଟାକୁ ଗଳାଧକା ଦେଇ ବାହାର କରିଦେବ । ଝିଅଟି କହିଲା ଟଙ୍କା ଦିଅନ୍ତୁ । ସୁରଂଜନ ଦଶଟି ଟଙ୍କା ଦେଲା ।'[୧୭୨]

[୧୭୧] ତତ୍ରୈବ, ପୃ-୭୫, ୭୬

[୧୭୨] ତତ୍ରୈବ, ପୃ-୭୭

ହିନ୍ଦୁମାନେ ମଧ୍ୟ ଧର୍ଷଣ କରିପାରନ୍ତି । ସେମାନଙ୍କର ମଧ୍ୟ ହାତ, ଗୋଡ଼, ମୁହଁ ଅଛି । ସାମିନା ଗୋଟିଏ ନିରୀହ ଝିଅ, ତେବେ ବି ତ ମୁସଲମାନ । ଏଇକ୍ଷଣି ମୁସଲମାନଙ୍କର ଗାଲରେ ଏକ ଥାପଡ଼ ମାରିପାରିଲେ ସୁରଂଜନର ଆନନ୍ଦ ହୁଏ ।

ରାତିସାରା ସୁରଂଜନ ଭାବୁଥିଲା ସନ୍ତ୍ରାସ ବିରୁଦ୍ଧରେ ଗୋଟିଏ ତୁଚ୍ଛ ପ୍ରତିଶୋଧ ନେବାକୁ ଚାହିଁଲେ ବି ସେ ପାରୁନାହିଁ । ସାମିନା ଝିଅ ପାଇଁ ରାତିସାରା ତା'ର ମାୟା ଓ କରୁଣା ହେଲା । ହିଂସା କିମ୍ବା ରାଗ ହେଲାନାହିଁ ।

ସୁରଂଜନର ସାଙ୍ଗ ହାଇଦର ଆସି ସୁରଂଜନକୁ କହିଲା, ତା'ର ଭଉଣୀ ପରଭିନ୍ ଡିଭୋର୍ସ ହୋଇଛି । ବରଂ ଭାବିଲା ବେଶ ଭଲ ହୋଇଛି । ଏଥରକ ମଜା ବୁଝ । ମନେ ମନେ ସେ ପରଭିନ୍‌କୁ ରେପ୍ କଲା । ତଥାପି ମନରେ  ରେପ୍‌ର ସ୍ୱାଦ ଥାଏ ।

ଏକ ସମୟରେ ସୁରଂଜନ ସାମ୍ପ୍ରଦାୟିକ ସଂପ୍ରୀତି କଥା କହୁଥିଲା । କହୁଥିଲା ଯେ, ଏ ଦେଶରେ ସାମ୍ପ୍ରଦାୟିକ ସଂପ୍ରୀତିର ସୁନାମ ରହିଛି । ସୁରଂଜନ ଦେଖେ ଯେ, ଭାରତ ତୁଳନାରେ ଏ ଦେଶ ବଙ୍ଗଳାଦେଶରେ ଦଙ୍ଗା କିଛିନୁହେଁ । ହାଇଦର ବି ସେହିକଥା କହୁଥିଲା । ସୁରଂଜନ ଏ କଥାର ପ୍ରତିବାଦ କରିଥିଲା ।

ସେନାବାହିନୀରେ କୌଣସି ସଂଖ୍ୟାଲଘୁ ବ୍ରିଗେଡିଅର, ମେଜର ଜେନେରାଲ ନାହାନ୍ତି । ଖାଲି ସେତିକି ନୁହେଁ, ଜନତା ବ୍ୟାଙ୍କ, କୃଷି ବ୍ୟାଙ୍କ, ଶିଳ୍ପ ବ୍ୟାଙ୍କ ଏ ସବୁଥିରେ ହିନ୍ଦୁ ସମ୍ପ୍ରଦାୟର କୌଣସି ଏମ୍.ଡି. ନାହାନ୍ତି ।

କେହି କେବେହେଲେ ଖୁବ୍ ସ୍ନେହରେ ସୁରଂଜନକୁ ସ୍ପର୍ଶ କରିନାହିଁ ପରଭିନ୍ ଛଡ଼ା । ଜୀବନରେ ଯାହାକିଛି ଘଟୁ ପଛେ ଏକଥା ତ ମିଛ ନୁହେଁ ଯେ, ପରଭିନ୍ ତାକୁ ଚୁମା ଦେଉଥିଲା । ସେ ପରଭିନ୍‌କୁ ଆଲିଙ୍ଗନ କରି କହୁଥିଲା ଯେ, ତୁ ଗୋଟାଏ ପକ୍ଷୀ । ପରଭିନ୍ ହସି ହସି ଗଡ଼ିଯାଉଥିଲା ଓ କହୁଥିଲା ତୁ ଗୋଟିଏ ମାଙ୍କଡ଼ । ତା'ର ମା' କିରଣମୟୀ ଘରକୁ ପଶି ଆସୁଥିଲେ ଦୁହେଁଯାକ ଛଡ଼ାଛଡ଼ି ହୋଇ ଯାଉଥିଲେ । ତା'ର ମା' ପରଭିନ୍‌କୁ ଖୁବ୍ ସ୍ନେହ କରୁଥିଲେ ।

ସୁରଂଜନ ଗଭୀର ଭାବରେ ଯେତେବେଳେ ରତ୍ନା ଭିତରେ କଥା ଭାବିବାକୁ ଆରମ୍ଭ କରିଅଛି- ଠିକ୍ ସେତିକିବେଳେ କବାଟର ଖଟ୍ ଖଟ୍ ଶବ୍ଦ ହେଲା । କବାଟ ଖୋଲି ସୁରଂଜନ

ଦେଖିଲା ରତ୍ନା ଠିଆହୋଇଛି । ନିଜକୁ ସମ୍ଭାଳି ବସନ୍ତୁ ବସନ୍ତୁ କହିଲା ବେଳକୁ ସୁରଂଜନ ରତ୍ନା ପଛରେ ଜଣେ ସୌମ୍ୟଦର୍ଶନ ଭଦ୍ରଲୋକଙ୍କୁ ଦେଖିଲା । ରତ୍ନା ପରିଚୟ କରାଇଦେଲା-ୟା'ଙ୍କ ନାମ ହ୍ୟୁମାୟୁନ୍ । ମୋର ସ୍ୱାମୀ ।

'ସୁରଂଜନର ଛାତି ଭିତରେ ମୁହୂର୍ତ୍ତକରେ ଗୋଟିଏ ସମୁଦ୍ର ଗର୍ଜି ଉଠିଲା । ଝଡ଼ ହେଲା-ଘୂର୍ଣ୍ଣିଝଡ଼ । ଜୀବନରେ ଅନେକ ବର୍ଷ ହେଲାରେ କଟାଇ ବାକି ଜୀବନରେ ରତ୍ନାକୁ ନେଇ ସଂସାର କରିବାରେ ତାହାର ବଡ଼ ସ୍ୱପ୍ନ ଥିଲା । ଆଉ ରତ୍ନା କ'ଣ ନା ହସି ହସି ମୁସଲମାନ ସ୍ୱାମୀ ଧରି ଦଙ୍ଗା କବଳିତ ଦେଶରେ (ବାଂଲାଦେଶ) ବଞ୍ଚି ରହିବାର ବିକଳ୍ପ ବ୍ୟବସ୍ଥା କରିନେଇଛି ।'[୧୭୩]

ସେଠାରୁ ସୁରଂଜନ ତା'ର ବାପା ସୁଧାମୟଙ୍କୁ କହିଲା-ବାପା, ମୁଁ କାଲି ରାତିସାରା ଗୋଟିଏ କଥା ଭାବିଛି । ତୁମକୁ କହିଲେ ତୁମେ ମୋର କଥା ରଖିବତ ? ବାପା କହିଲେ କ'ଣ ? ସୁରଂଜନ କହିଲା, ଚାଲ ଆମେ ଇଣ୍ଡିଆ ଚାଲିଯିବା । ବାପା କହିଲେ ନିଜ ଦେଶ ଛାଡ଼ି ପଳାଇଯିବାକୁ କହୁଛୁ ତୋତେ ଲଜ୍ଜା ମାଡୁନାହିଁ ?

ସୁରଂଜନ ବାପାଙ୍କୁ କହିଲା, ଦେଶ ଧୋଇ କ'ଣ ପାଣି ପିଇବା ? ଦେଶ ତୁମକୁ କ'ଣ ଦେଇଛି ? ବାପା, ତୁମର ଏ ଦେଶ ମାୟାକୁ କ'ଣ ଦେଲା, ମା'କୁ କାହିଁକି କାନ୍ଦିବାକୁ ପଡ଼େ ? ତୁମେ ରାତିସାରା, କାହିଁକି ଗଁ ଗଁ ହେଉଥାଅ, ମୋତେ କାହିଁକି ନିଦ୍ର ହୁଏନାହିଁ ?

ସୁରଂଜନ ବାପାଙ୍କୁ କହିଲେ-ଦଙ୍ଗା କ'ଣ ହେଉନି, ବାପା କହିଲେ ମାୟାକୁ ଯଦି ରକ୍ଷା କରିହେଲାନି, କାହାକୁ ତେବେ ରକ୍ଷା କରିବାକୁ ସୁରଂଜନ ବ୍ୟର୍ଥ ହେଲା ?

ଶେଷ ରାତିରେ ସୁରଂଜନକୁ ନିଦ ଲାଗିଆସେ । ସେ ଗୋଟିଏ ଅଦ୍ଭୁତ ଦୁଃସ୍ୱପ୍ନ ଦେଖେ ସେତେବେଳେ, ଯେ ସମୁଦ୍ର ଭିତରେ ଭଉଁରୀ ତାକୁ ତଳକୁ ତଳକୁ ଟାଣିନେଉଛି । କିଛି ସମୟ ପରେ ସ୍ୱପ୍ନ ଭାଙ୍ଗିଗଲାପରେ ଦେଖେ ଯେ, ତା' ପାଖରେ ତା'ଣ ମା' କିରଣମୟୀ ଓ ବାପା ସୁଧାମୟ ଠିଆ ହୋଇଛନ୍ତି ।

ସୁରଂଜନକୁ ବାପା ସୁଧାମୟ କହିଲେ- ଚାଲ, ଇଣ୍ଡିଆ ପଳାଇଯିବା ।

ସେହିଦିନ ଠାରୁ ସେମାନେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ ।

[୧୭୩] ତତ୍ରୈବ, ପୃ-୯୬

## ମହାଶ୍ୱେତାଦେବୀଙ୍କ ନିର୍ବାଚିତ ଗଳ୍ପ

'ବିଖ୍ୟାତ ବଙ୍ଗଳା ଲେଖିକା ମହାଶ୍ୱେତାଦେବୀ ଜଣେ ବିଶିଷ୍ଟ ସାରସ୍ୱତ ସାଧିକା । ନିଜ ଜୀବନର ଅନେକ ସମୟରେ ସାହିତ୍ୟ ରଚନା କରି ବିଶ୍ୱ ସାହିତ୍ୟ ଇତିହାସରେ ସର୍ବଶ୍ରେଷ୍ଠ ପୁରସ୍କାର ଜ୍ଞାନପୀଠ ପୁରସ୍କାର, ମାଗାସେସ୍ ପୁରସ୍କାର ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଇତ୍ୟାଦି ସେ ପାଇସାରିଛନ୍ତି । ଯାହାକି ମହାଶ୍ୱେତାଦେବୀଙ୍କୁ ସମ୍ମାନିତ କରିପାରିଅଛି ବିଶ୍ୱ ସାହିତ୍ୟ ଜଗତରେ । ସେ ଥିଲେ ଭାରତବର୍ଷର ଲେଖିକା ମଧ୍ୟରେ ଅନନ୍ୟା । ମହାଶ୍ୱେତାଦେବୀ ସାହିତ୍ୟରେ ମନୋନିବେଶ କରିବା ସହିତ ସମାଜସେବା, ବିଶେଷକରି ଦରିଦ୍ର, ନିପୀଡ଼ିତମାନଙ୍କ ସେବା କରିବାରେ ସେ ଥିଲେ ଅଗ୍ରଗଣ୍ୟା । ଜଙ୍ଗଲ ଭିତରେ ଯେଉଁ ଆଦିବାସୀ ଲୋକମାନେ ରହୁଛନ୍ତି, ଆଇନ୍ କାନୁନ୍ ବିଷୟରେ ଯେଉଁମାନେ ଅଜ୍ଞ, ସେମାନଙ୍କର ସେବା କରିବା ପାଇଁ ସେ ଜୀବନରେ ଏକ ବ୍ରତ ଭାବରେ ଗ୍ରହଣ କରିନେଇଥିଲେ । ସେ ବ୍ୟକ୍ତିଗତ ଭାବରେ ବିଭିନ୍ନ ଜାଗା ବୁଲିଥାନ୍ତି ଓ ଯେଉଁଠି କିଛି ଅସୁବିଧା ହେଲା, ତାହାର ସମାଧାନ କରିଥାନ୍ତି । ଜମିଦାର, ମହାଜନମାନଙ୍କର ଅସହାୟ ଲୋକଙ୍କ ପ୍ରତି ଯେଉଁ ବ୍ୟବହାର ସେଗୁଡ଼ିକ ଅତ୍ୟନ୍ତ ସାବଲୀଳ ଓ ପ୍ରାଣସ୍ପର୍ଶୀ ଭାବରେ ତାଙ୍କର ଗଳ୍ପ ମାଧ୍ୟମରେ ପ୍ରକାଶ କରିଅଛନ୍ତି ।'[୧୭୪]

ମହାଶ୍ୱେତାଦେବୀଙ୍କ ରଚିତ ପଚାଶଟି ଗଳ୍ପରୁ ଓଡ଼ିଆରେ ଅନୁବାଦ କରିବା ପାଇଁ ନନ୍ଦିନୀଦେବୀ ସାହସ କରିପାରିନଥିଲେ । ମହାଶ୍ୱେତାଦେବୀ, ନନ୍ଦିନୀଦେବୀଙ୍କୁ ଏକପ୍ରକାର ବାଧ୍ୟ କରିଥିଲେ ଅନୁବାଦ କରିବାକୁ । "ମହାଶ୍ୱେତାଦେବୀଙ୍କ ଭାବନାକୁ ମୁଁ ଏହି ଅନୁବାଦ ମାଧ୍ୟମରେ ପ୍ରକାଶ କରିବାକୁ ଚେଷ୍ଟା କରିଅଛି ।" - କହନ୍ତି ନନ୍ଦିନୀଦେବୀ । ତାଙ୍କର ପଚାଶଟି ଗଳ୍ପ ମଧ୍ୟରୁ ନନ୍ଦିନୀଦେବୀ କୋଡ଼ିଏଟି ଗଳ୍ପକୁ ଓଡ଼ିଆରେ ଅନୁବାଦ କରିଅଛନ୍ତି । ଯାହା ଓଡ଼ିଶାର ପାଠକ ଓ ପାଠିକାଙ୍କ ହୃଦୟରେ ଗଭୀର ରେଖାପାତ କରିପାରିଛି ।

ଏଠାରେ ତାଙ୍କର କୋଡ଼ିଏଟି ଗଳ୍ପର ସାରସଂକ୍ଷେପ ଆଲୋଚନା କରାଯାଉଛି, ଯାହାକି ନନ୍ଦିନୀଦେବୀଙ୍କର ସାରସ୍ୱତ ବିଶେଷତର ଅନୁବାଦିକାର ପ୍ରଗାଢ଼ ପରିଚୟ ପ୍ରଦାନ କରେ ।

[୧୭୪] (ଅନୁ) ନନ୍ଦିନୀ ଶତପଥୀ, ମହାଶ୍ୱେତାଦେବୀଙ୍କ ନିର୍ବାଚିତ ଗଳ୍ପ, ଲକି ପବ୍ଲିକେଶନ, ବ୍ରହ୍ମପୁର-୧୯୯. ପୃ-୧ (ନିଜକଥା)

## (୧) ଜଗନ୍ନାଥଙ୍କ ରଥ :

'ପ୍ରତିବର୍ଷ କାଠଗୋଲାରେ ପାଲ ଚୌଧୁରୀଙ୍କର ରତସଜା ହୋଇଥାଏ । ସେହି ସମୟରେ ରଥଟି ଦେଖିଲା ଯେ, ତାହା ଭିତରେ ଦଇବ ଅଛି । ସେଠାରେ ଦଇବ ନାହିଁ, ଅଲୌକିକ ନାହିଁ, ପୁଣ୍ୟଦାସୀ ଭଳି ଏକଥା କିଏ ଜାଣିଛି । ତା'ର ପୂର୍ବପୁରୁଷର ଭିଟା ଛାଡ଼ି ଦେହଟା ତ ବଞ୍ଚିରହିଛି । ଏହିକ୍ଷଣି ଛୋଟ ଛୋଟ କଥାରେ ପୁଣ୍ୟଦାସୀ ଅଲୌକିକର କଥା ଦେଖେ ଅନ୍ଧ ହୋଇଗଲା ପରେ । ଜଡ଼ଜଗତ ପୁଣ୍ୟଦାସୀର ମନେହେଲା – ଏହି ଦଇବ ବିଧାତା, ତାକୁ ହିଁ କହିଛନ୍ତି, ପୁଣ୍ୟ ତୁ ରଥଚକ ତଳେ ମରିବୁ ।'[୧୭୫]

ଡାକ୍ତରଖାନାରେ ଧାୟୀ କାମ ତ ରୋଗୀସେବା, ପୁଣ୍ୟଦାସୀ ତ ସେଇଆ ଜାଣିଛି । ବୋହୂର ଦେହ ଖରାପ ହେଲେ ଲୁଗା ବଦଳାଇଦେଇ ରନ୍ଧାବଢ଼ା ମଧ୍ୟ କରେ । ପୁଣ୍ୟଦାସୀ ସ୍ୱାମୀଙ୍କ ମୁହଁକୁ ଚାହିଁଲା । ହଠାତ୍ ତାହାର ମନେ ପଡ଼ିଲା, ସାବିତ୍ରୀ ବ୍ରତ କଥାରେ ସେ ଶୁଣିଲା ଯେ, ଅହ୍ୟ ସ୍ତ୍ରୀ ପ୍ରତିଦିନ ସ୍ୱାମୀର ମୁହଁ ଦେଖେ । ସେ ବଡ଼ ପୁଣ୍ୟବତୀ । ଯେଉଁକାଳୁ ପୁଣ୍ୟଦାସୀ ମଗନଦାସର ମୁହଁ ଦେଖିଆସିଛି, ହୁଏତ ପୁଣ୍ୟ ହୋଇଛି ।

ସେତେବେଳର ଦେବତାମାନଙ୍କର ମହାତ୍ମା ଥିଲା । 'ଏଥର ଜଗନ୍ନାଥଙ୍କର ମନରେ କ'ଣ ଅଛି କିଏ ଜାଣେ । କଡ଼ ଲେଉଟାଇ ପୁଣ୍ୟଦାସୀ ଆକାଶଆଡ଼କୁ ଚାହିଁଲା । ନିଦରେ ସେ ଯେପରି ମୂକ ହୋଇଯାଇଛି, ସେମିତି ଚାହିଁଥିଲା ବେଳେ ଛାତିରେ ଚିନ୍ତା ମାଡ଼ିଆସେ । ବଢ଼ିସକାଳୁ ରଥାଯାତ୍ରା ଦିନ ପୁଣ୍ୟଦାସୀ ବାହାରିଲା – ମଗନ ଦାସକୁ କହିଲା – ମୋର ଗୋଟିଏ ମାନସିକ ଅଛି । ଏଥର ପୁଣ୍ୟଦାସୀକୁ ଭୟ ଲାଗିଲା । ହେ ଦଇବ, ପୁଣ୍ୟଦାସୀ ଏଇକ୍ଷଣି ବୁଝିପାରିଲା ଅନେକ ଆଗରୁ ରଥଚକ ତା' ଉପରେ ମାଡ଼ିଯାଇଛି । ଏଥର ପ୍ରଥମ ବଳି ହେବାର ଅଲୌକିକତାରେ ତାର ଘୋଳାଟିଆ ଆଖି ବିସ୍ଫାରିତ ହେଲା ।'[୧୭୬]

ଏଇ ଦେଖ ଜାମିନୀ, ପୁଣ୍ୟଦାସୀ କହିବାକୁ ଚେଷ୍ଟା କଲା, ଏବେ ତ ଚିରଦିନ ରଥଚକାରେ ବନ୍ଧା । ପୁଣି ଜଗନ୍ନାଥଙ୍କର ରଛ ଚାଲିଛି ।

[୧୭୫] ତତ୍ରୈବ, ପୃ-୫

[୧୭୬] ତତ୍ରୈବ, ପୃ-୧୨

## (୨) ଶିଶୁ :

'ରାଜ୍ୟର ନାମ ଲୋଗୁନାଡ଼ି । ସେମାନଙ୍କର ସହରର ନାମ ଥିଲା ଲୋହରି । ରାଜ୍ୟର ନାଁଟା ଓ ସହରୀ ନାଁଟାରେ ଏଠାକାର ଆଦିବାସୀ ମାନେ ଅନେକ ଦିନରୁ ରହିଆସିଛନ୍ତି । ଏଠାରେ ରହୁଥିଲେ ତ ଲୋହର ଲୋକମାନେ ଓ ଅଘରିଆମାନେ । ବିଶେଷତଃ ଏମାନେ ଅସୁର ସମ୍ପ୍ରଦାୟର । ସେମାନଙ୍କର ଜୀବିକା ଥିଲା ମାଟିରୁ ଲୁହା ଖୋଳି କମାରଶାଳରେ ଲୁହା ଜିନିଷ ତିଆରି କରିବା ।

ସେମାନଙ୍କର ରାଜାଙ୍କ ନାମ ଥିଲା - ଲେଗୁନାଡ଼ି । ତାଙ୍କର ନାମାନୁସାରେ ରାଜ୍ୟର ନାମ ଥିଲା - ଲୋଗୁନାଡ଼ି । ଏହି ରାଜାଙ୍କର ବାରଭାଇ ଥିଲେ, ମାତ୍ର ସେମାନଙ୍କର ଗୋଟିଏ ସ୍ତ୍ରୀ ଥିଲେ । ଦ୍ରୌପଦୀଙ୍କ ଠାରୁ ମଧ୍ୟ ଅଧିକ ସରସ । ରାଜାଙ୍କର ତେଜ ମଧ୍ୟ ସୂର୍ଯ୍ୟ ଦେବତାଙ୍କ ଠାରୁ ଅଧିକା ଥିଲା । ସେଥିପାଇଁ ତାଙ୍କର ଗର୍ବ ଥିଲା । ଦିନେ ସୂର୍ଯ୍ୟଙ୍କର ନିଆଁରେ, ଲେଗୁନାଡ଼ି ରାଜ୍ୟ, ରାଜା ଓ ଏଗାରଜଣ ଭାଇ ଜଳି ମରିଗଲେ । ସ୍ତ୍ରୀଟା ଅନ୍ୟଗାଁରେ ଥିବାରୁ ବଞ୍ଚିଗଲା । ସ୍ତ୍ରୀଟି ଗର୍ଭବତୀ ଥିଲା ଓ ନିଆଁରୁ ରକ୍ଷା ପାଇବା ପାଇଁ ନିକଟସ୍ଥ କୁମ୍ଭାରଘରକୁ ପଳାଇଲା । ସେଠି ଗୋଟିଏ ଗଛ ତଳେ ତାହାର ଛୁଆଟିଏ ଜନ୍ମହେଲା, ତାହାର ନାଁ ଜ୍ୱାଳାମୁଖୀ ।'[୧୭୭]

ବାପାରେ...

'ସେଦିନର ଶିଶୁ ଜ୍ୱାଳାମୁଖୀ ବଡ଼ ହେବାପରେ ସୂର୍ଯ୍ୟଙ୍କର ସାଙ୍ଗରେ ଲଢ଼େଇ କରିବାକୁ ଯାଇଥିଲା । ଲଢ଼େଇ ବେଳେ ଜ୍ୱାଳାମୁଖୀ ସୂର୍ଯ୍ୟଙ୍କୁ ଅଭିଶାପ ଦେଇଥିଲା - ଯେତେବେଳେ ପୂର୍ଣ୍ଣିମା ହେଉଥିବ, ସେତେବେଳେ ତୁମମାନଙ୍କର ସ୍ତ୍ରୀ, ପୁରୁଷର ମିଳନ ହେବ । ସୂର୍ଯ୍ୟଦେବତା ଅଭିଶାପ ଦେଇଥିଲେ, ତୁମେ ଅଘରିଆମାନେ ଲୁହାକାମ କରି, ଯାହା ଧନ ପାଇବ, ସବୁ ପାଉଁଶ ହୋଇ ରହିଯିବ । ସେହିଦିନଠାରୁ ଅଘରିଆମାନେ ଗରିବ ହେଲେ ।'[୧୭୮]

## (୩) ଛୁରୀ :

ଅନୁବାଦିକା ନନ୍ଦିନୀ ଶତପଥୀ, ବଙ୍ଗୀୟ ଲେଖିକା ମହାଶ୍ୱେତାଦେବୀଙ୍କ ନିର୍ବାଚିତ ଗଳ୍ପରେ 'ଛୁରୀ' ଗୋଟିଏ ଗଳ୍ପ ।

[୧୭୭] ତତ୍ରୈବ, ପୃ-୨୧

[୧୭୮] ତତ୍ରୈବ, ପୃ-୨୧

'ସେହି ଦଳର ଘନ ଘନ ବୋମାମାଡ଼ରେ ପଶ୍ଚିମବଙ୍ଗର ଏହି ବର୍ଡର ଜିଲ୍ଲାରେ ଗୋଟିଏ ଛୋଟ ସହରର ଦୁଇପାର୍ଶ୍ୱରେ ଦୋକାନଘର ଏହି ସ୍ୱାଧୀନତା ରକ୍ଷା ସହ ଅଞ୍ଚଳ ଓ କାରବାର ଦଖଲର ସଂଗ୍ରାମ ମଧ୍ୟ ଜାରି ରଖିବାକୁ ପଡ଼ିବ । ଭୋଳାବାବୁଙ୍କର ନିର୍ଦ୍ଦିଷ୍ଟ ସମୟରେ କାମ ଆରମ୍ଭ ହୋଇଗଲା । ପ୍ରଥମରେ ଲାଗିଛି ଏକ ନମ୍ବର ଇଟା, ଏକ ନମ୍ବରୀ ବାଲି, ଖାଣ୍ଟି ସିମେଣ୍ଟ ଇତ୍ୟାଦି ବ୍ୟବହାର କରାଗଲା । ସର୍ବମୋଟ ଥାନାର ଗୋଟିଏ ଲମ୍ବା କୋଷ୍ଠୀ ତିଆରି କରାଗଲା ।'[୧୭୯]

ରାତିରେ ସିନେମା ହଲ ଆଡୁ ଯେତେବେଳେ ବୋମା ଫୁଟିବାର ଶବ୍ଦ ହେଲା - ଥାନାବାବୁ ବୁଝିଲେ ଯେ, ଏଇଟା ଜର୍ମାନୀର ଆକ୍ସନ । ଧର୍ଷଣରେ ଯେପରି ଆନନ୍ଦ, ଝିଅଟିକୁ ହତ୍ୟା କରି ପାରିଲେ ସେହିପରି ଆନନ୍ଦ । ଜର୍ମାନୀ ବୁଝେଇ ପାରିବନି ଯେ, ଏଥିରେ ତାହାର କେତେ ଆନନ୍ଦ ଥାଏ ।

ଅନ୍ଧାରରେ କ'ଣ ଗୋଟିଏ ଝଲସି ଗଲା । ଲମ୍ବା ଛୁରୀଟି ଅବ୍ୟର୍ଥ ମୁନ ଜର୍ମାନୀର ଗଳା ଫଟାଇ ଗଛ ଭିତରେ ଭେଦିଗଲା । ଦ୍ୱିତୀୟ ଛୁରୀଟା କଲିଜାରେ । ଟର୍ଚ୍ଚ ଖସିପଡ଼ିଲା । ଜର୍ମାନୀବାବୁ ଏହି ମୁହୂର୍ତ୍ତଟି ପାଇଁ ମୁଁ କେତେଦିନ ହେଲା ଛୁରାଖେଳ ଦେଖାଉଛି ।

## (୪) କବିପତ୍ନୀ :

ନନ୍ଦିନୀ ଶତପଥୀଙ୍କର ଅନୁଦିତ ଏକ କ୍ଷୁଦ୍ରଗଳ୍ପ 'କବିପତ୍ନୀ' ।

'ପଚିଶ ବର୍ଷ ଆଗରୁ କଲୋନୀ କହିଲେ - ଝାଟିମାଟି ଘର ନିକଟସ୍ଥ କୋଠାଘର ଯୋଗୁଁ ସେଗୁଡ଼ିକ ଲୁଚି ଯାଇଥିଲେ । ମାନୁପାଲର ଘର ପାଖରେ ମାନୁ ଦଶତାଲା ଘର ତୋଳିଛି ଓ ଫ୍ଲାଟ୍ ବିକ୍ରି କରୁଛି ।'[୧୮୦] ରାଜନୀତି ପାଇଁ ସେଠାରେ ତରୁଣ ସଂଘ ନାମରେ ଗୋଟିଏ କ୍ଲବ ଘର କରିଦେଇଛନ୍ତି । ସମସ୍ତେ ମିଶି ସୁପ୍ରଭାତଙ୍କର ଘରକୁ ଯାଇଥିଲେ । ଏ ବର୍ଷ ତରୁଣ ସଂଘ ତରଫରୁ ଆପଣଙ୍କୁ ସମ୍ବର୍ଦ୍ଧନା ଦେବୁ । ଆପଣ ଚାଲିବୁଲି ନ ପାରିଲେ ଆପଣଙ୍କର ସ୍ତ୍ରୀଙ୍କୁ ଆମ୍ଭେ ନେଇକରିଯିବୁ ଆପଣଙ୍କର ପ୍ରତିନିଧି ଭାବରେ । କବି ତାଙ୍କର ସ୍ତ୍ରୀଙ୍କୁ କହିଲେ ମୋ ପ୍ରତିନିଧି ଭାବରେ ତୁମେ ସମ୍ବର୍ଦ୍ଧନା ପରେ କ'ଣ ଭାଷଣରେ କହିବ, କବିଙ୍କର ତିନିଶହ ପଚାଶ ଟଙ୍କା ପେନ୍‌ସନ୍‌ରେ

[୧୭୯] ତତ୍ରୈବ, ପୃ-୩୭, ୩୮

[୧୮୦] ତତ୍ରୈବ, ପୃ-୫୭

ସେମାନେ ଚଳନ୍ତି । ପୁଅର ମୁହଁ ମଧ୍ୟ ଆଉ କବିପତ୍ନୀ ମନେ ପକାଇପାରୁନାହାନ୍ତି । ସେଠାରେ ମୁଖ୍ୟଅତିଥି ହିମାଂଶୁ ବାବୁଙ୍କୁ ତୁମେ ଛୋଟ ହୋଇ କହିଲେ ମୁଁ ବି ଦୁଃସ୍ଥ ଲେଖକ ବୃତ୍ତି ପାଇପାରିବି ।

ସଭାରେ ହିମାଂଶୁବାବୁ 'କବି ସୁପ୍ରଭାତ ଦତ୍ତ ଚୌଧୁରୀଙ୍କର ବିଷୟରେ ଆଜିକାଲି ପିଲାମାନେ କିଛି ଜାଣିନାହାନ୍ତି । 'ଉଷା ଓ ଗୋଧୂଳି', 'ଚିର ବିଦାୟ', 'ଆସ ଫେରିଆସ' କବିଙ୍କର କବିତା । ଶେଷରେ କବିପତ୍ନୀ କହିଲେ ମୋ ସ୍ୱାମୀଙ୍କର ତରଫରୁ ଆପଣଙ୍କୁ ଧନ୍ୟବାଦ ଜଣାଉଛି – ନମସ୍କାର । ସ୍ୱାମୀଙ୍କର ଭାଷଣକୁ ଆଉ ଲଫାପାଟିକୁ ଜାମା ଭିତରେ ଗୁଞ୍ଜିଦେଲେ ।'[୧୮୧]

ଘରକୁ ଆସି କବିଙ୍କଠାରେ କବିପତ୍ନୀ ମାନପତ୍ରଟିକୁ ପଢ଼ିଦେଇ କବିଙ୍କୁ ବୁଝାଇଦେଲେ । ତାଙ୍କର ମୁଣ୍ଡ ଉପରେ ହାତ ବୁଲାଇ ଆଣିଲେ – ସୁପ୍ରଭାତ ।

## (୫) ଅର୍ଜୁନ :

'ମାର୍ଗଶୀର ଯାଇ ପୌଷ ମାସ ଆସିଲାଣି । ଖରାର ତେଜ ବି କମିନାହିଁ । କେତୁ ସବୁବେଳେ ଜେଲ୍‌ରେ । ଧାନ କାଟିବା, ମାଟି ତାଡ଼ିବା, ଜଙ୍ଗଲରେ ବୁଲିବା ଏହାହିଁ ତାହାର କାମ । ଚାରିଟଙ୍କା ପାଇଲେ କେତେବେଳେ ଯ ମଣିଷକୁ ମାରିଦେବ । ସରକାରୀ ବଣ କାଟିବା ଯୋଗୁଁ ସେ ବର୍ତ୍ତମାନ ଜେଲ୍‌ରେ ଅଛି । କେତୁ ଜେଲ୍‌ରେ ଥିବାରୁ ତା' ସ୍ତ୍ରୀ ମୋହନୀ କାମ ଖୋଜିଯିବ ।'[୧୮୨]

ରାମ ହାଲଦାର ଓ ବିଶାଲ ମାହାତୋ ଦୁଇଟା ଝଣ୍ଡାର ଲୋକ ହୋଇପାରନ୍ତି । କିନ୍ତୁ କେତୁ ଆଖିରେ ଦୁହେଁଯାକ ସମାନ । ସାମନାରେ ଭୋଟ ଅଛି । ବିଶାଳବାବୁ ଘୁରି ବୁଲୁଛନ୍ତି, କିନ୍ତୁ ଭୋଟ କଥା ନୁହେଁ – ଅସଲ କଥା କହିବେ ତିନିଛକରେ ଅର୍ଜୁନ ଗଛଟାକୁ ହେବ । ଏ କ'ଣ – ରାମ ହାଲଦାର କଥାରେ ଗଛଟିକୁ କାଟିଲେ ଜେଲ୍‌କୁ ଯିବୁ । ମୋ କଥାରେ ଗଛଟାକୁ କାଟିଲେ ତୋତେ ଜେଲ୍ କିଏ ନେବ ?

କେତୁ ମୁଣ୍ଡରେ କଥାଟା ଜୁଟିଲା ଯେ, ବିଶାଳବାବୁ ତ ବର୍ତ୍ତମାନ ହାକିମ ହୁକୁମା । ସେମାନେ ପରା ଦେଶ ଚଳାଉଛନ୍ତି । ତାଙ୍କ କଥାରେ ଗଛଟି କାଟିଲେ ହାଜତ ହେବନାହିଁ ।

'ଭୀଷଣ ଭୀଷଣ ରୂପ । ବିଶାଳ ମାହାତୋ ଓ ରାମ ହାଲଦାର ଦୁଇଟି ଝଣ୍ଡାର ଲୋକ । ଜଣେ ପଞ୍ଚାୟତର ଲୋକ, ଅନ୍ୟ ଜଣଙ୍କର ଜିଲ୍ଲା ବାହାରେ କାଠର କାରଖାନା ଅଛି । ବକ୍ତୃତାରେ

[୧୮୧] ତତ୍ରୈବ, ପୃ-୬୦

[୧୮୨] ତତ୍ରୈବ, ପୃ-୭୪, ୭୫

ଜଣେ ଜଣଙ୍କର ବିରୋଧୀ । କେନ୍ଦୁ ଉପରେ ଭୀଷଣ ଚାପ । ଗଛଟିକୁ ବଞ୍ଚାଇ ହେବନାହିଁ । ସେହି ଗଛଟି ଜମିଦାରୀ ଅମଳର ଜଙ୍ଗଲର ଶେଷ ପ୍ରତୀକ । ଆଉ ଶବରମାନେ ଥିଲେ ବନଜୀବୀ । ଅର୍ଜୁନ ଗଛ - ନିଆଁଲଗା - ଗୋଦା ମହାପାତ୍ର ସେହି ଗଛଟା ହିଁ ଦରକାର ତାହାର ।'[୧୮୩]

ପୀତାମ୍ବର କହିଲା - କେଉଁ କାଳରୁ ଆମକୁ ପ୍ରହରା ଦେଇ ରଖିଥିଲା ସିଏ । ବନ ବୋଇଲେ ତ ସେଇ ଗୋଟିକ ବନର ସନ୍ତାନ । ଆମେ କେଇଜଣ ମାତ୍ର ଅର୍ଜୁନ ଗଛର ପତ୍ର ମଣିଷର ଜିଭ ଭଳି ।

ବିଶାଳ ମାହାତୋ ପରାଜୟର ଗଭୀରତା ବୁଝିବା ପାଇଁ ଆଗେଇଗଲା ।

## (୬) ଗନ୍ଧ :

'ସନାତନ ନାକ କାହିଁକି କୁଣ୍ଡେଇ ହଉଛି - ଗନ୍ଧ, ନିତ୍ୟାନନ୍ଦ ଗିରି କ୍ଷୁବ୍ଧ ଆଖିରେ ସନାତନକୁ । ଲୋକଟା ଛଣ କାଟୁଛି । ମୁଣ୍ଡରେ ତାହାର କୁଞ୍ଚୁକୁଞ୍ଚିଆ ବୋଝେ ବାଳ । ଦେହରେ ଜୁଆନ ଟୋକା । ତା'ର କାମ ଦେଖିଲେ କେହି ଜାଣିପାରିବେ ନାହିଁ ଯେ, ସେ ଜନ୍ମରୁ ଅନ୍ଧ । ଗୋରୁଙ୍କ ପାଇଁ ଘାସ କାଟିବା, ମାଟି ଚକଟିବା, କାନ୍ଥ ତୋଳିଦେବା ଇତ୍ୟାଦି ସନାତନର ଦୈନନ୍ଦିନ କାମ ।

ନିତ୍ୟାନନ୍ଦ ଗିରି ବାହାରିପଡ଼ିଲେ ସନାତନ କହିଲା - ଏତେ ପଚାଗନ୍ଧ ଯେପରି ଦୀର୍ଘଦିନରୁ ମଣିଷଟିଏ ମରିଯାଇଥିବାର ଗନ୍ଧ । ନିତ୍ୟାନନ୍ଦବାବୁଙ୍କର ନିମକ ଖାଉଛି - ସନାତନ । କୁକର, ବିଲେଇ, ଛେଳି ମଲେ ମଧ୍ୟ ସମସ୍ତେ ସନାତନକୁ ଡାକନ୍ତି ତାକୁ ନେବାପାଇଁ । ଦୋକାନରେ ଚା' ବିସ୍କୁଟ୍, ଖାଇବା ଖର୍ଚ୍ଚଟା ସମସ୍ତେ ତାଙ୍କୁ ଦିଅନ୍ତି ।'[୧୮୪]

ସେହି ଦିନର ପଚାଗନ୍ଧ, ସନାତନର ଚାରିପଟେ ବାୟୁକୁ ଦୂଷିତ କରିଥିଲା । ପ୍ରଳୟ ପାଲର ଖୁନ୍ ହୋଇଯାଇଛି । ଆଉଥରେ ସେ ପଚାଗନ୍ଧ ପାଇଥିଲା ।

ରେବାମଣୀ ବାବୁଙ୍କର ସ୍ତ୍ରୀ ଥିଲା - ତା'ର ପିଲାଛୁଆ ହେଲାନି । ଆଗ ସ୍ତ୍ରୀ ମରି ବି ଗଲା । ତିନିବର୍ଷ ଆଗରୁ ରେବାମଣି ଆସିଛି । ନିତ୍ୟାନନ୍ଦର ପୌରୁଷହୀନତା ଏବଂ ରେବାମଣିର ଅତୃପ୍ତିଜନିତ ଚିଡ଼ିଚିଡ଼ି ହେଉଥିବା ଦେଖି ଗଦା ଖୁବ୍ ଉପଭୋଗ କରେ ।

[୧୮୩] ତତ୍ରୈବ, ପୃ-୭୭

[୧୮୪] ତତ୍ରୈବ, ପୃ-୮୨, ୮୩

ପଦ୍ମାମଣି ପ୍ରସଙ୍ଗଟି ସବୁଠି ବେଶୀ ଅସ୍ୱାସ୍ଥ୍ୟକର । ଏଭଳି ବାଜେ ସ୍ତ୍ରୀ ଲୋକ ବିଦା ହୋଇଯିବାଟା ମଙ୍ଗଳ । ବୁଢ଼ା ବୟସରେ ଭ୍ରମର ଦ୍ୱାରିକାକୁ ଆଣିଛି । ରଙ୍ଗ କରୁଛି । ଆଜି ସନ୍ଧ୍ୟାରେ ପଦ୍ମାମଣି ଘରେ ମିଟିଂ । ଜନତାର ମତ ହିଁ ଜନମତ ।

ଏସବୁ କଥା ସବୁ ସନାତନ କିଛି ଜାଣିପାରିଲା ନାହିଁ । ପଦ୍ମାବତୀ ଛାତିରୁ ଲୁଗା ଖସିପଡୁଛି । ପଛରେ ପୂର୍ଣ୍ଣିମାର ଗନ୍ଧ, ଶଙ୍ଖ ଘଣ୍ଟାର ଧ୍ୱନୀ । ଗୋଟିଏ ଅନ୍ଧ ଓ ଗୋଟିଏ ବେଶ୍ୟା ସବୁ ପଛରେ ପକାଇ ଚାଲିଗଲେ । ଆଉ କେଉଁଠିକୁ ଯିବେ ହୁଏତ ସେଇଠି ସବୁ ପଚିସଢ଼ି ଯାଇନାହିଁ ।

## (୭) ଚୋଲିକେ ପିଛେ :

'ସେହି ବର୍ଷଟି ଜାତୀୟ ସମସ୍ୟା ଥିଲା । ଶସ୍ୟହାନୀ, ଭୂମିକମ୍ପ, ଚାରିଆଡ଼େ ତଥାକଥିତ ସନ୍ତ୍ରାସବାଦୀ, ରାଷ୍ଟ୍ରଶକ୍ତିର ସନ୍ଦେଶ ଓ ହତ୍ୟା । ହରିଆନାରେ ଅଜାତିରେ ବାହାହେବା ଯୋଗୁଁ ଯୁବକ ଯୁବତୀଙ୍କ ମୁଣ୍ଡକାଟ ହେବ । ମେଧାପାଟେକରଙ୍କର ଆନ୍ଦୋଳନ । ଶହ ଶହ ଧର୍ଷଣ ଓ ହତ୍ୟା, ନନ୍‌ଇସ୍ୟୁ ଇତ୍ୟାଦି ମୁଖ୍ୟ ସମ୍ବାଦପତ୍ରରେ ପ୍ରକାଶିତ ହେବା କଥା, କିନ୍ତୁ ହେଲାନାହିଁ । ସେସବୁ ନନ୍‌ଇସ୍ୟୁ ହୋଇ ରହିଗଲା । ମୁଖ୍ୟ ଖବର ହେଲା - ଚୋଲିକେ ପିଛେ ।'[୧୮୫]

ବମ୍ବେର ପ୍ୟାକେଟର ମେଡ଼ ଗଣ ସଂସ୍କୃତି ହସିଁ ପ୍ରକୃତ ଭାରତୀୟ ସଂସ୍କୃତି । ମାର୍କସ, ଲେନିନ୍, ମାଓ ସେ ତୁଙ୍ଗ୍ ବ୍ୟର୍ଥ ପ୍ରକୃତିର ଶୂନ୍ୟସ୍ଥାନ ପାଇରେଟର କ୍ୟାସେଟ୍ ଜରିଆରେ ଚୋଲିକେ ପିଛେ, ଏ ସମୟରେ ମୃତ ସଂଜୀବନୀ । ଏତେସବୁ ସତ୍ତ୍ୱେ, ଶୈଳୀର ମା ତାହାର ବୃହତାୟନ ଓ କ୍ରମବର୍ଦ୍ଧମାନ ବପୁକୁ ଖାଲି ଗୋଟିଏ ଶାଢ଼ିରେ ଘୋଡ଼ାଇ ହୋଇ ରହେ । କେବେ ଜୀବନରେ ତ ବ୍ଲାଉଜ ପିନ୍ଧିଲନି । ଚୋଲି ପିନ୍ଧିବ କିପରି ?

'ଏକ ଗାଉଁଲୀ ଉଦ୍ଧତସ୍ତନା ଯୁବତୀ, ତାହାର ଶିଶୁ ମୁହଁରେ ସ୍ତନ ଗୁଞ୍ଜିଦେଇ ଆରାମରେ ବସିଛି ସ୍ତନଟି କାନିରେ ଘୋଡ଼ାଇ ହେଇ । ଛାତି ସେମାନଙ୍କର ଭରା କଳସୀ ଭଳି ଉଚ୍ଛୁଳି ପଡୁଛି । ସ୍ତନକୁ ଗୋଟିଏ ଜଟିଳ ସ୍ୱେଦଗ୍ରନ୍ଥୀ କହିଲେ ହେବ । ସେଥିରେ ଅନେକ ଚର୍ବି । ଗ୍ରନ୍ଥୀ ସଂସ୍ଥାନଟି ଖୁବ୍ ମନଗ୍ରାହୀ ଓ ସେତିକିରେ ସତରଟି ଦୁଗ୍‌ଧଦାୟିନୀ ୟୁନିଟ୍ ଥାଏ । ଗ୍ରନ୍ଥୀ ଗୁଡ଼ିକର ଗନ୍ତବ୍ୟ ହେଲା ସ୍ତନ ବୃନ୍ତ । ଶିଶୁ ଜନ୍ମହେଲେ ଦେହର ରକ୍ତ ଦୁଧରେ ପରିଣତ ହୋଇଥାଏ ।'[୧୮୬]

[୧୮୫] ତତ୍ରୈବ, ପୃ-୧୦୪, ୧୦୫

[୧୮୬] ତତ୍ରୈବ, ପୃ-୧୦୮, ୧୦୯

ଗଙ୍ଗା ପୋଲିସବାବୁଙ୍କୁ କହୁଥିଲା, ଅନେକ ଦିନ ହେବ ବାବୁ ତୁମେ ଖାଲି ମୋର ଛାତିର ଫଟୋ ଉଠାଉଅଛ । ମୁଁ କିନ୍ତୁ ତୁମର ମତଲବ ଜାଣିଥିଲି । ଗଙ୍ଗା ଚୋଲି ଖୋଲିଦେଇ ଉପୀନ ଉପରକୁ ଫୋପାଡ଼ି ଦେଲା । ଦେଖ ଦେଖ ସ୍ତନ ନାହିଁ, ଦୁଇଟି ଶୁଖିଲା ଘା, ଶୁଖିଲା ଚମଡ଼ା । ଏକାଥରେ ସମତଳ ।

## (୮) ଭାତ :

'ବଡ଼ଘରର ବଡ଼ବୋହୂ । ପ୍ରଥମରୁ ଲୋକଟାର ଚାହାଣି ଭଲ ଲାଗୁନଥିଲା । ମଇଳା ଲୁଙ୍ଗିଟା ଭି ଭାରି ଛୋଟ । ହାତରେ ଥାଳିଟେ ଧରି ପୂଜାରୀଟା କହିଲା – ଭାତ ମୁଠେ ଖାଇବି । ଏ ଘରେ ବଡ଼ ପିଉସୀର ନିୟମ ଚାଲେ । ସେ ବାହାହୋଇ ପାରିଲେ ନାହିଁ । ବଡ଼ବୋହୂ କିଛି କହିଲେ ନାହିଁ । ସବୁକଥା ସତ, ତା'ର ଶ୍ୱଶୁର ମରିବାକୁ ବସିଲାଣି । ଲୋକଟିର ନାମ ଉଛବ ବାରିକ । ପିଲାଛୁଆଙ୍କୁ ଶୀତରେ ଓ ଡରରେ ଜାବୁଡ଼ିଧରି ସ୍ତ୍ରୀ କମ୍ପୁଥିଲା ।'[୧୮୭]

ଉଛବ ପୁଣି କାଠ ହାଣିବାକୁ ଲାଗିପଡ଼ିଲା । ପ୍ରତି କାଠ ଦେଢ଼ହାତ ଲମ୍ବା ହେବ । ଛତୁ ଖାଇଦେଇ ଦାଣ୍ଡପିଣ୍ଡାରେ ପାଣି ପିଇଦେଇ ଆସ । ଏସବୁ କଥା ଶୁଣି ଉଛବ ଛାତିରେ ଦମ୍ଭ ଆସିଲା । ଭାତ ଖାଇବ ସେ ଭାତ । ଆଗ ଭାତ ଖାଇବ, ଜିଭରେ ସୁଆଦ ବାରିବ । ଆସିବାବେଳେ ଗାଁରେ ଜ୍ଞାତିକୁଟୁମ୍ବ କହିଥିଲେ ଯଦି କଲିକତା ଯାଉଛ, ତେବେ ସେମାନଙ୍କର ଶ୍ରାଦ୍ଧ କାଳୀଘାଟରେ ସାରିଦେବ । ସେମାନେ ଅପଘାତରେ ଯାଇଛନ୍ତି । ହଁ, ଉଛବ ସେ କଥା ବି କରିବ । ସତୀସବାବୁ କହୁଥିଲେ ଉଛବର ଯେ ମତିଭ୍ରମ ହୋଇଛି, ତାହା ନୁହେଁ । ସ୍ତ୍ରୀ, ପିଲା ଅପଘାତରେ ମଲେ ମଣିଷ ପାଗଳ ହୋଇଯାଏ । ଦେଖ ଉଛବ କିପରି ଖାଲି ଭାତ ଭାତ ହେଉଛି ।

'କୌଣସି ଲୋକ ଉଛବ କଥାରେ ଜବାବ ଦେଲେନାହିଁ । ଉଛବ ଘର ଭିତରେ ପଶିଲା । ପଶୁ ପଶୁ ବଡ଼ ପିଉସୀଙ୍କର ବିଳାପ ଶୁଣିଲା । ବଡ଼ ପିଉସୀ କହିଲେ – ତିନିପୁଅ ଯାକ ସ୍ଥାନ ଛାଡ଼ି ପଳାଇ ଗଲେ ଯେ, ମାରି ମାରି ସେମାନେ ଉଛବକୁ ଥାନାକୁ ନେଇଗଲେ । ଅସଲ ଦେବତାଙ୍କୁ ଉଛବ ଆଉ ଠାବ କରିପାରିଲା ନାହିଁ । ସେହି ଦେବତା ବଡ଼ହୋଇ ଅଚଳ ହୋଇ ରହିଯାଏ ।'[୧୮୮]

[୧୮୭] ତତ୍ରୈବ, ପୃ-୧୨୨, ୧୨୩

[୧୮୮] ତତ୍ରୈବ, ପୃ-୧୩୩

## (୯) ଜଳଛତ୍ର :

'ବୈଶାଖ ଜ୍ୟେଷ୍ଠରେ ଜଳଛତ୍ର କରିବା କଥା । କୁସୁମ ତାହାହିଁ କରୁଥିଲା । କିନ୍ତୁ ଏ ବର୍ଷଟାରେ ଭୀଷଣ ମରୁଡ଼ି । ମାଟି ଛାତି ଫଟାଇ ହାହାକାର କରି କାନ୍ଦୁଛି । କୁସୁମର ପ୍ରାଣଟା ଅନ୍ୟ ପ୍ରକାରର । ତା'ର ମନେଥିଲା - ଯୋଗାଡ଼ଯନ୍ତ୍ର କରିବାର ମନ । କାଳି ସିକନ୍ଦର ଯେମିତି ଗହଣାଟେ କି ଟଙ୍କା ଦେଇ ପାରୁଥିଲା ସେମିତି କ'ଣ ଏହି ବାବୁଘର ପିଲା କରିପାରିବ ।'[୧୮୯]

ଏଭଳି ବିଭିନ୍ନ ଭାବନାରେ କୁସୁମ ଏବର୍ଷ ଜଳଛତ୍ର ଦେଲା । ପାଞ୍ଚ ଲୋକ ଅବଶ୍ୟ କହୁଥିଲେ ଏହି ମାଇକିନା ହାତରେ ପାଣି ପିଇ ମରିବା କିଆଁ ? ମାଠିଆ ଧରି ଜମେଇକି ବସିଲେ ମାଇକିନା କ'ଣ ବ୍ରାହ୍ମଣୀ ହୋଇଯିବ ? ସେମାନେ କହୁଥିଲେ ଟୋକାଟାକୁ ମନ୍ତର କରିଛି, କେତେ ଟଙ୍କା ମାରିନେଲୁଣି ?

ବାରାହାଟାକୁ ଜାଲରେ ଘେରାଇଆଣି, ତାର ଚାରିଗୋଡ଼କୁ କାଳି ସିକନ୍ଦର ବାନ୍ଧି ପକାଏ । ତା'ପରେ ବାଉଁଶ ବାନ୍ଧି ଝୁଲେଇ ନିଆଁ ଲଗାଇ ସିଝାଇଥାଏ । ଏହାଦ୍ୱାରା ସେହି ମାଂସ ଖାଇବାକୁ ଆନନ୍ଦ ଲାଗେ ।

ରାତିଯାକ ଟୋପା ଟୋପା ପାଣି ପଡ଼ି ଚୁଆରେ ଜମେ, ବଡ଼ିସକାଳୁ ସ୍ତ୍ରୀ ଲୋକମାନେ ସେହି ପାଣି ନେଇଯାଆନ୍ତି । ଟିକିଏ ବେଳ ଗଡ଼ିଗଲେ ଆଉ ପାଣି ମିଳେନି । ଖରାତରାରେ ବି ପାଣି ଶୁଖିଯାଏ । କୁସୁମର କାହିଁକି ମନେ ହୁଏ ଯେ, ପିଲାଦିନେ ସେ ଖାଲି ବାଲି ରାମ୍ପୁଚ୍ଛି ଆଉ ରାମ୍ପୁଚ୍ଛି । ସମସ୍ତେ ପାଣି ନେଇ ଯାଆନ୍ତି ଆଉ କୁସୁମ ଠିଆହୋଇ ରହିଥାଏ ।

କୁସୁମ ଅବାକ୍ ହୋଇ ଦେଖୁଥିଲା - କାଳି ସିକନ୍ଦର ଘରେ, କେତେ ଭଲ ଗଭୀର ନଳକୂପ । ସରକାର ଚାଷୀମାନଙ୍କ ପାଇଁ ଏହିସବୁ ନଳକୂପ ପ୍ରଦାନ କରେ । ସେଥିପାଇଁ କାଳି ସିକଦର ଘରେ ଗୋଟିଏ ନଳକୂଅ ଓ ତାଙ୍କର ଜ୍ୱାଇଁ ଘରେ ଗୋଟିଏ ନଳକୂଅ ।

ଏଥରର ଜଳଛତ୍ର ହେଉଛି ଆଷାଢ଼ ମାସରେ । ପ୍ରତିବର୍ଷ କୁସୁମ ଜଳଛତ୍ର ଦିଏ । ପାପ ଜୀବନ । ଜଳଛତ୍ରରେ ପୁଲିସକୁ ପାଣି ଦେଇ ଦେଉ ବେଶ୍ୟା କାନ୍ଦୁଛି - ଏମିତି ଦୃଶ୍ୟ କିଏ କେବେ ଦେଖିଛ ?

[୧୮୯] ତତ୍ରୈବ, ପୃ-୧୩୪, ୧୩୫

## (୧୦) ଭୀଷ୍ମଙ୍କ ପିପାସା :

'ମାଘମାସ ଶେଷରେ ବର୍ଷାହେଲେ ଫସଲ ଭଲ ହୋଇଥାଏ । ତଥାପି ଭୀଷ୍ମ ଗରାନି ପିତ୍ତଳ ମାଠିଆରେ ପାଣି ନେଇ କ୍ଷେତରେ ଯାଇ ବସିଥାଏ । ସେ ଆକାଶ ଆଡ଼କୁ ଚାହିଁ ଦେଉଥାଏ, ବିଲରେ ରବି ଫସଲ ନାହିଁ, ହରଡ଼ଗଛ ସବୁ ଶୁଖି ଆସିଲାଣି । ସେମାନେ ପାଣି ମାଗୁଛନ୍ତି । ଅର୍ଜୁନ ଏହା କହି ଭୀଷ୍ମ ଢକଢକ ହୋଇ ବହୁତ ପାଣି ପିଇଗଲା । ଭୀଷ୍ମ ଗରାନୀ ସେତେବେଳେ ଯୁବକ ଥିଲା । ଘରଦ୍ୱାର ଛାଡ଼ିଦେଇ ସେତେବେଳେ ସେ ଦାଓଆଲାର ଝିଅ ପରାଣବାଳାର ପ୍ରେମରେ ଉନ୍ମତ୍ତ । ଦାଢ଼ିଓ୍ୱାଲା ବହୁତ ଦିନରୁ କ୍ଷେତ ମଜୁରିଆ । ସେମାନେ ଗୃହସ୍ତମାନଙ୍କର କି ଜମିଦାର ଠାରୁ ଜମି ନିଅନ୍ତିନି ।'[୧୯୦]

ଏହା ଜାଗାରେ ନଈ ନାହିଁ, ଗଡ଼ିଆ ନାହିଁ, କେବଳ ଟିଉବ୍‌ୱେଲ୍ ଉପରେ ସେମାନଙ୍କର ଭରସା । ଟ୍ୟୁବ୍‌ୱେଲରୁ ପାଣି ବାହାରୁ ନାହିଁ । ଯେପରିକି ମାଟିତଳୁ ସବୁ ପାଣି ଶୁଖିଯାଇଛି । କାହିଁକି ପାଣି ନାହିଁ କହିଲେ - ଭୀଷ୍ମ ପାପପୁଣ୍ୟର ତାଲିକା ଦେବ । ବୁଢ଼ାକଥା ଶୁଣିଲେ - ଅର୍ଜୁନ ମୁଣ୍ଡରେ ପିତ ଉଠିଯାଏ । ଭୀଷ୍ମ ଚୁପ୍ ହୋଇଯାଏ । ସେ ତୋହର ଜମି, ମୋହର ଜମି, ସବୁ ସୁଖିଲା । ତା' ପରଦିନ ସକାଳୁ କିଛି ଖାଇଲା ନାହିଁ - ଭୀଷ୍ମ । ଉପାସ କରି ବସି ବସି ତା'ର ସ୍ତ୍ରୀ ଭୁରୁକୁଞ୍ଚାଇ ଝାପସା ଆଖିରେ ଭୀଷ୍ମର ଧାନକ୍ଷେତ ଆଡ଼େ ଚାହିଁ ରହିଲା । ଭୀଷ୍ମର ଅସମ୍ଭବ ପିପାସା, କିନ୍ତୁ ପାଣି ବି ଭୀଷ୍ମ କମ୍ ପିଇଲା । ଏହି ମଣିଷର ଲୋଭ ଆଉ ଅନାହାରର ସବୁ ଗୋପନ ରହସ୍ୟ ସେ ଭୀଷ୍ମ ଗରାନୀ ଛଡ଼ା ଆଉ କେହି ଜାଣନ୍ତିନି । ସେଥିପାଇଁ କ'ଣ ତା'ର ଏତେ ପିପାସା ?

## (୧୧) ଉର୍ବଶୀ ଓ ଜନି :

ମହାଶ୍ୱେତାଦେବୀଙ୍କର ନିର୍ବାଚିତ ଗଳ୍ପରେ 'ଉର୍ବଶୀ ଓ ଜନି' ଏକ ଗଳ୍ପକୁ ନନ୍ଦିନୀ ଶତପଥୀ ଓଡ଼ିଆରେ ଅନୁବାଦ କରିଅଛନ୍ତି ।

'ଉର୍ବଶୀକୁ କୋଳରେ ଧରି ଜନି ବସିଥିଲା । ଜନିର କୋଳ ନ ହେଲେ ଉର୍ବଶୀ ବସିପାରେ ନାହିଁ । ଉର୍ବଶୀ ଆଡ଼େ ଚାହିଁ ଜନିଙ୍କ ସାଙ୍ଗରେ କଥା ହେଉଥିଲେ ତୁରଣ ଡାକ୍ତର । ଜନି କହୁଥିଲା - ବୁଝିଲେ ଡାକ୍ତରବାବୁ, ଏ ଝିଅ ଉର୍ବଶୀଟା ମୋର ଜୀବନଟାକୁ ଖାଇଗଲା । ସ୍ତ୍ରୀ ଲୋକ ତ - କିଛି ହୋଇଥିଲେ କହିବନି । ଉର୍ବଶୀ ଗୀତ ଗାଇବ, ନାଚିବ, ହାତ ହଲାଇବ ଇତ୍ୟାଦି ।'[୧୯୧]

[୧୯୦] ତତ୍ରୈବ, ପୃ-୧୪୪, ୧୪୫

[୧୯୧] ତତ୍ରୈବ, ପୃ-୧୫୪

ଡାକ୍ତରବାବୁ କହିଲେ - ଗଳାରେ କ୍ୟାନ୍‌ସର ହୋଇଅଛି ଜନି । ଜନି କାନ୍ଦୁଥିଲା - ଉର୍ବଶୀ ନିର୍ବିକାର ଭାବରେ ବସି ରହିଥିଲା । ଜନିର ଆକୁଳତା ଓ ଉର୍ବଶୀର ନିର୍ଲିପ୍ତତା ଦେଖି ତରୁଣ ଡାକ୍ତରଙ୍କର ଭିତରଟା ବରଫ ହୋଇଗଲା ।

ରାମାନ୍ନା ବିଷର୍ଣ୍ଣ ହୋଇଗଲା । କହିଲା - ଉର୍ବଶୀ ଯାଦୁକାରୀ ସଇତାନ୍‌ର ଜିନ୍ । ସେ ଯାହା ପାଖକୁ ଯାଇଛି ତାକୁ ଖତମ କରିଦେଇଛି । ତୋତେ ମଧ୍ୟ ଖାଇବ । ଉର୍ବଶୀଙ୍କର ଚେହେରାରେ ସମସ୍ତଙ୍କର ଲୋଭ । ମୁଁ ଯେତେହେଲେ ଜୁଆନ୍ ।

ସେ ଦିନ ଉର୍ବଶୀ ପେଶଓ୍ୱାଦ୍ - କାଞ୍ଚୁଲି ଆଉ ଓଢ଼ଣା ପିନ୍ଧିଥିଲା । ସିନ୍ଥି, ବେକରେ ମାଳ । କାନରେ ଝୁମୁକା । ହମିଦ୍‌ର କୋଳରେ ବସି ଉର୍ବଶୀ ଗୀତ ଗାଉଥିଲା । ଉର୍ବଶୀର ଦେହର ରଙ୍ଗ ଆପେଲ ଭଳି । ଛାତି ଯେମିତି ପୁରନ୍ତ ନାସପାତି । ଆଖି ଦି'ଟା ପଦ୍ମ ପାଖୁଡ଼ା ପରି । ଆକାଶରେ ଉଡ଼ନ୍ତ ଚିଲ ପରି ଭୁରୁ । ଓଠ ଫୁଟନ୍ତ ଗୋଲାପ ।

ଉର୍ବଶୀ ଛାତିରେ ହାତ ବୁଲାଇ ଜନି କହିଲା ଦେଖୁବୁ କାଲିଠୁଁ ସବୁ ବଦଳି ଯିବ । ଏମିତି ଖେଳ ଦେଖାଇବୁ, ଏମିତି ଗୀତ ବୋଲିବୁ ଯେ, ଲୋକ କହିବେ ଫେର୍ ଖେଳ ଦେଖା । ସମସ୍ତେ ଗଲାପରେ ଜନି ଦେଖିଲା ଘରେ ସେ ଆଉ ଉର୍ବଶୀ । ଜନି ଉର୍ବଶୀକୁ କୁଣ୍ଢେଇ ପକାଇଲା । କହିଲା - କୁହ ଉର୍ବଶୀ, ମୋତେ ଛାଡ଼ି ଚାଲିଯିବୁ ନାହିଁ ତ ? କହ ଉର୍ବଶୀ, ତତେ ମୁଁ ନଦେଖି ପାରିଲେ ମରିଯିବି । ଏହା ଶୁଣି ଉର୍ବଶୀ ନିର୍ବାକ ।

## (୧୨) ଜନ୍ମଦିନ :

'ଦୀପ୍ତ ଅଲିଭ ପାଇପାରିଲା ନାହିଁ, ଜାଣିବା ପରେ ଆଦିତି ଭୀଷଣ ରାଗି ଯାଇଥିଲା । ଅଙ୍କୁରର ଜନ୍ମଦିନ ବୋଲି କଥା । ଦୀପ୍ତ ତା'ର ଏକମାତ୍ର ପୁତ୍ରର ଦଶମ ଜନ୍ମଦିନରେ ଅଲିଭ ଆଣିପାରିଲା ନାହିଁ । ବାପା ପାଉଥିଲେ ପାଞ୍ଚଶହ ଅଶୀ । ଆମେ ଥିଲୁ ପାଞ୍ଚଜଣ । ଆଡ଼ମ୍ବରରେ ଜନ୍ମଦିନ କରିବ କିଏ । ଜନ୍ମଦିନରେ ତା'ର ତ ବନ୍ଧୁମାନେ ଆସିବେ ତିନିଜଣ । ପ୍ରକୃତରେ ତାହାର ମାମୁଁ, ମାଉସୀ, ପିଉସୀ ଦୁଇଝିଅ - ଭାଇ ଭଉଣୀମାନେ ଆସିବେନି ।'[୧୯୨]

[୧୯୨] ତତ୍ରୈବ, ପୃ-୧୮୨

କାଜଳି ଗୋଟିଏ ସ୍ୱାମୀ ଦ୍ୱାରା ଦି ଦି ଥର ପରିତ୍ୟକ୍ତା ହେବା ପରେ ବର୍ତ୍ତମାନ ସମ୍ପୂର୍ଣ୍ଣ ବେପରୁଆ । ରୂପା ଆସି ଗଲାଣି, ବିଜୟ ବି ଆସୁଛି, ରୋଷେଇବାସ ତ କରିଦେଇଛ । ମାଛ, ମାଂସ, ପଲଉ । ସବୁ ସରିଲା ବେଳକୁ ଅନେକ ରାତି । ସକାଳେ ଉଠିବାକୁ ବି ଅଦିତିର ଡେରି ହୁଏ । ବିଶୁର ମୋ କାମ କରିବାକୁ ଆସିନାହିଁ । କେତେ କାମ, କି ବେଇମାନ ସ୍ତ୍ରୀ ଲୋକ ଦେଖ ତ !

ଏଠି ତ ମୁଁ ଚାହା ସୁଧା ଖାଏନି । ମୁଢ଼ି ବାନ୍ଧି ଆଣିଥାଏ ଘରୁ, ତାକୁଇଁ ଖାଏ । ଏଠି ସବୁ ମଦ କୁକୁଡ଼ାରେ ଛୁଆଁଛୁଇଁ, ସେ ଖାଇବାକୁ କ'ଣ ମୁଁ ବିଶୁକୁ ଦେଇପାରିବି ? ଦେବତାଙ୍କ ଦୁଆରେ ମାନସିକକରା ପିଲା, ମୋର ସବୁ ମାନିବାକୁ ହୋଇଥାଏ ।

ଚୁପ୍ ରୁହ, ମାଇକିନା ପୁଅର ଜନ୍ମଦିନରେ ଯାହା କରିଲି ଗତର ଖଟେଇ, ରଖିଦେଇ ଯାଇଥିଲି । ମୋର ଶିବରାତ୍ରୀର ସଳିତା ଛୋଟ ପୁଅଟାର ଜନ୍ମଦିନ । ତା'ର ଷୋହଳ ବର୍ଷ ପର୍ଯ୍ୟନ୍ତ ମାନସିକ । ସେଇଟା କରିବି ବୋଲି ଛୁଟି ନେଲି ।

ମୋ ସ୍ୱାମୀ ତ ସବୁବେଳେ ଟାବ୍‌ଲେଟ୍ ନିଶାରେ, ସ୍ୱାମୀ ତ ମାଇପ କଥାରେ ମେଣ୍ଢା । ଦେଖିକରି ବି ଦେଖେନାହିଁ । ମୋ ସ୍ୱାମୀ ହୋଇଥିଲେ... ମୋ ପୁଅର ଜନ୍ମଦିନ ପାଳିଲି ବୋଲି ଏତେବଡ଼ ଅପରାଧ ହୋଇଗଲା ?

## (୧୩) ସଂଜ ସକାଳର ମା :

'ବୈଶାଖର ତାତିରେ ଧରଣୀର ଛାତି ଫାଟିଯାଏ । ସାଧନା କାନ୍ଦୋରିର ମା ଜଟି ଠାକୁରାଣୀ ମରିଗଲେ । ମା ରୋଗରେ ଥିଲା । ବାଉଁଶ ଭାରରେ କାନ୍ଦୋରୀ ଡାକ୍ତରଖାନା ନେଇଥିଲା । ଡାକ୍ତର, ବୈଦ୍ୟ ସମସ୍ତେ ଦେହସାରା କାଟି କାଟି ଦେଖନ୍ତିନି । ମା, ଚିରିଚିରି ଦେଖନ୍ତି । ଦେ ନା ବାପା, ମୁଁ ତୋର ସଂଜ ସକାଳର ମାଆ । ମୋତେ ତୁ ହସପିଟାଲରେ ମରିବାକୁ ଦେଏନା । ଚୁପ୍ ହୋଇଯାଅ ମା, ସାଧନା କାନ୍ଦୋରୀ ଧମକାଇ କହିଲା । ଜଟି ଠାକୁରାଣୀ ଦିନେ ତାକୁ ପେଟରେ ଧରିଥିଲା । ସେମାନେ ଭାରି ପ୍ରାଚୀନ ଜାତି ଥିଲେ । ଜରାବ୍ୟାଧିର ବଂଶଧର, ସେମାନଙ୍କର ସଂପ୍ରଦାୟ ନା - ପକ୍ଷୀମରା । ସେହି ବଂଶର ଝିଅ ଜଟେଶ୍ୱରୀ ଦଶମାସ ପେଟରେ ଧରି ସାଧନାକୁ ପ୍ରସବ କରିଥିଲା । କେମିତି ଗର୍ଭଧାରିଣୀ ମା ସଂଜ ସକାଳର ମା ହୋଇଥିଲା । ଆଶ୍ଚର୍ଯ୍ୟ ବୃତ୍ତାନ୍ତ ।

ସାଧନାକୁ ଦେଢ଼ବର୍ଷ ହେବା ଦିନଠାରୁ ଜଟେଶ୍ୱରୀ ଉପରେ ଦେବତା ବିଜେ କରିଛନ୍ତି । ସେହିଦିନ ଠାରୁ ଜଟି ଦିନସାରା ଜଟି ଠାକୁରାଣୀ, ସୂର୍ଯ୍ୟ ଉଠିବା ଠାରୁ ବୁଡ଼ିବା ପର୍ଯ୍ୟନ୍ତ ଠାକୁରାଣୀଙ୍କୁ କେହି ମା, ସ୍ତ୍ରୀ କିମ୍ବା ଭଉଣୀ ଡାକିବା ନିଶିଦ୍ଧ । ଖାଲି ସଂଜ ସକାଳର ମା, ଆଉ କେତେବେଳେ ନୁହେଁ ମା ।'[୧୯୩]

ସାଧନା ନିର୍ବୋଧ । ତିରିଶ ବର୍ଷ ବୟସରେ ତାହାର ବୁଦ୍ଧି ଶୁଦ୍ଧି ନିର୍ବୋଧ । ସତେକି ତା'ର ଶରୀରରେ ଆଉ କିଛି ନାହିଁ । ବଳରାମ ଆଗେଇଆସି କହିଲା – ଏ ସାଧାରଣ ମଣିଷ ନୁହେଁ । ଦେବର୍ଶୀ ଭଳି ଜଣେ ସ୍ତ୍ରୀ ଲୋକ । ଆମେ ତାଙ୍କୁ ମାନ୍ୟ କରୁ । ମା' ତୁମେ ଯେମିତି ହେଲେ ସ୍ୱର୍ଗକୁ ଯାଅ । ସାଧନା ଏଇକ୍ଷଣି ଭାତ ରାନ୍ଧି ଖାଇବ । ମା' ତୁମେ ମୋ ଦୋଷ ଧରନି ।

## (୧୪) ସିନ୍ଧୁବାଳା :

'ଗଡ଼ିଆଖୋଲର ବାଉଁଶ ପୋଲ ଉପରେ ସିନ୍ଧୁବାଳାର ଘର । ତା ବାପା ମିସ୍ତ୍ରୀ ଥିଲା । ଦିନେବେଳା ତା'ର ବାପା ରଜା କାର୍ଯ୍ୟ କରୁଥିଲା, ରାତିରେ କାହାର ଇଟା ଓ ବାଲି ଚୋରି କରୁଥିଲା । ସିନ୍ଧୁର ବାପା ହସିକରି ତା'ର ସ୍ତ୍ରୀକୁ କହେ – ଝିଅଟା କାଳି ବୋଲି ତାକୁ ଗାଳି ଦେନା । ପୁଅଠୁ ଝିଅ ଭଲ । ମା' ସବୁବେଳେ କୁହନ୍ତି – ଝିଅଟା ଉଚ୍ଚକପାଳି, ଚେପଟା ନାକି, ରଙ୍ଗରେ କଳା । ଟଙ୍କା ଗାଣ୍ଠିଲି ଖୋଲିଦେଇ ଘର ତୋଳି ଦେଇ ଜ୍ୱାଇଁ ଆଣିବ । ଘରଟେ ତୋଳିଦେଲେ ସେମାନେ ଆସିଲେ ରହିବେ । କିନ୍ତୁ ସିନ୍ଧୁ ପାଇଁ ଘରଟେ ତୋଳି ଦେବାର ଅନେକ ଆଗରୁ ବାପା ତା'ର ଭାରାରୁ ପଡ଼ି ମରିଗଲା । ତା'ପରେ ରାମଦାସ ମିସ୍ତ୍ରୀର ପୁଅ ସନ୍ନ୍ୟାସୀ ସହିତ ସିନ୍ଧୁର ବାହାଘର ହେଲା । ଚଉଦ ବର୍ଷର ଝିଅ ସିନ୍ଧୁବାଳା ଶାଶୁଘରକୁ ଗଲା ।'[୧୯୪]

ସିନ୍ଧୁବାଳାର ଅଲୌକିକ କଥା ଓ କ୍ଷମତା ପାଞ୍ଚଲୋକଙ୍କୁ ମୁନିଦାସ ଜଣାଇଦେଲା । ଅଫଳା ବୋଝ ଶରୀର । ନିଷ୍ଫଳା ଗଛ ଭଳି ବଢ଼ିଲା ଦେହ । ପୁଅ ହେଉନାହିଁ କି ଝିଅ ହେଉନାହିଁ । ଦେହ ଭାଙ୍ଗିବ କାହିଁକି ? ସିନ୍ଧୁବାଳା ପାଖକୁ ଶନି ଓ ମଙ୍ଗଳବାରରେ କେହି ନା କେହି ଆସନ୍ତି ନିଶ୍ଚିନ୍ତ । ଆଶ୍ଚର୍ଯ୍ୟ – ଭୟଙ୍କର ନିଶା । ଅଲୌକିକତାର ନିଶା କ୍ଷମତା – ନିଶା ଭଳି ସର୍ବନାଶୀ ।

[୧୯୩] ତତ୍ରୈବ, ପୃ-୧୯୩, ୧୯୪

[୧୯୪] ତତ୍ରୈବ, ପୃ-୨୨୩, ୨୨୪

ଫୁଲିର ମା ରେଣୁ । ସେହି ରେଣୁର ଭଉଣୀ ସାଙ୍ଗରେ ସନ୍ନ୍ୟାସୀର ବାହାଘର ହୋଇଥିଲା । ତା'ର ଗୋଟିଏ ଚାରିବର୍ଷର ପିଲାଟିଏ ଥିଲା । ସିନ୍ଧୁକୁ ତା'ର ସ୍ୱାମୀର ଘରକୁ ଫେରିଯିବା ପାଇଁ ସମସ୍ତେ ତାଙ୍କୁ ଅନୁରୋଧ କଲେ । ମାଉସୀ ପିଲାଟିକୁ ଆଣିଥିଲା । ସିନ୍ଧୁ ପିଲାଟିର ଦେହ ଓ ମୁହଁରେ ହାତ ବୁଲାଇ ଆଶୀର୍ବାଦ କଲା । ସଂସାରୀ ଜାଣିପାରିଲା - ସିନ୍ଧୁ ଉପରେ ତା'ର ଯେଉଁ ଅନ୍ୟାୟ ତାକୁ ଘରକୁ ଆଣିଲେ ଦୋଷ କଟିଯିବ ନାହିଁ ବା ସିନ୍ଧୁ ମିଛଟାରେ ଦେବୀ ସାଜି ରହିବ ।

## (୧୫) ଭିତ୍ତି :

'ଜୁନ୍ ପଚିଶ ପରେ ମାସେ ବିତିଅଛି କି ନାହିଁ ପୁଲିନବାବୁ ଟିକିଏ ପ୍ରକୃତିସ୍ଥ ହୋଇପାରିଲେ ଓ ସେଇଟା ଅତି ଦୁଃସ୍ୱପ୍ନର ସମୟ ଥିଲା । ସାରା ସହର ଯାକ ଗୁଜବର ଗରମ ହାୱା । ନମାଜ ପଢ଼ିବାକୁ ଆସିଛନ୍ତି ନା ଅନ୍ୟ କୌଣସି ମତଲବରେ । ମୁଁ ଶୁଣିଲି ଯେ ବର୍ଡର ପାର ହୋଇ କେତେଲୋକ ଆସିବେ । ବର୍ଡର ହେଲା ସୁନାଖଣି ଓ ଟଙ୍କାଶାଳା ।'[୧୯୫]

ପୁଲିନବାବୁ ତିନିଥର ସାମ୍ପ୍ରଦାୟିକ ଶାନ୍ତି ବଜାୟ ରଖନ୍ତୁ ପ୍ରୋସେସନରେ ବାହାରିଥିଲେ । ସାତଟି ବକ୍ତୃତା ହୋଇଥିଲା । ସହରର ଜଣେ ଗଣ୍ୟମାନ୍ୟ ନାଗରିକ ହିସାବରେ ଜିଲ୍ଲା ସାମ୍ବାଦିକମାନଙ୍କୁ ସେ ସାକ୍ଷାତକାର ପ୍ରଦାନ କରିଛନ୍ତି । ଏହିକ୍ଷଣି ସେ ଦୋଷମୁକ୍ତ ।

'ପୁଲିନବାବୁ ଡାକ୍ତର ନୁହନ୍ତି । କିନ୍ତୁ ବଡ଼ କମ୍ପାନୀର ଔଷଧ ଏଜେଣ୍ଟ । ତାଙ୍କର ଦୋକାନ ଖୁବ୍ ବଡ଼ । ସେହି ଦୋକାନର ଲାଭରୁ ସେ ଗୋଟିଏ ନର୍ସିଂହୋମ୍ କରିଛନ୍ତି । କିନ୍ତୁ ସାରଦା ପ୍ରସାଦ କ'ଣ କହୁଥିଲେ - ପଲ୍ଲୀ କ୍ଲିନିକ୍ ଭିତ୍ତିପ୍ରସ୍ତର କାହିଁକି ସ୍ଥାପନ ହୋଇନି ।'[୧୯୬] ମନେହେଉଛି - ଏ କାମଟିକୁ ଏକବିଂଶ ସପ୍ତାହ ପର୍ଯ୍ୟନ୍ତ ଚଳାଇବାଟା ଥିଲା । ସେହିଦିନ ସାରଦା ପ୍ରସାଦଙ୍କର ପଲ୍ଲୀ କ୍ଲିନିକ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ହେଲା । ଫଙ୍କସନ୍ ହେବ । ସେଦିନ ଭିତ୍ତିପ୍ରସ୍ତର ହେଉ କି ନହେଉ, ଖାଇବା ହୋଇଥିଲା । କଲ୍ୟାଣ କ୍ୟାଟରିଂ ଅର୍ଡର ପାଇଥିଲା ।

ପୁଲିନବାବୁ ମୁଣ୍ଡ ହଲାଇ କହିଲେ - ବୁଝିବନି - ବୁଝିବନି - ସୌରଭ ସ୍ତ୍ରୀ ମରିଗଲା । ବାହା ହେଲାନି । ନିଃସନ୍ତାନ, ବଂଶରକ୍ଷା କରିବାକୁ ଆଉ କହି କହି ମଧ୍ୟ ସେ ବାହା ହେଲାନି ।

[୧୯୫] ତତ୍ରୈବ, ପୃ-୨୩୪

[୧୯୬] ତତ୍ରୈବ, ପୃ-୨୩୬

ଜୁଲାଇ ଅଣତିରିଶ ତାରିଖକୁ ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ କାହିଁକି ଦିନ ଠିକ୍ କରୁଛନ୍ତି । ଲୋକମାନେ ଦୌଡ଼ି ଆସିଲେ । ଉଚ୍ଚସ୍ୱରରେ ସୌରଭ କହିଲାଗିଲା ଗୁରୁପୂର୍ଣ୍ଣିମା ଦିନଟା ହେବ । ପୁରୋହିତ ଡାକି ଭିତ୍ତି ପୂଜା କରିବା ଦରକାର । ମାଜିଷ୍ଟ୍ରେଟ୍ କହିବେ - ମନ୍ତ୍ରୀ ଯଦି ଆସିପାରିବେ ଭଲ । ପୁଲିନବାବୁ ହତବମ୍ବ ଓ ବିମୁଢ଼ ।

ସେହି ଦିନଟା ବଦଳରେ ସେ ଅଗଷ୍ଟ ପନ୍ଦର କରିଲେ ତାଙ୍କର ଭାବମୂର୍ତ୍ତି ଉଜ୍ଜ୍ୱଳ ହେବ । ଦଶହରା କିମ୍ବା ଗୁରୁପୂର୍ଣ୍ଣିମାରେ ଭିତ୍ତିପ୍ରସ୍ତର ସ୍ଥାପନା କରିବା ସହିତ ଈଶ୍ୱର ମାନିବା ନ ମାନିବା କିମ୍ବା ପ୍ରଗତିବାଦୀତାର ବା ଅସାମ୍ପ୍ରଦାୟିକତାର କେବଳ କ'ଣ ସଂଘର୍ଷ ଅଛି ? ସହାବସ୍ଥାନ ନାହିଁ ?

## (୧୬) ଭାରତବର୍ଷ :

'ଅଢ଼େଇ ଗ୍ରାମକୁ ଯିବାକୁ ହେଲେ ପଥୁରିଆ ଗାଁ ଛାଡ଼ି ବାଁପଟକୁ ଉଠିବା ବେଳେ ପ୍ରାଗ୍ଐତିହାସିକ ବଡ଼ ବଡ଼ ପଥର, କଣ୍ଟାଝଣ୍ଟାର ବୁଦା, ଓସାରିଆ ଘାସର ପଡ଼ିଆ ଭିତରେ ଚାଲି ବାଟଟିଏ ପଡ଼ିଅଛି । ସମୁଦାୟ ପାଲାମୌ ଜିଲ୍ଲାରେ ସମ୍ଭବତଃ ଏଇ ଗୋଟିଏ ଜାଗାରେ ଆଜି ବି ପ୍ରକୃତି ରହିଯାଇଛି ।'[୧୯୭] ରୁକ୍ଷତାରେ, ଶୂନ୍ୟତାରେ ଆଦିମ ନୁହେଁ । ଅପାର ସୌନ୍ଦର୍ଯ୍ୟରେ । ଅଢ଼େଇ ନଈଟି କଳକଳ ହୋଇ ବହିଆସି ଗୋଟିଏ ବିରାଟ ପଥର ଚଟାଣ ଉପରେ ଠିକ୍ ଅଢ଼େଇଥର ପାହାଡ଼ ପାଦଦେଶରେ ବାଙ୍କ ବୁଲିଆସି ପଡ଼ିଛି ଏକ ବିଶାଳ ବିସ୍ତୃତ ହ୍ରଦରେ । ସେହି ହ୍ରଦ୍ରର ପୂର୍ବପଟରେ ରହିଥିବା ଅଢ଼େଇ ଗାଁଟି ବି ଅଦ୍ଭୁତ । ଅନେକ ପ୍ରକାରର କଣ୍ଟା ଜାତୀୟ ବଣୁଆ ଗଛ, ହରିଆ ଘାସ ଆଉ ସପ୍ତଫେଣୀ। ଜମି ବି ପଥୁରିଆ, କିଛି କିଛି ଦୂରରେ ମୁଣ୍ଡା, ଓରାଓଁ, ଖଡ଼ିଆମାନଙ୍କର କୁଡ଼ିଆ । ସରକାରୀ ଦପ୍ତରରେ ଅଢ଼େଇ ଗ୍ରାମ କଥା ବନ ବିଭାଗ ମଧ୍ୟ ଭୁଲିଯାଇଛି । ଏଇଟା ବି ଗୋଟିଏ ଅଲୌକିକ କଥା । ଏଭଳି ପଥୁରିଆ ଜମି ପାଇଁ କୌଣସି ଜମିବାଲାଙ୍କର ସ୍ୱାର୍ଥ ନାହିଁ । ରାମାନ୍ଦା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ନବୀନପ୍ରସାଦ ଗ୍ରାମର ମୁଖିଆ ରଘୁବରଙ୍କର ମୁଖ୍ୟ ପରାମର୍ଶଦାତା । ସ୍କୁଲ ଖୋଲିବାକୁ, ରାସ୍ତା ତିଆରି କରିବାକୁ, କିନ୍ତୁ ସେ ସବୁ କିଛି ହୋଇପାରିନାହିଁ । ଡାକ୍ତର ନବୀନ ଏହି ଶତାବ୍ଦୀର ମଣିଷ । ଡାକ୍ତରକେବେ କିଛି ଥରେ କବିତା ପଢ଼ିଥିଲେ । ସେଥିରେ ପ୍ରକୃତି ଓ ମଣିଷର ପରସ୍ପର ଉପରେ ନିର୍ଭରତାର କଥା ରହିଥିଲା ।

[୧୯୭] ତତ୍ରୈବ, ପୃ-୨୪୪

ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ରଘୁବରର କଥା ତା'ର ମନେପଡ଼େନି । ଔଷଧ ପଠାଇବା ପରେ ତା'ର ଆଉ ଅଢ଼େଇ ମନେ ପଡ଼େନି । ଟାଉନ୍ ଇଲାକା ନହେଲେ ସ୍ତ୍ରୀ ଆଣି ଲାଭ କ'ଣ ? ସ୍ତ୍ରୀ ତ ଗୌତମ ଧାରାରେ ରହିବାକୁ ନାରାଜ । ଅବଶ୍ୟ ସ୍ତ୍ରୀ ତା'ର ଚାକିରିରେ ନାରାଜ ।

ମୁହୂର୍ତ୍ତ ତୁମେ ଅଟକି ରୁହ । ନବୀନ ପ୍ରସାଦ ଅଞ୍ଚଳ ଛାଡ଼ିଯିବା ଆଗରୁ ମାଟି ଓ ମଣିଷକୁ ଚିହ୍ନିବାର ପ୍ରଥମ ପାଠ ଶିଖିଛି ।

## (୧୭) ଶୂନ୍ୟସ୍ଥାନ ପୂରଣ କର :

ଛୋଟନାଗପୁରରେ ପୋଲିସରାଜ ଚାଲିଛି କିପରି । ବିହାରରେ ଚାଲିଛି ପୋଲିସ ରାଜ । ପୁଲିସମାନେ ଆସନ୍ତି ଉଚ୍ଚଜାତିରୁ, ପୁଣି ହରିଜନ ଓ ଆଦିବାସୀମାନଙ୍କ ମଧ୍ୟରେ ଗୁଳି ଚଳାଇବାକୁ ସେମାନଙ୍କୁ ଭାରି ମଜା ଲାଗେ । ଏ ରାଜ୍ୟର ଏଇଟା ହିଁ ବୈଶିଷ୍ଟ୍ୟ । ବଡ଼ ନିଃସ୍ୱ ଲାଗେ ମଝିରେ ମଝିରେ । ବୟସ ହୋଇଗଲାଣି । ହଁ କ'ଣ ପାଇଁ ଏତେକଥା ? ଗୁଳି ଚଳାଇଛନ୍ତି ବୋଲି ସ୍ୱୀକାର କଲେ ବି ଶୂନ୍ୟସ୍ଥାନ ପୂର୍ଣ୍ଣ କରିବାକୁ ଦିଅନ୍ତିନି । ଶୂନ୍ୟ ହିଁ ରଖିଦିଅନ୍ତି । ହଳଦୀ କଥାଟା ତ ଅଲଗା, ମୁକୁଳ ।

ଉତ୍ତେଜିତ ହୋଇ ମତିବାବୁ ଥୁ ଥୁ କରି ଛେପ ପକାଇଲେ । ମୁହଁ ପୋଛିଦେଇ କହିଲେ – କିନ୍ତୁ ମୁଁ ଦିଜଣଙ୍କୁ ଜାଣିଛି । ଶଶିକୁ ବେଶୀ ଜାଣେ । ଶଶୀର ଭଉଣୀ ବର ପୁଲିସ୍ ମାହାତୋ । ଭଉଣୀଟି ଖ୍ରୀଷ୍ଟିଆନ ବାହା ହୋଇଥିଲା । ପଲୁସକୁ କହୁଛନ୍ତି ନକୁଲ । ପଲୁସ କ'ଣ ?

'ଶାଗୁଆନ୍ ଆନ୍ଦୋଳନରେ ଶଶିର ସାଥୀ । ନକୁଲ ନୁହେଁ । ଶଶି ମାହାତୋଙ୍କର ବାପା ବଳରାମ ମାହାତୋ ଥିଲେ ତେଜି ଲୋକ । ଶଶି ଭାରି ଭଲ ପିଲା । ସେ ଶାଗୁଆନ ଆନ୍ଦୋଳନରେ ଜଡ଼ିତ ଥିଲା । ସେ ଶାଗୁଆନ କାଠ ଆନ୍ଦୋଳନରେ ଜଡ଼ିତ ଥିଲେ । 'ଶାଗୁଆନ୍ ହଟାଅ' ଏହି ଆନ୍ଦୋଳନକୁ ଗଢ଼ିବାକୁ ହେବ । ଜଙ୍ଗଲ ଆଶ୍ରିତ ମଣିଷମାନଙ୍କର ମନରେ ଆଶାର ସଞ୍ଚାର ହେଲା ।'[୧୯୮]

ଶଶି ହେରିକାଙ୍କର ଗାଁ ସାମନାରେ ଯେଉଁ ନଣ୍ଡାମୁଣ୍ଡିଆ ଶାଳ ଗଛଟିକୁ ଦେବତା ବନାଇବାର ପ୍ରାଥମିକ କାମ ସେଇଠାରେ ହୁଏ । ମୁଣ୍ଡିଆଟିର ତଳେ ବେଶ୍‌କିଛି ଜାଗା । ଶଶିର ଆଖିରେ ସ୍ୱପ୍ନ

[୧୯୮] ତତ୍ରୈବ, ପୃ-୨୬୬

ଜମା ହେଲା । ଗୋଟିଏ ଗଛକୁ ଆଉଜି ସେ କହିଲା, ବସିବସି ଦେଖ ସେଥିରେ ଯଦି ମନ ପୁରୁନାହିଁ, ତେବେ ଶୋଇ ଶୋଇ ଦେଖିପାର । ସେତେବେଳେ ମୁଁ ବରାବର ଯାଉଥିଲି । ସେତେବେଳେ ତ କିଛି ହୋଇନି । ଆଉ ମୋ ଉପରେ ବି ନିଷେଧ ନଥିଲା । କହିଲି ତ ଶଶିକୁ ମୁଁ ପିଲାଟି ବେଳରୁ ଦେଖିଛି । କହନ୍ତୁ, ସେତେବେଳ ଠୁଁ ସବୁ ଲେଖିଯାଉଛ । ଶୂନ୍ୟସ୍ଥାନ ପୂରଣ କରୁଛ - କୁହନ୍ତୁ ।

## (୧୮) ଜାହ୍ନବୀ ମା :

'ଅନେକ ଦିନ ପରେ ଝମ ଝମ ହୋଇ ରାତିରେ ବର୍ଷା ହୋଇଥିଲା, ତେଣୁ ଖେଚୁଡ଼ି ରନ୍ଧାଗଲା । ମନଇଚ୍ଛା ଖେଚୁଡ଼ି ଖାଇ ଜାହ୍ନବୀମା'ର ନାତିଘରର ନାତିମାନେ ସମସ୍ତେ ଶୋଇବାକୁ ଗଲେ । ବିବାହିତ ଜୀବନର ପ୍ରାକ୍‌ନିଦ୍ରା କର୍ତ୍ତବ୍ୟକର୍ମ ଶେଷକରି ତିନିତାଲାକୁ ଯିଏ ଯାହା ଘରକୁ ଶୋଇବାକୁ ଗଲେ । କେଜାଣି କାହିଁକି ଜାହ୍ନବୀ ମାର ନାତିର ନାତିମାନେ 'ଦାଦା' ନାମରେ ପରିଚିତ । ଯେତେଦିନ ଯାଏଁ ଜ୍ଞାନ ଥିଲା ଜାହ୍ନବୀ ମାର ସେ ବି ସେହି ନାଁରେ ଡାକୁଥିଲା । ବର୍ଷାରାତିରେ କଞ୍ଚାନିଦରୁ ଉଠି ମୋଖ୍ୟଦା ଦାସୀ ଦୁଃସମ୍ବାଦଟିଏ ଦେଲା ଯେ, ଅନେକ ବେଳଯାଏଁ ମା'ର କିଛି ସୋରଶବ୍ଦ ନାହିଁ । ଏଇକ୍ଷଣି ଦେଖାଗଲା - ଦାନ୍ତ ନିକୁଟି କାଠ ହୋଇ ରହିଛି । ଏକଥା ଶୁଣି ସାତଭାଇଙ୍କର ପିଳୋହୀ ପାଣି ହୋଇଗଲା ।'[୧୯୯]

ଜାହ୍ନବୀ ମାର ଶେଷ ଖବର ପାଇ ସମସ୍ତେ ଏକଜୁଟ ହେଲେ । ଗୋଟିଏ ପଟେ ସାତଭାଇ - ମା' ଲୋ ବୋଲି ଚିତ୍କାର କରିଲେ । ମୋଖ୍ୟଦା ଆଉ ସହି ପାରିଲାନି । କହିଲା ଜାହ୍ନବୀ ମାଙ୍କୁ ଭଲକରି ଦେଖ । ତା'ର ବୋହୂମାନେ ଆସି ଦେଖନ୍ତୁ । ତୁମର ପରା ମା' ଜଣେ, ସାତକାଳର ବୁଢ଼ୀ । ଅଈଶାଶୁ ହେବେ ।

ଜାହ୍ନବୀ ମା'ର ଘରେ ରାଖାଲ ଦାଦାଙ୍କୁ ରଖିଦେଇ ଆଉ ପାଞ୍ଚଭାଇ ଯେ ଯାହାର ବିଛଣାକୁ ଯାଇ ବିନିଦ୍ର ରାତ୍ରି କଟାଇଲେ । ଜାହ୍ନବୀ ମା ଓ ଦାଦାମାନଙ୍କର କାହାଣୀ ବେଶ୍ ଚମକପ୍ରଦ । ରକ୍ତମାଂସର ଦେବୀ ଅଜର ଅକ୍ଷୟ ପରମାୟୁର ଅଭିଶାପରୁ ଛିଣ୍ଡାକନାର ବିଛଣାରେ ଗଡୁଥାଏ । ମନ୍ଦିରରେ ତାଙ୍କର ପ୍ରତିନିଧି ପିତ୍ତଳର ଜାହ୍ନବୀ ମା ସିଂହାସନରେ ବସି ନିତି ପୂଜା ଆରତୀ ଭୋଗ ସବୁ ଦେଖନ୍ତି । ହସଭରା ମୁହଁରେ କୀର୍ତ୍ତନ, ଆଉ ଗୀତ ଶୁଣନ୍ତି । ପୋଥି ପାଠ ବି ଶୁଣନ୍ତି । ପୋଥିରେ ଜାହ୍ନବୀର ମା ବୃତ୍ତାନ୍ତ ଏଇଭଳି ଭାବରେ ଅଛି ।

[୧୯୯] ତତ୍ରୈବ, ପୃ-୨୮୪, ୨୮୫

## (୧୯) ବନ୍ୟା :

'ରୂପସୀ ଭୋଇଆଣୀର ପୁଅ ଶ୍ରୀନିବାସ ମନସାଗଛ ଖୋଜିବାକୁ ଗଲା । ମନସା ଗଛ ଆଣି ଗୃହସ୍ଥମାନେ ନିଜ ଅଗଣାରେ ପୋତନ୍ତି । ଘରେ ଏହି ଗଛ ଲଗାଇଲେ କ୍ଷେତରେ ଧାନ ଫଳେ, ଗାଇମାନେ ଦୁଧ ଦିଅନ୍ତି । ପୋଖରୀରେ ମାଛ ଖେଳନ୍ତି । ଗୃହସ୍ଥ ଘରର ବୋହୂମାନଙ୍କର କୋଳରେ ପିଲା ଖେଳନ୍ତି । କିନ୍ତୁ ସବୁଘରେ ମନସାଗଛ ନଥାଏ ।

ମା' ଶିନିବାସକୁ କହିଥିଲେ, ଏ ବର୍ଷ ଆମ ଘରେ ରକ୍ଷାବନ୍ଧନ ନାହିଁ । ଏହିବର୍ଷ ତୋର କୁଟିଆରେ ଥିବା ବଡ଼ବାପା ମରିଥିଲେ । ଏ ବର୍ଷ ବଡ଼ କଷ୍ଟ, ଏପଟେ ଗଙ୍ଗାରେ ବନ୍ୟା, ସେପଟେ ଛୋଟିଆ ନଈଟି ଉବୁଟୁବୁ । ଏତେ ଶୁଅ । ସମସ୍ତେ କୁହାକୁହି ହେଉଛନ୍ତି, ବଢ଼ି ହେବ ।'[୨୦୦]

ସେଇ ଗୋରା ପ୍ରେମର ବଢ଼ିକଥା । ସେକଥା ମୁଁ ଜାଣିନିବାବୁ । ଶିନିବାସ ଦେଖିଲା ପବନ ବହୁତ ବହିଲାଣି । ସେ ମନସା ଗଛ ଆଣିବ କି ନାହିଁ ଜାଣିବା ପାଇଁ ଝଡ଼ ଆଗରୁ ଆଚାର୍ଯ୍ୟଙ୍କର ଘରକୁ ଗଲା । ସାନ ଆଚାର୍ଯ୍ୟାଣୀ ପୁଅକୁ କୋଳରେ ଧରି ପିଣ୍ଡାରେ ଆସି ଠିଆହେଲେ । ତା'ପରେ ଚୁପ୍ କରି ଘର ଭିତରକୁ ପଶିଗଲେ ।

ରୂପସୀ ଭୂଆଶୁଣୀ ବିରୁଦ୍ଧରେ ଅନେକ ବିଷୋଦ୍‌ଗାର ହେଉଥିଲା । ସ୍ତ୍ରୀ ଲୋକଟା ଖରାପ, ତା' ପିଲା ଶିନିବାସଟା ବି ଖରାପ । ଗାଁର ଗୋଟିଏ କଳଙ୍କ ଇତ୍ୟାଦି ଇତ୍ୟାଦି । ଶିନିବାସ ଆଇସାଙ୍ଗେ ମିଶି ତେଣ୍ଟା ବାହାର କଲା ଓ ତାପରେ ଘରକୁ ଫେରୁ ଫେରୁ ସେ କହିଲା - ଏଭଳିଆ ପାଣି ନୁହେଁ । ସେହି ବଢ଼ି କଥା କହ ଆଇ, ପ୍ରଳୟ ବନ୍ୟା । ବୁଢ଼ି ସାଙ୍ଗେ ସାଙ୍ଗେ ମୁଣ୍ଡ ହଲାଇଲା । ତୋ ମା ସେତେବେଳେ ବଢ଼ିଲା ଝିଅ । ରୂପଯୌବନ ଉଚ୍ଛୁଳି ପଡୁଛି । ସକାଳରୁ ମେଘ ଗୁଣ୍ଡି ଝାଡୁଛି । ପବନର କି ତୋଡ଼ । ବର୍ଷାରେ ବନ୍ୟା ହୁଏ । ଲଗାତର ବର୍ଷାରେ ସମସ୍ତେ ବନ୍ୟାର ପ୍ରକୋପକୁ ଉପଲବ୍ଧି କରୁଥିଲେ । ସେମିତି ବନ୍ୟା କ'ଣ ଆଉ ଆସୁନି । ସେଇ ଯେମିତି ବନ୍ୟାବେଳେ ଏତେଏତେ ଚୁଡ଼ା, ମୁଢ଼ି, ଚାଉଳ ଦେଉଥିଲେ ! ଦୁଃଖ ଘୁଞ୍ଚିଯାଏ ।

[୨୦୦] ତତ୍ରୈବ, ପୃ-୩୩୧, ୩୩୨

## (୨୦) ନିଶାତ ମାଝିର ଭୁଟାନ ଯାତ୍ରା :

'ଅଲ୍ଲୀପୁର ଦ୍ୱାର ଠାରୁ ଜୟନ୍ତୀ ଯିବା ବାଟରେ ବିସ୍ତୃତ ଜଙ୍ଗଲ ପଡ଼େ । ବଣ ପରେ ଜମି ଏବଂ ଚାରିପଟଯାକ ବଣ ଜମିରେ ଉଚ୍ଚା ଉଚ୍ଚା ମଞ୍ଚା । ଧାନ ପାଚିଲାବେଳେ ମଞ୍ଚା ଉପରେ ବସି ରହିବାକୁ ହୁଏ । ଏହିବାଟେ କେତେ ବଣୁଆ ହାତୀ ଯା ଆସ କରନ୍ତି । ତାହା ସବୁ ଜଣାପଡ଼ିଥାଏ । ସେମାନେ ଉଣେଇଶି ଶହ ଶତାବ୍ଦୀରୁ ଚାହା ବଗିଚାର କର୍ଷଣଯୋଗ୍ୟ ଭୂମି ଏହି ଭାବରେ ପ୍ରହରା ଦେଉଛନ୍ତି । ସେତେବେଳେ ଆଉ ସହି ନପାରନ୍ତି ସେମାନଙ୍କ ମଧ୍ୟରୁ କେହି କେହି । 'ଭୁଟାନ ଯାଉଛି' ବୋଲି କହିଦେଇ ଚାଲିଯାଆନ୍ତି ।'[୨୦୧] ଭାଗ୍ୟ ଅନ୍ୱେଷଣରେ – କେବେ ସୁଦୂର ଅତୀତରେ, ଉତ୍ତର-ବଙ୍ଗର ଉତ୍ତରଟା ଏକ ସୀମାନ୍ତରେ ଲୋକମାନେ ପ୍ରକୃତରେ ଭୁଟାନ ଚାଲିଯାଉଥିଲେ ନୂଆ ଜୀବନର ସନ୍ଧାନରେ ।

'ନିଶାତ୍ ମାଝି ଚିଲମରା ଚାହା ଇଷ୍ଟେଟ୍ ଜମିର ରାଜା ରଇତର କେତେଶହ ଲୋକଙ୍କ ଭିତରୁ ଭାଗଚାଷୀ ନୁହେଁ କି କ୍ଷେତ ମଜୁରିଆ ନୁହେଁ । ତା'ର ଦୁଇପୁଅ ସନା ଓ ଉପା ଭାବିଥିଲେ ତୃଣଭୂମିର ନିଆଁରେ ଦାବାନଳ ଜଳିବ । ତା'ପରେ ବାପାଙ୍କର ଅନୁମତି ନେଇ ଧନୁଶର ଧରି ସେମାନେ ଅନ୍ଧକାରରେ ବିଲୀନ ହୋଇଗଲେ । ସେମାନଙ୍କ ମାଆ ବାଧ୍ୟ ହୋଇଥିଲା । ନିଶାତ ମାଝି କହିଥିଲା – ମୁଁ ତେଭାଗାରେ ଲଢ଼ିବି ।'[୨୦୨]

ଜଙ୍ଗଲ ଘନ ଓ ଭୟାଳୁ ଥିଲା । ପଥରଗୁଡ଼ାକ କ୍ରମେ ମୁନିଆ ହେଲା । ନିଶାତ ଭାବିଲା ଭୁଟାନ୍‌ର ପଥ ଚିରକାଳ ଦୁର୍ଗମ ରହିଗଲା କାହିଁକି ? କେବଳ ନିଶାତ୍ ମାନେ ହିଁ ଭୁଟାନ୍ ଯାଆନ୍ତି ବୋଲି ସେହିମାନଙ୍କୁ ଯିବାକୁ ପଡ଼େ ବୋଲି !

***

[୨୦୧] ତତ୍ରୈବ, ପୃ-୩୪୨

[୨୦୨] ତତ୍ରୈବ, ପୃ-୩୪୩

# ନନ୍ଦିନୀଙ୍କ ସାହିତ୍ୟିକ ଜୀବନର ଉନ୍ମେଷ ଓ ଉତ୍ତରଣ

# (ଖ) ନନ୍ଦିନୀଙ୍କ ସାହିତ୍ୟିକ ଜୀବନର ଉନ୍ମେଷ ଓ ଉତ୍ତରଣ

'ପ୍ରଖ୍ୟାତ ସାହିତ୍ୟିକ ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର କାଳଜୟୀ ଉପନ୍ୟାସ 'ମାଟିର ମଣିଷ' ଯେଉଁଦିନ ଶେଷ ସ୍ପର୍ଶ ପାଇଥିଲା, ସେହିଦିନ ହିଁ ଭୂମିସ୍ପର୍ଶ କରିଥିଲେ ନନ୍ଦିନୀ । ତାହା ଥିଲା ୧୯୩୧ ମସିହା ଜୁନ୍ ୯ ତାରିଖ । ଯାହା କେବଳ ତାଙ୍କର ପିତା କାଳିନ୍ଦୀଚରଣ ତଥା ମାତା ରତ୍ନମଣି ଦେବୀଙ୍କ ପାଇଁ ନୁହେଁ – ବରଂ ସାରା ଓଡ଼ିଶା ପାଇଁ ଏହା ଏକ ମାହେନ୍ଦ୍ର ଲଗ୍ନ ଭାବେ ପ୍ରତିପାଦିତ ହୋଇଥିଲା । ଜାତି ଓ ଦେଶର ଗୌରବ ନନ୍ଦିନୀ ରାଜନୈତିକ କ୍ଷେତ୍ରରେ ଯେପରି ପ୍ରବୀଣା ଥିଲେ, ସେହିପରି ସାହିତ୍ୟ କ୍ଷେତ୍ରରେ ମଧ୍ୟ ଧୁରୀଣା ଥିଲେ । ରାଜନୀତିର ପଶାପାଲିରେ ସର୍ବଦା ନିମଗ୍ନ ରହିଥିବା ନନ୍ଦିନୀଦେବୀ, ଯେ କି କେନ୍ଦ୍ରମନ୍ତ୍ରୀ ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନରେ ଅଧିଷ୍ଠିତା ହୋଇ ମଧ୍ୟ ସାହିତ୍ୟ କ୍ଷେତ୍ରରେ ନିଜକୁ ଦୂରେଇ ରଖିପାରିନଥିଲେ ।

ମଣିଷର ବ୍ୟଥା, ବେଦନାକୁ ଦୂର କରିବାର ଦୃଢ଼ ସଂକଳ୍ପ ନେଇ ସେ ରାଜନୀତିର କଣ୍ଟକିତ କ୍ଷେତ୍ରରେ ପାଦ ଥାପିଥିଲେ । ସେହିପରି ଗଭୀର ମାନବବାଦୀ ଚେତନା ଓ ସଂବେଦନାରେ ଭରପୁର ହୃଦୟଟିଏ ନେଇ ସେ ଲେଖିଚାଲିଥିଲେ ।

ମଣିଷକୁ ଭଲ ପାଇବାରେ ସେ ହୋଇଥିଲେ – କବି । ତା'ର ଦୁଃଖଦୁର୍ଦ୍ଦଶାକୁ ଲେଖନୀ ମୁନରେ ରୂପାୟିତ କରି ସେ ଗାଳ୍ପିକା ଓ ଅନୁବାଦିକା ପାଲଟିଥିଲେ । ଏବଂ ମଣିଷକୁ ତା'ର ନ୍ୟାଯ୍ୟ ଦାବି ଦେବାପାଇଁ ସେ ସାଜିଥିଲେ ରାଜନୈତିକ ନେତ୍ରୀ । ସମସ୍ତେ ତାଙ୍କୁ ମୁଖ୍ୟତଃ ଜାଣନ୍ତି, ରାଷ୍ଟ୍ରର ଜଣେ ବିଶିଷ୍ଟ ରାଜନୈତିକ ନେତ୍ରୀ ଭାବରେ । କିନ୍ତୁ ସେହି ରୁକ୍ଷ ବନ୍ଧୁର ରାଜନୈତିକ ଜୀବନର ଧୂସରତା ତଳେ ଅନ୍ତସଲୀଳା ଫଲ୍‌ଗୁ ପରି କଳନାଦରେ ବହି ଚାଲିଥିଲା ସାହିତ୍ୟର ଛଳ ଛଳ ଧାରାଟିଏ । ଯାହା ତାଙ୍କର ଊଷର ମନୋଭୂମିରେ ଏକ କୋମଳ ଅଙ୍ଗୀକାର । ସେହି

ଅଙ୍ଗୀକାରବଦ୍ଧତା ମୃତ୍ୟୁ ପର୍ଯ୍ୟନ୍ତ ବି ତାଙ୍କୁ ଆଚ୍ଛନ୍ନ କରି ରଖିଥିଲା । ବୟସ ତାଙ୍କ ପାଖରେ ହାର ମାନିଥିଲା, ଏହା ନିଃସନ୍ଦେହରେ କୁହାଯାଇପାରେ ।'[୨୦୩]

''ମାଟିର ମଣିଷ' ଉପନ୍ୟାସର ମାର୍ମିକ କବିତାର କବି ପଦ୍ମଭୂଷଣ କାଳିନ୍ଦୀଚରଣଙ୍କ ପାଇଁ ଯେତିକି ସତ୍ୟ, ତାଙ୍କର ମାଟିର ପିତୁଳା ନନ୍ଦିନୀଙ୍କ ପାଇଁ ସେତିକି ଯଥାର୍ଥ । କାଳର ସୀମାକୁ ଅତିକ୍ରମି ଯିବାର ସ୍ପର୍ଦ୍ଧା ନେଇ ନନ୍ଦିନୀ ଭୂମିଷ୍ଠ ହୋଇଥିଲେ ୧୯୩୧ ମସିହା ଜୁନ୍ ୯ ତାରିଖରେ କଟକର ଯାଚକ ଲେନ୍‌ରେ । ନନ୍ଦିନୀଙ୍କ ଜନ୍ମର ସେହି ଲଗ୍ନ ଓଡ଼ିଶା ପାଇଁ ଥିଲା ମଧ୍ୟ ଏକ ମାହେନ୍ଦ୍ର ବେଳା । ଯାହାପାଇଁ ଓଡ଼ିଶା ବିଶ୍ୱ ଦରବାରରେ ସମ୍ମାନିତ ହୋଇଥିଲା ।'[୨୦୪]

'ସେହି ମାଟିର ପିତୁଳା ନନ୍ଦିନୀ ଥିଲେ ବାପା କାଳିନ୍ଦୀଚରଣଙ୍କର ନୟନ ପିତୁଳା, ବୋଉ ରତ୍ନମଣିଦେବୀଙ୍କର ହୃଦୟର ମଣି । କକେଇ ଭଗବତୀଚରଣ ପାଣିଗ୍ରାହୀଙ୍କର ଆଦରର ଧନ । ପିଲାଦିନେ ବାପାଙ୍କର ସାହିତ୍ୟିକ ଜୀବନ ପ୍ରତି ନନ୍ଦିନୀଦେବୀଙ୍କର ଦୁର୍ବଳତା ରହିଥିଲା । ତାଙ୍କର ସାହିତ୍ୟିକ ଜୀବନ ତାଙ୍କୁ ଯେପରି ଭାବରେ ଅନୁପ୍ରାଣିତ କରିଥିଲା, ତା'ଠାରୁ ବେଶି ଉଦ୍ଦୀପିତ କରିଥିଲା । କକେଇ ଅଗ୍ନିପୁରୁଷ ଭଗବତୀଙ୍କର ଆଦର୍ଶ,ସାମ୍ୟବାଦୀ ଚିନ୍ତାଧାରା ଓ ଶୋଷଣବିହୀନ ସମାଜର ସ୍ୱପ୍ନ, ଭଗବତୀ ପାଣିଗ୍ରାହୀ କେବଳ ଓଡ଼ିଶାରେ ମାର୍କ୍ସବାଦୀ କମ୍ୟୁନିଷ୍ଟର ଜନକ ନଥିଲେ, ସେ ଥିଲେ ଜଣେ ବଳିଷ୍ଠ କଥାକାର । ତାଙ୍କର ଚହଳ ସୃଷ୍ଟିକାରୀ 'ଶିକାର' ଗଳ୍ପ ଓଡ଼ିଆ ସାହିତ୍ୟରେ ଏକ ମାଇଲଖୁଣ୍ଟ । ଭଗବତୀଙ୍କର ସାମାଜିକ ପ୍ରତିବଦ୍ଧତା ବହୁତ ବେଶୀ ପ୍ରଭାବିତ କରିଥିଲା - କିଶୋରୀ ନନ୍ଦିନୀଙ୍କୁ । ନନ୍ଦିନୀଦେବୀଙ୍କର ସାହିତ୍ୟିକ ଜୀବନର ଆଦ୍ୟ ସ୍ୱାକ୍ଷର ମଧ୍ୟ ଭଗବତୀଙ୍କର ପ୍ରରୋଚନାରେ ହିଁ ସମ୍ଭବ ହୋଇଥିଲା । 'ସୋଭିଏତ୍ ଦେଶ' ପତ୍ରିକାରୁ ଅନୁବାଦ କରି ନନ୍ଦିନୀ କମ୍ୟୁନିଷ୍ଟ ପାର୍ଟିର ସାପ୍ତାହିକ କାଗଜ 'ମୁକ୍ତିଯୋଦ୍ଧା'କୁ ପ୍ରକାଶନ ପାଇଁ ଦେଉଥିଲେ । ଅନୁବାଦ କରିବାର ସେହି ପ୍ରବଣତା ନନ୍ଦିନୀଦେବୀଙ୍କୁ ୧୯୪୮ ମସିହାରେ ପ୍ରକାଶିତ 'ସଙ୍କେତ' ପତ୍ରିକାର ପ୍ରଥମ ସଂଖ୍ୟାରେ ଋଷିଆନ ଗଛ 'ବେତଲତା'ର ଅନୁବାଦ ଓ ତାହାରି ପ୍ରେରଣାରେ ପରବର୍ତ୍ତୀ କାଳରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସଚିବ ଡକ୍ଟର କ୍ରିଷ୍ଣା କ୍ରିପାଳିନୀଙ୍କର 'ଗାନ୍ଧି କଥାମୃତ' ଓଡ଼ିଆରେ ଅନୁବାଦ କରିଥିଲେ, ଯାହାକି କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ପୂର୍ବତନ

[୨୦୩] ଗୋଲାପମଞ୍ଜରୀ କର, ନନ୍ଦିନୀଙ୍କ ସର୍ଜନା-ଏକ ଉତ୍ତରିତ ଆତ୍ମାର ବଳିଷ୍ଠ ଉଦ୍‌ଗୀରଣ, ଓଡ଼ିଶା ଲେଖିକା ସଂସଦ, ଭୁବନେଶ୍ୱର-୨୦୦୭, ପୃ-୧୨୨

[୨୦୪] ତତ୍ରୈବ

ସାଂସଦ ପଦ୍ମଭୂଷଣ ଡକ୍ଟର ଅମୃତାପ୍ରୀତମ୍‌ଙ୍କ ଆତ୍ମଜୀବନୀ 'ରେଭିନ୍ୟୁ ଟିକେଟ୍' (ରସିଦ୍ ଟିକେଟ୍)ର ଅନୁବାଦ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ଏହାପରେ ତସଲିମା ନାସ୍‌ରିନ୍‌ଙ୍କର 'ଲଜ୍ଜା' ଅନୁବାଦ କରି ନନ୍ଦିନୀ ନିଜ ଅନୁବାଦ କଳାର ସ୍ୱକୀୟ ପରିଚୟ ପ୍ରଦାନ କରିପାରିଛନ୍ତି । ଏହି 'ଲଜ୍ଜା' ପୁସ୍ତକ ଯେପରି ଲୋକପ୍ରିୟତା ଅର୍ଜନ କରିଅଛି, ଆଜି ପର୍ଯ୍ୟନ୍ତ ଅନୁଦିତ କୌଣସି ପୁସ୍ତକର ଭାଗ୍ୟରେ ତାହା ଜୁଟିନାହିଁ । ସର୍ବୋପରି ବଙ୍ଗଳା ଲେଖିକା ମହାଶ୍ୱେତାଦେବୀଙ୍କ ନିର୍ବାଚିତ ଗଳ୍ପରୁ କୋଡ଼ିଏଟିକୁ ଅନୁବାଦ କରି ନନ୍ଦିନୀଦେବୀ ଓଡ଼ିଆ ସାହିତ୍ୟର ଅନୁବାଦ କ୍ଷେତ୍ରରେ ନିଜର ସଫଳ ସ୍ୱାକ୍ଷର ଛାଡ଼ିଯାଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।'[୨୦୫]

'ନନ୍ଦିନୀଙ୍କର ସାହିତ୍ୟିକ ଜୀବନର ଉନ୍ମେଷ ଅତି ପିଲାଟିଦିନରୁ ହୋଇଥିଲା । ପିଲାଦିନେ ନନ୍ଦିନୀଙ୍କର ପରିବାର କଟକର ଯାଚକ ଲେନ୍‌ର ଚମାରସାହିରେ ଏକ ଭଡ଼ାଘରେ ରହୁଥିଲେ । ସାହିର ଗରିବ ଲୋକଙ୍କର ଖାଇବା ନଥିବା ଦେଖି ନନ୍ଦିନୀ ନିଜ ବୋଉଙ୍କୁ ଲୁଚାଇ ଚାଉଳ ନେଇ ସେମାନଙ୍କୁ ଦେଉଥିଲେ । ସେହି ନାହିଁ ନାହିଁର ଜୀବନ ତାଙ୍କ କୋମଳ ପିଲାମନରେ ଏକ ଗଭୀର ରେଖାପାତ କରିଥିଲା; ଯାହାଫଳରେ ସେ ସପ୍ତମ ଶ୍ରେଣୀରେ ପଢୁଥିବା ସମୟରେ "ଅନାଥ" ନାମକ ଏକ କ୍ଷୁଦ୍ରଗଳ୍ପ ଲେଖିଥିଲେ । ଏହା ହିଁ ତାଙ୍କର ପ୍ରଥମ ସୃଷ୍ଟିର ଗୌରବ ବହନ କରିଥିଲା । ତା'ପରେ ରେଭେନ୍ସା ବାଳିକା ବିଦ୍ୟାଳୟରେ ସେ ଆରମ୍ଭ କରିଥିଲେ ତାଙ୍କର ପାଠପଢ଼ା । ସେଠାରେ ମଧ୍ୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମଲତା ବେହେରାଙ୍କ ଠାରୁ ଆରମ୍ଭ କରି ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ନନ୍ଦିନୀଙ୍କର ପିଲାଟିଦିନର ସାହିତ୍ୟିକ ପ୍ରତିଭା ଦେଖି ତାଙ୍କୁ ପ୍ରୋତ୍ସାହିତ କରୁଥିଲେ । ନନ୍ଦିନୀଦେବୀ ଅଷ୍ଟମ ଶ୍ରେଣୀରେ ପଢୁଥିବା ସମୟରେ "ତୁଠ ପଥରର ଆତ୍ମକାହାଣୀ" ରଚନା ଲେଖି ସେ ସବୁ ପିଲାଙ୍କ ଠାରୁ ବେଶୀ ନମ୍ବର ପାଇଥିଲେ । 'ଦୈନିକ ଆଶା'ର ଗୋଟିଏ ପ୍ରତିଯୋଗିତାରେ ତାଙ୍କର ଗପଟିଏ ଉତ୍କୃଷ୍ଟ ବିବେଚନା ହୋଇ ପ୍ରକାଶ ପାଇଥିଲା । ପରେ ପରେ ଓଡ଼ିଶାର ପ୍ରତିଷ୍ଠିତ ପତ୍ରିକା 'ଝଙ୍କାର' ସମେତ ଅନ୍ୟାନ୍ୟ ପତ୍ରିକାରେ ତାଙ୍କର ଗଳ୍ପ ନିୟମିତ ଭାବରେ ପ୍ରକାଶ ପାଇବାକୁ ଲାଗିଲା ।'[୨୦୬]

ନନ୍ଦିନୀଙ୍କ ଜୀବନ ଥିଲା ସାଲିସ୍ ବିହୀନ ଜୀବନ । ଏଥିପାଇଁ ସେ ଜୀବନରେ ଅନେକ କଷ୍ଟ ସହିଛନ୍ତି । କିନ୍ତୁ କେଉଁଠାରେ ଅନ୍ୟାୟ ଆଗରେ ମୁଣ୍ଡ ନୁଆଁଇ ନାହାନ୍ତି ।

---

[୨୦୫] ତତ୍ରୈବ, ପୃ-୧୨୨

[୨୦୬] ତତ୍ରୈବ, ପୃ-୧୨୩

ନନ୍ଦିନୀଙ୍କର ସାହିତ୍ୟିକ ଜୀବନ ମୁଖ୍ୟତଃ ଦ୍ୱିବିଧଦାୟକ । ପ୍ରଥମତଃ – ସୃଷ୍ଟିଧର୍ମୀ, ଦ୍ୱିତୀୟତଃ – ଅନୁବାଦିକା । ତାଙ୍କର ସୃଷ୍ଟିଧର୍ମୀ ସାହିତ୍ୟରେ ସାମ୍ୟବାଦୀ ଚେତନା ପରିପୂର୍ଣ୍ଣ ହୋଇଅଛି କହିଲେ ଅତ୍ୟୁକ୍ତି ହେବନାହିଁ । ଅପରପକ୍ଷରେ ନନ୍ଦିନୀ ଥିଲେ ନିପୁଣା ଅନୁବାଦିକା ।

ସୃଷ୍ଟିଧର୍ମୀ ସାହିତ୍ୟ ରଚନାରେ ନନ୍ଦିନୀଦେବୀ ମୁଖ୍ୟତଃ ଥିଲେ ଜଣେ ଗାଳ୍ପିକା ଓ ଜଣେ କବୟିତ୍ରୀ । ତାଙ୍କର ଦୁଇଗୋଟି ଗଳ୍ପ ସଂକଳନ ଯଥା "କେତୋଟି କଥା" ଓ "ସପ୍ତଦର୍ଶୀ" ଓ ଗୋଟିଏ କବିତା ସଂକଳନ "ଉତ୍ତର ପୁରୁଷ" ।

## ନନ୍ଦିନୀଙ୍କ ସାହିତ୍ୟିକ ଜୀବନର ଉନ୍ମେଷ ଓ ଉତ୍ତରଣ :

'ନନ୍ଦିନୀଦେବୀ ସପ୍ତମ ଶ୍ରେଣୀରେ ପଢୁଥିବା ସମୟରେ ୧୯୪୨ ମସିହାରେ "ଅନାଥ" ନାମକ ଏକ ଗଳ୍ପ ତାଙ୍କର ଏକ ବିଦ୍ୟାଳୟ ପତ୍ରିକାରେ ପ୍ରକାଶିତ ହୋଇଥିଲା । ସେହିଦିନଠାରୁ ନନ୍ଦିନୀଦେବୀଙ୍କ ଜୀବନରେ ସାରସ୍ୱତ ସାଧନା ବାରି ହୋଇପଡୁ ଥିଲା । ତା'ପରେ ପରେ ସେ ଅଷ୍ଟମ ଶ୍ରେଣୀରେ ପଢୁଥିବା ସମୟରେ "ତୁଠ ପୋଖରୀର ଆତ୍ମକାହାଣୀ" ରଚନା ଲେଖି ସେ ସବୁ ପିଲାଙ୍କ ଅପେକ୍ଷା ଅଧିକ ନମ୍ବର ରଖିଥିଲେ । ଏହାଦ୍ୱାରା ନନ୍ଦିନୀଦେବୀ ସାହିତ୍ୟ ପ୍ରତି ନିଜର ପ୍ରଗାଢ଼ ଆସ୍ଥା ସ୍ଥାପନ କରିଥିଲେ । ବିଶେଷତଃ ବାପା କାଳିନ୍ଦୀଚରଣ ପାଣିଗ୍ରାହୀ ଓ କକେଇ ଭଗବତୀଚରଣ ପାଣିଗ୍ରାହୀଙ୍କ ସାନିଧ୍ୟ ଲାଭକରି ନନ୍ଦିନୀଦେବୀ ତାଙ୍କର ସାହିତ୍ୟିକ ଜୀବନର ଉନ୍ମେଷ ଭାବରେ ଉତ୍ତରଣରେ ପହଞ୍ଚିପାରିଥିଲେ ।'[୨୦୭]

ନନ୍ଦିନୀଦେବୀ ନିଜର ଗାଳ୍ପିକା ଭାବନାକୁ ପରିସ୍ଫୁଟନ କରିଅଛନ୍ତି ତାଙ୍କର ପ୍ରଥମ ଗଳ୍ପ ସଂକଳନ "କେତୋଟି କଥା"ରେ । ଏହି ଗଳ୍ପ ସଂକଳନରେ ନନ୍ଦିନୀଦେବୀ ବାଇଶିଗୋଟି ଗଳ୍ପକୁ ନେଇ ଏହି ସଂକଳନ କରିଅଛନ୍ତି । ଏହାକୁ ପ୍ରକାଶକ ଶ୍ରୀ ଅଭିରାମ ମହାପାତ୍ର, ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ – ୧୯୬୭ ମସିହାରେ ଏହାର ପ୍ରଥମ ସଂସ୍କରଣ କରିଅଛନ୍ତି ।

ପିଲାଟିବେଳରୁ ଗରିବଙ୍କ ଦୁଃଖ, ଦୁର୍ଦ୍ଦଶାରେ ତାଙ୍କର ମନ ଭିଜି ଉଠିଥିଲା । ଯାହା ତାଙ୍କର ଅଧିକାଂଶ ଗଳ୍ପରେ ପଟ୍ଟଭୂମି ସଦୃଶ ଥିଲା । ତତ୍‌କାଳୀନ ସମୟରେ ୧୯୬୨ ରୁ ୬୮ ପର୍ଯ୍ୟନ୍ତ

[୨୦୭] ତତ୍ରୈବ, ପୃ-୧୨୩

ସେ ଓଡ଼ିଶାର ରାଜ୍ୟସଭା ସାଂସଦ ରୂପେ ଓଡ଼ିଶାବାସୀଙ୍କର ଅଭାବ ଅସୁବିଧାକୁ ସଂସଦରେ ଉପସ୍ଥାପନା କରି ସମସ୍ୟାଗୁଡ଼ିକର ସମାଧାନ ପାଇଁ ଚେଷ୍ଟିତ ଥାଇ ମଧ୍ୟ ନନ୍ଦିନୀଦେବୀ ଭୁଲିନଥିଲେ ସାରସ୍ୱତ ସାଧନାକୁ । ପରେ ପରେ ସେ କେନ୍ଦ୍ରମନ୍ତ୍ରୀ ଥିବା ସମୟରେ ସମଗ୍ର ଭାରତବାସୀଙ୍କ ସମସ୍ୟା ସମାଧାନ କରିବା ସତ୍ତ୍ୱେ ସେ ତାଙ୍କର ଲେଖନୀ ମୁନରେ ବାଇଶଗୋଟି ଗଳ୍ପକୁ ନେଇ ସୃଷ୍ଟି କରିଥିଲେ ନିଜର ଗଳ୍ପ ସଂକଳନ "କେତୋଟି କଥା" ।

ଗଳ୍ପ ସଂକଳନ "କେତୋଟି କଥା"ରେ ସମାଜର ସବୁ ସ୍ତରର ନିଷ୍ପେସିତ ଜନସାଧାରଣଙ୍କର କାରୁଣ୍ୟ ବର୍ଣ୍ଣିତ । ନିଜେ ଜଣେ ନାରୀ ହୋଇ ନାରୀ ହୃଦୟର ବେଦନାକୁ ସେ ଭଲ ଭାବରେ ଉପଲବ୍ଧି କରି ନିଜର ଗଳ୍ପରେ ସେହିସବୁକୁ ତୋଳି ଧରିପାରିଥିଲେ ।

ନନ୍ଦିନୀଦେବୀ ଲେଖନୀମୁନରେ ଦୁର୍ଦ୍ଦଶାଗ୍ରସ୍ତ ମଣିଷ ପାଇଁ ଅନନ୍ୟ ମମତ୍ୱବୋଧ, ସାମାଜିକ ଦାୟିତ୍ୱବଦ୍ଧତା ଓ କଠୋର କର୍ତ୍ତବ୍ୟ ପରାୟଣତା ନିଛକ ଭାବରେ ଉପସ୍ଥାପନା କରିଅଛନ୍ତି ।

ସତ୍ୟର କଙ୍କାଳ ଉପରେ କଳ୍ପନାର ରକ୍ତମାଂସ ଦେଇ ହୃଦୟର ଗଭୀର ଅନୁଭୂତିର ପ୍ରାଣରୋପଣ, ତାଙ୍କର ଅଧିକାଂଶ ଗଳ୍ପରେ ପ୍ରତିଫଳିତ ହୋଇଛି ।

ନନ୍ଦିନୀଦେବୀ ତାଙ୍କର ପ୍ରଥମ ଗଳ୍ପ ସଂକଳନ "କେତୋଟି କଥା" ପରେ ପରେ ୧୯୭୦ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହୋଇଥିଲା ତାଙ୍କର ପ୍ରଥମ ଅନୁବାଦ - "ଗାନ୍ଧୀ କଥାମୃତ" । ସାହିତ୍ୟ ଏକାଡେମୀର ସଚିବ କ୍ରିଷ୍ଣା କ୍ରିପାଳିନୀଙ୍କ ଲେଖାକୁ ନନ୍ଦିନୀଦେବୀ ଅନୁବାଦ କରିଛନ୍ତି । ଏହାର ପ୍ରମୁଖ ଭୂମିକାରେ ଥିଲେ ଭାରତର ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ।

ରାଷ୍ଟ୍ରର ପିତା ମହାତ୍ମାଗାନ୍ଧୀଙ୍କ ବ୍ୟକ୍ତିତ୍ୱକୁ ଆଧାର କରି ତାଙ୍କର ଜୀବନୀ ଲେଖିବା ପାଇଁ ସମ୍ମତି ପ୍ରକାଶ ପାଇଥିଲା ଏକ ବୈଠକରେ ଏବଂ ଏହା ସବୁ ଭାଷାରେ ମଧ୍ୟ ଅନୁଦିତ ହୋଇଥିଲା । ଓଡ଼ିଆ ଭାଷାରେ ନନ୍ଦିନୀ ଶତପଥୀ ଏହକୁ ଅନୁବାଦ କରିଥିଲେ ।

ଏହି ସମୟରେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଥିଲେ । ନନ୍ଦିନୀଦେବୀ କେନ୍ଦ୍ରମନ୍ତ୍ରୀ ଥିଲେ । ପୁଣି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦାୟିତ୍ୱର ରାଷ୍ଟ୍ରମନ୍ତ୍ରୀ । ସେ ରାଷ୍ଟ୍ର ମଧ୍ୟରେ ଏବଂ ବିଦେଶରେ ପ୍ରଧାନମନ୍ତ୍ରୀଙ୍କର ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରୁଥିଲେ । ସେଥିରୁ ସେ ସାହିତ୍ୟ ରଚନା ପାଇଁ ସମୟ ମଧ୍ୟ ଦେଉଥିଲେ ।

"ଗାନ୍ଧୀ କଥାମୃତ"ରେ ମହାତ୍ମାଗାନ୍ଧୀଙ୍କ ଆତ୍ମଜୀବନୀ ବିଷୟରେ ବିଷଦ୍ ଭାବରେ ଉପସ୍ଥାପନା କରାଯାଇଛି । ଗାନ୍ଧୀଙ୍କ ଜୀବନର ମୂଳରେ ଥିଲା - ଭାରତୀୟ ଧର୍ମ ପରମ୍ପରା । ଭାରତୀୟ ଧର୍ମ ପରମ୍ପରାକୁ ସତ୍ୟରେ ପ୍ରଗାଢ଼ ଅନୁବନ୍ଧନା ପ୍ରତି ଗୁରୁତ୍ୱ ଦେଇଥିଲା ।

ହିନ୍ଦୁ ମତବାଦ ଅନୁସାରେ ଆମ୍ଭେ ବର୍ତ୍ତମାନ ଅବସ୍ଥାରେ ଆଂଶିକ ଭାବରେ ମଣି. ଆମର ନିମ୍ନ ଅଂଶଟି ଏପର୍ଯ୍ୟନ୍ତ ପଶୁସ୍ତରରେ ଅଛି ।

ବହୁ ଉପଦେଶବାଣୀ ମହାତ୍ମାଗାନ୍ଧୀଙ୍କର ସବୁ ବିଷୟରେ ନନ୍ଦିନୀଦେବୀ "ଗାନ୍ଧୀ କଥାମୃତ"ରେ ସୁନ୍ଦର ଭାବରେ ବର୍ଣ୍ଣନା କରିଅଛନ୍ତି ।

୧୯୭୦ ମସିହାରେ "ଗାନ୍ଧୀ କଥାମୃତ" ପରେ ନନ୍ଦିନୀଦେବୀ ଦୀର୍ଘଦିନ ଧରି ସାହିତ୍ୟ ଚର୍ଚ୍ଚାଠାରୁ ନିଜକୁ ଦୂରେଇ ରଖିଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ମଧ୍ୟରେ କାଳର ଚକ୍ରବ୍ୟୁହରେ ନନ୍ଦିନୀଦେବୀ ୧୯୭୨-୭୪ ଓ ୧୯୭୪-୭୬ ମସିହା - ଏହିଭଳି ଦୁଇଥର ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଏବଂ ଭାରତବର୍ଷର ଦ୍ୱିତୀୟ ମହିଳା ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ନେଇ ଗୌରବର ଅଧିକାରିଣୀ ହୋଇଥିଲେ ।

ସେ ମୁଖ୍ୟମନ୍ତ୍ରୀ ସମୟରେ ଓଡ଼ିଶାର ପ୍ରତ୍ୟେକ କ୍ଷେତ୍ରରେ ନିଜର ଉନ୍ନତିର ସାକ୍ଷର ଛାଡ଼ି ଯାଇଛନ୍ତି ।

"ସପ୍ତଦଶୀ" ଗଳ୍ପ ସଂକଳନରେ ନନ୍ଦିନୀଦେବୀ 'ସତରଗୋଟି' ଗଳ୍ପକୁ ସ୍ଥାନ ଦେଇଥିଲେ । ୧୯୮୦ରୁ ୮୫ - ଢେଙ୍କାନାଳ ଜିଲ୍ଲାର ଗନ୍ଦିଆ ବିଧାନସଭାର ବିଧାୟିକା, ୧୯୮୫-୯୦, ଗନ୍ଦିଆର ବିଧାୟିକା ଭାବରେ କାର୍ଯ୍ୟବ୍ୟସ୍ତତା ଭିତରେ ସେ ସାରସ୍ୱତ ସାଧନାକୁ ଭୁଲିନଯାଇ ଲେଖିଛନ୍ତି ତାଙ୍କର ଦ୍ୱିତୀୟ ଗଳ୍ପ ସଂକଳନ "ସପ୍ତଦଶୀ" । ଏହି ଗଳ୍ପ ସଂକଳନର ପ୍ରତ୍ୟେକ ଗଳ୍ପଗୁଡ଼ିକରେ ସାମାଜିକ ଚଳଣି, ପରମ୍ପରାକୁ ନିଛକ ଭାବରେ ବର୍ଣ୍ଣନା କରିଅଛନ୍ତି । ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ସାରଗର୍ଭକ । ଓଡ଼ିଶାର ପାଠକ ଓ ପାଠିକାମାନଙ୍କ ମନରେ ଗଭୀର ରେଖାପାତ କରିପାରିଅଛି ।

ପୁନଶ୍ଚ ନନ୍ଦିନୀଦେବୀ ଅନୁବାଦ କାର୍ଯ୍ୟରେ ନିଜକୁ ନିୟୋଜନ କରିଥିଲେ । ଜ୍ଞାନପୀଠ ପୁରସ୍କାର ବିଜୟିନୀ ଡଃ ଅମୃତାପ୍ରୀତମ୍ଙ୍କ "ରସିଦ୍ ଟିକେଟ୍" ଏହି ସମୟ ମଧ୍ୟରେ ସେ ଅନୁବାଦ କରିଥିଲେ ।

ଅମୃତାପ୍ରୀତମ୍ ବିଶ୍ୱ ସାହିତ୍ୟ ଜଗତରେ ଜଣେ ଜଣାଶୁଣା ପ୍ରତିଭା ତଥା ବିଶିଷ୍ଟ ସାହିତ୍ୟିକା । ଡକ୍ଟର ଅମୃତାପ୍ରୀତମ୍‌ଙ୍କ ଦ୍ୱାରା ରଚିତ ବହୁ ଗଳ୍ପ, କବିତା ଏବଂ ଉପନ୍ୟାସ ବିଭିନ୍ନ ଭାଷାରେ ଅନୁବାଦିତ ହୋଇ ପାଠକପାଠିକାମାନଙ୍କ ହୃଦୟରେ ଗଭୀର ରେଖାପାତ କରିଅଛି । ଜ୍ଞାନପୀଠ ପୁରସ୍କାର ସଙ୍ଗେ ସଙ୍ଗେ ସେ ଭାରତୀୟ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ମଧ୍ୟ । ଏତଦ୍‌ବ୍ୟତୀତ ଦେଶର ବହୁ ସଂସ୍ଥା ତାଙ୍କର ସାହିତ୍ୟ କୃତିକୁ ସ୍ୱୀକାର କରି ତାଙ୍କୁ ସମ୍ମାନୀତ କରିଅଛନ୍ତି ।

୧୯୩୧ ମସିହା ଅକ୍ଟୋବର ମାସ ୩୧ ତାରିଖରେ ପଞ୍ଜାବର ଗୁଜରାନ୍ ଜିଲ୍ଲା ଠାରେ ତାଙ୍କର ଜନ୍ମ ହୋଇଥିଲା । କିଶୋରୀ ଅବସ୍ଥାରୁ ଲେଖାଲେଖି ଆରମ୍ଭ କରି ଆଜି ଦୀର୍ଘ ପଚାଶଟି ପୁସ୍ତକର ରଚୟିତା ଅମୃତାପ୍ରୀତମ୍ । ତାଙ୍କର ସୃଷ୍ଟିଗୁଡ଼ିକ ମଧ୍ୟରୁ 'କାଗଜ ଓ କାନ୍‌ଭାସ' (କବିତା), 'ମୈ ଜମା ତୂ' (କବିତା), 'ପିଞ୍ଜର ଜଳାବତନ', 'ଯାତ୍ରୀ', 'କୋରା କାଗଜ' ଆଦି ଉପନ୍ୟାସ, 'ସାତ ସେ ବିସ୍ କଦମ କାହାଣୀ', 'କାଲଗୁଲାବ', 'ସଫରନାମା', 'ଆଜ୍‌କେ କାଫିର୍', ଇତ୍ୟାଦି ଗଦ୍ୟରଚନା ଏବଂ ସର୍ବୋପରି ନିଜର ଆତ୍ମଜୀବନୀ 'ରେଭିନ୍ୟୁ ଟିକେଟ୍'କୁ ନନ୍ଦିନୀ ଶତପଥୀ ଓଡ଼ିଆରେ ଅନୁବାଦ କରିଥିଲେ - "ରସିଦ ଟିକେଟ୍" ନାମରେ ।

ଅମୃତାପ୍ରୀତମ୍‌ଙ୍କର ସାହିତ୍ୟ ପ୍ରତିଭାକୁ ଲକ୍ଷ୍ୟ କରି ଦେଶର ଛଅଗୋଟି ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଅଫ୍ ଲିଟରେଚର୍ (ଡି.ଲିଟ୍) ଉପାଧି ପ୍ରଦାନ କରିଥିଲେ । ୧୯୮୬-୧୯୯୨ ମସିହା ପର୍ଯ୍ୟନ୍ତ ଅମୃତାପ୍ରୀତମ୍ ରାଜ୍ୟସଭାର ସାଂସଦ ଭାବରେ ସୂଚାରୁରୂପେ କାର୍ଯ୍ୟ କରିଥିଲେ । ୨୦୦୪ ମସିହାରେ ଭାରତ ସରକାର ତାଙ୍କୁ ପଦ୍ମଭୂଷଣ ଉପାଧିରେ ଭୂଷିତ କରିଥିଲେ ।

ଏହି ମହିୟସୀ ଭାରତୀୟ ଲେଖିକାଙ୍କର 'ଆତ୍ମଜୀବନୀ' "ରସିଦ୍ ଟିକେଟ୍"କୁ ନନ୍ଦିନୀଦେବୀ ଓଡ଼ିଆରେ ଅନୁବାଦ କରିଥିଲେ । ଏଥିରେ ଅମୃତାପ୍ରୀତମ୍ ନିଜର ଭିତର ଓ ବାହାରର ଟିକ୍‌ନିକ୍ ଭାବରେ ବିଶ୍ଳେଷଣ କରି ପାଠକ ପାଠିକାମାନଙ୍କର ଆଗରେ ଏକ ସାହସର ସହିତ ରଖିଦେବା କୌଣସି ପ୍ରତିଷ୍ଠିତ ନାରୀ ପକ୍ଷରେ ସମ୍ଭବପର ହେବନାହିଁ । କିନ୍ତୁ ଏ କ୍ଷେତ୍ରରେ ଅନନ୍ୟା ଥିଲେ ଅମୃତାପ୍ରୀତମ୍ ।

ଅମୃତାପ୍ରୀତମ୍‌ଙ୍କର "ରେଭିନ୍ୟୁ ଟିକେଟ୍"ର କେତେ ଅଂଶ ନନ୍ଦିନୀଦେବୀ ଆଗରୁ ପଠନ କରିଥିଲେ । ଅଭୟ ସିଂହ ଥରେ ଏହି ବହିଟିକୁ ଆଣି ନନ୍ଦିନୀଦେବୀଙ୍କୁ ଦେଇଥିଲେ । ବହିଟିକୁ

ପଢ଼ିସାରିବା ପରେ ଓଡ଼ିଆପ୍ରେମୀ ତଥା ଓଡ଼ିଶାର ପାଠକପାଠିକାଙ୍କ ନିମନ୍ତେ ଏହାକୁ ଓଡ଼ିଆରେ ଅନୁବାଦ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ନନ୍ଦିନୀ । ଏକ ଦିନର ଘଟଣା । ନନ୍ଦିନୀଦେବୀ ଏକଥା ଅମୃତାପ୍ରୀତମଙ୍କୁ ଟେଲିଫୋନ୍‌ରେ ଜଣାଇଲେ । ଅମୃତାପ୍ରୀତମ୍ ଆଶ୍ଚର୍ଯ୍ୟ ହୋଇଗଲେ - କହିଲେ, ଆପଣ ଅନୁବାଦ କରିବେ, ଏହା ତ ମୋ ପାଇଁ ପରମ ସୌଭାଗ୍ୟ । ଏଥିସହିତ ଅନୁମତି ମିଳିଗଲା ଏହାକୁ ଅନୁବାଦ କରିବା ପାଇଁ ।

ନନ୍ଦିନୀଦେବୀ ଅନୁବାଦ କରିଚାଲିଥିବା ସମୟରେ 'ସୁଚରିତା'ର ସଂପାଦିକା ଶକୁନ୍ତଳା ପଣ୍ଡା, ବନ୍ଧୁ ରମାକାନ୍ତବାବୁ, ଶ୍ରୀମାନ ଜାମିନି ଓ ମହାପାତ୍ର ନୀଳମଣି ସାହୁଙ୍କ ନିରବଚ୍ଛିନ୍ନ ସାହାଯ୍ୟ, ସହଯୋଗ ଓ ଉତ୍ସାହ ଏହାକୁ ଅନୁବାଦ କରିବାପାଇଁ ତାଙ୍କୁ ଯଥେଷ୍ଟ ପ୍ରେରଣା ଦେଇଥିଲା ।

ନନ୍ଦିନୀଦେବୀ ନିଜର ରାଜନୈତିକ ଜୀବନ ତଥା ବିଭିନ୍ନ ସାମାଜିକ କାର୍ଯ୍ୟରେ ବ୍ୟସ୍ତ ରହି ଅନୁବାଦଟିକୁ ଶେଷ କରିବାକୁ ବିଳମ୍ବ କରିଥିଲେ । ୧୯୯୪ ମସିହା ଡିସେମ୍ବର ମାସ ୨୪ ତାରିଖରେ ପୂର୍ବତନ ସାଂସଦ, ଜ୍ଞାନପୀଠ ପୁରସ୍କାର ବିଜୟିନୀ ସୁସାହିତ୍ୟିକା, ପଦ୍ମଭୂଷଣ ଡକ୍ଟର ଅମୃତାପ୍ରୀତମଙ୍କର ଆତ୍ମଜୀବନୀ "ରେଭିନ୍ୟୁ ଟିକେଟ୍" ଅନୁବାଦ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ନନ୍ଦିନୀ ଶତପଥୀ । ଏହି ପୁରସ୍କାର ନନ୍ଦିନୀ ଶତପଥୀଙ୍କୁ ଭାରତୀୟ ସାହିତ୍ୟ ଜଗତରେ ଜଣେ ସୁସାହିତ୍ୟିକାର ମର୍ଯ୍ୟାଦା ପ୍ରଦାନ କରିଅଛି କହିଲେ ଅତ୍ୟୁକ୍ତି ହେବନାହିଁ ।

"ରେଭିନ୍ୟୁ ଟିକେଟ୍"ରେ ନନ୍ଦିନୀଦେବୀ ଅମୃତାପ୍ରୀତମଙ୍କ ଜୀବନଧାରା ବେଶ୍ ଆଲୋଡ଼ନମୟ ଓ ସମାଜସଂସ୍କାର ଦିଗରେ ଯଥେଷ୍ଟ ପ୍ରତିବିମ୍ବ ପକାଇପାରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ରାଜନୈତିକ କାଳିମା ଭିତରେ ଛନ୍ଦିହୋଇ ନନ୍ଦିନୀଦେବୀ ଭୁଲିନଥିଲେ ସାହିତ୍ୟ ସାଧନାକୁ । ପରେ ପରେ ୧୯୯୪ ମସିହାରେ ନନ୍ଦିନୀଦେବୀଙ୍କର ପ୍ରକାଶିତ ହୋଇଥିଲା "ଲଜ୍ଜା" ଉପନ୍ୟାସର ଓଡ଼ିଆ ଅନୁବାଦ ।

ବଙ୍ଗଳାଦେଶର ଜଣେ ବିଖ୍ୟାତ ଲେଖିକା ତସଲିମା ନାସରିନ୍ । ତାଙ୍କର ଅନେକ ପୁସ୍ତକ ପ୍ରକାଶିତ ହୋଇଅଛି । ତାଙ୍କର "ଲଜ୍ଜା" ନାମକ ଉପନ୍ୟାସଟି ଆଜି ବଙ୍ଗଳାଦେଶ ତଥା ଆମ ରାଷ୍ଟ୍ର ଭାରତରେ ବେଶ୍ ଆଲୋଡ଼ନ ସୃଷ୍ଟି କରିପାରିଅଛି । "ଲଜ୍ଜା" ବହିଟିକୁ ବଙ୍ଗଳାଦେଶ

ସରକାର ବ୍ୟାଜାପ୍ତ କରିଦେଇଛନ୍ତି । ବଙ୍ଗଳାଦେଶର ଗୋଟିଏ ମୌଳବାଦୀ ସଂଗଠନ - ସାହିବା ସୌନିକ ପରିଷଦ (ଏସ୍‌ଏସ୍‌ପି)(, ନାସରିନ୍‌ଙ୍କ ବିରୁଦ୍ଧରେ ଗୋଟିଏ ଫତୁଆ ଜାରି କରିଅଛନ୍ତି । ତସଲିମା ନାସରିନ୍‌ଙ୍କର ଏହି ବହିଟିକୁ ନନ୍ଦିନୀ ଶତପଥୀ ଓଡ଼ିଆରେ ଅନୁବାଦ କରିଥିଲେ । ଏହାର ପ୍ରଥମ ସଂସ୍କରଣ ୧୯୯୪ ମସିହାରେ ହୋଇଥିଲା । ଏହି ପୁସ୍ତକର ବହୁଳ ପ୍ରସାର ଫଳରେ ୨୦୦୬ରେ ଏହାର ଅଷ୍ଟମ ସଂସ୍କରଣ ହୋଇଥିଲା ।

ନନ୍ଦିନୀ ଶତପଥୀ କହିଛନ୍ତି - ଅମୃତାପ୍ରୀତମଙ୍କ ଆତ୍ମଜୀବନୀ - ରେଭିନ୍ୟୁ ଟିକେଟ୍ ଓଡ଼ିଆରେ ଅନୁବାଦ କରି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାଟା ଯେତିକି ତାଙ୍କୁ ଆନନ୍ଦିତ କରିନାହିଁ, ତସଲିମା ନାସରିନ୍‌ଙ୍କର ଏହି ଲଜ୍ଜା ଉପନ୍ୟାସଟିକୁ ଅନୁବାଦ କରିବା ତାଙ୍କୁ ବେଶି ଆନନ୍ଦିତ କରିଅଛି ।

ଲୋକଙ୍କର ସମସ୍ୟା ବୁଝିବା, ଦରଖାସ୍ତ କରିବା ଓ ଏହି କାମରେ ସାରାଦିନ ଅତି ବ୍ୟସ୍ତ ଭାବରେ କଟିଯାଏ ନନ୍ଦିନୀ ଶତପଥୀଙ୍କର । ତଥାପି ସେହି ଅବସ୍ଥାରେ ରାତି ତିନିଟା ବେଳ ପର୍ଯ୍ୟନ୍ତ ଡିକ୍ଟେସନ୍ ଦିଅନ୍ତି । ଏହିଭଳି ଭାବରେ ମାସକ ଭିତରେ ତସଲିମା ନାସରିନ୍‌ଙ୍କ "ଲଜ୍ଜା" ଉପନ୍ୟାସକୁ ଅନୁବାଦ କରିଦେଇଥିଲେ ନନ୍ଦିନୀଦେବୀ ।

ତସଲିମାଙ୍କର "ଲଜ୍ଜା" ସାମ୍ପ୍ରଦାୟିକ ଅତ୍ୟାଚାର ବିରୁଦ୍ଧରେ ଦେଶ, କାଳ, ପାତ୍ର ନିର୍ବିଶେଷରେ ଯେଉଁଟା ଭଲ - ତାହାକୁ ସେ ଭୁଲ ଭାବରେ କହିବା ପାଇଁ ସାହସ କରିପାରିଛନ୍ତି । ଆଉ ଏହି "ଲଜ୍ଜା" ବହିରେ ହିଁ ତାଙ୍କର ଏହି ଚରିତ୍ରର ବିଶେଷତ୍ୱ ପ୍ରତିପାଦିତ ହୋଇପାରିଛି । ସାରା ଭାରତବର୍ଷ ଓ ବଙ୍ଗଳାଦେଶରେ ଏହି ପୁସ୍ତକଟି ଚହଳ ପକାଇ ଦେଇଥିଲା । ବର୍ତ୍ତମାନ ସାରା ପୃଥିବୀରେ ତଥା ଭାରତରେ ସାଂପ୍ରଦାୟିକତା ଉଗ୍ର ରୂପ ଧାରଣ କରିଛି । ସବୁଧର୍ମର ମୌଳବାଦୀ ମାନେ ଯେପରି ସେମାନଙ୍କର **Tentacle** ବିସ୍ତାର କରିଛନ୍ତି, ତସଲିମାଙ୍କର "ଲଜ୍ଜା" ତାହାର ଏକ ସାହସିକ ବିରୋଧୀ । ନନ୍ଦିନୀଦେବୀ ସେଥିପାଇଁ ବହିଟିକୁ ଓଡ଼ିଆରେ ଅନୁବାଦ କରି ପାଠକପାଠିକାମାନଙ୍କର ସମ୍ମୁଖରେ ରଖିବା ପାଇଁ ଆଗ୍ରହୀ ହୋଇଥିଲେ । କାରଣ - ନନ୍ଦିନୀଦେବୀ ଥିଲେ ସବୁ ସମ୍ପ୍ରଦାୟର ବିରୋଧୀ ।

'ନନ୍ଦିନୀଦେବୀଙ୍କର କ୍ଷୋଭ ଥିଲା ଯେ, ସେ ସାହିତ୍ୟ ପାଇଁ ଯଥେଷ୍ଟ ସମୟ ଦେଇପାରିନାହାନ୍ତି । କ୍ଷୋଭ ତ ନୁହେଁ, ଏକପ୍ରକାର ଅବଶୋଷ । ତାଙ୍କୁ ଦୂରଦର୍ଶନ, ରେଡିଓ ଓ ଖବରକାଗଜର ପ୍ରତିନିଧି ଏବଂ ତାଙ୍କର କେତେକ ବ୍ୟକ୍ତିଗତ ବନ୍ଧୁ ସବୁବେଳେ ଗୋଟିଏ ପ୍ରଶ୍ନ ପଚାରିଥାଆନ୍ତି - ଏତେ କାର୍ଯ୍ୟବ୍ୟସ୍ତତା ଭିତରେ ଆପଣ ସାହିତ୍ୟ ଲେଖିବା ପାଇଁ ସମୟ କେତେବେଳେ ପାଆନ୍ତି । ସେ ଉତ୍ତର ଦେଇଥାନ୍ତି - କୌଣସି ମହତ୍ତର କାର୍ଯ୍ୟ ପାଇଁ ବିବେକର ଅନୁମୋଦନ ସତ୍ତ୍ୱେ ହୃଦୟ ଭିତରୁ ଯେଉଁ ଆହ୍ୱାନ ଆସେ, ଆଉ ସେହି ଆହ୍ୱାନକୁ ବାସ୍ତବରେ ଉପସ୍ଥାପନା କରିବା ପାଇଁ ମନରେ ଯଦି ନିଷ୍ଠା ଓ ଏକାଗ୍ରତା ଥାଏ, ତେବେ ଏଥିପାଇଁ ସମୟ ଆପେ ଆପେ ଆସିଥାଏ ।'[୨୦୮]

ତସଲିମା ନାସରିନ୍‌ଙ୍କ ଉପନ୍ୟାସ "ଲଜ୍ଜା" ର ଓଡ଼ିଆ ଅନୁବାଦ ନନ୍ଦିନୀ ଶତପଥୀ କରିବା ପରେ ପରେ ନିଜର କବିତା ସଂକଳନ "ଉତ୍ତର ପୁରୁଷ" (୪୨ ଗୋଟି କବିତା ଗୁଚ୍ଛ) ୧୯୯୮ ମସିହାରେ ପ୍ରକାଶିତ ହୋଇଥିଲା ।

ନନ୍ଦିନୀଙ୍କ ଜୀବନ ଥିଲା ଏକ ସାଲିସ୍ ବିହୀନ ଜୀବନ । ଏଥିପାଇଁ ଜୀବନରେ ସେ ଅନେକ କଷ୍ଟବରଣ କରିଅଛନ୍ତି । କିନ୍ତୁ କେଉଁଠାରେ ଅନ୍ୟାୟ ଆଗରେ ମୁଣ୍ଡ ନୁଆଁଇ ନାହାନ୍ତି । ମୟୂରଭଞ୍ଜର ଏକ ପ୍ରାଇମେରୀ ସ୍କୁଲରେ ପାଠ ପଢ଼ିବା ବେଳେ, ସେ ସ୍କୁଲରେ ରାଜାଙ୍କର ସ୍ତୁତିଗାନ କରାଯାଇ ଏକ ପ୍ରାର୍ଥନା ବୋଲାଯାଉଥିଲା -

ଏଇ ମୋର ଜନ୍ମଭୂମି ଏହି ମହାରାଜା
ଜନ୍ମେ ଜନ୍ମ କରୁବି ମୁଁ ଏ ଦୁହିଁଙ୍କୁ ପୂଜା ।

ଏହି ପ୍ରାର୍ଥନା ତାଙ୍କୁ ଏତେ ଖରାପ ଲାଗୁଥିଲା ଯେ, ସେ ସେଠାକାର ସ୍କୁଲ ଛାଡ଼ିଦେଇ କଟକରେ ବାଳିକା ବିଦ୍ୟାଳୟରେ ନାମ ଲେଖାଇଥିଲେ ।

ନନ୍ଦିନୀଦେବୀଙ୍କ ଦ୍ୱାରା ସୃଷ୍ଟି କବିତାଗୁଚ୍ଛ "ଉତ୍ତର ପୁରୁଷ"ର ପ୍ରତ୍ୟେକ କବିତାରେ ଶୋଷିତ ଜନତାର ହାହାକର ଅତି ହୃଦୟସ୍ପର୍ଶୀ ଭାବରେ ରୂପାୟିତ । ତାଙ୍କର ଅନେକ କବିତାରେ କବିଙ୍କର

[୨୦୮] ତତ୍ରୈବ, ପୃ-୧୨୩

ହତାଶା ଜର୍ଜରିତ ପ୍ରାଣର ବେଦନା ଝରିପଡ଼ିଛି ଶବ୍ଦ ହୋଇ । ସାରଳାଦେବୀ, ମାଳତୀଦେବୀ, ନୁମା, ଅର୍ଣ୍ଣପୂର୍ଣ୍ଣ ପ୍ରଭୃତି ସମାଜସେବୀମାନଙ୍କୁ ତାଙ୍କର ବିକ୍ଷୁବ୍ଧ କବିସତ୍ତା ପ୍ରଶ୍ନ କରିଅଛି-

"ଦାରିଦ୍ର୍ୟର ସୀମାରେଖା ତଳେ କେତେ ଲୋକ
କେତେ ହେଲାଣି ପଞ୍ଚବାର୍ଷିକ ଯୋଜନା
କାହିଁ ଦାରିଦ୍ର୍ୟ ତ ଦୂର ହୋଇନାହିଁ ?"

ସ୍ୱାଧୀନୋତ୍ତର ପଚାଶ ବର୍ଷ ପରେ ବି ମଣିଷ ମଣିଷ ଭଳି ବଞ୍ଚିପାରିବନି, ତେଣୁ କବିଙ୍କର ଅସହାୟ ଖୋଜନ୍ତି ।

"ତୁମ ସମସ୍ତଙ୍କର ଠିକଣା ହଜାଇ ଦେଇ
ମୁଁ ବି ବସିଛି ଅସହାୟ ହୋଇ
ଅନେକ ପ୍ରଶ୍ନମାନଙ୍କୁ ନେଇ
କିନ୍ତୁ କିଏ ଦେବ ତା'ର ଉତ୍ତର ?"

ରାଜନୀତିକୁ ଜୀବନ କରି ବଞ୍ଚୁଥିବା ନନ୍ଦିନୀଦେବୀଙ୍କ ମଧ୍ୟରେ ଥିବା ସଚ୍ଚୋଟ କବିପ୍ରାଣଟି ଅନ୍ୟାୟ ଓ ଦୁର୍ନୀତି ଦେଖି ଆକୁଳ ହୋଇଉଠିଛି । ଯେଉଁ ସ୍ୱପ୍ନ ପଛରେ ଗୋଡ଼ାଇ ସେ ରାଜନୀତିରେ ଯୋଗଦେଇଥିଲେ ସେ ସ୍ୱପ୍ନର ସେତୁ ତାଙ୍କର ଭାଙ୍ଗିପଡ଼ିଅଛି - ଖଣ୍ଡ ଖଣ୍ଡ ହୋଇ । ତାଙ୍କର କବିତା ସ୍ୱରଚନାରେ ବିଦ୍ରୋହୀ ଆତ୍ମା ଗାଇଉଠିଛି-

"ଦେଶର ରକ୍ଷକ ତୁମେ
ଭକ୍ଷକ ବି
ତୁମ ପାଇଁ ସବୁ ଖୋଲାମେଲା !"

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ନନ୍ଦିନୀଦେବୀ ତମାମ ଓଡ଼ିଶା ବୁଲିଲାବେଳେ ସେ ନାରୀମାନଙ୍କରଅସୁରକ୍ଷିତ ଜୀବନକୁ ଅତି ନିକଟରୁ ପ୍ରତ୍ୟକ୍ଷ କରିଛନ୍ତି । ତଥାପି ସେ ତାଙ୍କର ନିର୍ଯ୍ୟାତିତା ଜୀବନର ଗତାନୁଗତିକ ବର୍ଣ୍ଣନା ନଦେଇ ସେମାନଙ୍କୁ ଉତ୍ତରଣର ପଥ ଦେଖାଇଛନ୍ତି ।

ଯଶ, କୀର୍ତ୍ତି, ଐଶ୍ୱର୍ଯ୍ୟ ଓ କ୍ଷମତା ଭିତରେ ବୁଡ଼ିରହି ମଧ୍ୟ ସେ ଥିଲେ ଏକ ବିଚ୍ଛିନ୍ନ ମଣିଷ । ଏକାକୀ ଓ ନିଃସଙ୍ଗ ।

"ଯେତେ ଲୁଚି ରହିଲେ ବି
ବେଳେବେଳେ କେଜାଣି କିପରି
ଦିଗନ୍ତ ସେପଟୁ ଶୁଭେ ସମୁଦ୍ର ଗର୍ଜନ
ଆତ୍ମା ମୋର ଛଟପଟ ହୁଏ
ନିଜକୁ ପଚାରେ ନିଜେ
ଏତେ କି ସହଜ ସତେ
ଏଡ଼ିଦେବା ସମୁଦ୍ର ଗର୍ଜନ ?"

ତାଙ୍କର ନିଃସଙ୍ଗ ଜୀବନ ଭିତରକୁ - ଅଜାଣତରେ ପଶି ଆସିଛନ୍ତି ଅଧାବାଟରେ ଛାଡ଼ି ଚାଲିଯାଇଥିବା ସ୍ୱାମୀ ଦେବେନ୍ଦ୍ର ଶତପଥୀ । ତାଙ୍କ ଅଚାନକ ବିୟୋଗର ବର୍ଷକ ପରେ ସେ ଗାଇ ଉଠିଛନ୍ତି-

"ଚାହୁଁ ଚାହୁଁ ଚାରିବର୍ଷ ହୋଇଗଲା
ତୁମେ ନାହଁ
ମୁଁ କିନ୍ତୁ ରହିଅଛି ।"

ସଯତ୍ନ ପ୍ରୟାସରେ ନିଜର ଆବେଗକୁ ଲୁଚାଇ ଆସିଥିବା ନନ୍ଦିନୀ କିନ୍ତୁ ବେଳେବେଳେ ଆତ୍ମପ୍ରକାଶ କରିଛନ୍ତି ତାଙ୍କର କବିତାର ଧାଡ଼ିଭିତରେ-

"ଗେରୁଆ ମଧ୍ୟାହ୍ନମାନେ ଚାଲିଛନ୍ତି
ମୁଁ ଚାଲିଛି - ଚାଲିଛି ମୋ ସ୍ମୃତି
ଆଉ ! ଚାଲେ ମୋ କେନ୍ଦେରା
ଛାତିର ଗହୀର ତଳୁ ।"

ନନ୍ଦିନୀଦେବୀ ତାଙ୍କର କବିତା ସଂକଳନ "ଉତ୍ତର ପୁରୁଷ"ରେ ତାଙ୍କର ନିଜସ୍ୱ ଜୀବନଶୈଳୀର ସ୍ୱାକ୍ଷର କବିତା ମାଧ୍ୟମରେ ଉପସ୍ଥାପିତ କରିଅଛନ୍ତି । କେତେ ଲୋକଙ୍କର ସୁଖ, ଦୁଃଖ, ଭଲ ମନ୍ଦ ଜାଣିପାରନ୍ତି ଅତ୍ୟନ୍ତ ଅଜଣା, ଅଶୁଣା ଭାବରେ । 'କିନ୍ତୁ ମୋର ଦୁର୍ଭାଗ ଯେ, ମୁଁ

ଅଜଣା, ଅଶୁଣା ହୋଇ ରହିନାହିଁ । ...ଲୀନ ହୋଇଯିବାରେ ଏକ ଭିନ୍ନ ଆନନ୍ଦ ଅଛି । ମୋ ଭଳି ଅପାରଗ ଲୋକ ସାହିତ୍ୟ ଜଗତରେ ଲୀନ ହୋଇଯିବ ।'

ଓଡ଼ିଆ ମାଟିର ଗର୍ବ ନନ୍ଦିନୀ ଯେ ନିଜକୁ ଅପାରଗ ଭାବି ସାହିତ୍ୟ ସିନ୍ଧୁରେ ଲୀନ ହୋଇଯିବାକୁ ଚାହିଁଛନ୍ତି - ଏହା ହିଁ ତାଙ୍କର ମହାନୁଭବତା । ନିଜର ବ୍ୟକ୍ତିଗତ ଇଚ୍ଛା ଓ ଅନିଚ୍ଛାକୁ ଚାପିଦେଇ ମଣିଷ ବେଦନା - ସ୍ୱାଧୀନତାକୁ ଅଗ୍ରାଧିକାର ଦେଇ ନିଜକୁ ହଜାଇ ଦେଇଛନ୍ତି - ସେହି ମହାସମୁଦ୍ର ମଧ୍ୟରେ ।

ନନ୍ଦିନୀଦେବୀ ତାଙ୍କର କବିତା ସଂକଳନ "ଉତ୍ତର ପୁରୁଷ"ରେ ଅସହାୟର ବୃଦ୍ଧାବସ୍ଥାର କାରୁଣ୍ୟ ପ୍ରତି କବି ସମ୍ବେଦନଶୀଳ ।

"ଉତ୍ତର ପୁରୁଷ" - କବିତା ସଂକଳନଟି ନନ୍ଦିନୀଦେବୀଙ୍କର ୧୯୯୮ରେ ପ୍ରକାଶିତ ହୋଇଥିଲା । ରାଜନୈତିକ ଓ ସାମାଜିକ କାର୍ଯ୍ୟବ୍ୟସ୍ତତା ବିଶେଷତଃ ଓଡ଼ିଶା ରାଜ୍ୟ ଯୋଜନାବୋର୍ଡର ଅଧ୍ୟକ୍ଷା ଭାବରେ ରାଜ୍ୟର ଆର୍ଥିକ ଉନ୍ନତି କରିବା ସଙ୍ଗେ ସଙ୍ଗେ ତନ୍ମଧ୍ୟରୁ ସମୟ ବାହାର କରି ସେ ନିଜର କବିତା ସଂକଳନ "ଉତ୍ତର ପୁରୁଷ"କୁ ଜନମାନସଙ୍କ ନିକଟରେ ଅର୍ପଣ କରିଥିଲେ ।

କବିତାର ଚରମ ସ୍ପର୍ଶ ଦେଇ ମଧ୍ୟ ନନ୍ଦିନୀଦେବୀ ଭୁଲିଯାଇନଥିଲେ ତାଙ୍କର ଅତି ପ୍ରିୟ ଅନୁବାଦିକାର ଉତ୍ସାହକୁ । ନନ୍ଦିନୀଦେବୀ ଥିଲେ ବିଶେଷ ଭାବରେ ଜଣେ ଅନୁବାଦିକା । ବିଭିନ୍ନ ଭାଷାରେ ରଚିତ ପୁସ୍ତକକୁ ଓଡ଼ିଆରେ ଅନୁବାଦ କରି ଓଡ଼ିଆ ପାଠକପାଠିକାମାନଙ୍କୁ, ସର୍ବୋପରି ସାହିତ୍ୟପ୍ରେମୀମାନଙ୍କୁ ନିଜର ସାରସ୍ୱତ ସ୍ୱାକ୍ଷର ପହଞ୍ଚାଇବାର ଅଭିପ୍ରେରଣା ଜାଗ୍ରତ କରାଇ ପାରିଛନ୍ତି ।

ନନ୍ଦିନୀ ଶତପଥୀଙ୍କର ଏକ ଅନୁବାଦ ପୁସ୍ତକ "ମହାଶ୍ୱେତା ଦେବୀଙ୍କର ନିର୍ବାଚିତ ଗଳ୍ପ" ୧୯୯୯ ମସିହାରେ ପ୍ରକାଶିତ ହୋଇଥିଲା । ଏହାର ପ୍ରକାଶକ ଥିଲେ ଲକି ପବ୍ଲିକେଶନ୍, ପଞ୍ଚଶୀଳ ମାର୍ଗ, ବ୍ରହ୍ମପୁର ।

ବିଖ୍ୟାତ ବଙ୍ଗଳା ଲେଖିକା ମହାଶ୍ୱେତାଦେବୀଙ୍କ ପଚାଶଟି ଗଳ୍ପ ସଂକଳନ ମଧ୍ୟରୁ କୋଡ଼ିଏଟି ଗଳ୍ପ ସଂକଳନକୁ ନର୍ବାଚିତ କରି ନନ୍ଦିନୀଦେବୀ ଲେଖିଥିଲେ ଓଡ଼ିଆ ଅନୁବାଦ - "ମହାଶ୍ୱେତା ଦେବୀଙ୍କର ନିର୍ବାଚିତ ଗଳ୍ପ" ।

ପ୍ରଖ୍ୟାତ ବଙ୍ଗଳା ଲେଖିକା ମହାଶ୍ୱେତାଦେବୀଙ୍କର ଲେଖା ସାଧାରଣତଃ ଦୁଃଖି, ଦରିଦ୍ର, ଅସହାୟ ମଣିଷର ଦରଦୀ କଥା ତାଙ୍କର ଗଳ୍ପ ଆକାରରେ ପ୍ରକାଶିତ । ବିଶେଷତଃ ତାଙ୍କର ଲେଖା ମଧ୍ୟରେ ଆଦିବାସୀ ସମ୍ପ୍ରଦାୟର ଚାଲିଚଳଣି, ବିକାଶକ୍ରମ ଇତ୍ୟାଦି ନିଛକ ଭାବରେ ଉପସ୍ଥାପନ କରାଯାଇଛି ।

ବଣ ଜଙ୍ଗଲ, ପାହାଡ଼ ପର୍ବତ ଘେରା ଅଞ୍ଚଳରେ ଆଦିବାସୀମାନେ କିପରି ଜୀବିକା ନିର୍ବାହ କରୁଛନ୍ତି, ପ୍ରତ୍ୟେକ କ୍ଷେତ୍ରରେ ଅଧିକାଂଶ ଗଳ୍ପରେ ନନ୍ଦିନୀଦେବୀ ଓଡ଼ିଆ ଅନୁବାଦ ମାଧ୍ୟମରେ ଓଡ଼ିଶାର ଅଗଣିତ ଓଡ଼ିଆ ସାହିତ୍ୟପ୍ରେମୀଙ୍କ ନିକଟରେ ଉପସ୍ଥାପନା କରିଅଛନ୍ତି ।

ଆଦିବାସୀମାନଙ୍କର ସଂସ୍କୃତି, ଚାଲିଚଳଣି, ପରମ୍ପରା, ରୀତିନୀତି, ପାହାଡ଼ପର୍ବତ ଘେରା ଜଙ୍ଗଲରେ ତାଙ୍କର ବିଚକ୍ଷଣତାକୁ ନନ୍ଦିନୀଦେବୀ ଖୁବ୍ ସୁଲଭ ଶୈଳୀରେ ଓଡ଼ିଆ ପାଠକମାନଙ୍କ ନିକଟରେ ଅନୁବାଦ ମାଧ୍ୟମରେ ଉପସ୍ଥାପିତ କରିପାରିଛନ୍ତି ।

ନନ୍ଦିନୀ ଶତପଥୀଙ୍କର ଅବଶୋଷ ଯେ, ସେ ସାହିତ୍ୟ ପାଇଁ ଯଥେଷ୍ଟ ସମୟ ଦେଇପାରିନାହାନ୍ତି । ଏହିପରି ଭାବରେ ବହୁ ଘାତ ପ୍ରତିଘାତ ମଧ୍ୟରେ ତାଙ୍କର ସାହିତ୍ୟିକ ଜୀବନର ଉନ୍ମେଷ ଓ ଉତ୍ତରଣ ହୋଇଅଛି । ବାସ୍ତବିକ ଏହା ଓଡ଼ିଆ ପାଠକପାଠିକା ସର୍ବୋପରି ସାହିତ୍ୟିକମାନଙ୍କ ଜୀବନରେ ନନ୍ଦିନୀଦେବୀଙ୍କ ସାହିତ୍ୟିକ ପ୍ରତିଭା ଏକ ମାଇଲଖୁଣ୍ଟ ହୋଇ ରହିବ, ଏଥିରେ ସନ୍ଦେହ ନାହିଁ ।

* * *

# ଓଡ଼ିଆ ସାହିତ୍ୟକୁ ନନ୍ଦିନୀ ଶତପଥୀଙ୍କ ଅବଦାନ

# (କ) "ଓଡ଼ିଆ ସାହିତ୍ୟକୁ ନନ୍ଦିନୀ ଶତପଥୀଙ୍କର ଅବଦାନ"

'ପ୍ରଖ୍ୟାତ ସାହିତ୍ୟିକ, କଥାକାର ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ କାଳଜୟୀ ଉପନ୍ୟାସ 'ମାଟିର ମଣିଷ' ଯେଉଁଦିନ ସ୍ୱର୍ଶ ପାଇଥିଲା, ସେହିଦିନ ହିଁ ଏ ସଂସାରରେ ଭୂମିଷ୍ଠ ହୋଇଥିଲେ ନନ୍ଦିନୀ । ଯାହାପାଇଁ ଏକଦା ପିତାମାତା କେବଳ ନୁହନ୍ତି, ଓଡ଼ିଶା ତଥା ସାରା ଦେଶ ଭାରତବର୍ଷ ଗର୍ବ କରିଥିଲା । ଜାତି ଓ ଦେଶର ଗୌରବ ନନ୍ଦିନୀ ରାଜନୀତି କ୍ଷେତ୍ରରେ ଯେପରି ପ୍ରବୀଣା, ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେହିପରି ଧୂରୀଣା । ସାଧାରଣ ଜନତାର ବ୍ୟଥା ଓ ବେଦନାକୁ ଦୂର କରିବାର ଦୃଢ଼ ସଂକଳ୍ପ ନେଇ ସେ ରାଜନୀତିର କଣ୍ଟକିତ କ୍ଷେତ୍ରରେ ପାଦ ଥାପିଥିଲେ । ଯେତେବେଳେ କି ସମାଜରେ ନାରୀମାନେ ସାମାଜିକ ସ୍ରୋତରେ ସାମିଲ ନଥିଲେ, ସେହିପରି ଗଭୀର ମାନବବାଦୀ ଚେତନା ଓ ସଂବେଦନାରେ ଭରପୁର ହୃଦୟଟିଏ ନେଇ ସ୍ୱାକ୍ଷର କରିଥିଲେ ସାହିତ୍ୟ ରଚନା ।'[୨୦୯]

ମଣିଷକୁ ଭଲପାଇ ସେ ହୋଇଥିଲେ କବି, ତା'ର ଦୁଃଖ ଦୁର୍ଦ୍ଦଶାକୁ ଲେଖନୀ ମୁନରେ ରୂପାୟିତ କରି ସେ ପାଲଟିଥିଲେ ଗାଳ୍ପିକା ଓ ଅନୁବାଦିକା । ଏବଂ ମଣିଷକୁ ତା'ର ନ୍ୟାଯ୍ୟ ଦାବି ଦେବାପାଇଁ ସେ ସାଜିଥିଲେ ରାଜନୀତିଜ୍ଞ । ନନ୍ଦିନୀ ଶତପଥୀଙ୍କୁ ସମସ୍ତେ ପ୍ରାୟ ଜାଣନ୍ତି ରାଜନୀତିଜ୍ଞ ଭାବରେ, କିନ୍ତୁ ସେହି ରୁକ୍ଷ ବନ୍ଧୁର ରାଜନୈତିକ ଜୀବନର ଧୂସରତା ତଳେ ଅନ୍ତଃସଲୀଳା ଫଲ୍‌ଗୁ ପରି କଳନାଦରେ ବହି ଚାଲିଥିଲା ସାହିତ୍ୟର ଛଳଛଳ ଧାରାଟିଏ । ଯାହା ତାଙ୍କର ଊଷର ବେଳାଭୂମିରେ ଏକ କୋମଳ ଅଙ୍ଗୀକାର । ସେହି ଅଙ୍ଗୀକାରବଦ୍ଧତା ଜୀବନର ଶେଷ ପର୍ଯ୍ୟନ୍ତ ଅବ୍ୟାହତ ଥିଲା । ବୟସ ତାଙ୍କ ପାଖରେ ହାର ମାନିଥିଲା ।

[୨୦୯] ଗୋଲାପମଞ୍ଜରୀ କର, ନନ୍ଦିନୀଙ୍କ ସୃଜନା - ଏକ ଉତ୍ତରିତ ଆତ୍ମାର ବଳିଷ୍ଠ ଉଦୀରଣ, ଓଡ଼ିଶା ଲେଖିକା ସଂସଦ-୨୦୦୩, ପୃ-୧୨୧

ମାଟିର ମଣିଷ ଉପନ୍ୟାସର ଉପୋଦ୍‌ଘାତ ଲେଖାଯାଇଥିବା ଏହି ମାର୍ମିକ କବି ମାଣିର ମଣିଷ ଯେତିକି ସତ୍ୟ, କାଳନ୍ଦୀଙ୍କର ମାଟିର ପିତୁଳା, ନନ୍ଦିନୀଙ୍କ ପାଇଁ ସେତିକି ଯଥାର୍ଥ ।

'ଦୁନିଆର ହାଟେ କୋଟି ହୀରାନୀଳା, ମଣିମାଣିକର ତୁଲ,
ମାଟିର ପିତୁଳା ଗଢ଼ି ଥୋଇଦେଲି କିଏ ପଚାରିବ ମୂଲ ।'[୨୧୦]

କାଳର ସୀମାକୁ ଅତିକ୍ରମ କରିଦେଇ ନନ୍ଦିନୀ ଭୂମିଷ୍ଠ ହୋଇଥିଲେ ଏ ସଂସାର ମଧ୍ୟରେ ୧୯୩୧ ମସିହା ଜୁନ୍ ୯ ତାରିଖରେ କଟକର ଯାଚକ ଲେନ୍‌ରେ । ନନ୍ଦିନୀଙ୍କର ଜନ୍ମର ସେହି ଲଗ୍ନ ଓଡ଼ିଶା ପାଇଁ ମଧ୍ୟ ଥିଲା ଏକ ମାହେନ୍ଦ୍ର ଲଗ୍ନ । ଯାହାପାଇଁ ଓଡ଼ିଶା ବିଶ୍ୱଦରବାରରେ ସମ୍ମାନିତ ହୋଇଥିଲା ।

ସେହି ମାଟିର ପିତୁଳା ନନ୍ଦିନୀ ଥିଲେ ବାପା କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ନୟନପିତୁଳା ଓ ମା' ରତ୍ନମଣିଦେବୀଙ୍କର ହୃଦୟର ମଣି । କକେଇ ଭଗବତୀଚରଣ ପାଣିଗ୍ରାହୀଙ୍କର ଆଦରର ଧନ । ପିଲାଦିନେ ବାପାଙ୍କର ସାହିତ୍ୟିକ ଜୀବନ ତାଙ୍କୁ ଯେତିକି ଅନୁପ୍ରାଣିତ କରିଥିଲା, ତା'ଠାରୁ ବେଶୀ ଉଦ୍ଦିପୀତ କରିଥିଲା, ଅଗ୍ନିପୁରୁଷ ଭଗବତୀଙ୍କର ଆଦର୍ଶ, ସାମ୍ୟବାଦୀ ଚିନ୍ତାଧାରା ଓ ଶୋଷଣ ବିହୀନ ସମାଜର ସ୍ୱପ୍ନ । ଭଗବତୀ ପାଣିଗ୍ରାହୀ ଖାଲି ଓଡ଼ିଶାରେ ମାର୍କ୍ସବାଦୀ କମ୍ୟୁନିଷ୍ଟର ଜନକ ନଥିଲେ, ସେ ମଧ୍ୟ ଥିଲେ ଜଣେ ବଳିଷ୍ଠ କଥାକାର । ତାଙ୍କର ହଳହଳ ସୃଷ୍ଟିକାରୀ 'ଶିକାର' ଗଳ୍ପ ଓଡ଼ିଆ ସାହିତ୍ୟର ଏକ ମାଇଲଖୁଣ୍ଟି । ଭଗବତୀଙ୍କର ସାମାଜିକ ପ୍ରତିବଦ୍ଧତା ବହୁତ ବେଶୀ ପ୍ରଭାବିତ କରିଥିଲା କିଶୋରୀ ନନ୍ଦିନୀଙ୍କୁ । ତାଙ୍କର ସାହିତ୍ୟିକ ଜୀବନର ଆଦ୍ୟ ସ୍ୱାକ୍ଷର ମଧ୍ୟ ଭଗବତୀଙ୍କର ପ୍ରରୋଚନାରେ ହିଁ ସମ୍ଭବ ହୋଇଥିଲା ।

'ସୋଭିଏତ୍ ଦେଶ' ପତ୍ରିକାରୁ ଅନୁବାଦ କରି ନନ୍ଦିନୀ କମ୍ୟୁନିଷ୍ଟ ପାର୍ଟିର ସାପ୍ତାହିକ କାଗଜ 'ମୁକ୍ତିଯୋଦ୍ଧା'କୁ ପ୍ରକାଶନ ପାଇଁ ଦେଉଥିଲେ । ଅନୁବାଦ କରିବାର ସେହି ପ୍ରବଣତା ତାଙ୍କୁ ୧୯୪୮ ମସିହାରେ ପ୍ରକାଶିତ 'ସଙ୍କେତ' ପତ୍ରିକାରେ ପ୍ରଥମ ସଂଖ୍ୟାରେ ଋଷିଆନ୍ ଗଳ୍ପ 'ବେତଲତା'ର ଅନୁବାଦ ଓ ପରବର୍ତ୍ତୀ କାଳରେ କ୍ରିଷ୍ଣାକ୍ରିପାଳିନୀଙ୍କର "ଗାନ୍ଧି କଥାମୃତ",

[୨୧୦] ତତ୍ରୈବ, ପୃ-୧୨୨

ଅମୃତାପ୍ରୀତମ୍‌ଙ୍କର "ରସିଦ୍ ଟିକେଟ", ତସଲିମା ନାସରିନ୍‌ଙ୍କର "ଲଜ୍ଜା" ଏବଂ ମହାଶ୍ୱେତାଦେବୀଙ୍କର "ନିର୍ବାଚିତ ଗଳ୍ପ" ଆଦି ଅନୁବାଦ କରିବାକୁ ପ୍ରୋତ୍ସାହିତ କରିବା ସହ ସାହିତ୍ୟ ଜଗତରେ ନନ୍ଦିନୀଙ୍କୁ ଜଣେ ସଫଳ ଅନୁବାଦିକା ଭାବେ ସ୍ୱୀକୃତି ମିଳିପାରିଅଛି । ସେ "ରେଭିନ୍ୟୁ ଟିକେଟ୍" ଅନୁବାଦ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ । ତାଙ୍କର "ଗାନ୍ଧୀ କଥାମୃତ" ପୁସ୍ତକକୁ ମଧ୍ୟ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ କରାଯାଇଥିଲା । ଅନୁବାଦ ସାହିତ୍ୟାକାଶରେ ଉପନ୍ୟାସ "ଲଜ୍ଜା" ପରି ଅନ୍ୟ କୌଣସି ଅନୁଦିତ ପୁସ୍ତକ ଲୋକପ୍ରିୟତା ଅର୍ଜନ କରିପାରିନାହିଁ ।

ନନ୍ଦିନୀଙ୍କୁ ସଦାସର୍ବଦା ତାଙ୍କର ବାପା ଗୋଟିଏ କଥା ବୁଝାଉଥିଲେ - ଲୋକଙ୍କର ଦୁଃଖ ଦୂର କରିବା ଦିଗରେ ଯେପରି ସାମାନ୍ୟ ମାତ୍ର ଅବହେଳା ନକରିବାକୁ । ସେଥିପାଇଁ ସାବଧାନବାଣୀ ମଧ୍ୟ ଶୁଣାଉଥିଲେ ଝିଅ ନନ୍ଦିନୀଙ୍କୁ । ପ୍ରକୃତରେ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ପରି ବାପାଟିଏ ପାଇବା ଖୁବ୍ ସୌଭାଗ୍ୟର କଥା । ବାପା ଓ କକେଇ ଏହି ଦୁଇ ପ୍ରଚଣ୍ଡ ବ୍ୟକ୍ତିତ୍ୱର ସଫଳ ଉତ୍ତରାଧିକାରିଣୀ ଥିଲେ - ନନ୍ଦିନୀ ।

ସଂଜୟ ଦାସବର୍ମା 'କ୍ରାନ୍ତିଧାରା'ରେ ଲେଖିଥିଲେ - ଯେଉଁଠି ପଡ଼ିଛି ନନ୍ଦିନୀଙ୍କର ପାଦ, ତାହା ପାଲଟିଛି ତାଙ୍କର ସାମ୍ରାଜ୍ୟ । ସୃଜନର ଅମୃତ ଫସଲ ଠାରୁ ରାଜନୀତିର ନିଆଁଖେଳ, ସ୍ୱାଧୀନତା ସଂଗ୍ରାମର ଚର୍ଚ୍ଚିତ କ୍ଷେତ୍ରଠାରୁ ସେବାର ବୃହତ୍ତର ବୃତ୍ତ, ଜନଜାଗରଣର ମନ୍ତ୍ରୋଚ୍ଚାରଣ ଠାରୁ ସାଫଲ୍ୟର ଶୀର୍ଷାରୋହଣ, ସବୁଠି ନନ୍ଦିନୀଙ୍କର ଉଜ୍ଜ୍ୱଳ ଚିହ୍ନ । ମାଣିର ମଣିଷ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ଶ୍ରେଷ୍ଠତମ କୃତି - ନନ୍ଦିନୀ ଶତପଥୀ ।

ପିଲାଟିଦିନରୁ ନନ୍ଦିନୀଙ୍କ ପରିବାର କଟକର ଯାଚକ ଲେନ୍‌ସ୍ଥିତ ଚମାରସାହିରେ ଏକ ଭଡ଼ାଘରେ ରହୁଥିଲେ । ନିକଟସ୍ଥ ବାସିନ୍ଦାଙ୍କର ଖାଇବା ନଥିବା ଦେଖି ନନ୍ଦିନୀ ବୋଉଙ୍କୁ ଲୁଚାଇ ଚାଉଳ ଓ ପରିବା ନେଇ ସେମାନଙ୍କୁ ଦେଉଥିଲେ । ସେହି ନାହିଁ ନାହିଁର ଜୀବନ ତାଙ୍କର କୋମଳମତି ପିଲାମନରେ ଏପରି ଗାର ଟାଣିଥିଲା ଯେ, ସେ ଏସବୁର କାହାଣିକୁ ନେଇ ଏକ ଗଳ୍ପ ଲେଖିଥିଲେ ଓ ସେହି ଗଳ୍ପଟିର ନାମ ଦେଇଥିଲେ 'ଅନାଥ' । ଯାହା ତାଙ୍କର ପ୍ରଥମ ସୃଷ୍ଟିର ଗୌରବ ବହନ କରେ । ତା'ପରେ ରେଭେନ୍‌ସା ବାଳିକା ବିଦ୍ୟାଳୟରେ ପାଠପଢ଼ା । ଅଷ୍ଟମ

ଶ୍ରେଣୀରେ 'ତୁଠ ପଥରର ଆତ୍ମକାହାଣୀ' ରଚନା ଲେଖି ସେ ସବୁ ପିଲାମାନଙ୍କଠାରୁ ଅଧିକ ନମ୍ବର ପାଇଥିଲେ । ସେହି ରଚନା ତାଙ୍କ ଭିତରେ ଆତ୍ମପ୍ରତ୍ୟୟର ବୀଜ ରୋପଣ କରିଥିଲା । 'ଦୈନିକ ଆଶା'ର ଗୋଟିଏ ପ୍ରତିଯୋଗିତାରେ ତାଙ୍କର ଗପଟିଏ ଉତ୍କୃଷ୍ଟ ବିବେଚିତ ହୋଇ ପ୍ରକାଶ ପାଇଥିଲା । ପରେ ପରେ ଓଡ଼ିଶାର ପ୍ରତିଷ୍ଠିତ ପତ୍ରିକା 'ଝଙ୍କାର' ସମେତ ଅନ୍ୟ ପତ୍ରିକାରେ ତାଙ୍କର ଗଳ୍ପ ନିୟମିତ ଭାବରେ ପ୍ରକାଶ ପାଇବାକୁ ଲାଗିଲା ।

ନନ୍ଦିନୀଙ୍କର ଜୀବନ ଥିଲା - ସାଲିସ୍ ବିହୀନ ଜୀବନ । ଏଥିପାଇଁ ଜୀବନରେ ସେ ଅନେକ କଷ୍ଟ ବରଣ କରିଛନ୍ତି । କିନ୍ତୁ କେଉଁଠାରେ ଅନ୍ୟାୟ ଆଗରେ ମୁଣ୍ଡ ନୁଆଁଇ ନାହାନ୍ତି ।

କକେଇ ଭଗବତୀ ଚରଣ ପାଣିଗ୍ରାହୀ ଥିଲେ ନନ୍ଦିନୀଙ୍କର ଆଦ୍ୟଗୁରୁ । କକେଇ ବ୍ରାହ୍ମଣ ହୋଇ ମଧ୍ୟ ନିଜ ଗାଁ ବିଶ୍ୱନାଥପୁର (ପୁରୀ ଜିଲ୍ଲା)ର ଭୋଇସାହିକୁ ଯାଇ ସେମାନଙ୍କୁ ଜମିଦାର ଅତ୍ୟାଚାର ସମ୍ପର୍କରେ ମତାନ୍ତି । ଛୋଟ ନନ୍ଦିନୀ ମଧ୍ୟ ବାଡ଼ିପଟେ ଲୁଚି ଲୁଚି ଯାଇ ସେମାନଙ୍କର ପିଲାମାନଙ୍କୁ ତଡ଼ି ତଡ଼ି ସ୍କୁଲକୁ ପଢ଼ିବା ପାଇଁ ପଠାନ୍ତି ।

ସେହି ପିଲାଟି ବେଳରୁ ଗରିବଙ୍କର ଦୁଃଖ, ଦୁର୍ଦ୍ଦଶାରେ ତାଙ୍କର ମନ ଭିଜି ଉଠିଥିଲା । ଯାହା ତାଙ୍କର ଅଧିକାଂଶ ଗଳ୍ପ ଓ କବିତାର ପୃଷ୍ଠଭୂମି ରୂପେ ଆତ୍ମପ୍ରକାଶ କରିଥିଲା । 'ସୀତା ନାନୀର ପୁଅ', 'ଆଶ୍ରୟସ୍ଥଳୀ', 'ପ୍ରାର୍ଥୀ', 'ବିଷର ବଳୟ', 'ବୀରସା ଭୋଇ' ପ୍ରଭୃତି ଗଳ୍ପ, 'ବନ୍ଧ ଭାଙ୍ଗିଗଲା', 'ମୋ ମାଆ', 'ରକ୍ତାକ୍ତ ଜୀବନ', 'ସ୍ୱପ୍ନର ବି ସ୍ୱପ୍ନ ଥାଏ', 'ଚନ୍ଦ୍ର ତୁମେ ଆଉ ଆସନାହିଁ', 'ବିଶ୍ୱାସ ବିଶ୍ୱାସ ବିଶ୍ୱାସ' ପ୍ରଭୃତି କବିତାରେ ଶୋଷିତ ଜନତାର ହାହାକାର ଅତି ହୃଦୟସ୍ପର୍ଶୀ ଭାବରେ ରୂପାୟିତ ।

'ଠିକଣା ହଜିଗଲା' ତାଙ୍କର ଏକ ଚମତ୍କାର କବିତା, ଯେଉଁଥିରେ କବିଙ୍କର ହତାଶ ଭାବ ଜର୍ଜରିତ ପ୍ରାଣର ବେଦନା ଝରିପଡ଼ିଛି ଟୋପାଟୋପା ହୋଇ ଶବ୍ଦ ଭାବରେ । ସରଳାଦେବୀ, ମାଳତୀଦେବୀ, ନୃମା, ଅର୍ଣ୍ଣପୂର୍ଣ୍ଣାଦେବୀ ପ୍ରଭୃତି ସମାଜସେବିକାମାନଙ୍କୁ ତାଙ୍କର ବିକ୍ଷୁବ୍ଧ କବିସତ୍ତା ପ୍ରଶ୍ନ କରିଛି ।

'ଦାରିଦ୍ର୍ୟର ସୀମାରେଖା ତଳେ କେତେ ଲୋକ ?
କେତେ ହେଲାଣି ପଞ୍ଚବାର୍ଷିକ ଯୋଜନା
କାହିଁ, ଦାରିଦ୍ର୍ୟ ତ ଦୂର ହେଉନାହିଁ ?'[୨୧୧]

ସ୍ୱାଧୀନତାର ପଚାଶ ବର୍ଷ ପରେ ବି ମଣିଷ ଭଳି ମଣିଷ ବଞ୍ଚିପାରିନି । ତେଣୁ କବି ଅସହାୟ ହୋଇ ପ୍ରଶ୍ନ ପଚାରିଛନ୍ତି ସେହିମାନଙ୍କୁ, ଯେଉଁମାନେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇ ସାରା ଜୀବନକୁ ବାଜି ଲଗେଇ ଦେଇଥିଲେ ।

'ତୁମ ସମସ୍ତଙ୍କର ଠିକଣା ହଜାଇ ଦେଇ
ମୁଁ ବି ବସିଛି ଅସହାୟ ହୋଇ
ଅନେକ ପ୍ରଶ୍ନମାନଙ୍କୁ ନେଇ
କିନ୍ତୁ- କିଏ ଦେବ ତା'ର ଉତ୍ତର ?'[୨୧୨]

ସେହିପରି "ଅପରାହ୍ନର ସଙ୍ଗୀତ" ଗଳ୍ପରେ ନିଜକୁ ମହାମହିମ ସମ୍ରାଟ ଭାବୁଥିବା ପୁରୁଷର ଅହଂ କିପରି ବୟସର ଅପରାହ୍ନରେ ଭୁଷୁଡ଼ି ପଡ଼ିଛି, ତାହା ସେ ଅତି ସ୍ପଷ୍ଟ ଭାବରେ ସୂଚାଇଛନ୍ତି । ଯୁଗେ ଯୁଗେ ପୁରୁଷ ଆଖିରେ ନାରୀର ଦିଓଟି ରୂପ । ମା' ଓ ରମ୍ୟ । କେବେବି ପୁରୁଷ ନାରୀକୁ ଏକ ବ୍ୟକ୍ତି ଭାବରେ ଗ୍ରହଣ କରିପାରିନି । ଏ କଥାକୁ ମାନିନେଇପାରିନାହାନ୍ତି ନନ୍ଦିନୀ । ତାଙ୍କ ଭାଷାରେ ମୁଁ ମୂଳରୁ ଭାବିନେଇଛି ଯେ, ମୁଁ ସ୍ତ୍ରୀ ଲୋକ ନୁହେଁ, ମୁଁ ମଣିଷ । **I am a person, I am a human being.** ମୁଁ ସଂଘର୍ଷ କରି ବଞ୍ଚିଛି । ସତରେ, ତାଙ୍କର ଜୀବନ ଏକ ସଂଘର୍ଷମୟ ଜୀବନ । ନନ୍ଦିନୀଦେବୀ ଏମ୍.ଏ (ଓଡ଼ିଆ) ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଇଣ୍ଟରଭ୍ୟୁରେ ସମସ୍ତଙ୍କ ଠାରୁ ଭଲ କରି ମଧ୍ୟ ସେ ଚାକିରି ପାଇନଥିଲେ । କାରଣ ତାଙ୍କ ନାମରେ ବହୁତ ପୁଲିସ୍ କେଶ୍ ଥିଲା ।

ନନ୍ଦିନୀଙ୍କର ପ୍ରଥମ ଗଳ୍ପ ସଂକଳନ - "କେତୋଟି କଥା"ରେ ସମାଜରେ ସବୁସ୍ତରର ନିସ୍ପେଷିତା ନାରୀମାନଙ୍କର କାରୁଣ୍ୟ ବର୍ଣ୍ଣିତ । "ସୀତା ନାନୀର ପୁଅ" ଗଳ୍ପରେ ନିମ୍ନ ବର୍ଗର ଦୁଃଖ, କଷ୍ଟ, ସଂଘାତର କାହାଣୀ ବିଶେଷ ଭାବରେ ରୂପାନ୍ତରୀତ ହୋଇଅଛି । ସେହିପରି "ଗାୟତ୍ରୀ"

[୨୧୧] ତତ୍ରୈବ, ପୃ-୧୨୪
[୨୧୨] ତତ୍ରୈବ, ପୃ-୧୨୪

ଗଳ୍ପରେ ଦାରିଦ୍ର୍ୟର ହରଡ଼ଘଣାରେ ପେଷି ହୋଇ ଗୋଟିଏ ଫୁଟି ଆସୁଥିବା ପ୍ରତିଭାର ଅପମୃତ୍ୟୁ ଘଟିଛି ଓ ସେ ମାନସିକ ଭାରସାମ୍ୟ ହରାଇ ପାଗଳୀ ହୋଇଛି । ଏଠାରେ ଗାଳ୍ପିକା ନନ୍ଦିନୀଙ୍କର ମର୍ମଭେଦୀ ଭାଷା, ବାହାରର ବିଶାଳ ପ୍ରକୃତି ସତେଅବା ଗୋଟିଏ ବଡ଼ ବହିର ଗୋଟିଏ ଛିନ୍ନ ପୃଷ୍ଠା । "ଭଷାମେଘ" ଗଳ୍ପରେ ଗୋଟିଏ ଅସହାୟ ନାରୀର ନିରୂପାୟତାକୁ ଜୀବନ୍ତ ଭାବରେ ବର୍ଣ୍ଣନା କରିଅଛନ୍ତି ନନ୍ଦିନୀଦେବୀ । ପାଗଳୀ ନହୋଇ ମଧ୍ୟ ପାଗଳାଗାରଦରେ ରହିବାର ବାଧବାଧକତାକୁ ସେ ମୁଣ୍ଡପାତି ସହି ନେଇଛି ।*

କେବଳ ନନ୍ଦିନୀଦେବୀ ଅସହାୟ ନାରୀର ଚିତ୍ର ଯେ ଆଙ୍କିଛନ୍ତି, ତାହା ନୁହେଁ, ନାରୀ ମନସ୍ତତ୍ତ୍ୱର ବିଭିନ୍ନ ଦିଗ ତାଙ୍କର ଲେଖାରେ ଉନ୍ମୋଚିତ ହୋଇଅଛି । ଗାଳ୍ପିକା ନନ୍ଦିନୀ ଶତପଥୀ ତାଙ୍କର "ଅଭିମାନ" ଗଳ୍ପରେ ଗୋଟିଏ ବୟସ୍କା ରମଣୀର ଅର୍ନ୍ତଦ୍ୱନ୍ଦ୍ୱ ଓ ଅଭିମାନ ପ୍ରକଟିତ କରିଅଛନ୍ତି ।

'ରାଜନୀତିକୁ ଜୀବନ କରି ବସିଥିବା ନନ୍ଦିନୀଙ୍କ ମଧ୍ୟରେ ଥିବା ସଚ୍ଚୋଟ କବିପ୍ରାଣଟି ଅନ୍ୟାୟ, ଅନୀତି, ଦୁର୍ନୀତି ଦେଖି ଆକୁଳ ହୋଇଉଠିଛି । ଯେଉଁ ସ୍ୱପ୍ନ ପଛରେ ଗୋଡ଼ାଇ ଗୋଡ଼ାଇ ସେ ରାଜନୀତିରେ ଯୋଗ ଦେଇଥିଲେ, ସେ ସ୍ୱପ୍ନର ସେତୁ ମଧ୍ୟ ଭାଙ୍ଗି ପଡ଼ିଛି ଖଣ୍ଡ ଖଣ୍ଡ ହୋଇ । ତେଣୁ ନନ୍ଦିନୀଦେବୀ ତାଙ୍କର କବିତା ସଂକଳନର "ସ୍ୱର୍ଗର ସେତୁ" କବିତାରେ ତାଙ୍କର ବିଦ୍ରୋହୀ ଆତ୍ମା ପ୍ରକାଶିତ ହୋଇଉଠିଛି ସ୍ପଷ୍ଟ ଭାବରେ-

"ଦେଶର ରକ୍ଷକ ତୁମେ
ଭକ୍ଷକ ବି
ତୁମ ପାଇଁ ସବୁ ଖୋଲାମେଲା ।"

ଏକବିଂଶ ଶତାବ୍ଦୀର ପିଲାମାନଙ୍କ ପାଇଁ ଆଉ କିଛି ସ୍ୱପ୍ନ ନାହିଁ - ଯାହାକୁ ବୁଣି ସେମାନେ ଫସଲ ଉତ୍ପାଦନ କରିବେ ।

କବିଙ୍କ ଭାଷାରେ-

"ଏକବିଂଶ ଶତାବ୍ଦୀର ପିଲାମାନେ
ଆଖି ଡବ ଡବ କରି

ଅନାଇ ରହନ୍ତି
ଶୁଭ ଆଉ ଦେବା ବା କେଉଁଠି ?'[୨୧୩]
ବାଲି ସେତୁ ଧୋଇଗଲା
ନିଶ୍ଚିନ୍ନ ହୋଇଗଲା
ସ୍ୱପ୍ନରେ ଗଢ଼ିଥିବା ସେତୁ ସବୁ ମୋର ।"

'ନନ୍ଦିନୀଦେବୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ତମାମ ଓଡ଼ିଶା ବୁଲିବାବେଳେ ସେ ନାରୀମାନଙ୍କର ଅସୁରକ୍ଷିତ ଜୀବନକୁ ଅତି ନିକଟରୁ ପ୍ରତ୍ୟକ୍ଷ କରିଅଛନ୍ତି । ତଥାପି ସେ ସେମାନଙ୍କର ନିର୍ଯ୍ୟାତିତ ଜୀବନର ଗତାନୁଗତିକ ବର୍ଣ୍ଣନାନକୁ ବିଶ୍ଳେଷଣ ନ କରି ସେମାନଙ୍କୁ ଉତ୍ତରଣର ପଥ ଦେଖାଇଛନ୍ତି । "ନାରୀ ତୁମେ ନୁହେଁ ଖାଲି ନାରୀ" କବିତାରେ କବିଙ୍କର ସ୍ପର୍ଦ୍ଧିତ ସ୍ୱର ଶୁଭିଛି-

"ପରିଚୟ ପତ୍ରଟିଏ ଆଜିଯାଏ
ନିଜେ ଜଣେ ଲୋକ ବୋଲି
ହାସଲ ତ କରିପାରିଲନି ।"

ନନ୍ଦିନୀଦେବୀ ନିଜର "ବହୁରୂପୀ" କବିତାରେ ଆମର ପୁରୁଷ ଶାସିତ ସମାଜକୁ ସେ ଚେତାବନୀ ଶୁଣାଇଛନ୍ତି-

"ଅଧିକାର ଦେବାକୁ
ମହିଳାମାନଙ୍କୁ
ଲକ୍ଷ୍ମୀ, ସରସ୍ୱତୀ ଆଉ ପାର୍ବତୀ କରନି ।"'[୨୧୪]

ଦାମ୍ପତ୍ୟ ଜୀବନରେ ଅଧିକାଂଶ ନାରୀ ପରି ସ୍ୱାମୀ ଉପରେ ପ୍ରଚଣ୍ଡ ଅଭିମାନରୁ ଆସିଅଛି ବିତୃଷ୍ଣା । ମନ ବିଚଳିତ ହୋଇଛି, ନିଃସଙ୍ଗତା ତାକୁ ଟାଣିନେଇଛି - ତଳକୁ ତଳକୁ । କ୍ଷଣିକ ଆବେଗରେ ସେ କଲେଜ ଜୀବନର ବନ୍ଧୁଙ୍କୁ ଆମନ୍ତ୍ରଣ କରିଅଛି ଘରକୁ । କିନ୍ତୁ ଶେଷ ମୁହୂର୍ତ୍ତରେ ସ୍ୱାମୀର ଅନାବିଳ ପ୍ରେମର ଶକ୍ତି ତା'ର ଅଭିମାନର ଶକ୍ତ ପ୍ରାଚୀରକୁ ଭାଙ୍ଗିଦେବାକୁ ସମର୍ଥ ହୋଇଛି । ନାରୀର ସ୍ୱାର୍ଥପରତା, ଈର୍ଷାକାତରତା, ଅହଂକାର ଓ ଲୋଭ ତାଙ୍କର ଅନେକ ଗଳ୍ପର

[୨୧୩] ତତ୍ରୈବ, ପୃ-୧୨୪, ୧୨୫
[୨୧୪] ତତ୍ରୈବ, ପୃ-୧୨୫

ଉପଜୀବ୍ୟ । ''ତାସ୍‌ଘର' ଗଳ୍ପରେ ନିଜର ବଡ଼ଲୋକୀ ଓ ଅହଂକୁ ନେଇ ବଞ୍ଚିଥିବା ନାରୀଟିଏ ନିଜ ଝିଅର ସମାଜସେବା ପାଖରେ ହାର ମାନିଛି । ଜଣେ ପରଶ୍ରୀକାତରତା ନାରୀର ସମାଜ, ସଂସ୍କାର ଓ ଆଧୁନିକତା ପ୍ରତି ବିଶୋଦ୍‌ଗାରର ଚିତ୍ର "ଡଷ୍ଟବିନ୍" ଗଳ୍ପ ନାମକରଣରେ ନୂତନତ୍ୱ ଓ ଚମକ ଦେଖିବାକୁ ମିଳେ ।* "ଜିତାପଟ" ଗଳ୍ପ ଦୁଇଟି ବିପରୀତମୁଖୀ ନାରୀ ଚରିତ୍ରର ବର୍ଣ୍ଣନାରେ ରସାଣିତ । ଗୋଟିଏ ନାରୀ 'ମେରୀ' - ଆଦିବାସୀ, ଖ୍ରୀଷ୍ଟିଆନ୍, ଚଞ୍ଚଳ, କର୍ମଠ, ଉଦାର, ଅନ୍ୟ ନାରୀଟି 'ସୁଶୀଳା' - ହିନ୍ଦୁ, ଅମାର୍ଜିତ, ଅଳସୁଆ, ସଂକୀର୍ଣ୍ଣମନା, ପାଖାପାଖି ରହିଥିଲେ ବି ଦୁଇଜଣଙ୍କ ମଧ୍ୟରେ ସହାନୁଭୂତି ଓ ସୌହାର୍ଦ୍ଦ୍ୟ ନାହିଁ । ପରିଶେଷରେ 'ମେରୀ'ର ଉଦାରତା ବଢ଼ିଯାଇଛି । ତା'ର ଅକୁଣ୍ଠ ସାହାଯ୍ୟରେ ସୁଶୀଳାର ପ୍ରସବ ସମ୍ଭବ ହୋଇଛି ଓ ତା'ର ପରିବର୍ତ୍ତନ ଘଟିଛି ।'[୨୧୫]

'ନନ୍ଦିନୀ ଶତପଥୀଙ୍କ "ସମୁଦ୍ର" ଏକ ନିଆରା ସ୍ୱାଦର ଗଳ୍ପ । ଯେଉଁଥିରେ ସମୁଦ୍ର ମନସ୍କ 'ରୁମା' ଭିତରେ ଲେଖିକା ନିଜେ ଆତ୍ମପ୍ରକାଶ କରିଅଛନ୍ତି । ବ୍ରେକ୍‌ଫାଷ୍ଟ, ଲଞ୍ଚ, ଆଫ୍‌ଟରନୁନ୍ ଟି ଓ ଡିନର - ଏଇ କ୍ରମରେ ଘୁରୁଥିବା ହାଇସୋସାଇଟ୍ ଲୋକମାନଙ୍କର ଫମ୍ପା ଜୀବନଚର୍ଯ୍ୟା ଭିତରେ ଅଣନିଶ୍ୱାସୀ ହୋଇଉଠିଛି - ରୁମା । ଅନେକ ଗଳ୍ପରେ ତଥାକଥିତ ଆଭିଜାତ୍ୟ ଓ ଲୋକ ଦେଖାଣିଆ ବଡ଼ଲୋକୀମାନଙ୍କ ପ୍ରତି ଲେଖିକାଙ୍କର ବିତୃଷ୍ଣା ସୁସ୍ପଷ୍ଟ ।'[୨୧୬]

'ନନ୍ଦିନୀ ଶତପଥୀ ସାହିତ୍ୟର ଛତ୍ରେ ଛତ୍ରେ ଉତ୍କୀର୍ଣ୍ଣ ହୋଇ ରହିଛି ଦୁର୍ଦ୍ଦଶାଗ୍ରସ୍ତ ମଣିଷ ପାଇଁ ଅନନ୍ୟ ମମତ୍ୱବୋଧ । ସାମାଜିକ ଦାୟିତ୍ୱବୋଧତା ଓ କଠୋର କର୍ତ୍ତବ୍ୟପରାୟଣତା ସମାଜର ପ୍ରତ୍ୟେକ ସ୍ତରର ମଣିଷମାନଙ୍କ ପାଇଁ ଚରିତ୍ରର ବହୁବିଧ ଦିଗକୁ ସେ ଅନୁଶୀଳନ କରିଛନ୍ତି । ସହାନୁଭୂତିର ସହ ବିଚାର କରିଛନ୍ତି । "ଜୀବନ ଦେବତା" ଗଳ୍ପରେ ଆଧୁନିକ ମଣିଷର ଆତ୍ମକୈନ୍ଦ୍ରିକତା ଓ ଅହଂକାର ଅତି ସୁନ୍ଦର ଭାବେ ରୂପ ପାଇଛି । ଲେଖିକାଙ୍କ ଭାଷାରେ ଦିନକୁ ଦିନ ମଣିଷ ସାନ ହୋଇଯାଉଛି ସେଇ ରୂପ କଥାର ଏକୋଇଶ ହାତ ମଣିଷ ଭଳି । ଯିଏ କମି କମି ହେଲା ଚଉଦ ହାତ, ତା'ପରେ ସାତ ହାତ ଓ ଶେଷରେ ସାଢ଼େ ତିନିହାତ । ହୁଏତ ଆହୁରି ଛୋଟ ହୋଇଯିବ ମଣିଷ । ତାକୁ ସେତେବେଳେ ଇଞ୍ଚରେ ମାପିହେବ । କାଳେ କୌଣସି

[୨୧୫] ତତ୍ରୈବ, ପୃ-୧୨୭

[୨୧୬] ତତ୍ରୈବ, ପୃ-୧୩୨

ଅସୁବିଧାରେ ପଡ଼ିଯିବ, ଏଇ ଭୟରେ ସଦାସର୍ବଦା କାକୁସ୍ଥ ମଣିଷର ଖର୍ବତା ବଳିଷ୍ଠ ଭାଷା ଓ ରୂପକଳ୍ପ ମାଧ୍ୟମରେ ବ୍ୟଙ୍ଗାତ୍ମକ ଶୈଳୀରେ ଲିଖିତ । 'ଅନ୍ୟ ପୃଥିବୀ' ଗଳ୍ପରେ ବାହାରକୁ ମହତ ମନେହେଉଥିବା ବ୍ୟକ୍ତି ଭିତରର ସଂକୀର୍ଣ୍ଣ ରୂପଟି ଲେଖିକା ସ୍ପଷ୍ଟ କରିଦେଇଛନ୍ତି । ଅନୁରାଧାଙ୍କ ପରି ଜଣେ ପୁରସ୍କାରପ୍ରାପ୍ତ ଦେଶସେବିକାଙ୍କ ଚରିତ୍ରର ଦୈନ୍ୟ ଓ ଗ୍ଲାନି ସାମାନ୍ୟ ସ୍ୱାର୍ଥର ସଂଘାତରେ ଅତି ନିର୍ଲଜ ଭାବେ ଉଦ୍‌ଘାଟିତ ହୋଇଯାଇଛି । ଅନୁରାଧାଙ୍କୁ ଆଦର୍ଶ ଭାବୁଥିବା ବିଦେଶିନୀ 'ରୁବେନ୍'ର ସ୍ୱପ୍ନଭଙ୍ଗ ହୋଇଛି ଓ ସେ ନିଜ ଦେଶକୁ ଫେରିଯିବା ପାଇଁ ନିଷ୍ପତ୍ତି ନେଇଛି ।'[୨୧୭]

୧୯୪୩ ମସିହାରେ କକେଇ ଭଗବତୀଚରଣ ପାଣିଗ୍ରାହୀଙ୍କ ଅକାଳ ମୃତ୍ୟୁ ନନ୍ଦିନୀଙ୍କ କିଶୋରୀ ହୃଦୟରେ ଗଭୀର ଆଲୋଡ଼ନ ସୃଷ୍ଟି କରିଥିଲା । ସେହି ମର୍ମଦାହୀ ଯନ୍ତ୍ରଣାକୁ ସେ ୧୯୪୬ ମସିହାରେ "ଅତୀତର ପେଡ଼ି" ଶୀର୍ଷକ ଲେଖାରେ ବ୍ୟକ୍ତ କରିଛନ୍ତି ।

'ସତ୍ୟର କଙ୍କାଳ ଉପରେ, କଳ୍ପନାର ରକ୍ତ, ମାଂସ ଦେଇ ତା' ଭିତରେ ତାଙ୍କର ହୃଦୟର ଗଭୀର ଅନୁଭୂତିର ପ୍ରାଣାରୋପଣ କରି ନନ୍ଦିନୀଦେବୀ ତାଙ୍କର ଅଧିକାଂଶ ଗଳ୍ପ ରଚନା କରିଅଛନ୍ତି । "ଆରପାଖେ" ଗଳ୍ପରେ ତାଙ୍କ ବନ୍ଦୀ ଜୀବନର ନିଛକ ଜୀବନଚିତ୍ର ସହିତ ଆଦର୍ଶବାଦର ମିଳନ ଘଟିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଆଦିବାସୀ ଝିଅ 'ସୁବ୍‌ଲି'ର ସରଳ, ନିଷ୍ପାପ ମନ ଭଲପାଇଛି 'ଲୋକା'କୁ ଟିକିଏ ଚିନି ଓ ଖଣ୍ଡିଏ ସାବୁନ୍ ବିନିମୟରେ । କିନ୍ତୁ ଧୂର୍ତ୍ତ ଟୋକା ଠକିଦେଇ ଚାଲିଯାଇଛି । ଜେଲ୍‌ରୁ ଖଲାସ ହେବାପରେ ସୁବୁଲି ଆସିଛି – ଗଳ୍ପ ନାୟିକା ପାଖକୁ, ଯିଏକି ଅତୀତରେ ତାହାର ସହବନ୍ଦୀ ଥିଲେ । ପ୍ରଶ୍ନ କରିଛି – ତୁମର ଆମର ସବୁ ଅଲଗା, ତୁମେ ନିଜେ କିଛି କାମ କରନି । ଆମେ କେତେ କାମ କରୁଛୁ । ପୁଣି ତୁମର ସବୁକାମ କରୁ କାହିଁକି ? ସୁବୁଲିର ଏ ପ୍ରଶ୍ନର ଉତ୍ତର ଲେଖିକାଙ୍କ ପାଖରେ ନାହିଁ । ସେଠାରେ ହାର ମାନିଛି ସାମ୍ୟବାଦ, ହାର ମାନିଛି ସାମାଜିକତା, ହାର ମାନିଛି ମାନବିକତା ଓ ହାର ମାନିଛି ସରକାରଙ୍କର ସମସ୍ତ ନୀତି ଓ ଯୋଜନା ।'[୨୧୮]

'"ନବଦିଗନ୍ତ" ଗଳ୍ପରେ ଏକ ଆଦର୍ଶ ପୁରୁଷର ଉପସ୍ଥାପନା ହୋଇଛି । ହୁଏତ ଏଇ ଆଦର୍ଶ ପୁରୁଷ ହେଉଛନ୍ତି ଭଗବତୀଚରଣ ପାଣିଗ୍ରାହୀ । ଏହି ବଳିଷ୍ଠ ଗଳ୍ପଟିର ପରିକଳ୍ପନାରେ ସମାପ୍ତି

[୨୧୭] ତତ୍ରୈବ, ପୃ-୧୨୭

[୨୧୮] ତତ୍ରୈବ, ପୃ-୧୨୮

ଘଟିଛି – ଶାସ୍ତ୍ରିଜୀଙ୍କର ଜୟଜବାନ, ଜୟ କିଷାନ ସ୍ଲୋଗାନ ମାଧ୍ୟମରେ । ସେହିଭଳି "ଆଶ୍ରୟସ୍ଥଳୀ" ଗଳ୍ପଟିରେ ହିନ୍ଦୁ, ମୁସଲମାନ ଗୋଷ୍ଠୀ କନ୍ଦଳର ଏକ ଜୀବନ୍ତ ଚିତ୍ର ପ୍ରଦର୍ଶିତ । "ଉଦ୍‌ଘାଟନ" ଗଳ୍ପଟି ନନ୍ଦିନୀଦେବୀଙ୍କର ଆଖିଦେଖା ଘଟଣା । ହୀରାକୁଦ ବନ୍ଧର ଉଦ୍‌ଘାଟନ ଉତ୍ସବ, ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ 'ମୁନା' ନାମ୍ନୀ ଆଦିବାସୀ ବିଧବାଟି ଦ୍ୱାରା ବନ୍ଧକୁ ଉଦ୍‌ଘାଟନ କରାଇ ଏକ ମହତ୍ତର ପରିଚୟ ଦେଇଛନ୍ତି । ଗଳ୍ପଟିର ବର୍ଣ୍ଣନା ଓ ଶୈଳୀ ଅତି ଉଚ୍ଚକୋଟୀର ।'[୨୧୯]

ବର୍ତ୍ତମାନର ସମାଜ ବ୍ୟବସ୍ଥାକୁ ବ୍ୟଙ୍ଗକରି ସେ ଲେଖିଛନ୍ତି "ସ୍ମୃତିସଭା" । ମଣିଷ ମରିଯିବା ପରେ ସ୍ମୃତିସଭାର ପ୍ରହସନ ମାଧ୍ୟମରେ ନିଜ ନିଜର ପ୍ରଚାର, କଳାପ୍ରେମ ନାମରେ ବର୍ତ୍ତମାନର ପ୍ରଚାର ସର୍ବସ୍ୱ ସମାଜ ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ଲେଖିକା ନନ୍ଦିନୀ ଶତପଥୀ ।

'ନନ୍ଦିନୀ ତାଙ୍କର ସୃଷ୍ଟି ସମ୍ଭାର ଗଳ୍ପ ସଂକଳନଟିରେ ବାଇଶଗୋଟି ଗଳ୍ପ ମଧ୍ୟରୁ ସର୍ବଶେଷ ଓ ସର୍ବଶ୍ରେଷ୍ଠ ଗଳ୍ପଟି ହେଉଛି – "ଜନପଥ" ଗଳ୍ପଟିର ନାୟିକା 'ନେରା' । ଦିଲ୍ଲୀର ଏକ ରେଷ୍ଟୋରାଁର ଗାୟିକା, ମୁହଁରେ ଉଗ୍ର ପ୍ରସାଧନ, ଦେହରେ ସ୍ୱଳ୍ପ ପୋଷାକ ଓ କଣ୍ଠରେ ଇଂରାଜୀ ଗୀତର ଧୂନ୍ । ଦର୍ଶକମାନଙ୍କର ଲୋଲୁପ ଦୃଷ୍ଟି ଆଗରେ ମାଂସର ଏକ ସୁଲଭ ପ୍ରଦର୍ଶନୀ । ଅନେକ ବିରୂପ ସମାଲୋଚନାର କେନ୍ଦ୍ରସ୍ଥଳୀ । କିନ୍ତୁ ତାହାର ପ୍ରଚ୍ଛଦପଟରେ ରହିଛି ଏକ ନିରୂପାୟ ମଣିଷର କାନ୍ଦ କାନ୍ଦ ଜୀବନ । ପୋଲିଓ ଭୋଗୁଥିବା କୁନି ପୁଅ, ଯକ୍ଷ୍ମାଗ୍ରସ୍ତ ସନ୍ଦେହୀ ସ୍ୱାମୀ ଓ ଶ୍ୱାସରୋଗ ପିଡ଼ୀତା ନିଷ୍ଠୁର ଶାଶୁଙ୍କୁ ବଞ୍ଚାଇବାର ପ୍ରାଣାନ୍ତକ ଚେଷ୍ଟା ଭିତରେ ପ୍ରତିକ୍ଷଣରେ ମରି ମରି ବଞ୍ଚାଇଚାଲିଛି ସେମାନଙ୍କୁ । ଜାଣିନି କେତେଦିନ ସେମାନେ ବଞ୍ଚିବେ ବା କେତେଦିନ ସେ ନିଜେ ଜଳି ଜଳି ସେମାନଙ୍କୁ ବଞ୍ଚାଇପାରିବ । ଜୀବନ ସଂଗ୍ରାମର ଏକ ଅଭିନବ ରୂପ । ଲେଖିକା ନନ୍ଦିନୀଦେବୀ ତାଙ୍କର ଦରଦୀ ପ୍ରାଣର ଖିଅ ଟାଣି ଟାଣି ଆଉ ଗୋଟିଏ ଜୀବନର ବ୍ୟଥା, ବେଦନାକୁ ଛୁଇଁବାକୁ ଚେଷ୍ଟା କରିଛନ୍ତି ଓ ସଫଳ ହୋଇଛନ୍ତି ମଧ୍ୟ । ଅଯୁତ କାମରେ ଜଞ୍ଜାଳ ଭିତରେ ନିଚ୍ଛକ ସୃଜନଶୀଳ ଅସ୍ତିତ୍ୱକୁ ଜବରଦସ୍ତ ଚାପି ହେଉ ହେଉ କେତେବେଳେ କେଉଁ ଗୋଟିଏ ଘଟଣା ବା ଦୃଶ୍ୟର ଦର୍ଶନରେ ସେ ଛିଟିକି ପଡ଼ିଛି ଓ ସେ ହୋଇଯାଇଛି ଗୋଟିଏ ଗୋଟିଏ ଗପ – ଅନନ୍ୟ ଓ ଅନୁପମ । ଏହି ଗଳ୍ପଟି ସେହିଭଳି ଏକ ଶତାବ୍ଦୋତ୍ତର ସୃଷ୍ଟି ସମ୍ପଦ, ଏକ ଉଚ୍ଚରିତ ଆତ୍ମାର ବଳିଷ୍ଠ ଉଚ୍ଚାରଣ ।'[୨୨୦]

[୨୧୯] ତତ୍ରୈବ, ପୃ-୧୨୮

[୨୨୦] ତତ୍ରୈବ, ପୃ-୧୨୯

'ନନ୍ଦିନୀ ଶତପଥୀଙ୍କର "କେତୋଟି କଥା" ଗଳ୍ପ ସଂକଳନରେ ଅପୂର୍ଣ୍ଣତା ପୂର୍ଣ୍ଣତା ଲାଭ କରିଅଛି । ୧୯୮୮ ମସିହାରେ ପ୍ରକାଶିତ ଗଳ୍ପ ସଂକଳନ "ସପ୍ତଦଶୀ" । ଏହି ସଂକଳନରେ ନନ୍ଦିନୀଦେବୀ ସତରଗୋଟି ଗଳ୍ପକୁ ସ୍ଥାନୀତ କରିଅଛନ୍ତି । ଏହି ସଂକଳନଟି ଗଭୀର ଜୀବନାନୁଭୂତି, ଦାର୍ଶନିକ ଦୃଷ୍ଟିଭଙ୍ଗୀ ଓ ଜୀବନର ବିଚିତ୍ରବର୍ଣ୍ଣ ବିଭବରେ ଅଧିକ ଉଜ୍ଜ୍ୱଳ ହୋଇପାରିଛି । ସଂଯତ ଭାଷାବିନ୍ୟାସ ଓ ଶୈଳୀର ଚମତ୍କାରିତା ସଂକଳନଟିକୁ ରସୋର୍ତ୍ତୀର୍ଣ୍ଣ କରିଛି ।'[୨୨୧]

"ସପ୍ତଦଶୀ"ର ପ୍ରଥମ ଗଳ୍ପ "ବିଷର ବଳୟ" ସ୍ୱପ୍ନ ଓ ସ୍ୱପ୍ନଭଙ୍ଗର ଯନ୍ତ୍ରଣାକୁ ନେଇ ରଚିତ । ସମାଜର ତଳସ୍ତରର ପିଲାଟିଏ ରାତାରାତି ବଡ଼ଲୋକ ହେବାର ସ୍ୱପ୍ନରେ ମସଗୁଲ ହୋଇ ଚୋରିକୁ ଆଦରି ନେଇଛି । ବାରମ୍ବାର ଜେଲ୍ ଯାଇଛି ଓ ପୋଲିସ୍‌କୁ ଲାଞ୍ଚ ଦେଇ ଖସି ଆସିଛି । ଶେଷକୁ ବ୍ୟସ୍ତ ବିବ୍ରତ ହୋଇ ବାଟଭାଙ୍ଗି ଚାଲିଆସିଛି ବାପାର ରକ୍ଷାକବଚ ଭିତରକୁ । ମା'ର ପଣତକାନି ଉହାଡ଼କୁ । କିନ୍ତୁ ସେମାନେ ପୁଣି ଟାଣିନେଇଛନ୍ତି ତାକୁ ଅନ୍ଧାରୀ ଗୁହା ଭିତରକୁ, ଯେଉଁଠି ଥରେ ପାଦଦେଲେ ଫେରିବାର ସବୁବାଟ ବନ୍ଦ ହୋଇଯାଇଥାଏ । ସେହି ବିଷର ବଳୟ ଭିତରୁ ବି ଝଟକି ଉଠିଲା ତେଲେଙ୍ଗା ରିକ୍ସାବାଲା – କାଠ କାମ କରୁଥିବା ଗରିବ 'ଶ୍ୟାମ'ର ମାନସିକତା ଓ ସହୃଦୟତା ।

'ଗାଳ୍ପିକା ନନ୍ଦିନୀଦେବୀ ଶୋଷଣ ଓ ଅତ୍ୟାଚାରକୁ ନେଇ ଲେଖିଛନ୍ତି "ବିବର୍ତ୍ତନ" ଓ "ବିରସାଭୋଇ" ପରି ଅନେକ ଗଳ୍ପ । ବିରସାଭୋଇଙ୍କର ଗଳ୍ପରେ ଗାଳ୍ପିକାଙ୍କର ବକ୍ତବ୍ୟ, ମୁଁ ବିରସା ଭୋଇକୁ ଚାହିଁଲି । ତା'ର ହାଡୁଆ ମୁହଁରେ କୋରଡ଼ିଆ ଆଖିରେ ହତାଶାର ଗଭୀର ଛାପ । ମୋର ଛାତି ଭିତରେ ଗୋଟିଏ ଅଦ୍‌ଭୁତ ଯନ୍ତ୍ରଣା ହେଲା । ଇଚ୍ଛା ହେଲା, ଦୁଇହାତରେ ତା'ର ଆଖିର ହତାଶାକୁ ସାଉଁଟି ଆଣି ସେଠି, ମଣି ଓ ମୁକ୍ତାର ଝଲକ ଭରିଦେବାକୁ । ଏଇ ହେଉଛନ୍ତି ନନ୍ଦିନୀ – ହୁଏତ ମୁଖ୍ୟମନ୍ତ୍ରୀ ହେବା ପରେ ଭୂସଂସ୍କାର ଆଇନ୍ ପ୍ରଣୟନ କରିବାର ଶିଳାନ୍ୟାସ ଏଇଠାରୁ ହିଁ ଆରମ୍ଭ ହୋଇଥିଲା ।'[୨୨୨]

'ନନ୍ଦିନୀଦେବୀ ବିରସା ମୁହଁକୁ ଚାହିଁ ରହିଥିଲେ କେତେବେଳଯାଏଁ କେଜାଣି ! କିନ୍ତୁ ମୋ ଆଖି ସାମନାରେ କିଛି ନଥିଲା । ଥିଲା ଖାଲି ଅନ୍ଧାର । ସେହି ଅନ୍ଧାରକୁ କିନ୍ତୁ ଡରି ପଛେଇ

[୨୨୧] ତତ୍ରୈବ, ପୃ-୧୨୯

[୨୨୨] ତତ୍ରୈବ, ପୃ-୧୩୦

ଯାଇଥିଲେ ନନ୍ଦିନୀ, ବଂର ସେହି ଅନ୍ଧାରର ପର୍ଦ୍ଦା ଆଡ଼େଇ ଆଡ଼େଇ ଆଗେଇ ଯାଇଥିଲେ ସମାଜର ଶୋଷିତ, ନିର୍ଯ୍ୟାତିତକୁ ଆଲୋକ ଦେଖାଇବା ପାଇଁ ।

ମୁଣ୍ଡପାତି ଅତ୍ୟାଚାରକୁ ସହିନେଉଥିବା ଅସହାୟ ମଣିଷର ଗଳ୍ପ - "ଗରଳର ଗାରିମା"ରେ ଗାଳ୍ପିକା ନନ୍ଦିନୀଙ୍କର ବକ୍ତବ୍ୟ, ଘନିଆ ଭୋଇ ପିଠିର ନୋଳା ଉପରେ ହାତ ବୁଲାଇଲା ନାହିଁ । ସାବି ମା' ବି କାନିରେ ମିଠେଇ, ଉଖୁଡ଼ା ବାନ୍ଧୁ ବାନ୍ଧୁ ଭୁଲିଗଲା - ଜମିଦାରଙ୍କ ପଥର ପାଚେରୀ ଭିତରେ ତାର ଦି ବଖରା ଲୁପ୍ତ ଘରର ଅସ୍ତିତ୍ୱ ଆଡ଼େ ଆଖି ପକାଇବାକୁ । ମଣିଷ ଏତେ ନିରୂପାୟ ଯେ, ଆଠହାତି ଧୋତି ଖଣ୍ଡେ କି ମିଠେଇ ଉଖୁଡ଼ା ପାଇଲେ ଭୁଲିଯାଏ - ନିକଟ ଅତୀତର କୋରଡ଼ାମାଡ଼, ଦୂର ଅତୀତର ଜମି କୋରକି କି ଝିଅ ବୋହୂଙ୍କର ଇଜ୍ଜତ ଲୁଟିବା ।

ସେମାନେ ଭୁଲିଗଲେ ବି ନନ୍ଦିନୀ ଭୁଲିପାରିନାହାନ୍ତି ସେ କୋରଡ଼ାମାଡ଼, ତାଙ୍କ ଛାତିରୁ ଧାର ଧାର ଲୁହ ଝରାଇଛି । ଲୁହ ସବୁ ଅଗ୍ନିକଣା ପାଲଟିଛନ୍ତି । ସେଥିପାଇଁ କେନ୍ଦ୍ରମନ୍ତ୍ରୀ ଥିବାବେଳେ ନନ୍ଦିନୀ ତାଙ୍କର ଲୋକାଭିମୁଖୀ ଯୋଜନାଗୁଡ଼ିକ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଖୁବ୍ ପ୍ରଭାବିତ କରିପାରିଥିଲା । ଯାହାଫଳରେ ସେ ମିନିଷ୍ଟର ଆଟାଚ୍ ଟୁ ପ୍ରାଇମ୍ ମିନିଷ୍ଟର ଭାବରେ ସ୍ୱତନ୍ତ୍ର ପଦବୀରେ କେନ୍ଦ୍ରମନ୍ତ୍ରୀ ଭାବରେ ଅଧିଷ୍ଠିତ ହୋଇଥିଲେ ।

ନନ୍ଦିନୀ ଶତପଥୀଙ୍କ ଭିତରର ଲେଖକୀୟ ସତ୍ତାଟି ତାଙ୍କର ରାଜନୈତିକ ଜୀବନକୁ ଅନେକାଂଶରେ ପ୍ରଭାବିତ କରିଥିଲା । ୧୯୭୨ ମସିହାରେ ପ୍ରଥମଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବାବେଳେ ସେ କେତେଗୁଡ଼ିଏ ନୂତନ ଆଇନ୍ ପ୍ରଣୟନ କରିବାପାଇଁ ଯୋଜନା କରିଥିଲେ । ଦ୍ୱିତୀୟବାର, ୧୯୭୪ରେ ମୁଖ୍ୟମନ୍ତ୍ରୀ ହେବାପରେ ସେହି ଗ୍ରାମାଭିମୁଖୀ ଯୋଜନାଗୁଡ଼ିକୁ ସେ କାର୍ଯ୍ୟକାରୀ କରାଇଥିଲେ । ତାଙ୍କର ସମସ୍ତ କାର୍ଯ୍ୟକ୍ରମ ଆଞ୍ଚଳିକ ସ୍ତରର ପଛୁଆ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଐତିହାସିକ ଭୂସଂସ୍କାର ଆଇନ୍, ଯୌତୁକ ନିରୋଧ ଆଇନ୍, ମହାଜନୀ କାରବାର ବନ୍ଦ କରିବା ତାଙ୍କର ସବୁଠାରୁ ଲୋକପ୍ରିୟ କାର୍ଯ୍ୟକ୍ରମ ଥିଲା ।'[୨୨୩]

'ଯଶ, କୀର୍ତ୍ତି, ଐଶ୍ୱର୍ଯ୍ୟ ଓ କ୍ଷମତା ଭିତରେ ବୁଡ଼ିରହି ମଧ୍ୟ ସେ ଥିଲେ ଏକ ବିଚ୍ଛିନ୍ନ ମଣିଷ । ଏକାକୀ ଓ ନିଃସଙ୍ଗ । ନନ୍ଦିନୀଦେବୀଙ୍କର "ମୋ ଭିତରେ ମୁଁ" କବିତାରେ ସେହି ଏକଲାପଣ

[୨୨୩] ତତ୍ରୈବ, ପୃ-୧୩୦

ପାଠକଙ୍କୁ ଉଦାସ କରିଦିଏ -

"ଯେତେ ଲୁଚି ରହିଲେ ବି
ବେଳେ ବେଳେ କେଜାଣି କିପରି
ଦିଗନ୍ତ ସେପଟୁ ଶୁଭେ ସମୁଦ୍ର ଗର୍ଜନ
ଆତ୍ମା ମୋର ଛଟପଟ ହୁଏ
ନିଜକୁ ପଚାରେ ନିଜେ
ଏତେ କି ସହଜ ସତେ
ଏଡ଼ିଦେବା ସମୁଦ୍ର ଆହ୍ୱାନ ?"

ତାଙ୍କର ନିଃସଙ୍ଗ ଜୀବନ ଭିତରକୁ ଅଜାଣତରେ ପଶିଆସିଛନ୍ତି ଅଧାବାଟରେ ଛାଡ଼ିଯାଇଥିବା ସ୍ୱାମୀ ଦେବେନ୍ଦ୍ର ଶତପଥୀ ।

"ଚାହୁଁ ଚାହୁଁ ଚାରିବର୍ଷ ହେଇଗଲା
ତୁମେ ନାହଁ
ମୁଁ କିନ୍ତୁ ରହିଅଛି..."

ସଯତ୍ନ ପ୍ରୟାଶରେ ନିଜର ଆବେଗକୁ ଲୁଚାଇ ଆସିଥିବା ନନ୍ଦିନୀ କିନ୍ତୁ ବେଳେବେଳେ ଆତ୍ମପ୍ରକାଶ କରିଅଛନ୍ତି ତାଙ୍କ କବିତାର ଧାଡ଼ି ଭିତରେ ।

"ଗେରୁଆ ମଧ୍ୟାହ୍ନମାନେ ଚାଲିଛନ୍ତି
ମୁଁ ଚାଲୁଛି, ଚାଲିଛି ମୋ ସ୍ମୃତି
ଆଉ, ଚାଲେ ମୋ କେନ୍ଦେରା
ଛାତିର ଗହୀର ତଳୁ
ଏ ରାଜରାସ୍ତାରେ ଝରିଯାଏ
ଦୁଃଖର ମୁକୁଳ
(ଯୋଗୀର କେନ୍ଦେରା)'[୨୨୪]

[୨୨୪] ତତ୍ରୈବ, ପୃ-୧୩୦, ୧୩୧

'୧୯୮୮ରେ ନନ୍ଦିନୀଦେବୀଙ୍କର ପ୍ରକାଶିତ କବିତା ସଂକଳନ "ଉତ୍ତର ପୁରୁଷ" 'ମୋ କଥା'ରେ ସେ ଲେଖିଛନ୍ତି - "ହଠାତ୍ ଷ୍ଟେସନ୍‌ରୁ ହୁଇସିଲ ଗାଡ଼ିର ମୋ କାନରେ ବାଜେ । ମନ ଉଚ୍ଚାଟ ହୁଏ । ଆହାରେ ମୁଁ ଏଇ ଗାଡ଼ିରେ ବସି ଯେକୌଣସି ଜାଗାକୁ ଯାଇପାରନ୍ତି । କେତେ ଲୋକଙ୍କର ସୁଖଦୁଃଖ ଭଲ ମନ୍ଦ ଜାଣିପାରନ୍ତି ଅତ୍ୟନ୍ତ ଅଜଣା ଅଶୁଣା ଭାବରେ । କିନ୍ତୁ ମୋର ଦୁଃଖ ଯେ, ମୁଁ ଅଜଣା ଅଶୁଣା ହୋଇ ରହିନାହିଁ । ...ଲୀନ ହୋଇଯିବାରେ ଏକ ଭିନ୍ନ ଆନନ୍ଦ ଅଛି । ମୋ ଭଳି ଅପାରଗ ଲୋକ ସାହିତ୍ୟ ଜଗତରେ ଲୀନ ହୋଇଯିବ । ଓଡ଼ିଆ ମାଟିର ଗର୍ବ ନନ୍ଦିନୀ ଯେ ନିଜକୁ ଅପାରଗ ଭାବି ସାହିତ୍ୟ ସିନ୍ଧୁରେ ଲୀନ ହୋଇଯିବାକୁ ଚାହିଁଛନ୍ତି - ଏହା ହିଁ ତାଙ୍କର ମହାନୁଭବତା । ନିଜର ବ୍ୟକ୍ତିଗତ ଇଚ୍ଛା ଓ ଅନିଚ୍ଛାକୁ ଚାପିଦେଇ ନନ୍ଦିନୀଦେବୀ ମଣିଷର ବେଦନା, ସ୍ୱାଧିକାରକୁ ଅଗ୍ରାଧିକାର ଦେଇ ନିଜକୁ ହଜାଇ ଦେଇଛନ୍ତି ସେହି ସାରସ୍ୱତ ମହାସମୁଦ୍ର ମଧ୍ୟରେ । ତାଙ୍କର "ଚାଲୁଥିବି ପଥ ଶେଷଯାଏ" କବିତା ସେହି ମହାନ୍ ସ୍ୱାକ୍ଷର ବହନ କରେ । "ମୁଁ ଚଢ଼େଇ କହୁଛି", "ଭ୍ରାନ୍ତି" ପରି କବିତା ଏକ ନୂତନ ଚିନ୍ତା ଓ ଚେତନାର ଦିଗ୍‌ବଳୟକୁ ଉନ୍ମୋଚିତ କରେ । ତାଙ୍କର କବିତା - "କାଞ୍ଜିଆହୁଦା" ବର୍ତ୍ତମାନର ଅବକ୍ଷୟର ମୂଲ୍ୟବୋଧକୁ ନେଇ ଏକ ଭିନ୍ନ ସ୍ୱାଦର ବ୍ୟଙ୍ଗାତ୍ମକ କବିତା ।

"ନଥାଉ ପଛେ କାଞ୍ଜିଆହୁଦା
କିନ୍ତୁ ଓଲଡ୍ଏଜ୍ ହୋମ୍ ତ ହେଲାଣି
ସଂଖ୍ୟା ତା'ର ବଢ଼ି ବଢ଼ି ଯାଉ
ସରକାରଙ୍କର କୃପା ହେଉ, ନାମ ଖୋଲିଯାଉ ।
ସ୍ୱେଚ୍ଛାସେବୀ ଅନୁଷ୍ଠାନ ସବୁ
ଆଗେଇ ଆସନ୍ତୁ, ମଣିଷ ପାଇଁ କାଞ୍ଜିଆହୁଦା
ଠାଆକୁ ଠାଆ ତୋଳି ଦିଅନ୍ତୁ ।"'[୨୨୫]

'ଅସହାୟ ବୃଦ୍ଧାବସ୍ଥାର କାରୁଣ୍ୟ ପ୍ରତି କବି ସଂବେଦନଶୀଳ । ସମାଜରେ ପ୍ରତିନିୟତ ଘଟୁଥିବା ଘଟଣା ତାଙ୍କର ଅନେକ ଗଳ୍ପର ଉଦ୍ଦେଶ୍ୟ । "ଜଣେ ଡେଙ୍ଗାଲୋକର ଇତିବୃତ୍ତ" ନିଆରା ଶୈଳୀରେ ରଚିତ ଏକ ସାର୍ଥକ କ୍ଷୁଦ୍ରଗଳ୍ପ । "ଧେତ୍, ଅନେକ ଉପରେ ଆକାଶ । ମୁଁ

[୨୨୫] ତତ୍ରୈବ, ପୃ-୨୩୧, ୨୩୨

ଆହୁରି ସଳଖି ଠିଆହେଲି... ଆହୁରି... ଆହୁରି... ଆହୁରି - କିନ୍ତୁ ମୁଣ୍ଡ କେଉଁଠି ବାଜିବା ଆଶଙ୍କା ଦେଖାଯାଉନାହିଁ ତ ଆଦୌ । ...ଅନେକ ଲମ୍ବା ଏହି ଡାକ୍ତରଖାନା ବାରଣ୍ଡାଟା । ଆଉ ଆକାଶ ତ କାହିଁ କେତେ ଉଚ୍ଚରେ । ମୋତେ ନିଜକୁ ଲାଗିଲା ବାମନଟିଏ ଭଳି ।" ମଣିଷର ଅଂହ ଓ ତା'ର ଗର୍ବ ତାକୁ କିଭଳି କରିଦିଏ ଏହି ଗଳ୍ପରେ ନନ୍ଦିନୀ ତାହାର ଏକ ଚମତ୍କାର ଦୃଷ୍ଟାନ୍ତ ଦେଇଛନ୍ତି ।

ନନ୍ଦିନୀ ଶତପଥୀଙ୍କର ଅବଶୋଷ ଯେ ସେ ସାହିତ୍ୟ ପାଇଁ ପ୍ରଚୁର ସମୟ ଦେଇପାରିନାହାନ୍ତି । ଅନେକ ସାମ୍ବାଦିକଙ୍କର ପ୍ରଶ୍ନ - ଆପଣ ଲେଖିବା ପାଇଁ କେତେବେଳେ ସମୟ ପାଆନ୍ତି ? ଉତ୍ତରରେ ନନ୍ଦିନୀଦେବୀ କହିଥାନ୍ତି - କୌଣସି ମହତ୍ତର କାର୍ଯ୍ୟ କରିବା ପାଇଁ ବିବେକର ଅନୁମୋଦନ ସତ୍ତ୍ୱେ ହୃଦୟରୁ ଯେଉଁ ଆହ୍ୱାନ ଆସେ, ଆଉ ସେହି ଆହ୍ୱାନକୁ ବାସ୍ତବରେ ରୂପାନ୍ତରୀତ କରିବା ପାଇଁ ଯଦି ମନରେ ନିଷ୍ଠା ଥାଏ, ତେବେ ଏଥିପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସମୟକୁ ଖୋଜିବା ଦରକାର ପଡ଼େନି । ତାଙ୍କର ସେହି ନିଷ୍ଠାପର ଉଦ୍ୟମର ଫଳ - "କେତୋଟି କଥା" ଗଳ୍ପ ସଂକଳନ ଏତେ ଆଦୃତ ହୋଇଥିଲା ଯେ, ତାହା ଇଂରାଜୀ, ବଙ୍ଗଳା, ତେଲୁଗୁ, ତାମିଲ, ମାଲାୟଲମ, କନ୍ନଡ଼ ଆଦି ଭାଷାରେ ଅନୁବାଦିତ ହୋଇଥିଲା ।'[୨୨୬]

'ଆଧ୍ୟାତ୍ମିକତା ଥିଲା ନନ୍ଦିନୀଙ୍କର ଜନ୍ମଗତ, ବଂଶଗତ । ପିଲାଟି ଦିନରୁ କୃଷ୍ଣ ଚେତନା ପ୍ରତି ସେ ଆକୃଷ୍ଟ ଥିଲେ । "ସର୍ବଦେବ ନମସ୍କାରଂ କେଶବ ପ୍ରତିଗଚ୍ଛତି" ଥିଲା ତାଙ୍କର ଜୀବନଦର୍ଶନ । ସେଥିପାଇଁ ଗୁରୁଜନମାନଙ୍କୁ ସିଏ ପାଦସ୍ପର୍ଶ କରି ପ୍ରଣାମ କରନ୍ତି । ସର୍ବଦା କୁହନ୍ତି - "ସକଳ ଘଟେ ନାରାୟଣ" । ୧୯୬୦ ମସିହାରେ ପଣ୍ଡିଚେରୀ ଆଶ୍ରମରେ ଶ୍ରୀମାଙ୍କର ଦର୍ଶନ ତାଙ୍କର ସମଗ୍ର ଜୀବନକୁ ଏକ ସୂକ୍ଷ୍ମ ଚେତନାରେ ଉଦ୍‌ଭାସିତ କରିଥିଲା । ତାଙ୍କ ଧର୍ମ ଧାରଣାର ମୂଳମନ୍ତ୍ର ଥିଲା ଆତ୍ମଦର୍ଶନ, ଆତ୍ମସମୀକ୍ଷା ଓ ବିଶ୍ୱ କୁଟୁମ୍ବତା । ବିନୟ ଓ ସହନଶୀଳତାକୁ ସେ ଆଧ୍ୟାତ୍ମିକ ଜୀବନର ଶ୍ରେଷ୍ଠ ଭୂଷଣ ଭାବରେ ଗ୍ରହଣ କରିଥିଲେ । କିନ୍ତୁ କୌଣସି ଗୋଷ୍ଠୀ, ସଂପ୍ରଦାୟ କିମ୍ବା ଧର୍ମଧାରଣାର ସଂକୀର୍ଣ୍ଣ ଗଣ୍ଡି ଭିତରେ ସେ ନିଜକୁ ବାନ୍ଧିରଖି ନଥିଲେ । ସେଥିପାଇଁ "ଲଜ୍ଜା" ଅନୁବାଦ ପୁସ୍ତକର 'ମୋ କଥା'ରେ ନନ୍ଦିନୀଦେବୀ କହିଛନ୍ତି - ବର୍ତ୍ତମାନ ସାରା ପୃଥିବୀରେ ତଥା ଆମ ରାଷ୍ଟ୍ର ଭାରତରେ ସାଂପ୍ରଦାୟିକତା ଯେପରି ଭୀଷଣ ଆକାର ଧାରଣ କରିଛି, ତସଲିମା

[୨୨୬] ତତ୍ରୈବ, ପୃ-୧୩୨

ନାସରିନ୍‌ଙ୍କର "ଲଜ୍ଜା" ତାହାର ଏକ ସାହସିକ ବିରୋଧ । ମୁଁ ସେଥିପାଇଁ ବହିଟିକୁ ଓଡ଼ିଆରେ ଅନୁବାଦ କରି ପାଠକପାଠିକାଙ୍କ ସମ୍ମୁଖରେ ରଖିବାକୁ ଆଗ୍ରହ ପ୍ରକାଶ କଲି । କାରଣ ମୁଁ ନିଜେ ସବୁ ସାଂପ୍ରଦାୟିକତାର ବିରୋଧୀ ।

"ଗଙ୍ଗାଧର ରଥ" ଫାଉଣ୍ଡେସନ୍ ତରଫରୁ "ସାହିତ୍ୟ ଭାରତୀ" ସମ୍ମାନରେ ବିଭୂଷିତା ନନ୍ଦିନୀଦେବୀଙ୍କର ଲେଖନୀ ଜୀବନର ଅନ୍ତିମ ପ୍ରହର ପର୍ଯ୍ୟନ୍ତ କ୍ରିୟାଶୀଳ ରହିଥିଲା । ତିନିଜଣ ବିଶିଷ୍ଟ ଉର୍ଦ୍ଦୁ ଲେଖକ କିଷନଚନ୍ଦ୍ର, ରାଜେନ୍ଦ୍ର ସିଂହ ବେଦୀ ଓ ହମ୍ମତ ଚୁକ୍ତାକାରଙ୍କ ଗଳ୍ପଗୁଡ଼ିକୁ ସେ ଅନୁବାଦ କରିଛନ୍ତି । ଯାହା ମଧ୍ୟରେ ଅନେକ ସୁଧନ୍ୟା, ସାବିତ୍ରୀ ଭଳି ପତ୍ରିକାରେ ପ୍ରକାଶିତ ହୋଇସାରିଛି ।'[୨୨୭]

'ନନ୍ଦିନୀ ଏକ ଚମତ୍କାରୀ ବ୍ୟକ୍ତିତ୍ୱ । 'ପ୍ରିଜମ୍'ର ପ୍ରତ୍ୟେକ ଉଜ୍ଜ୍ୱଳ କାଚଖଣ୍ଡ ପରି ତାଙ୍କର ପ୍ରତିଭାର ଦୀପ୍ତ ସବୁକ୍ଷେତ୍ରରେ ବିଚ୍ଛୁରିତ । ତାଙ୍କର "ସୁଡ଼ଙ୍ଗର ଶେଷରେ" ଏକ ପ୍ରତିନିଧି ସ୍ଥାନୀୟ ଗଳ୍ପ ଯାହା ମାଧ୍ୟମରେ ନନ୍ଦିନୀ ସ୍ୱୟଂ ଆତ୍ମପ୍ରକାଶ କରିଛନ୍ତି ଅତି ସ୍ୱଷ୍ଟ ଭାବେ । "ଯେତେବେଳେ ନମ୍ବର ଡକାଯାଇ ଓ୍ୱାର୍ଡରେ ତାଲା ପଡ଼ିଯାଉଥିଲା, ସେତେବେଳେ ମୋ ଭିତରେ କିଏ କେଉଁଠି ସତରେ ତାଲା ପକାଇଦେଉଥିଲା । ସେତିକିବେଳେ ସେହି ତାଲାଟିକୁ ଭାଙ୍ଗିବାକୁ ସୃଷ୍ଟି ହୋଇଯାଉଥିଲା ମୋ ଭିତରେ ଏକ ତୀବ୍ର ଇଚ୍ଛା । ତାଲା ଭାଙ୍ଗିବାର ପ୍ରଚଣ୍ଡ ଇଚ୍ଛାଶକ୍ତି ଓ ପ୍ରତ୍ୟୟ ଥିବା ନାରୀଟି ହିଁ ନନ୍ଦିନୀ । ଯିଏ ସମାଜ, ସଂସାରର ସମସ୍ତ ବାଧା, ଅର୍ଗଳୀର ତାଲା ଭାଙ୍ଗି ସେହି ଅଦେଖା-ମୁହଁର ଇସାରାରେ ଚାଲି ଆସିଥିଲେ ଏତେବାଟ । ଅତିକ୍ରମିଗଲେ ପାରମ୍ପରିକ ସମାଜର ବଣ, ପାହାଡ଼, ନଈ, ନାଳ । ସେଇ ମୁହଁ ତାଙ୍କର ଅସୀମ ଇଚ୍ଛାଶକ୍ତି, ଅମାପ ଆଧ୍ୟାତ୍ମିକ ବଳ, ଯାହାର ଡାକରାରେ ସହବନ୍ଦୀମାନଙ୍କୁ ଛାଡ଼ି ଥଣ୍ଡା, ସିମେଣ୍ଟ ଚଟାଣକୁ ପଛରେ ପକାଇ, ସଂସାରର ଚକିପେଷା, ଘଣାପେଲାକୁ ପିଠି କରି ସେ ଆଗେଇ ଆସିଲେ । ଶଗଡ଼ଗୁଳାରେ ଜୀବନରୁ ଦୂରକୁ, ଦୂରକୁ, ଏକ ଆଲୋକ ଝଲମଲ ଅପହଞ୍ଚ ଇଲାକାକୁ ଯେଉଁଠାରେ ଆଜି ବି କୌଣସି ଓଡ଼ିଆ ଝିଅର ପାଦ ପଡ଼ିପାରିନି । କିଏ ଜାଣେ ପଡ଼ିବ କି ନାହିଁ ?'[୨୨୮]

[୨୨୭] ତତ୍ରୈବ, ପୃ-୨୩୩

[୨୨୮] ତତ୍ରୈବ, ପୃ-୨୩୩

ନନ୍ଦିନୀ ଶତପଥୀଙ୍କ ସାହିତ୍ୟ ସୃଜନୀ ସାଧାରଣତଃ ଦ୍ୱିବିଧାରେ ବିଭକ୍ତିକରଣ - ସୃଷ୍ଟିଧର୍ମୀ ଓ ଅନୁବାଦିକା । ନନ୍ଦିନୀ ଥିଲେ ଜଣେ ଯେପରି ସୃଷ୍ଟିଶୀଳ ଗାଳ୍ପିକା, କବି, ଲେଖିକା, ଠିକ୍ ସେହିପରି ଜଣେ ସଫଳ ଅନୁବାଦିକା ।

'ସେହି ମାଟିର ପିତୁଳା ନନ୍ଦିନୀ ଥିଲେ ବାପା କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ନୟନ ପିତୁଳା ଓ ମା' ରତ୍ନମଣୀ ଦେବୀଙ୍କର ହୃଦୟର ମଣି ଏବଂ କକେଇ ଭଗବତୀଚରଣ ପାଣିଗ୍ରାହୀଙ୍କର ଆଦରର ଧନ । ପିଲାଦିନେ ବାପାଙ୍କର ସାହିତ୍ୟିକ ଜୀବନ ତାଙ୍କୁ ଯେପରି ଅନୁପ୍ରାଣିତ କରିଥିଲା, ତା'ଠାରୁ ବେଶି ଉଦ୍ଦୀପିତ କରିଥିଲା; ଅଗ୍ନିପୁରୁଷ ଭଗବତୀଙ୍କର ଆଦର୍ଶ, ସାମ୍ୟବାଦୀ ଚିନ୍ତାଧାରା ଓ ଶୋଷଣ ବିହୀନ ସମାଜର ସ୍ୱପ୍ନ । ଭଗବତୀ ଚରଣ ପାଣିଗ୍ରାହୀ କେବଳ ଓଡ଼ିଶାରେ ମାର୍କ୍ସବାଦୀ କମ୍ୟୁନିଷ୍ଟର ଜନକ ନଥିଲେ ସେ ମଧ୍ୟ ଥିଲେ ଜଣେ ବଳିଷ୍ଠ କଥାକାର । ତାଙ୍କର ଚହଳ ସୃଷ୍ଟିକାରୀ ଗଳ୍ପ 'ଶିକାର' ଓଡ଼ିଆ ସାହିତ୍ୟର ଏକ ମାଇଲଖୁଣ୍ଟ । ଭଗବତୀଙ୍କର ସାମାଜିକ ପ୍ରତିବଦ୍ଧତା ବହୁତ ବେଶୀ ପ୍ରଭାବିତ କରିଥିଲା - କିଶୋରୀ ନନ୍ଦିନୀଙ୍କୁ । ତାଙ୍କର ସାହିତ୍ୟିକ ଜୀବନର ଆଦ୍ୟ ସ୍ୱାକ୍ଷର ମଧ୍ୟ ଭଗବତୀଙ୍କର ପ୍ରରୋଚନାରେ ହିଁ ସମ୍ଭବ ହୋଇଥିଲା । ସୋଭିଏତ୍ ଦେଶ ପତ୍ରିକାରୁ ଅନୁବାଦ କରି ନନ୍ଦିନୀ କମ୍ୟୁନିଷ୍ଟ ପାର୍ଟିର ସାପ୍ତାହିକ କାଗଜ "ମୁକ୍ତିଯୋଦ୍ଧା"କୁ ପ୍ରକାଶନ ପାଇଁ ଦେଉଥିଲେ ।'[୨୨୯]

'ଅନୁବାଦ କରିବାର ସେହି ପ୍ରବଣତା ତାଙ୍କୁ ୧୯୪୮ ମସିହାରେ ପ୍ରକାଶିତ "ସଙ୍କେତ" ପତ୍ରିକାରେ ପ୍ରଥମ ସଂଖ୍ୟାରେ ରସିଆନ୍ ଗଳ୍ପ "ବେତଲତା"ର ଅନୁବାଦ ଓ ପରବର୍ତ୍ତୀ କାଳରେ କୃଷ୍ଣା କ୍ରିପାଳିନୀଙ୍କର "ଗାନ୍ଧୀ କଥାମୃତ", ଅମୃତାପ୍ରୀତମ୍‌ଙ୍କର "ରେଭିନ୍ୟୁ ଟିକେଟ୍", ତସଲିମା ନାସରିନ୍‌ଙ୍କର "ଲଜ୍ଜା" ଓ ମହାଶ୍ୱେତାଦେବୀଙ୍କର ନିର୍ବାଚିତ ଗଳ୍ପକୁ ଓଡ଼ିଆରେ ଅନୁବାଦ କରିବାକୁ ତାଙ୍କୁ ପ୍ରୋତ୍ସାହିତ କରିଥିଲା । "ରେଭିନ୍ୟୁ ଟିକେଟ୍"ର ଅନୁବାଦ ପାଇଁ ନନ୍ଦିନୀ ଶତପଥୀଙ୍କୁ ମିଳିଥିଲା - କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର । "ଲଜ୍ଜା" ପରି ଲୋକପ୍ରିୟତା ଅର୍ଜନ କରିଥିବା ଆଜି ପର୍ଯ୍ୟନ୍ତ କୌଣସି ଅନୁଦିତ ପୁସ୍ତକର ଭାଗ୍ୟରେ ଜୁଟିନାହିଁ ।'[୨୩୦]

[୨୨୯] ତତ୍ରୈବ, ପୃ-୧୨୨

[୨୩୦] ତତ୍ରୈବ, ପୃ-୧୨୨

ନନ୍ଦିନୀ ଶତପଥୀ ତାଙ୍କର ପ୍ରଥମ ଅନୁବାଦ ପୁସ୍ତକ "ଗାନ୍ଧୀ କଥାମୃତ" ଯହାକି ସେ କେନ୍ଦ୍ର ସାହିତ୍ୟ ଏକାଡେମୀର ସଚିବ କୃଷ୍ଣା କ୍ରିପାଳିନୀଙ୍କ ପୁସ୍ତକ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଆତ୍ମଜୀବନ ଉପରେ ଆଧାରିତ । ଉକ୍ତ ପୁସ୍ତକଟିକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ୧ ୯ ୭ ୦ ମସିହାରେ ପ୍ରକାଶିତ କରିଥିଲା । ଗାନ୍ଧୀଜୀଙ୍କର ବ୍ୟକ୍ତିତ୍ୱ ଓ ରଚନାର ସର୍ବଶେଷ ପ୍ରସାର କରିବା ସଙ୍ଗେ ସଙ୍ଗେ ବୃହତ୍ତର ଜନସାଧାରଣଙ୍କ ଚିନ୍ତାଧାରାକୁ ତାହା ଯେପରି ସ୍ପର୍ଶ କରେ ସେଥିପ୍ରତି ଦୃଷ୍ଟି ରଖି ଏହି ପୁସ୍ତକଟି ସଂକଳିତ ହୋଇଅଛି । ସେଥିରେ ସେ ମହାତ୍ମାଗାନ୍ଧୀଙ୍କ ଜୀବନ ଦର୍ଶନର ମୂଳତତ୍ତ୍ୱ ଏବଂ ବିଭିନ୍ନ ଦେଶ ଓ ଜାତିର ଲୋକମାନଙ୍କ ମଧ୍ୟରେ ପ୍ରେମ ଓ ମୈତ୍ରୀଭାବ ବୃଦ୍ଧିରେ ତାଙ୍କର ପ୍ରଭାବ କଥା ଉଲ୍ଲେଖ କରିଅଛନ୍ତି ।

ଗାନ୍ଧିଜୀଙ୍କର ଜୀବନ ମୂଳରେ ଥିଲା – ଭାରତୀୟ ଧର୍ମ ପରମ୍ପରା । ସତ୍ୟର ପ୍ରଗାଢ଼ ଅନୁସନ୍ଧାନ ପ୍ରତି ଗୁରୁତ୍ୱ ଦିଏ । ଜୀବନ ପ୍ରତି ଗଭୀର ଅନୁରାଗ, ଅନାଶକ୍ତର ଆଦର୍ଶ ଓ ଈଶ୍ୱରଙ୍କର ଜ୍ଞାନଲାଭ ପାଇଁ ସମସ୍ତ ପ୍ରକାରର ବଳିଦାନ କରିବା ପାଇଁ ପ୍ରସ୍ତୁତି ଏହି ପରମ୍ପରା ମଧ୍ୟରେ ନିହିତ । ସେ ତାଙ୍କର ସାରା ଜୀବନଟି ସତ୍ୟର ଅବିରତ ସନ୍ଧାନ କରିବାରେ ଅତିବାହିତ କରିଥିଲେ । ଏଇ ଲକ୍ଷ୍ୟର ସନ୍ଧାନ ପାଇଁ ମୁଁ ବଞ୍ଚିରହିଛି, ଚାଲୁଛି ଏବଂ ସତ୍ତାକୁ ଧରିରଖିଛି ।

"ଗାନ୍ଧୀ କଥାମୃତ"ରେ ନନ୍ଦିନୀଦେବୀ ମହାତ୍ମାଗାନ୍ଧୀଙ୍କର ଆତ୍ମଜୀବନୀରେ ତାଙ୍କର ଆତ୍ମଜୀବନୀ ସମ୍ପର୍କୀୟ ଧର୍ମ ଓ ସତ୍ୟ, ସାଧନ ଓ ସାଧ୍ୟ, ଅଂହିସା, ଆତ୍ମଶୋଧନ, ଆନ୍ତର୍ଜାତୀୟ ଶାନ୍ତି, ମଣିଷ ଓ ଯନ୍ତ୍ର, ପ୍ରାଚୁର୍ଯ୍ୟ ମଧ୍ୟରେ ଦାରିଦ୍ର୍ୟ, ଗଣତନ୍ତ୍ର ଓ ଜନତା, ଶିକ୍ଷା, ନାରୀ, ବିବିଧକୁ ସୂଚାରୁରୂପରେ ଓଡ଼ିଆରେ ଅନୁବାଦ କରି ପାଠକପାଠିକାମାନଙ୍କ ନିକଟରେ ସଫଳ ଉପସ୍ଥାପନା କରିଅଛନ୍ତି ।

ନନ୍ଦିନୀ ଶତପଥୀଙ୍କ ଦ୍ୱିତୀୟ ଅନୁବାଦ ପୁସ୍ତକ ଭାରତର ପୂର୍ବତନ ରାଜ୍ୟସଭା ସାଂସଦ, ପଦ୍ମଭୂଷଣ ଡକ୍ଟର ଅମୃତାପ୍ରୀତମ୍‌ଙ୍କର ନିଜସ୍ୱ ରଚିତ ତାଙ୍କର ଆତ୍ମକାହାଣୀ "ରେଭିନ୍ୟୁ ଟିକେଟ୍‌" । "ରେଭିନ୍ୟୁ ଟିକେଟ୍‌"ର ଓଡ଼ିଆ ଅନୁବାଦ ପାଇଁ ନନ୍ଦିନୀ ଶତପଥୀ ଡିସେମ୍ବର ୨୪, ୧୯୯୫ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ।

'ଅମୃତାପ୍ରୀତମ୍‌ଙ୍କ ଜୀବନ ଥିଲା ସାମାଜିକ ଅବକ୍ଷୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ ଏବଂ ସାମାଜିକ ମୂଲ୍ୟବୋଧ ପ୍ରତିଷ୍ଠାର ଲକ୍ଷ୍ୟ । ପଞ୍ଜାବୀ ସମାଜରେ ସିଗାରେଟ୍‌ ପିଇବା, ତାଙ୍କ ଠାରୁ

ବୟସରେ କମ୍ ଇମ୍ରୋଜଙ୍କ ସଙ୍ଗରେ ନିଜଘରେ ଏକତ୍ର ବାସ କରିବା ଓ ଆହୁରି ଅନେକ ସାମାଜିକ ପରିବେଶ ଓ ଅନ୍ୟାୟ ବିରୋଧରେ ସେତେବେଳର ରକ୍ଷଣଶୀଳ ପଞ୍ଜାବୀ ସମାଜ ବିରୁଦ୍ଧରେ ସେ ଲେଖନୀ ଚାଳନା କରିଥିଲେ ।'[୨୩୧]

"ଅମୃତାପ୍ରୀତମ୍ ନିଜ ଭିତରେ ଓ ବାହାରେ ଟିକିନିଖି ଭାବରେ ବିଶ୍ଳେଷଣ କରି ପାଠକପାଠିକାଙ୍କ ଆଗରେ ଏତେ ସାହସର ସହିତ ରଖିଦେବା କୌଣସି ପ୍ରତିଷ୍ଠିତା ନାରୀ ପକ୍ଷରେ ସମ୍ଭବ ହେବନାହିଁ" ଏକଥା କହିଛନ୍ତି ତାଙ୍କ ଆତ୍ମଜୀବନୀ ପୁସ୍ତକକୁ ଓଡ଼ିଆରେ ଅନୁବାଦ କରିଥିବା ମହିୟସୀ ନନ୍ଦିନୀଦେବୀ । ନନ୍ଦିନୀଙ୍କ ମତରେ ଏ କ୍ଷେତ୍ରରେ ଅନନ୍ୟା ଥିଲେ ଡକ୍ଟର ଅମୃତାପ୍ରୀତମ୍ ।

"ରେଭିନ୍ୟୁ ଟିକେଟ୍"ରେ ନନ୍ଦିନୀଦେବୀ ଅମୃତାପ୍ରୀତମ୍ଙ୍କ ଆତ୍ମଜୀବନୀକୁ ସାଧାରଣତଃ ବର୍ଣ୍ଣନା କରିଛନ୍ତି । ଏହାକୁ ତେୟାଳିଶଟି ଭାଗରେ ବିଭକ୍ତ କରି ପାଠକ ଓ ପାଠିକାମାନଙ୍କ ନିକଟରେ ଉପସ୍ଥାପନ କରିଛନ୍ତି । ବାସ୍ତବିକ୍ ଅମୃତାପ୍ରୀତମ୍ଙ୍କ ଜୀବନଧାରା ବେଶ୍ ଆଲୋଡ଼ନମୟ ଓ ସମାଜ ସଂସ୍କାରକ ଦିଗରେ ଯଥେଷ୍ଟ ପ୍ରେରଣାଦାୟୀ ହୋଇପାରିବ ଏଥିରେ କଦାପି ଦ୍ୱିମତ ହେବାର ନାହିଁ ।

ଅମୃତାପ୍ରୀତମ୍ଙ୍କ ଆତ୍ମଜୀବନୀରେ ପ୍ରଦତ୍ତ ବିଷୟବସ୍ତୁରେ – ଅମୃତାପ୍ରୀତମ୍ଙ୍କ ଶୈଷବ ଅବସ୍ଥା / ୧୯୩୦ ଜୁଲାଇ ୩୧ / ମୋର ଷୋଡ଼ଷ ବର୍ଷ / ଏକ ଛାୟା / ନୀରବତାର ଏକ ପରିଧି / ଘୃଣାର ଏକ ଚକ୍ର / ୧୯୪୭ / କେବଳ ନାରୀ / ଏକ ଋଣ / ୧୯୫୯ର ଏକକର ଗୋଟିଏ ଭୟାନକ ମୁହୂର୍ତ୍ତ / ୧୯୬୦ / ୧୯୬୧ / ଯାତ୍ରାର ଡାଏରୀ / ପାଞ୍ଚଶହ ବର୍ଷର ଯାତ୍ରା / ଏକ ବନ୍ଧୁତାର ମୃତ୍ୟୁ / ସତ୍ୟର ବୀଜ / ଏକ ନୀରବତା / କଳା ବାଦଲରେ ଆଲୋକର ବଳୟ / ସୂର୍ଯ୍ୟରଶ୍ମୀରୁ ଚେନାଏ / ଅଗ୍ନିସ୍ନାନ / ଇମ୍ରୋଜ ଏକ ପ୍ରସଙ୍ଗ / ସମ୍ବାଦପତ୍ରର ବିଚିତ୍ର ଟିପ୍ପଣୀ / ଧର୍ମଯୁଦ୍ଧ / ଦେଖିଥିବା ଶୁଣିଥିବା ଘଟିଥିବା ଘଟଣାମାନ / କଳ୍ପନାର ଯାଦୁ / ଜଣେ ଲେଖକର ସତତା / ଗଭୀର କଳାମେଘ / ଆଉ ଏକ ତିକ୍ତ ଅନୁଭୂତି / ଏକ ପ୍ରଣତି / ଈଶ୍ୱରଙ୍କ ଭଳି ଭରସା / ଛୋଟ ସତ୍ୟ ବଡ଼ ସତ୍ୟ / ଏକ କବିତାର ବ୍ୟାଖ୍ୟା / ଫୋନିକ୍ସ ସମାଜ / ଡାଏରୀରୁ କିୟଦଂଶ / ଗୋଟିଏ ରାତି / ଗୋଟିଏ ଦିନ / ଏକ କବିତା / ଗମ୍ବୁଜ / ଅନ୍ୟ ଏକ ରାତି / ଶେଷ ପଂକ୍ତି / ଯଥାର୍ଥରୁ ଯଥାର୍ଥ ଯାଏ / ସଂଗ୍ରାମ ଚାଲିଛି / ଅଲେଖା କାଗଜ ଇତ୍ୟାଦି ବିଷୟବସ୍ତୁକୁ ଅମୃତାପ୍ରୀତମ୍ଙ୍କର ଆତ୍ମଜୀବନୀ "ରେଭିନ୍ୟୁ ଟିକେଟ୍"ରେ ସ୍ଥାନ ପାଇଛି । ଯାହାକି ନନ୍ଦିନୀଦେବୀ ଓଡ଼ିଆରେ ଅନୁବାଦ କରିଅଛନ୍ତି ।

[୨୩୧] (ଅନୁ) ଇନ୍ଦୁଲତା ମହାନ୍ତି, 'ଅମୃତାପ୍ରୀତମ୍ଙ୍କ ଉପନ୍ୟାସମାଳା', ବିଦ୍ୟାପୁରୀ, କଟକ-୨୦୦୪, ପୃ-୩

ଅନୁବାଦିକା ନନ୍ଦିନୀ ଶତପଥୀଙ୍କ ତୃତୀୟ ଅନୁବାଦ ପୁସ୍ତକ ହେଉଛି – ତସଲିମା ନାସରିନ୍‌ଙ୍କର "ଲଜ୍ଜା" । ବିଶିଷ୍ଟ ବଙ୍ଗଳା ଲେଖିକା ତସଲିମାଙ୍କର "ଲଜ୍ଜା"କୁ ଓଡ଼ିଆରେ ଅନୁବାଦ କରିଥିଲେ ନନ୍ଦିନୀ ଶତପଥୀ । ଏହି ଉପନ୍ୟାସର ଓଡ଼ିଆ ଅନୁବାଦ ନନ୍ଦିନୀଙ୍କୁ ସାହିତ୍ୟ ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରିଣୀ କରିପାରିଛି କହିଲେ ଅତ୍ୟୁକ୍ତି ହେବନାହିଁ । ବର୍ତ୍ତମାନ ସାରା ପୃଥିବୀରେ ବିଶେଷକରି ଆମର ରାଷ୍ଟ୍ର ଭାରତବର୍ଷରେ ସାଂପ୍ରଦାୟିକତା ଯେପରି ଭୀଷଣ ଆକାର ଧାରଣ କରିଛି, ଏବଂ ସବୁ ଧର୍ମର ମୌଳିକତାବାଦୀମାନେ ଯେପରି ସେମାନଙ୍କର ଆଧିପତ୍ୟ ବିସ୍ତାର କରିଚାଲିଛନ୍ତି, ତସଲିମା ନାସରିନ୍‌ଙ୍କ "ଲଜ୍ଜା" ତାହାର ଏକ ସାହସିକ ବିରୋଧ ।

ଏ ପର୍ଯ୍ୟନ୍ତ ଦେଶ ବିଭାଜନର କ୍ଷତ ମିଳେଇ ଯାଇନି । ତାହା ଫଳରେ ମଝିରେ ମଝିରେ ସାଂପ୍ରଦାୟିକ ସଂଘର୍ଷ ଆରମ୍ଭ ହୋଇଥାଏ । ଏହାର ଶିକାର ହୋଇଥାନ୍ତି ନିରୀହ ଲୋକମାନେ । ଭାରତରେ ଯେକୌଣସି ଧର୍ମୀୟ ଉନ୍ମତ୍ତତାର ପ୍ରତିକ୍ରିୟା ମଧ୍ୟ ଦେଖାଯାଏ ପଡ଼ୋଶୀ ରାଷ୍ଟ୍ର ବଙ୍ଗଳାଦେଶରେ । ବଙ୍ଗଳାଦେଶର ଜଣେ ତରୁଣ ଯୁବକ ସୁରଂଜନ । ବଙ୍ଗଳାଦେଶରେ ତାହାର ଜନ୍ମ । ସେହି ତାହାର ସ୍ୱଦେଶ । ଧର୍ମୀୟ ମୌଳବାଦୀମାନଙ୍କ ଉନ୍ମତ୍ତତାରେ ତାକୁ ଶେଷରେ ବାସହରା ଓ ବନ୍ଧୁହୀନ ହେବାକୁ ହେଲା । ନିଜ ଭଉଣୀକୁ ସେମାନେ ଧର୍ଷଣ କଲେ । ବାପା ଓ ମା'ଙ୍କର ଉପରେ ଅତ୍ୟାଚାର । ଶେଷ ପର୍ଯ୍ୟନ୍ତ ଗୋଟିଏ ତିକ୍ତ ବୈରାଗ୍ୟମୟ ଜୀବନକୁ ଠେଲିହୋଇ ଯାଉ ଯାଉ ଉନ୍ମାଦ ଭଳି ସେ ଗୋଟିଏ କାଣ୍ଡ କରିବସିଲା ।

ସାଂପ୍ରତିକ ସମୟରେ ଏକ ଅସହାୟ ଟ୍ରାଜେଡିର କଥା ଦୁଃସାହସିନୀ ତସଲିମା ନାସରିନ୍‌ଙ୍କ କଲମରେ ଜୀବନ୍ତ ହୋଇ ଫୁଟି ଉଠିଲା । ଏହି କାହାଣୀରେ ସବୁ ସଂପ୍ରଦାୟର ମୌଳବାଦୀମାନଙ୍କୁ ସେ ତୀବ୍ର ଆକ୍ରମଣ କରିଅଛନ୍ତି ।

ଅନୁବାଦିକା ନନ୍ଦିନୀ ଶତପଥୀଙ୍କ ଚତୁର୍ଥ ଓ ଶେଷ ଅନୁବାଦ ପୁସ୍ତକ ବଙ୍ଗଳା ଲେଖିକା ମହାଶ୍ୱେତାଦେବୀଙ୍କର ନିର୍ବାଚତ ଗଳ୍ପ । ମହାଶ୍ୱେତାଦେବୀଙ୍କ ପଚାଶଗୋଟି ଗଳ୍ପ ମଧ୍ୟରୁ ନନ୍ଦିନୀଦେବୀ କୋଡ଼ିଏଟି ନିର୍ବାଚିତ ଗଳ୍ପକୁ ଓଡ଼ିଆରେ ଅନୁବାଦ କରିଅଛନ୍ତି । ମହାଶ୍ୱେତାଦେବୀ ଭାରତୀୟ ସାହିତ୍ୟ ଜଗତରେ ଗୋଟିଏ ସୁପରିଚିତ ନାମ । ଜନସାଧାରଣ ତଥା ଦାରିଦ୍ର ନିପୀଡ଼ିତ ଜନତାଙ୍କ ସେବା କରିବା ବିଶେଷତଃ ପାହାଡ଼, ଜଙ୍ଗଲର ଆଦିବାସୀମାନଙ୍କର ସେବା କରିବା

ପାଇଁ ସେ ନିଜ ଜୀବନର ବ୍ରତ ଭାବରେ ଗ୍ରହଣ କରିଅଛନ୍ତି । ଜମିଦାର, ମହାଜନୀ ଧନୀଲୋକମାନଙ୍କର ସାଧାରଣ ଲୋକମାନଙ୍କ ପ୍ରତି ଯେଉଁ ବ୍ୟବହାର ସେସବୁକୁ ଅତ୍ୟନ୍ତ ସାବଲୀଳ ଓ ପ୍ରାଣସ୍ପର୍ଶୀ ଭାବରେ ମହାଶ୍ୱେତାଦେବୀ ପ୍ରକାଶିତ କରିଅଛନ୍ତି । ନନ୍ଦିନୀଦେବୀ ଯେଉଁ ଗଳ୍ପଗୁଡ଼ିକୁ ଓଡ଼ିଆରେ ଅନୁବାଦ କରିଅଛନ୍ତି ସେହିଗୁଡ଼ିକ ହେଲା - ଜଗନ୍ନାଥଙ୍କର ରଥ / ଶିଶୁ / ଛୁରୀ / କବିପତ୍ନୀ / ଅର୍ଜ୍ଜୁନ / ଗନ୍ଧ / ଚୋଲିକେ ପିଛେ / ଭାତ / ଜଳଛତ୍ର / ଭୀଷ୍ମଙ୍କ ପିପାସ / ଉର୍ବଶୀ ଓ ଜନି / ଜନ୍ମଦିନ / ସଂଜ ସକାଳର ମାଆ / ସିନ୍ଧୁବାଳା / ଭିତ୍ତି / ଭାରତବର୍ଷ / ଶୂନ୍ୟସ୍ଥାନ ପୂରଣ କର / ଜାହ୍ନବୀ ମା' / ବନ୍ୟା ଓ ନିଶାତ ମାଝିର ଭୁଟାନ ଯାତ୍ରା ଆଦି ଖୁବ୍ ସାରଗର୍ଭକ ଓ ହୃଦୟସ୍ପର୍ଶୀ । ବାସ୍ତବିକ ନନ୍ଦିନୀଦେବୀଙ୍କ ଏସବୁ ଓଡ଼ିଆ ଅନୁଦିତ ଗଳ୍ପ ଓଡ଼ିଆ ଭାଷା ଓ ସାହିତ୍ୟର ଗୋଟିଏ ଗୋଟିଏ ମାଇଲଖୁଣ୍ଟ କହିଲେ ଅତ୍ୟୁକ୍ତି ହେବନାହିଁ ।

ନନ୍ଦିନୀ ଶତପଥୀଙ୍କର ଓଡ଼ିଆ ସାହିତ୍ୟକୁ ଅବଦାନ ତଥା ସାରସ୍ୱତ ବ୍ୟକ୍ତିତ୍ୱ ଯୋଗୁଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ସହ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ସାହିତ୍ୟ ଭାରତୀ ସମ୍ମାନ, ପ୍ରଜାତନ୍ତ୍ର ପ୍ରଚାର ସମିତି ସମ୍ମାନ ପାଇବା ସହ ସ୍ୱାଧୀନତାର ସୁବର୍ଣ୍ଣଜୟନ୍ତୀ ସମାରୋହରେ ମଧ୍ୟ ସେ ସମ୍ମାନିତା ହୋଇଅଛନ୍ତି । ଏତଦ୍‌ଭିନ୍ନ ବହୁ ଅନୁଷ୍ଠାନରୁ ସେ ସମ୍ମାନିତ ଓ ପୁରସ୍କାରପ୍ରାପ୍ତ ହୋଇଥିଲେ । ସର୍ବୋପରି ନନ୍ଦିନୀଦେବୀ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବରେ ସୂଚାରୁରୂପେ ଦାୟିତ୍ୱ ନିର୍ବାହ କରିଥିଲେ ।

* * *

# ଓଡ଼ିଆ ସାହିତ୍ୟର
# ସୁଦୀର୍ଘ ସାରସ୍ୱତ ପରମ୍ପରାରେ
# ନନ୍ଦିନୀ ଶତପଥୀଙ୍କ ଭୂମିକା

# (ଖ) "ଓଡ଼ିଆ ସାହିତ୍ୟର ସୁଦୀର୍ଘ ସାରସ୍ୱତ ପରମ୍ପରାରେ ନନ୍ଦିନୀ ଶତପଥୀଙ୍କ ଭୂମିକା"

## ଓଡ଼ିଆ ସାହିତ୍ୟର ସୁଦୀର୍ଘ ସାରସ୍ୱତ ପରମ୍ପରା :

'ଏକ କଷ୍ଟସାଧ୍ୟ ବିଷୟ । ଏ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟର ପୂର୍ଣ୍ଣାଙ୍ଗ ଇତିହାସ ସଂକଳିତ ହୋଇନାହିଁ । ଯାହା ହୋଇଛି - ତାହା ଆଂଶିକ ମାତ୍ର । ଓଡ଼ିଆ ଭାଷା, ସାହିତ୍ୟ ସର୍ବୋପରି ଓଡ଼ିଆ ସଂସ୍କୃତିର ଇତିହାସ ସଂକଳନ ଆମର ସର୍ବପ୍ରଥମ ପ୍ରଧାନ ଜାତୀୟ କାର୍ଯ୍ୟ । ଓଡ଼ିଆ ଭାଷା ଓ ସାହିତ୍ୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଆମର ସରକାର ତଥା ବିଶ୍ୱବିଦ୍ୟାଳୟ ସମୂହ ଚେଷ୍ଟା କରୁଅଛନ୍ତି । ସରକାରୀ ତଥା ବିଶ୍ୱବିଦ୍ୟାଳୟ ସ୍ତରରେ ଓଡ଼ିଆ ଭାଷାର କ୍ରମପରିବର୍ତ୍ତନ ଜାତିର ସାଂସ୍କୃତିକ ଭୂମିକାରେ ଏକ ଅଭୁତପୂର୍ବ ପରିବର୍ତ୍ତନ ଆଣୁଛି । ଭବିଷ୍ୟତର ଓଡ଼ିଆ ଭାଷା ଓ ସାହିତ୍ୟର ଯୁଗ ଯେ ଅତୀବ ଗୌରବମୟ ଏହା ଭାବିବା ଆଦୌ ଅମୂଳକ ନୁହେଁ ।

ଓଡ଼ିଆ ସାହିତ୍ୟର ସାରସ୍ୱତ୍ତ୍ୱ ପରମ୍ପରା ରଚନା କରିବା ନିମିତ୍ତ ପ୍ରାଚୀନ ତଥା ଆଧୁନିକ ଓଡ଼ିଆ ସାହିତ୍ୟ ଉପାଦାନରେ ଅଭାବ ନାହିଁ । କିନ୍ତୁ ପ୍ରଯତ୍ନର ଅଭାବରୁ ଦେଶରୁ ବହୁ ଅମୂଲ୍ୟ ଉପାଦାନ ନଷ୍ଟ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ତଥା ସରକାରୀ ସ୍ତରରେ ଏହିସବୁ ଉପାଦାନର ସଂଗ୍ରହ ଓ ରକ୍ଷଣାବେକ୍ଷଣ ଚାଲିଛି । ଉପଯୁକ୍ତ ଗବେଷଣା ଅଭାବରୁ ବହୁ ଅମୂଲ୍ୟ ଉପାଦାନ ଆମର ଦୃଷ୍ଟି ପଥାରୁଢ଼ ହେଉନାହିଁ । ଓଡ଼ିଆ ସାହିତ୍ୟର ସାରସ୍ୱତ୍ତ୍ୱ ପରମ୍ପରାର ରଚନା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ।'[୨୩୨]

[୨୩୨] ଡକ୍ଟର ବଂଶୀଧର ମହାନ୍ତି, ଓଡ଼ିଆ ସାହିତ୍ୟର ଇତିହାସ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୧୯୭୦, ପୃ-ମୁଖବନ୍ଧ

ଓଡ଼ିଆ ସାହିତ୍ୟର ସୁଦୀର୍ଘ ପରମ୍ପରା

ପ୍ରଥମ ଖଣ୍ଡରେ - ପ୍ରାକ୍ ସାରଳା ସାହିତ୍ୟ

ଦ୍ୱିତୀୟ ଖଣ୍ଡରେ - ସାରଳା ସାହିତ୍ୟ ଯୁଗ

ତୃତୀୟ ଖଣ୍ଡରେ - ପଞ୍ଚସଖା ସାହିତ୍ୟ ଯୁଗ

ଚତୁର୍ଥ ଖଣ୍ଡରେ - ରୀତି / କାବ୍ୟଯୁଗ ସାହିତ୍ୟ

ପଞ୍ଚମ ଖଣ୍ଡରେ - ଆଧୁନିକ ଯୁଗ ସାହିତ୍ୟ ଇତିହାସ (ନନ୍ଦିନୀଙ୍କର ଭୂମିକା)

## ଆଧୁନିକ ଓଡ଼ିଆ ସାହିତ୍ୟ :

୧ - ରାଧାନାଥ ଯୁଗ, ୨ - ସତ୍ୟବାଦୀ ଯୁଗ, ୩ - ସବୁଜଯୁଗ, ୪ - ପ୍ରଗତିଯୁଗ, ୫ - ସ୍ୱାଧୀନତା ପରବର୍ତ୍ତୀ ଯୁଗ (ଆଧୁନିକ)

'ଓଡ଼ିଆ ସାହିତ୍ୟର ସାରସ୍ୱତ୍ତ୍ୱ ପରମ୍ପରାର ପୃଷ୍ଠଭୂମିରେ ଆମେ ଯେ କେବଳ ସଂସ୍କୃତ ସାହିତ୍ୟର ଐତିହ୍ୟ ଦେଖୁ ତାହା ନୁହେଁ, ଓଡ଼ିଆ ଭାଷାର ଧାରା ବହୁ ପ୍ରାଚୀନ କାଳରୁ ଅଶୋକକାଳୀନ ଓଡ଼ିଶାର ଭାଗ ସହିତ ସମନ୍ୱିତ ଥିଲା । ଶିଷ୍ଟ ସଂସ୍କୃତ ଭାଷା ସହିତ ସମତାଳରେ ଗତି କରିଚାଲିଥିଲା ପ୍ରକୃତ ସାହିତ୍ୟର ଧାରା । ପ୍ରକୃତି ଓ ଅପଭ୍ରଂଶ ଭାଷାର ଧାରାର ଓଡ଼ିଶାର ଜନସାଧାରଣଙ୍କ ମଧ୍ୟରେ ପ୍ରଚଳିତ ଥିଲା ଓ ଅନେକ ପ୍ରାକୃତ ଓ ଅପଭ୍ରଂଶ ଗ୍ରନ୍ଥ ମଧ୍ୟ ବହୁ ଓଡ଼ିଆ କବି ଓ ପଣ୍ଡିତମାନଙ୍କ ଦ୍ୱାରା ରଚିତ ହୋଇଥିଲା ।

ଓଡ଼ିଶାରେ ଅପଭ୍ରଂଶ ସାହିତ୍ୟର ପ୍ରାଚୀନତମ ରୂପ ଆମେ ସିଦ୍ଧିଚାର୍ଯ୍ୟମାନଙ୍କର ଗୀତିକାରରେ ପାଇଥାଏ । ଏହି ସିଦ୍ଧିଚାର୍ଯ୍ୟ ହେଉଛନ୍ତି ଉଭୟ ବୌଦ୍ଧ ସହଜିଆ ଓ ନାଥ ସମ୍ପ୍ରଦାୟର ସିଦ୍ଧ ସାଧକ ଗଣ । ଯେଉଁମାନଙ୍କର ସୂକ୍ଷ୍ମ ଅଥଚ ମୂଲ୍ୟବାନ ସାହିତ୍ୟ ପରବର୍ତ୍ତୀ ଅଧ୍ୟୟନମାନଙ୍କରେ ଆଲୋଚିତ ହୋଇଅଛି ।

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଚଉରାଅଶୀ ସିଦ୍ଧିଚାର୍ଯ୍ୟମାନଙ୍କ ମଧ୍ୟରୁ ଅନେକଙ୍କର ନାମ ଉଲ୍ଲେଖ ଦେଖିବାକୁ ମିଳେ । ପ୍ରାଚୀନ ଓଡ଼ିଆ ସାହିତ୍ୟରୁ କାଳକ୍ରମେ ବହୁ ଗ୍ରନ୍ଥ ଲୋପ ପାଇଯାଇଛି । ପ୍ରଥମ ଓଡ଼ିଆ ସାହିତ୍ୟ ସାରଳା ଦାସଙ୍କ ରଚନାରେ ସିଦ୍ଧିଚାର୍ଯ୍ୟମାନଙ୍କର ପ୍ରସଙ୍ଗ ଦେଖିବାକୁ ମିଳେ ।

ଓଡ଼ିଶାର ଜଗନ୍ନାଥ ଯେ ଯଥାର୍ଥ ଭାବରେ ଜୈନମାନଙ୍କର ଜୀବଦେବ ଏବଂ ସେ ପୁଣି ଖାରବେଳଙ୍କର ଅମଳରେ ଜୀନଦେବ, ଯାହାଙ୍କୁ ଖାରବେଳ କୌଣସି ଐତିହାସିକ ତଥ୍ୟ ଓ

ମିଳିନାହିଁ । ଓଡ଼ିଆ ସାହିତ୍ୟରେ ସର୍ବତ୍ର ଜଗନ୍ନାଥ ବୁଦ୍ଧ ଭାବରେ ଖ୍ୟାତିଲାଭ କରିବା ଜଗନ୍ନାଥ ଧର୍ମର ଏକ ବଳିଷ୍ଠ ପରମ୍ପରା ।

ସାହିତ୍ୟ ହିଁ ଦେଶରେ ଅନେକ ସମୟରେ ବିପ୍ଲବର ସୂତ୍ରପାତ କରିଥାଏ । ଉଦାହାରଣ ସ୍ୱରୂପ - ଆମେ ରୁଷ ବିପ୍ଲବ, ଫରାସି ରାଷ୍ଟ୍ର ବିପ୍ଳବକୁ ନେଇପାରିବା । ଧ୍ୱଂସ ସାଧନା ସାହିତ୍ୟର ଉଦ୍ଦେଶ୍ୟ ନୁହେଁ । ମାତ୍ର କଳୁଷିତ ଆବର୍ଜନାକୁ ସମୂଳେ ନଷ୍ଟ କରି ସତ୍ୟ, ଶିବ, ସୁନ୍ଦରମ୍‌ର ଆରାଧନା କରିବା ହେଉଛି - ସାହିତ୍ୟର ମୁଖ୍ୟ ଉଦ୍ଦେଶ୍ୟ । ସମାଜରେ ଦ୍ୱନ୍ଦ୍ୱ, ଯୁଗର ଉତ୍‌ଥାନ, ପତନ ମାନବର ଜୟ, ପରାଜୟ ସାହିତ୍ୟରେ ରୂପ ନେଇଥାଏ । ସାହିତ୍ୟ ସତ୍ୟନିଷ୍ଠ ଭାବରେ ସେ ସବୁକୁ ପରିପ୍ରକାଶ କରିଥାଏ । ଦେଶର ସାମାଜିକ ଓ ରାଜନୈତିକ ପଟ୍ଟଭୂମିକୁ ପରିବର୍ତ୍ତନ କରିବା ଦିଗରେ ସାହିତ୍ୟ ହିଁ ମୁଖ୍ୟ ଭୂମିକା ନେଇଥାଏ । ବ୍ୟକ୍ତି ମନରେ ସାମାଜିକ ଦାୟିତ୍ୱବୋଧ ଭରିଦିଏ । ସାହିତ୍ୟ ସାହିତ୍ୟରେ କଳ୍ପନାର ସ୍ଥାନ ରହିଥିଲେ ମଧ୍ୟ ଲେଖକ ବାସ୍ତବତାଠାରୁ ମଧ୍ୟ ଦୂରେଇଯାଏ ନାହିଁ ।

ପଞ୍ଚଦଶ ଶତାବ୍ଦୀରେ ଆଦିକବି ସାରଳା ଦାସ ଲେଖନୀ ଚାଳନା କରିଥିଲେ । ତେଣୁ ପଞ୍ଚଦଶ ଶତାବ୍ଦୀକୁ ଆମେ ସାରଳା ଯୁଗ ଭାବରେ ନାମିତ କରିଥାଉ । କାରଣ ଏହି ଶତାବ୍ଦୀରେ ଅନ୍ୟ କବିମାନେ ଥିଲେ ମଧ୍ୟ ସାରଳାଙ୍କର ସାହିତ୍ୟ ସମସ୍ତଙ୍କୁ ଅତିକ୍ରମ କରିଯାଇଥିଲା । ବିଧିବଦ୍ଧ ଭାବରେ ଏହି ପଞ୍ଚଦଶ ଶତାବ୍ଦୀରୁ ଓଡ଼ିଆ ସାହିତ୍ୟର ସାରସ୍ୱତ ପରମ୍ପରା ଆରମ୍ଭ ହୋଇଥିଲା । ସାରଳାଙ୍କର ପୂର୍ବବର୍ତ୍ତୀ ସାହିତ୍ୟକୁ ଆମେ ପ୍ରାକ୍ ସାରଳା ସାହିତ୍ୟ ବୋଲି କହିଥାଉଁ । ଏହି ସାହିତ୍ୟର ସମୟ ହେଉଛି ନବମ ଶତାବ୍ଦୀରୁ ଚତୁର୍ଦ୍ଦଶ ଶତାବ୍ଦୀ । ଏଥିରେ ଓଡ଼ିଆ ସାହିତ୍ୟର ସାରସ୍ୱତ୍ତ୍ୱ ପରମ୍ପରାକୁ ତିନୋଟି ରୂପ ଦେଖିବାକୁ ପାଇଥାଉ । (କ) ଲିଖିତ, (ଖ) ଅଲିଖିତ (ମୌଖିକ), (ଗ) ଅଭିଲେଖା । ପ୍ରାକ୍ ସାରଳା ସାହିତ୍ୟର ପରିସର ଖୁବ୍ ବ୍ୟାପକ । ଏହି ସମୟର ସର୍ବଶ୍ରେଷ୍ଠ ଆବିଷ୍କାର ହେଉଛି - ବୌଦ୍ଧ ସିଦ୍ଧିଚାର୍ଯ୍ୟମାନଙ୍କ ଦ୍ୱାରା ରଚିତ ଚର୍ଯ୍ୟାଗୀତିକା । ଚର୍ଯ୍ୟାଗୀତିକାଗୁଡ଼ିକରେ ତତ୍‌କାଳୀନ ସମାଜ ଜୀବନରେ ଅପୂର୍ବ ଆଲେଖ୍ୟ ରହିଛି । ଏଇ ସମୟସୀମା ମଧ୍ୟରେ ଆମେ ବହୁ ଲୋକଗୀତ, ଲୋକକଥା, ଲୋକନାଟର ଉପାଦାନ ପାଇଥାଉ । ଏସବୁ ଲୋକଙ୍କ ମୁହଁରେ ପ୍ରଚାରିତ ହୋଇଆସିଛି । ତେଣୁ ଏହାକୁ ଆମେ ଅଲିଖିତ (ମୌଖିକ) ସାହିତ୍ୟ ବୋଲି କହିଥାଉ ।

ଚର୍ଯ୍ୟାଗୀତିକାଗୁଡ଼ିକ ହେଉଛି ଓଡ଼ିଆ ଭାଷାର ମୌଳିକ ସଂପଦ । ଏଗୁଡ଼ିକ ଆଧ୍ୟାତ୍ମିକ ସଙ୍ଗୀତ ହୋଇଥିଲେ ମଧ୍ୟ ଓଡ଼ିଆ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ପୃଷ୍ଠଭୂମିକୁ ଯଥେଷ୍ଟ ସମୃଦ୍ଧ କରିଛି । ଏଥିରେ ଆମେ ଓଡ଼ିଶାର ଲୋକ ଜୀବନର ବିବିଧ ଚିତ୍ର ଦେଖିବାକୁ ପାଉ ।

ପଞ୍ଚଦଶ ଶତାବ୍ଦୀ ସମଗ୍ର ଭାରତୀୟ ଭାଷା ସାହିତ୍ୟରେ ଉଲ୍ଲେଖଯୋଗ୍ୟ କାଳ । ଏହି ସମୟରେ ଅସାମିଆ ଭାଷା ସାହିତ୍ୟରେ ଶଙ୍କରଦେବ ଲେଖନୀ ଚାଳନା କରିଥିବାବେଳେ ମୈଥିଳୀ ସାହିତ୍ୟରେ ଚଣ୍ଡୀଦାସ ଓ ହିନ୍ଦୀ ସାହିତ୍ୟରେ ଗ୍ରନ୍ଥାବଳୀର ଲେଖନୀ ଚାଳନା କରିଥିଲେ । ଏହି ସମୟରେ ଓଡ଼ିଆ ଭାଷାରେ ସାରଳା ଦାସ ଲେଖନୀ ଚଳାଇ ବିଧିବଦ୍ଧ ଭାବରେ ଓଡ଼ିଆ ଭାଷା ସାହିତ୍ୟର ଅୟମାରମ୍ଭ କଲେ । ଗ୍ରୀକ୍ ସାହିତ୍ୟରେ ହୋମରଙ୍କ ସ୍ଥାନ ଯେଉଁଠି, ଇଂରାଜୀ ସାହିତ୍ୟରେ ଚରସଙ୍କ ନାମ ଯେଉଁଠି, ଠିକ୍ ସେହିପରି ଓଡ଼ିଆ ସାହିତ୍ୟରେ ସାରଳା ଦାସଙ୍କ ସ୍ଥାନ ମଧ୍ୟ ସେଇଠି ଅଛି । କପିଳେନ୍ଦ୍ର ଦେବଙ୍କ ସମୟରେ ସାରଳା ଦାସ ଲେଖନୀ ଚାଳନା କରି ବିରାଟ ଗ୍ରନ୍ଥମାନ ରଚନା କରିଥିଲେ । ଯଥା - ସାରଳା ଦାସଙ୍କ ବୃତ୍ତି ମହାଭାରତ, ଲକ୍ଷ୍ମୀନାରାୟଣ ବଚନିକା ଇତ୍ୟାଦି । ସଂସ୍କୃତ ଗ୍ରନ୍ଥକୁ ସେ ପୁରାପୁରି ଅନୁବାଦ କରି ଅନୁସରଣ କରିଥିଲେ । ତାଙ୍କର ପ୍ରତ୍ୟେକ କାବ୍ୟରେ ଆମେ ମୌଳିକତାର ଆଭାସ ପାଇଥାଉ ।

ସାରଳା ସାହିତ୍ୟରେ ସ୍ୱାଧୀନ ଲୋକ ଜୀବନର ସଂସ୍କାର ଓ ବିଶିଷ୍ଟ ଲୋକରୁଚିର ଅନୁବର୍ତ୍ତନ ଦେଖିବାକୁ ମିଳିଥାଏ । ପୁରାଣ ଶୈଳୀର ବିବର୍ତ୍ତନ ଓ ଦାଣ୍ଡିବୃତ୍ତର ପ୍ରୟୋଗ କବି ସାରଳା ଦାସଙ୍କ ଠାରୁ ହୋଇଥିବା ଜଣାଯାଏ । ସାରଳା ଦାସ ଥିଲେ ପରମ ବିପ୍ଳବୀ ।

ଓଡ଼ିଶାର ପାଞ୍ଚଜଣ ସନ୍ଥକବି - ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଶିଶୁ ଅନନ୍ତ ଦାସଙ୍କୁ ପଞ୍ଚସଖା ଯୁଗ ବୋଲି କୁହାଯାଇଥାଏ । ଏମାନେ ଚୈତନ୍ୟଙ୍କର ସମସାମୟିକ ଥିଲେ । ଏମାନଙ୍କର ସ୍ୱତନ୍ତ୍ର ମନ୍ତ୍ର, ଜପ, ଧ୍ୟାନ ଥିଲେ ମଧ୍ୟ ସେମାନେ ମର୍ମରେ ଥିଲେ ଏକ ଅଭିନ୍ନ। ପଞ୍ଚସଖାଙ୍କର ମନ୍ତ୍ର ଥିଲା କୃଷ୍ଣମନ୍ତ୍ର, ରାଧାମନ୍ତ୍ର, ରାମମନ୍ତ୍ର, ଗୋପାଳମନ୍ତ୍ର, ଶ୍ୟାମମନ୍ତ୍ର । ଏମାନଙ୍କର ଧ୍ୟାନ ଥିଲା ଯଥାକ୍ରମେ - ଅଜପା, ଅଣାକାର ଶୂନ୍ୟ, ଅବନା, ଏକାକ୍ଷର । ଏସବୁ ହେଉଛି ଶୂନ୍ୟ ଏକ ପରିଭାଷା ମାତ୍ର । ପଞ୍ଚସଖାଗଣ - ଗଜପତି ପ୍ରତାପରୁଦ୍ରଙ୍କର ସମୟରେ ଲେଖନୀ ଚାଳନା କରିଥିଲେ ।

ଯେତେବେଳେ ଶୂନ୍ୟବାଦୀମାନେ ନିଜର ଆଧ୍ୟାତ୍ମିକ ବିଶ୍ୱାସ ଓ ବିଚାର ପାଇଁ ବହୁ ରାଜନ ପୀଡ଼ନର ସମ୍ମୁଖୀନ ହୋଇଥିଲେ, କିମ୍ବଦନ୍ତୀ ଆକାରରେ ଗଡ଼ିଆସୁଛି ।

ପଞ୍ଚସଖାଙ୍କ ମତରେ - ଶରୀର ମଧ୍ୟରେ ସବୁ ଜୀବ, ଆକାଶ, ସକଳ ଶାସ୍ତ୍ରର ପୁରାଣ ରହିଛି । ସ୍ଥାବର, ଜଙ୍ଗମ, କୀଟପତଙ୍ଗ ଏହି ଶରୀରରେ ଅଛନ୍ତି । ଶରୀର ମଧ୍ୟରେ ସହସ୍ର ଦଳ ପଦ୍ମ ମଧ୍ୟରେ ପରମବ୍ରହ୍ମ ସତତ ବିଦ୍ୟମାନ । ଷଡ଼ଚକ୍ର ଭେଦ କରି ସେଠାରୁ ତାଙ୍କୁ ଉପଲବ୍ଧ କରାଯାଇପାରିବ । ପଞ୍ଚସଖା ସାଧନାରେ ଶୂନ୍ୟବାଦ ଏକ ଉଲ୍ଲେଖଯୋଗ୍ୟ ସ୍ଥାନ ଗ୍ରହଣ କରିଅଛି । ବୌଦ୍ଧ ଶୂନ୍ୟବାଦ ଏବଂ ଉପନିଷଦର ବ୍ରହ୍ମବାଦ ମଧ୍ୟରେ ବିଶେଷ ପାର୍ଥକ୍ୟ ନାହିଁ । ପଞ୍ଚସଖା ସାହିତ୍ୟରେ ଉଭୟର ସମନ୍ୱୟ ଘଟିଅଛି । ଅନେକେ ଏହି ଶୂନ୍ୟବାଦକୁ ଲକ୍ଷ୍ୟ କରି ପଞ୍ଚସଖାମାନଙ୍କୁ ପ୍ରଚ୍ଛନ୍ନ ବୌଦ୍ଧ ବୋଲି କହିଥାନ୍ତି । ପଞ୍ଚସଖାଙ୍କ ମଧ୍ୟରେ ଏହି ଶୂନ୍ୟପୁରୁଷ ହେଉଛନ୍ତି - ଅଲେଖ, ଅଣାକାର, ଅନାଦି, ନିରଂଜନ । ଏହି ଶୂନ୍ୟ ପୁରୁଷ ଅରୂପ ହେଲେ ମଧ୍ୟ ଶୂନ୍ୟରେ ବିହାର କରନ୍ତି ।

ଏହି ଶୂନ୍ୟ ପୁରୁଷ ସର୍ବଘଟରେ ବିଦ୍ୟମାନ ଅଛନ୍ତି । ଏହି ଶୂନ୍ୟ ପୁରୁଷ ଆଦିଶକ୍ତି ଅର୍ଦ୍ଧାଙ୍ଗୀନିଙ୍କର ସହିତ ମିଳନ ହେବାରୁ ବହ୍ମା, ବିଷ୍ଣୁ, ମହେଶ୍ୱର ସୃଷ୍ଟି ହେଇଛନ୍ତି ବୋଲି କଳ୍ପନା କରାଯାଇଛି । ପଞ୍ଚସଖା ସାଧକଗଣ ନିଜକୁ ଦାସ ଭାବରେ ପରିଚିତ କରାଇଅଛନ୍ତି । ଏହା ହେଉଛି ସେମାନଙ୍କର ଉଦାର ବୈଷ୍ଣମ ମତ । ପଞ୍ଚସଖା ଯୁଗରେ ଓଡ଼ିଆ ସାହିତ୍ୟ ନୂଆ ରୂପ ନେଇଅଛି । ବହୁ ଭଜନ, ଜଣାଣ, ସ୍ତୁତି, ଚଉତିଶା ଓ କୋଇଲି ସଂଘିତା ଆଦି ଏହି ସମୟରେ ମୁକ୍ତିଲାଭ କରିଅଛି । ପଞ୍ଚସଖାଗଣ ଉତ୍କଳୀୟ ତଥା ଭାରତୀୟ ସଂସ୍କୃତିକୁ ସେମାନଙ୍କର କାବ୍ୟ ପୁରାଣରେ ସ୍ଥାନ ଦେଇଛନ୍ତି । ସେମାନଙ୍କ ଦ୍ୱାରା ରଚିତ ଶ୍ରୀମଦ୍ ଭଗବତ ଗୀତା, ମାଳିକା, ଭଜନ, ଚଉତିଶା ଆଦି ଲୋକ ଜୀବନକୁ ଯଥେଷ୍ଟ ପ୍ରଭାବିତ କରିଅଛି ।

ପଞ୍ଚସଖା ସାହିତ୍ୟରେ ବଳରାମଙ୍କର ଜଗମୋହନ ରାମାୟଣ, ଜଗନ୍ନାଥଙ୍କର ଭାଗବତ, ଅଚ୍ୟୁତାନନ୍ଦଙ୍କର ହରିବଂଶ ବେଶ୍ ଚର୍ଚ୍ଚିତ । ଏହି ପଞ୍ଚସଖାଗଣ ସେମାନଙ୍କ ସାହିତ୍ୟରେ ବ୍ରାହ୍ମଣମାନଙ୍କର ଏକାଧିପତ୍ୱ ବିରୁଦ୍ଧରେ ବିରୋଧ ଘୋଷଣା କରିଥିଲେ । ଜାତି ବିଦ୍ୱେଷକୁ ସେମାନେ ଦୃଢ଼ ଭାବରେ ପୌରୋହିତ୍ୟ କର୍ମକାଣ୍ଡକୁ ସେମାନେ ବିରୋଧ କରିଛନ୍ତି । ସଂସାରର ନଶ୍ୱରତା ବିଷୟ ଏମାନଙ୍କର ସାହିତ୍ୟରେ ଫୁଟି ଉଠିଛି । ମୁକ୍ତି ପାଇଁ ବ୍ୟାକୁଳତା ହେଲା ଏମାନଙ୍କର

ସାହିତ୍ୟର ପ୍ରାଣ । ଶରୀରାର୍ଥ ଏବଂ ପରମାର୍ଥ ଉଭୟ ଏମାନଙ୍କର ସାହିତ୍ୟରେ ରହିଛି । ଧର୍ମ ପାଇଁ ସନ୍ନ୍ୟାସର ପ୍ରୟୋଜନ ନାହିଁ ବୋଲି ସେମାନେ ଘୋଷଣା କଲେ ।

ବଳରାମ ଦାସଙ୍କର ଜଗମୋହନ ରାମାୟଣ, ଭାବସମୁଦ୍ର, ବ୍ରହ୍ମାଣ୍ଡ ଭୂଗୋଳ, ବଟ ଅବକାଶ, ଆଦି ଗ୍ରନ୍ଥରେ ଆଧ୍ୟାତ୍ମିକତା ସହ ଦାର୍ଶନିକତାର ସମନ୍ୱୟ ଆମେ ଦେଖୁ ।

ବଳରାମ ଦାସଙ୍କର ରଚନାବଳୀରୁ ବଳିଷ୍ଠ ଭକ୍ତିଭାବନା, ସ୍ନେହପ୍ରେମ ଆଦି ମାନବୀୟ ଗୁଣାବଳୀ, ସଂସାରୀମାନଙ୍କ ପାଇଁ ନାନା ହିତୋପଯୋଗୀ ଇତ୍ୟାଦି ଆମେ ପାଇଥାଉ ।

ଜଗନ୍ନାଥ ଦାସଙ୍କର ଭାଗବତ, ତୁଳାଭିଣା, ଗୁପ୍ତ ଭାଗବତ, ମନଶିକ୍ଷା, ମୃଗୁଣୀ ସ୍ତୁତି, ଗଜସ୍ତୁତି ଇତ୍ୟାଦିରୁ ଭକ୍ତିଭାବନା, ଜୀବ ପରମର ଭେଟ, ସଂସାରର ନିଶ୍ୱରତା, ମୁକ୍ତି କାମନା ଆଦି ବିଷୟ ପାଉ ।

ଅଚ୍ୟୁତାନନ୍ଦ ଦାସଙ୍କର ଶୂନ୍ୟ ସଂହିତା, ହରିବଂଶ, ଅନନ୍ତଚରଣଙ୍କର ହେତୁ ଉଦୟ ଭାଗବତ, ପିଣ୍ଡ ବ୍ରହ୍ମାଣ୍ଡ ଗୀତା, ଯଶୋବନ୍ତ ଦାସଙ୍କର ଗୋବିନ୍ଦ ଚନ୍ଦ୍ର ଗୀତା, ଶିବ ସୂର୍ଯ୍ୟୋଦୟ ଆଦି ଗ୍ରନ୍ଥରୁ ପିଣ୍ଡ ପୁରାଣ ତତ୍ତ୍ୱ, ଶୂନ୍ୟ ସାଧନା, ଦାର୍ଶନିକ ଭାବନା ସମ୍ପର୍କରେ ବହୁ ତଥ୍ୟ ପାଉ ।

ଏତଦ୍‌ବ୍ୟତୀତ ପଞ୍ଚସଖାଗଣଙ୍କର ଅସଂଖ୍ୟ ଭଜନ, ଜଣାଣ, ଚଉପଦୀ, ଚଉତିଶା, ଓଗାଳ ଆଦି ସାମାଜିକ ଚିତ୍ର ମିଳିଥାଏ ।

'ପଞ୍ଚସଖା ସାହିତ୍ୟ ପରେ ଓଡ଼ିଆ ସାହିତ୍ୟରେ ରୀତିକାବ୍ୟ ଯୁଗର ଆରମ୍ଭ ହୋଇଥାଏ । ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ ୧୫୬୮ରେ ଗୋହିରୀଟିକିରା ଯୁଦ୍ଧରେ ନିହତ ହେଲେ । ସବୁଦିନ ପାଇଁ ଓଡ଼ିଶାର ଭାଗ୍ୟରବି ଅସ୍ତମିତ ହୋଇଗଲା । ସେହିଦିନ ଠାରୁ ପ୍ରାୟ ଅଢ଼େଇଶହ ବର୍ଷ ପର୍ଯ୍ୟନ୍ତ ଓଡ଼ିଶାର ଭାଗ୍ୟରବି ଅସ୍ତମିତ ହୋଇଗଲା ଭଳି ଭୂମି ହୋଇଉଠିଲା ଲୁଣ୍ଠନକାରୀମାନଙ୍କ କ୍ରୀଡ଼ାଅଙ୍ଗନ । ଶପ୍ତଦଶ ଶତାବ୍ଦୀ ହେଉଛି ଉତ୍କଳ ଇତିହାସର ଏକ କରୁଣ ଅଧ୍ୟାୟ । ରୀତି କହିଲେ ବିଶିଷ୍ଟ ପଦ ରଚନାକୁ ବୁଝାଇଥାଏ । ଶବ୍ଦ ପ୍ରୟୋଗର କୌଶଳ, ସାବଲୀଳ ରୀତିରେ ଗଦ୍ୟ ରଚନା, ଅର୍ଥଗତ ଚମତ୍କାରୀତା, ଅଳଙ୍କାରିକ ପ୍ରଭୃତି ଇତ୍ୟାଦି ହେଉଛି ରୀତିଯୁଗୀୟ ସାହିତ୍ୟର ଆଦର୍ଶ । କାବ୍ୟର ଛାନ୍ଦରେ ରାଗ ଓ ବୃତ୍ତର ପ୍ରୟୋଗ ହେଲା । ଏହି ସମୟରେ ଉପେନ୍ଦ୍ର, ଧନଞ୍ଜୟ, ଦୀନକୃଷ୍ଣ, ଲୋକନାଥ, ସଦାନନ୍ଦ, ଅଭିମନ୍ୟୁ, ବ୍ରଜନାଥ, ବନମାଳୀ, ବଳଦେବ, ଯଦୁମଣି, ଗୋପାଳକୃଷ୍ଣ ପ୍ରମୁଖ କବିଗଣ ଲେଖନୀ ଚାଳନା କରି ରୀତି ସାହିତ୍ୟକୁ ସମୃଦ୍ଧ କରିଅଛନ୍ତି ।

ରୀତିଯୁଗୀୟ ସାହିତ୍ୟ ଦରବାରୀ ବିଳାସ ମଧ୍ୟରେ ସୀମାବଦ୍ଧ ହୋଇଯାଇଥିଲା । ଜନସାଧାରଣଙ୍କର ଜୀବନଚର୍ଯ୍ୟା ସହିତ ଏହାର କୌଣସି ସମ୍ବନ୍ଧ ନଥିଲା । ଏହି ସାହିତ୍ୟ ଥିଲା ଆଭିଜାତ୍ୟ ଗୋଷ୍ଠୀଙ୍କ ପାଇଁ, ସାମନ୍ତ ଶ୍ରେଣୀ ପାଇଁ । ଫଳରେ ସାହିତ୍ୟ, ସଂଗୀତ ଓ କଳା ମଧ୍ୟରେ ଏକପ୍ରକାର କୃତ୍ରିମ ଆଡ଼ମ୍ବରର ପରିପକ୍ରାଶ ଘଟିଲା । ଦେବତା ଓ ରାଜା ଉଭୟଙ୍କର ବର୍ଣ୍ଣନାରେ ରୀତିକାବ୍ୟ ମୁଖର । ଏହି ଯୁଗର କାବ୍ୟକୁ ତୋଷାମଦିର ଚୂଡ଼ାନ୍ତ ନିଦର୍ଶନ ଭାବେ ଗ୍ରହଣ କରାଯାଇଥାଏ । ରୀତିଯୁଗରେ ଅଲୌକିକତା ଭରି ରହିଥିଲା । ରୀତିକାବ୍ୟ ଥିଲା ରୀତିମତ ଏକ ମାନସିକ ବ୍ୟାୟାମ । କବିମାନେ କବିତ୍ୱ ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ । ରୀତିଯୁଗର କାବ୍ୟକୁ ଏକ ରୂପଗୁଣ ସମ୍ପନ୍ନା ନାରୀ ଭାବରେ ଚିହ୍ନିତ କରାଗଲା । ନାରୀ ବିଭିନ୍ନ ଅଳଙ୍କାର ପରିଧାନ କଲାଭଳି କାବ୍ୟ ବିଭିନ୍ନ ଅଳଙ୍କାରରେ ଭୂଷିତ ହେଲା । ପ୍ରୀତି ହେଉଛି ରୀତିକାବ୍ୟର ଏକ ଅମୂଲ୍ୟ ସମ୍ପଦ । ସ୍ୱକୀୟା ଓ ପରକୀୟା ପ୍ରୀତି ଉପରେ କବିଗଣ ଗୁରୁତ୍ୱ ଦେଉଥିଲେ । ରୀତିଯୁଗର ସାହିତ୍ୟ ଏକ ଉଚ୍ଚବର୍ଗର ସାହିତ୍ୟ ।

ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ଓ ଅଷ୍ଟଦଶ ଶତାବ୍ଦୀର ଶେଷଭାଗରେ ବହୁ ଗୀତିକବି ଲେଖନୀ ଚାଳନା କରି ଉତ୍କଳୀୟ ସଂସ୍କୃତିକୁ ସଂଗୀତର ସ୍ୱରଲୀଳା ମଧ୍ୟରେ ନବଜନ୍ମ ଦେଇଥିଲେ । ସେମାନେ ହେଲେ - ଗୌରହରି, ବନମାଳୀ, ହରିବନ୍ଧୁ, ରଘୁନାଥ ପରିଚ୍ଛା, ଗାୟକରତ୍ନ ନରସିଂହ ପଟ୍ଟନାୟକ, ଶ୍ରୀକରଣ ଗୌରାଙ୍ଗ ପଟ୍ଟନାୟକ ପ୍ରମୁଖ କବି । ଏହି ସ୍ରଷ୍ଟାଗଣ ଓଡ଼ିଆ ସାହିତ୍ୟର ସାଂସ୍କୃତିକ ଚେତନାର ଧାରାକୁ ଋଦ୍ଧିମନ୍ତ କରିଯାଇଛନ୍ତି ।'[୨୩୩]

'ରୀତିଯୁଗୀୟ ସାହିତ୍ୟ ଇତିହାସରେ ଆଧୁନିକ ଯୁଗ ସାହିତ୍ୟ ଇତିହାସ ଆରମ୍ଭ ହୋଇଅଛି । ଇଂରେଜମାନଙ୍କର ଓଡ଼ିଶା ଆଗମନ ପରେ ପରେ ଏ ମାଟିରେ ଏକ ନବଜାଗରଣ ଦେଖାଦେଲା । ସେହି ନବଜାଗରଣର ଫଳଶ୍ରୁତି ହେଉଛି - ଆଧୁନିକ ସାହିତ୍ୟ । ତେବେ ଏହି ଆଧୁନିକ ସାହିତ୍ୟର ପରିସୀମାକୁ ଆମେ ୧୯୫୦ରୁ ଅଦ୍ୟାବଧି ୨୦୦୯ (୧୮୮୫-୨୦୦୯) ଭାବରେ ନିରୂପଣ କରିପାରିବା । ୧୮୫୦ରୁ ୧୯୫୦ (୧୦୦ ବର୍ଷ)ର ସାହିତ୍ୟକୁ ସମାଲୋଚକ ଚିତ୍ତରଂଜନ ଦାସ ସଂକ୍ରାମକ ଓ ସମ୍ଭାବନାର ୧୦୦ଟି ବର୍ଷ ବୋଲି ଧରିନେଇଛନ୍ତି । ପୁଣି କେତେକି ସ୍ୱାଧୀନତା

[୨୩୩] ଡକ୍ଟର ନାରାୟଣ ସାହୁ, ଓଡ଼ିଆ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ଇତିହାସ, ସାହିତ୍ୟ ସଂଗ୍ରହ ପ୍ରକାଶନ, ବିନୋଦ ବିହାରୀ, କଟକ-୧୯୯୪

ପୂର୍ବବର୍ତ୍ତୀ ସାହିତ୍ୟକୁ ରାଧାନାଥ ଯୁଗ, ସତ୍ୟବାଦୀ ଯୁଗ, ସବୁଜଯୁଗ ଓ ପ୍ରଗତିଯୁଗ ନାମରେ ନାମିତ କରିଅଛନ୍ତି । ସର୍ବଶେଷରେ ଆଧୁନିକ ଯୁଗର ପ୍ରଥମ ପର୍ଯ୍ୟାୟ ବା ୧୮୫୦ ରୁ ୧୯୦୯ ପର୍ଯ୍ୟନ୍ତ କାଳକୁ କେତେକ ରାଧାନାଥ ଯୁଗ କହୁଥିବାବେଳେ ଅନ୍ୟକେତେକ ଫକୀରମୋହନଙ୍କର ଯୁଗ ବୋଲି କହିଥାଆନ୍ତି । ତେବେ ଏହା ହେଉଛି ନବଚେତନାର ଯୁଗ । ୧୮୩୫ରେ ନୂତନ ଶିକ୍ଷାନୀତି ପ୍ରଣୟନ ହେବା ପରେ ଓ ୧୮୫୪ର ଓଡ଼ିଶା ଶିକ୍ଷା ନିୟମ ଅନୁଯାୟୀ ଓଡ଼ିଶାର ବିଭିନ୍ନ ସ୍ଥାନରେ ୩୫ ଗୋଟି ପ୍ରାଥମକ ସ୍କୁଲ ପ୍ରତିଷ୍ଠା କରାଗଲା । ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ପାଇଁ ବିଭିନ୍ନ ପତ୍ରପତ୍ରିକା ମୁକ୍ତି ଲାଭ କରିଥିଲା । ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରସାର ପାଇଁ ଆଗେଇ ଆସିଲେ - ଉତ୍କଳଦୀପିକା, ସମ୍ବାଦବାହିକା, ଉତ୍କଳପୁତ୍ର, ଉତ୍କଳ ସାହିତ୍ୟ, ମୁକୁର, ଉତ୍କଳ ମଧୁପ, ଆଶା, ଉତ୍କଳ ଦର୍ପଣ ଆଦି ପତ୍ରିକାମାନେ । ପାଠ୍ୟପୁସ୍ତକ ଭାବେ ମୁକ୍ତି ଲାଭ କଲା ଭୂଗୋଳ ସୂତ୍ର, ଭାରତବର୍ଷର ଇତିହାସ, ବର୍ଣ୍ଣବୋଧ, ଗ୍ରନ୍ଥମାଳା, ସାହିତ୍ୟ କୁସୁମ, ସାହିତ୍ୟ ପ୍ରସଙ୍ଗ, ପ୍ରବନ୍ଧମାଳା ଇତ୍ୟାଦି ।

ଓଡ଼ିଆ ଭାଷା, ସାହିତ୍ୟ ଓ ଓଡ଼ିଶାର ସାଂସ୍କୃତିକ ବିକାଶମାର୍ଗକୁ ଅଧିକ ସୁଗମ କରିବା ପାଇଁ ଆଗେଇ ଆସିଲେ ତିନିଜଣ ମହାରଥୀ - ରାଧାନାଥ ରାୟ, ମଧୁସୂଦନ ରାଓ ଓ ଫକୀରମୋହନ ସେନାପତି । ୧୮୮୦ରୁ ୧୯୦୯ ମଧ୍ୟରେ ବହୁ ଲେଖକ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଅଛନ୍ତି, ସେମାନେ ହେଲେ - ଗଙ୍ଗାଧର ମେହେର, ନନ୍ଦକିଶୋର ବଳ, ଚିନ୍ତାମଣି ମହାନ୍ତି, ଗୌରୀଶଙ୍କର ରାୟ, ଜଗନ୍ମୋହନ ଲାଲ, ରାମଶଙ୍କର ରାୟ, ଉତ୍କଳଗୌରବ ମଧୁସୂଦନ ଦାସ, ଗୋବିନ୍ଦ ରଥ, ଗୋପାଳବଲ୍ଲଭ ଦାସ, ବିଶ୍ୱନାଥ କର, ଗୋପୀନାଥ ନନ୍ଦ, ଶ୍ୟାମସୁନ୍ଦର ରାଜଗୁରୁ, ଗୋପାଳ ଚନ୍ଦ୍ର ପ୍ରହରାଜ, ଶଶିଭୂଷଣ ରାୟ, ଜଗବନ୍ଧୁ ସିଂହ, କାମପାଳ ମିଶ୍ର, ଭିକାରୀଚରଣ ପଟ୍ଟନାୟକ, ମୋହିନୀ ମୋହନ ସେନାପତି, ମୃତ୍ୟୁଞ୍ଜୟ ର. ବ୍ରଜସୁନ୍ଦର ଦାସ, ତାରିଣୀ ଚରଣ ରଥ, ରଘୁନାଥ ପରିଚ୍ଛା ପ୍ରମୁଖ ।

ଧୂଳିମାଟିର ମଣିଷର କାହାଣୀ ପ୍ରତି ଲେଖକମାନେ ମନ ବଳାଇଲେ - ତହିଁରୁ ଜନ୍ମନେଲା - ଉପନ୍ୟାସ, କବିତା, ନାଟକ, ପ୍ରବନ୍ଧ, ଗଳ୍ପ ଇତ୍ୟାଦି । ଅନୁବାଦ ଓ ଶିଶୁ ସାହିତ୍ୟ ସୃଷ୍ଟି ଦିଗରେ ବହୁ ଲେଖକ ଆଗେଇ ଆସିଲେ । ଉତ୍କଳ ସମ୍ମିଳନୀର ଆହ୍ୱାନ ଓଡ଼ିଆ ମନରେ ଜାତୀୟତାର ପ୍ରାଣ ସ୍ପନ୍ଦନ ଭରିଦେଲା । 'ଚିଲିକା' କାବ୍ୟରେ କବିବର ରାଧାନାଥ ଉତ୍କଳର ପ୍ରକୃତିକୁ ଜୀବନ୍ୟାସ

ଦେଇଛନ୍ତି । 'ମହାଯାତ୍ରା' କାବ୍ୟ ହେଉଛି ରାଧାନାଥ ପ୍ରତିଭାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ । ଏଠାରେ କବି ଭାରତବର୍ଷର ଇତିହାସ ଓ ସଂସ୍କୃତିକୁ ବର୍ଣ୍ଣନା କରିଅଛନ୍ତି ।

ଏହି ଅବଧିର ଶ୍ରେଷ୍ଠ ବିନ୍ଧାଣୀ ହେଉଛନ୍ତି - ଫକୀର ମୋହନ ସେନାପତି ।'[୨୩୪]

'ଆଧୁନିକ ସାହିତ୍ୟର ପ୍ରଥମ ଭାଗରେ ରାଧାନାଥଙ୍କର ସାହିତ୍ୟ ଯୁଗରେ ଅନ୍ୟ ଏକ ମାଇଲ୍‌ଖୁଣ୍ଟ ଫକୀରମୋହନ ସେନାପତି । ପାଠ୍ୟପୁସ୍ତକ, ଅନୁବାଦ ଠାରୁ ଆରମ୍ଭ କରି ଫକୀରମୋହନ - ଗଳ୍ପ, ଉପନ୍ୟାସ, କବିତା, ରମ୍ୟରଚନା, ଆତ୍ମଜୀବନୀ, ପ୍ରବନ୍ଧ ଆଦି ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଅଛନ୍ତି । ଦୀର୍ଘଦିନର ଅଭିଜ୍ଞତା ହିଁ ତାଙ୍କୁ ଜଣେ ଯଶସ୍ୱୀ ସ୍ରଷ୍ଟା କରି ଗଢ଼ିତୋଳିଥିଲା । ଓଡ଼ିଆ ଭାଷା ଓ ସାହିତ୍ୟର ସଙ୍କଟ କାଳରେ ଫକୀରମୋହନ ରଚନା କରିଥିଲେ - ଭାରତ ଇତିହାସ, ରାଜପୁତ୍ର ଇତିହାସ, ଜୀବନ ଚରିତ, ଅଙ୍କମାଳା ଆଦି ପାଠ୍ୟପୁସ୍ତକ । ସେ ଅନୁବାଦ କରିଥିଲେ ରାମାୟଣ, ମହାଭାରତ, ହରିବଂଶ, ଭଗବତଗୀତା ଏବଂ ବିଭିନ୍ନ ଉପନିଷେଦ । 'ଉତ୍କଳ ଭ୍ରମଣ'ରେ କବି ନିଜ ଜୀବନର ତିକ୍ତ ଅନୁଭୂତି କଥା ବର୍ଣ୍ଣନା କରିଅଛନ୍ତି ।

ଫକୀରମୋହନଙ୍କର କବିତାଗୁଚ୍ଛରେ - ପୁଷ୍ପମାଳା, ଉପସାର, ଅବସର ବାସରେ, ପୂଜାଫୁଲ, ଧୂଳି ଆଦି କବିତା ପୁସ୍ତକରେ, ବିଭୁପ୍ରେମ, ମାନବବନ୍ଦନା, ପ୍ରକୃତିପ୍ରୀତି, ନାରୀଧର୍ମ, ଧର୍ମନିରପେକ୍ଷ, ଦିବ୍ୟପ୍ରେମ ଆଦି ବର୍ଣ୍ଣିତ । କବି ଠାରୁ କଥାକାର ଭାବରେ ଉତ୍କଳରେ ଫକୀରମୋହନ ପରିଚିତ । ଫକୀରମୋନହ ଓଡ଼ିଶାର ଜନଜୀବନ, ଇତିହାସ ଓ ରାଜନୀତିକୁ କେନ୍ଦ୍ରକରି ଲେଖିଲେ ଉପନ୍ୟାସ - ଛ'ମାଣ ଆଠଗୁଣ୍ଠ, ଲଛମା, ମାମୁଁ ଓ ପ୍ରାୟଶ୍ଚିତ । ଓଡ଼ିଶାର ଦୀର୍ଘ ଦୁଇଶହ ବର୍ଷର ସାମାଜିକ ଓ ସାଂସ୍କୃତିକ ଇତିହାସ ହେଉଛି ଏଇ ଚାରୋଟି ଉପନ୍ୟାସ । ଫକୀରମୋହନ ୨୦ଟି ଗଳ୍ପ ଲେଖି ଓଡ଼ିଆ ସାହିତ୍ୟରେ ଜଣେ ଗାଳ୍ପିକ ଭାବରେ ନିଜକୁ ସୁପ୍ରତିଷ୍ଠିତ କରାଇପାରିଛନ୍ତି । ତାଙ୍କର ଗଳ୍ପ ମଧ୍ୟରେ ରେବତୀ (୧୯୯୮)ରୁ ଗାରୁଡ଼ିମନ୍ତ୍ର (୧୯୧୬) ମଧ୍ୟରେ ରୂପ ନେଇଛି - ଉତ୍କଳୀୟ ବନ ଜୀବନ ତଥା ସାଂସ୍କୃତିକ ପଟ୍ଟଭୂମିର ଅନେକ ଦୃଶ୍ୟ । ଅନ୍ୟାନ୍ୟ ଗଳ୍ପ ମଧ୍ୟରେ ତାଙ୍କର ପେଟେଣ୍ଟ ମେଡିସିନ୍, ଧୂଳିଆବାବା, ଡାକମୁନିସ୍, ସଭ୍ୟ ଜମିଦାର, ରାଣ୍ଡିପୁଅ ଅନନ୍ତା, ବଗୁଲା-ବଗୁଲି, ଗରୁଡ଼ ମନ୍ତ୍ର, ସୁନାବୋଉ ଥିଲା ପ୍ରମୁଖ ସୃଷ୍ଟି ।

[୨୩୪] ତତ୍ରୈବ, ପୃ

ଏହି ଅବଧି ମଧ୍ୟରେ ଅନ୍ୟ ଦୁଇଜଣ ଶକ୍ତିଶାଳୀ ସ୍ରଷ୍ଟା ହେଲେ ଗଙ୍ଗାଧର ମେହେର ଓ ନନ୍ଦକିଶୋର ବଳ । ସ୍ୱଭାବକବି ଗଙ୍ଗାଧାର ମେହେରଙ୍କର କାବ୍ୟ କବିତାରେ ଉତ୍କଳୀୟ ତଥା ଭାରତୀୟ ସଂସ୍କୃତି, ଐତିହ୍ୟ, ପରମ୍ପରାର ଚିତ୍ର ଆମେ ପାଇଥାଉଁ । ପ୍ରାଚ୍ୟ ସାହିତ୍ୟ ଓ ସଂସ୍କୃତିର ଆଦର୍ଶ ଦ୍ୱାରା ଗଙ୍ଗାଧର ଅନୁପ୍ରାଣିତ ହୋଇ କାବ୍ୟରଚନା କରିଥିଲେ । କବିଙ୍କର ସୃଷ୍ଟିରୁ ଆମେ ମାତୃଭୂମି, ମାତୃଭାଷାର ପ୍ରୀତି, ଅନାବିଳ ଭକ୍ତିଭାବନା, ସଂସ୍କାର ପ୍ରବଣତା, ପ୍ରକୃତି ପ୍ରୀତି, ବ୍ୟକ୍ତିପୂଜା, ବିଭୁବୋଧ, ଉତ୍କଳକଳ ଭାରତୀୟ ବନ୍ଧନ, ଜାତୀୟତା ଚିନ୍ତାଧାରାର ଚିତ୍ର ପାଉ । ତାଙ୍କର ସଫଳ କାବ୍ୟ ଦୃଷ୍ଟାନ୍ତ ରସରତ୍ନାକର, ଅହଲ୍ୟାସ୍ତବ, ଇନ୍ଦୁମତୀ, ଉତ୍କଳଲକ୍ଷ୍ମୀ, କୀଚକ ବଧ, ପ୍ରଣୟବଲ୍ଲରୀ, ତପସ୍ୱିନୀ, ପଦ୍ମିନୀ ଇତ୍ୟାଦି ।'[୨୩୫]

ପଲ୍ଲୀକବି ନନ୍ଦକିଶୋର ବଳଙ୍କ ସୃଷ୍ଟିସମ୍ପଦ ଭିତରୁ ଆମେ ଉତ୍କଳୀୟ ଗ୍ରାମ୍ୟ ସଂସ୍କୃତିର ସାବଲୀଳ ଚିତ୍ର ପାଉ । ପଲ୍ଲୀର ଚାଟଶାଳୀ, ଭାଗବତଘର, ପିଲାଙ୍କର କୌତୁକ, ପଲ୍ଲୀର ରୁରୁଚିତ୍ର, ଯାତ୍ରାତୀର୍ଥ, ପଲ୍ଲୀର ଜୀବନ, ପଲ୍ଲୀବଧୂର କମନୀୟ ଚାହାଣୀ ଆଦି ନନ୍ଦକିଶୋର ବଳଙ୍କର ଜୀବନ୍ତ ରୂପ ନେଇଛି ତାଙ୍କର ପ୍ରତ୍ୟେକ ଲେଖନୀରେ । ତାଙ୍କର ସୃଷ୍ଟି ସମ୍ପଦ ମଧ୍ୟରେ - ଶର୍ମିଷ୍ଠା, କୃଷ୍ଣାକୁମାରୀ, ସୀତାବନବାସ, ନିର୍ଝରିଣୀ, ପଲ୍ଲୀଚିତ. ବସନ୍ତକୋକିଳ, ତରଙ୍ଗିଣୀ, ଚାରୁଚିତ୍ର, ଜନ୍ମଭୂମି, ନିର୍ମାଲ୍ୟ, ପ୍ରଭାତସଙ୍ଗୀତ, ସଖା ସଂଗୀତ ପ୍ରଭୃତି ।

ରାଧାନାଥ ଯୁଗର ଅନ୍ୟ ଲେଖକମାନଙ୍କ ମଧ୍ୟରେ ଚିନ୍ତାମଣି ମହାନ୍ତି, ଜଗନ୍ମୋହନ ଲାଲ, ରାମଶଙ୍କର ରାୟ, ରମେଶ ଚନ୍ଦ୍ର ସରକାର, ଗୋବିନ୍ଦ ରଥ ଅନ୍ୟତମ । ରାଜକବି ଲେଖନୀଗଣ - ସୁତ୍ୱଳଦେବ, ସଚିଦାନନ୍ଦ, ତ୍ରିଭୂବନ ଦେବ, ଜଳନ୍ଧର ଦେବ, ବୀର ବିକ୍ରମ ଦେବ, ପଦ୍ମନାଭ ନାରାୟଣ ଦେବ, ରାଧାମୋହନ ରାଜେନ୍ଦ୍ରଦେବ ପ୍ରମୁଖ । ଲେଖକଗଣ ହେଲେ ସାଧୁଚରଣ ରାୟ, ଗୋପାଳବଲ୍ଲଭ ଦାସ, ଚତୁର୍ଭୁଜ ପଟ୍ଟନାୟକ, ଗୋବିନ୍ଦ ସୁରଦେବ, ଶ୍ୟାମସୁନ୍ଦର ରାଜଗୁରୁ, ବିଶ୍ୱନାଥ କର, ମୃତ୍ୟୁଞ୍ଜୟ ରଥ, ଗୋପୀନାଥ ନନ୍ଦ, ଚନ୍ଦ୍ରଶେଖର ନନ୍ଦ, ନିଳମଣି ବିଦ୍ୟାରତ୍ନ, ଦୟାନିଧି ମିଶ୍ର, ଶଶିଭୂଷଣ ରାୟ ପ୍ରମୁଖ ସ୍ରଷ୍ଟା ।

ଏହି ସମୟ ମଧ୍ୟରେ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ରମ୍ୟରଚନା, ନାଟକ, କାବ୍ୟକବିତା, ଅନୁବାଦର ଉନ୍ମେଷ ଓ ବିକାଶ ଘଟିଛି । ଉତ୍କଳ ଜାତୀୟ ଆନ୍ଦୋଳନର କର୍ଣ୍ଣଧାର ଉତ୍କଳଗୌରବ

[୨୩୫] ଡକ୍ଟର କୁଞ୍ଜବିହାରୀ ଦାସ, ଆଧୁନିକ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା, ଓଡ଼ିଶା ସାହିତ୍ୟ ଏକାଡେମୀ-୧୯୮୬

ମଧୁସୂଦନ ଦାସଙ୍କ ଆବିର୍ଭାବ ଏହି ସମୟରେ ହୋଇଛି । ବାସ୍ତବରେ ୧୮୮୦ରୁ ୧୯୦୯ ମସିହା ପର୍ଯ୍ୟନ୍ତ ରାଧାନାଥ ଯୁଗ ହେଉଛି – ଓଡ଼ିଆ ସାହିତ୍ୟର ଆଦ୍ୟଯୁବା ଆଧୁନିକତାର ଓ ନୂତନ ଅନ୍ୱେଷଣର ଯୁଗ ।

## ସତ୍ୟବାଦୀ ଯୁଗର ସାହିତ୍ୟ :

ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରାଣ ପ୍ରତିଷ୍ଠା ହୋଇଥିଲା ରାଧାନାଥ ଯୁଗରେ । ମାତ୍ର ଏହାର ବିକାଶ ସାଧିତ ହୋଇଥିଲା ସତ୍ୟବାଦୀ ଯୁଗର ସାହିତ୍ୟରେ ।

ବରିଷ୍ଠ ସାହିତ୍ୟିକ ବୈନିସେରାଙ୍କ ମତରେ – ସାହିତ୍ୟର ଯୁଗ ସୃଷ୍ଟି ଲାଗି ପ୍ରତିଭାଶାଳୀ ଲେଖକ ଓ ଯୁଗାନ୍ତକାରୀ ରଚନା ଆବଶ୍ୟକ । ବିଶେଷତଃ ୧୯୧୦ରୁ ୧୯୨୫ ଏହି ପନ୍ଦର ବର୍ଷ ସତ୍ୟବାଦୀ ସାହିତ୍ୟ ଯୁଗର ଅଭ୍ୟୁଦୟ କାଳ ।

ଏହି ଯୁଗରେ ସତ୍ୟବାଦୀ ବନ ବିଦ୍ୟାଳୟ – ଓଡ଼ିଶାର ସାଂସ୍କୃତିକ ଓ ରାଜନୈତିକ ଜୀବନରେ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା । ଏହି ବନ ବିଦ୍ୟାଳୟରେ ଯେଉଁ ପାଞ୍ଚଜଣ ସାହିତ୍ୟ ସାଧକ ନବୀନ ଉତ୍କଳର ନିର୍ମାଣ ପାଇଁ ଆଗେଇ ଆସିଥିଲେ, ସେମାନେ ହେଲେ – ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର ଓ ଆଚାର୍ଯ୍ୟ ହରିହର ଦାସ । ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା ମୂଳରେ ସେମାନଙ୍କର ଉଦ୍ଦେଶ୍ୟ ଥିଲା ସମଗ୍ର ଉତ୍କଳରେ ଜାତୀୟତା ଜାଗରଣ ସୃଷ୍ଟି କରିବା । ସେମାନଙ୍କର ସାହିତ୍ୟ ଆଭିମୁଖ୍ୟ ଥିଲା – ଜାତୀୟତା, ସମାଜ ସଂସ୍କାର ଓ ଜନସେବା ।

ସତ୍ୟବାଦୀ ଯୁଗର ସାଧକଗଣ ଥିଲେ ପ୍ରଥମେ କର୍ମୀ ପରେ କବି ବା ଲେଖକ । ସମାଜସେବା ଥିଲା ସେମାନଙ୍କର ଲକ୍ଷ୍ୟ । ପଣ୍ଡିତ ଗୋପବନ୍ଧୁ ଦାସ ଥିଲେ କବି ଓ ଲେଖକ । ନୀଳକଣ୍ଠ ଥିଲେ ଦାର୍ଶନିକ, କବି, ପ୍ରାବନ୍ଧିକ ଓ ଔପନ୍ୟାସିକ । ଗୋଦାବରୀଶ ଥିଲେ କବି, ନାଟ୍ୟକାର, କଥାକାର । କୃପାସିନ୍ଧୁ ଥିଲେ ପ୍ରାବନ୍ଧିକ ଓ ଐତିହାସିକ ଏବଂ ଆଚାର୍ଯ୍ୟ ହରିହର ଥିଲେ ଅନୁବାଦକ ଓ ସମାଜସେବୀ ।

ଜାତୀୟତାବାଦୀ ବହ୍ନିକୁ ଜଳାଇବା ପାଇଁ ସତ୍ୟବାଦୀର ମୁଖପତ୍ର "ସତ୍ୟବାଦୀ" ପତ୍ରିକା ଆତ୍ମପ୍ରକାଶକ କଲା । "ସତ୍ୟବାଦୀ" ଓ "ସମାଜ" ପତ୍ରିକାରେ ସମ୍ପାଦକୀୟରେ ପଣ୍ଡିତ ଗୋପବନ୍ଧୁ

ଦାସ ଓଡ଼ିଆ ସାହିତ୍ୟର ଭାଷାକୁ କଥିତ ଭାଷାର ମର୍ଯ୍ୟାଦା ପ୍ରଦାନ କଲେ । ସମାଜର କୁସଂସ୍କାର ବିରୁଦ୍ଧରେ ଏହି ଗୋଷ୍ଠୀର ସାଧକମାନେ ବିଦ୍ରୋହ ଘୋଷଣା କରିଥିଲେ । ଓଡ଼ିଶାର ସାଂସ୍କୃତିକ ଓ ସାମାଜିକ ଜୀବନରେ ସତ୍ୟବାଦୀର ସାଧକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ।

ସତ୍ୟବାଦୀ ଚିନ୍ତା ଓ ଚେତନାର ଏକ ଅନିର୍ବାଣ ଦୀପଶିଖା ଥିଲେ ଉତ୍କଳଗୌରବ ମଧୁସୂଦନ ଦାସ । ଉତ୍କଳର ସ୍ୱାଧୀନତା ପାଇଁ ଯେ କି ନିଜର ସମସ୍ତ ଶ୍ରମ ଖଟାଇଥିଲେ । ତାଙ୍କରି ପ୍ରଚେଷ୍ଟାରେ ଜନ୍ମନେଇଥିଲା "ଉତ୍କଳ ସମ୍ମିଳନୀ" ।

ପଣ୍ଡିତ ଗୋପବନ୍ଧୁ ଥିଲେ ଏହି ସତ୍ୟବାଦୀ ଗୋଷ୍ଠୀ ଜଣେ ଶକ୍ତିଶାଳୀ ସ୍ରଷ୍ଟା । ତାଙ୍କର କାବ୍ୟଗୁଡ଼ିକ ହେଉଛି - ଅବକାଶ ଚିନ୍ତା, କାରାକବିତା, ବନ୍ଦୀର ଆତ୍ମକଥା, ଧର୍ମପଦ, ନଚିକେତା, ଗୋମହାତ୍ମା । ଏହାଛଡ଼ା ଅନେକ ପ୍ରବନ୍ଧ ମଧ୍ୟ ସେ ରଚନା କରିଛନ୍ତି । ତାଙ୍କର ସାହିତ୍ୟ ଚିରନ୍ତନ ଓ ମୂଲ୍ୟବୋଧ ସାହିତ୍ୟ । ସ୍ୱଦେଶ ପ୍ରେମର ଏହା ଅନନ୍ତ ନସ୍ୱର ।

ସତ୍ୟବାଦୀ ଚେତନାର ଅନ୍ୟତମ ସାରଥୀ ପଣ୍ଡିତ ନୀଳକଣ୍ଠ ଉତ୍କଳର ଐତିହ୍ୟ, ସଂସ୍କୃତି, ଇତିହାସ, ରାଜନୀତି ଓ ସମାଜଜୀବନ ତାଙ୍କ ଲେଖନୀରେ ଜୀବନ୍ତ ହୋଇଉଠିଛି । ନୀଳକଣ୍ଠଙ୍କର କାବ୍ୟଗୁଡ଼ିକ ହେଉଛି - ପ୍ରଣୟିନୀ, ଦାସ ନାଏକ, କୋଣାର୍କ, ଖାରବେଳ । ନୀଳକଣ୍ଠଙ୍କର ପ୍ରବନ୍ଧଗୁଡ଼ିକ ସଂସ୍କାର ଚେତନ, ସଂସ୍କୃତି ସାହିତ୍ୟ, ଆର୍ଯ୍ୟଚେତନା, ଧର୍ମ, ଶିକ୍ଷା ଓ ନୈତିକତା ଉପରେ ପର୍ଯ୍ୟବେସିତ ।

ସତ୍ୟବାଦୀ ସାହିତ୍ୟର ଅନ୍ୟତମ ସାରଥୀ ପଣ୍ଡିତ ଗୋଦାବରୀଶ ମିଶ୍ର ଏକାଧାରରେ କବି, ଗାଳ୍ପିକ, ନାଟ୍ୟକାର, ଔପନ୍ୟାସିକ, ପ୍ରାବନ୍ଧିକ, ଚୟନିକା, କଳିକା, କୁସୁମ, ଗୀତାୟନ ଇତ୍ୟାଦି ତାଙ୍କର ପ୍ରମୁଖ କବିତା । ତାଙ୍କର ୨୭ ଗୋଟି କ୍ଷୁଦ୍ରଗଳ୍ପରୁ ଆମେ ମାନବିକ ସମ୍ବେଦନଶୀଳତା, ଜାତୀୟତା, ସାମାଜିକ ସଂସ୍କାର ଆଦିର ଚିତ୍ର ପାଇଥାଉ ।

ଐତିହାସିକ କୃପାସିନ୍ଧୁଙ୍କର ରଚନାରେ ଉତ୍କଳର ଇତିହାସ, ପରମ୍ପରା, ଐତିହ୍ୟ ରୂପ ନେଇଥିଲା । ଓଡ଼ିଶାର ଇତିହାସ, ବାରବାଟୀ, କୋଣାର୍କ ଆଦି ରଚନାରୁ ତାଙ୍କର ଦାର୍ଶନିକ ଚିନ୍ତାଧାରା, ବୈଜ୍ଞାନିକ ଦୃଷ୍ଟିକୋଣର ପରିଚୟ ମିଳିଥାଏ ।

ଏହି ଯୁଗର ସାହିତ୍ୟ ସାଧକ ଆଚାର୍ଯ୍ୟ ହରିହର ଥିଲେ ଜଣେ ସଂଗଠକ । ସେ ଥିଲେ ଜଣେ କର୍ମୀ, ଅନୁବାଦକ । "ଭଗବତଗୀତା"ର ସେ ଅନୁବାଦ କରିଥିଲେ ।

ପରେ ପରେ ସତ୍ୟବାଦୀ ଯୁଗର ଏହି ପଞ୍ଚସଖାଙ୍କ ସହିତ ଯୋଗଦେଇଥିଲେ ବାସୁଦେବ ମହାପାତ୍ର, ବ୍ରଜସୁନ୍ଦର ଦାସ, ଜଗବନ୍ଧୁ ସିଂହ, ଶଶିଭୂଷଣ ରଥ, ଲିଙ୍ଗରାଜ ମିଶ୍ର, ପଦ୍ମଚରଣ ପଟ୍ଟନାୟକ ପ୍ରମୁଖ ସ୍ରଷ୍ଟାଗଣ ।

ମାତ୍ର ୧୫ ବର୍ଷର ସମୟସୀମା ମଧ୍ୟରେ ସତ୍ୟବାଦୀର ସାଧକ ଗୋଷ୍ଠୀ ଯେଉଁ ଚେତନାର ଉଦ୍ରେକ କଲେ ତାହା ପରବର୍ତ୍ତୀ ପିଢ଼ିକୁ ପ୍ରଭାବିତ କରିଅଛି । ଜାତୀୟତା ଭିତରେ ବିଶ୍ୱର ପ୍ରାଣକୁ ଅନୁଭବ କରିବା ଥିଲା ଏମାନଙ୍କର ବୈଶିଷ୍ଟ୍ୟ । ଏହି ଚିନ୍ତା ଓ ଚେତନା ଦ୍ୱାରା ପରବର୍ତ୍ତୀ କାଳରେ ଯେଉଁ ସାହିତ୍ୟିକଗଣ ପ୍ରବାହିତ ହେଲେ, ସେମାନେ ହେଲେ - କାନ୍ତକବି ଲକ୍ଷ୍ମୀକାନ୍ତ, କୁନ୍ତଳାକୁମାରୀ, ଗୋଦାବରୀଶ ମହାପାତ୍ର, ବାଞ୍ଛାନିଧି ମହାନ୍ତି, ବୀରକିଶୋର ଦାସ, ବ୍ରଜମୋହନ ପଣ୍ଡା ପ୍ରମୁଖ ।

ସତ୍ୟବାଦୀ ଯୁଗର ମୁଖ୍ୟପ୍ରବୃତ୍ତି ଥିଲା - ଜାତୀୟତା ।

## ସବୁଜଯୁଗ ସାହିତ୍ୟ :

'ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରାଣପ୍ରତିଷ୍ଠାତା ହୋଇଥିଲା ରାଧାନାଥ ଯୁଗରେ । ବିକାଶର ପାଦ ଥାପିଥିଲା ସତ୍ୟବାଦୀ ଯୁଗରେ । ବିକାଶର ତ୍ୱରାନ୍ୱିତ ହୋଇଅଛି ସବୁଜଯୁଗରେ ।

ସତ୍ୟବାଦୀ ଯୁଗ ଠାରୁ ପୁରାପୁରି ଅଲଗାକରି ସବୁଜଯୁଗକୁ ବିବେଚନା କରାଯାଇପାରିବ ନାହିଁ । ଓଡ଼ିଆ ଭାଷା ଓ ସାହିତ୍ୟରେ ଏହି ଯୁଗର ପରିଧିକୁ ସାଧାରଣତଃ ୧୯୨୧ରୁ ୧୯୩୫ ମଧ୍ୟରେ ସିମୀତ କରାଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ସମାଲୋଚକ ଚିତ୍ତରଂଜନ ଦାସଙ୍କ ମତରେ ଓଡ଼ିଆ ସାହିତ୍ୟରେ ସତ୍ୟବାଦୀ ଯୁଗଟି ସହିତ ଏହି ସବୁଜଯୁଗଟି ପ୍ରାୟ ପାଖାପାଖି ଲାଗି ଲାଗି ହୋଇରହିଛି । ପ୍ରାୟ ଲଦାଲଦି ହୋଇ ରହିଛି ।

ବଙ୍ଗଳାରେ ରବୀନ୍ଦ୍ରନାଥ ଠାକୁର ନୋବେଲ ପୁରସ୍କାର ପାଇସାରିଥାନ୍ତି । ସାରା ଭାରତର ଦୃଷ୍ଟି ବଙ୍ଗଳା ସାହିତ୍ୟ ଉପରେ ପଡ଼ିଥାଏ । ବଙ୍ଗଭୂମିରେ କେତେଜଣ ଯୁବକ ନୂଆ ସ୍ୱର ତୋଳିଥାନ୍ତି । ରାଧାନାଥ ଚୌଧୁରୀଙ୍କ ସଂପାଦନାରେ ପ୍ରକାଶିତ ହେଉଥାଏ ସବୁଜପତ୍ର । ଓଡ଼ିଶାରେ ରେଭେନ୍ସା କଲେଜରେ କେତେଜଣ ତୁରଣ ଛାତ୍ର 'ନନ୍‌ସେନ୍‌ସ୍ କ୍ଲବ୍' ଗଠନ କରି ନୂଆ

ଚିନ୍ତାଧାରା ସୃଷ୍ଟି କଲେ- ସେମାନେ ହେଲେ ଅନ୍ନଦା ଶଙ୍କର ରାୟ, ବୈକୁଣ୍ଠନାଥ ପଟ୍ଟନାୟକ, କାଳିନ୍ଦୀଚରଣ ପାଣିଗ୍ରାହୀ ଏବଂ ଶରତଚନ୍ଦ୍ର ମୁଖାର୍ଜୀ । ପରେ ଏମାନଙ୍କ ସହିତ ହରିହର ମହାପାତ୍ର ଯୋଗ ଦେଇଥିଲେ । ସବୁଜ ଆନ୍ଦୋଳନର ମୁଖପତ୍ର "ଅବକାଶ" ପ୍ରକାଶିତ ହୋଇଥିଲା ଏହି ତରୁଣମାନଙ୍କ ଦ୍ୱାରା ।

"ଉତ୍କଳ ସାହିତ୍ୟ ପତ୍ରିକା"ରେ ପ୍ରକାଶିତ "ସବୁଜସ୍ୱପ୍ନ" ପ୍ରବନ୍ଧରେ କାଳିନ୍ଦୀଚରଣ ଲେଖିଛନ୍ତି - ସବୁଜ କଳ୍ପନାର ପ୍ରାରମ୍ଭକାଳ ବିଂଶ ଶତକର ରକ୍ତସ୍ନାତ ଯୌବନ ଯୁଦ୍ଧୋତ୍ତର ପୁନର୍ଗଠନର ଯୁଗ । ପୃଥିବୀବ୍ୟାପୀ ନବଚେନାର ଜାଗରଣ ।

ଏହି ଯୁଗର ରୋମାଣ୍ଟିକ ଭାବ ବିପ୍ଳବର କବିମାନେ ସ୍ୱପ୍ନଚାରୀ ହୋଇପଡ଼ିବାରୁ ପଳାୟନପନ୍ଥୀ ବୋଲି ନିନ୍ଦିତ ହୋଇଛନ୍ତି । ତଥାପି ଏମାନେ ମାନବିକତାବାଦ, ସମାଜ ସଂସ୍କାର ଓ ସ୍ୱାଧୀନତାର ଜୟଗାନ କରିଅଛନ୍ତି ।'[୨୩୬]

'ସବୁଜଗୋଷ୍ଠୀ ଥିଲେ ଅତିମାତ୍ରାରେ କାଳ୍ପନିକବାଦୀ ବା ସ୍ୱପ୍ନବାଦୀ । ଧ୍ୱଂସପ୍ରାପ୍ତ ପୃଥିବୀଠାରୁ ଦୂରେଇଯାଇ ସେମାନେ ଏକ ନୂଆ ବିଶ୍ୱ ଗଢ଼ିବା ପାଇଁ ସ୍ୱପ୍ନ ଦେଖୁଥିଲେ । ସବୁଜଗୋଷ୍ଠୀ ବ୍ୟକ୍ତି ସର୍ବସ୍ୱବାଦୀ ଥିଲେ । ଓଡ଼ିଆ ସାହିତ୍ୟରେ ଏମାନେ ଏକପ୍ରକାର ବିପ୍ଳବ ସୃଷ୍ଟି କରିଥିଲେ । ଶୋଷିତର ଦୁଃଖ, ଯନ୍ତ୍ରଣାକୁ ଏମାନେ ଅନୁଭବ କରି ରୂପ ଦେଇଥିଲେ ଏହି ଯୁଗର ରଥିମାନେ ଏକ ସାଂସ୍କୃତିକ ଅନୁଷ୍ଠାନ "ସବୁଜସମିତି" ଗଠନ କରି ଏହାର ମୁଖପତ୍ର "ଯୁଗବାଣୀ" ପ୍ରକାଶ କରିଥିଲେ ।

ସବୁଜ ପଞ୍ଚସଖାଙ୍କର ସାଙ୍ଗରେ ପରେ ଯୋଗ ଦେଇଥିଲେ ହରିଶ୍ଚନ୍ଦ୍ର ବାଡ଼ାଲ, କମଳକାନ୍ତ ଦାସ, ଶ୍ୟାମଚରଣ ମୁଖାର୍ଜୀ, ଅନନ୍ତ ପଣ୍ଡା, ସଚ୍ଚିଦାନନ୍ଦ ରାଉତରାୟ, ମାୟାଧର ମାନସିଂହ, ଚିନ୍ତାମଣି ମହାନ୍ତି ଓ ଦିବ୍ୟସିଂହ ପାଣିଗ୍ରାହୀ ପ୍ରମୁଖ । ସେମାନେ ଥିଲେ ରୋମାଣ୍ଟିକ୍ ଭାବ ବିପ୍ଳବର ଶିଳ୍ପୀ ।

ସୁବଜସାରଥୀ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଲେଖନୀରୁ ମୁକ୍ତିଲାଭ କଲା "ମାଟିର ମଣିଷ" । ଏଥିରେ ଲେଖକ ଗାନ୍ଧିବାଦୀ ସଂସ୍କୃତିର ଚିତ୍ର ପ୍ରଦାନ କରିଛନ୍ତି । ପଲ୍ଲୀ ସଂସ୍କୃତିର ଚିତ୍ର ସାଙ୍ଗକୁ ସାମ୍ୟଭାବ, ପ୍ରେମ ଏଥିରେ ପ୍ରତିନିଧିତ୍ୱ ହୋଇଉଠିଛି । "ମୁକ୍ତାଗଡ଼ର କ୍ଷୁଧା", "ଅମରଚିତା" ଉପନ୍ୟାସରେ କାଳିନ୍ଦୀଚରଣ ଢେଙ୍କାନାଳର ବିବଦମାନ ଘଟଣାସବୁକୁ ସ୍ଥାନ ଦେଇଛନ୍ତି ।

[୨୩୬] ପ୍ରାଧ୍ୟାପକ ମୃତ୍ୟୁଞ୍ଜୟ ନାୟକ, ଓଡ଼ିଆ ସାହିତ୍ୟର ଇତିହାସ, ଟଣ୍ଡୀ ପୁସ୍ତକାଳୟ, କଟକ-୧୯୯୮, ପୃ-୯

ରାଜାଙ୍କର ଅତ୍ୟାଚାର, ପ୍ରଜା ଆନ୍ଦୋଳନର ଚିତ୍ର ଏଥିରେ ବର୍ଣ୍ଣିତ । ସମସାମୟିକ ସମାଜ, ସଂସ୍କୃତିର ଏକ ସମର୍ପିତ ସ୍ୱର ଏହି ଉପନ୍ୟାସରେ ଶୁଣାଯାଏ ।

କାଳିନ୍ଦୀଚରଣ ଲେଖିଛନ୍ତି - ନାଟକ - "ସୌମ୍ୟା", "ପଦ୍ମିନୀ" ଓ ଗଳ୍ପପୁସ୍ତକ "ଦ୍ୱାଦଶୀ" । ଏଥିରେ ଆମ୍ଭେ ଉତ୍କଳର ଇତିହାସ, ପରମ୍ପରା ଓ କିମ୍ବଦନ୍ତୀର ଗୌରବୋଜ୍ଜ୍ୱଳ ଚିତ୍ରକୁ ଦେଖୁ । ବାସ୍ତବରେ କାଳନ୍ଦୀବାବୁ ଥିଲେ ମାନବବାଦୀ ଶିଳ୍ପୀ । "ପୁରୀ ମନ୍ଦିର" କବିତାରେ ମାନବଚେତନା ତାଙ୍କ କବିତାର ଅନ୍ତସ୍ୱର ।

ସବୁଜଗୋଷ୍ଠୀଙ୍କର ଅନ୍ୟତମ ସ୍ରଷ୍ଟା ହେଉଛନ୍ତି ବୈକୁଣ୍ଠ ପଟ୍ଟନାୟକ । ରୋମାଣ୍ଟିକ୍ ଭାବପ୍ରବଣତା, ଯୌବନର ବନ୍ଦନା ଭିତରେ ଏକ ରହସ୍ୟବାଦୀ ଚିନ୍ତାଧାରା ତାଙ୍କର କବିତାରେ ଦେଖିବାକୁ ମିଳିଥିଲା । ବୈକୁଣ୍ଠନାଥଙ୍କର କବିତାବଳୀରେ ସବୁଜ ଚିନ୍ତାଧାରାର ସ୍ୱର ଶୁଣାଯାଏ ।

ଅନ୍ନଦାଶଙ୍କର ସବୁଜଗୋଷ୍ଠୀର ଏକ ପ୍ରଭାବଶାଳୀ କବି । ତାଙ୍କର କବିତାଗୁଡ଼ିକ ସମାଜ ବ୍ୟବସ୍ଥା ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଅଛି । ମୁକ୍ତିର ସଙ୍ଗୀତ ଗାନ ସହ ପ୍ରଳୟର ପ୍ରେରଣା ସୃଷ୍ଟି କରିଛି ତାଙ୍କର କବିତା । ପ୍ରଳୟପ୍ରେରଣା ଏବଂ ସୃଜନସ୍ୱପ୍ନ ମଧ୍ୟରେ କବିଙ୍କର ବିଭକ୍ତ ମାନସିକତାକୁ ଧରିହୁଏ । ସେ ଅତିମାତ୍ରାରେ ବ୍ୟକ୍ତି ସଚେତନ ଶିଳ୍ପୀ ।

ଏହି ସମୟରେ ନାଟ୍ୟ ଜଗତର ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଥିଲା । ଦୁଇଜଣ ସ୍ୱନାମଧନ୍ୟ ସ୍ରଷ୍ଟା - ଅଶ୍ୱିନୀକୁମାର ଘୋଷ ଓ କାଳିଚରଣ ପଟ୍ଟନାୟକ । ସେମାନଙ୍କ ବ୍ୟତୀତ ତାଙ୍କ ସାଙ୍ଗରେ ଯୋଗଦେଲେ - ବାଳକୃଷ୍ଣ କର, କାଳିନ୍ଦୀଚରଣ ପାଣିଗ୍ରାହୀ, କାର୍ତ୍ତିକ କୁମାର ଘୋଷ, ଲାଲ ନଗେନ୍ଦ୍ର କୁମାର ରାୟ, ରମାରଂଜନ ମହାନ୍ତି, ବୈଷ୍ଣବପାଣି ପ୍ରମୁଖ ।

ମୋଟ ଉପରେ ଦେଖିବାକୁ ଗଲେ - ଶେଷ ପର୍ଯ୍ୟାୟକୁ ବହୁ ଲେଖକଙ୍କର ଆବିର୍ଭାବ ଘଟିଅଛି । ସେମାନଙ୍କର ଲେଖନୀ ଦ୍ୱାରା ଓଡ଼ିଆ ସାହିତ୍ୟ ସମୃଦ୍ଧ ହୋଇପାରିଅଛି ।'[୨୩୭]

## ପ୍ରଗତିଯୁଗ ସାହିତ୍ୟ :

'ଓଡ଼ିଶାରେ ସବୁଜଯୁଗ ପରେ ପରେ ପ୍ରଗତିଯୁଗର ଆରମ୍ଭ ହୋଇଥିଲା । ଓଡ଼ିଶାରେ ସବୁଜ ଆନ୍ଦୋଳନରେ ଅନେକ ରଥୀ ଶେଷ ପର୍ଯ୍ୟାୟକୁ ସେମାନଙ୍କର ସ୍ୱର ପରିବର୍ତ୍ତନ କରିଅଛନ୍ତି ।

[୨୩୭] ତତ୍ରୈବ, ପୃ

ସାରା ବିଶ୍ୱରେ ଯେଉଁ ପରିବର୍ତ୍ତନ ଦେଖାଦିଏ, ତାହାର ପ୍ରଭାବ ମଧ୍ୟ ଭାରତୀୟ ପ୍ରାନ୍ତୀୟ ସାହିତ୍ୟମାନଙ୍କରେ ଦେଖାଦିଏ । ୧୯୩୫ ମସିହାରେ ଆନ୍ତର୍ଜାତୀୟ କମ୍ୟୁନିଷ୍ଟ ସଂଘ ପ୍ରତିଷ୍ଠା ହେଲା । ସାରା ବିଶ୍ୱରେ ସାମ୍ୟବାଦୀ ଚିନ୍ତାଧାରାର ଝଲକ ଖେଳିଯାଏ । ଭାରତବର୍ଷରେ ପ୍ରଗତିଶୀଳ ଲେଖକ ଗୋଷ୍ଠୀ ଏକ ସଂଗଠନ ଗଢ଼ିବସନ୍ତି ନିର୍ଦ୍ଦିଷ୍ଟ ଧାରାକୁ ଭାବବିହ୍ୱଳତାକୁ କେନ୍ଦ୍ରକରି । ଓଡ଼ିଶାରେ ଏହାର ପ୍ରଭାବ ଅନୁଭୂତ ହୋଇଥାଏ ।

ଓଡ଼ିଶାରେ ସାମ୍ୟବାଦୀ ଚିନ୍ତାଧାରାର ପ୍ରବର୍ତ୍ତକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ନେତୃତ୍ୱରେ ୧୯୩୫ ମସିହାରେ "ନବଯୁଗ ସାହିତ୍ୟ ସଂସଦ" ଗଠନ ହେଲା । ଏହି ଅନୁଷ୍ଠାନର ମୁଖପତ୍ର ରୂପେ "ଆଧୁନିକ" ପ୍ରକାଶିତ ହୁଏ ।

ଭଗବତୀଚରଣ "ଆଧୁନିକ"ରେ ଲେଖିଥିଲେ ଜଗତର ସବୁଅଂଶରେ ଏକ ତୁମୂଳ ପରିବର୍ତ୍ତନର ଆଭାସ ମିଳୁଛି ଏବଂ ଏହି ପରିବର୍ତ୍ତନ ନାନା ସ୍ଥଳରେ ଯେପରି ବିବିଧ ଉପାୟରେ ଆତ୍ମପ୍ରକାଶ କରୁଅଛି । ଓଡ଼ିଶାରେ ଆଧୁନିକତାରେ ଆବିର୍ଭାବ ସେହିପରି ଗୋଟିଏ ପ୍ରାଥମିକ ଉପାୟରେ ଚିହ୍ନମାତ୍ର । ଏହି ପରିବର୍ତ୍ତନର ଆହ୍ୱାନ ଯେ, ଓଡ଼ିଶାର ଯୁବପ୍ରାଣକୁ ଚଞ୍ଚଳ କରିଛି, ଆଧୁନିକ ତାହାର ନିଦର୍ଶନ ।'[୨୩୮]

ଓଡ଼ିଆ ସାହିତ୍ୟରେ ସାମ୍ୟଭାବ ଆଣିବା, ସାମାଜିକ ନ୍ୟାୟ ଲୋଡ଼ିବା ଏବଂ ଦାରିଦ୍ର୍ୟର ଦୂରୀକରଣ ପାଇଁ ସଂଗ୍ରାମ କରିବା ହେଲା ପ୍ରଗତିଶୀଳ ଲେଖକମାନଙ୍କର ଆଭିମୁଖ୍ୟ । ଏମାନେ ରାଜନୀତି ସହ ଓତଃପ୍ରୋତ ଭାବରେ ଜଡ଼ିତ ଥିଲେ ।

ଓଡ଼ିଶାର ଶୋଷିତ ଓ ଦରିଦ୍ର ଶ୍ରେଣୀକୁ ଜାଗ୍ରତ କରାଇବା ଥିଲା ପ୍ରଗତିବାଦୀ ସାହିତ୍ୟିକମାନଙ୍କର ଲକ୍ଷ୍ୟ । ଏମାନେ ଗଣଚେତନାଧର୍ମୀ ସାହିତ୍ୟ ସୃଷ୍ଟି କଲେ । ଓଡ଼ିଶାରେ ଗଡ଼ଜାତ ରାଜାମାନଙ୍କର ଅତ୍ୟାଚାର, ଶୋଷଣ ବିରୁଦ୍ଧରେ ପ୍ରଗତିବାଦୀ ଲେଖକମାନେ ସ୍ୱର ଉତ୍ତୋଳନ କଲେ । କୃଷକ ସଭା ଗଡ଼ଜାତ ଆନ୍ଦୋଳନ ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ବୈପ୍ଳବିକ ପଦକ୍ଷେପମାନ ସହଜ ଗ୍ରହଣ କଲା । ସାମ୍ୟବାଦୀ ଆଦର୍ଶକୁ କେନ୍ଦ୍ରକରି ମୁକ୍ତିଲାଭ କଲା, ପ୍ରଗତି, ସନ୍ଧାନ, ସଂକେତ, ସର୍ବହାର, ମୁକ୍ତିଯୋଦ୍ଧା ଆଦି ପତ୍ରିକା ।

[୨୩୮] ତତ୍ରୈବ, ପୃ-୧୦, ୧୧

୧୯୩୫ରୁ ୧୯୪୭ ମସିହା ପର୍ଯ୍ୟନ୍ତ ସୃଷ୍ଟ ଏହି ପ୍ରଗତିବାଦୀ ସାହିତ୍ୟର ବିଶେଷତ୍ୱ ଥିଲା ।

ପ୍ରଗତିବାଦୀ ଯୁଗର ଲେଖକମାନଙ୍କ ମଧ୍ୟରେ ରାଧାନାଥ ରଥ, ଉଦୟନାଥ ଷଡ଼ଙ୍ଗୀ, କପିଳେଶ୍ୱର ଦାସ, ଶ୍ରଦ୍ଧାକର ସୂପକାର, ଚିନ୍ତାମଣି ଆଚାର୍ଯ୍ୟ, ଜୟକୃଷ୍ଣ ମିଶ୍ର, ପ୍ରହ୍ଲାଦ ପ୍ରଧାନ, ଗୋଲକ ବିହାରୀ ଧଳ, ସଦାଶିବ ମିଶ୍ର, ଚିନ୍ତାମଣି ଦାଶ, କାହ୍ନୁଚରଣ ମିଶ୍ର, ଗୌରୀକୁମାର ବ୍ରହ୍ମା, ନଟବର ସାମନ୍ତରାୟ ପ୍ରମୁଖ । ଏହି ଲେଖକଗଣ ବୈଜ୍ଞାନିକ ଏବଂ ଐତିହାସିକ ଦୃଷ୍ଟିକୋଣରୁ ଓଡ଼ିଆ ସାହିତ୍ୟକୁ ଆଲୋଚନା କରିଅଛନ୍ତି ।

ପ୍ରଗତିବାଦୀ ଯୁଗରେ କାବ୍ୟ କବିତା କ୍ଷେତ୍ରରେ ସିଦ୍ଧିଲାଭ କରିଅଛନ୍ତି - ସଚ୍ଚି ରାଉତରାୟ, ରାଧାମୋହନ ଗଡ଼ନାୟକ, ମନମୋହନ ମିଶ୍ର, ଚନ୍ଦ୍ରମଣି ଦାସ, କୃଷ୍ଣଚନ୍ଦ୍ର ତ୍ରିପାଠୀ, କୁଞ୍ଜବିହାରୀ ଦାଶ ପ୍ରମୁଖ ସ୍ରଷ୍ଟା । ଏହି କବିମାନଙ୍କର କୃତିରେ ଅତୀତ ଇତିହାସର ଗୌରବମୟ ସ୍ମୃତିଚାରଣ, ବିଦ୍ରୋହର ସୁରଝଙ୍କାର, ରୋମାଣ୍ଟିକ ଦୃଷ୍ଟିଭଙ୍ଗୀ, ମାନବର ପ୍ରେମ, ଜୟଗାନ ଆଦି ଶୁଣିବାକୁ ମିଳିଥାଏ ।

ସଚ୍ଚି ରାଉତରାୟଙ୍କ ଉପନ୍ୟାସ "ଚିତ୍ରଗ୍ରୀବ", ଗଳ୍ପଗ୍ରନ୍ଥ "ମଶାଣିର ଫୁଲ", କାହ୍ନୁଚରଣ ମହାନ୍ତିଙ୍କର "ହା-ଅନ୍ନ", "ଶାସ୍ତି" ଉପନ୍ୟାସ, ଗୋପୀନାଥ ମହାନ୍ତିଙ୍କର "ପରଜା", "ଅମୃତର ସନ୍ତାନ" ଉପନ୍ୟାସ; କମଳକାନ୍ତ ଦାସଙ୍କର ଉପନ୍ୟାସ "ବୋଉ", "ଶରଦୀନାନୀ", "ମନର ଦାସ"; ନିତ୍ୟାନନ୍ଦ ମହାପାତ୍ରଙ୍କର ଉପନ୍ୟାସ "ଭଙ୍ଗାହାଡ଼", "ହିଡ଼ମାଟି"; ରାମପ୍ରସାଦ ସିଂହଙ୍କ ଉପନ୍ୟାସ "ପୂଜାର ବଳି"; ଦିବ୍ୟସିଂହ ପାଣିଗ୍ରାହୀଙ୍କର "ତୁ ମୋ ମାଆ" ଉପନ୍ୟାସ, ଓଡ଼ିଶାର ପାଣି, ପବନ ଓ ମଣିଷର କଥା ରୂପ ନେଲା ।

ପ୍ରଗତି ସାହିତ୍ୟ ଯୁଗ ସମୟରେ ନାଟ୍ୟକାର ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି - ଅଶ୍ୱିନୀକୁମାର ଓ କାଳୀଚରଣ । ଓଡ଼ିଶାର ଇତିହାସ, ପୁରାଣ ଏବଂ ସମାଜ ଜୀବନରୁ ଏମାନେ ଖୋରାକ ସଂଗ୍ରହ କରି ନାଟକର ରୂପ ଦେଇଛନ୍ତି । ସାମାଜିକ ନାଟକର ଜୟଯାତ୍ରା ଏହି ସମୟରେ ଆରମ୍ଭ ହୋଇଅଛି । ଏମାନଙ୍କ ବ୍ୟତୀତ ରାମଚନ୍ଦ୍ର ମହାପାତ୍ରଙ୍କ "ରଘୁ ଅରକ୍ଷିତ", "ସୁଦାମା"; ପ୍ରାଣବନ୍ଧୁ କରଙ୍କର କେତେକ ଏକାଙ୍କିକା, ଲକ୍ଷ୍ମୀଧର ନାୟକଙ୍କ "ଲାଲ୍‌ଟାବୁକ୍", "ଧର୍ମପତ୍ନୀ"; ସତ୍ୟନାରାୟଣ ପଣ୍ଡାଙ୍କ "ଉତ୍କଳ ବିଜେତା", "ସମ୍ରାଟ ଅଶୋକ" ଆଦି ନାଟକରେ ଉତ୍କଳର ଇତିହାସ, ଲୋକସଂସ୍କୃତି ଆଦି ଜୀବନ୍ତ ଭାବରେ ରୂପାୟିତ ହୋଇଅଛି ।

ଏହି ଅବଧିର ଶେଷ ପର୍ଯ୍ୟାୟରେ କେତେକ କଥାକାର ଆସିଛନ୍ତି, ସେମାନେ ହେଲେ - ଜ୍ଞାନୀନ୍ଦ୍ର ବର୍ମା, ରାଜକିଶୋର ରାୟ, ରାଜକିଶୋର ପଟ୍ଟନାୟକ, ଲକ୍ଷ୍ମୀନାରାୟଣ ମହାନ୍ତି ପ୍ରମୁଖ । ରାଜକିଶୋର ପଟ୍ଟନାୟକଙ୍କର ଗଳ୍ପ ଓ ଉପନ୍ୟାସ - "ସିନ୍ଦୁରଗାର", "କଜ୍ଜଳଗାର", "ଭସାମେଘ", "ଶାଳଗ୍ରାମ", "ତୁଠପଥର"; ଲକ୍ଷ୍ମୀଧର ନାୟକଙ୍କ ଉପନ୍ୟାସ "ଉଦ୍‌ଭ୍ରାନ୍ତି", "ସର୍ବହରା", "ହାୟରେ ଦୁର୍ଭାଗ୍ୟ ଦେଶ"; ଲକ୍ଷ୍ମୀନାରାୟଣ ମହାନ୍ତିଙ୍କର ଗଳ୍ପଗ୍ରନ୍ଥ "ନୈବେଦ୍ୟ", "ଉଡ଼ନ୍ତା ବୋମା", "ଗୋଟିଏ ସନ୍ଧ୍ୟା" ଓ ଉପନ୍ୟାସ ମଧ୍ୟରେ "ହାତକଡ଼ି", "ମାୟାପୁରୀ" ଓ "ପିଶାଚ" । ରାଜକିଶୋର ରାୟଙ୍କ ଗଳ୍ପଗ୍ରନ୍ଥ "ନୀଳ ଲହରୀ", "ବକଶତଦଳ", "ଅଶୋକଚକ୍ର", "ବନଜ୍ୟୋତ୍ସ୍ନା"; ଜ୍ଞାନେନ୍ଦ୍ର ବର୍ମାଙ୍କର "ଲାଲଘୋଡ଼ା", "ଶତାବ୍ଦୀର ସ୍ୱପ୍ନଭଙ୍ଗ", "ତିନୋଟି ହୃଦୟର କାହାଣୀ" ଆଦି ଉପନ୍ୟାସରେ ଆମେ ଉତ୍କଳର ଲୋକକଥା, କିମ୍ବଦନ୍ତୀ, ଜାତୀୟତାର ଜୀବନ୍ତ ଚିତ୍ର ଦେଖିବାକୁ ପାଇଥାଉ ।

## ସ୍ୱାଧୀନତା ପରବର୍ତ୍ତୀ ଯୁଗରେ ଓଡ଼ିଆ ସାହିତ୍ୟ :

'୧୯୪୭ ମସିହାରେ ଆମ ରାଷ୍ଟ୍ର ଭାରତବର୍ଷର ସ୍ୱାଧୀନତା ପ୍ରାପ୍ତି ମଣିଷ ମନରେ ଯେଉଁ ଉଲ୍ଲାସ ଖେଳାଇଦେଲା, ପରବର୍ତ୍ତୀ ସମୟରେ କଳୁଷିତ ସାମାଜିକ ଓ ରାଜନୈତିକ ବାତାବରଣ - ଆଶା ଓ ନିରାଶାର ଦ୍ୱନ୍ଦ୍ୱ ଓ ବ୍ୟର୍ଥତାବୋଧ ମଧ୍ୟରେ ମଣିଷକୁ କରିଦେଲା ବିବ୍ରତ ଓ ବିଷର୍ଣ୍ଣ । ଏହି ଯୁଗରେ ବିଜ୍ଞାନର ଭୂୟସୀ ବିକାଶ ଫଳରେ ସାହିତ୍ୟ ରାଜ୍ୟରେ ନାନା ପରୀକ୍ଷା, ନୀରିକ୍ଷାର ସୂତ୍ରପାତ ହେଲା । ତେଣୁ ସାଂପ୍ରତିକ ସାହିତ୍ୟରେ ଆତ୍ମିକ-ଅଙ୍ଗୀକାର ପରୀକ୍ଷା ସହ ସାହିତ୍ୟରେ ଆନନ୍ଦବାଦ ଓ ବିଷାଦବାଦ ଯୁଗପତ୍ ଭାବରେ ବିକସିତ ହେଲା - ସାହିତ୍ୟର ପ୍ରତ୍ୟେକ ବିଭାଗରେ ବିଶ୍ଳେଷଣାତ୍ମକ ସମାଲୋଚନା ଦେଖିବାକୁ ମିଳିଲା । ମୃତ୍ୟୁଚେତନା ଓ ଆଧ୍ୟାତ୍ମିକ ଉତ୍ତରଣ ସାମ୍ପ୍ରତିକ କାବ୍ୟକବିତାର ପ୍ରଧାନ ବୈଶିଷ୍ଟ୍ୟ ହୋଇପଡ଼ିଛି ।'[୨୩୯]

'ଏହି ଯୁଗର ପ୍ରଖ୍ୟାତ କବି ଓ ସାହିତ୍ୟିକଗଣ ହେଲେ - ଗୁରୁପ୍ରସାଦ ମହାନ୍ତି, ଭାନୁଜୀ ରାଓ, କବି ପଦ୍ମଭୂଷଣ ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ଗୋପାଳ ଛୋଟରାୟ, ଗୋପୀନାଥ ମହାନ୍ତି, ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି, କଥାକାର ମନୋଜ ଦାସ, ସମାଲୋଚକ ଡକ୍ଟର ନଟବର ସାମନ୍ତରାୟ, ନାଟ୍ୟକାର ରାମଚନ୍ଦ୍ର ମିଶ୍ର, ଭଂଜକିଶୋର ପଟ୍ଟନାୟକ, କଥାଶିଳ୍ପୀ କିଶୋରୀ ଚରଣ

[୨୩୯] ତତ୍ରୈବ, ପୃ-୧୧

ଦାସ, କବି ବିନୋଦ ଚନ୍ଦ୍ର ଦାସ, ରାମଚନ୍ଦ୍ର ମିଶ୍ର (ଫତୁରାନନ୍ଦ), ପ୍ରାବନ୍ଧିକ ଚିତ୍ତରଂଜନ ଦାସ, ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ । ସମାଲୋଚକ ଚିନ୍ତାମଣି ବେହେରା, କବି ଡକ୍ଟର ଅସୀତ କବି, ସମାଲୋଚକ ଭୁବନେଶ୍ୱର ବେହେରା, ପ୍ରାବନ୍ଧିକ ଡକ୍ଟର ବଂଶୀଧର ମହାନ୍ତି, ଫଠାଣୀ ପଟ୍ଟନାୟକ, ଅଖିଳମୋହନ ପଟ୍ଟନାୟକ, ଡକ୍ଟର ବେଣୀମାଧବ ପାଢ଼ୀ, ଡକ୍ଟର ସତ୍ୟନାରାୟଣ ରାଜଗୁରୁ, ପ୍ରାବନ୍ଧିକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପ୍ରଖ୍ୟାତ ଔପନ୍ୟାସିକ ଶାନ୍ତନୁ କୁମାର ଆଚାର୍ଯ୍ୟ, ମହାପାତ୍ର ନୀଳମଣି ସାହୁ, ଡକ୍ଟର କୃଷ୍ଣଚନ୍ଦ୍ର ବେହେରା, ନାଟ୍ୟକାର ବିଜୟ ମିଶ୍ର, ନାଟ୍ୟକାର, ଗାଳ୍ପିକ ଡକ୍ଟର ରତ୍ନାକର ଚଇନି, କବି ରବୀନ୍ଦ୍ରନାଥ ସିଂହ, କବି ଡକ୍ଟର ସୌଭାଗ୍ୟକୁମାର ମିଶ୍ର, ଡକ୍ଟର ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ), ବ୍ରଜନାଥ ରଥ, ଔପନ୍ୟାସିକା ଡକ୍ଟର ପ୍ରତିଭା ରାୟ, ଅଧ୍ୟାପକ ସୌରିନ୍ଦ୍ରୀ ବାରିକ, ଔପନ୍ୟାସିକ ବିଭୂତି ପଟ୍ଟନାୟକ, ଔପନ୍ୟାସିକା ବୀଣାପାଣି ମହାନ୍ତି, କବି ବେଣୁଧର ରାଉତ, କବି ଡକ୍ଟର ପ୍ରସନ୍ନ ପାଟଶାଣୀ, ଜଗନ୍ନାଥ ପ୍ରସାଦ ଦାସ ପ୍ରମୁଖ ବହୁ ବିଶିଷ୍ଟ ପ୍ରବୀଣ ତଥା ନବୀନ ସ୍ରଷ୍ଟାଗଣ ।

ଏମାନଙ୍କର କଲମ ଚାଳନାରେ ଓଡ଼ିଆ ସାହିତ୍ୟ ଋଦ୍ଧିମନ୍ତ ଓ ପ୍ରସ୍ଫୁଟିତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ଏମାନେ ସମସ୍ତେ ଆଧୁନିକ ଓଡ଼ିଆ ସାହିତ୍ୟର ଏକଏକ ମାଇଲ ଖୁଣ୍ଟି ।

ସାହିତ୍ୟର ବିଭିନ୍ନ ବିଭାଗରେ କୃତବିଦ୍ୟତା ପ୍ରଦର୍ଶନ କରି ବହୁ କବି ଓ ଲେଖକ କେନ୍ଦ୍ର ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ରାଜ୍ୟର ବିଶିଷ୍ଟ ସାହିତ୍ୟ ପ୍ରତିଷ୍ଠାନ ଦ୍ୱାରା ପୁରସ୍କୃତ ହୋଇଅଛନ୍ତି । ଓଡ଼ିଆ ସାହିତ୍ୟ ସର୍ବଭାରତୀୟ ତଥା ଆନ୍ତର୍ଜାତୀୟ କ୍ଷେତ୍ରରେ ସୁନାମ ଅର୍ଜନ ପୂର୍ବରୁ ନିଜର ଗତିପଥରେ ଆଗେଇ ଚାଲିଛି ।

ଏ ଯୁଗରେ ସାହିତ୍ୟର ପ୍ରଧାନ ଆଭିମୁଖ୍ୟ ହେଉଛି ଆନ୍ତର୍ଜାତୀୟବାଦ, ବିଶ୍ୱବୋଧ ଓ ମାନବବାଦ । ସାମ୍ପ୍ରତିକ କାଳରେ ସାହିତ୍ୟର ବିକାଶ ଓ ବିସ୍ତୃତି ଲକ୍ଷ୍ୟ କଲେ ଆଶାନ୍ୱୀତ ହେବାକୁ ହୋଇଥାଏ ।

ଆଧୁନିକ ବିଜ୍ଞାନର ଆବିଷ୍କାର, ଉଦ୍ଭାବନ ଅନ୍ଧକାରମୟ ପୃଥିବୀର ନବଦିଗନ୍ତ ସିଦ୍ଧାନ୍ତ ହେଲା, ପୂର୍ବଯୁଗର ଅନୁଦ୍‌ଘାଟିତ ବହୁ ଜିନିଷର ଆବିଷ୍କାର ଫଳରେ ତାହା ପୃଥିବୀର ରହସ୍ୟ ଉଦ୍‌ଘାଟନର ସହାୟକ ହେଲା । ଏହା ସହିତ ସମତାଳ ଦେଇ ମଣିଷର ମନ ତଥା ହୃଦୟ ରାଜ୍ୟରେ ଲୁକ୍କାୟିତ ହୋଇ ରହିଥିବ । ଅସଂଖ୍ୟ ଭାବ ଓ ଭାବନାକୁ ମନସ୍ତତ୍ତ୍ୱବିତ୍‌ମାନେ ଉଦ୍‌ଘାଟନ

କରି ତାହାର ସତ୍ୟାସତ୍ୟ ନିରୂପଣ କରିବାରେ ସମର୍ଥ ହେଲେ । ତେଣୁ ବିଶ୍ୱର ବହୁବିଦ୍ଧ ବିସ୍ମୟ ଲୋକଲୋଚନକୁ ଆସିବା ଦ୍ୱାରା ସାହିତ୍ୟିକଗଣ କଳାତ୍ମକତାରେ ସେଗୁଡ଼ିକୁ ଫୁଟାଇଲେ ।

ଆଧୁନିକ ବିଜ୍ଞାନ ପରି ଆଧୁନିକ ରାଜନୀତି ଜନମାନସକୁ ଆକ୍ରାନ୍ତ କରି ରଖିଅଛି । ବିଜ୍ଞାନ ତଥା ରାଜନୀତି କବଳରେ ଆଜି ମଣିଷ ପ୍ରତି ମୁହୂର୍ତ୍ତରେ କବଳିତ ବିଜ୍ଞାନର ଭୟୋଦର୍ଶନ ଓ ରାଜନୀତିକ ଘଣ୍ଟାଚକଟାରେ ମଣିଷ ସନ୍ତୁଳିତ । ସତେ ଯେପରି ତାହାର ନିସ୍ତାର ନାହିଁ ! ପ୍ରାଚୀନ ଧର୍ମବିଶ୍ୱାସୀ ଓ ପ୍ରଥାସିଦ୍ଧ ପରମ୍ପରା ବିରୁଦ୍ଧରେ ବିଜ୍ଞାନ ଓ ରାଜନୀତି ପ୍ରବଳ ପ୍ରତିବନ୍ଧକ ସୃଷ୍ଟି କରିଚାଲିଅଛି ।

ତଥାପି ଯୁକ୍ତିବାଦୀ ମଣିଷ ପ୍ରାଚୀନ ଓ ନବୀନ ଭାବଧାରା ମାଧ୍ୟମରେ ଆନ୍ଦୋଳିତ ହୋଇ ତାହାର ସତ୍ୟାସତ୍ୟ ନିରୂପଣରେ ପରୀକ୍ଷା ପ୍ରୟୋଗ ମଧ୍ୟରେ ଗତିକରିଚାଲିଛି । ତେଣୁ ସାହିତ୍ୟ ପ୍ରତ୍ୟେକ ବିଭାଗରେ ମୁହୁର୍ମୁହୁ ପରିବର୍ତ୍ତନ ସଂଗଠିତ ହେବାରେ ଲାଗିଛି । ତେଣୁ କାଳଜୟୀ ସାହିତ୍ୟ ତାହାର ଚିରନ୍ତନ ମୂଲ୍ୟବୋଧକୁ ହରାଇନାହିଁ ।'[୨୪୦]

## ଓଡ଼ିଆ ସାହିତ୍ୟର ସୁଦୀର୍ଘ ସାରସ୍ୱତ୍ତ୍ୱ ପରମ୍ପରାରେ ନନ୍ଦିନୀଙ୍କ ଭୂମିକା :

ଓଡ଼ିଆ ସାହିତ୍ୟର ସୁଦୀର୍ଘ ସାରସ୍ୱତ୍ତ୍ୱ ପରମ୍ପରାରେ ନନ୍ଦିନୀ ଶତପଥୀଙ୍କ ଅନୁବାଦକୁ କେହି ଅସ୍ୱୀକାର କରିପାରିବେ ନାହିଁ । ମାତ୍ର ତାଙ୍କର ରାଜନୈତିକ ପ୍ରତିଭାର ପ୍ରଭାବ ବଳରେ ସାରସ୍ୱତ୍ତ୍ୱ ସାଧିକା ନନ୍ଦିନୀଦେବୀଙ୍କ ପରିଚୟ ଯେପରି ଊଣା ହୋଇଯାଉଛି ।

ଜଣେ ସାହିତ୍ୟିକ, ସାଂସ୍କୃତିକ ବୁନିଆଦି ଥିବା ପରିବାରରେ ନନ୍ଦିନୀ ଶତପଥୀ ୧୯୩୧ ମସିହା ଜୁନ୍ ମାସ ୯ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ବଡ଼ ବାପା ଦିବ୍ୟସିଂହ ପାଣିଗ୍ରାହୀ ଥିଲେ ଜଣେ ସାହିତ୍ୟିକ । ତାଙ୍କର ଉପନ୍ୟାସ "ତୁମେ ମୋ ମାଆ" ଓଡ଼ିଆ ସାହିତ୍ୟ ଜଗତରେ ଏକ ମାଇଲଖୁଣ୍ଟି । ତାଙ୍କର ବାପା ସବୁଜଯୁଗର ସାରଥୀ ପଦ୍ମଭୂଷଣ କବି କାଳିନ୍ଦୀଚରଣ ପାଣିଗ୍ରାହୀ ତାଙ୍କର "ମାଟିର ମଣିଷ" ଓଡ଼ିଆ ସାହିତ୍ୟ ଜଗତରେ ଏକ ଉଜ୍ଜ୍ୱଳ ଦୀପଶିଖା । କକେଇ କ୍ରମେଡ୍ ଭଗବତୀଚରଣ ପାଣିଗ୍ରାହୀଙ୍କର ସ୍ୱରଚିତ "ଶିକାର" ଗଳ୍ପ ସମଗ୍ର ଦେଶରେ ହଟଚମଟ ହୋଇଥିଲା ।

---

[୨୪୦] ତତ୍ରୈବ, ପୃ-୧୧, ୧୨

ପିଲାଟିଦିନରୁ ନନ୍ଦିନୀଦେବୀ ଜଣେ ସାହିତ୍ୟିକ ବୁନିଆଦିର ପରିବାରରେ ବଢ଼ିଥିବାରୁ ବାପା ଓ କାକାଙ୍କର ପ୍ରଭାବ ତାଙ୍କ ଉପରେ ପିଲାଟିଦିନରୁ ପଡ଼ିଥିବାରୁ ସେ ସପ୍ତମ ଶ୍ରେଣୀରେ ପାଠ ପଢୁଥିବା ସମୟରେ "ଅନାଥ" ନାମକ ଏକ ଗଳ୍ପ ରଚନା କରିଥିଲେ । ସେହିଦିନଠାରୁ ନନ୍ଦିନୀଦେବୀ ନିଜକୁ ସାହିତ୍ୟ ରଚନାରେ ମନୋନିବେଶ କରିଥିଲେ । ନନ୍ଦିନୀଦେବୀ ଗଭୀର ମାନବାତ୍ମୀ ଚେତନା ଓ ସମ୍ବେଦନାର ଭରପୂର ହୃଦୟଟିଏ ନେଇ ସାହିତ୍ୟ ରଚନାରେ ସେ ନିଜକୁ ସାମିଲ କରିଥିଲେ ।

ରାଜନୀତିକ ଚକ୍ରବ୍ୟୁହରେ ପଡ଼ି ନନ୍ଦିନୀ ସବୁକିଛି ଭୁଲିଯାଇଥିଲେ, ମାତ୍ର ଭୁଲିନଥିଲେ ସାରସ୍ୱତ୍ୱ ସାଧନାକୁ । ମଣିଷକୁ ଭଲପାଇ ସେ ହୋଇଥିଲେ କବି, ତା'ର ଦୁଃଖ ଦୁର୍ଦ୍ଦଶାକୁ ନିଜର ଲେଖନୀ ମୁନରେ ରୂପାୟିତ କରି ସେ ପାଲଟିଥିଲେ ଗାଳ୍ପିକା ଓ ଅନୁବାଦିକ । ଗରୀବ ମଣିଷର ଅକୁହା କଥା ଆନ୍ଦୋଳିତ କରିଥିଲା ନନ୍ଦିନୀଙ୍କ ପ୍ରାଣକୁ । ସେ ସବୁଥିରେ ଲଢୁଥିଲେ ସାଧାରଣ ଅତ୍ୟାଚାରିତ, ଦୁର୍ଦ୍ଦଶାଗ୍ରସ୍ତ ମଣିଷର ହକ୍ ପାଇଁ ।

ନନ୍ଦିନୀ ଶତପଥୀ ଯେପରି ଜଣେ ସୃଷ୍ଟିଶାଳୀ ଲେଖିକା, ସେପରି ଜଣେ ସଫଳ ଅନୁବାଦିକା । ତାଙ୍କର ସୃଷ୍ଟିଶାଳୀ ଲେଖନୀରେ ଦୁଇଗୋଟି ଗଳ୍ପସଂକଳନ "କେତୋଟି କଥା" ଓ "ସପ୍ତଦଶୀ" ଓ ଗୋଟିଏ କବିତା ସଂକଳନ "ଉତ୍ତର ପୁରୁଷ" ରୂପ ନେଇଥିଲା । ଅନୁବାଦ ମଧ୍ୟରେ କେନ୍ଦ୍ର ସାହିତ୍ୟ ଏକାଡେମୀର ସଚିବ କ୍ରିଷ୍ଣା କ୍ରିପାଳିନୀଙ୍କର ମାହାତ୍ମାଗାନ୍ଧୀଙ୍କ ଆତ୍ମଜୀବନୀ "ଗାନ୍ଧୀ କଥାମୃତ"ର ଓଡ଼ିଆ ଅନୁବାଦ, ଯାହାକି କେନ୍ଦ୍ର ସାହିତ୍ୟ ଏକାଡେମୀ ୧୯୬୦ ମସିହାରେ ଏହି ପୁସ୍ତକଟିକୁ ପ୍ରକାଶନ କରିଥିଲା । ବିଶିଷ୍ଟ ବଙ୍ଗଳା ଲେଖିକା ମହାଶ୍ୱେତାଦେବୀଙ୍କର ନିର୍ବାଚିତ ଗଳ୍ପର ଓଡ଼ିଆ ଅନୁବାଦ, ପଦ୍ମଭୂଷଣ ଡକ୍ଟର ଅମୃତାପ୍ରୀତମଙ୍କର ଆତ୍ମଜୀବନୀ "ରେଭିନ୍ୟୁ ଟିକେଟ୍"କୁ ଓଡ଼ିଆ ଅନୁବାଦ କରିଥିଲେ । ଏହି ଅନୁବାଦ ପାଇଁ ନନ୍ଦିନୀଦେବୀ କେନ୍ଦ୍ର ସାହିତ୍ୟ ଏକାଡେମୀର ପୁରସ୍କାର ପାଇଥିଲେ । ବିଶେଷତଃ ତସଲିମା ନାସ୍‌ରିନ୍‌ଙ୍କର ଉପନ୍ୟାସ "ଲଜ୍ଜା"କୁ ଓଡ଼ିଆରେ ଅନୁବାଦ କରି ନନ୍ଦିନୀ ଦେବୀ ଅଜସ୍ର ଯଶର ଅଧିକାରିଣୀ ହୋଇପାରିଥିଲେ ।

ନନ୍ଦିନୀଦେବୀ ପିଲାଟିଦିନରୁ ଗରିବଙ୍କର ଦୁଃଖ ଓ ଦୁର୍ଦ୍ଦଶା ତାଙ୍କର ମନ ଭିତରେ ଭିଜିଉଠିଥିଲା, ଯାହା ତାଙ୍କ ଅଧିକାଂଶ ଗଳ୍ପ ଓ କବିତାରେ ପରିସ୍ଫୁଟିତ ହୋଇପାରିଅଛି । ତାଙ୍କର ପ୍ରଥମ ଗଳ୍ପ ସଂକଳନ

"କେତୋଟି କଥା"ରେ ବାଇଶଗୋଟି ଗଳ୍ପକୁ ସୁନ୍ଦର ଭାବରେ ବର୍ଣ୍ଣନା କରିଅଛନ୍ତି । ଏହାକୁ ସେ ୧୯୬୬ରେ ପ୍ରକାଶିତ କରିଥିଲେ । ତାଙ୍କର ଅଧୁରା ସ୍ୱପ୍ନ ଦ୍ୱିତୀୟ ଗଳ୍ପ ସଂକଳନ "ସପ୍ତଦଶୀ" ୧୯୮୮ରେ ପ୍ରକାଶିତ ହେଲା । ଏଥିରେ ୧୭ ଗୋଟି ଗଳ୍ପକୁ ସେ ଉତ୍ତମ ଭାବରେ ବର୍ଣ୍ଣନା କରିଅଛନ୍ତି ।

ନନ୍ଦିନୀଙ୍କର ସାହିତ୍ୟର ଛତ୍ରେ ଛତ୍ରେ ଦୁର୍ଦ୍ଦଶାଗ୍ରସ୍ତ ମଣିଷ ପାଇଁ ମମତ୍ୱବୋଧ, ସାମାଜିକ ଦାୟିତ୍ୱବୋଧତା ଓ କଠୋର କର୍ତ୍ତବ୍ୟପରାୟଣତା ପ୍ରତିପାଳିତ ।

ନନ୍ଦିନୀଦେବୀଙ୍କର କବିତା ସଂକଳନ "ଉତ୍ତର ପୁରୁଷ"ରେ ୪୩ ଗୋଟି କବିତାକୁ ଉପସ୍ଥାପିତ କରିଛନ୍ତି । ତାଙ୍କର ପ୍ରତ୍ୟେକ କବିତାରେ ଦରଦୀ ମଣିଷର ଆବେଗଭରା ପ୍ରାଣକୁ ସେ ସୂଚାରୁରୂପେ ଉପସ୍ଥାପିତ କରିଅଛନ୍ତି ।

ଯଶ, କୀର୍ତ୍ତି, ଐଶ୍ୱର୍ଯ୍ୟ ଓ କ୍ଷମତା ଭିତରେ ବୁଡ଼ିରହି ନନ୍ଦିନୀ ଥିଲେ ଜଣେ ବିଚ୍ଛିନ୍ନ ମଣିଷ । ତାଙ୍କର ପ୍ରଥମ ଅନୁବାଦ "ଗାନ୍ଧୀ କଥାମୃତ", ମହାତ୍ମାଗାନ୍ଧୀଙ୍କର ନିଜ ଭାଷାରେ ଓ ତାଙ୍କର ଜୀବନ ଓ ଚିନ୍ତା ଏହାର ମୁଖ୍ୟ ବିଷୟବସ୍ତୁ । କେନ୍ଦ୍ର ସାହିତ୍ୟ ଏକାଡେମୀର ସଚିବ କ୍ରିଷ୍ଣା କ୍ରିପାଳିନୀ ଏହାକୁ ଚରନା କରିଥିଲେ । ଓଡ଼ିଆରେ ଏହାକୁ ଅନୁବାଦ କରିଥିଲେ ନନ୍ଦିନୀ ଶତପଥୀ । ଏହି ପୁସ୍ତକଟିକୁ ୧୯୭୦ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହୋଇଥିଲା । ଜାତୀୟ ପିତା ମହାତ୍ମାଗାନ୍ଧୀଙ୍କର ବ୍ୟକ୍ତିତ୍ୱ ଓ ରଚନାର ସବିଶେଷ ଏହି ପୁସ୍ତକରେ ପରିସ୍ଫୁଟିତ ହୋଇଅଛି ।

ନନ୍ଦିନୀ ଶତପଥୀଙ୍କର ଦ୍ୱିତୀୟ ଅନୁବାଦ ପୁସ୍ତକ ହେଲା ଅମୃତାପ୍ରୀତମ୍‌ଙ୍କର "ରେଭିନ୍ୟୁ ଟିକେଟ" । ଭାରତୀୟ ବିଶିଷ୍ଟ ଲେଖିକ ପଦ୍ମଭୂଷଣ ଡକ୍ଟର ଅମ୍ରିତାପ୍ରୀତମ୍‌ଙ୍କର ଆତ୍ମଜୀବନୀ ହେଉଛି "ରେଭିନ୍ୟୁ ଟିକେଟ୍" । ଅମୃତାପ୍ରୀତମ୍‌ଙ୍କର ଜୀବନ ଥିଲା ସାମାଜିକ ମୂଲ୍ୟବୋଧ ବିରୁଦ୍ଧରେ ସ୍ୱର ଉତ୍ତୋଳନ । ଏହି ପୁସ୍ତକ ପାଇଁ ନନ୍ଦିନୀଦେବୀ ୧୯୯୫ ମସିହା ଡିସେମ୍ବର ମାସ ୨୪ ତାରିଖରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ।

ନନ୍ଦିନୀ ଶତପଥୀଙ୍କର ତୃତୀୟ ଅନୁବାଦ ପୁସ୍ତକ ହେଉଛି ବଙ୍ଗଳା ଲେଖିକା ତସଲିମା ନାସରିନ୍‌ଙ୍କର "ଲଜ୍ଜା"ର ଓଡ଼ିଆ ଅନୁବାଦ ନନ୍ଦିନୀଙ୍କୁ ସାହିତ୍ୟ ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରିଣୀ ଭାବରେ ଉପସ୍ଥାପିତ କରିପାରିଅଛି କହିଲେ ଅତ୍ୟୁକ୍ତି ହେବନାହିଁ । ଏକ ସାମ୍ପ୍ରଦାୟିକ ଶକ୍ତିକୁ ନେଇ ଏହି ବହିଟି ଅନୁଦିତ । ବଙ୍ଗଳାଦେଶର ଜଣେ ବାସିନ୍ଦା ମୌଳବାଦୀମାନଙ୍କର

ଉନ୍ମାଦରେ ତାକୁ ବାସହରା ଓ ବନ୍ଧୁହୀନ ହେବାକୁ ପଡ଼ିଲା । ଶେଷରେ ଗୋଟିଏ ତିକ୍ତ ନୈରାଶ୍ୟମୟ ଜୀବନକୁ ଠେଲିହୋଇ ଯାଉ ଯାଉ ଉଦ୍ଭ୍ରାନ୍ତ ଭଳି ଗୋଟିଏ କାଣ୍ଡ କରିବସିଲା ।

ନନ୍ଦିନୀ ଶତପଥୀଙ୍କର ଶେଷ ଅନୁବାଦଟି ହେଉଛି ମହାଶ୍ୱେତାଦେବୀଙ୍କର "ନିର୍ବାଚିତ ଗଳ୍ପ" । ବଙ୍ଗଳା ଲେଖିକା ମହାଶ୍ୱେତାଦେବୀଙ୍କ ପଚାଶଗୋଟି ଗଳ୍ପରୁ ନନ୍ଦିନୀଦେବୀ କୋଡ଼ିଏ ଗୋଟିଏ ଗଳ୍ପକୁ ଅନୁବାଦ କରିଥିଲେ । ଜନସାଧାରଣ ଦରିଦ୍ର, ନିପିଡ଼ୀତ ମଣିଷ ସେବା କରିବା, ବିଶେଷତଃ ପାହାଡ଼ ଜଙ୍ଗଲର ଆଦିବାସୀମାନଙ୍କର ସେବା କରିବା ପାଇଁ ଜୀବନକୁ ନିଜର ବ୍ରତ ଭାବରେ ଗ୍ରହଣ କରିଛନ୍ତି ମହାଶ୍ୱେତାଦେବୀ । ତାଙ୍କର ପ୍ରତ୍ୟେକ ଗଳ୍ପରେ ଗରିବଙ୍କର ଦୁଃଖକୁ ଅତ୍ୟନ୍ତ ସାବଲୀଳ ଓ ପ୍ରାଣସ୍ପର୍ଶୀ ଭାବରେ ମହାଶ୍ୱେତାଦେବୀ ପ୍ରକାଶିତ କରିଛନ୍ତି ।

ବାସ୍ତବିକ ନନ୍ଦିନୀ ଶତପଥୀ ରାଜନୈତିକ ଜୀବନରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଆଦି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଜନତାଙ୍କର ସେବା କରିବାରେ ଆନନ୍ଦିତ ହୋଇ ନିଜର ସମୟ ଅଭାବ ଥିଲେ ମଧ୍ୟ ସେଥିରୁ ସେ ସମୟ ନିରୂପଣ କରି ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ଦିଗରେ ନିଜକୁ ନିୟୋଜିତ କରିପାରିଛନ୍ତି । ଓଡ଼ିଆ ସାହିତ୍ୟର ସୁଦୀର୍ଘ ସାରସ୍ୱତ ପରମ୍ପରାରେ ନନ୍ଦିନୀ ଶତପଥୀଙ୍କର ଭୂମିକା ବେଶ୍ ପ୍ରଣିଧାନଯୋଗ୍ୟ । ତାଙ୍କର ପ୍ରତ୍ୟେକ ଗଳ୍ପ, କବିତା, ଅନୁବାଦ ଓଡ଼ିଆ ଭାଷା ସାହିତ୍ୟ ପାଇଁ ଏକ ଏକ ମାଇଲଖୁଣ୍ଟ ।

ନନ୍ଦିନୀ ଶତପଥୀ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ସହ ବହୁ ଅନୁଷ୍ଠାନରୁ ସେ ପୁରସ୍କୃତା ଓ ସମ୍ବର୍ଦ୍ଧିତା ହୋଇଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ସାହିତ୍ୟ ଭାରତୀ ସମ୍ମାନ, ପ୍ରଜାତନ୍ତ୍ର ପ୍ରଚାର ସମିତି ସମ୍ମାନ ଓ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀରେ ସେ ସମ୍ବର୍ଦ୍ଧିତା ହୋଇଥିଲେ । ସେହିଭଳି ନନ୍ଦିନୀ ଶତପଥୀ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ କାର୍ଯ୍ୟ ସମ୍ପାଦନା କରିଥିଲେ ।

ନନ୍ଦିନୀ ଶତପଥୀ ପ୍ରଚଣ୍ଡ ସ୍ୱାଭିମାନୀ, ଜୀବନରେ କେବେ ସେ କାହା ପାଖରେ ମୁଣ୍ଡ ନୁଆଁଇ ନାହାନ୍ତି । ତମାମ ଜୀବନ ଲଢ଼ି ଆସିଥିବା ନନ୍ଦିନୀ ଆପଣା ରୋଗ ସାଙ୍ଗରେ ଲଢ଼ିଥିଲେ ବେଶ୍ କେତେବର୍ଷ । କିନ୍ତୁ ପରିଶେଷରେ ଜୀବନ ଯୁଦ୍ଧରେ ନନ୍ଦିନୀଦେବୀ ହାର ମାନିଥିଲେ ଅଗଷ୍ଟ ୪, ୨୦୦୬ ମସିହାରେ । ଏ ସଂସାରରୁ ଚିର ନିଦ୍ରାରେ ଶୋଇପଡ଼ିଲେ । ତାଙ୍କ ମୃତ୍ୟୁରେ

ଭାରତବର୍ଷ ହରାଇଲା ଜଣେ ଜନନାୟିକାଙ୍କୁ । ସର୍ବୋପରି ଓଡ଼ିଆ ସାହିତ୍ୟ ଜଗତରେ ଏକ ଅପୂରଣୀୟ କ୍ଷତି ଘଟିଲା ।

ରାଜନୀତିରେ ପ୍ରବୀଣା ଓ ସାହିତ୍ୟରେ ଧୂରୀଣା ନନ୍ଦିନୀ ଶତପଥୀଙ୍କର ସମଗ୍ର ଭାରତବର୍ଷରେ ଜଣେ ସଫଳ ରାଜନୀତିକ ନେତ୍ରୀ ଭାବରେ ସୁପ୍ରତିଷ୍ଠିତା । ସାରସ୍ୱତ୍ୱ ସାଧିକା ନନ୍ଦିନୀ ଶତପଥୀଙ୍କର ଅନାଲୋଚିତ ସାରସ୍ୱତ କୃତୀକୁ ମୁଁ ଗବେଷଣା ମାଧ୍ୟମରେ "ଓଡ଼ିଆ ସାହିତ୍ୟକୁ ନନ୍ଦିନୀ ଶତପଥୀଙ୍କ ଅବଦାନ" ଶୀର୍ଷକ ସନ୍ଦର୍ଭରେ ସୂଚାରୁରୂପେ ବର୍ଣ୍ଣିତ କରିପାରିଅଛି ।

* * *

# ଉପସଂହାର

# ଉପସଂହାର

ସ୍ୱର୍ଗତା ନନ୍ଦିନୀ ଶତପଥୀ ଭାରତବର୍ଷରେ ପ୍ରାୟ ଜଣେ ରାଜନେତ୍ରୀ ଭାବରେ ସୁବିଦିତା । ମାତ୍ର ଓଡ଼ିଆ ସାହିତ୍ୟକୁ ତାଙ୍କର ବିଶେଷ ଅବଦାନ ରହିଛି । ତାଙ୍କର ଏହି ସାରସ୍ୱତ ବ୍ୟକ୍ତିତ୍ୱ ସମ୍ପର୍କରେ ସମସ୍ତେ ପ୍ରାୟ ପରିଚିତ ନୁହନ୍ତି ।

ପ୍ରଖ୍ୟାତ ସାହିତ୍ୟିକ, ସବୁଜକବି, ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର କାଳଜୟୀ ଉପନ୍ୟାସ "ମାଟିର ମଣିଷ" ଯେଉଁଦିନ ଶେଷ ସ୍ପର୍ଶ ପାଇଥିଲା, ସେହିଦିନ ହିଁ ଭୂମିଷ୍ଠ ହୋଇଥିଲେ ନନ୍ଦିନୀ । ଉକ୍ତ ଦିନଟି ଥିଲା ୧୯୩୧ ମସିହା ଜୁନ୍ ୯ ତାରିଖ । କଟକର ଖ୍ରୀଷ୍ଟିଆନ୍ ସାହିର ଯାଚକ ଲେନ୍‌ରେ ପ୍ରସିଦ୍ଧ କବି କାଳିନ୍ଦୀଚରଣ ପାଣିଗ୍ରାହୀ ଓ ରତ୍ନମଣି ଦେବୀଙ୍କ ଗର୍ଭରୁ ଜନ୍ମ ଗ୍ରହଣ କରିଥିଲେ ଏହି "ନନ୍ଦିନୀ", ଯାହାପାଇଁ କେବଳ ପିତାମାତା ନୁହନ୍ତି, ସାରା ଓଡ଼ିଶା ଗର୍ବବୋଧ କରିଥିଲା । ଜାତି ଓ ଦେଶର ଗୌରବ ନନ୍ଦିନୀ ରାଜନୀତି କ୍ଷେତ୍ରରେ ଯେପରି ପ୍ରବୀଣା, ସାହିତ୍ୟ କ୍ଷେତ୍ରରେ ସେପରି ମଧ୍ୟ ଧୂରୀଣା । ସମାଜରେ ନିଷ୍ପେଷିତ ମଣିଷର ବ୍ୟଥା ଓ ବେଦନାକୁ ଦୂର କରିବାର ଦୃଢ଼ ସଂକଳ୍ପ ନେଇ ସେ ରାଜନୀତିର କଣ୍ଟକିତ କ୍ଷେତ୍ରରେ ପାଦ ଥାପିଥିଲେ । ସେହିପରି ଗଭୀର ମାନବବାଦୀ ଚେତନା ଓ ସଂବେଦନାର ଭରପୁର ହୃଦୟଟିଏ ନେଇ ସାହିତ୍ୟ ରଚନାରେ ସେ ନିଜକୁ ସାମିଲ କରିଥିଲେ ।

ନନ୍ଦିନୀ ଶତପଥୀ ଥିଲେ ଜଣେ କୁଳୀନ ଆଉ ଯଥେଷ୍ଟ ସାହିତ୍ୟିକ ପରିବେଶ ପରିବାରର କନ୍ୟାରତ୍ନ । ନନ୍ଦିନୀଙ୍କର ଘର ଥିଲା – ସାମ୍ୟବାଦୀ ଚିନ୍ତାଧାରାର ଏକ ପ୍ରୟୋଗଶାଳା । ତାଙ୍କର ବାପା ଥିଲେ ଓଡ଼ିଶାର ବିଶିଷ୍ଟ ସବୁଜକବି ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ, ଯେ କି "ମାଟିର ମଣିଷ" ପରି କାଳଜୟୀ ଉପନ୍ୟାସ ରଚନା କରି ସାରା ଜନମାନସରେ ନିଜକୁ ପରିଚିତ

କରାଇଥିଲେ । ଏହି ଉପନ୍ୟାସଟି ଥିଲା ତାଙ୍କର ପ୍ରକୃତରେ କାଳଜୟୀ କୃତି । ତାଙ୍କର କକେଇ ଥିଲେ ବିଶିଷ୍ଟ କମ୍ୟୁନିଷ୍ଟ ଦଳର ନେତା ଓ ଓଡ଼ିଶାରେ କମ୍ୟୁନିଷ୍ଟର ଜନକ ଭଗବତୀ ଚରଣ ପାଣିଗ୍ରାହୀ । ଯଥେଷ୍ଟ ବୁନିୟାଦି ଥିବା ଦିବ୍ୟସିଂହ ପାଣିଗ୍ରାହୀ ହେଉଛନ୍ତି ନନ୍ଦିନୀଙ୍କର ପିତାମହ ।

ମଣିଷକୁ ଭଲପାଇ ସେ ହୋଇଥିଲେ କବି, ତା'ର ଦୁଃଖ ଦୁର୍ଦ୍ଦଶାକୁ ଲେଖନୀ ମୁନରେ ରୂପାୟିତ କରି ସେ ପାଲଟିଥିଲେ ଗାଳ୍ପିକା ଏବଂ ଅନୁବାଦିକା । ମଣିଷକୁ ତା'ର ନ୍ୟାଯ୍ୟ ଦାବି ଦେବାପାଇଁ ସେ ସାଜିଥିଲେ ରାଜନୀତିଜ୍ଞ । ନନ୍ଦିନୀଙ୍କୁ ସମସ୍ତେ ମୁଖ୍ୟତଃ ଜାଣନ୍ତି, ରାଜନୀତିଜ୍ଞ ଭାବେ, କିନ୍ତୁ ସେହି ରୁକ୍ଷ ବନ୍ଧୁର ରାଜନୈତିକ ଜୀବନର ଧୂସରତା ତଳେ ଛାପି ହୋଇ ରହିଥିଲା - ଅନ୍ତସଲୀଳା ଫଲଗୁ ପରି କଳନାଦରେ ବହି ଯାଉଥିବା ସାହିତ୍ୟର ଛଳ ଛଳ ଧାରାଟିଏ । ଏହି ଦୁଇ ପ୍ରସ୍ଥଯୁକ୍ତ ବ୍ୟକ୍ତିତ୍ୱ ନନ୍ଦିନୀଙ୍କୁ ଗୋଟିଏ ସ୍ତମ୍ଭୀୟ ବ୍ୟକ୍ତିତ୍ୱ (Pivotial Personality)ରେ ପରିଣତ କରିଥିଲା ।

ରାଜନୀତି ଭିତରେ ସବୁ ଭୁଲି ହୋଇଯାଏ, କିନ୍ତୁ ନନ୍ଦିନୀ ଭୁଲିନଥିଲେ ସାରସ୍ୱତ ସାଧନାକୁ । ରେଭେନ୍ସା କଲେଜରୁ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଏମ୍.ଏ ପାଶ୍ କଲାପରେ ସାରସ୍ୱତ ସୃଷ୍ଟିରେ ସାଧାରଣ ମଣିଷର ଭାଷା ତାଙ୍କ ଭିତରେ ଫୁଟି ଉଠିଥିଲା । ନନ୍ଦିନୀଦେବୀ ଯେପରି ଜଣେ ସୃଷ୍ଟିଶାଳୀ ଲେଖିକା ସେହିପରି ଜଣେ ସଫଳ ଅନୁବାଦିକା । ପୂର୍ବରୁ ସୂଚୀତ ହୋଇଛି ଯେ, ତାଙ୍କର ସୃଷ୍ଟିଶାଳୀ ଲେଖନୀରେ ଦୁଇଗୋଟି ଗଳ୍ପ ସଂକଳନ, "କେତୋଟି କଥା" ଓ "ସପ୍ତ ଦଶୀ" ଓ ଗୋଟିଏ କବିତା ସଂକଳନ - "ଉତ୍ତର ପୁରୁଷ" । ଅନୁବାଦ ମଧ୍ୟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ସଚିବ କୃଷ୍ଣା କ୍ରିପାଳିନୀଙ୍କ ଦ୍ୱାରା ଲିଖିତ ମହାତ୍ମାଗାନ୍ଧୀଙ୍କର ଆତ୍ମଜୀବନୀର ଓଡ଼ିଆ ଅନୁବାଦ - "ଗାନ୍ଧୀ କଥାମୃତ" । ଯାହାକି ସାହିତ୍ୟ ଏକାଡେମୀ ୧୯୬୦ ମସିହାରେ ଏ ପୁସ୍ତକକୁ ପ୍ରକାଶନ କରିଥିଲେ । ବିଶିଷ୍ଟ ବଙ୍ଗଳା ଲେଖିକା ମହାଶ୍ୱେତାଦେବୀଙ୍କର "ନିର୍ବାଚିତ ଗଳ୍ପ", ପଦ୍ମଭୂଷଣ ଡକ୍ଟର ଅମୃତାପ୍ରୀତମ୍‌ଙ୍କ ଆତ୍ମଜୀବନୀ "ରେଭିନ୍ୟୁ ଟିକେଟ୍"ର ଅନୁବାଦ କରିଥିଲେ ନନ୍ଦିନୀଦେବୀ । ଏହି ଅନୁବାଦ ପାଇଁ ସେ ମଧ୍ୟ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ବିଶେଷତଃ ତସଲିମା ନାସରିନ୍‌ଙ୍କ ବହୁଚର୍ଚ୍ଚିତ ଉପନ୍ୟାସ "ଲଜ୍ଜା"କୁ ଓଡ଼ିଆରେ ଅନୁବାଦ କରି ନନ୍ଦିନୀଦେବୀ ଅଜସ୍ର ଯଶର ଅଧିକାରିଣୀ ହୋଇପାରିଛନ୍ତି ।

ନନ୍ଦିନୀ ଶତପଥୀ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ସହିତ ବହୁ ଅନୁଷ୍ଠାନରୁ ସେ ପୁରସ୍କୃତା ଓ ସମ୍ବର୍ଦ୍ଧିତା ହୋଇଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ସାହିତ୍ୟ ଭାରତୀ ସମ୍ମାନ, ପ୍ରଜାତନ୍ତ୍ର ପ୍ରଚାର ସମିତି ସମ୍ମାନ ବ୍ୟତୀତ ସେ ମଧ୍ୟ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ସମ୍ମାନିତା । ସେହିପରି ନନ୍ଦିନୀଦେବୀ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ ।

ନନ୍ଦିନୀ ଶତପଥୀ ଥିଲେ ପ୍ରଚଣ୍ଡ ସ୍ୱାଭିମାନୀ, ଜୀବନର କାହାପାଖରେ କେବେହେଲେ ମୁଣ୍ଡ ନୁଆଁଇନାହାନ୍ତି । ତମାମ୍ ଜୀବନ ଲଢ଼ି ଆସିଥିବା ନନ୍ଦିନୀ ଆପଣା ରୋଗ ସାଙ୍ଗରେ ଲଢ଼ିଥିଲେ ବେଶ୍ କେତେବର୍ଷ । କିନ୍ତୁ ପରିଶେଷରେ ଜୀବନ ଯୁଦ୍ଧରେ ନନ୍ଦିନୀଦେବୀ ହାର ମାନିଥିଲେ ୨୦୦୬ ମସିହା ଅଗଷ୍ଟ ୪ ତାରିଖରେ । ସଂସାରରୁ ବିଦାୟ ନେଇ ସେ ଚିର ନିଦ୍ରାରେ ଶୋଇଗଲେ । ସତ କହିଲେ, ତାଙ୍କ ମୃତ୍ୟୁରେ ଭାରତବର୍ଷ ହରାଇଲା ଜଣେ ଜନନାୟିକାଙ୍କୁ । ସର୍ବୋପରି ଓଡ଼ିଆ ସାହିତ୍ୟ ଜଗତରେ ମଧ୍ୟ ଅପୂରଣୀୟ କ୍ଷତି ଘଟିଲା ।

ଅନାଲୋଚିତ ନନ୍ଦିନୀଙ୍କୁ ସାରସ୍ୱତ ସାହିତ୍ୟରେ ପରିପ୍ରକାଶ କରାଇବା ମୋର ଗବେଷଣାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ନନ୍ଦିନୀ ଯେ ଏତେ ସମ୍ବେଦନଶୀଳ ଥିଲେ, ଓଡ଼ିଶାର ପ୍ରାଚୀନ ସଂସ୍କୃତି ଓ ସାହିତ୍ୟ ଯେ ତାଙ୍କୁ ଏତେ ଗଭୀର ଭାବରେ ଅନୁପ୍ରାଣିତ କରିଥିଲା, ତା'ର ନିଛକ ପ୍ରମାଣ ହେଉଛି ତାଙ୍କର ରଚନା ସମୂହ । ସେ ତାଙ୍କ ଗପ, କବିତାରେ ଅଧିକରୁ ଅଧିକ ଓଡ଼ିଶାର ମାଟି, ପାଟିପବନ, ତା'ର ମଣିଷ, ସେ ମାଟିର ସଂସ୍କୃତି ଓ ସ୍ୱାଭିମାନଙ୍କୁ ତାଙ୍କର ରଚନାରେ ଜୀବନ୍ତ ଅଭିବ୍ୟକ୍ତି ଦେଇପାରିଛନ୍ତି ।

ସେ ପ୍ରଗତିବାଦୀ ଚିନ୍ତନ ପ୍ରତି ଆକୃଷ୍ଟ ହୋଇଥିବା କାରଣରୁ ତାଙ୍କର ଗପ କବିତାରେ ତା'ର ପ୍ରତିଫଳିତ ଘଟିଛି । କାଲି ହୁଏତ କାଳ ପ୍ରବାହରେ ରାଜନେତ୍ରୀ ନନ୍ଦିନୀ ଶତପଥୀ ଇତିହାସର ପୁରୁଣା ତାରିଖକୁ ଚାଲିଯାଇ ମଳିନ ହୋଇଯିବେ, ମାତ୍ର କବୟତ୍ରୀ, ଗାଳ୍ପିକା ଓ ଅନୁବାଦିକା ନନ୍ଦିନୀ ଶତପଥୀ ଚିରକାଳ ଅମର ହୋଇ ରହିଥିବେ ।

***

# ସହାୟକ ଗ୍ରନ୍ଥସୂଚୀ


| କ୍ର.ନଂ. | ଲେଖକ | ପୁସ୍ତକର ନାମ | ପ୍ରକାଶକ | ପ୍ରକାଶନକାଳ |
|---|---|---|---|---|
| ୧. | ନନ୍ଦିନୀ ଶତପଥୀ | କେତୋଟି କଥା | ଗ୍ରନ୍ଥମନ୍ଦିର | ୧୯୬୭ |
| ୨. | ନନ୍ଦିନୀ ଶତପଥୀ | ଗାନ୍ଧୀ କଥାମୃତ | କେନ୍ଦ୍ର ସାହିତ୍ୟ ଏକାଡେମୀ | ୧୯୭୦ |
| ୩. | ନନ୍ଦିନୀ ଶତପଥୀ | ସପ୍ତଦଶୀ | ଗ୍ରନ୍ଥମନ୍ଦିର | ୧୯୮୮ |
| ୪. | ନନ୍ଦିନୀ ଶତପଥୀ | ଉତ୍ତରପୁରୁଷ | ଫ୍ରେଣ୍ଡସ୍ ପବ୍ଲିଶର୍ସ | ୧୯୮୮ |
| ୫. | ନନ୍ଦିନୀ ଶତପଥୀ | ରେଭିନ୍ୟୁ ଟିକେଟ | ଗ୍ରନ୍ଥମନ୍ଦିର | ୧୯୯୦ |
| ୬. | ନନ୍ଦିନୀ ଶତପଥୀ | ଲଜ୍ଜା | ଫ୍ରେଣ୍ଡସ୍ ପବ୍ଲିଶର୍ସ | ୧୯୯୪ |
| ୭. | ନନ୍ଦିନୀ ଶତପଥୀ | ମହାଶ୍ୱେତାଦେବୀଙ୍କ ନିର୍ବାଚିତ ଗଳ୍ପ | ଲକି ପବ୍ଲିକେଶନ | ୧୯୯୯ |
| ୮. | ଆଶିଷ ରଞ୍ଜନ ମହାପାତ୍ର | ମାଟିର ନନ୍ଦିନୀ | ଫ୍ରେଣ୍ଡସ୍ ପବ୍ଲିଶର୍ସ | ୧୯୯୯ |
| ୯. | ଗୋଲାପ ମଞ୍ଜରୀ କର | ନନ୍ଦିନୀଙ୍କର ସର୍ଜନା ଉତ୍ତରିତ ଆତ୍ମାର ବଳିଷ୍ଠ ଉଦାହରଣ | ଓଡ଼ିଶା ଲେଖିକା ସଂସଦ | ଡିସେମ୍ବର ୨୦୦୩ |
| ୧୦. | ଡକ୍ଟର ବଂଶୀଧର ମହାନ୍ତି | ଓଡ଼ିଆ ସାହିତ୍ୟର ଇତିହାସ | ଫ୍ରେଣ୍ଡସ୍ ପବ୍ଲିଶର୍ସ | ୧୯୭୦ |
| ୧୧. | ଡକ୍ଟର ନାରାୟଣ ସାହୁ | ଓଡ଼ିଆ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ଇତିହାସ | ସାହିତ୍ୟ ସଂଗ୍ରହ ପ୍ରକାଶନ | ୧୯୯୪ |
| ୧୨. | ଡକ୍ଟର କୁଞ୍ଜବିହାରୀ ଦାଶ | ଆଧୁନିକ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା | ଓଡ଼ିଶା ସାହିତ୍ୟ ଏକାଡେମୀ ୩ୟ ସଂସ୍କରଣ | ୧୯୮୬ |
| ୧୩. | ପ୍ରାଧ୍ୟାପକ ମୃତ୍ୟୁଞ୍ଜୟ ନାୟକ | ଓଡ଼ିଆ ସାହିତ୍ୟର ଇତିହାସ | ଚଣ୍ଡି ପୁସ୍ତକାଳୟ | – |
| ୧୪. | ପ୍ରଫେସର ଡ. ବାଉରୀବନ୍ଧୁ କର | ଓଡ଼ିଆ ସାହିତ୍ୟର ଇତିହାସରେ ଆଧୁନିକ ଓଡ଼ିଆ ସାହିତ୍ୟରେ ପ୍ରଗତିବାଦୀ ଚିନ୍ତାଧାରା | କିତାବ ମହଲ | ପ୍ରଥମ ସଂସ୍କରଣ ୧୯୮୯ |
| ୧୫. | ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି | ଓଡ଼ିଆ କବିତାରେ ପ୍ରଗତିବାଦୀ ଚେତନାର ପଦଧ୍ୱନୀ | ଓଡ଼ିଶା ଲେଖିକା ସଂସଦ | ୧୯୯୭ |
| ୧୬. | ପ୍ରଫେସର ଡକ୍ଟର ବୈଷ୍ଣବଚରଣ ସାମଲ | ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକାରେ ଓଡ଼ିଆ ଅନୁବାଦ ସାହିତ୍ୟ | ଓଡ଼ିଶା ବୁକ୍‌ଷ୍ଟୋର | ମାର୍ଚ୍ଚ ୨୦୦୪ |
| ୧୭. | ପ୍ରଫେସର ଡକ୍ଟର ବାଉରୀବନ୍ଧୁ କର | ଓଡ଼ିଆ ସାହିତ୍ୟ ଇତିହାସରେ ଅନୁବାଦ ସାହିତ୍ୟ | କିତାବମହଲ | ପ୍ରଥମ ସଂସ୍କରଣ ୧୯୮୯ |
| ୧୮. | ଶ୍ରୀମତୀ ଇନ୍ଦୁଲତା ମହାନ୍ତି | ଅମୃତାପ୍ରୀତମ୍‌ଙ୍କର ଉପନ୍ୟାସମାଳା | ବିଦ୍ୟାପୁରୀ | ଅକ୍ଟୋବର ୨୦୦୪ |

## କୃତୀ ଓ କୃତିତ୍ୱ (ସମ୍ମାନ / ସ୍ୱୀକୃତି)

| | | |
|---|---|---|
| ଗଙ୍ଗାଧର ଫାଉଣ୍ଡେସନ ପକ୍ଷରୁ | - | "ମନୋରମ ସାରସତ୍ୱ ସମାରୋହ" "ସାହିତ୍ୟ ଭାରତୀ ସମ୍ମାନ" |
| ଡକ୍ଟର ହରେକୃଷ୍ଣ ମହତାବଙ୍କର | - | "ପ୍ରଜାତନ୍ତ୍ର ପ୍ରଚାର ସମିତି ସମ୍ମାନ" |
| | - | "ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର" |
| ରେଭିନ୍ୟୁ ଟିକେଟ ପୁସ୍ତକ ପାଇଁ | - | "କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର" |
| ଚିନ୍ତା ଓ ଚେତନା ପକ୍ଷରୁ | - | "ବୈଶାଖୀ ସାହିତ୍ୟ ସମ୍ମାନ" |
| ରାଜ୍ୟସ୍ତରୀୟ ପୁରସ୍କାର | - | "ଲିଙ୍ଗରାଜ ପୁରସ୍କାର" |
| | - | "କାର୍ତ୍ତିକେଶ୍ୱର ପୁରସ୍କାର" |
| ଓଡ଼ିଶା ଲେଖିକା ସଂସଦ ପକ୍ଷରୁ | - | "ପୁରସ୍କାର" |
| ରେଭେନ୍ସା କଲେଜ ଛାତ୍ରାବାସ ପକ୍ଷରୁ | - | ପୁରସ୍କାର |
| ନାଟ୍ୟଚାର୍ଯ୍ୟ କବି ବାଳକୃଷ୍ଣ ସ୍ମାରକୀ ପକ୍ଷରୁ | - | ପୁରସ୍କାର |

ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବରେ ସ୍ୱାଧୀନତା ପ୍ରାପ୍ତିର "ସୁବର୍ଣ୍ଣ ଜୟନ୍ତୀ ସମାରୋହ ସମ୍ମାନ"

## ନନ୍ଦିନୀ ଶତପଥୀଙ୍କର ବିଦେଶ ଭ୍ରମଣ

| | | |
|---|---|---|
| ଯୁକ୍ତରାଷ୍ଟ୍ର ଆମେରିକା | - | ଜାତିସଂଘର ରୌପ୍ୟଜୟନ୍ତୀ ଉତ୍ସବରେ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ସହ ନନ୍ଦିନୀ ଶତପତୀଙ୍କ ଯୋଗଦାନ |
| ସୋଭିଏତ୍ ରୁଷ | - | ୧୯୬୮, ୧୯୭୧, ୧୯୭୭ ମସିହାରେ ଚଳଚ୍ଚିତ୍ର ଓ ସାଂସ୍କୃତିକ ବିଭାଗର ପ୍ରତିନିଧି ଦଳର ନେତୃତ୍ୱ ଭାବରେ ଅଂଶଗ୍ରହଣ |
| ଫ୍ରାନ୍ସ | - | ୧୯୬୮ ମସିହାରେ ୟୁନେସ୍କୋକୁ ପ୍ରତିନିଧି ଭାବରେ ଭ୍ରମଣ |
| ଇଂଲଣ୍ଡ | - | ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆ ତରଫରୁ ପ୍ରେସ୍ ସମ୍ପର୍କିତ ଅଧ୍ୟୟନ ବୈଠକରେ ଯୋଗଦାନ |
| ପୂର୍ବ ଜର୍ମାନୀ | - | ୧୯୭୭ ମସିହାରେ ସାଂସ୍କୃତିକ ଦଳରେ ପ୍ରତିନିଧି ଥିଲେ |
| ମେକ୍‌ସିକୋ | - | ୱାର୍ଲ୍ଡ ଉଇମେନ୍ ପାର୍ଲାମେଣ୍ଟାରୀ ଫର୍ ପିସ୍‌ରେ ଯୋଗଦାନ |
| ସିଙ୍ଗାପୁର | - | ୧୯୮୯ରେ ଭ୍ରମଣ |

## ସାହିତ୍ୟିକା ନନ୍ଦିନୀ ଶତପଥୀ

| | | |
|---|---|---|
| ୧. କେତୋଟି କଥା | - | ନନ୍ଦିନୀ ଶତପଥୀଙ୍କର ପ୍ରଥମ ଗଳ୍ପ ସଂକଳନ "କେତୋଟି କଥା" ୧୯୬୭ ମସିହାରେ ୨୨ ଗୋଟି ଗଳ୍ପକୁ ନେଇ ପ୍ରକାଶିତ ହୋଇଥିଲା । ଏଥିରେ ପ୍ରକାଶିତ ଗଳ୍ପଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦିତ ହୋଇଅଛି । |
| ୨. ଗାନ୍ଧୀ କଥାମୃତ | - | କୃଷ୍ଣାକ୍ରିପାଳିନୀଙ୍କର 'ଅଲମେନ୍ ଆର୍ ବ୍ରଦର୍ସ'ରୁ ଓଡ଼ିଆରେ ଅନୁବାଦିତ "ଗାନ୍ଧି କଥାମୃତ" - କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହୋଇଅଛି । ଏଥିରେ ମହାତ୍ମାଗାନ୍ଧୀଙ୍କର ନିଜ ଭାଷାରେ ତାଙ୍କର ଜୀବନ ଓ ଚିନ୍ତା ପରିପ୍ରକାଶ ହୋଇଅଛି । |

| | | |
|---|---|---|
| ୩. ସପ୍ତଦଶୀ | - | ନନ୍ଦିନୀ ଶତପଥୀଙ୍କର ଦ୍ୱିତୀୟ ଗଳ୍ପ ସଂକଳନ "ସପ୍ତଦଶୀ" ୧୯୮୮ ମସିହାରେ ପ୍ରକାଶିତ ହୋଇଥିଲା ୧୭ ଗୋଟି ଗଳ୍ପକୁ ନେଇ । |
| ୪. ଉତ୍ତରପୁରୁଷ | - | ନନ୍ଦିନୀ ଶତପଥୀଙ୍କର କବିତା ସଂକଳନ "ଉତ୍ତର ପୁରୁଷ" ୧୯୮୮ରେ ପ୍ରକାଶିତ ହୋଇଥିଲା । ଏଥିରେ ୪୨ ଗୋଟି କବିତା ସ୍ଥାନୀତ ହୋଇଅଛି । |
| ୫. ରେଭିନ୍ୟୁ ଟିକେଟ୍ | - | ଜ୍ଞାନପୀଠ ପୁରସ୍କାରପ୍ରାପ୍ତା ଅମୃତାପ୍ରୀତମଙ୍କର ଆତ୍ମଜୀବନୀକୁ ନନ୍ଦିନୀ ଶତପଥୀ ଓଡ଼ିଆରେ ଅନୁବାଦ କରିଥିଲେ "ରେଭିନ୍ୟୁ ଟିକେଟ୍" । ଏହା ୧୯୯୦ ମସିହାରେ ପ୍ରକାଶିତ ହୋଇଥିଲା । ଏହି ପୁସ୍ତକ ପାଇଁ ନନ୍ଦିନୀ ଦେବୀ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । |
| ୬. ଲଜ୍ଜା | - | ନନ୍ଦିନୀ ଶତପଥୀ "ଲଜ୍ଜା"କୁ ଅନୁବାଦ କରିଥିଲେ । ବଙ୍ଗଳାଦେଶର ଲେଖିକା 'ତସଲିମା ନାସରିନ୍'ଙ୍କର ଉପନ୍ୟାସରୁ । ଏହି ପୁସ୍ତକଟି ୧୯୯୪ରେ ପ୍ରକାଶିତ ହୋଇଥିଲା । ଏହା ଏକ ସାଂପ୍ରଦାୟିକତା ଉପରେ ଆଧାରିତ ଉପନ୍ୟାସ । |
| ୬. ମହାଶ୍ୱେତାଦେବୀଙ୍କର "ନିର୍ବାଚିତ ଗଳ୍ପ" | - | ବଙ୍ଗଳା ଲେଖିକା ମହାଶ୍ୱେତାଦେବୀଙ୍କର ୨୦ଟି ଗଳ୍ପକୁ ନନ୍ଦିନୀଦେବୀ ଓଡ଼ିଆରେ ଅନୁବାଦ କରିଛନ୍ତି । ଏହି ପୁସ୍ତକ ୧୯୯୯ ମସିହାରେ ପ୍ରକାଶିତ । ଏଥିରେ ଆଦିବାସୀମାନଙ୍କ ଜୀବନ ଚରିତକୁ ନେଇ ଗଳ୍ପଗୁଡ଼ିକୁ ପ୍ରସ୍ତୁତ କରାଯାଇଛି । |

## ରାଜନେତ୍ରୀ ନନ୍ଦିନୀ ଶତପଥୀ

| | | |
|---|---|---|
| ରାଜ୍ୟସଭା ସାଂସଦ | - | ୧୯୬୨ ରୁ ୧୯୬୮ |
| କେନ୍ଦ୍ରମନ୍ତ୍ରୀ | - | (ସୂଚନା ଓ ପ୍ରସାରଣ) ୧୯୬୬ - ୧୯୬୮ |
| ରାଜ୍ୟସଭା ସାଂସଦ | - | ୧୯୬୮ - ୧୯୭୨ |
| କେନ୍ଦ୍ରମନ୍ତ୍ରୀ (ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ) | - | ୧୯୬୮ - ୧୯୭୨ |

ନିଖିଳ ଭାରତୀୟ କଂଗ୍ରେସ କାର୍ଯ୍ୟକାରିଣୀ କମିଟି ସଭ୍ୟା

ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ

ସଭାପତି - ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି

ବିଧାୟିକା (କଟକ ସଦର) - ୧୯୭୨ - ୭୩

ଓଡ଼ିଶାର ମୁଖ୍ୟମନ୍ତ୍ରୀ - ୧୯୭୨ - ୧୯୭୩

ବିଧାୟିକା (ଢେଙ୍କାନାଳ) - ୧୯୭୪ - ୧୯୭୭

ଓଡ଼ିଶାର ମୁଖ୍ୟମନ୍ତ୍ରୀ - ୧୯୭୪ - ୧୯୭୬

ବିଧାୟିକା (ଢେଙ୍କାନାଳ) - ୧୯୭୪ - ୧୯୭୭

ବିଧାୟିକା (ଢେଙ୍କାନାଳ) - ୧୯୭୭ - ୧୯୮୦

ବିଧାୟିକା (ଢେଙ୍କାନାଳ) - ୧୯୮୦ - ୧୯୮୫

ବିଧାୟିକା (ଢେଙ୍କାନାଳ) - ୧୯୮୫ - ୧୯୯୦

ଅଧ୍ୟକ୍ଷା, ଓଡ଼ିଶା ଯୋଜନାବୋର୍ଡ - ୧୯୮୯ - ୧୯୯୦

ବିଧାୟିକା (ଗନ୍ଦିଆ) - ୧୯୯୦ - ୧୯୯୫

ବିଧାୟିକା (ଗନ୍ଦିଆ) - ୧୯୯୫ - ୨୦୦୦

ଅଧ୍ୟକ୍ଷା - ଓଡ଼ିଶା ଯୋଜନାବୋର୍ଡ - ୧୯୯୫ - ୧୯୯୯

୨୦୦୦ ମସିହାରୁ ସକ୍ରିୟ ରାଜନୀତିରୁ ଅବସର ଗ୍ରହଣ

# ବ୍ୟକ୍ତିତ୍ୱ : ନନ୍ଦିନୀ ଶତପଥୀ

| | |
|---|---|
| ଜନ୍ମତାରିଖ – | ୯ ଜୁନ୍, ୧୯୩୧ ମସିହା<br>କଟକ ଖ୍ରୀଷ୍ଟିଆନ୍ ସାହିର ଯାଚକ ଲେନ୍ |
| ବାପାଙ୍କ ନାମ – | ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ (ସାହିତ୍ୟିକ) |
| ମାତାଙ୍କ ନାମ – | ରତ୍ନମଣି ଦେବୀ |
| ସ୍ୱାମୀଙ୍କ ନାମ – | ଶ୍ରୀ ଦେବେନ୍ଦ୍ର ଶତପଥୀ (ପୂର୍ବତନ ସାଂସଦ, ଢେଙ୍କାନାଳ) |
| ରାଜନେତ୍ରୀ – | ସାଂସଦ, କେନ୍ଦ୍ରମନ୍ତ୍ରୀ, ବିଧାୟିକା, ମୁଖ୍ୟମନ୍ତ୍ରୀ |
| ପରିବାର – | ଦୁଇ ପୁଅ<br>ବଡ଼ ପୁଅ ଶ୍ରୀ ନଚିକେତା ଶତପଥୀ (ଶିଳ୍ପପତି)<br>ସାନପୁଅ ଶ୍ରୀ ତଥାଗତ ଶତପଥୀ, ସାଂସଦ, ଢେଙ୍କାନାଳ ଲୋକସଭା ତଥା ଦୈନିକ ଓଡ଼ିଆ ସମ୍ବାଦପତ୍ର 'ଧରିତ୍ରୀ'ର ସମ୍ପାଦକ |
| ଶିକ୍ଷା – | ରେଭେନ୍ସା କଲେଜରୁ ଓଡ଼ିଆ ଭାଷା ଓ ସାହିତ୍ୟରେ ସ୍ନାତକୋତ୍ତର (ଏମ୍.ଏ) |
| ଜାଣିଥିବା ଭାଷା – | ଓଡ଼ିଆ, ଇଂରାଜୀ, ହିନ୍ଦୀ, ବଙ୍ଗଳା |
| ସାହିତ୍ୟ ସାଧନା – | ଗାଳ୍ପିକା, କବୟତ୍ରୀ ଓ ଅନୁବାଦିକା |
| ମୁଖ୍ୟକର୍ମ – | ସମାଜସେବିକା / ସାରସ୍ୱତ ସାଧିକା |
| ଅନ୍ୟାନ୍ୟ ରୁଚି – | ପଢ଼ିବା, ଲେଖିବା ଓ ରୋଷେଇ କରିବା |
| ବିଶେଷ ଆଗ୍ରହ – | ବଗିଚା କାମ ଓ ଭ୍ରମଣ |
| ସ୍ଥାୟୀ ଠିକଣା – | ୧୦୭, ସୂର୍ଯ୍ୟନଗର, ଭୁବନେଶ୍ୱର (ଓଡ଼ିଶା) |
| ତିରୋଧାନ ଦିବସ – | ୪ ଅଗଷ୍ଟ, ୨୦୦୬ |
| "ସ୍ମାରକୀ" – | ଶ୍ରୀ ସୁପର୍ଣ୍ଣୋ ଶତପଥୀ (ନନ୍ଦିନୀଦେବୀଙ୍କର ନାତି)<br>ଅଧ୍ୟକ୍ଷ, "ନନ୍ଦିନୀ ଶତପଥୀ ମେମୋରିଆଲ ଟ୍ରଷ୍ଟ", ଓଡ଼ିଶା, ଭୁବନେଶ୍ୱର |

***

# ସ୍ମୃତିର ଆଇନାରେ...


## ନନ୍ଦିନୀ ଶତପଥୀ



ସାହିତ୍ୟିକା ନନ୍ଦିନୀ ଶତପଥୀ



ଜୀବନସାଥୀ ଦେବେନ୍ଦ୍ର ଶତପଥୀଙ୍କ ସହ ନନ୍ଦିନୀ ଶତପଥୀ



ବାପା ପଦ୍ମଭୂଷଣ ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀ ମା'
ରତ୍ନମଣୀ ଦେବୀଙ୍କ ସହ ନନ୍ଦିନୀ, ବଡ଼ପୁଅ ନଚିକେତା ଓ ବଡ଼ବୋହୂ



ନନ୍ଦିନୀ ଶତପଥୀ ଏକ ବିଶେଷ ମୁହୂର୍ତ୍ତରେ ସାନପୁଅ ତଥାଗତ ଓ
ବୋହୂ ଆଦ୍ୟାସାଙ୍କ ସହିତ




ଓଡ଼ିଶାର ମହାମହିମ ରାଜ୍ୟପାଳ ବି.ଡ଼ି. ଜତି,
ନନ୍ଦିନୀ ଶତପଥୀଙ୍କୁ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ପାଠ କରାଉଛନ୍ତି



ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ସହିତ କେନ୍ଦ୍ରମନ୍ତ୍ରୀ ନନ୍ଦିନୀ ଶତପଥୀ



ସାହିତ୍ୟିକା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ, ଲେଖକ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ



ନନ୍ଦିନୀ ଶତପଥୀ ତାଙ୍କ ନାତି ସୁପର୍ଣ୍ଣୋ ଶତପଥୀଙ୍କ ସହ




ଅମୃତାପ୍ରୀତମ୍ ଏବଂ ନନ୍ଦିନୀ ଶତପଥୀ



ନନ୍ଦିନୀ ଶତପଥୀ ଏବଂ ତସଲିମା ନାସରିନ୍



ଲେଖିକା ମହାଶ୍ୱେତାଦେବୀଙ୍କ ସହିତ ନନ୍ଦିନୀ ଶତପଥୀ




ନନ୍ଦିନୀଙ୍କ ଜୀବନୀ "ମାଟିର ନନ୍ଦିନୀ"ର ଲେଖକ
ଆଶିଷ ରଂଜନ ମହାପାତ୍ରଙ୍କ ସହ ନନ୍ଦିନୀ ଶତପଥୀ




ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ସହ ସାଂସଦ ନନ୍ଦିନୀ ଶତପଥୀ, ସ୍ୱାମୀ ଦେବେନ୍ଦ୍ର ଶତପଥୀ, ବଡ଼ପୁଅ ନଚିକେତା, ସାନପୁଅ ତଥାଗତ



ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ସହିତ ନନ୍ଦିନୀ ଶତପଥୀ



ରାଷ୍ଟ୍ରପତି ଜାକିର ହୁସେନ୍‌ଙ୍କ ସହିତ ନନ୍ଦିନୀ ଶତପଥୀ



ରାଷ୍ଟ୍ରପତି ଭି.ଭି.ଗିରିଙ୍କ ସହିତ ନନ୍ଦିନୀ ଶତପଥୀ



ନନ୍ଦିନୀ ଶତପଥୀଙ୍କ ମର ଶରୀରରେ ମହାମହିମ ରାଜ୍ୟପାଳଙ୍କ ଶ୍ରଦ୍ଧାସୁମନ



ନନ୍ଦିନୀ ଶତପଥୀଙ୍କୁ ମୁଖାଗ୍ନି ପ୍ରଦାନ କରୁଛନ୍ତି ବଡ଼ପୁଅ ନଚିକେତା ଓ ସାନପୁଅ ତଥାଗତ



ଦିଗ୍‌ଦର୍ଶକ ପ୍ରଫେସର ଆଦିକନ୍ଦ ସାହୁଙ୍କ ସହିତ
ଗବେଷକ ସୁବାଷ ନାୟକ

1100018 23/2008/Oriya

# Sambalpur University

# ସମ୍ବଲପୁର ବିଶ୍ୱବିଦ୍ୟାଳୟ

## DOCTOR OF PHILOSOPHY

This is to Certify that

**Subash Nayak**

*having passed the examination for the degree of*

## Doctor of Philosophy

*in the faculty of* **Arts** *on the thesis* **"Odiya Sahityaku Nandini Satapathynka Abadan"** *held in the month of February, 2011, was this day admitted to the degree.*

SAMBALPUR UNIVERSITY
JYOTI VIHAR

The 24th February, 2011

Vice-Chancellor